# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୨/୨୦୨୦ (୨୦ ପୃଷ୍ଠା) | Bhubaneswar, Wednesday, February 12/2020 | ★★★★★★

୪୬ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ରାହୁଲଙ୍କ ସଫଳତା**

ନ୍ୟୁଜିଲାଣ୍ଡରେ ବ୍ୟାଟିଂ ଅର୍ଡରର ୫ମ ସ୍ଥାନରେ ଶତକ ହାସଲ କରିବାରେ କେ.ଏଲ୍. ରାହୁଲ ଦ୍ୱିତୀୟ ଭାରତୀୟ ବ୍ୟାଟ୍ସମ୍ୟାନ।

୧୯

୦୯

**ନ୍ୟୁୟର୍କରେ ଡେଷ୍ଟିନେଶନ ୱେଡିଂ କରିବେ ସାରା**

ସାରା ଅଲି ଖାନ୍ ନିଜ ବିବାହକୁ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି। ନ୍ୟୁୟର୍କରେ ସେ ଡେଷ୍ଟିନେଶନ ୱେଡିଂ କରିବାକୁ ଚାହାନ୍ତି ବୋଲି ପ୍ରକାଶ କରିଛନ୍ତି।



# ଛଦ୍ମ ରାଷ୍ଟ୍ରବାଦକୁ 'ଝାଡୁ'

## ଏକ ଅଙ୍କରେ ସୀମିତ ଭାଜପା, କଂଗ୍ରେସ ଏଥର ବି ମୂଳପୋଛ

**ନୂଆଦିଲ୍ଲୀ,୧୧।୨**

ଯାହା ଅନୁମାନ କରାଯାଉଥିଲା ତାହା ହିଁ ହେଲା। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିପୁଳ ବିଜୟ ହାସଲ କରିଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତୃତୀୟଥର ପାଇଁ କ୍ଷମତା ଦଖଲ କରିବାକୁ ଯାଉଛନ୍ତି। ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଶାସକ ଏଏପି ୬୨ ଆସନ ଦଖଲ କରି ପୂର୍ଣ୍ଣସଂଖ୍ୟାଗରିଷ୍ଠତା ଲାଭ କରିଛି। ଭାଜପାକୁ ମାତ୍ର ୮ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ କଂଗ୍ରେସ ଏଥର ମଧ୍ୟ ଖାତା ଖୋଲିପାରି ନାହିଁ। ଏଏପିର 'ଉନ୍ନୟନମୂଳକ କାର୍ଯ୍ୟକ୍ରମ' ସପକ୍ଷରେ ଜନାଦେଶ ଯାଇଥିବାବେଳେ ଭାଜପାର ' ଜାତୀୟତାବାଦୀ କାର୍ଯ୍ୟସୂଚୀ' କାମ ଦେଇନାହିଁ। ଦିଲ୍ଲୀବାସୀ ଏହାକୁ ପ୍ରତ୍ୟାଖ୍ୟାନ କରି ଛଦ୍ମ ରାଷ୍ଟ୍ରବାଦକୁ ଝାଡୁ ମାରିଦେଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ଫଳରେ ନିର୍ବାଚନ ବେଳେ ଧୂଆଁଧାର ପ୍ରଚାର ଚଳାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଶକ୍ତ ଝଟକା ଲାଗିଛି। ଏହି ବିଜୟ ସହ ଜାତୀୟ ରାଜନୀତିରେ କେଜ୍‌ରିୱାଲଙ୍କ ପତିଆରା ବୃଦ୍ଧିପାଇଛି। ଏଏପି ନେତା ଓ କର୍ମୀ ଉତ୍ସବ ମନାଉଥିବାବେଳେ ଭାଜପା ଶିବିରରେ ନୈରାଶ୍ୟ ଖେଳିଯାଇଛି।

ଗତ ୮ ତାରିଖରେ ଦିଲ୍ଲୀ ବିଧାନସଭାର ୭୦ ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ୬୨.୫୯% ମତଦାନ ହୋଇଥିଲା। ଏହାସହ ମଇଦାନରେ ଥିବା ୭୯ ମହିଳାଙ୍କ ସମେତ ମୋଟ ୬୭୨ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍)ରେ ବନ୍ଦ ହୋଇଯାଇଥିଲା। ଉଭୟ ଏଏପି ଏବଂ ଭାଜପା ବିଜୟ ଆଶା ରଖିଥିବାବେଳେ ଅଧିକାଂଶ ଏକ୍‌ଜିଟ୍ ପୋଲ୍ କେଜ୍‌ରିୱାଲଙ୍କ ଦଳ ସପକ୍ଷରେ ଜନମତ ରହିଥିବା ଭବିଷ୍ୟବାଣୀ କରିଥିଲେ। ଦିଲ୍ଲୀର ୧୧ ଜିଲାର ୨୧ଟି ସ୍ଥାନରେ ଭୋଟଗଣତି କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ମଙ୍ଗଳବାର ସକାଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗଣତି ଆରମ୍ଭ ହୋଇଥିଲା। ପ୍ରଥମରୁ ଅଧିକାଂଶ ଆସନରେ ଦୁଇଦଳ ମଧ୍ୟରେ କଡ଼ା ଟକ୍କର ହେଉଥିବା ଜଣାପଡ଼ିଥିଲା। କିନ୍ତୁ ସମୟ ଗଡ଼ିଚାଲିବା ସହ ଫଳାଫଳ ପରିଷ୍କାର ହେବାରେ ଲାଗିଲା। ନିର୍ବାଚନ କମିଶନ (ଇସି)ଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟାନୁସାରେ ଏଏପି ୬୨ ଆସନ ଦଖଲ କରି ପୁଣିଥରେ ସରକାର ଗଠନ ପାଇଁ ଅଣ୍ଟା ଭିଡ଼ିଛି। ଭାଜପାକୁ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। କଂଗ୍ରେସ ୨୦୧୫ ଭଳି ଏହି ନିର୍ବାଚନରେ ମଧ୍ୟ ଖାତା ଖୋଲିପାରି ନାହିଁ। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ନୂଆଦିଲ୍ଲୀ ଆସନରୁ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁନୀଲ କୁମାର ଯାଦବଙ୍କୁ ୨୧,୬୯୭ ଭୋଟରେ ହରାଇଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ପଟପଡ଼୍‌ଗଞ୍ଜ ଆସନରେ ଭାଜପା ପ୍ରାର୍ଥୀ ରବୀନ୍ଦର ସିଂଙ୍କୁ ୧୧,୦୦୦ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଏଏପି ନେତା ରାଘବ ଚଡ୍ଢା (ରାଜିନ୍ଦର ନଗର), ଅତିଶୀ (କାଲକାଜୀ), ଅମାନତୁଲ୍ଲା ଖାନ୍ (ଓଖ୍‌ଲା), ଗୋପାଲ ରାଏ (ବାବରପୁର) ଓ ସତ୍ୟେନ୍ଦ୍ର ଜୈନ(ଶକୁରବସ୍ତି) ☞ପୃଷ୍ଠା–୪




### ଦିଲ୍ଲୀ ଜନାଦେଶ



ମୋଟ ଆସନ: ୭୦

| ଏଏପି | ଭାଜପା |
|---|---|
| ୬୨ | ୮ |

- ବିକାଶ ଆଗରେ ହାର ମାନିଲା ଭାଜପାର ଜାତୀୟତାବାଦୀ କାର୍ଯ୍ୟସୂଚୀ
- ଏବେ 'କାମ'ର ରାଜନୀତି ଆରମ୍ଭ ହେଲା: କେଜ୍‌ରିୱାଲ
- ୧୪ରେ ତୃତୀୟଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଏଏପି ମୁଖ୍ୟ

## କ୍ଷୁଦ୍ର ମାନସିକତା ଦେଶ ବିରୋଧୀ

**ତଥାଗତ ସତପଥୀ**

ଦିଲ୍ଲୀ ବିଧାନସଭା ନିର୍ବାଚନ–୨୦୨୦ ଫଳାଫଳ ୧୧ ଫେବୃୟାରୀରେ ପ୍ରକାଶ ପାଇଛି। ଏଥିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୬୨ ଆସନ ପାଇଥିବା ବେଳେ ଭାରତୀୟ ଜନତା ପାର୍ଟି (ଭାଜପା) ମାତ୍ର ୮ ସିଟ୍ ଅକ୍ତିଆର କରିଛି। ଅନ୍ୟତମ ଜାତୀୟ ଦଳ କଂଗ୍ରେସ ଖାତାରେ ଗୋଟିଏ ମଧ୍ୟ ଆସନ ପଡ଼ିପାରିନାହିଁ। ଏଠି ମନେପକାଇ ଦିଆଯାଇପାରେ ଯେ, ମେ' ୨୦୧୯ରେ ଲୋକ ସଭା ନିର୍ବାଚନ ହୋଇଥିଲା। ସେହି ନିର୍ବାଚନରେ ଦିଲ୍ଲୀର ମୋଟ ୭ ଆସନରୁ ଭାଜପା ସବୁତକ ଜିତିଥିଲା। ୯ ମାସ ନ ପୂରୁଣୁ ଦିଲ୍ଲୀ ଭୋଟରଙ୍କ ମନ ପରିବର୍ତ୍ତନ ହୋଇଗଲା ଭଳି ଧାରଣା ସୃଷ୍ଟିହେବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ, ଦେଶର ପ୍ରତ୍ୟେକ ପ୍ରାନ୍ତରୁ ଯାଇ ଅନେକ ଶିକ୍ଷିତ ଓ ଅଶିକ୍ଷିତ ଲୋକ ଦିଲ୍ଲୀରେ ବସବାସ କରନ୍ତି। ସେଭଳି ପରିସ୍ଥିତିରେ ଦିଲ୍ଲୀକୁ ଏକ କ୍ଷୁଦ୍ର ଭାରତ ବୋଲି କହିହେବ। ସେହି ସହରର ଜନମତ ଆଜିର ଭାରତବର୍ଷକୁ ଏକ ନୂଆ ସଙ୍କେତ ଦେଇଛି। ଜାମିଆ ଏବଂ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଶାହିନ୍‌ବାଗ ପର୍ଯ୍ୟନ୍ତ ସବୁକିଛି ଦିଲ୍ଲୀରେ ଘଟିଲା। ଅନେକ ବିଦ୍ୱାନ୍ ଭାବିଥିଲେ ଯେ, ଶାହିନ୍‌ବାଗର ପ୍ରତିବାଦ ମୁସଲମାନଙ୍କ ଦ୍ୱାରା ହେଉଥିବାରୁ ତାହାର ପ୍ରଭାବ ହିନ୍ଦୁ ଭୋଟରଙ୍କ ଉପରେ ପଡ଼ିବ। ଦିଲ୍ଲୀ ଭୋଟର ଶାହିନ୍‌ବାଗକୁ ଭୁଲିଯିବାର ଆଶଙ୍କା ଦେଖି ଦୁଇଥର ସେଠାରେ ଗୁଳି ଫୁଟାଇବାର ନାଟକ ମଧ୍ୟ ରଚାଯାଇଥିଲା। ଗଣମାଧ୍ୟମରେ ଆଲୋଚନା ଆରମ୍ଭ କରାଗଲା ଯେ, ଭାଜପାକୁ ସମର୍ଥନ କରୁ ନ ଥିବା ହିନ୍ଦୁ ମଧ୍ୟ ଏହି ପ୍ରତିବାଦ ଦ୍ୱାରା ବିଚଳିତ ହୋଇଛନ୍ତି। ସେଥିପାଇଁ ହିନ୍ଦୁ ଭୋଟରଙ୍କ ସମର୍ଥନ ସମ୍ପୂର୍ଣ୍ଣ ଭାବେ ଭାଜପା ପଛରେ ରହିବ। ନିରପେକ୍ଷ ପର୍ଯ୍ୟବେକ୍ଷକ ମଧ୍ୟ ଏହି ଯୁକ୍ତିକୁ ବିଶ୍ୱାସ କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ଫଳାଫଳ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଦେଶବ୍ୟାପୀ ପୁନର୍ବିଚାର ଆରମ୍ଭ ହୋଇଯାଇଛି।

ଦିଲ୍ଲୀ ନିର୍ବାଚନ ଫଳାଫଳ ଯୋଗୁ ଏହା ଭାବିବା କଥା ନୁହେଁ ଯେ, ଭାଜପାର ପତନ ଘଟିଲା। ସେହି ନିର୍ବାଚନରେ ସିଧାସଳଖ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବମୂର୍ତ୍ତି ଓ ଫଟୋ ବ୍ୟବହାର କରାଯିବା ସତ୍ତ୍ୱେ ଭାଜପାର ଶକ୍ତି ବୃଦ୍ଧି ଘଟିଲା ନାହିଁ। ଅମିତ ଶାହା, ଯାହାଙ୍କୁ ଅଳ୍ପ କିଛିବର୍ଷ ପୂର୍ବେ ଚାଣକ୍ୟ ଆଖ୍ୟା ଦିଆଯାଇଥିଲା ଓ ପ୍ରକାଶ ଜାଭଡେକର ଉଭୟେ ଏହି ଛୋଟିଆ ଭୌଗୋଳିକ ଅଞ୍ଚଳର ଦାୟିତ୍ୱ ବହନ କରି ସବୁ ଗୋଟିଚାଳନା କରିଦେଇଥିଲେ। ଏପରିକି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହେବ ସିଂ ବର୍ମାଙ୍କ ପୁତ୍ର ପରଭେଶ ବର୍ମା ପ୍ରତିବାଦକାରୀଙ୍କୁ ଦେଶଦ୍ରୋହୀ କହି ଗୁଳି ମାରିବାର ଡାକରା ଦେଇଥିଲେ। ଭାଜପାର ଷ୍ଟାର୍ କ୍ୟାମ୍ପେନର ଭାବେ ଏହି ଦୁହିଁଙ୍କ ନାମ ବିଧିବଦ୍ଧ ନିର୍ବାଚନ କମିଶନରଙ୍କ ୱେବ୍‌ସାଇଟରେ ସ୍ଥାନ ପାଇଥିଲା। ଅବଶ୍ୟ ଏହି ଦୁଇ କନିଷ୍ଠ ନେତା ସର୍ବୋଚ୍ଚଙ୍କଠାରୁ ସବୁଜ ସଙ୍କେତ ନ ପାଇ ଏତେବଡ଼ ମାରାତ୍ମକ ମତ ଦେବାକୁ ଆସ୍ପର୍ଦ୍ଧା କରି ନ ଥାଆନ୍ତେ। ଏହି ଛୋଟିଆ ଉଦାହରଣରୁ ବୁଝାପଡୁଛି ଭାଜପା ଦିଲ୍ଲୀ ଜିତିବା ପାଇଁ କୌଣସି ପ୍ରଚେଷ୍ଟା କରିବାରେ ପଛାଇ ନାହିଁ। ଶୁଣିବାକୁ ମିଳୁଛି ଯେ, ଭାଜପା ପକ୍ଷରୁ କେବଳ ବସ୍ତିବାସିନ୍ଦା ନୁହେଁ, ଆପାର୍ଟମେଣ୍ଟ ଓ ଘର ମାଲିକଙ୍କୁ ମଧ୍ୟ ଲଫାପାରେ ଟଙ୍କା ଉପହାର ଦିଆଯାଇଥିଲା। ଭାଜପା ପାଇଁ ଏଭଳି ପଦକ୍ଷେପ ଆଶ୍ଚର୍ଯ୍ୟଜନକ ନୁହେଁ। ସରକାରୀ ସ୍ତରରେ ନିର୍ବାଚନ ପୂର୍ବରୁ ସବୁ ବେଆଇନ ବସ୍ତିକୁ ଆଇନ ପରିସରଭୁକ୍ତ କରାଇ ଦିଲ୍ଲୀକୁ ଏକ ଅସୁନ୍ଦର ସହରରେ ପରିଣତ କରାଇବା ଦିଗରେ ଭାଜପାର ଅବଦାନ ସବୁବେଳେ ଦିଲ୍ଲୀ ବାସିନ୍ଦାଙ୍କ ମନେରହିବ। ଅନେକ ପ୍ରକାରର ପ୍ରଲୋଭନ ସତ୍ତ୍ୱେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସି ଦିଲ୍ଲୀରେ ବାସ କରୁଥିବା ନାଗରିକ ଏହି ନିର୍ବାଚନରେ ଭାଗ ନେଇ ଦେଶର ଚିନ୍ତାଧାରାକୁ ବ୍ୟକ୍ତ କରିଛନ୍ତି। ଦିଲ୍ଲୀ ଭାଜପାର ସଭାପତି ମନୋଜ ତିୱାରୀଙ୍କ କହିବା ଅନୁଯାୟୀ, ତାଙ୍କ ଦଳ ଜନାଦେଶକୁ ସମ୍ମାନ ଦେଉଛି। ତେବେ ମନୋଜ ତିୱାରୀଙ୍କ ନେତା ଅମିତ ଶାହା ନିର୍ବାଚନ ପୂର୍ବରୁ କହୁଥିଲେ ଯେ, ଦିଲ୍ଲୀର ଭୋଟର ଇଭିଏମ୍‌ର ବଟନ୍ ଏଭଳି ଦାବିବେ ତାହାର କରେଣ୍ଟ ଶାହିନ୍‌ବାଗରେ ଲାଗିବ। ହେଲେ ମନୋଜ ତିୱାରୀଙ୍କ ମନ୍ତବ୍ୟ ପ୍ରମାଣ କରୁଛି ଶାହାଙ୍କ ଦୃଢ଼ୋକ୍ତି ଭିନ୍ନ ଆଡ଼େ ପଳାଇଲା।

ଦିଲ୍ଲୀ ଓ ତା' ପୂର୍ବରୁ ଝାଡ଼ଖଣ୍ଡ ଭଳି ରାଜ୍ୟ ନିର୍ବାଚନ ଫଳାଫଳ କେତୋଟି କଥା ପ୍ରମାଣିତ କରୁଛି। ପ୍ରଥମେ, ଗଣତନ୍ତ୍ରରେ କେହି ଚିରସ୍ଥାୟୀ ନୁହନ୍ତି। ଦ୍ୱିତୀୟରେ, ସାମାଜିକ ପରିବର୍ତ୍ତନ ଆଣିବା ପାଇଁ କୌଣସି ଧାର୍ମିକ ଚିନ୍ତାଧାରାର ପ୍ରୟୋଜନ ନାହିଁ। ତୃତୀୟରେ, ଅର୍ଥନୈତିକ ପରିବର୍ତ୍ତନ କରିପାରିଲେ ଦେଶର ଉନ୍ନତି ଘଟିବ। ସେହି ଅର୍ଥନୀତିଠାରୁ ଦୃଷ୍ଟି ହଟେଇବା ପାଇଁ ଯେତେ ଡ୍ରାମା କଲେ ବି ଚାଖଣ୍ଡେ ପେଟର ତାତି ସବୁ ମଠ, ମନ୍ଦିର, ମସ୍‌ଜିଦ, ଗିର୍ଜା ଓ ଗୁରୁଦ୍ୱାରାଠାରୁ ଅଧିକ ଶକ୍ତିଶାଳୀ। ଭାରତର ଅଗ୍ରଗତି କୌଣସି ରାଜନୈତିକ ଦଳ ବା ନେତା କରାଇ ନ ଥିଲେ। ଆଜିର ପୃଥିବୀକୁ ଦେଖିଲେ ଚାଇନା ଓ ଆମେରିକା ସମେତ ସବୁ ଦେଶ ଆଣ୍ଠେଇଛନ୍ତି। ଏହି ସମୟରେ ଭାରତର ସୁବର୍ଣ୍ଣ ଯୁଗ ଫିଟିପାରିଥାଆନ୍ତା। ତାହାକୁ ଜନସାଧାରଣ କରାଇବାକୁ ଆଗେଇ ଆସିଥିଲେ। ସେହି ସମୟରେ ଦୁର୍ନୀତିଗ୍ରସ୍ତ କଂଗ୍ରେସକୁ ଡଷ୍ଟବିନ୍‌ରେ ପକାଇ ଭାଜପାକୁ କୋଳାଇ ନେଇଥିଲେ। ଦେଶବାସୀ ଚାହୁଁଥିଲେ ପ୍ରଗତି ପଥରେ ଅବରୋଧ ସୃଷ୍ଟି କରିବା ପରିବର୍ତ୍ତେ ଭାଜପା ସହଯୋଗୀ ପାଲଟିବ। କିନ୍ତୁ ଭାରତୀୟଙ୍କ ଏହି ଇଚ୍ଛାକୁ ବୁଝିବାରେ ଅସମର୍ଥ ରାଜନେତା ନିଜର କାର୍ଯ୍ୟସୂଚୀ ଏବଂ ଅହଂଭାବକୁ ଗୁରୁତ୍ୱ ଦେଇ ଲୋକଙ୍କୁ ବୋକା କରିପାରିବେ ବୋଲି ଭାବୁଛନ୍ତି। ଶେଷରେ ଅରବିନ୍ଦ କେଜ୍‌ରିୱାଲଙ୍କ ବିଜୟ ଲୋକଙ୍କ ଚିନ୍ତାଧାରାକୁ ପୁନର୍ବାର ଭାଜପା ନେତୃତ୍ୱ ସାମ୍ନାରେ ରଖିଛି। ଭାରତ ଏବେ ମଠ, ମନ୍ଦିର, ହିନ୍ଦୁତ୍ୱ, ନାଗରିକତ୍ୱ (ଏନ୍‌ଆରସି, ସିଏଏ, ଏନ୍‌ପିଆର, ଆଧାର), ମୁସଲ୍‌ମାନ ବିରୋଧୀ ହେବା ପରିବର୍ତ୍ତେ ଏକ ବିଶ୍ୱଶକ୍ତି ଭାବେ ଗଢ଼ି ଉଠିବା ଆବଶ୍ୟକ। ଏହି ସୁଯୋଗକୁ ସବୁଦଳର ରାଜନୈତିକ ବ୍ୟକ୍ତି ହାତଛଡ଼ା କରିଦେଉଛନ୍ତି। ସେମାନଙ୍କ କ୍ଷୁଦ୍ର ମାନସିକତା ବାସ୍ତବରେ ଦେଶ ବିରୋଧୀ।

## କନ୍ୟା ସନ୍ତାନ ଜନ୍ମ ଦେବାରୁ ମହିଳାଙ୍କୁ ପୋଡ଼ି ହତ୍ୟା

**ରାଉରକେଲା ଅଫିସ,୧୧। ୨**

କନ୍ୟା ସନ୍ତାନ ଜନ୍ମ ଦେବାରୁ ରାଧା କୁମାରୀ(୨୪) ନାମ୍ନୀ ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯିବାସହପୋଡିହତ୍ୟାକରାଯାଇଛିବୋଲିମଙ୍ଗଳବାରଷ୍ଟିଲସିଟିରବନ୍ଧମୁଣ୍ଡାଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରି ରାଧାଙ୍କ ସ୍ୱାମୀ ବିନୋଦ ସିଂ, ଶ୍ୱଶୁର ରାମକୀର୍ତ୍ତି, ଦେଢଶୁର ଜୟମଙ୍ଗଳ ଓ ଯାଆ ମୁନିଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ରାଉରକେଲା ଗୋପବନ୍ଧୁପାଲି ବାସିନ୍ଦା ଶିବ ପ୍ରସାଦ ସ୍ୱର୍ଣ୍ଣକାରଙ୍କ ଝିଅ ରାଧା କୁମାରୀ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ କୋଇଲା ଗେଟ ଅଞ୍ଚଳର ବିନୋଦ ସିଂ(୩୦)ଙ୍କୁ ବୈଦିକ ରୀତିରେ ୬ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହର ୬ ମାସ ପରେ ତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିଲା। ଏପରିକି ସେତେବେଳେ ☞ପୃଷ୍ଠା–୧୫

## ଟ୍ରାଫିକ ଜାମ୍‌ରେ ଚାଲିଗଲା ଶିଶୁର ଜୀବନ

- ରାଜଧାନୀ ରାସ୍ତାରେ ଘଣ୍ଟାଏ ଫସି ରହିଲା ଆମ୍ବୁଲାନ୍ସ
- ପରିବାର ଲୋକଙ୍କ ନେହୁରା ସତ୍ତ୍ୱେ କେହି ଛାଡ଼ିଲେନି ରାସ୍ତା
- କ୍ୟାପିଟାଲ ହସ୍ପିଟାଲରୁ କିମ୍ସ ଲାଗିଗଲା ଦେଢ଼ଘଣ୍ଟା



ଆମ୍ବୁଲାନ୍ସ ଆଗରେ ଟ୍ରାଫିକ୍ ଜାମ୍‌ର ଦୃଶ୍ୟ ।



ନୀଲ୍ ନୀତୀଶ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ରାଜଧାନୀରେ ଟ୍ରାଫିକ ଜାମ୍ ଆଉ ଏକ ଜୀବନ ନେଇଛି। ରାସ୍ତା ଜାମ୍‌ରେ ଆମ୍ବୁଲାନ୍ସ ଫସି ରହିବାରୁ ଜଣେ ୫ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମଙ୍ଗଳବାର ପୂର୍ବାହ୍ନରେ ଘଟିଛି ଏହି ଦୁଃଖଦ ଘଟଣା। ମୃତ ଶିଶୁ ହେଲେ ପୁରୁଣା ଭୁବନେଶ୍ୱରରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ଦୋବଣ୍ଡା ଗ୍ରାମର ନୀରୋଦ ନାୟକଙ୍କ ପୁଅ ନୀଲ୍ ନୀତୀଶ ନାୟକ। ପୁଅକୁ ଭଲ କରିବାକୁ ପରିବାର ଲୋକେ ରାଜ୍ୟର ପ୍ରମୁଖ ସରକାରୀ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଏବେ ପୁଅର ମୃତଦେହ ଧରି ଘରକୁ ଫେରିଛନ୍ତି ମା'ବାପା। ପୁଅର ମୃତ୍ୟୁ ପାଇଁ ଚିକିତ୍ସା ଅବହେଳା ଓ ଟ୍ରାଫିକ ଜାମ୍‌କୁ ବାପା ନୀରୋଦ ଦାୟୀ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ପୁଅ ନୀଲ୍ ନୀତୀଶ୍‌ଙ୍କର ରବିବାର ରାତିରେ କାଶ ହେବା ସହ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୋର୍ ୪ଟାରେ କ୍ୟାପିଟାଲ ହସ୍ପିଟାଲ ଶିଶୁ ବିଭାଗ ଆଣିଥିଲେ। ଥଣ୍ଡାରୁ ଏଭଳି ହେଉଥିବା କହି ଡାକ୍ତର ଇଞ୍ଜେକ୍ସନ ଓ କିଛି ଔଷଧ ଲେଖି ଘରକୁ ପଠାଇଦେଇଥିଲେ। ସୋମବାର ଔଷଧ ଖାଇ ଦିନସାରା ଟିକେ ସୁସ୍ଥ ହୋଇଥିଲେ ନୀଲ୍ ନୀତୀଶ। ରାତି ପ୍ରାୟ ୧୧ଟାରେ ପୁଣି ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଭୋର୍ ସମୟରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଉପସ୍ଥିତ ଥିବା ଜଣେ ଡାକ୍ତର ପୂର୍ବରୁ ଦିଆଯାଇଥିବା ଇଞ୍ଜେକ୍ସନ ପୁଣି ଦେବା ସହ ଔଷଧ ଓ ରକ୍ତ ପରୀକ୍ଷା ପାଇଁ ଲେଖିଥିଲେ। ଔଷଧ କିଣା ଓ ରକ୍ତ ପରୀକ୍ଷା ପାଇଁ ଧାଡ଼ିରେ ରହିବା ମଧ୍ୟରେ ବହୁ ବିଳମ୍ବ ହୋଇଯାଇଥିଲା। ଇତିମଧ୍ୟରେ ନୀଲ୍ ନୀତୀଶ୍‌ଙ୍କର ପ୍ରବଳ ଯନ୍ତ୍ରଣା ହେବାରୁ ସେ ଚିତ୍କାର କରି ଛାଟିପିଟି ହୋଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଙ୍କ ପାଖକୁ ନେଇ ଆସିଥିଲେ। ☞ପୃଷ୍ଠା–୧୫

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୦-୧୧

### ଆଜିର ମନ୍ତବ୍ୟ

" ୨୦୨୧ ବିଧାନସଭା ନିର୍ବାଚନରେ ଭାଜପାର ଶେଷକୃତ୍ୟ ସମ୍ପନ୍ନ କରିବ ପଶ୍ଚିମବଙ୍ଗ। **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ

Taste the difference! Vencobb FRESH CHICKEN
11.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 53 | 97 | 107 |
| CTC | 54 | 98 | 108 |
| DKL | 57 | 102 | 112 |
| BDK | 58 | 103 | 113 |
| BLS | 59 | 105 | 115 |
| ANG | 58 | 103 | 113 |
| BHM | 54 | 98 | 108 |

*Conditions Apply
Issued in the Interest of Consumers

# କେଜ୍‌ରିୱାଲଙ୍କ କ୍ଲିନ୍ ସୁଇପ୍

ନୂଆଦିଲ୍ଲୀ,୧୧।୨(ପି.ଟି.)

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଜବରଦସ୍ତ ବିଜୟ ସହ ପୁଣିଥରେ ସରକାର ଗଢ଼ିବାକୁ ଯାଉଛି। ୭୦ ଆସନ ବିଶିଷ୍ଟ ବିଧାନସଭାରେ ଏଏପି ୬୨ ଆସନରେ ବିଜୟୀ ହେବାକୁ ଯାଉଥିବାବେଳେ ଭାଜପା ୮ ଆସନରେ ସୀମିତ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ବହୁ ହାଇପ୍ରୋଫାଇଲ ନେତା ଭାଜପା ପାଇଁ ଜୋର୍‌ଦାର ପ୍ରଚାର କରିଥିଲେ ହେଁ ୫ ବର୍ଷର ବ୍ୟବଧାନରେ ମାତ୍ର ୫ଟି ଆସନ ଅଧିକ ହାତେଇବାରେ ସକ୍ଷମ ହୋଇଛି। ୨୦୧୫ ନିର୍ବାଚନରେ ଏହି ଦଳକୁ ୩ଟି ଆସନ ମିଳିଥିଲା। ଅନ୍ୟପକ୍ଷରେ ଦିଲ୍ଲୀକୁ ୧୫ ବର୍ଷ ଶାସନ କରିଥିବା କଂଗ୍ରେସ ଗତଥର ଭଳି ଏଥର ମଧ୍ୟ ଖାତା ଖୋଲିପାରିନାହିଁ। ଏହାର ଅଧିକାଂଶ ପ୍ରାର୍ଥୀ ଅମାନତ ହରାଇଛନ୍ତି।

ତୃତୀୟ ଥର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା କେଜ୍‌ରିୱାଲ ଜଣେ ମେକାନିକାଲ ଇଞ୍ଜିନିୟର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଭାରତୀୟ ରାଜସ୍ୱ ସେବାରେ ଯୋଗଦେଇଥିଲେ। ୯ ବର୍ଷ ପୂର୍ବେ ୨୦୧୧ରେ ସେ ସାମାଜିକକର୍ମୀ ଆନ୍ନା ହାଜାରେଙ୍କ ଲୋକପାଳ ଆନ୍ଦୋଳନରେ ସାମିଲ ହୋଇ ଦିଲ୍ଲୀର ସାଧାରଣ ଲୋକଙ୍କ ନିକଟରେ ଲୋକପ୍ରିୟତା ହାସଲ କରିବା ସହ ରାଜନୀତି ପାଇଁ ମୂଳଦୁଆ ପକାଇଥିଲେ। ସେ ଏକ ରାଜନୈତିକ ଦଳ ଗଠନ କରି ଏହାର ନାମ ଆମ୍ ଆଦ୍‌ମୀ ପାର୍ଟି ରଖିଲେ। ଏହି ନାଁ ହିଁ ତାଙ୍କ ପ୍ରତି ଜନତାଙ୍କ ସମର୍ଥନ ବଢ଼ାଇଲା। ଏବେ ଏଏପି ତୃତୀୟ ଥର ପାଇଁ ଦିଲ୍ଲୀରେ କ୍ଷମତା ଦଖଲ କରିବାକୁ ଯାଉଛି।

ମଫଲରମ୍ୟାନ୍ ଭାବେ ପରିଚିତ କେଜ୍‌ରିୱାଲ ୨୦୧୨ ନଭେମ୍ବର ୨୬ରେ ଏଏପି ଗଠନ କରି ଏହାର ଆବାହକ ରହିଥିଲେ। ରାଜନୈତିକ ଦଳ ଗଠନକୁ ଆନ୍ନା ବିରୋଧ କରିଥିଲେ। ତେବେ ଲୋକପାଳ ଆନ୍ଦୋଳନକୁ ସଫଳ କରିବାକୁ ହେଲେ ପ୍ରତ୍ୟକ୍ଷ ରାଜନୈତିକ ସମ୍ପୃକ୍ତି ଜରୁରୀ ବୋଲି କେଜ୍‌ରିୱାଲ କହିଥିଲେ। ଏଏପି ଏକ ବିକଳ୍ପ ରାଜନୈତିକ ମାସ୍କଟ ଭାବେ ଉଭା ହୋଇଥିଲା। ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଉକ୍ତ ଦଳ ୨୮ ଆସନରେ ଜିତି ଦ୍ୱିତୀୟ ବୃହତ ଦଳର ମାନ୍ୟତା ହାସଲ କରିଥିଲା। କଂଗ୍ରେସର ସର୍ତ୍ତମୂଳକ ସମର୍ଥନରେ କେଜରିୱାଲ ପ୍ରଥମ ଥର ପାଇଁ ଦିଲ୍ଲୀରେ ସରକାର ଗଢ଼ିଥିଲେ। ମାତ୍ର ୪୯ ଦିନ କ୍ଷମତାରେ ରହିବା ପରେ ସେ ୨୦୧୪ ଫେବୃୟାରୀରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେହିବର୍ଷ ବାରାଣସୀ ଆସନରୁ ଭାଜପା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଲୋକ ସଭା ନିର୍ବାଚନ ଲଢ଼ି ୩,୭୦,୦୦୦ ଭୋଟରେ ପରାଜିତ ହୋଇଥିଲେ। ୨୦୧୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପି ୬୭ ଆସନରେ ଜିତି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ଓ କେଜ୍‌ରିୱାଲ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୭ରେ ପଞ୍ଜାବ ଓ ଗୋଆ ନିର୍ବାଚନରେ ଏଏପି ପ୍ରାର୍ଥୀ ଦେଇଥିଲେ ହେଁ ସଫଳ ହୋଇ ନ ଥିଲା। ଗତବର୍ଷ ମେ'ରେ ହୋଇଥିବା ଲୋକ ସଭା ନିର୍ବାଚନରେ ଏଏପି ଦିଲ୍ଲୀରେ ଗୋଟିଏ ଆସନ ଜିତିବାରେ ସକ୍ଷମ ହୋଇ ନ ଥିଲା। ତେବେ କେଜ୍‌ରିୱାଲ ଜୋରଦାର ପ୍ରଚାର ଚଳାଇ ସବୁ ବର୍ଗର ଲୋକଙ୍କ ମନ ଜିଣିପାରିଥିଲେ। ଏଥର ସେ ସରକାରଙ୍କ ଗତ ୫ ବର୍ଷର ବିକାଶମୂଳକ କାର୍ଯ୍ୟ ଓ ସଫଳତାକୁ ନେଇ ଭୋଟରଙ୍କ ପାଖକୁ ଯାଇଥିଲେ। ଏଥିସହିତ କ୍ଷମତାକୁ ଫେରିଲେ ଡିଟିସି ବସ୍‌ରେ ମହିଳାଙ୍କୁ ମାଗଣା ଯାତ୍ରା ସୁବିଧା ଦେବା ସହ ଦିଲ୍ଲୀବାସୀଙ୍କୁ ୨୦୦ ୟୁନିଟ ବିଜୁଳି ଏବଂ ୨୦, ୦୦୦ ଲିଟର ପାଣି ମାଗଣା ଯୋଗାଇଦେବା ଏବଂ ସହରରେ ୧.୪ ଲକ୍ଷ ସିସିଟିଭି କ୍ୟାମେରା ଲଗାଇବେ ବୋଲି ଏଏପି ନେତା ପ୍ରତିଶ୍ରୁତି ଦେଇଥିଲେ। ଭାଜପା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିପାରୁ ନ ଥିବାରୁ ସେ ଏହି ଦଳକୁ କଡ଼ା ସମାଲୋଚନା କରିଥିଲେ।

ରମନ୍ ମାଗ୍‌ସେସ ପୁରସ୍କାର ବିଜୟୀ କେଜ୍‌ରିୱାଲଙ୍କ ଜନ୍ମ ୧୯୬୮ ଅଗଷ୍ଟ ୧୬ରେ ହରିୟାଣାର ହିସାରରେ ହୋଇଥିଲା। ତାଙ୍କ ବାପା ଗୋବିନ୍ଦ ରାମ କେଜ୍‌ରିୱାଲ ଓ ମାଆ ଗୀତା ଦେବୀ। ସରଳ ସ୍ୱଭାବର ଏହି ରାଜନେତାଙ୍କୁ ତାଙ୍କ ପରିବାର ସବୁବେଳେ ସମର୍ଥନ ଦେଇଆସିଛି। ସେ ତାଙ୍କ ମାଆବାପା, ସ୍ତ୍ରୀ ସୁନୀତା ଓ ଦୁଇପିଲାଙ୍କ ସହିତ ରହୁଛନ୍ତି। ମଙ୍ଗଳବାରର ବିଜୟ ସୁନୀତାଙ୍କ ଜନ୍ମଦିନରେ ଭେଟି ବୋଲି କୁହାଯାଉଛି।



## ଇଞ୍ଜିନିୟରରୁ ମୁଖ୍ୟମନ୍ତ୍ରୀ



ବିଜୟ ପରେ କନଟପ୍ଲେସ୍ ହନୁମାନ ମନ୍ଦିରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ତାଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କ ସହ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ।

## କିଏ କ'ଣ କହିଲେ



ଭାଜପା ଘୃଣାର ରାଜନୀତି କରେନା। ଆମେ 'ସବ୍‌କା ସାଥ୍ ସବ୍‌କା ବିକାଶ'ରେ ବିଶ୍ୱାସ କରୁ। ନିର୍ବାଚନ ବେଳେ ଅନେକ କଥା ଆମ କହିଥିଲୁ। ତେବେ ଦିଲ୍ଲୀବାସୀଙ୍କ ରାୟକୁ ଆମେ ମାନିନେଉଛୁ।
**-ମନୋଜ ତିୱାରୀ,ଦିଲ୍ଲୀ ଭାଜପା ଅଧ୍ୟକ୍ଷ**



'ମନ୍ କୀ ବାତ୍ ନୁହେଁ ବରଂ ଜନ୍ କୀ ବାତ୍'ରେ ଦେଶ ଚାଲେ ବୋଲି ମଙ୍ଗଳବାର ଦିଲ୍ଲୀବାସୀ ପ୍ରମାଣିତ କରି ଦେଖାଇଛନ୍ତି। ଏଥିଲାଗି ଏଏପି ନେତା ଅରବିନ୍ଦ କେଜ୍‌ରିୱାଲଙ୍କୁ ଅଭିନନ୍ଦନ।
**-ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**



ଦିଲ୍ଲୀରେ ଭାଜପା ପରାଜୟ ଲଭିଛି। କେବଳ ବିକାଶ ହିଁ ସଫଳତା ଆଣିଦେବ। ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ଲୋକମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ବିଜୟ ଲାଗି କେଜ୍‌ରିୱାଲଙ୍କୁ ଶୁଭାଶୀର୍ବାଦ।
**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



କଂଗ୍ରେସ ସ୍ଥିତି ନେଇ ଆମେ ଅବଗତ ଥିଲୁ। କିନ୍ତୁ ବଡ଼ ବଡ଼ କଥା କହୁଥିବା ଭାଜପାର କ'ଣ ହେଲା। ବିକାଶର ନାରା ଦେଇ ଘୃଣାର ମଞ୍ଜି ବୁଣିବା ଭାଜପା ଲାଗି ମହଙ୍ଗା ସାବ୍ୟସ୍ତ ହେଲା।
**-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**



ଲୋକଙ୍କ ସହ ସାମିଲ ହୋଇ ରହିବା, ସେମାନଙ୍କ ବିକାଶ ଲାଗି ରାଜନୀତି କରିବା ଅରବିନ୍ଦ କେଜ୍‌ରିୱାଲଙ୍କୁ ସଫଳତା ଆଣିଦେଇଛି। ବିଜୟ ଲାଗି ତାଙ୍କୁ ମୋର ଅଭିନନ୍ଦନ।
**-ପିନାରାୟୀ ବିଜୟନ୍, କେରଳ ମୁଖ୍ୟମନ୍ତ୍ରୀ**



ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟ ଲାଗି ଏଏପି ନେତା ଅରବିନ୍ଦ କେଜ୍‌ରିୱାଲଙ୍କୁ ଅଭିନନ୍ଦନ ଓ ଶୁଭକାମନା।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପିର ବିଜୟ ସୂଚାଇ ଦେଇଛି ଯେ, ସାମ୍ପ୍ରଦାୟିକ ରାଜନୀତି ଉପରେ ବିକାଶର ବିଜୟ ହୋଇଛି। ସବୁ ଶ୍ରେୟ କେଜ୍‌ରିୱାଲଙ୍କର।
**-ଏମ୍. କେ. ଷ୍ଟାଲିନ୍, ଡିଏମ୍‌କେ ନେତା**



ଦିଲ୍ଲୀବାସୀ ପୁଣିଥରେ ଘୃଣାର ରାଜନୀତିକୁ ପରିତ୍ୟାଗ କରି ପ୍ରେମ ଓ ବିକାଶକୁ ଗ୍ରହଣ କରିଛନ୍ତି। ଅରବିନ୍ଦ କେଜ୍‌ରିୱାଲଙ୍କ ହ୍ୟାଟ୍ରିକ ସଫଳତା ଲାଗି ଅଭିନନ୍ଦନ।
**-ହେମନ୍ତ ସୋରେନ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ**



ଫାସିବାଦୀ ଆଦର୍ଶ ଲୋକଙ୍କ ମନ କେବେହେଲେ ଜିତିପାରିବନି। କେଜ୍‌ରିୱାଲଙ୍କୁ ଆତଙ୍କବାଦୀ ଆଖ୍ୟା ଦେଇଥିବା ଦଳକୁ ପରାଜୟ ଲଭିବାକୁ ପଡ଼ିଲା।
**-ଏଚ୍.ଡି. କୁମାରସ୍ୱାମୀ, ଜେଡିଏସ୍ ନେତା**



ଦିଲ୍ଲୀବାସୀ ବିଭେଦକାରୀ ଶକ୍ତିକୁ ପରାଜିତ କରିଛନ୍ତି। ଏଏପିକୁ ପୁଣି ଗାଦିରେ ବସାଇ ବିକାଶକୁ ତ୍ୱରାନ୍ୱିତ କରିବାକୁ ଚାହିଁଛନ୍ତି।
**-ତେଜସ୍ୱୀ ଯାଦବ,ଆର୍‌ଜେଡି ନେତା**



ଦିଲ୍ଲୀରେ ପୁଣି କ୍ଷମତା ଦଖଲ କରିଥିବା ଏଏପି ଓ କେଜ୍‌ରିୱାଲଙ୍କୁ ମୋର ଅଭିନନ୍ଦନ। କର୍ମୀଙ୍କ ଉଦ୍ୟମ ଓ ଜନତାଙ୍କ ବିଶ୍ୱାସ ଯୋଗୁ ଏଭଳି ସ୍ଥିତି ପୁଣି ଆସିଛି।
**-ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**



ଏଏପିର ସଫଳତା ଲାଗି ଶୁଭକାମନା। ଦିଲ୍ଲୀରେ ସର୍ବାଙ୍ଗୀନ ଉନ୍ନତି ହେବାର ଆଶାରଖିଛୁ।
**-ଜେ.ପି.ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**



ଦିଲ୍ଲୀରେ ହିନ୍ଦୁ-ମୁସ୍‌ଲିମ୍ ଭୋଟ ଭାଗ ଭାଗ ହୋଇଗଲା। ସଫଳତା ପାଇବା ଲାଗି କଂଗ୍ରେସକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଆଜିଠାରୁ ଲଢ଼ିଲେ କାଲି ଆମେ ନିଶ୍ଚିତ ଜିତିବୁ।
**-ଅଲ୍‌କା ଲାମ୍ବା, କଂଗ୍ରେସ ନେତ୍ରୀ**

## ଏବେ ଜାତୀୟ ରାଜନୀତି ଉପରେ ଆଖି

ନୂଆଦିଲ୍ଲୀ,୧୧।୨

ଦିଲ୍ଲୀରେ ଏଏପି ତୃତୀୟଥର ବିଜୟ ପରେ ଦଳର ଆବାହକ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନଜର ଏବେ ଜାତୀୟ ରାଜନୀତି ଉପରେ ରହିଥିବା କୁହାଯାଉଛି। ଭୋଟ ଗଣତିରେ ଏଏପି ସପକ୍ଷରେ ଜନାଦେଶ ଆସୁଥିବାବେଳେ ଦଳୀୟ କାର୍ଯ୍ୟାଳୟରେ ଏକ ବଡ଼ ହୋର୍ଡିଂ ଲାଗିଥିବା ଦେଖିବାକୁ ମିଳିଥିଲା। ଏଥିରେ ସନ୍ଦେଶ ଥିଲା, ରାଷ୍ଟ୍ର ନିର୍ମାଣ ପାଇଁ ଏଏପି ସହ ଯୋଡ଼ି ହୁଅନ୍ତୁ। ଦଳର ବରିଷ୍ଠ ନେତା ଗୋପାଲ ରାଏ କହିଛନ୍ତି, ଲୋକେ ଭାଜପାର ଘୃଣା ରାଜନୀତିକୁ ଜବାବ ଦେଇଛନ୍ତି। ଏଏପି ଆଗାମୀ ୫ ବର୍ଷ କେବଳ ଦିଲ୍ଲୀରେ କ୍ଷମତରେ ରହିବ ନାହିଁ। ଏହାସହ ସାରା ଦେଶରେ ସଙ୍ଗଠନ ବିସ୍ତାର କରିବ। ଏହି ରାଜନୀତି ଜାତୀୟ ରାଜଧାନୀରେ ଆଉ ସୀମିତ ହୋଇ ନ ରହି ବହୁ ଦୂରକୁ ଯିବ।

## ଭଙ୍ଗ ହେଲା ଦିଲ୍ଲୀ ବିଧାନସଭା

ନୂଆଦିଲ୍ଲୀ,୧୧।୨(ପି.ଟି.)

ଦିଲ୍ଲୀ ନିର୍ବାଚନ ମତଗଣନା ଚାଲିଥିବାବେଳେ ଉପରାଜ୍ୟପାଳ ଅନିଲ ବୈଜଲ ମଙ୍ଗଳବାର ରାଜ୍ୟ ଷଷ୍ଠ ବିଧାନସଭାକୁ ଭଙ୍ଗ କରିଛନ୍ତି। ନିର୍ବାଚନର ଚୂଡ଼ାନ୍ତ ଫଳାଫଳ ହସ୍ତଗତ ହେବ ପରେ ସପ୍ତମ ବିଧାନସଭା ଗଠନ ଲାଗି ନୂଆ ନିର୍ଦ୍ଦେଶନାମା ଜାରି ହେବ ବୋଲି ଜଣେ ଅଧିକାରୀ କହିଛନ୍ତି।

| ବିଧାନସଭା ଆସନ | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ନରେଲା | ଶରତ କୁମାର | ଏଏପି |
| ବୁରାରୀ | ସଂଜୀବ ଝା | ଏଏପି |
| ତିମାରପୁର | ଦିଲ୍ଲୀପ ପାଣ୍ଡେ | ଏଏପି |
| ଆଦର୍ଶନଗର | ପୱନ୍ ଶର୍ମା | ଏଏପି |
| ବଦଲି | ଅଜେଶ ଯାଦବ | ଏଏପି |
| ରିଥାଲା | ମୋହିନ୍ଦର ଗୋୟଲ | ଏଏପି |
| ବାୱାନା | ଜୟ ଭଗବାନ | ଏଏପି |
| ମୁଣ୍ଡକା | ଧର୍ମପାଲ ଲାକ୍ରା | ଏଏପି |
| କିରାରୀ | ରୁତୁରାଜ ଗୋବିନ୍ଦ | ଏଏପି |
| ସୁଲତାନପୁର ମଜରା | ମୁକେଶ କୁମାର ଆହ୍ଲାୱତ୍ | ଏଏପି |
| ନଙ୍ଗଲୋଇ ଜାଟ୍ | ରଘୁବିନ୍ଦର ସୋକିନ୍ | ଏଏପି |
| ମଙ୍ଗୋଲ ପୁରୀ | ରାକ୍ଷୀ ବିର୍ଲା | ଏଏପି |
| ରୋହିଣୀ | ବିଜେନ୍ଦର କୁମାର | ଭାଜପା |
| ଶାଲିମାର ବାଗ୍ | ବନ୍ଦନା କୁମାରୀ | ଏଏପି |
| ଶକୁର ବସ୍ତି | ସତ୍ୟେନ୍ଦ୍ର ଜୈନ୍ | ଏଏପି |
| ତ୍ରୀନଗର | ପ୍ରୀତି ତୋମର | ଏଏପି |
| ୱାଜିରପୁର | ରାଜେଶ ଗୁପ୍ତା | ଏଏପି |
| ମଡେ଼ଲ୍ ଟାଉନ | ଅଖିଳେଶ ପତି ତ୍ରିପାଠୀ | ଏଏପି |
| ସଦର ବଜାର | ସୋମ୍ ଦତ୍ତ | ଏଏପି |
| ଚାନ୍ଦୀନିଚୌକ | ପ୍ରହ୍ଲାଦ ସିଂ ସାୱନେ | ଏଏପି |
| ମାଟିଆ ମହଲ | ସୋଏବ୍ ଇକବାଲ୍ | ଏଏପି |
| ବଲିମାରନ୍ | ଇମ୍ରାନ୍ ହୁସେନ୍ | ଏଏପି |
| କରୋଲବାଗ୍ | ବିଶେଷ ରବି | ଏଏପି |
| ପଟେଲ୍ ନଗର | ରାଜ କୁମାର ଆନନ୍ଦ | ଏଏପି |
| ମୋତି ନଗର | ଶିବଚରଣ ଗୋୟଲ୍ | ଏଏପି |
| ମାଦିପୁର | ଗିରୀଶ ସୋନି | ଏଏପି |
| ରଜୌରୀ ନଗର | ଏ ଧନବତୀ ଚାଣ୍ଡେଲା | ଏଏପି |
| ହରିନଗର | ରାଜକୁମାରୀ ଧିଲନ୍ | ଏଏପି |
| ତିଲକ ନଗର | ଜମାଇଲ୍ ସିଂ | ଏଏପି |
| ଜନକପୁରୀ | ରାଜେଶ ରିଶି | ଏଏପି |
| ବିକାଶପୁରୀ | ମହିନ୍ଦର ଯାଦବ | ଏଏପି |
| ଉତ୍ତମ ନଗର | ନରେଶ ବାଲ୍ୟାନ୍ | ଏଏପି |
| ଦ୍ୱାରକା | ବିନୟ ମିଶ୍ରା | ଏଏପି |
| ମାଟିଆଲା | ଗୁଲାବ ସିଂ | ଏଏପି |
| ନଜାଫଗଡ଼ | କୈଳାସ ଗେହଲଟ୍ | ଏଏପି |
| ବିଜ୍‌ୱାସନ୍ | ଭୂପିନ୍ଦର ସିଂ ଜୁନ୍ | ଏଏପି |
| ପଲାମ | ଭାବନା ଗୌର | ଏଏପି |
| ଦିଲ୍ଲୀ କ୍ୟାଣ୍ଟନମେଣ୍ଟ | ବୀରେନ୍ଦ୍ର ସିଂ | ଏଏପି |
| ରାଜୀନ୍ଦର ନଗର | ରାଘବ ଚଡ଼୍ଢା | ଏଏପି |
| ନୂଆଦିଲ୍ଲୀ | ଅରବିନ୍ଦ କେଜ୍‌ରିୱାଲ | ଏଏପି |
| ଜଙ୍ଗପୁରା | ପ୍ରବୀଣ କୁମାର | ଏଏପି |
| କସ୍ତୁରବାନଗର | ମଦନ ଲାଲ୍ | ଏଏପି |
| ମାଲବ୍ୟନଗର | ସୋମନାଥ ଭାରତୀ | ଏଏପି |
| ଆର୍ କେ ପୁରମ | ପ୍ରମିଳା ଟୋକାସ୍ | ଏଏପି |
| ମେହରୌଲି | ନରେଶ ଯାଦବ | ଏଏପି |
| ଛତରପୁର୍ | କର୍ତ୍ତାର ସିଂ ତନୱାର୍ | ଏଏପି |
| ଦେଓଲି | ପ୍ରକାଶ ଜର୍‌ୱାଲ୍ | ଏଏପି |
| ଆମ୍ବେଦକର ନଗର | ଅଜୟ ଦତ୍ତ | ଏଏପି |
| ସଙ୍ଗମ ବିହାର | ଦିନେଶ ମୋହନିୟା | ଏଏପି |
| ଗ୍ରେଟର୍ କୈଳାଶ | ସୌରଭ ଭରଦ୍ୱାଜ | ଏଏପି |
| କାଲକାଜି | ଆତିଶୀ | ଏଏପି |
| ତୋଗଲକବାଦ୍ | ସାହିରାମ | ଏଏପି |
| ବଦରପୁର | ରାମବୀର ସିଂ ଭିଦୁରୀ | ଭାଜପା |
| ଓଖଲା | ଅମାନୁତୁଲ୍ଲା ଖାଁ | ଏଏପି |
| ତ୍ରିଲୋକପୁରୀ | ରୋହିତ କୁମାର | ଏଏପି |
| କନ୍ଦୋଲି | କୁଲଦୀପ କୁମାର | ଏଏପି |
| ପତପଡ଼ଗଞ୍ଜ | ମନୀଷ ଶିସୋଡିଆ | ଏଏପି |
| ଲକ୍ଷ୍ମୀ ନଗର | ଅଭୟ ବର୍ମା | ଭାଜପା |
| ବିଶ୍ୱାସନଗର | ଓମ୍ ପ୍ରକାଶ ଶର୍ମା | ଭାଜପା |
| କ୍ରିଷ୍ଣାନଗର | ଏସ୍ କେ ବାଗା | ଏଏପି |
| ଗାନ୍ଧୀ ନଗର | ଅନୀଲ ବାଜପେୟୀ | ଭାଜପା |
| ଶାହଦରା | ରାମନିବାସ ଗୋୟଲ୍ | ଏଏପି |
| ସୀମାପୁରୀ | ରାଜେନ୍ଦ୍ର ପାଲ୍ ଗୌତମ୍ | ଏଏପି |
| ରୋହତାସ୍ ନଗର | ଜିତେନ୍ଦ୍ର ମହାଜନ୍ | ଭାଜପା |
| ସୀଲମପୁର | ଅବଦୁଲ୍ ରେହମାନ୍ | ଏଏପି |
| ଘୋଣ୍ଡା | ଅଜୟ ମହାୱର | ଭାଜପା |
| ବାବରପୁର | ଗୋପାଳ ରାୟ | ଏଏପି |
| ଗୋକଲପୁର | ସୁରେନ୍ଦ୍ର କୁମାର | ଏଏପି |
| ମୁସ୍ତଫାବାଦ୍ | ହାଜି ୟୁନୁସ୍ | ଏଏପି |
| କରୱାଲ୍ ନଗର | ମୋହନ ସିଂ ବିଷ୍ଟ | ଭାଜପା |

## ଏଏପି କାର୍ଯ୍ୟାଳୟରେ ଉତ୍ସବ

ବିଧାନସଭା ନିର୍ବାଚନରେ ଏଏପିର ବିପୁଳ ବିଜୟ ପରେ ଦଳୀୟ କାର୍ଯ୍ୟାଳୟରେ ଉତ୍ସବ ପାଳନ କରାଯାଇଛି। ଦଳୀୟ କର୍ମୀ ଓ ସମର୍ଥକମାନେ ନୀଳ ଓ ଧଳା ବେଲୁନ୍ ସହ ସେମାନଙ୍କ ନେତା ଅରବିନ୍ଦ କେଜ୍‌ରିୱାଲଙ୍କ ବିଶାଳ କଟ୍‌ଆଉଟ ଧରି ଏଏପି ମୁଖ୍ୟାଳୟରେ ପହଞ୍ଚିଥିଲେ। ଶହ ଶହ କର୍ମୀ ଦଳୀୟ କାର୍ଯ୍ୟାଳୟରେ ଡ୍ରମ୍ ପିଟିବା ସହ ଏଏପିର ପ୍ରଚାର ସଙ୍ଗୀତ 'ଲଗେ ରହୋ କେଜ୍‌ରିୱାଲ' ଗୀତ ଗାଇଥିଲେ।

# ବିଜୟର ୬ ବଡ଼ କାରଣ

ନୂଆଦିଲ୍ଲୀ,୧୧।୨

ଦିଲ୍ଲୀ ନିର୍ବାଚନରେ ବଡ଼ ବିଜୟ ହାସଲ ସହ ଏଏପି କ୍ରମାଗତ ତୃତୀୟ ଥର ପାଇଁ ସରକାର ଗଢ଼ିବାକୁ ଯାଉଛି। ଏଏପି ବିଜୟର କେତେକ କାରଣ ନିମ୍ନରେ ଦିଆଗଲା। ୧– ଜାତୀୟ ରାଜନୈତିକ ପ୍ରସଙ୍ଗ ଅପେକ୍ଷା ସ୍ଥାନୀୟ ପ୍ରସଙ୍ଗକୁ ଦିଲ୍ଲୀବାସୀ ଅଗ୍ରାଧିକାର ଦେଲେ। ଗତ ୫ ବର୍ଷରେ କେଜ୍‌ରିୱାଲ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାଣି ଯୋଗାଣରେ ନେଇଥିବା ପଦକ୍ଷେପ ସମ୍ପର୍କିତ ଖବରକୁ ଲୋକଙ୍କ ପାଖରେ ପହଞ୍ଚାଇଥିଲା। ୨– ନିର୍ବାଚନ ପ୍ରଚାର ବେଳେ ଭାଜପା ସିଏଏ ପ୍ରସଙ୍ଗକୁ ଜୋର୍‌ଦାର ଉଠାଇଥିବାବେଳେ କେଜ୍‌ରିୱାଲ ଓ ତାଙ୍କ ଦଳର ନେତାମାନେ ସିଏଏ ବିରୋଧୀ ବିକ୍ଷୋଭ ଓ ଶାହିନବାଗ୍ ଆନ୍ଦୋଳନଠାରୁ ସୁରକ୍ଷିତ ଦୂରତା ବଜାୟ ରଖିଥିଲେ। ୩– ଭାଜପା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦେଇ ନ ପାରି ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ମୁଖ୍ୟ ଜାତୀୟ ପ୍ରସଙ୍ଗ ଉପରେ ନିର୍ଭରଶୀଳ ଥିଲା, ଯାହା କାମ ଦେଲାନାହିଁ। ୪– ଭାଜପା ପ୍ରଚାରର ନେତୃତ୍ୱ ନେଇଥିବା ମନୋଜ ତିୱାରୀ ଦିଲ୍ଲୀ ବାହାର ଲୋକ। ଭାଜପା ରାଜ୍ୟ ଶାଖାରେ ଅନ୍ତଃକନ୍ଦଳ ଓ ଲୋକପ୍ରିୟ ନେତାଙ୍କ ଅଭାବ ଏଏପିକୁ ସୁହାଇଲା। ୫– ଦିଲ୍ଲୀରେ ରାଜନୈତିକ ବିଶ୍ୱସନୀୟତା ହରାଇଥିବା କଂଗ୍ରେସ ଲୋକଙ୍କୁ ଆକୃଷ୍ଟ କରିବା ଲାଗି ଧମାକାଦାର ପ୍ରଚାର କରିବାରେ ମଧ୍ୟ ବିଫଳ ହୋଇଥିଲା। ଅନ୍ୟପକ୍ଷରେ ଭାଜପା ଓ ଏଏପି ବିରୋଧୀ ଭୋଟ କଂଗ୍ରେସକୁ ଆସିବ ବୋଲି ଦଳ ଆଶାବାଦୀ ଥିଲା। ୬– ଶାହିନବାଗ ବିକ୍ଷୋଭରୁ ଭାଜପା ନିର୍ବାଚନୀ ଫାଇଦା ହାସଲ କରିପାରିଲା ନାହିଁ।

## ଏଏପି ୫୩.୬%, ଭାଜପା ୩୮.୫%

ନୂଆଦିଲ୍ଲୀ:



ବିଧାନସଭା ନିର୍ବାଚନରେ ୬୨ ଆସନ ଜିତିଥିବା ଏଏପିକୁ ୫୩.୬ ପ୍ରତିଶତ ଭୋଟ ମିଳିଛି। ୨୦୧୫ରେ ଏଏପିକୁ ୫୪.୩୪ ପ୍ରତିଶତ ଭୋଟ ମିଳିଥିଲା। ଭାଜପା ୮ ଆସନରେ ବିଜୟୀ ହୋଇଥିବାବେଳେ ଏହାର ଭୋଟହାର ୩୮.୫ ପ୍ରତିଶତ ରହିଛି। ୨୦୧୫ ବିଧାନସଭା ନିର୍ବାଚନରେ ଭାଜପା ୩ଟି ଆସନରେ ବିଜୟୀ ହେବା ସହ ୩୨.୧୯ ପ୍ରତିଶତ ଭୋଟ ପାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ଆଦୌ ଆସନ ଜିତିବାରେ ସଫଳ ହୋଇ ନ ଥିବାବେଳେ ଏହି ସର୍ବପୁରାତନ ଦଳର ଭୋଟ ହାର ୪.୩ ପ୍ରତିଶତ ରହିଛି।

# ଅଭ୍ୟାସ-୨୦୨୦ ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ପ୍ରାକୃତିକ ବିପର୍ଯ୍ୟୟରୁ ସାଂସ୍କୃତିକ ଐତିହ୍ୟସ୍ଥଳଗୁଡ଼ିକୁ କିପରି ସୁରକ୍ଷିତ ରଖାଯାଇ ପାରିବ। ବିପଦ ଆସିବା ଆଗରୁ ସତର୍କ ସୂଚନା କିଭଳି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ବିମ୍‌ଷ୍ଟେକ(ବେ ଅଫ ବେଙ୍ଗଲ ଇନିସିଏଟିଭ ଫର ମଲ୍‌ଟିସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋ ପରେଶନ) ଦେଶଗୁଡ଼ିକ କିଭଳି ପ୍ରସ୍ତୁତ ଅଛନ୍ତି ସେ ନେଇ ନିଜର କଳା କୌଶଳ ପ୍ରଦର୍ଶନ କରିବେ। ତିନି ଦିନ ଧରି ଭୁବନେଶ୍ୱର ଓ ପୁରୀଠାରେ ଦ୍ୱିତୀୟ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୦ ଆରମ୍ଭ ହୋଇଛି। ପ୍ରଥମ ଥର ଲାଗି ଓଡ଼ିଶାରେ ହେଉଥିବା ଏହି କାର୍ଯ୍ୟକ୍ରମକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଉଦ୍‌ଘାଟନ କରିଛନ୍ତି।

ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଂସ୍କୃତିକ ଐତିହ୍ୟଗୁଡ଼ିକୁ ଯେକୌଣସି ମୂଲ୍ୟ ବଦଳରେ ସୁରକ୍ଷିତ କରିବାକୁ ପଡ଼ିବ। ଏହା ଯେ କେବଳ ଆମ ସଂସ୍କୃତିର ପରିଚୟ ନୁହେଁ ବରଂ ଆର୍ଥିକ ପ୍ରଗତିର ସାରଥି। ଐତିହ୍ୟଗୁଡ଼ିକର ସୁରକ୍ଷା ପାଇଁ ଉପଯୁକ୍ତ ଚିହ୍ନଟ, ପର୍ଯ୍ୟାପ୍ତ ତଥ୍ୟ ସଂଗ୍ରହ ଏବଂ ଆଗୁଆ ସୂଚନା ବ୍ୟବସ୍ଥାର ବିକାଶ କରିବାକୁ ହେବ। ଐତହ୍ୟଗୁଡ଼ିକର ସୁରକ୍ଷା ଦିଗରେ ବିମ୍‌ଷ୍ଟେକର ଭୂମିକା ଅତ୍ୟନ୍ତ



ଅଭ୍ୟାସ-୨୦୨୦ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

- **ଦ୍ୱିତୀୟ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଯେକୌଣସି ମୂଲ୍ୟରେ ଐତିହ୍ୟସ୍ଥଳର ସୁରକ୍ଷା ହେବା ଦରକାର: ମୁଖ୍ୟମନ୍ତ୍ରୀ**
- **ଆଜି ରାମଚଣ୍ଡୀରେ ତାଲିମ ଅଭ୍ୟାସ**

ଗୁରୁତ୍ୱପୂର୍ଣ୍ଣ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିମ୍‌ଷ୍ଟେକ ଏହାର ସହଯୋଗ ଓ ପରିସର ବୃଦ୍ଧି କରି ଚାଲିଛି। ଓଡ଼ିଶା ବାତ୍ୟା, ବନ୍ୟା ଭଳି ବହୁମୁଖୀ ବିପର୍ଯ୍ୟୟକୁ ସମ୍ମୁଖୀନ ହେଉଛି। ୧୯୮୧ରୁ ଏପର୍ଯ୍ୟନ୍ତ ୧୦୦ଟି ବାତ୍ୟା ରାଜ୍ୟକୁ ପ୍ରଭାବିତ କରିଛି। ୧୯୯୯ରେ ହୋଇଥିବା ମହାବାତ୍ୟା ପରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦିଗକୁ ବଦଳାଇ ଦେଇଛି। ଓଡ଼ିଶା ଏବେ ଦେଶରେ ଏକ ଅଗ୍ରଣୀ ବିପର୍ଯ୍ୟୟ ପରିଚାଳନା ରାଜ୍ୟ ଭାବେ ନିଜକୁ ପ୍ରସ୍ତୁତ କରି ପାରିଛି। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ନିଜର ବିପର୍ଯ୍ୟୟ ମୁକାବିଲା ବାହିନୀ ଗଠନ କରିଛି। ବିପର୍ଯ୍ୟୟ ବେଳେ ଜଣେ ଲୋକଙ୍କ ଜୀବନ ଯେପରି ନ ଯିବ ସେ ନେଇ ରାଜ୍ୟ ସରକାର ପୂର୍ବପ୍ରସ୍ତୁତି, ଆଗୁଆ ସୂଚନା ଏବଂ ସମ୍ବଳ ପରିଚାଳନାକୁ ସୁଚାରୁ ଢଙ୍ଗରେ କରିଚାଲିଛନ୍ତି। ବର୍ଷ ବର୍ଷ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ନେଇ ରାଜ୍ୟ ପରିପକ୍ୱତା ଦେଖାଇ ଆସିଛି। ଜାତିସଂଘଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ଗଣମାଧ୍ୟମ ଓଡ଼ିଶାର ବିପର୍ଯ୍ୟୟ ପ୍ରସ୍ତୁତିକୁ ପ୍ରଶଂସା କରି ଆସିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆ ଦେଶଗୁଡ଼ିକ ମଧ୍ୟରେ ବିମ୍‌ଷ୍ଟେକ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସଂଗଠନ। ଐତିହ୍ୟ ସୁରକ୍ଷା ଦିଗରେ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୦ ଏକ ମାଇଲଖୁଣ୍ଟ ଭଳି କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ, ଡିଜିପି ଅଭୟ, ଏନଡିଆରଏଫ ଡିଜି ଜିଭିଭି ଶର୍ମା ଯୋଗଦେଇ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ବିମ୍‌ଷ୍ଟେକର ଭୂମିକା ନେଇ ଆଲୋଚନା କରିଥିଲେ।

ପୁରୀର କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ କ୍ଷେତ୍ରୀୟ ତାଲିମ ଶିବିରକୁ ବୁଧବାର କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ସଭ୍ୟ ରାଷ୍ଟ୍ର ବାଂଲାଦେଶ, ଭାରତ, ମିଆଁମାର, ଶ୍ରୀଲଙ୍କା ଓ ନେପାଳ ଯୋଗ ଦେଇଛନ୍ତି। ତେବେ ଭୁଟାନ ଓ ଥାଇଲାଣ୍ଡ ଏହି ଅଭ୍ୟାସରେ ଭାଗ ନେଇ ନାହାନ୍ତି। ୩ ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଚାଲିବ।

# 'ସୋସିଆଲ ମିଡିଆରେ ବୁଲୁଛି କୋଣାର୍କ ମନ୍ଦିରର ଭ୍ରମାତ୍ମକ ଫଟୋ'

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିରର ମରାମତି ନାମରେ କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢ଼ି ସାଦା ପଥର ଲଗାଇବା ଅଭିଯୋଗକୁ ଖଣ୍ଡନ କରିଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)। ଗତ କିଛିଦିନ ହେଲା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା କୋଣାର୍କ ମନ୍ଦିରର ଫଟୋକୁ ବିଭ୍ରାନ୍ତିକର ବୋଲି କହିଛି ଏଏସ୍‌ଆଇ। ଏନେଇ ଟୁଇଟ୍ କରି ଏଏସ୍‌ଆଇ କହିଛି, କୋଣାର୍କ ସୂର୍ଯ୍ୟ ମନ୍ଦିରର ପୁରୁଣା କୀର୍ତ୍ତିରାଜି ଭାଙ୍ଗି ସାଦା ପଥର ଲଗାଯିବା ଖବର ସମ୍ପୂର୍ଣ୍ଣ ମିଛ। ସୋସିଆଲ ମିଡିଆରେ ବୁଲୁଥିବା ଦୁଇଟି ତୁଳନାତ୍ମକ ଫଟୋ ଜାଣିଶୁଣି ଲୋକଙ୍କୁ ଭ୍ରାନ୍ତ କରିବା ପାଇଁ ଭାଇରାଲ କରାଯାଇଛି। ଦୁଇଟି ଯାକ ଚିତ୍ର ମନ୍ଦିରର ୨ ଭିନ୍ନ ସ୍ଥାନର ବୋଲି ଦର୍ଶାଇଛି ଏଏସ୍‌ଆଇ। ଏହାମଧ୍ୟରୁ ଗୋଟିଏ ଫଟୋ ନାଟମଣ୍ଡପ କୀର୍ତ୍ତିରାଜିର






ଟୁଇଟ୍ ଫଟୋ।

**ସାଦା ପଥର ଖଞ୍ଜାଯିବା ପ୍ରସଙ୍ଗ**

ହୋଇଥିବାବେଳେ ଅନ୍ୟଟି ମୁଖ୍ୟ ମନ୍ଦିର ଜଗମୋହନର ଫଟୋ, ଯାହା ସାଧାରଣ ପଥରରେ ନିର୍ମିତ ଭିତ୍ତିସ୍ତମ୍ଭର ବୋଲି ଏଏସ୍‌ଆଇ କହିଛି। ଚିତ୍ରରେ ଦର୍ଶାଯାଇଥିବା ସାଦା ପଥର କାମ ୧୯୮୦ ଦଶକର ମଧ୍ୟଭାଗରେ କରାଯାଇଛି। ଯେଉଁ ସ୍ଥାନରେ କୀର୍ତ୍ତିରାଜି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି କିମ୍ବା ପୂର୍ବରୁ କ'ଣ ରହିଥିଲା ତାହାର ପ୍ରମାଣ ନାହିଁ, ସେଠାରେ ଏଏସ୍‌ଆଇ ପଲିସି ଅନୁସାରେ ସାଦା ପଥର ଲଗାଯାଇଛି। ମନ୍ଦିରର ଭଲ ଅବସ୍ଥାରେ ଥିବା କୌଣସି କୀର୍ତ୍ତିରାଜି ବଦଳାଯାଇ ନାହିଁ ବୋଲି ଏଏସ୍‌ଆଇ ସ୍ପଷ୍ଟ କରିଛି।

# ଦିଲ୍ଲୀ ନିର୍ବାଚନ ଫଳାଫଳ ନେଇ ପ୍ରତିକ୍ରିୟା

## କେଜ୍‌ରିୱାଲଙ୍କୁ ଶୁଭେଚ୍ଛା



ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପି ବିପୁଳ ବିଜୟୀ ହୋଇଛି। ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ଅରବିନ୍ଦ କେଜ୍‌ରିୱାଲ ପୁନର୍ବାର ମୁଖ୍ୟମନ୍ତ୍ରୀଭାବେ ଶପଥ ନେବାକୁ ଯାଉଛନ୍ତି। କେଜ୍‌ରିୱାଲଙ୍କୁ ଏଥିପାଇଁ ଅନେକ ଶୁଭେଚ୍ଛା ଓ ଶୁଭକାମନା।

**- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

## ସାଧାରଣ ଜନତାଙ୍କ ବିଜୟ



ବିଭିନ୍ନତା ମଧ୍ୟରେ ଏକତା ହିଁ ଭାରତବାସୀଙ୍କ ପରିଚୟ। ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମ୍ବିଧାନ ହିଁ ଆମ ରକ୍ଷାକବଚ। ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇବା ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ। ଅରବିନ୍ଦ କେଜ୍‌ରିୱାଲ ଦିଲ୍ଲୀରେ ଏହାକୁ ପ୍ରୟୋଗ କରି ଉଦାହରଣ ସୃଷ୍ଟି କରିଥିଲେ। ତେଣୁ ଏନ୍‌ଡିଏର ବାହୁ ଏବଂ ଅର୍ଥ ବଳକୁ ସହଜରେ ପରାଜିତ କରିପାରିଲେ। ପ୍ରକୃତରେ ଏହା ସାଧାରଣ ଜନତାଙ୍କ ବିଜୟ।

**- ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ**

## ମୋଦିଙ୍କ ପତନର ପଦଧ୍ୱନି



ସାମ୍ପ୍ରଦାୟିକତାର ବିଷ ମଞ୍ଜି ବୁଣୁଥିବା ଭାଜପାକୁ ଦିଲ୍ଲୀ ଫଳାଫଳ ଶକ୍ତ ଝଟ୍‌କା ସଦୃଶ। ଧର୍ମୀୟ ବିଦ୍ୱେଷକୁ ଏ ଦେଶ କେବେହେଲେ ଗ୍ରହଣ କରିନାହିଁ। ନିକଟରେ ଆସିଥିବା ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ), ଜାତୀୟ ନାଗରିକତା ପଞ୍ଜିକା(ଏନ୍‌ଆରସି), ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର) ଭଳି ପଦକ୍ଷେପକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଛି। ଏହା ନରେନ୍ଦ୍ର ମୋଦିଙ୍କ ପତନର ପଦଧ୍ୱନି। ଏନ୍‌ଡିଏକୁ ଶକ୍ତିଶାଳୀ ଢଙ୍ଗରେ ସାମ୍ନା କରି ବିଜୟୀ ହୋଇଥିବାରୁ ଏଏପି ଏବଂ ଦିଲ୍ଲୀବାସୀଙ୍କୁ ଅଭିନନ୍ଦନ।

**- ଅଳି କିଶୋର ପଟ୍ଟନାୟକ, ସିପିଏମ୍ ନେତା**

## ଭଲ କାମକୁ ସଫଳତା ମିଳିଛି



ଦିଲ୍ଲୀରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଏବଂ ବିଜୁଳି ବ୍ୟବସ୍ଥାରେ ଅରବିନ୍ଦ କେଜ୍‌ରିୱାଲ ଗତ ୫ ବର୍ଷ ମଧ୍ୟରେ ଉନ୍ନତି ଆଣିଥିଲେ। ଏଥିସହିତ ମହିଳାଙ୍କ ପାଇଁ ଯାତାୟାତ ସୁବିଧା ମଧ୍ୟ କରିଥିଲେ। ସର୍ବୋପରି ଅନ୍ୟ ରାଜନେତାଙ୍କ ପରି ପ୍ରସଙ୍ଗ ବିହୀନ ରାଜନୀତି କରିବାକୁ ଚେଷ୍ଟା କରି ନ ଥିଲେ। ନିଜର ବିଗତ ୫ ବର୍ଷରେ କରିଥିବା କାର୍ଯ୍ୟକୁ ସମୀକ୍ଷା କରି ଭୋଟ ମାଗିଥିଲେ। ଅନୁରୂପଭାବେ ଭାଜପା କୌଣସି ନେତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିପାରିଲା ନାହିଁ। ଗଣତାନ୍ତ୍ରିକ ପ୍ରଚାରରେ ବ୍ୟକ୍ତିଗତ ସ୍ତରକୁ ଯାଇ ଆକ୍ଷେପ କରିଲା। ତେଣୁ ଆମ୍ ଆଦମୀ ପାର୍ଟି ଏବଂ କେଜ୍‌ରିୱାଲଙ୍କ ବିଜୟ ହୋଇଛି।

**- ବେବି ବୈଶାଖୀ ମହାନ୍ତି, ଗୃହିଣୀ, ଖଣ୍ଡଗିରି, ଭୁବନେଶ୍ୱର**

## ସାମ୍ପ୍ରଦାୟିକତାର ପ୍ରୟୋଗ ପ୍ରତ୍ୟାଖ୍ୟାତ



ଜନସାଧାରଣଙ୍କୁ ମୌଳିକ ଆବଶ୍ୟକତା ସୁଲଭ ଦରରେ ଯୋଗାଇଦେବା ନିର୍ବାଚିତ ସରକାରଙ୍କ ଦାୟିତ୍ୱ। ଏଏପି ଏହି କାର୍ଯ୍ୟ ହିଁ କରି ସଫଳତା ପାଇଛି। ଜନସାଧାରଣଙ୍କଠାରୁ ଅସୁଲ କରାଯାଇଥିବା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ କରରେ ଏସବୁ କରାଯାଉଛି। ଏହା କାହାରି ଉପରେ ଦୟା ନୁହେଁ। ଫଳାଫଳ ପରେ କେତେକ ବ୍ୟକ୍ତି ଏପରି ସେବାକୁ ଭିନ୍ନ ଅର୍ଥରେ ଚିତ୍ରଣ କରୁଛନ୍ତି, ଯାହା ସୁସ୍ଥ ଗଣତନ୍ତ୍ର ପାଇଁ ଲାଭଦାୟକ ନୁହେଁ। ସେହିପରି ଧର୍ମ ଆଧାରରେ କରାଯାଉଥିବା ସାମ୍ପ୍ରଦାୟିକତାର ପ୍ରୟୋଗ ମଧ୍ୟ ପ୍ରତ୍ୟାଖ୍ୟାତ ହୋଇଛି।

**- ଦୀନେଶ ସେଠୀ, ଯୁବ ଆଇନଜୀବୀ, ସୁପ୍ରିମକୋର୍ଟ**

# ୮ ଓଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ରାଜ୍ୟ ସରକାର ୮ ଜଣ ଓଏଏସ୍ (ସୁପରିୟର ଆଡମିନିଷ୍ଟ୍ରେଟିଭ ଗ୍ରେଡ) ଅଫିସରଙ୍କୁ ସ୍ପେଶାଲ ସେକ୍ରେଟାରି ର୍‍ୟାଙ୍କକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଓଏଏସ୍(ଏସଏଏଜି) ଅଫିସର ଅଭୟ କୁମାର ମହାନ୍ତିଙ୍କୁ ପଦୋନ୍ନତି ପରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ସେକ୍ରେଟାରି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବ୍ରତତୀ ହରିଚନ୍ଦନଙ୍କୁ ଏସ୍‌ଏସ୍‌ଇପିଡି ନିର୍ଦ୍ଦେଶିକା, ମନ୍ମଥ କୁମାର ବିଶ୍ୱାଳଙ୍କୁ ଏମ୍‌ଏସ୍‌ଏମ୍‌ଇ ଅତିରିକ୍ତ ସଚିବ ସହ ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ନରେନ୍ଦ୍ର କୁମାର ମନ୍ତ୍ରୀଙ୍କୁ ସୂଚନା ଅଧିକାର କମିଶନଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ବିରଞ୍ଚିନାରାୟଣ ମହାନ୍ତିଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ, ଲକ୍ଷ୍ମୀଧର ମହାନ୍ତିଙ୍କୁ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ, ରାଜା ପରିଜାଙ୍କୁ ଏସ୍‌ସି/ଏସ୍‌ଟି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ସମ୍ପ୍ରଦାୟ ବିଭାଗର ନିର୍ଦ୍ଦେଶକ ଏବଂ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କୁ ପିଏ ବିଭାଗ ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

# ପୂର୍ବତନ ଡିଜିପି ପ୍ରଫୁଲ୍ଲ ଚନ୍ଦ୍ର ରଥଙ୍କ ପରଲୋକ



**କଟକ ଅଫିସ,୧୧।୨:** ପୂର୍ବତନ ଡିଜିପି ପ୍ରଫୁଲ୍ଲ ଚନ୍ଦ୍ର ରଥଙ୍କ(୮୫)ର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ବାସଭବନରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସହରର ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

ବ୍ରିଟିଶ ଶାସନ କାଳରେ ଜିଲାପାଳ ଭାବେ କାର୍ଯ୍ୟ କରୁଥିବା ରମେଶ ଚନ୍ଦ୍ର ରଥଙ୍କ ପୁତ୍ର ହେଉଛନ୍ତି ପ୍ରଫୁଲ୍ଲ। ୧୯୩୪ ମସିହାରେ ଜନ୍ମ ଗ୍ରହଣ କରିଥିବା ପ୍ରଫୁଲ୍ଲ ୨୦ବର୍ଷ ବୟସରେ ଆଇପିଏସ୍ ପାଇଥିଲେ। ୩୫ବର୍ଷ ଚାକିରି ସମୟ ମଧ୍ୟରେ ସେ ଦୁଇଥର ଡିଜିପି ଦାୟିତ୍ୱରେ ରହିଛନ୍ତି। ପ୍ରଫୁଲ୍ଲଙ୍କ ବଡ଼ପୁଅ ସୁବ୍ରତ ରଥ ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ବମ୍ବେର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ସେ ବମ୍ବେରୁ ଫେରିବା ପରେ କଟକ ସତୀଚଉରାସ୍ଥିତ ଶ୍ମଶାନରେ ପ୍ରଫୁଲ୍ଲଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ସାନ ପୁଅ ସାନୁ ରଥ ରାଜ୍ୟର ଜଣେ ପ୍ରତିଷ୍ଠିତ ଉଦ୍ୟୋଗୀ। ବଡ଼ଝିଅ ସାବିତ୍ରୀ ରଥ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିବାବେଳେ ସାନ ଝିଅ ଗାୟତ୍ରୀ ରଥ ବିଦେଶରେ ରୁହନ୍ତି। ପ୍ରଫୁଲ୍ଲ ଚାକିରି ଜୀବନରୁ ଅବସର ନେବା ପରେ ପୋଲିସ ପାଇଁ ଉପାଦେୟ ଅନେକ ଆଇନ ପୁସ୍ତକ ସମ୍ପାଦନା କରିଛନ୍ତି।

# କରୋନା ମୃତ୍ୟୁସଂଖ୍ୟା ୧୦୦୦ ଟପିଲା

**ସୋମବାର ୧୦୮ ଜଣଙ୍କ ମୃତ୍ୟୁ**

ବେଜିଂ,୧୧।୨

ଚାଇନାରେ କରୋନା ଭାଇରସ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ୧୦୧୬ରେ ପହଞ୍ଚିଛି। ସୋମବାର ସର୍ବାଧିକ ୧୦୮ ଜଣଙ୍କ ଏଥିରେ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ପୁଣି ୨,୪୭୮ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ସଂକ୍ରମଣକାରୀଙ୍କ ସଂଖ୍ୟା ଇତିମଧ୍ୟରେ ୪୩,୧୧୨ରେ ପହଞ୍ଚିଛି। ୨୭ ଦେଶକୁ ଆକ୍ରାନ୍ତ କରିଥିବା ଏହି ଭାଇରସ୍ ସଂକ୍ରମଣକୁ ଏବେ ସୁଦ୍ଧା ରୋକାଯାଇ ପାରିନାହିଁ। ଜଣକ ପରେ ଜଣେ ମରୁଥିବାବେଳେ ଚାଇନାର ପ୍ରତ୍ୟେକ ପ୍ରଦେଶକୁ ଏହା କବଳିତ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏନେଇ ଚିନ୍ତା ପ୍ରକଟ କରାଯାଇଛି। ବିଶ୍ୱ ଲାଗି ଏହା ମସ୍ତବଡ଼ ବିପଦକୁ ଡ଼ାକିଆଣିଛି ବୋଲି କୁହାଯାଇଛି। ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ବିଭିନ୍ନ ବିକଶିତ ଦେଶକୁ ଏନେଇ ପ୍ରତିକାର କରିବା ଲାଗି କହିଛି। ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନୋମ ଘେବ୍ରେୟେସସ୍ ଜେନିଭାରେ କହିଛନ୍ତି, ବିଶ୍ୱବାସୀ ୧୮ ମାସ ମଧ୍ୟରେ ଏନେଇ ଔଷଧ ପ୍ରସ୍ତୁତ କରି ଏହାର ମୁକାବିଲା ଲାଗି ଅଣ୍ଟା ଭିଡ଼ିବା ଦରକାର। ଏହି ପ୍ରାଣଘାତୀ ଭାଇରସ୍‌ର ନାମ ସେ ଅଫିସିଆଲି 'କୋଭିଡ୍-୧୯' ଦେଇଛନ୍ତି। କୋଭିଡ୍-୧୯ର ମୁକାବିଲ ତୁରନ୍ତ କରିବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି।

# ବସ୍ ଦୁର୍ଘଟଣା: ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

କଟକ ଅଫିସ, ୧୧।୨: ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜପୁରଠାରେ ଗତ ରବିବାର ବସ୍ ଦୁର୍ଘଟଣାରେ ୧୦ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ ଓ ମୃତାହତଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ଏକ ପିଟିଶନ୍ ଦାଖଲ କରିଥିଲେ। ପରେ ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି ଓଏଚ୍‌ଆର୍‌ସି। ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ ବି.ପି. ଦାସ ଏବଂ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରତ୍ୟେକ ଆହତଙ୍କୁ ୨୫ ହଜାର ଟଙ୍କା କ୍ଷତିପୂରଣ ଏକ ସପ୍ତାହ ମଧ୍ୟରେ ପ୍ରଦାନ ସହ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମେଡ଼ିକାଲ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ(ଡିଏମ୍‌ଇଟି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରବିବାର ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଡଗରା ବେଳାଭୂମିକୁ ଯାଉଥିବା ଏକ ବସ୍ ମଧ୍ୟ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ହେଲେ ବସ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡଧରଣର ଅଘଟଣ ଘଟି ନ ଥିଲା। ଉଭୟ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସାଉଥ୍‌କୋ ଏବଂ ନେସ୍କୋ କର୍ତ୍ତୃପକ୍ଷ, ରାଜ୍ୟ ଶକ୍ତି ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ସଚିବଙ୍କୁ ଓଏଚ୍‌ଆର୍‌ସି ରିପୋର୍ଟ ତଲବ କରିଛନ୍ତି। ମାନବାଧିକାର କର୍ମୀ ଦାସଙ୍କ ପିଟିଶନ୍‌କୁ ବିଚାରକୁ ନେଇ ମଙ୍ଗଳବାର ଓଏଚ୍‌ଆର୍‌ସିଙ୍କ ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରତି ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା ଓ ଆହତ ଯାତ୍ରୀଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥାକୁ ଓଏଚ୍‌ଆର୍‌ସି ପ୍ରଶଂସା କରିଛନ୍ତି।

# ଦକ୍ଷିଣା ନ ଦେବାରୁ ଭକ୍ତଙ୍କୁ ଖଣ୍ଡାଚୋଟ

ପୁରୁଷୋତ୍ତମପୁର,୧୧।୨(ଡି.ଏନ୍.ଏ.)

**ତାରାତାରିଣୀ ପୀଠରେ ପୂଜକଙ୍କ ଉନ୍ମତ୍ତକାଣ୍ଡ, ୨ ଗିରଫ**

ଗଞ୍ଜାମ ଜିଲାର ଦେବୀପୀଠ ମା' ତାରାତାରିଣୀଙ୍କ ମନ୍ଦିରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଦକ୍ଷିଣା ନ ଦେବାରୁ ଜଣେ ମହିଳା ଭକ୍ତଙ୍କୁ ପୂଜକ ଗାଳିଗୁଲଜ କରିବା ସହ ତାଙ୍କ ଜ୍ୱାଇଁଙ୍କୁ ଖଣ୍ଡାରେ ହାଣିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ ପରେ ନଂ.୩୩/୨୦ରେ ମାମଲା ରୁଜୁକରି ୨ ଜଣ ପୂଜକଙ୍କୁ ପୋଲିସ ଗିରଫ କରିଛି।

ମଙ୍ଗଳବାର କୋଦଳା ଥାନା ଅନ୍ତର୍ଗତ ଜାପଟା ରାମପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତି ନୂତନ ବସ୍ କିଣିଥିବାରୁ ପୂଜା କରିବାକୁ ପୁରୁଷୋତ୍ତମପୁର ତାରାତାରିଣୀ ମନ୍ଦିରକୁ ଆସିଥିଲେ। ଉକ୍ତ ବସ୍‌ରେ ସମ୍ପର୍କୀୟଙ୍କ ସମେତ ଗ୍ରାମର ପ୍ରାୟ ୫୦ଜଣ ବ୍ୟକ୍ତିଙ୍କୁ ସେ ଆଣିଥିଲେ। ସେମାନଙ୍କ ମଧ୍ୟରୁ ସାରସ ବାରିକ ନାମ୍ନୀ ମହିଳା ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପୂଜକ ରଷି ରଣା ଓ ରାଜେନ୍ଦ୍ର ରଣା ତାଙ୍କୁ ୫ହଜାର ଟଙ୍କା ଦକ୍ଷିଣା ମାଗିଥିଲେ। ସେ ଏତେ ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ଗାଳିଗୁଲଜ କରିଥିଲେ। ପାଖରେ ଥିବା ତାଙ୍କ ଜ୍ୱାଇଁ ଧନଞ୍ଜୟପୁର ଗ୍ରାମର ଅକ୍ଷୟ ପ୍ରଧାନ ଓରଫ ରାହୁଲ ଏହାର ପ୍ରତିବାଦ କରିଥିଲେ। ଫଳରେ ୨ ପୂଜକ ତାଙ୍କୁ ଖଣ୍ଡା ଆଣି ଅତି ନିର୍ମମ ଭାବେ ହାଣିଥିଲେ। ସେଠାରେ ଥିବା ପୁରୁଷୋତ୍ତମପୁରର ଅନ୍ୟ ଜଣେ ଭକ୍ତ ସୁଦାମ ମହାରଣାଙ୍କୁ ମଧ୍ୟ ରାହୁଲଙ୍କ ସମ୍ପର୍କୀୟ ଭାବି ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ସାରସ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୂଜକ ରଷି ଓ ରାଜେନ୍ଦ୍ରଙ୍କୁ ଗିରଫ କରିଛି।ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି।

ମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ପୂଜକମାନେ ବାରମ୍ବାର ଏପରି ମାରପିଟ କରୁଛନ୍ତି। ମନ୍ଦିର ପାହାଡ଼ ତଳେ ପୋଲିସ ବିଭାଗ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ପାଇଁ ଏକ ବିଟ୍ ହାଉସ ଖୋଲାଯାଇଛି। ମାତ୍ର ଏହି ବିଟ୍ ହାଉସରେ ପୋଲିସ ଅଫିସରଙ୍କୁ ନିଯୁକ୍ତି ଦେବା ବଦଳରେ ମାତ୍ର ୨ଜଣ କନଷ୍ଟେବଲଙ୍କୁ ନିଯୁକ୍ତି ଦେଇ ବିଭାଗ ଚୁପ୍ ବସିଛି। ଫଳରେ ଏଠାରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଏଠାରେ ପୋଲିସ ଅଫିସରଙ୍କୁ ନିଯୁକ୍ତି ଦେଇ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଦାବି ହୋଇଛି।



**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ସେପ୍ଟେମ୍ବର ସମୟରେ ଦେଶ ମଧ୍ୟକୁ ୪୬୩.୪୪ ନିୟୁତ ଡଲାରର ଏଫ୍‌ଡିଆଇ ଆସିଛି।
– ଅର୍ଥ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଶ୍ୱ ଯୋଗ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଲେ ମଧୁସ୍ମିତା



କଟକ ଅଫିସ,୧୧।୨– ବିଶ୍ୱସ୍ତରୀୟ ଯୋଗ ପ୍ରତିଯୋଗିତାରେ ଚମକିଛନ୍ତି ଓଡ଼ିଆ ପ୍ରତିଭା। ନୂଆଦିଲ୍ଲୀସ୍ଥିତ ଆନନ୍ଦଧାମଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଯୋଗ ଚାମ୍ପିୟନଶିପ୍‌ରେ ୭ଟି ରାଷ୍ଟ୍ରର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା କଟକର ମଧୁସ୍ମିତା ସେନାପତି ୩ୟ ସ୍ଥାନ ହାସଲ କରିଛନ୍ତି। ମଧୁସ୍ମିତା ସିନିୟର ବାଳିକା ବର୍ଗରେ ଭାଗ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗଦାଧର ସେନାପତି ଓ ନୟନ ସେନାପତିଙ୍କ ସାନଝିଅ ମଧୁସ୍ମିତା ୫ବର୍ଷ ହେବ ଯୋଗ ଶିକ୍ଷା ନେଉଛନ୍ତି। ପୂର୍ବରୁ ସେ ବିଭିନ୍ନ ରାଜ୍ୟସ୍ତରୀୟ ଓ ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ସଫଳତା ହାସଲ କରିବାର ଶ୍ରେୟ ସେ ନିଜ ଗୁରୁ ଦେବାଶିଷ ହାଲ୍‌ଦାର ଓ ପରିବାରବର୍ଗଙ୍କୁ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଛଦ୍ମ ରାଷ୍ଟ୍ରବାଦକୁ ...

ମଧ୍ୟ ବିଜୟ ଲାଭ କରିଛନ୍ତି। ଅନ୍ୟପକ୍ଷେ ଭାଜପାର ବିଜେନ୍ଦର ଗୁପ୍ତା (ରୋହିଣୀ), ଓମ୍‌ପ୍ରକାଶ ଶର୍ମା (ବିଶ୍ୱାସନଗର) ବିଜୟୀ ହୋଇଥିବାବେଳେ କପିଲ ମିଶ୍ରା (ମଡେଲ ଟାଉନ), ଅଭୟ ବର୍ମା (ଲକ୍ଷ୍ମୀ ନଗର), ମୋହନ ସିଂ ବିଷ୍ଟ (କର୍‌ୱାଲନଗର) ଓ ଜିତେନ୍ଦର ମହାଜନ (ରୋହତାସ୍‌ପୁର) ପରାଜିତ ହୋଇଛନ୍ତି। କଂଗ୍ରେସର ଅଲ୍‌କା ଲାମ୍ବା (ଚାନ୍ଦନୀ ଚୌକ), ଅରବିନ୍ଦର ସିଂ ଲଭ୍‌ଲି (ଗାନ୍ଧୀନଗର) ଆସନରୁ ହାରିଯାଇଛନ୍ତି। ଏହି ବିପୁଳ ବିଜୟ ପରେ କେଜ୍‌ରିୱାଲ ଦିଲ୍ଲୀବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଏପି ମୁଖ୍ୟାଳୟରେ ସ୍ତ୍ରୀ ସୁନୀତା ଓ ଝିଅ ହର୍ଷିତାଙ୍କ ସହ ଏକ ସଭାକୁ ସମ୍ବୋଧିତ କରି କେଜ୍‌ରିୱାଲ କହିଛନ୍ତି ଯେ 'ଦିଲ୍ଲୀୱାଲେଁ, ଗଜବ କର୍‌ଦି ଆପନେ।' ବିଭାଜନବାଦୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ସକାରାତ୍ମକ ରାଜନୀତିକୁ ବିଜୟୀ କରାଇଥିବାରୁ ଆପଣମାନଙ୍କୁ ଧନ୍ୟବାଦ। ଏବେ ଏକ ନୂଆ ରାଜନୀତି ଆରମ୍ଭ ହେବାକୁ ଯାଉଛି। ତାହା ହେଉଛି କାମର ରାଜନୀତି। ସ୍ତ୍ରୀ ସୁନୀତାଙ୍କ ଜନ୍ମଦିନରେ କେଜ୍‌ରିୱାଲ ତାଙ୍କୁ ଏହି ଐତିହାସିକ ବିଜୟର ଉପହାର ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଚାଲିଥିବାବେଳେ ଦିଲ୍ଲୀ ନିର୍ବାଚନ ଆସିଥିଲା। ବିଶେଷକରି ଦିଲ୍ଲୀ ଶାହିନବାଗରେ ପ୍ରାୟ ଦୁଇମାସ ଧରି ମହିଳାମାନେ ବିକ୍ଷୋଭ କରୁଥିଲେ। ଓଖ୍‌ଲା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ବହୁଚର୍ଚ୍ଚିତ ଅଞ୍ଚଳ ଶାହିନବାଗର ମହିଳା ମତଦାତାମାନେ ଗତ ଶନିବାର ବିକ୍ଷୋଭ ଜାରି ରଖିବା ସହ ପାଳି କରି ଭୋଟ ଦେବାକୁ ଯାଇଥିଲେ। 'ଶାହିନବାଗ'କୁ ଭାଜପା ଏକ ବଡ଼ ପ୍ରସଙ୍ଗ କରିଥିଲା। ଭାଜାପା ନେତାମାନେ ଏହାକୁ ନେଇ ଏଏପିକୁ ଟାର୍ଗେଟ କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରଚାର ବେଳେ ଭୋଟରଙ୍କୁ ଆହ୍ୱାନ ଦେଇଥିଲେ, ଦିଲ୍ଲୀବାସୀ ଇଭିଏମ୍‌ର ବଟନ ଏପରି ଦବାଇବେ ଯେ କରେଣ୍ଟ ସିଧା ଯାଇ ଶାହିନବାଗରେ ଲାଗିବ। ଏପରି କି କେଜ୍‌ରିୱାଲଙ୍କୁ ଭାଜପା ନେତାମାନେ ଆତଙ୍କବାଦୀ ଆଖ୍ୟା ଦେବାକୁ ପଛାଇ ନ ଥିଲେ। ଏହାକୁ ଉଭୟ ଏଏପି ଏବଂ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଥିଲା। ଶେଷରେ ଓଖ୍‌ଲା ନିର୍ବାଚନମଣ୍ଡଳୀର ଭୋଟର ଭାଜପାକୁ ପ୍ରତ୍ୟାଖ୍ୟାନ କଲେ। ପ୍ରଚାର ଶେଷ ଆଡ଼କୁ କେଜ୍‌ରିୱାଲ ହନୁମାନ ଚାଳିଶା ପାଠ କରିବା ସହ କନ୍ନଟପ୍ଲେସର ହନୁମାନ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ଭାଜପା ନୁହେଁ, ବରଂ ଏଏପି ହିଁ ଅସଲ ହିନ୍ଦୁବାଦୀ ଓ ଦେଶଭକ୍ତ ଦଳ ବୋଲି ଏହା ଥିଲା କେଜ୍‌ରିୱାଲଙ୍କ ରାଜନୈତିକ ସଙ୍କେତ। ମୋଟାମୋଟି ଭାବେ କେଜ୍‌ରିୱାଲ ଓ ତାଙ୍କ ଦଳର ଅଧିକାଂଶ ନେତାଙ୍କ ପ୍ରଚାର ବିକାଶଭିତ୍ତିକ ଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ ଓ ଭିତ୍ତିଭୂମି ବିକାଶ ଉପରେ ଏଏପି ଗୁରୁତ୍ୱ ଦେଇଥିଲା। କେଜ୍‌ରିୱାଲ ସବୁବେଳେ କହୁଥିଲେ, ଆମ ୫ ବର୍ଷର ଶାସନକୁ ଦେଖି ଲୋକେ ଆମକୁ ଭୋଟ ଦେବେ। ପରିଣାମ ତାହା ହିଁ ହୋଇଛି। ୨୦୧୫ ବିଧାନସଭା ନିର୍ବାଚନରେ ଏଏପି ୬୭ ଆସନ ଦଖଲ କରିଥିବାବେଳେ ଏଥର ତା' ହାତରୁ ୫ଟି ଆସନ ଖସିଯାଇଛି। ଗତଥର ମାତ୍ର ୩ ଆସନ ପାଇଥିବା ଭାଜପା ଏଥର ଅଧିକ ୫ଟି ସିଟ୍ ଅକ୍ତିଆର କରିପାରିଛି। କଂଗ୍ରେସର ୬୩ ଜଣ ପ୍ରାର୍ଥୀ ସେମାନଙ୍କ ଅମାନତ ହରାଇଛନ୍ତି। ନିର୍ବାଚନ ଜିତିବା ପରେ କେଜ୍‌ରିୱାଲ ଓ ସିସୋଡିଆ ପରିବାର ବର୍ଗ ସହ କନ୍ନଟପ୍ଲେସ୍‌ର ପ୍ରସିଦ୍ଧ ହନୁମାନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି। ପରେ ଉଭୟେ ଗଣତି କେନ୍ଦ୍ରକୁ ଯାଇ ବିଜୟ ପ୍ରମାଣପତ୍ର ଆଣିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେଜ୍‌ରିୱାଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତୃତୀୟଥର ପାଇଁ ସରକାର ଗଠନ କରିବାକୁ ଯାଉଥିବା କେଜ୍‌ରିୱାଲ ଦିଲ୍ଲୀବାସୀଙ୍କ ଆଶାଆକାଂକ୍ଷା ପୂରଣ କରିବେ। ତାଙ୍କୁ ଅଭିନନ୍ଦନ ବୋଲି ମୋଦି ଟୁଇଟ୍ କରିଛନ୍ତି। ଆସନ୍ତା ୧୪ ତାରିଖରେ ଭାଲେଣ୍ଟାଇନ୍ସ ଡେ' ଅବସରରେ କେଜ୍‌ରିୱାଲ ଶପଥ ନେବେ ବୋଲି ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରାଶିଚକ୍ରର ଉତ୍ତରାର୍ଦ୍ଧରେ ଅଧିକାଂଶ ଗ୍ରହ ଥିବାରୁ ମଧ୍ୟାହ୍ନ ପରେ ପ୍ରତ୍ୟେକ କାମରେ ଶୁଭଫଳ ମିଳିବ। କାର୍ଯ୍ୟସିଦ୍ଧି, ଅର୍ଥଲାଭ ସକାଶେ ଆଲୋଚନା ମଧ୍ୟ କରିବେ। ଅଶ୍ୱିନୀ ନକ୍ଷତ୍ରର କାର୍ଯ୍ୟବ୍ୟସ୍ତତା ଯୋଗୁ ସବୁ କ୍ଷେତ୍ରରେ ଶୃଙ୍ଖଳା ରକ୍ଷା କରିବା କଷ୍ଟକର ହୋଇପାରେ। ସାହିତ୍ୟ, ସାମ୍ବାଦିକତା, କଳା ଓ ବୈଷୟିକ କ୍ଷେତ୍ରରୁ ଆଶାନୁରୂପ ଫଳ ମିଳିବ।

**ବୃଷ**
ଚନ୍ଦ୍ର ଓ ଶୁକ୍ରଙ୍କ ସୁପ୍ରଭାବରୁ ଆଜି ଯାହା କରିବେ ସବୁ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମ କ୍ଷେତ୍ରରେ ମିତ୍ରତା ସୃଷ୍ଟି କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଲାଭବାନ ହେବା ସଙ୍ଗକୁ ବିବାଦୀୟ ଘଟଣାରେ ବିଜୟୀ ହେବେ। କଳା, କ୍ରୀଡା, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବାର ସମ୍ଭାବନା ରହିଛି।

**ମିଥୁନ**
କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ଅର୍ଥ, ବନ୍ଧୁଙ୍କ ସହ ଯୋଗାଯୋଗ, ଆଦର ଅଭ୍ୟର୍ଥନାଦି ପ୍ରାପ୍ତ କରାଇବ। କିନ୍ତୁ ଆର୍ଦ୍ରା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଅସନ୍ତୁଷ୍ଟ ରହିବେ। କେତେକ କ୍ଷେତ୍ରରେ ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିପାରନ୍ତି। ପ୍ରଶାସନ, ଆଇନ, ନିର୍ମାଣ ଓ ଆନୁଷ୍ଠାନିକ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**କର୍କଟ**
ଶୁକ୍ର ଓ ଚନ୍ଦ୍ରଙ୍କ ପାରସ୍ପରିକ ଦୃଷ୍ଟି ପ୍ରଭାବରେ ଧର୍ମକାର୍ଯ୍ୟ, ଫଳପ୍ରଦ ଆଲୋଚନା, ସୁସମ୍ପର୍କ ସୃଷ୍ଟି ଓ ଅଭିଳଷିତ ଫଳ ପାଇବେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା ଓ ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ। ପୁଷ୍ୟା ନକ୍ଷତ୍ରର ପରିବାର ଭିତରେ ଭୁଲ୍ ବୁଝାମଣାରୁ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି।

**ସିଂହ**
ଆଜି ଦ୍ୱିତୀୟରେ ଚନ୍ଦ୍ର ଥିବାରୁ ମନ ଖୁସୀ ରହିବ। କିନ୍ତୁ ଅନାବଶ୍ୟକ ଖର୍ଚ୍ଚ, କ୍ଷତି, ଯାନବାହନ କିମ୍ବା ଗୃହ ମରାମତି ବାବଦରେ ଚିନ୍ତା ସୃଷ୍ଟି ହୋଇପାରେ। ଅଟକି ରହିଯାଇଥିବା ଦୀର୍ଘଦିନର କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ଚେଷ୍ଟା କରିପାରନ୍ତି। ବହୁତ ଦିନରୁ ଜମିଜମା ବିବାଦର ସମାଧାନ ସକାଶେ ଆଜି ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ।

**କନ୍ୟା**
ଲାଭାଧିପ ରାଶିରେ ରହିଥିବାରୁ ଗତକାଲି ଯାହା ଚିନ୍ତା କରିଥିଲେ ଆଜି ସେହି ଅନୁରୂପେ କରିବାରେ ଅସୁବିଧା ହେବ ନାହିଁ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ। କିନ୍ତୁ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ତୁଳା**
ନବମଭାବକୁ ତିନୋଟି ଗ୍ରହର ଦୃଷ୍ଟି ହେତୁ ଆପଣ କାମ ହାସଲ ପାଇଁ ଚେଷ୍ଟା କରିବେ ସତ, କିନ୍ତୁ ଷଷ୍ଠାଧିପଙ୍କ ଦୃଷ୍ଟି ହେତୁ ତାହା ନ ହୋଇପାରେ। କିନ୍ତୁ ସ୍ୱାତୀ ନକ୍ଷତ୍ରର ଦୃଢତା ହେତୁ କାମଗୁଡିକ ବହୁତ ତକ୍‌ଲିଫ ମଧ୍ୟରେ ହେବାର ଆଶା କରାଯାଇପାରେ। ଆତ୍ମୀୟମାନେ ଈର୍ଷାପରାୟଣ ହୋଇପାରନ୍ତି କିମ୍ବା ଅଫିସରେ ବିବାଦ ଘେରରେ ପଡ଼ିପାରନ୍ତି।

**ବିଛା**
ଆଜିର ସପ୍ତମାଧିପତି ଶୁଭଭାବସ୍ଥ ଯୋଗୁ ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା,ବିବାଦୀୟ ପରିସ୍ଥିତିର ସମାଧାନ ପ୍ରବୃତ୍ତି ସକାଶେ ଦିନଟି ଭଲ। ଚେଷ୍ଟା କରୁଥିବା କାମରେ ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ। ଜମିଜମା କିଣାବିକା କିମ୍ବା ବ୍ୟବସାୟିକ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ଧନୁ**
ଦ୍ୱିତୀୟରେ ଶନି ଓ ରାଶିରେ ଏକାଧିକ ଗ୍ରହ ଯୋଗୁ ପୂର୍ବରୁ ରହିଥିବା ସମସ୍ୟାଗୁଡିକ ଆପଣାଛାଏଁ ସମାଧାନ ହୋଇଯିବ। ମିତ୍ରମାନେ ମିଠା କଥା କହି ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କିନ୍ତୁ ଆପଣଙ୍କର ଅଭାବ, ଅସୁବିଧା ଓ ମନର ଦୁଃଖକୁ ସହକର୍ମୀଟି ବୁଝିପାରିବ ନାହିଁ। ସାମୟିକ ପେଟ ରୋଗରେ ପୀଡିତ ହେବାର ଆଶଙ୍କା ଦେଖାଦେଇପାରେ।

**ମକର**
ରାଶିରେ ରବି ଓ ଶନି ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତା ଓ ଭାବନା ଉଦ୍ରେକ ହେବ। ତଥାପି ନୂତନ କର୍ମାରମ୍ଭ, ଆନୁଷ୍ଠାନିକ କାମ ଓ ପରିବାରର ଆବଶ୍ୟକୀୟ ଜିନିଷ ପାଇଁ ବେଶି ହଇରାଣ ହେବାକୁ ପଡିବ ନାହିଁ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

**କୁମ୍ଭ**
ମଙ୍ଗଳଙ୍କ କୁପ୍ରଭାବରୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ସବୁ କାମ ଡେରିରେ ହେବା କାରଣରୁ ମାନସିକ ସ୍ଥିତି ମାନ୍ଦା ରହିବ। ଏଣେ ଅଭାବ, ଋଣବାଡି, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ମଧ୍ୟ ଭଲ ରହିବ ନାହିଁ। ଧନିଷ୍ଠା ନକ୍ଷତ୍ର ସାମାଜିକ ସ୍ତରରେ କୌଣସି କାମରେ ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ମୀନ**
ଅଷ୍ଟମଚନ୍ଦ୍ର ପ୍ରଭାବରେ ବହୁତ ଚେଷ୍ଟା କଲେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ଅବସାଦଯୁକ୍ତ ହେବେ। ଅବଶ୍ୟ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ହଜି ଯାଇଥିବା ଜିନିଷର ଖୋଜ ଖବର ପାଇବା ସହ ପିଲା ମାନଙ୍କ ସକାଶେ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ବୁଧବାର, ଫେବୃୟାରୀ ୧୨ ତାରିଖ, ରାଶି ନକ୍ଷତ୍ର–ଉତ୍ତରାଫାଲ୍‌ଗୁନୀ/କନ୍ୟା, ଦିବା ଘ.୧୨ ।୩୩ମି. ଗତେ, ତୁଳାଚନ୍ଦ୍ର, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମାସାନ୍ତ, ଦିବା ଘ.୧୦ ।୦୭ମି. ଗତେ ଘ.୧୧ ।୩୮ମି. ମଧ୍ୟେ ଅମୃତବେଳା। ଦିବା ଘ.୭ ।୫୦ମି. ଗତେ ଘ.୧୦ ।୩୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୨ ।୦୧ମି. ଗତେ ଘ.୧ ।୨୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302





**BRIDE WANTED**

For M.Tech, (IIT Bombay), Internship (Steinbeis University Germany) Qualified Commander in Indian Navy. Contact- +919438183860. D-16583

୩୨ବର୍ଷ/ ୫ଫୁଟ ୬ଇଞ୍ଚ/ **M.Tech, KIIT ରୁ Ph.D, NIT Patnaରୁ କରି VIT-AP** ୟୁନିଭର୍ସିଟିରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ସୁନ୍ଦର ତେଲି ଯୁବକଙ୍କ ପାଇଁ ଗୌରବର୍ଣ୍ଣା ଗ୍ରାଜୁଏଟ ବା ତଦୂର୍ଦ୍ଧ ପାତ୍ରୀ ଆବଶ୍ୟକ। **9771857180, 9939028465.** D-16606

Khandayat boy 6'0", 1989, B.Tech, 6/3 service at BOI wanting for only Banking tall and beautiful girl, 9040120506, 7608969523. D-67535

Handsome Khandayat boy 30, Govt Job, Sr.Asst BBSR.9090703282. D-16605

Wanted Khandayat Bride, 5'5", Age-(within 30years), fair, slim, Post Graduate, for the Groom 43years, 5'8", MBA, LLB, having Construction Business in Bhubaneswar. Contact-9861022055, 9938219397. D-16609

Son Age 29 B.Tech NIT MBA XIMB Working Senior Manager at Bangalore 30 lakhs cast Karan 8144589551. D-16612

Wanted any Karan Bride divorcee-Medicine MR candidate issueless age 36. Contact: 8144731843. D-16607

**GROOM WANTED**

Suitable Groom wanted for Karan girl, 28 M.Sc. (Physics) B.Ed., faculty in Sailabala womens college. Contact: 8917285133 . D-16663

Brahmin beautiful girl 5'4", 1992, 24/11 Plastic Surgery Doctor at Ludhiana wanting for Delhi, Hariyana, Punjab Bramhin boys, 9040120506, 7608969523. D-67536

ଜାତିବନ୍ଧନ ନାହିଁ। 38, 5'.4", M.Sc, B.Ed, Govt. Lecturer ମାସିକ ଆୟ 45,000/- ପାଇଁ ଅବିବାହିତ, ବିପତ୍ନୀକ, ଘରଜ୍ୱାଇଁ ବର ଗ୍ରହଣୀୟ ହେବେ। 8462050474. D-16610

Beautiful Khandayat girl 5'6", B.Tech, 1994, 2/1 and 5'4", 1988, MBA, 20/9 wanting for Govt/ Softwere tall boys, 9040120506, 7608969523. D-67534

Now Matrimonial ads. only on Wednesday & Sunday Book 1 Get 1 FREE





**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/outrightରେ) ମିଳୁଅଛି। 9937025614, 7008390130.** D-68480

1300sqft. gharabari plot at Dumduma near Jadupur yellowzone, price 29 lakh. Contact: 9861234908. D-68994

1550sqft. gharabari plot for sale near Palasuni Canal Road, Bhagabat Sandhan, Bhubaneswar Price 52 lakh, 9861234908. D-68997

ଭୁବନେଶ୍ୱର କଟଣୀଗେଟ୍ଠାରେ **Sqft.200/-,** ବାଳକାଟି ବଜାରରୁ **2k.m Sqft.550/-** (ଘରବାରି) କଟକ ତ୍ରିଶୁଳିଆରୁ **4k.m Sqft.300/-ରେ** ପ୍ଲଟ୍ ମିଳୁଛି। **9348020724, 7978939440.** D-68472

Book 3BHK duplex having land area 1400 sqft and construction area 2100 sqft, At - Nandan Vihar, Patia, Bhubaneswar. Price - 77 Lakhs, 9861234908. D-68995

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68766

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar.** D-16228

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

ଭୁବନେଶ୍ୱର **AIIMS Medical** ଠାରେ **30'** ରାସ୍ତାଥାଇ **yellowzone,** ଘରବାରି, **boundary plot** ମିଳୁଅଛି। **1st possession/ registration- 9937819395.** D-68481

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

Bhubaneswar ଏୟାରପୋର୍ଟରୁ 7km. ଦୂରରେ 1500sqft. ଘରବାରି ପ୍ଲଟ୍ 13,50,000/-, ନେଇ ଘରକରନ୍ତୁ। Contact: Pinky 6370476317. D-68577

ଭୁବନେଶ୍ୱର ଜଟଣୀଗେଟ୍ଠାରେ **sqft-185/-, SC plot sqft-120/-,** ନଖରା **SC plot sqft-390/- IIT** ଅରଗୁଳ **sqft-120/-, immediate possession/ registration, 8144706560, 7750909843.** D-68488

Gharabari plot for sale at Balianta 450/-per. sqft., 900/-per. sqft. at KEC, Near Uttara. Mob- 7978671993. D-16643

ଭୁବନେଶ୍ୱର କୁହା ମୌଜାରେ ଘରବାରି ପ୍ଲଟ୍ 1500sqft. 13,50,000/-, କିଣି ଆଜି ଘରକରନ୍ତୁ। Investment plot near Xavier University 3,00,00/-, 9853150290. D-68579

Book Duplex opposite Hyundai Showroom, Tamando, RERA, SBI approved, 7978584549. D-68999

ଫୁଲନଖରାଠାରୁ 1.5k.m DPS ପାଖରେ ଘରବାଡି ହୋଇଥିବା 1500sqft. plot immediately sale. 9237121875, 7504500090. D-68580

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68787





**Residential flat at Ratna Residency 1st floor near Postal Depot, Satya Nagar, Bhubaneswar. 3BHK with drawing, dining, kitchen & Puja room, 3sets of toilets & balconies, garage space, lift fitted. Contact: 9338247620, 9437096720. Between 10AM-1PM & 6PM-9PM.** D-16661

A/C halls ground floor 1500 sqft. and first floor 2500 sqft. suitable for Educational Institutes/ Offices at Patia near DLF Cybercity. Contact: 9437068052. D-16585

**Commercial space for rent at Lane-9, Bapujee Nagar, Bhubaneswar, Ground- 2000sqft., First- 2200sqft., Second- 2200sqft. Parking, Lift & DG. Contact- 9338554697.** D-16641





Shivam logistic packers movers. Household/ car relocation countrywide. 9777044177, 9338461133. D-16351





Ayurvedic full body massage ladies and gents. Contact: 9861064981. D-68778

Sai herbal spa refresh your body with smart, expert therapist. 7608062524. D-68991

Kasturi massage club, fully relaxed by expert lady, home service: 9178845612. D-68779

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Ayurvedic refreshment massage therapy refresh mind and body. Appointment: 7894855541. D-68583

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment-9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204





Kalia Agarbati Co. ଓଡ଼ିଶାର ଏକ ସର୍ବପୁରାତନ ଅଗରବତୀ ଅନୁଷ୍ଠାନ। ଶୁଦ୍ଧ ଝୁଣାବତୀ, ରଙ୍ଗୀନ ବତୀ ଓ କଳାବତୀ ପାଇଁ ଯୋଗାଯୋଗ କରନ୍ତୁ, Phone: 9437211076, Bhubaneswar. D-16660

୪୯୯୯/– ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575

**AFFIDAVIT**

By virtue of an affidavit on 06.09.19 before Executive Magistrate, Puri, I changed my name from 'Maheswar Behera' to 'Maheswar Pradhan' for all purposes. D-68818


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



"ମୋ ଜନ୍ମଦିନରେ ଏଏପିର ନିର୍ବାଚନୀ ସଫଳତା ଖୁସିକୁ ଦ୍ୱିଗୁଣିତ କରିଛି। ଏହା ମୋ ପାଇଁ ସବୁଠାରୁ ବଡ଼ ଉପହାର। ଏହା ସତ୍ୟର ବିଜୟ। ରାଜନୀତି ପ୍ରସଙ୍ଗଭିତ୍ତିକ ହେବା ଉଚିତ। ଲୋକଙ୍କ ବିଶ୍ୱାସଭାଜନ ହେବା ନିହାତି ଜରୁରୀ ।
- ସୁନୀତା କେଜ୍‌ରିୱାଲ



# ୟୁରୋପ ଜାଣୁ ଚାଇନା କ'ଣ

ୟୁରୋପର ଜନସାଧାରଣ, ୟୁରୋପର ରାଜନେତା କିମ୍ବା ବ୍ୟବସାୟୀମାନେ କେହି ବି ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ଧମକକୁ ସମ୍ପୂର୍ଣ୍ଣ ଭାବେ ବୁଝିପାରୁନାହାନ୍ତି। ଯଦିଓ ଏକଚ୍ଛତ୍ରବାଦୀ ଜିନ୍‌ପିଙ୍ଗ୍ ଚାଇନାକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ନିଜ ଦେଶକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିଛନ୍ତି, ତଥାପି ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଚାଇନାକୁ ପ୍ରାରମ୍ଭରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ସହଯୋଗୀ ମାନ୍ୟତା ଦେଇଛନ୍ତି। ଜିନ୍‌ପିଙ୍ଗ୍ ରାଷ୍ଟ୍ରପତି ଓ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ସାଧାରଣ ସମ୍ପାଦକ ହେବା ପରଠୁ ଯେଉଁ ମୂଲ୍ୟବୋଧ ଆଧାରରେ ୟୁରୋପୀୟ ସଂଘ (ଇୟୁ) ଗଢ଼ି ଉଠିଥିଲା, ତାହାକୁ ବିରୋଧ କରାଯାଉଛି। ହେଲେ ଇୟୁରୁ ନିଜକୁ ଅଲଗା କରିବାକୁ ପ୍ରସ୍ତୁତ ବ୍ରିଟେନ୍ ଜିନ୍‌ପିଙ୍ଗଙ୍କୁ କୋଳେଇ ନେବା ଲାଗି ଅଧିକ ଆଗ୍ରହ ଦେଖାଇଛି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ଶନ ଶୀଘ୍ର ଇୟୁରୁ ଅଲଗା ହୋଇ ଏକ ମୁକ୍ତ ଅର୍ଥନୀତି ଆପଣାଇବାକୁ ଅଧିକ ଆଗ୍ରହୀ। ସେଥିପାଇଁ ସେ ଚାଇନା ଆଡ଼କୁ ଢଳି ସମ୍ଭାବ୍ୟ ସହଯୋଗୀ ହେବାକୁ ଚାହୁଁଛନ୍ତି। ଅନ୍ୟପଟେ ଚାଇନା ଓ ଆମେରିକା ବାଣିଜ୍ୟ ଯୁଦ୍ଧ ଦୁଇ ଦେଶ ମଧ୍ୟରେ ତିକ୍ତଭାବ ସୃଷ୍ଟି କରିଛି। ସେଥିଲାଗି ଟ୍ରମ୍ପ ପ୍ରଶାସନ ଚାଇନାର ପ୍ରମୁଖ ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ହୁଆୱେଇ' ସମେତ ଅନେକ କମ୍ପାନୀର ଦ୍ରବ୍ୟ ବ୍ୟବହାର କରିବା ଉପରେ ନିଷେଧାଦେଶ ଜାରି କରିଛି। ଉଲ୍ଲେଖଯୋଗ୍ୟ, ହୁଆୱେଇ ଏବେ ବିଶ୍ୱରେ ଅନ୍ୟତମ ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଭାବେ ଉଭା ହୋଇଛି। ଏହାର ପ୍ରତିଷ୍ଠାତା ରେନ୍ ଝେଙ୍ଗଫେଇ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ଠାରୁ ବୈଷୟିକ ଶିକ୍ଷା ଗ୍ରହଣ କରିଥିଲେ। ଆଜି କମ୍ପାନୀକୁ ସର୍ବୋଚ୍ଚ ସ୍ତରକୁ ନେଇପାରିଥିବାରୁ ପିଏଲ୍‌ଏ ଏହାର ବୃହତ୍ ଖାଉଟି ପାଲଟିପାରିଛି। ୧୯୮୭ରେ ଯେତେବେଳେ ହୁଆୱେଇ ପ୍ରତିଷ୍ଠା ହେଲା,



ଜର୍ଜ ସୋରସ୍

ସେତେବେଳେ ଏହାର ପ୍ରଯୁକ୍ତିବିଦ୍ୟାକୁ ରେନ୍ ବିଦେଶରୁ ମଗାଉଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଗବେଷକଙ୍କ ସହାୟତାରେ ଏହାକୁ ବିକଶିତ କରିବାରେ ସଫଳ ହୋଇଥିଲେ। ୧୯୯୩ ବେଳକୁ ଚାଇନାର ସବୁଠାରୁ କ୍ଷମତାସମ୍ପନ୍ନ ଟେଲିଫୋନ୍ ସୁଇଚ୍ ହୁଆୱେଇ ଦ୍ୱାରା ଉପଲବ୍ଧ ଥିଲା। ଏବେ ପିଏଲ୍‌ଏର ବରାଦ ଅନୁଯାୟୀ ପ୍ରଥମ ଜାତୀୟ ଟେଲିକମ୍ୟୁନିକେଶନ ନେଟ୍‌ୱର୍କ ସ୍ଥାପନ ଲାଗି ହୁଆୱେଇ ଚୁକ୍ତି କରିଛି। ୨୦୦୫ରେ ହୁଆୱେଇର ରପ୍ତାନି ନିଜ ଦେଶରେ ବ୍ୟବହୃତ ଦ୍ରବ୍ୟକୁ ଟପିଯାଇଥିଲା। ଫଳରେ ୨୦୧୦ରେ ଏହା ଫର୍ଚ୍ଚୁନ୍ ପତ୍ରିକାର ୫୦୦ ବୃହତ୍ କମ୍ପାନୀ ତାଲିକାରେ ସାମିଲ ହୋଇଥିଲା।

ସେପଟେ ଇୟୁ ବର୍ତ୍ତମାନ ଜଳବାୟୁ ପରବର୍ତ୍ତନଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ୟୁରୋପୀୟ ସପକ୍ଷବାଦୀ ମତ ଦେଉଛନ୍ତି। କିନ୍ତୁ ବଜେଟକୁ ନେଇ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପରସ୍ପର ମଧ୍ୟରେ ଲଢ଼େଇ କରୁଛନ୍ତି। ସମ୍ପର୍କ ବଜାୟ ରଖିବା ଅପେକ୍ଷା ସେମାନେ ଜିନ୍‌ପିଙ୍ଗଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ୫ଜି ବଜାର ଉପରେ ହୁଆୱେଇର ଆଧିପତ୍ୟ ରହିଛି। ଆମେରିକା-ଇୟୁ କିମ୍ବା କେବଳ ଇୟୁ ହୁଆୱେଇ ବିରୋଧରେ ନ ଯାଇ ଏରିକ୍‌ସନ୍ ଓ ନୋକିଆ କମ୍ପାନୀକୁ ସୁଦୃଢ଼ କରିବା ଉଚିତ। ଆସନ୍ତା ସେପ୍ଟେମ୍ବରରେ ଜିନ୍‌ପିଙ୍ଗ୍ ଇୟୁ ସଦସ୍ୟ ରାଷ୍ଟ୍ରମୁଖ୍ୟ ସମୂହଙ୍କୁ ଭେଟିବାର ଅଛି। ତିବ୍ବତ, ଜିନ୍‌ଜିଆଙ୍ଗ ଏବଂ ହଂକଂରେ ମାନବାଧିକାର ସୁରକ୍ଷାରେ ବିଫଳତା ସମ୍ପର୍କରେ ପ୍ରଶ୍ନ କରା ନ ଗଲେ ଏହା ଜିନ୍‌ପିଙ୍ଗଙ୍କ ପାଇଁ ଏକ ଜରୁରୀ ରାଜନୈତିକ ବିଜୟ ଆଣିଦେବ। ଏ କଥା ୟୁରୋପୀୟମାନେ ବୁଝିବା ଦରକାର। ଜିନ୍‌ପିଙ୍ଗଙ୍କ ଭବିଷ୍ୟତ କେବଳ ଚାଇନାର ନେତୃବୃନ୍ଦ ସ୍ଥିର କରିପାରିବେ। କରୋନା ଭୂତାଣୁ ମାଡ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣାଧୀନ କରିବା ସମୟରେ ପରିଚାଳନାଗତ ଭୁଲ ଏତେ ଦୃଶ୍ୟମାନ ହେଉଛି ଯେ, ଚାଇନାବାସୀ ତଥା ପଲିଟ୍ ବ୍ୟୁରୋ ବୁଝିବା ଦରକାର। ଜିନ୍‌ପିଙ୍ଗଙ୍କ ରାଜନୈତିକ ଉତ୍ଥାନ ପାଇଁ ଇୟୁ ଜାଣିଶୁଣି ପ୍ରଶ୍ରୟ ଦେବା ଅନୁଚିତ।

## ଅମାନତ ହରାଇଲେ ୬୩ କଂଗ୍ରେସ ପ୍ରାର୍ଥୀ

### ଇସ୍ତଫା ଦେଲେ ଦିଲ୍ଲୀ ସଭାପତି



ନିର୍ବାଚନରେ କଂଗ୍ରେସକୁ ୫ ପ୍ରତିଶତରୁ କମ୍ ଭୋଟ ମିଳିଥିବାବେଳେ ୬୩ ପ୍ରାର୍ଥୀ ଅମାନତ ହରାଇଛନ୍ତି। ଶିଳା ଦୀକ୍ଷିତଙ୍କ ନେତୃତ୍ୱରେ ଦିଲ୍ଲୀକୁ ୧୫ ବର୍ଷ ଶାସନ କରିଥିବା କଂଗ୍ରେସ କ୍ରମାଗତ ଦ୍ୱିତୀୟ ଥର ଲାଗି ଖାତା ଖୋଲିପାରିନାହିଁ। ଏପରିକି ଦିଲ୍ଲୀ କଂଗ୍ରେସ ସଭାପତି ସୁଭାଷ ଚୋପ୍ରାଙ୍କ ଝିଅ ଶିବାନୀ ମଧ୍ୟ କାଲକାଜି ଆସନରେ ଅମାନତ ହରାଇଛନ୍ତି। କେବଳ ଅରବିନ୍ଦର ସିଂ ଲଭ୍‌ଲି, ଦେବେନ୍ଦର ଯାଦବ ଓ ଅଭିଷେକ ଦତ୍ତ ଅମାନତ ରକ୍ଷା କରିପାରିଛନ୍ତି। ଭାଜପା ୮ ଆସନ ଜିତିଥିବାବେଳେ ଏହାର ଭୋଟହାର ୩୯ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୫ ବିଧାନସଭା ନିର୍ବାଚନରେ ଭାଜପା ୩ଟି ଆସନରେ ବିଜୟୀ ହେବା ସହ ୩୨.୧୯ ପ୍ରତିଶତ ଭୋଟ ପାଇଥିଲା।

ଅନ୍ୟପକ୍ଷରେ ଶୋଚନୀୟ ପରାଜୟ ପରେ କଂଗ୍ରେସ ଦିଲ୍ଲୀ ଶାଖା ସଭାପତି ପଦରୁ ସୁଭାଷ ଚୋପ୍ରା ଇସ୍ତଫା ଦେଇଛନ୍ତି। ସେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପାଖକୁ ପଠାଇଥିବା ଇସ୍ତଫାପତ୍ରରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରିଛନ୍ତି। କ୍ରମାଗତ ଦ୍ୱିତୀୟ ଥର ଲାଗି କଂଗ୍ରେସ ଦିଲ୍ଲୀରେ ଖାତା ଖୋଲିବାକୁ ସକ୍ଷମ ହୋଇପାରି ନାହିଁ।

## ଭାଜପାରେ ମିଶିବ ବାବୁଲାଲଙ୍କ ଦଳ

ରାଞ୍ଚି,୧୧।୨(ଆଇଏଏନ୍‌ଏସ୍)



ଭାରତୀୟ ଜନତା ପାର୍ଟି (ଭାଜପା)ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାର୍ଣ୍ଡିଙ୍କ ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା (ଜେଭିଏମ୍-ପି) ମିଶିବାକୁ ଯାଉଛି। ଏନେଇ ମାର୍ଣ୍ଡି ମଙ୍ଗଳବାର ଘୋଷଣା କରିଛନ୍ତି। ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦଳର କାର୍ଯ୍ୟକାରିଣୀ ପକ୍ଷରୁ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ୧୭ରେ ରାଞ୍ଚିସ୍ଥିତ ପ୍ରଭାତ ତାରା ମଇଦାନରେ ଆନୁଷ୍ଠାନିକ ଭାବେ ମିଶ୍ରଣ ପର୍ବ ହେବାକୁ ଥିବାବେଳେ ଏଥିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଯୋଗଦେବେ।

## ୨୪ରେ ଆସିବେ ଟ୍ରମ୍ପ୍ ଦମ୍ପତି

ନୂଆଦିଲ୍ଲୀ,୧୧।୨(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ତଥା ଫାଷ୍ଟ ଲେଡି ମିଲେନିଆ ଟ୍ରମ୍ପ୍ ଆସନ୍ତା ୨୪ ଓ ୨୫ରେ ଭାରତ ଗସ୍ତରେ ଆସିବେ। ଟ୍ରମ୍ପଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରିବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତବର୍ଷ ସାଧାରଣତନ୍ତ୍ର ଦିବସରେ ଟ୍ରମ୍ପଙ୍କୁ ମୁଖ୍ୟ ଅତିଥି କରିବା ପାଇଁ ଭାରତ ନିମନ୍ତ୍ରଣ କରିଥିଲା। ତେବେ ତାଙ୍କର ଅନ୍ୟ କାମ ଯୋଗୁ ସେ ଏହି ଉତ୍ସବରେ ଯୋଗଦେଇପାରି ନ ଥିଲେ। ଗତବର୍ଷ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଥିଲେ। ସେତେବେଳେ ସେ ଟ୍ରମ୍ପ୍ ଓ ତାଙ୍କ ପରିବାରକୁ ଭାରତ ଗସ୍ତରେ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ଟ୍ରମ୍ପ୍ ଓ ମିଲେନିଆ ଦିଲ୍ଲୀ ଓ ଅହମଦାବାଦରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ମୋଦି ଓ ଟ୍ରମ୍ପଙ୍କ ସମୟରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ଆତଙ୍କବାଦ ନିରୋଧୀ କାର୍ଯ୍ୟକ୍ରମରେ ଦୁଇଦେଶର ସମ୍ପର୍କ ବୃଦ୍ଧି ପାଇଛି।



## ସୁପ୍ରିମକୋର୍ଟ ଗଲେ ବିନୟ୍ ଶର୍ମା

ନୂଆଦିଲ୍ଲୀ,୧୧।୨(ପି.ଟି.)

ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ବିନୟ ଶର୍ମା ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଷ୍ଟ୍ରପତି ତାଙ୍କ ରାଜକ୍ଷମା ଆବେଦନ ଖାରଜ କରିବା ପରେ ବିନୟ ଏହାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ଅତି ତରବରିଆ ଭାବେ ମର୍ସି ପିଟିଶନକୁ ଖାରଜ କରି ସମ୍ବିଧାନର ଉଲ୍ଲଂଘନ କରାଯାଇଥିବା ଏଥିରେ ଦର୍ଶାଯାଇଛି। ବିନୟଙ୍କୁ ମିଳିଥିବା ଫାଶୀ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡାଦେଶରେ ପରିବର୍ତ୍ତିତ କରିବା ପାଇଁ ଏଥିରେ ସେ ଅନୁରୋଧ କରିଛନ୍ତି।



## ଗ୍ରାମ୍ୟ ନ୍ୟାୟାଳୟ ବିଳମ୍ବକୁ ନେଇ ରାଜ୍ୟକୁ ସୁପ୍ରିମକୋର୍ଟ ଝଟକା

ନୂଆଦିଲ୍ଲୀ,୧୧।୨

ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନକୁ ନେଇ ଏକ ପିଟିଶନ ଉପରେ ସତ୍ୟପାଠ ଦାଖଲରେ ବିଳମ୍ବ କରିଥିବା ଓଡ଼ିଶା ସରକାରଙ୍କ ଉପରେ ସୁପ୍ରିମକୋର୍ଟ ୧ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିଥିଲେ। ଅର୍ଥଦଣ୍ଡରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର କରିଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଅଗ୍ରାହ୍ୟ କରିଦେଇଛନ୍ତି। ଫଳରେ ରାଜ୍ୟ ସରକାରଙ୍କୁ ଶକ୍ତ ଝଟକା ଲାଗିଛି। ବିଚାରପତି ଏନ୍.ଭି. ରମାନା, କ୍ରିଷ୍ଣା ମୁରାରି ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ଓ ଛତିଶଗଡ଼ର ଜରିମାନା ଛାଡ଼ ଆବେଦନକୁ ଖାରଜ କରିଦେବା ସହ ଯେଉଁ ରାଜ୍ୟମାନେ ଏକ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିନାହାନ୍ତି ସେମାନଙ୍କ ଜରିମାନା ପରିମାଣକୁ ଦ୍ୱିଗୁଣିତ କରିଛନ୍ତି। ସବୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ ପାଇଁ ନିର୍ଦ୍ଦେଶ ଦେବାକୁ ନ୍ୟାଶନାଲ ଫେଡେରେଶନ ଅଫ ସୋସାଇଟିଜ୍ ଫର ଲାଷ୍ଟ ଜଷ୍ଟିସ୍ ପକ୍ଷରୁ ପିଟିଶନ ଦାଏର ହୋଇଥିଲା। ଗ୍ରାମାଞ୍ଚଳ ଲୋକଙ୍କୁ ଶୀଘ୍ର ଓ ସୁବିଧାରେ ନ୍ୟାୟ ଯୋଗାଇଦେବା ପାଇଁ ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ ନିମନ୍ତେ ୨୦୦୮ରେ ପାର୍ଲାମେଣ୍ଟରେ ବିଲ୍ ଗୃହୀତ ହୋଇଥିଲା।

## ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ସରିଲା

**ନୂଆଦିଲ୍ଲୀ,୧୧।୨:** ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ଏଥିସହିତ ଲୋକ ସଭାକୁ ମୁଲତବୀ ଘୋଷଣା କରିଯାଇଛି। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୨ରୁ ଆରମ୍ଭ ହୋଇ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ଉଭୟ ଗୃହକୁ ସମ୍ବୋଧିତ କରିଥିଲେ। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ କରିଥିଲେ।

HIGHEST PAYOUT FOR YOUR GOLD
CASH n GOLD
ISO 9001:2015 Certified Company
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
● ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ ।
● ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ।
Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

ACHARYA HARIHAR SISHU BHAWAN
At/P.O.- Sakhigopal, P.S.- Satyabadi, Dist - Puri
**Advertisement No. - 01** **Date: 11.02.2020**
Applications are invited from eligible candidates for different posts on purely contractual basis and process of engagement as laid down in the resolution No. 4307/WCD-CW-MISC-0227/2014-WCD of Dt.04.03.2015 issued by Women and Child Development Department, Govt. of Odisha regarding "Revised guidelines for Grant in Aid to registered Child Care Institutions and use thereof.
Eligible candidates may submit their applications with all required enclousers complete in every respect addressed to **District Child Protection Officer, District Child Protection Unit, Infront of Sea Beach Police Station, Acharya Harihar Square, Puri - 752001** latest by 5 P.M. of Dt.27.02.2020 by Speed Post or Registered Post only. Separate application in sealed cover has to be submitted for each post quoting the position applied for on the top of the envelope. Application received after due date or time will be rejected. The selected candidates shall be the staff of this Children's Home. The offer of engagement will be issued by the Children's Home/the Management concerned. The authority reserves rights to cancel the advertisement or any post without assigning any reason thereof. Selection of candidates will be made on the basis of marking as per the weightage. The details of eligibility criteria, application form, other term and conditions are available in the district website **www.puri.nic.in**.
**Sd./- Secretary**
**Acharya Harihar Sishu Bhawan,**
**Sakhigopal**

## ବ୍ରଜେଶଙ୍କ ସମେତ ୧୨ ଜଣଙ୍କୁ ଆଜୀବନ ଜେଲ

ନୂଆଦିଲ୍ଲୀ,୧୧।୨(ପି.ଟି.)

ବିହାରର ମୁଜାଫରପୁର ଜିଲାରେ ଶେଲ୍ଟର ହୋମ୍ ଯୌନ ନିର୍ଯାତନା ମାମଲାର ଶୁଣାଣି କରି ଦିଲ୍ଲୀର ଏକ ଅଦାଲତ ବ୍ରଜେଶ ଠାକୁରଙ୍କ ସମେତ ୧୨ ଜଣଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି। ଅତିରିକ୍ତ ଦୌରାଜଜ୍ ସୌରଭ କୁଳଶ୍ରେଷ୍ଠଙ୍କ ଅଦାଲତ ଜାନୁୟାରୀ ୨୦ରେ ବ୍ରଜେଶ ଓ ଅନ୍ୟମାନଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ବିହାର ପିପୁଲ୍ସ ପାର୍ଟି (ବିପିପି)ରୁ ବିଧାନସଭା ନିର୍ବାଚନ ଲଢ଼ି ହାରିଯାଇଥିବା ବ୍ରଜେଶଙ୍କ ନାଁରେ ଯୌନ ଉତ୍ପୀଡ଼ନ ସମେତ ପୋକ୍ସୋ ଆଇନର ଧାରା ୬, ବଳାତ୍କାର ଓ ଗଣବଳାତ୍କାର ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଏଥିସହିତ ଅପରାଧ ଷଡ଼ଯନ୍ତ୍ର, ବିପଜ୍ଜନକ ଅସ୍ତ୍ରରେ ଆକ୍ରମଣ କରିବା, ଶିଶୁଙ୍କ ପ୍ରତି ନିଷ୍ଠୁରତା ଆଦି ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇଥିଲେ।

### ଶେଲ୍ଟର ହୋମ୍ ମାମଲା

INDIAN PORT RAIL & ROPEWAY CORPORATION LIMITED
(Formerly Indian Port Rail Corporation Ltd.)
SAGARMALA
TENDER NOTICE
IPRCL invites e-tenders for
Tender No.: 1) IPRCL/BBS/PROJ./ BD/01/2020:- "Construction of second exit Road cum Flyover at Paradip as part of additional port connectivity from National Highway."
2) IPRCL/BBS/PROJ./ BD/02/2020: "Construction of a Road cum Flyover crossing the BOT Rail Tracks to have unobstructed access to the MCHP areas". Bidding documents are available for downloading on the website www.etenders.gov.in/eprocure/app. Any corrigendum/addendum would be hosted on the above website only.

## କେମିତି ରହିବ ଆଜିର ପାଗ





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଥଣ୍ଡା ଅନୁଭୂତ ହେବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୯ | ୧୧.୨ |
| ଚାନ୍ଦବାଲି | ୨୭.୪ | ୧୨.୮ |
| କଟକ | ୨୭.୬ | ୧୧.୪ |
| ପାରାଦୀପ | ୨୬.୦ | ୧୪.୬ |
| ଭୁବନେଶ୍ୱର | ୨୮.୪ | ୧୨.୯ |
| ଗୋପାଳପୁର | ୨୮.୨ | ୧୭.୩ |
| ପୁରୀ | ୨୬.୬ | ୧୫.୪ |
| ଅନୁଗୋଳ | ୨୭.୭ | ୮.୦ |
| ବାରିପଦା | ୨୭.୦ | ୧୧.୪ |
| ଝାରସୁଗୁଡ଼ା | ୨୭.୬ | ୯.୬ |
| କେନ୍ଦୁଝର | ୨୫.୪ | ୯.୮ |
| ସମ୍ବଲପୁର | ୨୮.୧ | ୧୦.୨ |
| ସୁନ୍ଦରଗଡ଼ | ୨୭.୦ | ୧୧.୦ |
| ହୀରାକୁଦ | ୨୮.୨ | ୧୧.୭ |
| ତାଳଚେର | ୨୭.୬ | ୧୩.୪ |
| ଭବାନୀପାଟଣା | ୨୮.୦ | ୧୨.୦ |
| ବଲାଙ୍ଗୀର | ୨୭.୭ | ୧୪.୦ |
| କୋରାପୁଟ | ୨୭.୦ | ୧୩.୬ |
| ଫୁଲବାଣୀ | ୨୬.୦ | ୧୧.୩ |
| ଟିଟିଲାଗଡ଼ | ୨୮.୪ | ୧୦.୬ |
| ମାଲକାନଗିରି | ୩୦.୮ | ୧୯.୦ |
| ସୋନପୁର | ୨୭.୪ | ୮.୦ |
| ଦାରିଙ୍ଗିବାଡ଼ି | ୨୫.୫ | ୧୦.୦ |

ଡିଗ୍ରୀ ସେଲ୍‌ସିୟସ୍

## ପରାଜୟକୁ ମାନିନେଲା ଭାଜପା

ନୂଆଦିଲ୍ଲୀ,୧୧।୨

ଦିଲ୍ଲୀବାସୀଙ୍କ ଜନାଦେଶକୁ ଭାଜପା ମାନିନେଇଥିବା ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ତାଙ୍କ ଦଳ ବିଧାନସଭାରେ ଗଣନମୂଳକ ବିରୋଧୀ ଦଳର ଭୂମିକା ନିଭାଇବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିର୍ବାଚନରେ ବିଜୟ ପାଇଁ ଅରବିନ୍ଦ କେଜ୍‌ରିୱାଲ ଏବଂ ଏଏପିକୁ ନଡ୍ଡା ଅଭିନନ୍ଦନ ଜଣାଇ ନୂଆ ସରକାର ଜାତୀୟ ରାଜଧାନୀ ସର୍ବାଙ୍ଗୀଣ ଉନ୍ନତି ପାଇଁ କାର୍ଯ୍ୟ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ଦଳ ପାଇଁ ଦିନରାତି କାର୍ଯ୍ୟ କରିଥିବା ଭାଜପା କର୍ମୀମାନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

ସେହିପରି ଦିଲ୍ଲୀ ଭାଜପା ସଭାପତି ମନୋଜ ତିୱାରୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଓ ତାଙ୍କ ଦଳର ବିଜୟ ପାଇଁ ଅଭିନନ୍ଦନ ଜଣାଇବା ସହ ଭୋଟରମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

### ଇତିହାସର ଆଇନାରେ | ଫେବୃୟାରୀ ୧୨ର ପ୍ରମୁଖ ଘଟଣା

୧୮୨୪ ଫେବୃୟାରୀ ୧୨ରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ତଥା ଭାରତୀୟ ସାଧୁ, ଦାର୍ଶନିକ ଦୟାନନ୍ଦ ସରସ୍ୱତୀ ଜନ୍ମଗ୍ରହଣ କରିଥିଲେ। ବେଦ ଧର୍ମ ସଂସ୍କାର ନେଇ ସେ ଆନ୍ଦୋଳନ କରିଥିଲେ। ତିଲକଙ୍କ ପୂର୍ବରୁ ସେ ପ୍ରଥମେ ସ୍ୱରାଜ ଡ଼ାକରା ଦେଇଥିଲେ।

୨୦୦୨ ଫେବୃୟାରୀ ୧୨ରେ ଏକ ବିମାନ ଇରାନର ଖୋରାମାବାଦ ପର୍ବତାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୪ ଯାତ୍ରୀ ପ୍ରାଣ ହରାଇଥିଲେ। ଖରାପ ପାଗ ଯୋଗୁ ଏଭଳି ହୋଇଥିବା ଜଣାପଡ଼ିଛି।

ଭାରତ ସରକାର, ବୟନଶିଳ୍ପ ମନ୍ତ୍ରଣାଳୟ
ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ କାର୍ଯ୍ୟାଳୟ
ନିମ୍ନଲିଖିତ ସ୍ଲଟ୍ ପାଇଁ ବର୍ଷ ୨୦୨୦-୨୧ ଅବଧିରେ ଦିଲ୍ଲୀ ହାଟ୍, ଆଇଏନ୍‌ଏ, ନୂଆଦିଲ୍ଲୀରେ ଅଂଶଗ୍ରହଣ କରିବା ପାଇଁ ସମବାୟ ସମିତି/ଉତ୍ପାଦକ ସମୂହ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ତଥା ସଂଘ ସମେତ ସମସ୍ତ ଯୋଗ୍ୟ ହସ୍ତତନ୍ତ ପୁଞ୍ଜଗୁଡ଼ିକଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:
ଦିଲ୍ଲୀ ହାଟ୍, ଆଇଏନ୍‌ଏ, ନୂଆଦିଲ୍ଲୀ

| କ୍ର.ସଂ. | ସ୍ଲଟ୍ | କ୍ର.ସଂ. | ସ୍ଲଟ୍ |
|---|---|---|---|
| ୧. | ୧ରୁ ୧୫ ଫେବୃୟାରୀ, ୨୦୨୦ | ୮ | ୧ରୁ ୧୫ ଜୁନ୍, ୨୦୨୦ |
| ୨. | ୧ରୁ ୧୫ ମାର୍ଚ୍ଚ, ୨୦୨୦ | ୯. | ୧୬ରୁ ୩୦ ଜୁନ୍, ୨୦୨୦ |
| ୩. | ୧୬ରୁ ୩୧ ମାର୍ଚ୍ଚ, ୨୦୨୦ | ୧୦. | ୧ରୁ ୧୫ ଜୁଲାଇ, ୨୦୨୦ |
| ୪. | ୧ରୁ ୧୫ ଏପ୍ରିଲ, ୨୦୨୦ | ୧୧. | ୧୬ରୁ ୩୧ ଜୁଲାଇ, ୨୦୨୦ |
| ୫. | ୧୬ରୁ ୩୦ ଏପ୍ରିଲ, ୨୦୨୦ | ୧୨. | ୧ରୁ ୧୫ ଅଗଷ୍ଟ, ୨୦୨୦ |
| ୬. | ୧ରୁ ୧୫ ମେ, ୨୦୨୦ | ୧୩. | ୧୬ରୁ ୩୧ ଅଗଷ୍ଟ, ୨୦୨୦ |
| ୭. | ୧୬ରୁ ୩୧ ମେ, ୨୦୨୦ | | |

ଯୋଗ୍ୟତା
୧. ସମବାୟ ସମିତି, ଉତ୍ପାଦକ ସମୂହ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ସଂଘ ସମେତ ସମସ୍ତ ହସ୍ତତନ୍ତ ପୁଞ୍ଜ ଅଂଶଗ୍ରହଣ ପାଇଁ ଯୋଗ୍ୟ ହେବେ । ଏପ୍ରିଲ, ୨୦୨୦ରୁ ସେପ୍ଟେମ୍ବର, ୨୦୨୦ ପର୍ଯ୍ୟନ୍ତ ଅରତୁ ଅବଧିରେ ସନ୍ତ କବୀର ପୁରସ୍କାର ବିଜେତାମାନଙ୍କୁ ମଧ୍ୟ ଷ୍ଟଲ୍ ଆବଣ୍ଟନ କରାଯିବ ।
୨. ପର୍ଯ୍ୟାପ୍ତ ରୋଟେଶନ୍‌କୁ ସୁନିଶ୍ଚିତ କରିବା ପାଇଁ ଏଜେନ୍ସିର ଅଂଶଗ୍ରହଣ ଲାଗି ସର୍ବାଧିକ ବ୍ୟସ୍ତ ଋତୁ (ଅକ୍ଟୋବରରୁ ମାର୍ଚ୍ଚ) ଅବଧିରେ ପୂର୍ବବର୍ତ୍ତୀ ଆବଣ୍ଟନରୁ **ଏକବର୍ଷର** ବ୍ୟବଧାନ ପରେ ଏବଂ ଅରତୁ (ଏପ୍ରିଲରୁ ସେପ୍ଟେମ୍ବର) ଅବଧିରେ **ଛଅ ମାସର** ବ୍ୟବଧାନ ପରେ ବିଚାରକୁ ନିଆଯିବ ।
ସମସ୍ତ ଯୋଗ୍ୟ ପୁଞ୍ଜଗୁଡ଼ିକୁ ଦିଲ୍ଲୀ ହାଟ୍‌ର ଉପରୋକ୍ତ ସମସ୍ତ ସ୍ଲଟ୍ ପାଇଁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ପୂରଣ କରି ନିକଟସ୍ଥ ବୁଣାକାର ସେବା କେନ୍ଦ୍ର (ଡବ୍ଲ୍ୟୁଏସ୍‌ସି) ନିକଟରେ ଦାଖଲ କରିବା ସହିତ ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ କାର୍ଯ୍ୟାଳୟରେ ସୂଚିତ କରିବାକୁ ହେବ । ଦିଲ୍ଲୀ ହାଟ ନିମନ୍ତେ ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ଖବରକାଗଜରେ ବିଜ୍ଞପ୍ତି ପ୍ରକାଶିତ ହେବା ତାରିଖରୁ ଏକ ମାସ। ଅଧିକ ବିବରଣୀ ପାଇଁ ଆବେଦନକାରୀ ନିକଟସ୍ଥ ବୁଣାକାର ସେବା କେନ୍ଦ୍ର ସହ ଯୋଗାଯୋଗ କରିପାରନ୍ତି କିମ୍ବା ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ ୱେବ୍‌ସାଇଟ୍ (www.handlooms.nic.in)ରେ ଲଗ୍ ଅନ୍ କରିପାରନ୍ତି।
ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ କାର୍ଯ୍ୟାଳୟ
ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର, ଉଦ୍ୟୋଗ ଭବନ, ନୂଆଦିଲ୍ଲୀ
davp 41102/11/0054/1920

ସଂକ୍ରମଣ ନିୟନ୍ତ୍ରଣରେ ସଫା ହାତର ମହତ୍ତ୍ୱ
Brought to you by:
Apollo HOSPITALS BHUBANESWAR
ହାତ ପରିଚ୍ଛନ୍ନତା ସମ୍ପର୍କରେ ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନ
୧. ହାତକୁ ପରିଚ୍ଛନ୍ନ କରିବାର ଦୁଇଟି ଗ୍ରହଣଯୋଗ୍ୟ ପଦ୍ଧତି କ'ଣ?
ଉତ୍ତର: ସାବୁନ ଓ ପାଣି: ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ ରବ୍ (ଏବିଏଚ୍‌ଆର୍)
୨. ହାତକୁ ପରିଚ୍ଛନ୍ନ କରିବାର ବାଞ୍ଛନୀୟ ପଦ୍ଧତି କ'ଣ?
ଉତ୍ତର: ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ ରବ୍ (ଏବିଏଚ୍‌ଆର୍)
୩. ହାତକୁ ପରିଚ୍ଛନ୍ନ କରିବା ପାଇଁ ଆବଶ୍ୟକ ସର୍ବନିମ୍ନ ସମୟ କ'ଣ?
ଉତ୍ତର: ପ୍ରଭାବୀ ହାତ ପରିଚ୍ଛନ୍ନତା ପାଇଁ ସର୍ବନିମ୍ନ ୧୫ ସେକେଣ୍ଡ ଆବଶ୍ୟକ ହୋଇଥାଏ ।
୪. ସ୍ୱାସ୍ଥ୍ୟଯତ୍ନ ପ୍ରଦାନକାରୀ ନିଜ ହାତକୁ ସଫା କରିବା ବଦଳରେ ଗ୍ଲୋଭ୍‌ସ ପିନ୍ଧିପାରିବେ କି?
ଉତ୍ତର: ନା । ଗ୍ଲୋଭ୍‌ସ କଦାପି ହାତ ପରିଚ୍ଛନ୍ନତାର ବିକଳ୍ପ ହୋଇପାରିବ ନାହିଁ ।
୫. ହାତ ପରିଚ୍ଛନ୍ନତା:
କ) ହାତର ଜୀବାଣୁକୁ ଦୂର କରିଥାଏ/ମାରିଥାଏ, ଖ) ତ୍ୱଚାର ସୌନ୍ଦର୍ଯ୍ୟ ବଜାୟ ରଖିଥାଏ, ଗ) ଉଭୟ, ଘ) ଏହା ମଧ୍ୟରୁ କୌଣସିଟି ନୁହେଁ ।
ଉତ୍ତର: ଗ-ଉଭୟ
୬. ସ୍ୱାସ୍ଥ୍ୟଯତ୍ନ ପାଇଁ ଉଦ୍ଦିଷ୍ଟ ପରିବେଶରେ ଜୀବାଣୁନିରୋଧୀ (ଆଣ୍ଟି-ମାଇକ୍ରୋବିଆଲ) ସାବୁନ ନିୟମିତ ଭାବେ ବ୍ୟବହାର କରାଯିବା ଆବଶ୍ୟକ କି?
ଉତ୍ତର: ନା । କେତେକ ନିର୍ଦ୍ଦିଷ୍ଟ ପରିବେଶରେ ତାହାକୁ ବ୍ୟବହାର କରାଯାଇପାରେ, କିନ୍ତୁ ସମସ୍ତ ପରିବେଶ ଲାଗି ସୁପାରିସଯୋଗ୍ୟ ନୁହେଁ।
୭. ଆଲ୍‌କହଲ-ଭିତ୍ତିକ ହ୍ୟାଣ୍ଡ ରବ୍ ହାତକୁ ଶୁଷ୍କ କରିଦିଏ କି କିମ୍ବା ଏହାକୁ ପ୍ରୟୋଗ କରିବା ସମୟରେ ହାତକୁ କଷ୍ଟ ହୁଏ କି?
ଉତ୍ତର: ସେଗୁଡ଼ିକ ହାତକୁ ଶୁଷ୍କ କରିବା ଉଚିତ ନୁହେଁ, କିନ୍ତୁ ସ୍ୱାସ୍ଥ୍ୟଯତ୍ନ ପ୍ରଦାନକାରୀଙ୍କ ହାତରେ କଟା କିମ୍ବା କ୍ଷତ ଥିଲେ ତାହା କଷ୍ଟ ଦେଇପାରେ ।
୮. ନିୟମିତ କାର୍ଯ୍ୟଧାରାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି କ'ଣ?
ଉତ୍ତର: ହାତର ପରିଚ୍ଛନ୍ନତା ।
୯. କେଉଁ ପରିଚ୍ଛନ୍ନତା ପଦ୍ଧତି ଜୀବାଣୁଙ୍କୁ ମାରିଥାଏ?
ଉତ୍ତର: ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ ରବ୍ (ଏବିଏଚ୍‌ଆର୍)
୧୦. ଅତିରିକ୍ତ ପ୍ରାକ୍‌ସତର୍କତାର ଗୋଟିଏ ବର୍ଗର ନାମ କ'ଣ?
ଉତ୍ତର: ସଂସ୍ପର୍ଶ/କଣିକା/ପବନବାହୀ
୧୧. ନିୟମିତ କାର୍ଯ୍ୟଧାରା କେଉଁ ପ୍ରକାର ତରଳ ପାଇଁ ପ୍ରଯୁଜ୍ୟ?
ଉତ୍ତର: ସବୁ ପ୍ରକାର ଶାରୀରିକ ତରଳ ପାଇଁ ।
(କ୍ରମଶଃ...)
ଜୀବାଣୁ ଚକ୍ରକୁ ଭାଙ୍ଗନ୍ତୁ

ରୋଗୀ, ଚିକିତ୍ସାଳୟ କର୍ମଚାରୀ, ପରିବାର ଏବଂ ଅନ୍ୟମାନଙ୍କଠାରୁ ଜୀବାଣୁର ସଞ୍ଚାରକୁ ରୋକନ୍ତୁ... ନିଜର ହାତ ସଫା କରନ୍ତୁ!
ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ: ୦୬୭୪ ୬୬୬୧୦୧୬ | ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬

ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ।

–ଶ୍ରୀମା

# ସମର୍ପିତ ଶିକ୍ଷାସେବୀ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଇଂରେଜ ଶାସନ ସମୟରେ ଭାରତରେ ଆଧୁନିକ ଶିକ୍ଷାର ପ୍ରସାର ଘଟିଲା। ପ୍ରଚଳିତ କୁସଂସ୍କାରଗୁଡ଼ିକୁ ଦୂର କରିବା ପାଇଁ ଅନେକ ଉତ୍ସାହୀ ଯୁବକ ଆଗେଇ ଆସିଲେ। ମାତ୍ର ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ। ସେ କହୁଥିଲେ ଗୋଟିଏ ଦୁଇଟା ପରିବର୍ତ୍ତନ ହୋଇଗଲେ ସମାଜ ବଦଳିଯିବ ନାହିଁ। ଏଥିପାଇଁ ଆବଶ୍ୟକ ମୌଳିକ ପରିବର୍ତ୍ତନ। ବିଧବା ବିବାହ ପ୍ରଚଳନ ପାଇଁ ଯେଉଁ ସଂସ୍କାରକମାନେ ଆଗେଇ ଆସୁଥିଲେ ସେମାନଙ୍କୁ ଲକ୍ଷ୍ୟ କରି ସେ କହୁଥିଲେ ଯେଉଁ ବିଧବା ବିବାହ କରିବାକୁ ଯାଉଛି ସେ ନିଜେ ସିଦ୍ଧାନ୍ତ ନେଇଛି ତ? ସବୁ କଥା ବିଚାର କରି ସିଦ୍ଧାନ୍ତ ନେବା ପରି ଶିକ୍ଷା ତା'ର ଅଛି ତ? ଆଧୁନିକପନ୍ଥୀଙ୍କ କଥା ମୋହରେ ଭାସିଯାଇ ସେ ବିବାହ କରିବାକୁ ରାଜି ହୋଇ ନାହିଁ ତ? କେତେଜଣ ବିଧବାଙ୍କୁ ବିବାହ କରାଇଦେଇ ସମାଜ ସଂସ୍କାରକମାନେ ଉଲ୍ଲସିତ ହୋଇପାରନ୍ତି। ମାତ୍ର ତଦ୍ୱାରା ସେମାନଙ୍କ ଦୁଃଖ ଦୂର ହେବ ବୋଲି କହିହେବନାହିଁ। ସେଥିପାଇଁ ଆବଶ୍ୟକ ନାରୀଶିକ୍ଷା। ନାରୀ ଶିକ୍ଷିତ ହେଲେ ତା'ର ବିଚାର କରିବାର ଶକ୍ତି ଆସିବ। ସେ ନିଜେ ସିଦ୍ଧାନ୍ତ ନେଇପାରିବ ଓ ତା'ର ଜୀବନକୁ ଠିକ୍ ମାର୍ଗରେ ଗଢିପାରିବ। ବିବେକାନନ୍ଦଙ୍କ ସମୟରେ ଶିକ୍ଷାର ପ୍ରସାର ହୋଇପାରି ନ ଥିଲା। ବିଦ୍ୟାଳୟ ଥିଲେ ମଧ୍ୟ ଅନେକ ପିଲା ପଞ୍ଚମ ଶ୍ରେଣୀରେ ପହଞ୍ଚିବା ପୂର୍ବରୁ ପାଠପଢା ଛାଡି ଦେଉଥିଲେ। ଭାରତରେ ଦାରିଦ୍ର୍ୟ ଏତେ ଉତ୍କଟ ଥିଲା ଯେ ଦରିଦ୍ର ପିଲାମାନେ ବିଦ୍ୟାଳୟକୁ ନ ଯାଇ ମା'ବାପାଙ୍କୁ କୃଷି ବା ଅନ୍ୟ କର୍ମରେ ସାହାଯ୍ୟ କରୁଥିଲେ। ଏଣୁ ସ୍ୱାମିଜୀ ଗୁରୁଭାଇମାନଙ୍କୁ କହୁଥିଲେ ଯେପରି ପର୍ବତ ମହମ୍ମଦଙ୍କ ନିକଟକୁ ନ ଯିବାରୁ ମହମ୍ମଦ ନିଜେ ପର୍ବତ ନିକଟକୁ ଯାଇଥିଲେ, ସେହିପରି ଗରିବ ପିଲାମାନେ ଆସି ନ ପାରିଲେ ସେମାନଙ୍କ ପାଖକୁ ଯାଇ ଶିକ୍ଷା ଦେବାକୁ ହେବ। ଗୁରୁଭାଇମାନଙ୍କୁ ସେହି ମର୍ମରେ ଆହ୍ୱାନ ଦେଇ ସେ ସୁଦୂର ଆମେରିକାରୁ ଲେଖିଥିଲେ, ତୁମକୁ ଗୋଟିଏ ନୂତନ ବୁଦ୍ଧି ଦେଉଛି, ଯଦି କାର୍ଯ୍ୟରେ ପରିଣତ କରିପାର, ତେବେ ଜାଣିବି ତୁମେ ପୁରୁଷ ଓ କିଛି କାର୍ଯ୍ୟ କରିପାରିବ। କେତୋଟି ମ୍ୟାପ୍, ଗ୍ଲୋବ୍, କିଛି ରାସାୟନିକ ଦ୍ରବ୍ୟ ଦରକାର। ଗୋଟିଏ ବଡ ଘର ମଧ୍ୟ। କେତେଜଣ ଗରିବ ଲୋକଙ୍କୁ ଡାକିଆଣ। ସେମାନଙ୍କୁ ଏକାଠି ବସାଇ ଖଗୋଳ, ଭୂଗୋଳ ସମ୍ପର୍କରେ ଛବି ଦେଖାଅ ଓ ରାମକୃଷ୍ଣ ପରମହଂସଙ୍କ ଉପଦେଶ ଦିଅ। କେଉଁ ଦେଶରେ କ'ଣ ହୁଏ, ଏ ଦୁନିଆଟା କ'ଣ, ଏସବୁ ବୁଝାଇ ସେମାନଙ୍କ ଆଖି ଖୋଲିବାକୁ ଚେଷ୍ଟା କର। ବାରାନଗରରେ ଅନେକ ଗରିବ ମୂର୍ଖ ଅଛନ୍ତି। ଘର ଘର ବୁଲି ସେମାନଙ୍କ ପାଖକୁ ଯାଅ ଓ ସେମାନଙ୍କ ଆଖି ଖୋଲିଦିଅ।

ବିବେକାନନ୍ଦଙ୍କ ଏହି ଆହ୍ୱାନକୁ ଆଜି ସାକାର କରିଛନ୍ତି ଦିଲ୍ଲୀବାସିନ୍ଦା ରାଜେଶ କୁମାର ଶର୍ମା। ଲକ୍ଷ୍ମୀନଗରରେ ଗୋଟିଏ ତେଜରାତି ଦୋକାନ କରି ସେ ତାଙ୍କର ପରିବାର ଚଳାନ୍ତି। ପାଞ୍ଚଜଣଙ୍କୁ ନେଇ ତାଙ୍କ ପରିବାର। ଧନୀ ହୋଇ ବିଳାସବ୍ୟସନରେ ରହିବା ପାଇଁ ସେ କେବେ ଇଚ୍ଛା ପୋଷଣ କରିନାହାନ୍ତି। ତେଜରାତି ଦୋକାନରୁ ଅର୍ଜିତ ସ୍ୱଳ୍ପ ଆୟରେ ସେ ସନ୍ତୋଷ ଅନୁଭବ କରନ୍ତି। ଅର୍ଥାଭାବ ଯୋଗୁ ସେ ବିଜ୍ଞାନରେ ସ୍ନାତକ ସମ୍ପୂର୍ଣ୍ଣ କରିପାରି ନ ଥିଲେ। ଜଣେ ସ୍ନାତକ ହେବାର ସ୍ୱପ୍ନ ଅପୂର୍ଣ୍ଣ ରହିଲା। ଏଣୁ ଦାରିଦ୍ର୍ୟ ଯୋଗୁ କେହି ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଏ ସେଥିପାଇଁ ସେ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆରମ୍ଭ କଲେ। ସେହି ଅଞ୍ଚଳରେ ରହନ୍ତି ଅନେକ ଦରିଦ୍ର ରିକ୍ସାଚାଳକ, ବସ୍ତିବାସିନ୍ଦା ଓ ଭିକାରୀ। ଦାରିଦ୍ର୍ୟ ଯୋଗୁ ସେମାନଙ୍କ ପିଲାମାନେ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ପାଖରେ କିଭଳି ଶିକ୍ଷା ପହଞ୍ଚାଇହେବ ସେଥିପାଇଁ ଚିନ୍ତା କଲେ ରାଜେଶ ଶର୍ମା। ମାତ୍ର ଦୁଇଜଣ ଗରିବ ପିଲାଙ୍କୁ ନେଇ ସେ ଆରମ୍ଭ କଲେ ଗୋଟିଏ ମୁକ୍ତ ବିଦ୍ୟାଳୟ। ତାହା ଥିଲା ୨୦୦୬ ମସିହା। ଯମୁନା ବ୍ୟାଙ୍କ ଅଞ୍ଚଳରେ ମେଟ୍ରୋ ପୋଲ ତଳେ ଆଜି ସେହି ମୁକ୍ତ ବିଦ୍ୟାଳୟରେ ପଢୁଛନ୍ତି ପ୍ରାୟ ତିନିଶହ ପିଲା। ଚାରି ବର୍ଷରୁ ଆରମ୍ଭ କରି ଚଉଦବର୍ଷ ବୟସର ପିଲା ଏଠାରେ ବିନା ଫି'ରେ ପାଠ ପଢୁଛନ୍ତି। ମେଟ୍ରୋ କମ୍ପ୍ଲେକ୍ସର କାନ୍ଥରେ ଅଛି ପାଞ୍ଚଗୋଟି କଳାପଟା ଓ ସେଠି ବ୍ୟବହୃତ ହେଉଛି ଡଷ୍ଟର ଓ ଚକ୍। କାର୍ପେଟ ଉପରେ ବସି ଅତି ଆନନ୍ଦରେ ସେଠି ପିଲାମାନେ ପାଠ ପଢୁଛନ୍ତି। ଏଠାରେ ପିଲାମାନଙ୍କ ସଂଖ୍ୟା ବଢିବାରୁ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ୧୨୦ ଜଣ ବାଳକଙ୍କୁ ଓ ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ୧୮୦ ବାଳିକାଙ୍କୁ ଶିକ୍ଷା ଦିଆଯାଉଛି। ନିକଟସ୍ଥ ସାତଜଣ ଶିକ୍ଷକ ସେହି ପିଲାମାନଙ୍କୁ ଅବୈତନିକ ଭାବରେ ଶିକ୍ଷା ଦେଉଛନ୍ତି। ରାଜେଶ ଶର୍ମାଙ୍କ ନିଃସ୍ୱାର୍ଥ ସେବାକର୍ମରେ ସେମାନେ ମଧ୍ୟ ଉଦ୍‌ବୁଦ୍ଧ। ସେମାନେ ହେଲେ ଲକ୍ଷ୍ମୀ ଚନ୍ଦ୍ରା, ଶ୍ୟାମ ମେହେତୋ, ରେଖା, ସୁନୀତା, ମନୀଷା, ଚେତନ ଶର୍ମା ଓ ସର୍ବେଶ। ସତାବନବର୍ଷୀୟା ଟିଉଶନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଚନ୍ଦ୍ରା କହନ୍ତି, ମୁଁ ଏକ ଗରିବ ପରିବାରରୁ ଆସିଛି। ତେଣୁ ଗରିବ ପିଲାମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ ଠିକ୍ ଅନୁଭବ କରିପାରୁଛି। ବିହାରରୁ ବିଜ୍ଞାନରେ ସ୍ନାତକ ପାସ୍ କରିସାରିବା ପରେ ମୁଁ ଶିକ୍ଷା ଦେବା ଆରମ୍ଭ କରିଛି। ଏହି ପିଲାମାନେ ହେଉଛନ୍ତି ମୋର ପରିବାର। ଦାରିଦ୍ର୍ୟ ଏମାନଙ୍କ ପାଠପଢାରେ ବାଧା ସୃଷ୍ଟି କରିପାରିନାହିଁ। ଏହିପରି ସମର୍ପିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଆଜି ରାଜେଶ ଶର୍ମାଙ୍କ ପ୍ରଚେଷ୍ଟାରେ ଚାଲିଛି ଶୁଳ୍କରହିତ, ଗୃହରହିତ ରେଳପୋଲ ତଳେ ମୁକ୍ତ ବିଦ୍ୟାଳୟ। ଇଚ୍ଛା ଥିଲେ ଉପାୟ ସ୍ୱତଃ ବାହାରେ। ରାଜେଶ ଏହି ପ୍ରବାଦକୁ କାର୍ଯ୍ୟକ୍ଷେତ୍ରରେ ସତ୍ୟ ପ୍ରମାଣିତ କରିଛନ୍ତି।

ସମଗ୍ର ଭାରତରେ ଆଜି ସର୍ବଶିକ୍ଷା ଅଭିଯାନ ଚାଲିଛି। ସମସ୍ତଙ୍କୁ ଶିକ୍ଷିତ କରିବାକୁ ଚାହୁଁଛନ୍ତି ଭାରତ ସରକାର। ମାତ୍ର ରାଜେଶ କୁମାର ଶର୍ମାଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟ ପ୍ରତି ସରକାରୀ ଦୃଷ୍ଟି ପଡିନାହିଁ। ନିଜେ ରାଜେଶ ମଧ୍ୟ କୌଣସି ସରକାରୀ ସାହାଯ୍ୟ ଚାହିଁ ନାହାନ୍ତି। ସେ କହନ୍ତି, ସରକାରୀ ସାହାଯ୍ୟ ପାଉନାହିଁ ବୋଲି ମୋର କୌଣସି ଅଭିଯୋଗ ନାହିଁ। ଗରିବ ଓ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ମୋର ଲକ୍ଷ୍ୟ। ସେମାନଙ୍କ ହସ ମୋ ପାଇଁ ଯଥେଷ୍ଟ। ଅବଶ୍ୟ ଅନେକ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ବିଦ୍ୟାଳୟକୁ ସହାୟତାର ହାତ ବଢାଇଛନ୍ତି। ମାତ୍ର ସେମାନଙ୍କ ଦୃଷ୍ଟିଭଙ୍ଗୀରେ ସେ ସନ୍ତୁଷ୍ଟ ନ ହୋଇ ନିଜସ୍ୱ ଚେଷ୍ଟାରେ ବିଦ୍ୟାଳୟକୁ ଆଜି ପର୍ଯ୍ୟନ୍ତ ଚଳାଇ ରଖିଛନ୍ତି। ଅବଶ୍ୟ ସେ ବ୍ୟକ୍ତିବିଶେଷଙ୍କ ଦାନ ଗ୍ରହଣ କରନ୍ତି, ମାତ୍ର ଅର୍ଥରାଶି ଆକାରରେ ନୁହେଁ। ଅନେକ ବଦାନ୍ୟ ବ୍ୟକ୍ତି ବିସ୍କୁଟ, ପାଣି, ଫଳ, ଖାଦ୍ୟ ଆଦି ଯୋଗାଇ ଦିଅନ୍ତି। କେହି କେହି ପିଲାମାନଙ୍କ ଜନ୍ମଦିନଗୁଡ଼ିକରେ ଯୋଗଦେଇ କେକ୍ ବାଣ୍ଟନ୍ତି। ଫଳରେ ସେଠି ପାଠ ପଢୁଥିବା ପିଲାମାନେ ନିଜକୁ କେବେ ସମାଜରୁ ବିଚ୍ୟୁତ ବୋଲି ଅନୁଭବ କରିନାହାନ୍ତି। ରାଜେଶ ଶର୍ମା ପିଲାମାନଙ୍କର ଉପସ୍ଥାନ ଯାଞ୍ଚ କରନ୍ତି ଓ କୌଣସି ପିଲା ଦୀର୍ଘଦିନ ଅନୁପସ୍ଥିତ ରହିଲେ କାରଣ ଜାଣିବା ପାଇଁ ମାତାପିତାଙ୍କ ସହ ଯୋଗାଯୋଗ କରନ୍ତି। ଶେଷରେ ସେହି ପୋଲ ତଳେ ପଢୁଥିବା ପିଲାମାନେ କିପରି ପରବର୍ତ୍ତୀ ସମୟରେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢିପାରିବେ ତା'ର ବ୍ୟବସ୍ଥା ମଧ୍ୟ କରନ୍ତି। ୪୯ ବର୍ଷୀୟ ରାଜେଶ ଶର୍ମା ଆଜି ଜଣେ ନିଃସ୍ୱାର୍ଥ ସମର୍ପିତ ସମାଜସେବୀ।

ଆଜି ବହୁସଂଖ୍ୟାରେ ବିଦ୍ୟାଳୟ ଖୋଲିଲାଣି। ଘରୋଇ ବିଦ୍ୟାଳୟଗୁଡ଼ିକ ଉନ୍ନତ ଶିକ୍ଷା ଦେବାର ପ୍ରତିଶ୍ରୁତି ଦେଇ ଅଜସ୍ର ଶୁଳ୍କ ଦାବି କରୁଛନ୍ତି। ସମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କ ପିଲାମାନେ ତଥାକଥିତ ଉନ୍ନତ ଶିକ୍ଷାର ସୁଯୋଗ ପାଉଛନ୍ତି। ସରକାରୀ ବିଦ୍ୟାଳୟରେ ଶିକ୍ଷକମାନେ ପାଠ ପଢାଇବା ଅପେକ୍ଷା ସରକାରୀ ଅଣଶୈକ୍ଷିକ କର୍ମ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବାରେ ନିୟୋଜିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ କ୍ଷେତ୍ରରେ ଶିକ୍ଷକତା ଏକ ପ୍ରବୃତ୍ତି ନୁହେଁ ବୃତ୍ତି, ଜୀବନ ନୁହେଁ ଜୀବିକା। ଏଣୁ ଶିକ୍ଷକତା ପ୍ରତି ତାଙ୍କର ଆନ୍ତରିକତା ନାହିଁ। ଏହିଭଳି ପରିବେଶରେ ଏକ ସମର୍ପିତ ମନ ନେଇ କୌଣସି ସରକାରୀ ସହାୟତା ଗ୍ରହଣ ନ କରି ଗରିବ ପିଲାମାନଙ୍କ ପାଖରେ ନିଃଶୁଳ୍କ ଶିକ୍ଷା ପହଞ୍ଚାଇ ଦେଇ ରାଜେଶ କୁମାର ଶର୍ମା ରଖିଛନ୍ତି ଏକ ଅନନ୍ୟ ଉଦାହରଣ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଁଟିଲାଗଡ,
ମୋ–୯୪୩୭୩୨୯୨୬୩

# ପୁରୁଷ ଓ ରୋଷେଇ

ରୁଦ୍ର ପ୍ରସନ୍ନ ରଥ

କିଛିଦିନ ତଳେ ଟ୍ୱିନ୍ ସିଟି କମିଶନରେଟ ପୋଲିସ୍‌ର ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ରୋଷେଇ କରିବାକୁ ନେଇ ଗୋଟିଏ ଛୋଟିଆ ମନ୍ତବ୍ୟ ଦେଇଥିଲେ। କମିଶନରେଟ ପୋଲିସ୍‌ର ୧୨ଶ ପ୍ରତିଷ୍ଠା ଦିବସରେ ସେ ଯୋଗଦେଇ କହିଥିଲେ ଯେ ଯଦି ଜଣେ ପୁଅପିଲା ରୋଷେଇ କରିବାକୁ ଇଚ୍ଛା ପ୍ରକାଶ କରୁନାହିଁ, ତେବେ ସେଭଳି ପୁରୁଷଙ୍କୁ ମହିଳାମାନେ ବିବାହ କରିବାକୁ ମନା କରିଦେବା ଆବଶ୍ୟକ। ପୋଲିସ୍ କମିଶନରଙ୍କ ଏହି ଉକ୍ତିକୁ ନେଇ ସାମାଜିକ ଗଣମାଧ୍ୟମରେ ହୋହଲ୍ଲା ଆରମ୍ଭ ହୋଇଯାଇଥିବା ବେଳେ ସରକାରୀ ଦଳର ମୁଖପାତ୍ର ମଧ୍ୟ ଏହାକୁ ବିରୋଧ କରିବା ଆରମ୍ଭ କରିଥିଲେ। ବେଶ୍ ସାଧାରଣ ଲାଗୁଥିବା ଏହି ଉପଦେଶକୁ ନେଇ ଏତେ ହୋହଲ୍ଲା କାହିଁକି? ମହିଳାମାନଙ୍କ ଜୀବନରେ ରୋଷେଇ କି ପ୍ରଭାବ ପକାଏ ଏବଂ କାହିଁକି ପୁରୁଷମାନେ ଏଥିରେ ସହଯୋଗ କରିବା ଦରକାର ତାହା ଆମେ ସମସ୍ତେ ଜାଣିବା ଉଚିତ ନୁହେଁ କି?

ଭାରତୀୟ ପାରିବାରିକ ବ୍ୟବସ୍ଥାରେ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ବୁଝାମଣା ଏମିତି ଯେ ରୋଷେଇ କରିବାର କାମଟା ମହିଳାମାନଙ୍କ ଉପରେ ନ୍ୟସ୍ତ। ଜର୍ମାନୀସ୍ଥିତ ଏକ ମାର୍କେଟ ରିସର୍ଚ୍ଚ ସଂସ୍ଥା ଜିଏଫ୍‌କେର ସର୍ଭେ ଅନୁଯାୟୀ ଭାରତୀୟମାନେ ସପ୍ତାହକୁ ୧୩ ଘଣ୍ଟାରୁ ଅଧିକ ସମୟ ରୋଷେଇଘରେ କାଟନ୍ତି। ବର୍ତ୍ତମାନ ରୋଷେଇ ଘରେ ଗ୍ରାଇଣ୍ଡର, ଗ୍ୟାସ୍, ପ୍ରେସର କୁକର ଆଦି ଥିବାରୁ ଏହି ସମୟ ହ୍ରାସ ପାଇପାରିଛି। ମାତ୍ର ଗାଁଗହଳିରେ ଏବେ ବି ସକାଳ ପହରରୁ ଚୁଲି ଲାଗିଲେ ମଧ୍ୟ ରାତିଯାଏ ରୋଷେଇ ଚାଲିଥାଏ। ଥରକୁ ଥର ମହିଳାଜଣକ ରୋଷେଇ ଘରେ ପଶି ଜଣ ଜଣଙ୍କ ପାଇଁ ରୋଷେଇ କରି ଚାଲିଥାଏ। ଭାରତୀୟମାନେ ସାଧାରଣତଃ ଖାଦ୍ୟପ୍ରିୟ ହୋଇଥିବାରୁ ଛଅ ତିଅଣ ନ ଭଜା ଖାଇବାର ଲୋଭ ସମ୍ବରଣ କରିପାରି ନ ଥାନ୍ତି। ଏଣୁ ଏହାର ପ୍ରଭାବ ଘରର ମହିଳାଙ୍କ ଉପରେ ପଡିଥାଏ। ପରିବା କାଟିବା, ବେସର ବାଟିବା, ରୋଷେଇ କରିବା, ବାସନ ଧୋଇବା କାମରେ ମହିଳାଜଣକ ଏପରି ବ୍ୟସ୍ତ ଥାଏ ଯେ, ସେ ଅନ୍ୟ କାମ କରିବା କିମ୍ବା ନିଜ ପାଇଁ ସମୟ ବାହାର କରିବା କଷ୍ଟକର ହୋଇପଡେ। ଆଉ ଏ ରୋଷେଇ କରିବାର ଚାପ ଏତେ ଅଧିକ ଯେ, ଜଣେ ସକାଳେ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ ମଧ୍ୟାହ୍ନଭୋଜନ ପାଇଁ କ'ଣ ରନ୍ଧା ହେବ ସେ ନେଇ ଚିନ୍ତା କରୁଥାଏ କିମ୍ବା ଏ ନେଇ ଘରେ ସ୍ୱାମୀ, ଶ୍ୱଶୁର କିମ୍ବା ପିଲାଙ୍କଠାରୁ ବରାଦ ପାଇ ସାରିଥାଏ। ରୋଷେଇ ଘରୁ ବାହାରି ଆସିବାକୁ ଜଣେ ମହିଳା ଚେଷ୍ଟା ମଧ କରିପାରେ ନାହିଁ। ଆମ ପରମ୍ପରାରେ ରୋଷେଇକୁ ମହିଳାଙ୍କ ବ୍ୟକ୍ତିତ୍ୱ ସହ ବି ଜଡାଇ ଧରି ରଖିବାର ଚେଷ୍ଟା କରାଯାଇଛି। ଯେମିତି ନୂଆ କରି ବାହା ହୋଇ ଆସିଥିବା ବୋହୂ ଜଣଙ୍କର ବ୍ୟକ୍ତିତ୍ୱକୁ ରୋଷେଇରୁ ହିଁ ପରଖାଯାଏ। ନୂଆ ବୋହୂମାନଙ୍କର ଦକ୍ଷତା ସେମାନଙ୍କର ରାନ୍ଧିବା କଳାରୁ ହିଁ ମପାଯାଏ।

ଅବଶ୍ୟ ଏମିତି ନୁହେଁ ଯେ ପୁରୁଷମାନେ ରୋଷେଇ କରିବା କଳା ଜାଣି ନାହାନ୍ତି। ହଷ୍ଟେଲରେ ରହି ପାଠ ପଢିଥିବା କିମ୍ବା ବାହାରେ ଏକୁଟିଆ ରହୁଥିବା ପୁରୁଷମାନେ ଅଳ୍ପେ ବହୁତେ ରୋଷେଇ କରି ଜାଣନ୍ତି। ଏବେ ବି ବଡ ବଡ ହୋଟେଲର ରାନ୍ଧୁଣିଆ ବା ସେଫ୍‌ମାନଙ୍କ ମଧ୍ୟରେ ସମସ୍ତେ ପୁରୁଷ। ବାହାଘରରେ ରାନ୍ଧୁଥିବା ଲୋକମାନେ ବି ପୁରୁଷ। କହିବା କଥା ହେଉଛି, ଯେଉଁଠି ରୋଷେଇର ଆର୍ଥିକ ଦିଗ ଅଛି ସେଠାରେ ପୁରୁଷର ଆଧିପତ୍ୟ ରହିଛି, ମାତ୍ର ଯେଉଁଠି ରୋଷେଇ କେବଳ ଅନ୍ୟକୁ ରାନ୍ଧି ଖୁଆଇବା ପାଇଁ ଉଦ୍ଦିଷ୍ଟ ସେଠି ପୁରୁଷ ରୋଷେଇଘରେ ପଶିବାକୁ ନାରାଜ। ଏହା ଭିତରେ ଯୁଗ ବଦଳିଯାଇଛି। ଅନେକ କ୍ଷେତ୍ରରେ ସ୍ତ୍ରୀଲୋକମାନେ ବି ପୁରୁଷଙ୍କ ପରି ପାଠଶାଠ ପଢି ରୋଜଗାର କରିବାକୁ ଆଗେଇ ଆସିଛନ୍ତି। ମହିଳାଜଣକ ବି ରୋଷେଇର ଝିନ୍ଝଟରୁ ମୁକ୍ତ ହୋଇ ନିଜର କ୍ୟାରିୟର ଗଢୁଛି। ମାତ୍ର ଏଥିରେ ରୋଷେଇ ଘର ହିଁ ବାଧକ ସାଜୁଛି। ବାହାରକୁ ଯିବା ପୂର୍ବରୁ ରୋଷେଇ ସାରିବାକୁ ତରତର ହେବାକୁ ପଡୁଛି ନ ହେଲେ ଘରକୁ ଫେରି ଥକା ଶରୀରରେ ରୋଷେଇ ଘରେ ବାଧ୍ୟହୋଇ ପଶିବାକୁ ପଡୁଛି। ସତରେ କ'ଣ ମହିଳା ଜଣକ ନିଜ ସୁଖସୁବିଧା ଆଉ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବାକୁ ରୋଷେଇଘରୁ ବାହାରକୁ ବାହାରିପାରିବ ନାହିଁ? ସେ କ'ଣ ସବୁବେଳେ ଏମିତି ରୋଷେଇଘରେ ମାଡିଜାକି ହୋଇ ବସିଥିବ?

ବୋଧହୁଏ ଉପାୟ ଅଛି। କମିଶନରଙ୍କ କହିବା କଥା ଅନୁଯାୟୀ ପୁରୁଷମାନଙ୍କୁ ହିଁ ଏ ଦିଗରେ ପ୍ରଧାନ ଭୂମିକା ଗ୍ରହଣ କରିବାକୁ ପଡିବ। ରୋଷେଇ ପରି ଏକ ସମୟସାପେକ୍ଷ କାମରେ ଯଦି ପୁରୁଷ ମହିଳାକୁ ସହଯୋଗର ହାତ ବଢାଇଲା ତେବେ ଏହା ମହିଳାଙ୍କର ଅନେକ ସମୟ ବଞ୍ଚାଇପାରିବ। ନିଜେ ରାନ୍ଧି ନ ଶିଖିଲେ ବି ପୁରୁଷ ଜଣକ ମହିଳାମାନଙ୍କୁ ପରିବା କାଟିବା, ବେସର ବାଟିବା ଏପରି କି ନିଜର ବାସନ ଧୋଇବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାମରେ ସାହାଯ୍ୟ କରିପାରିବେ। ପୁଣି କେବେ କେମିତି ଆବଶ୍ୟକତା ପଡିଲେ ନିଜେ ବି ଛୋଟକାଟର ଆଇଟମ ଶିଖି ରାନ୍ଧିପାରିବେ। ଏପରି କଲେ ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଏଥିପାଇଁ ପୁରୁଷମାନଙ୍କୁ ପ୍ରଥମେ ରୋଷେଇ ଏକ ଗୁରୁତ୍ୱହୀନ ମାମୁଲି କାମ ବୋଲି ନିଜେ ତିଆରି କରିଥିବା ଧାରଣାରୁ ମୁକ୍ତ ହେବାକୁ ପଡିବ। ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଲିଙ୍ଗଗତ ବୈଷମ୍ୟ ଆଣୁଥିବା ରୋଷେଇ ପରି ଏକ ବିଷୟବସ୍ତୁକୁ ସାଧାରଣରେ ଆଲୋଚନାର ବଳୟକୁ ଆଣିଥିବାରୁ କମିଶନର ସାହେବ ସତରେ ଧନ୍ୟବାଦର ପାତ୍ର।

ଧବଳଗିରି, ଯାଜପୁର ରୋଡ, ମୋ–୭୯୭୮୬୭୧୭୭୬

## ଏଇ ଭାରତରେ

ଲିଙ୍ଗଗତ ପ୍ରଭେଦ ଦୂର କରି ମହିଳାମାନଙ୍କୁ ବିକାଶରେ ଭାଗୀଦାରି କରିବା ଲାଗି ପ୍ରୟାସ ହେଉଛି ସତ କିନ୍ତୁ ଧାର୍ମିକ କ୍ଷେତ୍ରରେ ସେମାନଙ୍କ ପାଇଁ ଲାଗୁ ହେଉଛି ବାଛବିଚାର। ଅନେକ କ୍ଷେତ୍ରରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମହିଳାମାନଙ୍କୁ ମନ୍ଦିର ପ୍ରବେଶ ପାଇଁ ମନା କରାଯାଉଛି। କେରଳର ସାବରୀମାଲାସ୍ଥିତ ଆୟାପ୍ପା ସ୍ୱାମୀ ମନ୍ଦିର କଥା ତ ସମସ୍ତେ ଜାଣନ୍ତି, ଯେଉଁଠି ମହିଳାମାନଙ୍କୁ ମନ୍ଦିର ପ୍ରବେଶ ଅନୁମତି ନ ଥିବାରୁ ମାମଲା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ସେହିପରି ଆଉ ଏକ ପରମ୍ପରା ବଳବତ୍ତର ରହିଛି ଉତ୍ତର ଛତିଶଗଡ଼ର ଅବିଭକ୍ତ ସରଗୁଜା ଜିଲାର ଆଦିବାସୀ ଗ୍ରାମଗୁଡିକରେ। ଏଠାରେ ଥିବା ଗ୍ରାମଦେବତାଙ୍କ ସ୍ଥଳରେ ଦୈନିକ ପୂଜା କରାଯାଏନି। ବର୍ଷରେ ଦୁଇଥର ପୂଜା କରାଯାଇ ଗ୍ରାମର ସୁଖସମୃଦ୍ଧି କାମନା କରାଯାଏ। ଥରେ ଧାନ ରୁଆ ହେବାବେଳେ ଓ ଆଉ ଥରେ ଧାନ କଟାଯିବା ସମୟରେ ପୂଜା କରାଯାଇଥାଏ। ଗ୍ରାମର ପୂଜକ ଏହି ପୂଜା କରିଥାନ୍ତି। କିନ୍ତୁ ଏହି ସବୁ ଦେବସ୍ଥଳୀଗୁଡିକୁ ମହିଳାଙ୍କୁ ଯିବା ଲାଗି ବାରଣ କରାଯାଏ। ଏମିତିକି ଦେବତାଙ୍କ ନିକଟରେ ଚଢାଯାଉଥିବା ପ୍ରସାଦ ବି ମହିଳାମାନେ ଗ୍ରହଣ କରନ୍ତି ନାହିଁ। ଦେବସ୍ଥଳୀଗୁଡିକୁ ରଙ୍ଗାଯାଏନି କି ଆକର୍ଷକ ଢଙ୍ଗରେ ସଜାଯାଏନି। କେବଳ ପୂଜା ଅବସରରେ ସେଠାରେ ଝୋପଡି ଘର କରାଯାଏ। ଏହି ଘରକୁ ସେମାନେ ଗୁଡିଘର ବୋଲି କୁହନ୍ତି। ଏହାକୁ ପକ୍କାଘର କଲେ କିମ୍ବା ସଜାସଜି କରାଗଲେ ଗାଁକୁ ବିପର୍ଯ୍ୟୟ ମାଡି ଆସିବ ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି। ଏଥିପାଇଁ ଗୁଡିଘରକୁ ଝୋପଡି ଭଳି ନିର୍ମାଣ କରାଯାଇ ଚାରିପାଖ ଖୋଲା ରଖାଯାଏ। ଏହାଦ୍ୱାରା ଚାରି ଦିଗକୁ ଗ୍ରାମଦେବତା ଦୃଷ୍ଟି ରଖି ଗାଁକୁ ବିପଦ ଆସିବାକୁ ଦିଅନ୍ତିନି ବୋଲି ଏମାନଙ୍କର ବିଶ୍ୱାସ ରହିଛି। ଏଠାରେ ଦେବତାଙ୍କୁ ମହୁଲି ମଦ ମଧ୍ୟ ଅର୍ପଣ କରାଯାଏ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଫେବୃୟାରୀ ୧୯୯୫

- ଆଙ୍ଗୋଲା ସରକାର ବିଦ୍ରୋହୀ ୟୁନିଟା ଆନ୍ଦୋଳନ ସଂଗଠନ ପକ୍ଷରୁ କେତେକ ମୁଖ୍ୟ ସ୍ଥାନରୁ ସେମାନଙ୍କର ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରାଯାଇଛି।
- ଆଫଗାନିସ୍ତାନରେ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଆସନ୍ତା ୨୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି।

# ମୁଁ ହିନ୍ଦୁ, ଆତଙ୍କବାଦୀ ନୁହେଁ

ଲିପ୍ସା ପଣ୍ଡା

ଆମେରିକାର ପେଣ୍ଟାଗନ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ପରେ ମୁସଲମାନମାନଙ୍କ ପ୍ରତି ଅତ୍ୟଧିକ କଠୋର ହୋଇପଡ଼ିଥିଲେ ତାଙ୍କ ସରକାର। ଏୟାରପୋର୍ଟରେ 'ଖାନ୍' ନାଁ ଶୁଣିଲେ ତ ଡ୍ରେସ୍ ଖୋଲି ତଲାସି ଆରମ୍ଭ କରିଦେଉଥିଲେ ତାଙ୍କ ସୁରକ୍ଷାକର୍ମୀ, ଯେଉଁଥିରୁ ଆମ ବଲିଉଡ ଅଭିନେତା ଶାହରୁଖ ଖାନ୍ ବି ବାଦ ପଡ଼ି ନ ଥିଲେ। ଆଉ ଏଥିରେ ତାଙ୍କ 'ଘନିଷ୍ଠ' ବନ୍ଧୁ କରନ ଜୋହର ବ୍ୟଥିତ ହୋଇ ଗୋଟେ ସିନେମା ବି କରି ପକେଇଲେ, 'My Name Is Khan'– ଯେଉଁଥିରେ ଦେଖାଇଲେ ଜଣେ ମାନସିକ ଦୁର୍ବଳ ଲୋକ କିଭଳି ଭାବେ ତା' ଚାରିପାଖର ଲୋକଙ୍କ ଦ୍ୱାରା ଉପହସିତ, ନିର୍ଯାତିତ ହେଉଛି ତା' 'ଖାନ୍' ନାଁ ପାଇଁ, ଆଉ ସେଥିରୁ ମୁକ୍ତି ପାଇଁ ସେ କିକି ପନ୍ଥା ସବୁ ଆପଣାଉଛି। ସେତେବେଳର ଆମେରିକା ରାଷ୍ଟ୍ରପତି ଓବାମାଙ୍କୁ ଭେଟି କହିବାକୁ ପଡୁଛି: My name is Khan and I am not a terrorist.

କହିବା ବାହୁଲ୍ୟ, ନିର୍ମାତା ଜଣେଇବାକୁ ଚାହୁଁଛନ୍ତି ସବୁ 'ଖାନ୍' ଆତଙ୍କବାଦୀ ନୁହନ୍ତି। ବାର୍ତ୍ତା ତ ଠିକ୍ ଅଛି। ହେଲେ ସେ ସିନେମା ଭାରତରେ ତିଆରି ହେବାର ଉପାଦେୟତା କେତେ? ସିନେମାରେ ଦେଖାଯାଇଥିବା ଦୃଶ୍ୟ ଅନୁସାରେ ନାୟକ ତଥା ବାକି ସବୁ ଚରିତ୍ର ଆମେରିକାରେ ରହୁଥିଲେ। ସେଇଠି ଆମେରିକୀୟ ପଡ଼ୋଶୀଙ୍କ ଦ୍ୱାରା ନାୟକ ଆଉ ତାଙ୍କ ପରିବାର ନିର୍ଯାତିତ ହେଲେ। ତେଣୁ ଏମିତିଆ ସିନେମା ସେଠିକାର କେଉଁ ଫିଲ୍ମ ନିର୍ମାତା ନିଜ ଦେଶବାସୀଙ୍କୁ ବୁଝେଇବାକୁ ତିଆରି କରିବା କଥା। ସେ ଦେଶରେ କିନ୍ତୁ ସେମିତି କିଛି ହୋଇନି। ଅଥଚ ଭାରତରେ, ଯେଉଁଠି ବର୍ଷକୁ ଦୁଇ ଚାରିଟା ଜାଗାରେ ଆତଙ୍କବାଦୀ ଆକ୍ରମଣ ହୋଇ ଲୋକେ ପୋକମାଛି ପରି ମରନ୍ତି, ଅଥଚ ନିଜକୁ ଧର୍ମନିରପେକ୍ଷ କହି ଗର୍ବ କରନ୍ତି, ଯେଉଁଠି ପାକିସ୍ତାନ ଦଳ ଭାରତଠାରୁ କ୍ରିକେଟ ଖେଳରେ ଜିତିବା ପରେ ନିଜ ପଡ଼ିଶା ଘରୁ ବାଣ ଫୁଟିବା ଦେଖି ନିଜ ଜୀବନ ଯିବା ଡରରେ ଚୁପ୍ ରୁହନ୍ତି ଲୋକେ, ସେଇଠି ଆମ ସିନେମାବାଲାଏ, କାଳେ ଆତଙ୍କବାଦୀର ଧର୍ମ ଉପରକୁ ଆଞ୍ଚ ଚାଲି ଆସିବ ଭାବି, ଛାନିଆରେ ଆଗତୁରା ସିନେମା ତିଆରି କରି ବୁଝେଇବାକୁ ଲାଗିଗଲେ।

ମୋ ଝିଅ ନର୍ସରୀରେ ପଢୁଥିବା ସମୟର କଥା। ତା' ସ୍କୁଲରେ ଥାଏ ଜଣେ ମୁସଲମାନ ସମ୍ପ୍ରଦାୟର ପିଲା। ଧର୍ମନିରପେକ୍ଷ ଦେଶ ହେତୁ ଇଂଲିଶ ମିଡିୟମ୍ ସ୍କୁଲ ହେଲେ ବି ସେଠି ସବୁ ଧର୍ମର ପର୍ବପର୍ବାଣି ପାଳନ କରାଯାଏ। ସ୍କୁଲରୁ ମେସେଜ ଆସିଲା ଜନ୍ମାଷ୍ଟମୀ ପାଳନ ପାଇଁ ସବୁ ପୁଅ କୃଷ୍ଣ ବେଶରେ ଆଉ ସବୁ ଝିଅ ରାଧା କି ଗୋପୀ ବେଶରେ ଆସିବେ। ପିଲାଙ୍କ ବାପା, ମା'ଙ୍କୁ ବି ଡକା ଯାଇଥାଏ। ଦହିହାଣ୍ଡି ଭାଙ୍ଗି ଉତ୍ସବ ପାଳିବେ ସ୍କୁଲରେ। ପରଦିନ ଆମେ ନିଜ ନିଜ ପିଲାଙ୍କୁ ସେଇ ହିସାବରେ ସଜେଇ ସ୍କୁଲରେ ପହଞ୍ଚିଲୁ। ଦେଖିଲୁ କେବଳ ଗୋଟିଏ ପିଲା ଆସିଛି ସ୍କୁଲ ୟୁନିଫର୍ମ ପିନ୍ଧି। ଏମିତି କାହିଁକି ବୋଲି ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ ଧୀରେ ଆମକୁ ଜଣାଇଲେ, ସେ ପିଲାଟି ମୁସଲମାନ ସମ୍ପ୍ରଦାୟର।

ମୋ ମନରେ ପ୍ରଶ୍ନ ଉଠିଲା: ଏଭଳି ଧର୍ମକାତର ଲୋକ ନିଜ ପିଲାଙ୍କୁ ନିଜ ଧର୍ମ ସମ୍ପର୍କିତ ସ୍କୁଲକୁ ନ ଛାଡ଼ି ଇଂଲିଶ ମିଡିୟମ୍ ସ୍କୁଲକୁ ଛାଡ଼ନ୍ତି କାହିଁକି! ଆଉ ଯଦି ପିଲାର ଉତ୍ତମ ଭବିଷ୍ୟତ କଥା ଭାବି ଏଠିକି ଛାଡ଼ିଲେ, ତେବେ ଏଠିକାର ନୀତିନିୟମ ମାନିନେଲେ ନିଜ ଧର୍ମ ଭ୍ରଷ୍ଟ ହୋଇଯିବ ବୋଲି ଭାବନ୍ତି କାହିଁକି? ଏପରି କହିବାର ଉଦ୍ଦେଶ୍ୟ ହେଲା, ଏହାର କିଛିଦିନ ଆଗରୁ ଇଦ୍ ଥିଲା। ସ୍କୁଲର ନିର୍ଦ୍ଦେଶ ଅନୁଯାୟୀ ଆମେ ପ୍ରତି ହିନ୍ଦୁ ମା'ବାପା ନିଜ ପିଲାକୁ ମୁସଲମାନ ବେଶରେ ସଜେଇ ଛାଡ଼ିଥିଲୁ ସ୍କୁଲକୁ ପିଲାଏ ଇଦ୍ ପାଳିବେ ବୋଲି! କେବଳ ସେତିକି ନୁହେଁ, ଗୋଟିଏ ବି ଖ୍ରୀଷ୍ଟିଆନ ପିଲା ନ ଥିବା ଶ୍ରେଣୀରେ ସବୁ ହିନ୍ଦୁ ପିଲା ଆସନ୍ତି ଶାନ୍ତା ସାଜି ସର୍ବଧର୍ମକୁ ସମ୍ମାନ ଜଣାଇବାକୁ! ଧର୍ମନିରପେକ୍ଷତାର ଅର୍ଥ ନୁହେଁ ଖାଲି ନିଜ ଧର୍ମକୁ ନେଇ ମନ ଆଣ୍ଟ କରି ରହିବା। ଧର୍ମନିରପେକ୍ଷ ଅର୍ଥ ନିଜ ଧର୍ମ ସହ ଅନ୍ୟ ଧର୍ମର ରୀତିନୀତିରେ ବି ଭାଗନେବା।

ଏବେ ଆସିଲା ରାମମନ୍ଦିର ଉପରେ ବହୁ ପ୍ରତୀକ୍ଷିତ ରାୟ। ସରକାର କୌଣସି ପ୍ରକାର ଉତ୍ସବ ନ ମନାଇବାକୁ କଡ଼ାକଡ଼ି ଭାବେ ତାଗିଦ କଲେ। ସୋସିଆଲ ମିଡିଆ ଉପରେ ବି କଡ଼ା ନଜର ରଖାଗଲା! ଦେଶର ଲୋକେ ନିଜ ମାନବିକତା ଦୃଷ୍ଟିରୁ ଅନ୍ୟ କାହା ଧାର୍ମିକ ଭାବନାରେ ଆଘାତ ନ ପହଞ୍ଚାଇବା ପାଇଁ ବହୁ ପ୍ରତୀକ୍ଷିତ ନ୍ୟାୟ ପାଇବା ପରେ ବି ଖୁସି ନ ମନେଇ ଚୁପ୍ ରହି ନିଜ ବିବେକପଣିଆ ଦେଖାଇଲେ।

ଏବେ ସିଏଏକୁ ନେଇ ଚାଲିଥିବା ପ୍ରତିବାଦ ଆୟୋଜନରେ ହିନ୍ଦୁବିରୋଧୀ ପ୍ଲାକାର୍ଡ ଦେଖିବାକୁ ମିଳୁଛି କାହିଁକି? ହିନ୍ଦୁଧର୍ମ ସମ୍ପର୍କିତ ପ୍ରତୀକମାନଙ୍କୁ ଖୋଲାଖୋଲି ଭାବେ ଅପମାନିତ କରାଯାଉଛି କାହିଁକି? ଏ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ଧାର୍ମିକ ଭାବନାକୁ ଅପମାନିତ କରିବାର ଅଧିକାର ଏ ବିକ୍ଷୋଭକାରୀଙ୍କୁ ଦେଲା କିଏ? ଆଉ ଏସବୁ ଦେଖି ମୁଁ ଚୁପ୍ ହୋଇ ରହିବି କାହିଁକି? କାରଣ ପାଟି ଖୋଲିଲେ ମୋର କିଛି ବନ୍ଧୁ ମୋତେ ଉଗ୍ରମନା କହିବେ ବୋଲି ତ? ମୋ ଧର୍ମକୁ ଅପମାନିତ କରୁଥିବା ଦେଖି ଚୁପ୍ ରହିବି ମୋ ଧର୍ମନିରପେକ୍ଷତା ଉପରେ ପ୍ରଶ୍ନ ଉଠିବ ବୋଲି ତ?

ଏ ଦେଶରେ ଗଣ୍ଡା ଗଣ୍ଡା ସିନେମା ତିଆରି ହେଲା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଖୁବ୍ ଭଲ ଦେଖେଇ, ତାଙ୍କ ପାଇଁ ଆମ ମନରେ ଘୃଣା ସୃଷ୍ଟି ନ ହେଉ ବୋଲି। ସେ ସବୁ ପ୍ରଭାବରେ ଆମେ ତାଙ୍କୁ ଆପଣେଇ ଧର୍ମନିରପେକ୍ଷ ସାଜିଲୁ। ହେଲେ ସେଇ ସମାନ ସିନେମା ସବୁ ତାଙ୍କ ଉପରେ ପ୍ରଭାବ ପକେଇ ପାରିଲାନି। ନିଜ ଧର୍ମକୁ ଦେଶଠୁ ବି ବଡ଼ ବୋଲି ଜାବୁଡ଼ି ଧରିଲେ ସେମାନେ! ଆଉ ଆମକୁ ଏ ସହନଶୀଳତାର ପ୍ରତିବଦଳରେ ମିଳିଲା କ'ଣ? ଅସହିଷ୍ଣୁ, ହିନ୍ଦୁ ଆତଙ୍କବାଦୀ ଇତ୍ୟାଦି ଉପାଧି!

ମୁଁ ଜାଣେ, ଏ ଦେଶରେ ହିନ୍ଦୁଙ୍କ ପାଇଁ କୌଣସି ସିନେମାବାଲାର ପ୍ରାଣ କାନ୍ଦିବନି। ଆମକୁ ବଦନାମ କରିବାକୁ ଯେଉଁ 'ହିନ୍ଦୁ ଆତଙ୍କବାଦୀ' ଶବ୍ଦ ଉଦ୍ଭାବନ କରାଗଲା, ତା' ବିରୋଧରେ କୌଣସି ସିନେମା ତିଆରି ହେବନି। ତେଣୁ ମୁଁ ଏହାକୁ ଦୃଢ଼ ଭାବେ ବିରୋଧ କରି କହୁଛି: ''ମୁଁ ଗର୍ବିତ ହିନ୍ଦୁ, ଆତଙ୍କବାଦୀ ନୁହେଁ। ମୋ ବାପଅଜା ଚଉଦ ପୁରୁଷ ଧରି କେହି ଆତଙ୍କବାଦୀ ନ ଥିଲେ, କି ଆଗକୁ ହେବାର ବି ନାହିଁ।''

ହାଇଦ୍ରାବାଦ, ମୋ:୯୦୦୦୪୧୮୪୧୦

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
ଜୁଆର କହଇ ଆସି ଜୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଧାଇଁ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ! (ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | 2 | | | 6 | | | | | | | |
| | 9 | A | | | B | | D | | | | | | 3 | |
| 5 | | 8 | | | | A | 1 | | 3 | | | | | 7 |
| | 7 | | 6 | 5 | | 2 | | | | | 1 | 4 | A | |
| D | | B | | 4 | | 7 | | | | | E | 2 | 8 | |
| | E | | | | | | | | 5 | | D | | | |
| | | | | 7 | 8 | | 2 | | | | | | C | 5 |
| | | | | C | 4 | | B | 1 | | 7 | | A | | 9 |
| A | 8 | | B | | | C | | | 9 | | | D | 1 | |
| | | | | | 9 | 8 | | | 4 | 6 | | | 0 | |
| | | 4 | E | | | | | | | 3 | A | B | D | |
| | | | 8 | | | 6 | | | E | | | | | A |
| E | | 1 | | A | | D | 9 | 5 | | | | | | 0 |
| | | 0 | | | | | | | | C | | | | |
| | B | | 1 | 9 | | | 8 | | | | | 7 | 4 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 2 | D | 3 | B | 0 | 8 | 1 | E | 7 | 4 | A | 5 | C | 9 |
| A | 3 | 4 | 7 | D | 2 | C | 6 | 5 | B | 9 | 8 | 1 | E | 0 |
| 9 | 8 | C | 1 | E | 4 | A | D | 2 | 6 | 5 | 0 | B | 3 | 7 |
| 0 | 7 | 5 | 8 | C | 6 | B | 4 | 9 | 3 | E | 1 | 2 | D | A |
| E | B | 1 | A | 5 | 9 | 7 | 3 | 0 | 2 | C | D | 8 | 4 | 6 |
| 1 | 0 | 8 | C | 3 | 5 | 4 | 2 | D | E | 6 | 7 | A | 9 | B |
| 2 | 6 | A | E | 9 | D | 0 | 8 | B | 5 | 1 | 4 | 3 | 7 | C |
| D | 9 | 7 | 4 | 0 | 1 | 6 | A | C | 8 | B | 3 | E | 2 | 5 |
| 4 | E | 3 | B | 2 | A | 5 | 7 | 1 | C | D | 9 | 6 | 0 | 8 |
| C | 5 | B | 6 | 7 | 8 | E | 9 | 3 | 0 | A | 2 | 4 | 1 | D |
| 8 | D | 6 | 0 | 1 | B | 3 | C | A | 4 | 7 | E | 9 | 5 | 2 |
| 5 | A | 9 | D | 8 | 3 | 2 | B | 4 | 1 | 0 | C | 7 | 6 | E |
| 7 | 1 | E | 2 | 4 | C | D | 5 | 6 | 9 | 8 | B | 0 | A | 3 |
| 3 | C | 0 | 9 | 6 | 7 | 1 | E | 8 | A | 2 | 5 | D | B | 4 |
| B | 4 | 2 | 5 | A | E | 9 | 0 | 7 | D | 3 | 6 | C | 8 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧ ବିଶ୍ୱାସର ଅନ୍ଧଗଳି

ମହାଶୟ,

ବିଜ୍ଞାନ ଯୁଗରେ ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚି ସାରିଲାଣି, ହେଲେ ଆଜି ମଧ ଅନ୍ଧବିଶ୍ୱାସ ରହିଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅନେକେ ମୃତ୍ୟୁମୁଖରେ ପଡୁଥିବା ସତ୍ତ୍ୱେ ଆଜି ମଧ ଗୁଣିଗାରେଡି, ଝଡ଼ାଫୁଙ୍କାରେ ବିଶ୍ୱାସ ରଖିଛନ୍ତି। ଆଦିବାସୀ ଅଞ୍ଚଳରେ ଲୋକମାନେ ଜମିରୁ ଅଧିକ ଫସଲ ପାଇବା ପାଇଁ ବଳି ଦେଉଛନ୍ତି। ଆମ୍ଭମାନଙ୍କ ମଧ୍ୟରୁ ଅନେକ ଶିକ୍ଷିତ ବ୍ୟକ୍ତି ମଧ ନିଜ ମନସ୍କାମନା ପୂରଣ ପାଇଁ ପଶୁପକ୍ଷୀ ବଳିଦେଇ ଦେବୀପୀଠକୁ ରକ୍ତରଞ୍ଜିତ କରୁଛନ୍ତି। ସନ୍ତାନ ଲାଭ ଆଶାରେ ଡାକ୍ତରଙ୍କ ପାଖକୁ ନ ଯାଇ ତାନ୍ତ୍ରିକ ଓ ଭଣ୍ଡ ବାବାଙ୍କ ପାଖକୁ ଯାଇ ଅନେକ ଯୁବତୀ ବଳାତ୍କାରର ଶିକାର ହେଉଛନ୍ତି। ଆଜି ଅବଶ୍ୟ ଶିକ୍ଷା ଓ ସଚେତନତାର ପ୍ରସାର ଦ୍ୱାରା ମଣିଷ ମନରୁ ଅନ୍ଧବିଶ୍ୱାସ କିଛି ମାତ୍ରାରେ ଦୂର ହୋଇଛି କିନ୍ତୁ ସମ୍ପୂର୍ଣ୍ଣ ଲୋପ ପାଇନି। ଲୋକମାନେ ଅନ୍ଧବିଶ୍ୱାସକୁ ଛାଡ଼ି ବିଜ୍ଞାନମନସ୍କ ହେବା ଆବଶ୍ୟକ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ସରକାର ସମୀକ୍ଷା କରନ୍ତୁ

ଆମ ରାଜ୍ୟରେ ସରକାରୀ ବିଦ୍ୟାଳୟରେ ଶିକ୍ଷାର ମାନ ଏତେ ତଳକୁ ଖସିଗଲାଣି ଯେ ନ କହିବା ଭଲ। ପିଲାଏ ସ୍କୁଲରେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଉତ୍କଳ ଦିବସ ଓ ଗୁରୁ ଦିବସ ଇତ୍ୟାଦି ପାଳନ କରୁଛନ୍ତି। ଅଥଚ ଏସବୁ ଦିବସ କେଉଁ ତାରିଖରେ ପଡ଼େ ତାହା କହି ପାରୁନାହାନ୍ତି। ମହାତ୍ମା ଗାନ୍ଧୀ ଆମ ଜାତିର ପିତା। ତାଙ୍କ ଜନ୍ମ ଦିବସକୁ ଆମେ ପାଳନ କରୁଛୁ। କିନ୍ତୁ ସେ କେଉଁଠି ଏବଂ କେବେ ଜନ୍ମଗ୍ରହଣ କରିଥିଲେ ଆମ ପିଲା କହିପାରୁ ନାହାନ୍ତି। ଅନ୍ୟ ମହାପୁରୁଷଙ୍କ କଥା ଆମେ ଧୀରେ ଧୀରେ ଭୁଲିଗଲୁଣି। ପିଲାଙ୍କ ପାଠ୍ୟ ଖସଡାରେ ମଧ ମହାପୁରୁଷଙ୍କ ଜୀବନୀକୁ ସ୍ଥାନିତ କରାଯାଉନାହିଁ। ସ୍କୁଲଗୁଡ଼ିକୁ ଦଣ୍ଡମୁକ୍ତ ଆଉ ଅଣ୍ଡାଯୁକ୍ତ ଘୋଷଣା କରାଯାଇଛି। ଶିକ୍ଷକଙ୍କ ନାଁରେ କମ୍ପ୍ଲେନ କରିବାକୁ ଟୋଲ ଫ୍ରି ନମ୍ବର ସ୍କୁଲ କାନ୍ଥରେ ଲେଖାଯାଇଛି। କେତେକ ଘରୋଇ ସ୍କୁଲରେ ନୈତିକ ଶିକ୍ଷା ଦିଆଯାଉଛି। ପିଲାମାନେ ଭଦ୍ର ଏବଂ ସଂସ୍କୃତିସମ୍ପନ୍ନ। ଅଭିଭାବକମାନେ ସରକାରୀ ସ୍କୁଲକୁ ଆଉଆଖିରେ ଅନାଉ ନାହାନ୍ତି। ଅଧିକ ଖର୍ଚ୍ଚ ହେଲେ ବି ଘରୋଇ ବିଦ୍ୟାଳୟରେ ପଢ଼ାଇ ପିଲାମାନଙ୍କୁ ଯୋଗ୍ୟ କରିବାର ବ୍ୟବସ୍ଥା କରୁଛନ୍ତି। ସରକାରୀ ବିଦ୍ୟାଳୟରେ ଆମ ପିଲା କାହିଁକି ପଛୁଆ ହେଉଛନ୍ତି, ଘରୋଇ ସ୍କୁଲ ପିଲା ସବୁ କ୍ଷେତ୍ରରେ ଏତେ ଆଗୁଆ କାହିଁକି, ସରକାର ତା'ର ସମୀକ୍ଷା କରନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଫେବୃୟାରୀ, ୨୦୨୦



# ରେଳମନ୍ତ୍ରୀଙ୍କୁ ଭେଟିଲା ବିଧାନସଭା ରେଲୱେ କମିଟି



ଭୁବନେଶ୍ୱର,୧୧।୨(ବ୍ୟୁରୋ)

- ଜମି ଅଧିଗ୍ରହଣ ୧୦୦ପ୍ରତିଶତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରସ୍ତାବ
- ଓଡ଼ିଶାକୁ ଅନୁଦାନ ହିସାବ ଭୁଲ୍ ଥିବା କହିଲେ ରେଳମନ୍ତ୍ରୀ

ଚଳିତବର୍ଷ ଓଡ଼ିଶାର ବିଭିନ୍ନ ରେଳ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ବଜେଟରେ ୪୩୭୩ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହା ଗତବର୍ଷ ବ୍ୟୟବରାଦଠାରୁ ୧୬୨୦କୋଟି ଟଙ୍କା କମ୍ ରହିଥିବା ଯୋଗୁ ବିଧାନସଭାର ରେଲୱେ କମିଟି ଉଦ୍‌ବେଗ ପ୍ରକାଶ କରିଛି। କେନ୍ଦ୍ରର ଏଭଳି ନିଷ୍ପତ୍ତିକୁ ନେଇ ବିଧାନସଭା ଗୃହ ରେଲୱେ କମିଟି ମଙ୍ଗଳବାର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦିଲ୍ଲୀସ୍ଥିତ ରେଲୱେ ଭବନରେ ଭେଟି ଏ ବିଷୟରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛି। ରେଳମନ୍ତ୍ରୀଙ୍କୁ ଭେଟିବା ଆଗରୁ ଦିଲ୍ଲୀ ଗସ୍ତ କରିଥିବା ବାଚସ୍ପତିଙ୍କ ସମେତ ୪ମନ୍ତ୍ରୀ, ୯ଜଣ ବିଧାୟକ ଏବଂ ୬ଜଣ ସରକାରୀ ଅଧିକାରୀଙ୍କ ମଧ୍ୟରେ ପ୍ରଥମେ ଏକ ବୈଠକ ଓଡ଼ିଶା ଭବନଠାରେ ବସିଥିଲା। ବୈଠକରେ ଶାସକ ଦଳର ୪ଜଣ ଏମ୍‌ପି ମଧ୍ୟ ଯୋଡି ହୋଇଥିଲେ। ସେଠାରେ ରେଳମନ୍ତ୍ରୀଙ୍କୁ କେଉଁସବୁ ପ୍ରସଙ୍ଗରେ କୁହାଯିବ ସେନେଇ ଆଲୋଚନା ହୋଇଥିଲା। ଏହାପରେ ବିଧାନସଭାର ୧୩ଜଣିଆ କମିଟି ରେଲୱେ ଭବନ ଗସ୍ତ କରିବା ସମୟରେ କେବଳ କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ସାଙ୍ଗରେ ଯାଇଥିଲେ। ପୀୟୂଷ ଗୋୟଲଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଠକରେ ଉପସ୍ଥିତ ଥିଲେ। କମିଟି ସଦସ୍ୟ ଚଳିତ ବଜେଟରେ ଓଡ଼ିଶାକୁ ରେଲୱେ କ୍ଷେତ୍ରରେ କମ୍ ଅନୁଦାନ ମିଳିଛି ବୋଲି କହିବା ସହିତ ୧୧ଟି ନୂତନ ପ୍ରକଳ୍ପ ରାଜ୍ୟରେ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଏନେଇ କେନ୍ଦ୍ରମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ବଜେଟ୍ ଅନୁଦାନ ଓଡ଼ିଶା ପାଇଁ କେତେ ରହିଛି ତାର ହିସାବ ପ୍ରକ୍ରିୟାରେ କେଉଁଠାରେ ସାମାନ୍ୟ ତ୍ରୁଟି ରହିଯାଇଛି। ଖୁବ୍‌ଶୀଘ୍ର ରେଳ ମନ୍ତ୍ରଣାଳୟ ସହ ଆଲୋଚନା କରି ଏହା ଉପରେ ସ୍ପଷ୍ଟୀକରଣ ରଖାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିବା ବିଧାୟକ ଶଶିଭୂଷଣ ବେହେରା ସୂଚନା ଦେଇଛନ୍ତି। ଏହାସହ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ୧୯ଟି ପ୍ରକଳ୍ପ କାମ ହୋଇପାରୁ ନ ଥିବା ମନ୍ତ୍ରୀ କମିଟି ସଦସ୍ୟମାନଙ୍କୁ କହିଥିଲେ। ରାଜ୍ୟରେ ମୋଟ ୧୫୪୭୩ ଏକର ଜମି ଅଧିଗ୍ରହଣ କାମ ବାକିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷହେବ। ପରେ ଅନ୍ୟାନ୍ୟ ପ୍ରକଳ୍ପ ଗୁଡିକ ପାଇଁ ଅଧିକ ଅନୁଦାନ ଦିଆଯିବ ବୋଲି ଗୋୟଲ କହିଥିବା ବିଧାୟକ ସନ୍ତୋଷ ସିଂ ସାଲୁଜା ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ, ସବୁ ପ୍ରକଳ୍ପ କାର୍ଯ୍ୟ ଲାଗି ୧୦୦ପ୍ରତିଶତ ଜମି ଅଧିଗ୍ରହଣ ପ୍ରକ୍ରିୟା ହେବା ଉପରେ ଗୁରୁତ୍ୱ ଦିଆଯିବ। ଏହା ନ ହେଲେ ଅର୍ଥ ମଞ୍ଜୁର ହେବନାହିଁ ବୋଲି କହିଥିଲେ। ମାତ୍ର କମିଟି ସଦସ୍ୟମାନଙ୍କ ମଧ୍ୟରୁ କେତେଜଣ ଏହି ଶତପ୍ରତିଶତ ଜମି ଅଧିଗ୍ରହଣ ପ୍ରକ୍ରିୟା କଥାକୁ ଗ୍ରହଣ କରିପାରିନ ଥିଲେ। ଏପରି ହେଲେ କୌଣସି ପ୍ରକଳ୍ପ ସମ୍ଭବ ହେବ ନାହିଁ ବୋଲି ସେମାନେ କହିଥିଲେ।

## ହିମାଚଳ ବିଧାନସଭା କମିଟିର ଓଡ଼ିଶା ଗସ୍ତ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ହିମାଚଳ ପ୍ରଦେଶ ବିଧାନସଭାର ସରକାରୀ ହିସାବ କମିଟିର ସଦସ୍ୟମାନେ ଏହାର କାର୍ଯ୍ୟକାରୀ ଅଧ୍ୟକ୍ଷ କଲୋନେଲ୍ ଇନ୍ଦର ସିଂହଙ୍କ ନେତୃତ୍ୱରେ ମଙ୍ଗଳବାର ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ କମିଟିର ସଦସ୍ୟ ବଲ୍‌ବୀର ସିଂହ, ରାକେଶ ଜାମୁଆଲ୍, ଅର୍ଜୁନ ସିଂହ, ହୋସିୟାର ସିଂହ ଓ ସୁବାସ ଠାକୁରଙ୍କ ସମେତ କମିଟି ଅଧିକାରୀ ନିଲମ୍ ଲୋହିଆ ଓ ବରିଷ୍ଠ ରିପୋର୍ଟର କଳ୍ପନା ଶର୍ମା ସାମିଲ ଥିଲେ। ସେମାନେ ଓଡ଼ିଶା ବିଧାନସଭା ଗୃହ ଓ ଅନ୍ୟାନ୍ୟ ଉପବିଭାଗ ପରିଦର୍ଶନ କରିଥିଲେ। ଉଭୟ ରାଜ୍ୟର ବିଧାନସଭା କାର୍ଯ୍ୟାବଳୀ ଓ ପ୍ରଥା ସମ୍ପର୍କରେ ମତ ବିନିମୟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଉକ୍ତ କମିଟି ସୋମବାର ଅଧ୍ୟୟନ ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି, ଜନଜାତି ସଂଗ୍ରହାଳୟ ଓ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ୧୨ରେ ପୁରୀ ଓ ୧୩ରେ କୋଣାର୍କ ଓ ୧୪ରେ ଚିଲିକା ଓ ସାତପଡ଼ା ପରିଦର୍ଶନର କାର୍ଯ୍ୟକ୍ରମ ରହିଛି। ୧୫ତାରିଖ ଦିନ ଏହି କମିଟି ହିମାଚଳ ପ୍ରଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି।

## ଟ୍ରାଫିକ ନିୟମ ଉଲ୍ଲଘଂନ: ଚାଲାଣ ଦେୟ ଜମା ସମୟ ବଢ଼ିପାରେ

ନୂଆଦିଲ୍ଲୀ,୧୨।୨: ସରକାର ମୋଟର ଯାନ ଆଇନରେ ସଂଶୋଧନ ଆଣିବାକୁ ଯୋଜନା ରଖିଛନ୍ତି। ଟ୍ରାଫିକ ଏବଂ ପରିବହନ ନିୟମ ଉଲ୍ଲଘଂନ କ୍ଷେତ୍ରରେ ଚାଲାଣ ଜମା କରିବା ସମୟକୁ ଏଥିରେ ବଢାଯାଇ ୬୦ ଦିନ କରାଯାଇପାରେ ବୋଲି କୁହାଯାଉଛି। ଏହି ସମୟ ସୀମା ମଧ୍ୟରେ ଯାନ ମାଲିକ ଯଦି ଚାଲାଣ ରାଶି ପ୍ରଦାନ ନ କରନ୍ତି, ତାଙ୍କ ଲାଇସେନ୍ସ, ଯାନର ପଞ୍ଜୀକରଣ ନବୀକରଣ କରାଯିବ ନାହିଁ। ସଡକ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଚାଲାଣ କଟାଯାଇଥିଲେ ମଧ୍ୟ ଏହି ଅର୍ଥ ଦେବାକୁ ଯାନର ଡ୍ରାଇଭରମାନେ ଅନେକ ସମୟ ଲଗାଉଛନ୍ତି। ଏହାକୁ ବିଚାର କରି ନୂଆ ବ୍ୟବସ୍ଥା ଆଣିବାକୁ ଏବେ ଯୋଜନା କରାଯାଉଛି ବୋଲି ଅଧିକାରୀ କହିଛନ୍ତି। ଯଦି ଜଣେ ବ୍ୟକ୍ତି ଚାଲାଣ ଅର୍ଥ ପ୍ରଦାନ କରିନାହାନ୍ତି ଏବଂ ପୁଣି ଥରେ ନିୟମ ଉଲ୍ଲଘଂନ କରି ଧରା ପଡିଲେ, ସେ କ୍ଷେତ୍ରରେ ଜରିମାନା ଅର୍ଥ ଅନେକ ମାତ୍ରାରେ ବଢିଯିବ। ଏ କ୍ଷେତ୍ରରେ କମ୍ପାଉଣ୍ଡେବଲ ଚାଲାଣ କଟିବ। ଏହା ଏକ ପ୍ରକାରର ଚାଲାଣ, ଯାହା ବିନା କୌଣସି କୋର୍ଟ ଯାଇ ଟ୍ରାଫିକ୍ ପୋଲିସ ପାଖରେ ମାମଲାର ଯୋଡାଯାଇଥିବା ଅର୍ଥର ସମାଧାନ କରାଯିବ। ନୂଆ ନିୟମ ଅନ୍‌ଲାଇନ ପଏଣ୍ଟ ଅଫ୍ ସେଲ୍ ଦ୍ୱାରା ଇ-ଚାଲାଣ କାଟିବା ଉପରେ କେନ୍ଦ୍ରିତ ହେବ। ନିୟମ ଉଲ୍ଲଘଂନ କରୁଥିବା ବ୍ୟକ୍ତି ବିଶେଷଙ୍କ ବିବରଣୀ ସରକାରୀ ଏଜେନ୍ସି ପୋର୍ଟାଲରେ ଉପଲବ୍ଧ ହେବ। ଟ୍ରାଫିକ ଅଧିକାରୀମାନେ ଏହାର ସହାୟତା ନେଇ କାହା ଉପରେ କେତେ ଚାଲାଣ ଅର୍ଥ ରହିଛି କି ନାହିଁ ସେ ସମ୍ପର୍କରେ ଜାଣିପାରିବେ।

## କାମ୍ପା ପାଣ୍ଠିର ୮୦୩ କୋଟି ଟଙ୍କାର ଆକ୍ସନ ପ୍ଲାନକୁ ଅନୁମୋଦନ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କମ୍ପେନସେଟୋରି ଅଫରଷ୍ଟେଶନ ଫଣ୍ଡ ମ୍ୟାନେଜମେଣ୍ଟ ଆଣ୍ଡ ପ୍ଲାନିଂ ଅଥରିଟି (କାମ୍ପା) ପାଣ୍ଠିରେ ପ୍ରସ୍ତୁତ ୮୦୩ କୋଟି ଟଙ୍କାର ଆକ୍ସନ ପ୍ଲାନକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ଏଥିପାଇଁ ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟିୟରିଂ କମିଟି ଅଥରିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବନୀକରଣ, ପ୍ରାକୃତିକ ସମ୍ପଦର ପୁନରୁଦ୍ଧାର, ପାହାଡ ଉପରେ ବନୀକରଣ, ରକ୍ଷଣାବେକ୍ଷଣ, ଫଳ ଚାରା ରୋପଣ, ବାଉଁଶ ବୃଦ୍ଧି, ଜୀବଜନ୍ତୁ ପରିଚାଳନା ଆଦି କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ କରାଯିବ। ଚଳିତ ବର୍ଷ ବନୀକରଣ ପାଇଁ ୫,୭୧,୪୮୦୦୦ ଚାରା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଛଡା ଜଙ୍ଗଲକୁ ନିଆଁ କବଳରୁ ସୁରକ୍ଷା ଦେବା ପାଇଁ ଆକ୍ସନ ପ୍ଲାନରେ ୪୧.୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ୨୧୬ ସ୍କ୍ୱାଡ ଗଠନ କରାଯାଇଛି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ମୋନା ଶର୍ମା, ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଉମା ନନ୍ଦୁରୀ, ପିସିସିଏଫ ସନ୍ଦୀପ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଭିତରକନିକାରେ ହେନ୍ତାଳବଣ ବୃଦ୍ଧି କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

**FORM NO. 13**

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO.: 272/2018**

**State Bank of India, SARB, Bhubaneswar** .....Applicant
**Versus**
**M/s Vivekananda Book Store & Others** .....Defendant[s]

To,
**Niranjan Nanda,** S/o: Late Narayan Nanda, At/PO: Sundarpada, Pokhariput, Airfield, Bhubaneswar, Dist.: Khurda (Odisha), PIN-751002.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 272/2018** in the Court of the Debts of Recovery Tribunal, Cuttack for recovery of **Rs.26,67,417/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21.03.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **10th day of February, 2020.**

**Sd/- (Manoj Kumar Patnaik)**
**REGISTRAR**

**नालको NALCO**
**National Aluminium Company Limited**
(A Government of India Enterprise)
Nalco Bhawan, Nayapalli,
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**E-TENDER NOTICE**

Digitally signed online bids for **Two Part, Open Tender** through Central Public Procurement Portal (https://eprocure.gov.in/eprocure/app) are invited on for the following Works.

**1.RFP NO. TNCC-007/2020 :** Assistance & Support Service for Conservancy & Sanitation Work at NRTC, Gothapatna, Bhubaneswar.

**2.RFP NO. TNCC-008/2020 :** Assistance & Support Service for Conservancy & Sanitation Work at NALCO Nagar, Bhubaneswar.

**3.RFP NO. TNCC-009/2020 :** Procurement of NALCO Plaque for Superannuating Employees.

**4.RFP NO. TNCC-010/2020 :** Support Services for Repair & Maintenance Work of Telephone Equipments Including Telephone Cable Laying Work of Nalco Bhawan, HCE, Guest Houses, & Transit Houses of Nalco, BBSR.

**AGM (Elect.), T&C**

**5.Ref.No. NBC/MM/LP/SYS/NTP SERVERS/2020,** Supply of NTP SERVERS from indigenous manufacturers / suppliers

**DGM (Materials)**

For details please visit **www.e-procure.gov.in** or **www.nalcoindia.com.** Any Updates / Amendments / Extension/ Corrigendum will only be hosted in above websites.

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
**ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର**

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।**

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା ଯାହାକି ସେମାନଙ୍କୁ ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି କାରଣରୁ ଉକ୍ତ ବିଷୟରେ ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଅବଗତ କରାଗଲା।

| ଆକାଉଣ୍ଟ ନଂ. / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| **ସିସି ଆକାଉଣ୍ଟ ନଂ.: ୩୨୩୮୫୦୭୬୮୯୨ (ସିସି) / ଋଣଗ୍ରହୀତା: ମେସର୍ସ ଇନ୍‌ଫ୍ଲକ୍ସ ସିକ୍ୟୁରିଟି ସର୍ଭିସେସ୍ ପ୍ରା. ଲିଃ.,** କଳିଙ୍ଗ ନଗର, ଟେଲିଫୋନ ଏକ୍ସଚେଞ୍ଜ ପଛପାର୍ଶ୍ୱ, ଦୁରା, ପୋ.: ବ୍ରହ୍ମପୁର-୭୬୦୦୧୦, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **ନିର୍ଦ୍ଦେଶକମାନେ: ୧) ଶ୍ରୀ ଅମରେଶ୍ୱର ମିଶ୍ର, ୨) ଶ୍ରୀ ନୃସିଂହ ପ୍ରସାଦ ମିଶ୍ର, ୩) ଶ୍ରୀ ଅଜୟ କୁମାର ମିଶ୍ର, ସମସ୍ତଙ୍କ ଠିକଣା** କଳିଙ୍ଗ ନଗର, | **୧) ଶ୍ରୀମତୀ ପ୍ରମିଳା ମିଶ୍ରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦୁରା, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୯୦/୫୫୮, ପ୍ଲଟ୍ ନଂ.: ୨୦୫/୪୮୪୭, କ୍ଷେତ୍ର: ଏକର୦.୦୫୦ଡିସିମିଲି, **୨) ଶ୍ରୀ ନୃସିଂହ ପ୍ରସାଦ ମିଶ୍ର ଏବଂ ଶ୍ରୀ ଅଜୟ କୁମାର ମିଶ୍ରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦୁରା, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୯୦/୫୫୭, ପ୍ଲଟ୍ ନଂ.: ୨୦୫/୪୮୪୬, କ୍ଷେତ୍ର: ଏକର୦.୦୪୬ଡିସିମିଲି | ୩୧.୧୨.୨୦୧୯ / ୧୪.୦୮.୨୦୧୯ | ୦୨.୧୨.୨୦୧୯ ସୁଦ୍ଧା ଟ.୯୦,୬୧,୧୬୯/- + ସେବାବଦ୍ଧ ସୁଧ ଏବଂ ଖର୍ଚ୍ଚ |

ଟେଲିଫୋନ ଏକ୍ସଚେଞ୍ଜ ପଛପାର୍ଶ୍ୱ, ଦୁରା, ପୋ.: ବ୍ରହ୍ମପୁର-୭୬୦୦୧୦, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ପ୍ରମିଳା ମିଶ୍ର, ୨) ଶ୍ରୀ ନୃସିଂହ ପ୍ରସାଦ ମିଶ୍ର, ୩) ଶ୍ରୀ ଅମରେଶ୍ୱର ମିଶ୍ର, ୪) ଶ୍ରୀମତୀ ସୁଦେଷ୍ଣା ରାଣୀ ମିଶ୍ର, ୫) ଶ୍ରୀ ଅଜୟ କୁମାର ମିଶ୍ର,** ସମସ୍ତଙ୍କ ଠିକଣା: କଳିଙ୍ଗ ନଗର, ଟେଲିଫୋନ ଏକ୍ସଚେଞ୍ଜ ପଛପାର୍ଶ୍ୱ, ଦୁରା, ପୋ.: ବ୍ରହ୍ମପୁର-୭୬୦୦୧୦, ଜିଲ୍ଲା: ଗଞ୍ଜାମ, ଓଡ଼ିଶା,

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାମାନଙ୍କୁ ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟିଦାତାମାନଙ୍କୁ (ଯେଉଁଠାରେ ପ୍ରର୍ଯ୍ୟୁଜ୍ୟ) ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର **୬୦ଦିନ** ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୧.୦୨.୨୦୨୦** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**Odisha Coal and Power Limited OCPL**

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

**NIT No: OCPL/SER-109/2020Date: 12/02/2020**

Sealed bids in prescribed format are invited from agencies/firms/companies forthe following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of Submission/ Opening of bid |
|---|---|---|---|---|---|---|
| 01 | Appointment of an agency to Promote Sustainable Livelihood of the Project Displaced Families of Village Ghumudasan Under Manoharpur Coal Mine Project in Sundargarh district. | Rs.11,800/- (Rupees Eleven Thousand and Eight Hundred Only) inclusive of GST @ 18%. | Rs.1.00,000/- (Rupees One Lakh Only). | 12/02/2020 | 25/02/2020 | 3:00 PM on 06/03/2020<br>3:30 PM on 06/03/2020 |

For further details, bidders may visit our website, i.ewww.ocpl.org.in. Any clarification mayplease be addressed to the undersigned at the above address or by email to: a.kanungo@ocpl.org.in.

**Sd/- Addl. General Manager (Commercial & Contracts)**

**MCL**

**ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (EPABX)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

**ଇ-ଟେଣ୍ଡର ବିଜ୍ଞପ୍ତି**

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (**http://coalindiatenders.nic.in**) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (**http://eprocure.gov.in**) ରେ ମଧ୍ୟ ଦୃଶ୍ୟମାନ ହେଉଛି। ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବସାଇଟ୍‌ଗୁଡ଼ିକୁ ଦେଖନ୍ତୁ।

| କ୍ର. ସଂ. | ଟେଣ୍ଡର ଆଇଡ଼ି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ (₹) |
|---|---|---|---|
| 1 | 2020_MCL_163976_1 | Hiring of 02 (TWO) Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours duty for Bhubaneshwari OCP at Jagannath Area for 682 days in 02(Two) years. | 3696440.00 |
| 2 | 2020_MCL_163990_1 | Hiring of a Mahindra Bolero / Tata Pick up or equivalent cabin seat 4 plus1 and minimum 1 (one) Ton Load capacity in rear load body for 24 hours duty for use at Bhubaneshwari OCP, Jagannath Area for 682 days in 02(two) years. | 1831852.00 |
| 3 | 2020_MCL_164055_1 | Supply of Lubricants for VOLVO Make L350H Wheel Loader | 359004.00 |
| 4 | 2020_MCL_164069_1 | Repairing of Mandap at Tikilipara R and R village under CSR scheme of Basundhara Area | 399544.00 |
| 5 | 2020_MCL_164082_1 | Supply of Spares for TIL Make crane Model RT740B | 391321.00 |
| 6 | 2020_MCL_164009_1 | Hiring of a Mini Truck ( Capacity 04 Ton) for 24 hours duty for use at Jagannath OCP, Jagannath Area for 682 days in 02(two) years. | 1698862.00 |
| 7 | 2020_MCL_164117_1 | Repairing of existing bathing ghat and construction of new bathing ghats (02 nos) at Khamarpada under CSR scheme of Basundhara Area | 783649.00 |
| 8 | 2020_MCL_164123_1 | Repair and maintenance of Vidhya Bhavan School of Budhijam colony under Orient Sub-Area. | 225452.00 |
| 9 | 2020_MCL_164142_1 | Providing RCC drain from Balunga Box culvert to siding (LMGT-03) to exit the water to mines at Lingaraj OCP, Lingaraj Area. | 3119258.00 |
| 10 | 2020_MCL_164143_1 | Spraying of water on the road from ITI Chhak to G.M. office, Lingaraj Area for a period of two years (excluding rainy season). | 1007044.00 |
| 11 | 2020_MCL_164145_1 | Providing RCC culvert from main gate of GM office towards sedimentation pond, Lingaraj Area. | 1094570.00 |
| 12 | 2020_MCL_164148_1 | Providing and laying of APP for roof treatment of GM office and administrative building of Regional Store, Lingaraj Area. | 1196556.00 |
| 13 | 2020_MCL_164170_1 | Regular upkeeping of Lingaraj Area office for a period of two Years, Lingaraj Area. | 4996762.00 |
| 14 | 2020_MCL_163948_1 | Re-carpeting of bituminous roads of NSCH premises, CH Area, Talcher | 11271251.00 |
| 15 | 2020_MCL_164178_1 | PROCUREMENT OF WALL MOUNTED FANS | 81560.00 |
| 16 | 2020_MCL_164078_1 | Optimization of sluice valves for proper water distribution to various sumps at different off-take points of IWSS, Lingaraj Area | 433284.00 |
| 17 | 2020_MCL_164058_1 | Construction of Annex. Office Building (multistory) at MCL, HQ, Jagruti Vihar, Sambalpur. | 325172311.00 |
| 18 | 2020_MCL_164218_1 | Day to day breakdown maintenance/ repairing work of H.T over head lines in 1st, 2nd and 3rd shift at Lakhanpur OCP, Lakhanpur Area, MCL | 818739.00 |
| 19 | 2020_MCL_164220_1 | AMC for work of Electrical maintenance / repair of road lighting and all electrical points / fittings of GM Complex, BTI Complex and Hostel, RCSB, etc. of Lakhanpur Area,MCL | 1506406.00 |
| 20 | 2020_MCL_164214_1 | House Keeping of magazine A and C of Bharatpur Project for a period of 02 (Two) years. | 673848.00 |
| 21 | 2020_MCL_164291_1 | Cleaning and upkeeping of store shed and administrative building of Regional store AND Cleaning, dusting, re-handling and re-arranging of materials at godown in racks and to other godown at Regional Store, Lingaraj Area (For a period of Two years). | 6156435.00 |
| 22 | 2020_MCL_164292_1 | Supplying of water to the water scarce villages Kandhal Hadi Sahi, Anadipur and Madanmohanpur (Khajuria Sahi and Gopal Sahi) of Talcher sub-division for the year 2020 (Package-IV) under CSR work, Lingaraj Area. | 1154674.00 |
| 23 | 2020_MCL_164293_1 | Supplying of water to the water scarce villages Bidyadharpur, Dayanidhipur, New Dayanidhipur, Doblin and Pramod Prasad of Talcher sub-division for the year 2020 (Package-V) under CSR work, Lingaraj Area. | 1085573.00 |
| 24 | 2020_MCL_164188_1 | Annual maintenance contract of day to day mechanical works (as and when required) at intake well and WTP of IWSS, Lingaraj Area | 1057026.00 |
| 25 | 2020_MCL_164316_1 | PROCUREMENT OF LUBRICANTS FOR VOLVO MAKE WHEEL LOADERS | 1128785.00 |
| 26 | 2020_MCL_164189_1 | Maintenance of telecom network, CCTV network, LAN network and biometric machine at Lingaraj Area | 1226652.00 |
| 27 | 2020_MCL_164313_1 | Dismantling and Erection of 33 KV, 11KV, 440 volt and 220 Volt over head line in siding no.3 and 4 due to Railway track connection by RITES for SILO of Bhubaneswari OCP, Jagannath Area | 904206.00 |
| 28 | 2020_MCL_164319_1 | Operation and upkeeping of Pressure Filter Units at Balanda of Jagannath Colony of Jagannath Area for a period of two years under Jagannath Colliery, Jagannath Area. | 467652.00 |
| 29 | 2020_MCL_164346_1 | Cleaning of slush and spreading of sand on various junction at Coal Transportation road under BBSRI OCP, Jagannath Area for a period of 730 days. | 3037973.00 |
| 30 | 2020_MCL_164345_1 | Day to day operation of Aadhar Attendance System, Coalnet Network, MPLS Network, CCTV Network and associated jobs of GM Office, Lakhanpur OCP, Belpahar OCM of Lakhanpur Area, MCL | 1292563.00 |
| 31 | 2020_MCL_164379_1 | Annual up keeping and cleaning of 33KV/ 6.6KV/3.3KV receiving substation, 1.6MVA and 2MVA substation at Quarry No-4 of Lakhanpur OCP, Lakhanpur Area, MCL | 563094.00 |
| 32 | 2020_MCL_164399_1 | Supplying, stacking and laying of stone metal for repair of internal coal transportation road and pre-monsoon preventive maintenance for the year 2020-21 at Lingaraj OCP, Lingaraj Area. | 1902717.00 |
| 33 | 2020_MCL_164400_1 | Biannual Upkeeping of Sharma Chhak colony under Lingaraj OCP, Lingaraj area (For two years). | 1424682.00 |
| 34 | 2020_MCL_164401_1 | Supplying of water to the water scarce villages Balunga Khamar, Anandapur, Soubhagyanagar and Talaberena of Talcher sub-division for the year 2020 (Package-I) under CSR work, Lingaraj Area. | 1090525.00 |
| 35 | 2020_MCL_164287_1 | Hiring of 01 No. 10 wheel truck chassis mounted mist blower fog cannon along with min. 25 KVA DG Set and 12 KL Water Tank and suitable no. of nozzles. Max. 2500 KM per month run in non rainy season and Max.1500 KM per month run in rainy season. | 5790829.00 |
| 36 | 2020_MCL_164430_1 | Underground Whitewashing, Stone Dusting and cleaning of Travelling Roadways in Section-A, B and C of Hirakhand Bundia Mine, RSA, OA, MCL | 925740.00 |
| 37 | 2020_MCL_164463_1 | Underground Construction of 01 No. of Sectionalization Stopping (Bricks) and 03 Nos. of Preparatory Stopping sealings in 90LN Panel (Sec-A) of Hirakhand Bundia Mine, RSA, OA, MCL | 2447995.00 |
| 38 | 2020_MCL_164452_1 | PROCUREMENT OF ALUMINIUM LADDER | 99992.00 |
| 39 | 2020_MCL_163877_1 | Spraying of water by mobile tanker on coal transportation road from Canteen Junction to RCP Camp at LKP OCP of Lakhanpur Area (for 730 days) | 2936013.00 |
| 40 | 2020_MCL_164354_1 | Construction of Boundary Wall of Play ground at Arkil High School of Kaniha Block of Kaniha OCP of Kaniha Area under CSR Work | 1757242.00 |
| 41 | 2020_MCL_164361_1 | Deepening and Making Bathghat Two nos in Nua Bandha of Kamarei Village at Kamarei Panchayat of Kaniha OCP of Kaniha Area under CSR work | 1067087.00 |
| 42 | 2020_MCL_164371_1 | Dismantling of old cable and laying by new one for power supply to various feeders of Jagannath and Balanda Colony of Jagannath Area | 498786.00 |
| 43 | 2020_MCL_164409_1 | Erection of Aerial Bunched Cable at Feeder No. 4 of Central Colony under GM Unit, Jagannath Area | 363943.00 |
| 44 | 2020_MCL_164454_1 | Maintenance of Coalnet connectivity at different field offices and project offices of Ananta OCP, Jagannath Area for a period of two years | 301855.00 |
| 45 | 2020_MCL_164465_1 | Heightening of 6.6KV Overhead lines of OB Haul Road of Contractual Road Crossing of Garjanbahal OCP, Basundhara Area. | 316250.00 |
| 46 | 2020_MCL_164253_1 | Supply of water during summer season 2020 to village Kankarei, Bahalsahi, Chhotoberini and Pidhakhaman under Hingula OCP of Hingula Area. (Package - 25) | 1020165.00 |
| 47 | 2020_MCL_164460_1 | Supplying of water to village Kalamchhuin Purunashi, Naiksahi, Nuamundasahi, Ektali, Khuriagutha, Radha Bhuin (old and New) under Hingula Area. (Package - 21) | 1224470.00 |
| 48 | 2020_MCL_164518_1 | Making 03 nos challan room at different location of mine under Lingaraj OCP Lingaraj Area. | 621400.00 |
| 49 | 2020_MCL_164571_1 | Underground Extension of Conveyor Belt in Working District of Hirakhand Bundia Mine, RSA, OA, MCL | 1014244.00 |
| 50 | 2020_MCL_164491_1 | Construction of HT line, installation of transformer and drawing of LT line for the rehabilitation site for Hensmul Talasahi under GM Unit, Jagannath Area | 3333708.00 |
| 51 | 2020_MCL_164496_1 | AMC works for day to day pipe line works, flange supply and welding, pump shifting and miscellaneous works in the mines of Ananta OCP for a period of one year as and when required basis | 4332497.00 |
| 52 | 2020_MCL_164516_1 | Repairing and alteration of security post and other miscellaneous civil works at D 8 at BIT, LKPA. | 266077.00 |
| 53 | 2020_MCL_164531_1 | Day to day cleaning , food preparation of field canteen (for a period of 730 days) of BBSRI OCP under Jagannath Area. | 3379961.00 |
| 54 | 2020_MCL_164540_1 | Operation of pumps and water supply network in Baghamara Resettlement colony for a period of 02 (two) years. | 452067.00 |
| 55 | 2020_MCL_164562_1 | Day to Day cleaning of Magazine Building at Ananta OC Project for a period of 02 (two) years. | 346474.00 |
| 56 | 2020_MCL_164584_1 | Annual cleaning of in-motion weigh bridge no. 01 and 02 of Balram OCP under Hingula Area for a period of 02 years. | 1255907.00 |
| 57 | 2020_MCL_164595_1 | Day to day cleaning and upkeeping of Town Administrative Office at Balram Township of Balram OCP under Hingula Area for 02 years. | 667183.00 |
| 58 | 2020_MCL_164638_1 | Dismantling of Old 33KV Neutral Current Transformer and Installation, Commissioning and Testing of new 33KV Neutral Current Transformers at 132 KV Central substation, Jorabaga , Lakhanpur Area | 131032.00 |
| 59 | 2020_MCL_164602_1 | Deepening and Making Bathghat Two nos in Tenteibereni Bandha at Tenteibereni Village at Kamarei GP of Kaniha OCP of Kaniha Area under CSR | 540185.00 |
| 60 | 2020_MCL_164604_1 | Deepening and Making Bathghat Two nos in Dandasinga Nua Bandha of Dandasinga Village at Kamarei GP under CSR work of Kaniha OCP of Kaniha Area | 702671.00 |
| 61 | 2020_MCL_164616_1 | Deepening and Beautification of Pond at Chandrabil Village under CSR of Kaniha Area | 556673.00 |
| 62 | 2020_MCL_164126_1 | Procurement of spares of Telemonitoring System. | 1740117.00 |
| 63 | 2020_MCL_164653_1 | Procurement of Expended Metal Fencing (size 3000 mm x 800 mm) for Belt conveyors at OC-1 and 2. | 511836.00 |
| 64 | 2020_MCL_164655_1 | Conservancy of Project Office, Balinga Office including MTK, sub-station and Police Station outpost, Balinga under KOCP of Basundhara Area for Two (02) years | 3564193.00 |
| 65 | 2020_MCL_164661_1 | Annual Cleaning of sludge from ETP and concrete drains at KOCP of Basundhara Area | 393516.00 |
| 66 | 2020_MCL_164665_1 | Up keeping and cleaning of weigh bridge no. 01 to 10 of KOCP of Basundhara Area for a period of two years (730) days | 4165416.00 |
| 67 | 2020_MCL_164668_1 | Supplying of water to the water scarce villages Jandabahal and Satpatia Sahi of Talcher sub-division for the year 2020 (Package-IX) under CSR work, Lingaraj Area. | 1053096.00 |
| 68 | 2020_MCL_164667_1 | Renovation of Administrative building of Regional store along with making store room at Receipt Shed and new chamber for Issue shed at Regional Store, Lingaraj Area. | 1235605.00 |
| 69 | 2020_MCL_164670_1 | Supplying of water to the water scarce villages Kankili (Part-A) and Sainali of Talcher sub-division for the year 2020 (Package-XIII) under CSR work, Lingaraj Area. | 1091677.00 |
| 70 | 2020_MCL_164715_1 | PROCUREMENT OF AUTO LUBRICATION SPARES | 959895.00 |
| 71 | 2020_MCL_164644_1 | Annual cleaning of weigh bridge no. 10 and 11 including cleaning of control room and its surrounding at outsourcing patch Solada at Balram OCP. (for a period of 02 years) Re-Tender. | 1446980.00 |
| 72 | 2020_MCL_164675_1 | Annual operation of Pressure Filter including distribution of water supply in mines area of Balram OCP under Hingula Area (For a period of two years) Re-Tender. | 1545352.00 |
| 73 | 2020_MCL_164685_1 | Hiring of 01 10 wheel truck chassis mounted mist blower fog cannon along with min. 25 KVA DG Set and 12 KL Water Tank and suitable no. of nozzles (Max. 2500 KM/month run in non-rainy season, Max.1500 KM/month run in rainy season) for 3 years at KOCP | 6125758.00 |
| 74 | 2020_MCL_164676_1 | Hiring of One (1) Jeep (Scorpio/ Xylo or its equivalent) fitted with AC for 12 hrs per day duty for two years for Mahalaxmi Area (682 days).(2800km run per month).(B) | 1077560.00 |
| 75 | 2020_MCL_164688_1 | Hiring of Pay Loaders for Mechanical transfer of Coal into Railway wagons at Spur Siding No. V and VI of Ananta OCP, Jagannath Area, MCL | 393366924.00 |
| 76 | 2020_MCL_164719_1 | Fabrication of Portable shelter of size 2Mtr x 2Mtr x 2 Mtr. 08 nos. for Man power engaged at mines from safety point of view of Garjanbahal OCP at Basundhara Area | 930826.00 |
| 77 | 2020_MCL_164734_1 | Deepening and Making Bathghat Two nos in Panchayat Pond of Julibandha Village at Kamarei GP under CSR work of Kaniha OCP of Kaniha Area | 438845.00 |
| 78 | 2020_MCL_164748_1 | Underground Recovery/Salvaging of Belt/Belt Structure and Rail/Rail Track from 114NL District, HR Section-III and Transportation of the same to 122NL District of HR Section-III in Orient Colliery Mine No-1 and 2, OSA, OA, MCL | 605687.00 |
| 79 | 2020_MCL_164795_1 | Annual Upkeeping of Corporate Office Building and Campus at Jagruti Vihar, MCL HQ Sambalpur (For two years i.e. for 730 days) (2nd Call). | 10563943.00 |
| 80 | 2020_MCL_164739_1 | Hiring of 01 No. 10Te Explosive Van for 12 hrs duty per day with max 60KM run per day a period of 02 years (341 working days per year) for Lajkura OCP, IB Valley Area. | 2004650.00 |
| 81 | 2020_MCL_164745_1 | Non Comprehensive Annual Maintenance Contract for environmental telemonitoring system of mine No. 3 of Orient Area, MCL, for a period of One year | 806788.00 |
| 82 | 2020_MCL_164834_1 | Appointment of Secretarial Auditor for a period of 3 years | 180000.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ.0663-2542695/2542264, ଇ-ମେଲ : **hlp-eproc.mcl@coalindia.in**) **R-4973**

**ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍ କରନ୍ତୁ ।**




## ଜିଲା ଚିଠି
## ସୁନ୍ଦରଗଡ଼

# ବିଶ୍ୱବିଦ୍ୟାଳୟ ସ୍ୱପ୍ନ

ଉଚ୍ଚଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ରାଜ୍ୟର ଅନ୍ୟାନ୍ୟ ଜିଲାଗୁଡ଼ିକରେ ଥିବା ପ୍ରମୁଖ ମହାବିଦ୍ୟାଳୟକୁ ସ୍ୱୟଂଶାସିତ କରିବା ସହିତ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିଛନ୍ତି। କିନ୍ତୁ ଆଦିବାସୀବହୁଳ ସୁନ୍ଦରଗଡ଼ ଜିଲାରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ଜିଲାର ପ୍ରମୁଖ ମହାବିଦ୍ୟାଳଗୁଡ଼ିକୁ ଏ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିନି। ବହୁ ଦିନରୁ ଜିଲାବାସୀ ଏ ସଂକ୍ରାନ୍ତରେ ଦାବି କରି ଆସିଛନ୍ତି। ଛାତ୍ରୀଛାତ୍ର, ଶିକ୍ଷାବିତ୍‌ଙ୍କ ସହିତ ଅଧ୍ୟାପିକା ଓ ଅଧ୍ୟାପକମାନେ ଏହି ଦାବି ଉପରେ ଜୋର ଦେଇଛନ୍ତି। ହେଲେ ସରକାର ଏହି ଦାବିକୁ ଅଣଦେଖା କରି ଚାଲିଛନ୍ତି। ଫଳରେ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ସଦର ମହକୁମାରେ ଥିବା ସର୍ବପୁରାତନ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଏହି ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ସେହିପରି ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମଧ୍ୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଦାବି ଉଠିଛି। ହେଲେ ସେହି ସୁଯୋଗ କୌଣସି କଲେଜକୁ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ। ସମ୍ପ୍ରତି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ୭ଟି ଡିଗ୍ରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ପ୍ରସ୍ତାବ ରହିଛି। ହେଲେ ଏହି ତାଲିକାରେ ସୁନ୍ଦରଗଡ଼ ଜିଲାର କୌଣସି ଗୋଟିଏ ମହାବିଦ୍ୟାଳୟର ନାମ ନ ଥିବା ଜଣାପଡ଼ିଛି। ଏହା ଜିଲାର ଶିକ୍ଷାବିତ୍, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନିରାଶ କରିଛି। ନିକଟରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର ଥିଲା। ସେହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିବେ ବୋଲି ଜିଲାବାସୀ ଆଶା ବାନ୍ଧି ରହିଥିଲେ। ମାତ୍ର ଅନିବାର୍ଯ୍ୟ କାରଣବଶତଃ ମୁଖମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ ଶେଷମୁହୂର୍ତ୍ତରେ ବାତିଲ ହୋଇଥିଲା। ଫଳରେ ଅଞ୍ଚଳବାସୀଙ୍କ ଆଶା ମଉଳି ଯାଇଥିଲା। ଏଣେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କେନ୍ଦ୍ର ମାନବସମ୍ବଳ ବିକାଶ ବିଭାଗକୁ ପଠାଯାଇଥିବା ପ୍ରସ୍ତାବିତ ନୂତନ ବିଶ୍ୱବିଦ୍ୟାଳୟ ତାଲିକାରେ ସୁନ୍ଦରଗଡ଼ ଜିଲାର ଉପରୋକ୍ତ ୨ପ୍ରମୁଖ କଲେଜ ସ୍ଥାନ ପାଇପାରିନାହିଁ। ଉଚ୍ଚଶିକ୍ଷା ବିଭାଗର ଏପରି ନୀତିକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାର ସୁନ୍ଦରଗଡ଼ ଜିଲାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଦୃଷ୍ଟି ଦେବାକୁ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

– ଜୟନାରାୟଣ ମେଣ୍ଡୁଲି

# ଗ୍ରାହକ, ନିର୍ମାତାଙ୍କୁ ସଚେତନ କରିବାକୁ ମନ୍ତ୍ରୀଙ୍କ ଗୁରୁତ୍ୱ

## ଭାରତୀୟ ମାନକ ବ୍ୟୁରୋର ନବମ ରାଜ୍ୟସ୍ତରୀୟ କମିଟି ବୈଠକ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଓଡ଼ିଶାରେ ଭାରତୀୟ ମାନକ ବ୍ୟୁରୋର କାର୍ଯ୍ୟକୁ ଉପଭୋକ୍ତାମାନଙ୍କ ସୁରକ୍ଷା ଦୃଷ୍ଟିରୁ କିପରି ଲୋକାଭିମୁଖୀ ହୋଇପାରିବ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ) ଆନୁକୂଲ୍ୟରେ ମାନକୀକରଣ ଏବଂ ଗୁଣବତ୍ତା ପ୍ରଣାଳୀ ସମ୍ବନ୍ଧୀୟ ନବମ ରାଜ୍ୟସ୍ତରୀୟ କମିଟି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସ୍ୱାଇଁ କହିଲେ ଦ୍ରବ୍ୟର ଓ ସେବାର ଗୁଣବତ୍ତା ଉପରେ ଗ୍ରାହକମାନଙ୍କୁ ସୁନିଶ୍ଚିତ କରାଇବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଦ୍ରବ୍ୟର ଗୁଣବତ୍ତା ବଜାୟ ରଖିବା ନିମନ୍ତେ ଏହାକୁ ବାଧ୍ୟତାମୂଳକ କରାଯିବା ଆବଶ୍ୟକ। ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଅସାଧୁ ବ୍ୟବସାୟୀଙ୍କ ଉପରେ କିପରି ଅଙ୍କୁଶ ଲଗାଯାଇପାରିବ ସେ ସମ୍ପର୍କରେ ମନ୍ତ୍ରୀ ମତ ରଖିଥିଲେ। କମିଟିର ଉପାଧ୍ୟକ୍ଷ ଶିଳ୍ପମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର କହିଲେ, ରାଜ୍ୟର ଉପଭୋକ୍ତାମାନଙ୍କୁ ଠିକ୍ ମାନର ଦ୍ରବ୍ୟ ଓ ସେବା ଯୋଗାଇଦେଲେ ଜୀବନଧାରଣର ମାନ ବୃଦ୍ଧି ହୋଇପାରିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ବୀରବିକ୍ରମ ଯାଦବ ଭାରତୀୟ ମାନକ ବ୍ୟୁରୋ ସମ୍ବନ୍ଧୀୟ ଆଇନକୁ କିପରି କାର୍ଯ୍ୟରେ ଲଗାଇ ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେଇହେବ ସେ ନେଇ ଆଲୋଚନା କରିବା ସହିତ ଅଧିକ ସଂଖ୍ୟକ ମାନକ ପରୀକ୍ଷାଗାର ପ୍ରତିଷ୍ଠା ଓ ଅଧିକ ମାନବସମ୍ବଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକ ପ୍ରାରମ୍ଭରେ ଭାରତୀୟ ମାନକ ବ୍ୟୁରୋର ପୂର୍ବତଟ ଉପମହାନିର୍ଦ୍ଦେଶକ କେ.ସି.ଏସ୍. ବିଷ୍ଟ ଭାରତୀୟ ମାନକ ବ୍ୟୁରୋ ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିବାବେଳେ ସୁନାରୁପା ଗହଣାକୁ ହଲ୍‌ମାର୍କର ପରିସରଭୁକ୍ତ କରାଯାଇଛି ଓ ଏହା ଆଗାମୀ ୨୦୨୧ ଜାନୁୟାରୀ ୧୫ରୁ ବାଧ୍ୟତାମୂଳକ ଭାବେ ଲାଗୁ ହେବ ବୋଲି ସୂଚନା ଦେଇଥିଲେ। ସେହିପରି ଭୁବନେଶ୍ୱର କାର୍ଯ୍ୟାଳୟର ମୁଖ୍ୟ ଏ. ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଦେଇଥିବାବେଳେ, ସୁବାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଭାଜପା ଏମ୍‌ପି

## ପକ୍କାଘର ବଣ୍ଟନ ଅନିୟମିତତାର ତଦନ୍ତ ଦାବି

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଓଡିଶା ଭାଜପା ଏମ୍‌ପିମାନେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତଥା ଘର ବଣ୍ଟନରେ ଅନିୟମିତତା ନେଇ କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଅନିୟମିତତା ସମ୍ପର୍କରେ ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ରାଜ୍ୟ ସରକାର ହିତାଧିକାରୀ ତାଲିକା ପ୍ରସ୍ତୁତ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଣ୍ଟନ କରୁଥିବା ଘରକୁ କେନ୍ଦ୍ର ଯୋଜନା ନାଁରେ ବଣ୍ଟନ କରିବା କଥା। ମାତ୍ର ଓଡ଼ିଶା ସରକାର ଏହା ନ କରି କେନ୍ଦ୍ର ଯୋଜନାକୁ ନିଜସ୍ୱ ଯୋଜନା ନାଁରେ ବଣ୍ଟନ କରୁଛନ୍ତି। ସେହିପରି ରାଜ୍ୟରେ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ବଣ୍ଟନ ପାଇଁ ଅର୍ଥ ଯୋଗାଇଦେବା ମାମଲାର ତଦନ୍ତ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଏମ୍‌ପିମାନେ ଦାବି କରିଛନ୍ତି। ଭାଜପା ଏମ୍‌ପିମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ଜୁଏଲ ଓରାମ, ବସନ୍ତ ପଣ୍ଡା, ଅପରାଜିତା ଷଡଙ୍ଗୀ, ସଙ୍ଗୀତା ସିଂଦେଓ, ସୁରେଶ ପୂଜାରୀ, ବିଶ୍ୱେଶ୍ୱର ଟୁଡୁ, ନୀତିଶ ଗଙ୍ଗଦେବ ଏବଂ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ରହିଥିଲେ।

# ଘନଶ୍ୟାମ ମିଶ୍ର ଆଣ୍ଡ ସନ୍ସ ହାତେଇଲା ଗୋରୁମହିଷାଣୀ ଲୁହାପଥର ଖଣି

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଘନଶ୍ୟାମ ମିଶ୍ର ଆଣ୍ଡ ସନ୍ସ ମୟୂରଭଞ୍ଜ ଜିଲାର ଗୋରୁମହିଷାଣୀ ଲୁହାପଥର ଖଣି ହାତେଇବାରେ ସକ୍ଷମ ହୋଇଛି। ମଙ୍ଗଳବାର ହୋଇଥିବା ନିଲାମୀ ପ୍ରକ୍ରିୟାରେ ୧୧୫ ପ୍ରତିଶତ ପ୍ରିମିୟମ୍ ମୂଲ୍ୟ ସର୍ତ୍ତରେ କମ୍ପାନୀକୁ ଏହି ଖଣିର ଲିଜ୍ ଦିଆଯାଇଛି। ଏହି ଖଣିକୁ ହାତେଇବା ପାଇଁ ୧୧ଟି କମ୍ପାନୀ ନିଲାମୀରେ ସାମିଲ ହୋଇଥିଲେ। ଏହି ଖଣିରେ ୧୭.୬୦ ମିଲିୟନ ଟନ୍ ଲୁହାପଥର ରହିଥିବା କୁହାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗୋରୁମହିଷାଣୀ ଖଣି ପାଇଁ ୬୬.୨୫ ପ୍ରତିଶତ ମୂଳ ମୂଲ୍ୟ ରଖାଯାଇଥିଲା। ଆଗାମୀ ୧୮ ଯାଏ ଏହି ନିଲାମୀ ପ୍ରକ୍ରିୟା ଜାରି ରହିବ। ଏହିପରି ଭାବେ ମୋଟ ୧୯ କମ୍ପାନୀର ନିଲାମୀ କରାଯିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଲି ଦେଲି ବୋଲି କହି ହଉଥିଲା,**
**କେତେ ଦଉଥିଲା କାହାକୁ;**
**ଆଣ୍ଠୁଏ ପାଣିରେ ତପ କରୁଥିଲା**
**ପରଧନ ଖାଇବାକୁ।**

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୁରୀଣ। କେତେଜଣ ବ୍ୟକ୍ତି ପରଧନ ପ୍ରତି ଲୋଲୁପଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ହାତେଇବେ ସେ ନେଇ ପ୍ରସ୍ତୁତି ଚଳାଇଥାନ୍ତି। ଉପରକୁ ଦାନୀ ପଣ ଦେଖାଉଥିବା ବ୍ୟକ୍ତିର ଭିତିରିଆ ମନ୍ଦ ସ୍ୱଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୂରେ ଥିଲେ ପଚାରୁଥାଏ,**
**ପାଖକୁ ଅଇଲେ କଥା ନ କହେ।**

ଉପରଠାଉରିଆ ଭଲ ପାଇବା। କେତେଜଣ ବ୍ୟକ୍ତି ମନରେ ପଛେ କିଛି ଥାଉ କି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଦେଖେଇ ହୁଅନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିଥାନ୍ତି। ନ ଦେଖିଲେ ନ ଆସିଲେ ମନ ଉଣା, ମନ କଷ୍ଟ ପରନ୍ତୁ ଆସିଲେ ଆଡ଼ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କ୍ୟୁବାରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

କ୍ୟୁବାର ସାଣ୍ଟାମେରିଆଠାରେ ଏକ କନଷ୍ଟ୍ରକଶନ୍ କମ୍ପାନୀରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ସେ ହେଉଛନ୍ତି ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ କହ୍ନେଇପୁର ଗ୍ରାମର ରମେଶ ଚନ୍ଦ୍ର ମହାରଣା। ଗତ ମାସ ୩୦ ତାରିଖରେ ଏକ କ୍ରେନ୍ ଦୁର୍ଘଟଣାରେ ୩ ମହଲା ତଳକୁ ଖସି ସେ ପ୍ରାଣ ହରାଇଥିଲେ। ଏହି ଖବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆସିଥିଲା। ଏହା ପରେ ରମେଶଙ୍କ ମୃତଦେହକୁ ଜନ୍ମମାଟିକୁ ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। 'ଓଡ଼ିଶା: ମୋ ପରିବାର' ସଙ୍ଗଠନ ପକ୍ଷରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହାର ଆବାହକ ଅରୂପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ସନ୍ଧ୍ୟାରେ ମୃତ ଶରୀର ଭୁବନେଶ୍ୱର ବିମାନ ବନ୍ଦର ଯୋଗେ ଫେରିଥିଲା। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସହାୟତା ରାଶି ପରିବାରବର୍ଗଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ମୃତକଙ୍କ ପରିବାରକୁ ଅନ୍ୟ ସମସ୍ତ ସହଯୋଗ ପାଇଁ ଗଞ୍ଜାମ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

# ଖେଲୋ ଇଣ୍ଡିଆ ଲାଗି ସମସ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ମଧ୍ୟାହ୍ନରେ ଅଚାନକ କଳିଙ୍ଗ ଷ୍ଟାଡିୟମ ଗସ୍ତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଜୁ ଯୁବବାହିନୀର ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିବା ସହିତ ଚଳିତ ମାସ ୨୨ରୁ ଆରମ୍ଭ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ ଲାଗି ସମସ୍ତ ଭିତ୍ତିଭୂମିର ଯାଞ୍ଚ କରିଥିଲେ।

କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ଯୁବବାହିନୀ କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିବା ମନ୍ତ୍ରୀ ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ ଏବଂ ବିଜୁ ଯୁବବାହିନୀ ସିଇଓ ମନୋଜ କୁମାର ପାଢ଼ୀଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବିଜୁ ଯୁବବାହିନୀ ପକ୍ଷରୁ ସମସ୍ତ ଜିଲାରେ ବର୍ତ୍ତମାନ ସୁଦ୍ଧା ହୋଇଥିବା କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ମନ୍ତ୍ରୀ ଆଲୋଚନା କରିଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ବିଜୁ ଯୁବବାହିନୀକୁ ଦିଆଯାଇଥିବା ଅର୍ଥ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୫% ଅର୍ଥ ଖର୍ଚ୍ଚ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଯେଉଁସବୁ ଜିଲାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଅର୍ଥ ଖର୍ଚ୍ଚ ହୋଇ ପାରି ନାହିଁ ମାର୍ଚ୍ଚ ସୁଦ୍ଧା ସମସ୍ତ ଅର୍ଥ ଖର୍ଚ୍ଚ କରିବା ସହିତ ଜିଲାମାନଙ୍କରୁ ୟୁଟିଲାଇଜେଶନ ସାର୍ଟିଫିକେଟ୍ ଆଣିବା କାର୍ଯ୍ୟକୁ ତ୍ୱରିତ କରିବା ଲାଗି ମନ୍ତ୍ରୀ ବେହେରା ସିଇଓ ମନୋଜ କୁମାର ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମସ୍ଥିତ ସୁଇମିଂପୁଲ୍ ପରିଦର୍ଶନରେ ଯିବା ସହିତ ଷ୍ଟାଡିୟମର ପ୍ରଶାସକ ତଥା ଉପ ଶାସନ ସଚିବ ମଧୁସୂଦନ ବେହେରାଙ୍କ ସହ ଖେଲୋ ଇଣ୍ଡିଆ ଲାଗି ବିଭିନ୍ନ ଭିତ୍ତିଭୂମି ବିଷୟରେ ଆଲୋଚନା କରିଥିଲେ। ଆଥ୍‌ଲେଟିକ୍ ଗ୍ରାଉଣ୍ଡ, ସୁଇମିଂପୁଲ ଏବଂ ଅନ୍ୟାନ୍ୟ ସମସ୍ତ ଭିତ୍ତିଭୂମି ଓ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଆଉଥରେ ଭଲଭାବେ ଏସବୁକୁ ଯାଞ୍ଚ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ରାଜ୍ୟରୁ ଆସୁଥିବା ଖେଳାଳିମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେ ବିଷୟରେ ସଜାଗ ରହିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଭାରତର ନଂ.୧ କମ୍ପାନୀ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି
REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଶ୍ରୀରାମ ଫାଇନାନ୍ସ
ଲୋନ୍
2% ସୁଧ 50% ଛାଡ଼
083074-68262

ଋଣ ଋଣ ଋଣ
CAPITAL FINANCE LTD.
REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ଏକ୍ସା ଫାଇନାନ୍ସ
axafinance051@gmail.com
ସବୁ ଋଣ
1% ସୁଧ | 50% ଛାଡ଼
9990624548
7982465910

ମୁଦ୍ରା ଯୋଜନା
୧% ସୁଧ
୫୦% ଛାଡ଼

FINANCE
CAPITAL ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କେଟିଂ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
9499411272

ଖର୍ଚ୍ଚ ଋଣରୁ କଟିବ
ALL INDIA FINANCE
1% ସୁଧ | 40% ରିହାତି
094682-97482
ADDRESS: T-51, GAUTAMPURI, DELHI

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କେଟିଂ, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

COLOR DISPLAY CLASSIFIED
on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଟିଂ, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
8595495741
8595477915
Email: sarasfinance77@gmail.com

BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
Digital Tower
ଅଗ୍ରିମ- 50,00,000/-
+ ଭଡ଼ା- 50,000/-
+ 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344

TEJAS MOBILE NETWORK COMPANY
ତେଜସ୍ କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ଉପରେ ଟାୱାର ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡ଼ା 25,000/- ଟଙ୍କା ପାଆନ୍ତୁ।
Digital Xpress, Mini Shop No-7, City Point Complex, Bangalore-530068
Call / SMS Now
9691833895

ହିନ୍ଦୁସ୍ତାନ ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ୨000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8929313996

ASTROLOGY

ଗୁରୁ ସାହି ଖାନ୍
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
7503449786
8800979262

DHARITRI Career appointment Every Wednesday and Saturday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପୂର୍ବତନ ବଲିଉଡ୍ ଅଭିନେତ୍ରୀ ଟିନା ଅମ୍ବାନୀ ୬୩ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୫୭ ଫେବୃୟାରୀ ୧୧ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ୧୯୭୮ରେ ଦେବ ଆନନ୍ଦଙ୍କ ଫିଲ୍ମ ଦେଶ୍ ପରଦେଶ୍‌ରେ ଟିନା ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ତେବେ ଋଷି କପୁରଙ୍କ ସହିତ ତାଙ୍କ ଅଭିନୀତ ଫିଲ୍ମ କର୍ଜ ଏବଂ ସଞ୍ଜୟ ଦତ୍ତଙ୍କ ସହିତ ରକି ଫିଲ୍ମ ଟିନାଙ୍କୁ ଦେଇଥିଲା ସ୍ୱତନ୍ତ୍ର ପରିଚୟ । ୧୯୯୧ ଫେବୃୟାରୀରେ ଟିନା ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ବିବାହ କରିବା ପରେ ବଲିଉଡ୍‌ରୁ ଦୂରେଇ ଯାଇଥିଲେ।

ସାରା ଅଲି ଖାନ୍



# ନ୍ୟୁୟର୍କରେ ଡେଷ୍ଟିନେଶନ ୱେଡିଂ କରିବେ ସାରା

**ମୁମ୍ବାଇ:** ନିଜ ବିବାହକୁ ନିଆରା ଓ ସ୍ୱତନ୍ତ୍ର କରିବାର ସ୍ୱପ୍ନ ସବୁ ଝିଅ ଦେଖିଥାନ୍ତି। ବି-ଟାଉନ୍ ଆକ୍ଟ୍ରେସ୍‌ମାନଙ୍କର ମଧ୍ୟ ଏଭଳି ସ୍ୱପ୍ନ ରହିଛି। ତେବେ ସାରା ଅଲି ଖାନ୍ ଏଥିରୁ କିପରି ବାଦ୍ ଯାଇଥାନ୍ତେ। ସେ ମଧ୍ୟ ନିଜ ବିବାହକୁ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି। ଆପଣ ଯଦି ସାରାଙ୍କ ଫ୍ୟାନ୍ ତେବେ ଖୁସି ହୋଇଯାନ୍ତୁ, ଆମେ ଆପଣଙ୍କୁ ଜଣାଇବୁ ସାରା କିପରି ଓ କେଉଁଠି ବିବାହ କରିବାକୁ ଚାହାନ୍ତି। ଆଜିକାଲି ସୁନ୍ଦରୀ ସାରା ନିଜ ଅପ୍‌କମିଂ ଫିଲ୍ମ 'ଲଭ୍ ଆଜ୍ କଲ୍'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଇମ୍ତିଆଜ୍ ଅଲି ଦେଇଥିବାବେଳେ କାର୍ତ୍ତିକ୍ ଆର୍ଯ୍ୟନ ଓ ସାରାଙ୍କ ଯୋଡ଼ି ଏଥିରେ ଦେଖିବାକୁ ମିଳିବ। ତେବେ ଫିଲ୍ମ ପ୍ରମୋଶନ ସମୟରେ ନିଜ ବିବାହ ନେଇ ଗଣମାଧ୍ୟମ ପଚାରିଥିବା ପ୍ରଶ୍ନର ମନଖୋଲି ଉତ୍ତର ଦେଇଛନ୍ତି ସାରା। ଯେତେବେଳେ ସାରାଙ୍କୁ ପଚରାଗଲା ସେ କେଉଁଠି ବିବାହ କରିବାକୁ ଚାହାନ୍ତି ? ସେ ଉତ୍ତର ଦେଇଥିଲେ, ନ୍ୟୁୟର୍କରେ ସେ ଡେଷ୍ଟିନେଶନ ୱେଡିଂ କରିବାକୁ ଚାହାନ୍ତି। ତେବେ ଏ କଥା ସମସ୍ତେ ଜାଣନ୍ତି ଯେ, ସାରାଙ୍କୁ ନ୍ୟୁୟର୍କ ବହୁତ ପସନ୍ଦ। ଯେତେବେଳେ ବି ବ୍ୟସ୍ତ ଜୀବନରୁ ସମୟ ପାଆନ୍ତି, ସେ ଆମେରିକା ଛୁଟି କାଟିବାକୁ ଚାଲିଯାଆନ୍ତି। ସେହିଭଳି ସାରାଙ୍କୁ ପୁଣି ପଚରାଯାଇଥିଲା, ସେ ଧୁମ୍‌ଧାମ୍‌ରେ ବିବାହ କରିବାକୁ ଚାହାନ୍ତି କି ? ଏହାର ଉତ୍ତରରେ ସାରା କହିଥିଲେ, ସେ ସାଧାରଣ ଭାବେ ବିବାହ କରିବାକୁ ପସନ୍ଦ କରିବେ। ଅନ୍ୟପଟେ, କାର୍ତ୍ତିକ ଆର୍ଯ୍ୟନଙ୍କ ସହ ରିୟଲ୍ ଲାଇଫ୍‌ରେ ବ୍ରେକ୍‌ଅପ୍ ହୋଇଯାଇଥିଲେ ମଧ୍ୟ ଉଭୟଙ୍କ ଅନ୍‌ସ୍କ୍ରିନ୍ ରୋମାନ୍ସକୁ ନେଇ ଖୁବ୍ ଚର୍ଚ୍ଚା ଚାଲିଛି। ଏନେଇ ଫ୍ୟାନ୍‌ମାନେ ଉଭୟଙ୍କୁ ନିକ୍ ନେମ୍ ମଧ୍ୟ ଦେଇଛନ୍ତି। କାର୍ତ୍ତିକ-ସାରା ନାଁକୁ ନେଇ 'କାରା', 'ସରକାର', 'କରାରା' ଭଳି ନିକ୍ ନେମ୍ ସୋସିଆଲ୍ ମିଡିଆରେ ଘୁରି ବୁଲୁଛି। ତେବେ 'ଲଭ୍ ଆଜ୍ କଲ୍' ଫିଲ୍ମ ରିଲିଜ୍ ପୂର୍ବରୁ ଫ୍ୟାନ୍‌ମାନଙ୍କ ଏଭଳି ଭଲପାଇବାକୁ କାର୍ତ୍ତିକ-ସାରା ଉପଭୋଗ କରିବା ସହ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି। ଫିଲ୍ମରେ ଉଭୟଙ୍କ ଜବରଦସ୍ତ ରୋମାନ୍ସ ଦେଖିବାକୁ ମିଳିବ। ଆସନ୍ତା ୧୪ ତାରିଖରେ ଫିଲ୍ମଟି ରିଲିଜ୍ ହେବ। ଏହାଛଡ଼ା ବରୁଣ ଧାୱନଙ୍କ ଅପୋଜିଟ୍‌ରେ 'କୁଲି ନଂ୧' ଫିଲ୍ମରେ ସାରା ନଜରକୁ ଆସିବେ।

# 'କଭି ଇଦ୍ କଭି ଦିୱାଲି'ରେ ପୂଜା

**ମୁମ୍ବାଇ:** ହାଉସ୍‌ଫୁଲ୍-୪ ନାୟିକା ପୂଜା ହେଗଡେ ଏବେ ସଲମାନଙ୍କ ଅପୋଜିଟର ନାୟିକା ସାଜିବେ। ୨୦୨୧ ଇଦରେ ପରଦାକୁ ଆସିବାକୁ ଥିବା ସଲ୍‌ମାନ ଖାଁଙ୍କ ଅଭିନୀତ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ସେ ନାୟିକା ଭାବେ ନଜର ଆସିବେ ବୋଲି ଜଣାପଡିଛି। ଫିଲ୍ମ କ୍ରିଟିକ୍ ତରନ୍ ଆଦର୍ଶ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଫର୍‌ହାଦ ସାମ୍‌ଜୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ସାଜିଦ୍ ନାଡିଆଡ୍‌ୱାଲା। ଏହାର କୋ ପ୍ରଡ୍ୟୁସର ଭାବେ ସଲମାନ ଖାଁ, ସେହୋଲ ଖାଁ ଓ ଅତୁଲ ଅଗ୍ନିହୋତ୍ରୀ କାମ କରୁଛନ୍ତି।



# ବିଜ୍ଞାନ ଓ ବିବର୍ତ୍ତନବାଦ




## ଅନ୍ତର୍ଜାତୀୟ ଡାରୱିନ୍ ଦିବସ

ଇଂଲଣ୍ଡର ପରିବେଶବିତ୍ ଓ ଭୂ-ବିଜ୍ଞାନୀ ଚାର୍ଲ୍ସ ଡାର୍‌ୱିନଙ୍କ ନାମ ଆସିଲା ମାନେ ଆମର ଗୋଟିଏ କଥା ମନେପଡିଯାଏ କି ଆମ ପୂର୍ବପୁରୁଷ ମାଙ୍କଡ଼ ଥିଲେ। ତାଙ୍କ 'ଥିଓରି ଅଫ୍ ଇଭୋଲ୍ୟୁଶନ' ବା ବିବର୍ତ୍ତନବାଦ ବିଜ୍ଞାନକୁ ଏକ ଦାନ ବୋଲି କୁହାଯାଏ। ବିଜ୍ଞାନରେ ଏହାର ଯୋଗଦାନକୁ ସ୍ମରଣ କରି ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ ଅନ୍ତର୍ଜାତୀୟ ଡାରୱିନ ଦିବସ ଭାବେ ପାଳନ କରାଯାଉଛି। ଡାର୍‌ୱିନ୍ ଫେବୃୟାରୀ ୧୨,୧୮୦୯ରେ ଇଂଲଣ୍ଡରେ ଜନ୍ମଗ୍ରହଣ କରିଥିଲେ ଓ ତାଙ୍କ ଦେହାନ୍ତ ହୋଇଥିଲା ଏପ୍ରିଲ ୧୯,୧୮୮୨ରେ। ସେ ୪ରୁ ୫ ବର୍ଷ 'ବିଗଲ' ନାମକ ଏକ ଜାହାଜରେ ସମୁଦ୍ର ଯାତ୍ରା କରି ବିଭିନ୍ନ ଜାଗା ଉପରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ୧୮୫୯ରେ 'ଅରିଜିନ ଅଫ୍ ଦି ସ୍ପେସିସ୍' ଲେଖିଥିଲେ। ସେ ଏଥିରେ ବିଭିନ୍ନ ପ୍ରଜାତିର ଜୀବଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି। ପୃଥିବୀରେ ଦେଖାଯାଉଥିବା ସବୁଜୀବ ଗୋଟିଏ ପୂର୍ବଜରୁ ଆସିଛନ୍ତି ଏବଂ ପ୍ରାଣୀ ଓ ଉଦ୍ଭିଦର ବିବିଧତା ପ୍ରାକୃତିକ ଚୟନ ପ୍ରକ୍ରିୟା,ପ୍ରବ୍ରାଜନ,ପ୍ରଳୟ ଏବଂ ଆନୁବଂଶିକ ପରିବର୍ତ୍ତନରେ ସୃଷ୍ଟି ହୋଇଛି ବୋଲି ତାଙ୍କ ମତ। ଡାର୍‌ୱିନଙ୍କ 'ସର୍ଭାଇଭାଲ ଅଫ୍ ଦି ଫିଟେଷ୍ଟ'ବାକ୍ୟକୁ ସର୍ଭାଇକାଲ ଥିଓରି ଭାବେ ବ୍ୟବହାର କରାଯାଏ। ଜାତିସଂଘ ଦ୍ୱାରା ଏହି ଦିବସରେ ଡାର୍‌ୱିନଙ୍କ ଜୀବନୀ ଓ କାର୍ଯ୍ୟକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଏ। ଉକ୍ତ ଦିବସକୁ ବିଜ୍ଞାନ ଓ ମାନବିକତାର ଦିବସ ଭାବେ ଗ୍ରହଣ କରାଯାଏ। ନବେ ଦଶକର ଶେଷ ଆଡ଼କୁ ଡାର୍‌ୱିନଙ୍କର ତିନି ଜଣ ସମର୍ଥକ ଡ.ରର୍ବଟ ଷ୍ଟିଫାନ୍ସ,ଅମଣ୍ଡା ଚେସ୍‌ୱର୍ଥ ଓ ପ୍ରଫେସର ମାସିମୋ ପିଗ୍ଲ୍ୟୁସି ବେସରକାରୀ ଭାବେ 'ଡାରୱିନ ଡେ ସେଲିବ୍ରେଶନ' ଏବଂ ପରେ 'ଡାରୱିନ୍ ଡେ ପ୍ରୋଗ୍ରାମ' ଆରମ୍ଭ କରି ବିବର୍ତ୍ତନବାଦ ଓ ବିଜ୍ଞାନକୁ ଗୁରୁତ୍ୱ ଦେଇଥିଲେ। ଏବେ ଡାରୱିନ ଦିବସ ପାଳନ କରାଯାଉଛି। ଏହି ଦିବସ ଅବସରରେ ବିଶ୍ୱରେ ବିଭିନ୍ନ ଦେଶ ଓ ସଂଗଠନଦ୍ୱାରା ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ।

# ଶାମ୍ ରୋଲେଙ୍କ ବିରଳ ଫଟୋଗ୍ରାଫି



ଲଣ୍ଡନ ଅଣ୍ଡରଗ୍ରାଉଣ୍ଡ ଷ୍ଟେଶନରେ ଦୁଇଟି ମୂଷାଙ୍କ ମଧ୍ୟରେ ଲଢେଇ ଫଟୋ ୨୦୧୯ର ଲୁମିକ୍ସ ପିପୁଲସ୍ ଚଏସ ଆୱାର୍ଡ ହାସଲ କରିଛି।

ସହରୀ ବନ୍ୟ ଜୀବନର ଅଦ୍ଭୁତ ସମୟ ଓ ମନୋହର ଚିତ୍ରକୁ ସୂଚାଉଥିବା ଲଣ୍ଡନ ଅଣ୍ଡରଗ୍ରାଉଣ୍ଡ ଷ୍ଟେଶନରେ ଦୁଇଟି ମୂଷାଙ୍କ ମଧ୍ୟରେ ଲଢେଇ ଫଟୋ ୨୦୧୯ର ବନ୍ୟପ୍ରାଣୀ ଫଟୋଗ୍ରାଫର ଲୁମିକ୍ସି ପିପୁଲସ୍ ଚଏସ ଆୱାର୍ଡ ବିଜେତା ହୋଇଛି। ପୁରସ୍କାର ଲାଗି ଏହି ଫଟୋ ସପକ୍ଷରେ ୨୮,୦୦୦ ପ୍ରାକୃତିକ ଫଟୋଗ୍ରାଫି ପ୍ରଶଂସକ ଭୋଟ ଦେଇଛନ୍ତି ଏବଂ ଇଂଲଣ୍ଡର ବ୍ରିଶଟଲ ନିବାସୀ ଫଟୋଗ୍ରାଫର ଶାମ ରୋଲେଙ୍କ ଷ୍ଟେଶନରେ ମୂଷାଙ୍କ ଲଢ଼େଇ ଫଟୋଟି ଅଧିକ ପସନ୍ଦଯୋଗ୍ୟ ହୋଇଛି। ଏହି ପୁରସ୍କାର ପାଇଁ ୨୦୧୯ ନିମନ୍ତେ ଉପସ୍ଥାପନ କରାଯାଇଥିବା ୪୮ ହଜାର ଫଟୋ ମଧ୍ୟରୁ ନ୍ୟାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ ଦ୍ୱାରା କରାଯାଇଥିବା ୨୫ ଟି ଫଟୋର ଶର୍ଟଲିଷ୍ଟ କରାଯାଇଥିଲା। ସେଥିରୁ ଶାମ୍‌ଙ୍କ ଫଟୋକୁ ଚୟନ କରାଯାଇଛି। ଏହି ଫଟୋ ନ୍ୟାଶନାଲ ହିଷ୍ଟ୍ରି ମ୍ୟୁଜିୟମରେ ଅନୁଷ୍ଠିତ ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଅଫ ଦି ଇୟର ଏକ୍‌ଜିବିଶନରେ ୩୧ମେ' ୨୦୨୦ରେ ପ୍ରଦର୍ଶନ କରାଯିବ। ଗୋଟିଏ ଭଲ ଫଟୋ ଲାଗି ଶାମ ବହୁ ସପ୍ତାହ ଯାଏ ପ୍ରତି ରାତିରେ ଅନେକ ପ୍ଲାଟଫର୍ମ ଯାଇଛନ୍ତି। ଅନେକ ସମୟ ଧରି ଅପେକ୍ଷା ବି କରିଛନ୍ତି। କିନ୍ତୁ ଖୁବ କମ୍ ସମୟ ଦୁଇଟି ମୂଷାଙ୍କ ମଧ୍ୟରେ ଘଟିଥିବା ଏହି ମୂଷାଙ୍କ୍ ଲଢ଼େଇର ଫଟୋ ଉତ୍ତୋଳନ କରିବା ପରେ ତାଙ୍କ ପତୀକ୍ଷାର ଅବସାନ ଘଟିଥିଲା ଓ ସଫଳ ବି ହୋଇଥିଲେ। ଶାମ ଏହି ପୁରସ୍କାର ଜିତି ବହୁତ ଖୁସି ଅଛନ୍ତି ବୋଲି କହିଛନ୍ତି।

# ନଷ୍ଟ୍ରାଡମସ୍ କରିଥିଲେ କରୋନାଭାଇରସର ଭବିଷ୍ୟବାଣୀ



**ନୂଆଦିଲ୍ଲୀ:** କରୋନା ଭାଇରସ ଏବେ ବିଶ୍ୱବାସୀଙ୍କ ଚିନ୍ତା ବଢାଇ ଦେଇଛି। ଚାଇନାରୁ ଆରମ୍ଭ ହୋଇଥିବା ଏହି କରୋନା ଭାଇରସର ସଂକ୍ରମଣ ଏବେ ସାରା ବିଶ୍ୱକୁ ବ୍ୟାପିବାରେ ଲାଗିଛି। ଏହାର ଆରୋଗ୍ୟକୁ ନେଇ ଏପର୍ଯ୍ୟନ୍ତ କୌଣସି ଔଷଧ ପ୍ରସ୍ତୁତ ନ ହୋଇଥିବା ବେଳେ ଏହାର ଭୟାବହତା ଏବେ ସମସ୍ତଙ୍କୁ ଏକ ପ୍ରକାର ଡରାଇ ଦେଇଛି। କରୋନା ଭାଇରସ ସଂକ୍ରମଣରେ ଚାଇନାରେ ସରକାରୀ ଭାବେ ୧୦୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ ହଜାରରୁ ଊର୍ଦ୍ଧ୍ୱ ଏଥିରେ ସଂକ୍ରମିତ ହୋଇଛନ୍ତି। ଏବେ ଏହାକୁ ଦେଖି କିଏ କେତେ କଥା କହୁଛନ୍ତି। କରୋନା ଭାଇରସ ସମ୍ପର୍କରେ ଫ୍ରାନ୍ସରେ ଜନ୍ମ ନେଇଥିବା ନଷ୍ଟ୍ରାଡମସ୍‌ଙ୍କ ଭବିଷ୍ୟବାଣୀକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ମାଇକ୍ରୋବ୍ଲଗିଙ୍ଗ ସାଇଟ୍‌ରେ କେତେଜଣ ୟୁଜର୍ସ ଦାବି କରିଛନ୍ତି କି, ୪୬୫ ବର୍ଷ ପୂର୍ବରୁ ନଷ୍ଟ୍ରାଡମସ୍ କରୋନା ଭାଇରସ ସମ୍ପର୍କରେ ଭବିଷ୍ୟବାଣୀ କରିଥିଲେ। ଟୁଇଟରରେ ଜଣେ ୟୁଜର ମାର୍କୋ ମଲାକାରା କହିଛନ୍ତି, ବିଶ୍ୱବ୍ୟାପୀ ବନ୍ୟା, ଅଗ୍ନିକାଣ୍ଡ ଓ କରୋନା ଭାଇରସର ଭବିଷ୍ୟବାଣୀ ୪୬୫ ବର୍ଷ ପୂର୍ବରୁ ନଷ୍ଟ୍ରାଡମସ୍ କରିଥିଲେ। ଆଉ ଜଣେ ୟୁଜର ସ୍ପେନ ଭାଷାରେ ଲେଖିଛନ୍ତି, ମାହାମାରୀ ଏବେ ପୃଥିବୀରେ ପାଦ ରଖି ସାରିଛି, ଯାହା ୪୬୫ ବର୍ଷ ପୂର୍ବରୁ ନଷ୍ଟ୍ରାଡମସ୍ ଭବିଷ୍ୟବାଣୀ କରିଥିଲେ। ଆହୁରି ଅନେକ ଥିଓରିଷ୍ଟସ ମଧ୍ୟ କହିଛନ୍ତି, ନଷ୍ଟ୍ରାଡମସ୍ ୧୫ଶ ଶତାବ୍ଦୀରେ ନିଜ ଭବିଷ୍ୟବାଣୀରେ ଏକ ଭୟଙ୍କର ମାହାମାରୀ ବ୍ୟାପିବାର ଆଶଙ୍କା କରିଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ନଷ୍ଟ୍ରାଡମସ୍‌ଙ୍କ ଅନେକ ଭବିଷ୍ୟବାଣୀ ସତ ହୋଇଛି ବୋଲି କୁହାଯାଏ।

# ମାଟି ଭିତରୁ ଗୁଞ୍ଜରିତ ହେବ ବୀରତ୍ୱ ଗାଥା



**ରାଞ୍ଚି:** ମାଟି ଭିତରୁ ଗୁଞ୍ଜରିତ ହେବ ସ୍ୱାଧୀନତା ସଂଗ୍ରାମର ବୀରତ୍ୱ ଗାଥା। ବୀର ବିପ୍ଳବୀଙ୍କ ତ୍ୟାଗ, ସ୍ୱାଭିମାନର କଥା ବଖାଣିବ ୱାର ମ୍ୟୁଜିୟମ୍। ଆଉ ଏହାର ସାକ୍ଷୀ ରହିବ ଝାଡ଼ଖଣ୍ଡର ସର୍କୁଲାର ରୋଡ୍‌ସ୍ଥିତ ବୀର୍ସା ମୁଣ୍ଡା ସ୍ମୃତିପାର୍କ। ସଂଗ୍ରାମୀଙ୍କ ଲୁହଲହୁର ସଂଘର୍ଷକୁ ଜନମାନସରେ ପରିଚିତ କରାଇବାକୁ ବୀର୍ସା ମୁଣ୍ଡା ସ୍ମୃତିପାର୍କ ପରିସରରେ ନିର୍ମାଣାଧୀନ ୱାର ମ୍ୟୁଜିୟମ୍ ଏବେ ପୂର୍ଣ୍ଣାଙ୍ଗ ରୂପ ନେଉଛି। ଖୁବ୍‌ଶୀଘ୍ର ଏହାକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବ ବୋଲି ଜଣାପଡ଼ିଛି।

ଭୂପୃଷ୍ଠରୁ ପାଖାପାଖି ୧୫ମିଟର ଗଭୀରତା ଏବଂ ୩୬୦୦ ବର୍ଗମିଟର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି ଏହି ମ୍ୟୁଜିୟମ୍। ବାହାରୁ ଅତି ସାଧାରଣ ଦେଖାଯାଉଥିବା ଏହି ମ୍ୟୁଜିୟମ୍‌ର ଆଭ୍ୟନ୍ତରୀଣ ସରଞ୍ଜନା ବେଶ୍ ନିଆରା। ର୍‌ୟାମ୍ପ ସହାୟତାରେ ଏହାର ଭିତରକୁ ଯିବାକୁ ରାସ୍ତା ରହିଛି। ଭିତର ପାର୍ଶ୍ୱର ଦୃଶ୍ୟ ମଧ୍ୟ ବେଶ୍ ଚମତ୍କାର। ଭିତରକୁ ପଶିବା କ୍ଷଣି ଜଣେ ଅତି ନିକଟରୁ ଯୁଦ୍ଧ ଭୂମିର ଦୃଶ୍ୟକୁ ଅନୁଭବ କରିପାରିବେ। ସ୍ୱାଧୀନତା ଆନ୍ଦୋଳନରେ ବଳିଦାନ ଦେଇଥିବା ଝାଡ଼ଖଣ୍ଡର ମହାନ୍ ସଂଗ୍ରାମୀଙ୍କ ସ୍ମୃତିର ନିକଟତର ହେବାକୁ ଏହି ମ୍ୟୁଜିୟମ୍ ଅବସର ସୃଷ୍ଟି କରିବ। ଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଭଳି ଏଠାରେ ସମସ୍ତ ସୁବିଧା ଉପଲବ୍ଧ ହେବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ ଆଗେଇ ଚାଲିଛି।

ବୀର୍ସା ମୁଣ୍ଡା ପୁରୁଣା ଜେଲ ପରିସରରେ ଥିବା ସ୍ମୃତି ପାର୍କରେ ଏହି ମ୍ୟୁଜିୟମ୍‌ର ନିର୍ମାଣ ଚାଲିଛି। ଏହା ସମ୍ପୂର୍ଣ୍ଣ ହେବାକୁ ପାଖାପାଖି ୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥି ପୂର୍ବରୁ କେବଳ ପାର୍କ ପୁନରୁଦ୍ଧାର କାର୍ଯ୍ୟରେ ୨୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କେବଳ ଏତିକି ନୁହେଁ, ଏଠାକୁ ଆସୁଥିବା ପର୍ଯ୍ୟଟକ ମ୍ୟୁଜିକାଲ ୱାଟର ଫାଉଣ୍ଟେନର ମଜା ନେଇପାରିବେ। ୮ କୋଟି ଟଙ୍କା ବ୍ୟୟରେ ଏହି ଫାଉଣ୍ଟେନର ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଏହି ପାର୍କକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରାଯିବ। ଏଥିରେ ଭୂତଳ ପାର୍କିଂ ସୁବିଧା, ରେଷ୍ଟୁରାଣ୍ଟ, ଫୁଡକୋର୍ଟ ସମେତ ଅନ୍ୟ ସୁବିଧା ରହିବ। ୨୦୧୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ

## ଭୂତଳ ୱାର୍ ମ୍ୟୁଜିୟମ୍

ହେମନ୍ତ ସୋରେନ୍‌ଙ୍କ ନିର୍ଦ୍ଦେଶକ୍ରମେ ପାର୍କର ପୁନରୁଦ୍ଧାର କରାଯାଇଥିଲା। ଉକ୍ତ ସମୟରେ ୪୨ଲକ୍ଷ ଟଙ୍କା ବ୍ୟୟରେ ପାର୍କକୁ ନୂଆ ରୂପ ଦିଆଯାଇଥିଲା। ତେବେ ସରକାର ଏବଂ ନଗର ବିକାଶ ବିଭାଗର ଅଧିକାରୀଙ୍କ ପରିବର୍ତ୍ତନ ପରେ ଏହି ପ୍ରକଳ୍ପ ଖର୍ଚ୍ଚ ଢେର୍ ବଢ଼ିଯାଇ ୬୨ କୋଟିରେ ପହଞ୍ଚିଛି।




# ହଗ୍ ଡେ: ମାନସିକ ଚାପ ହ୍ରାସ କରେ ଆଲିଙ୍ଗନ

**ନୂଆଦିଲ୍ଲୀ:** ଭାଲେଣ୍ଟାଇନ୍ ୱିକ୍‌ରେ ଫେବୃୟାରୀ ୧୨ରେ ପାଳିତ ହେବ ହଗ୍ ଡେ ବା ଆଲିଙ୍ଗନ ଦିବସ। ଆଲିଙ୍ଗନ କେବଳ ପ୍ରେମୀଯୁଗଳଙ୍କ ଭଲ ପାଇବା ତଥା ଆବେଗକୁ ପରିପ୍ରକାଶ କରେ ନାହିଁ। ଏହାଦ୍ୱାରା ଶରୀରର ବହୁ ଉପକାର ହୋଇଥାଏ। ଏହାଦ୍ୱାରା ମାନସିକ ଚାପ ହ୍ରାସପାଇବା ସହିତ ହାର୍ଟ ଆଟାକ୍ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ ଏହାକୁ ଚିକିତ୍ସା ବିଜ୍ଞାନରେ ଆଲିଙ୍ଗନ ଥେରାପି କୁହାଯାଇଥାଏ। ଆଲିଙ୍ଗନ ସମୟରେ ଶରୀରରୁ ଅକ୍ସିଟୋସିନ୍ ନାମକ ହରମୋନ୍ କ୍ଷରଣ ହୋଇଥାଏ। ଏହାଦ୍ୱାରା ମା-ପିଲା, ସ୍ତ୍ରୀ-ସ୍ୱାମୀ, ଭଉଣୀ ଭାଇ ତଥା ପ୍ରେମୀଯୁଗଳଙ୍କ ମଧ୍ୟରେ ସମ୍ପର୍କ ହୋଇଥାଏ ସୁଦୃଢ଼। ଆଲିଙ୍ଗନ ସମୟରେ ଶରୀର ଓ ମନରେ ଖୁସିର ଲହରୀ ଖେଳିଯାଇଥାଏ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଶରୀରର କୌଣସି ଅଙ୍ଗରେ ଯନ୍ତ୍ରଣା ହେଲେ ମସାଜ୍ କରିବାକୁ ପରାମର୍ଶ ଦିଆଯାଇଥାଏ । ଏହାଦ୍ୱାରା ଆରାମ ଲାଗିଥାଏ । ସେହିପରି ମାନସିକସ୍ତରରେ ଯନ୍ତ୍ରଣା ଭୋଗୁଥିଲେ ଏକ ସ୍ନେହପୂର୍ଣ୍ଣ ଆଲିଙ୍ଗନ ମସାଜ୍ ପରି କାମ କରେ । ଦାମ୍ପତ୍ୟ ଜୀବନରେ ଆଲିଙ୍ଗନର ବିଶେଷ ମହତ୍ତ୍ୱ ରହିଛି । ନିବିଡ଼ ଆଲିଙ୍ଗନ ଦାମ୍ପତ୍ୟ ସମ୍ପର୍କର ସମସ୍ତ ଦ୍ୱିଧାବୋଧକୁ ନିମିଷକେ ଦୂର କରିଦେଇଥାଏ। ତେଣୁ ଆଲିଙ୍ଗନ ଦିବସରେ ମନଖୋଲି ନିଜର ସାଥୀଙ୍କୁ କରନ୍ତୁ ଆଲିଙ୍ଗନ।

# ମାଟ୍ରିକ ପରୀକ୍ଷା ସାଥୀ





## ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

**୧। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ଅଶ୍ୱତ୍ଥାମା ପାଣ୍ଡବଙ୍କ ମୁଣ୍ଡଛେଦି ଭାରକରି ଆଣୁଥିବା ସମ୍ବାଦ କିଏ ଦୁର୍ଯ୍ୟୋଧନଙ୍କୁ ଦେଇଥିଲେ ?
(ଖ) 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାଟିର ପ୍ରତ୍ୟେକ ପଦ କେଉଁ ନିୟମରେ ରଚିତ ?
(ଗ) କବି କେଉଁମାନଙ୍କୁ ମଧୁରହାସିନୀ ବୋଲି କହିଛନ୍ତି ?
(ଘ) ଉଷାଙ୍କର ପ୍ରଶାନ୍ତ ରୂପ ମନରେ କ'ଣ ଦିଏ ?
(ଙ) କବି କେଉଁଠାରେ ଆଲୋକର ଧାରା ଖେଳାଇବାକୁ କହିଛନ୍ତି ?

**୨। ଶୂନ୍ୟସ୍ଥାନ ପୂରଣ କର।** [1×5=5
(କ) ବାଦୁଡ଼ି ________ କହି ଶୁଣ ଦେବରିପୁ।
(ଖ) ସଙ୍ଗୀତ ________ ନାନାରୂପେ ମନ।
(ଗ) ନମି ଅନୁକମ୍ପା ପୟରେ ବନ୍ଦିଲେ ଉଷାର ପଦ ________।
(ଘ) ଭାଜିପଡୁ ଆଜି ________ ରାଜି, ଘେନ ବିଜୟର ମାଳା।
(ଙ) ଦୁଃଖ ଦଡ଼ମଡ଼ି ________ ମତେ କରିଦେ ତୋ' ପରି ଟାଣ।

**୩। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) 'ଜନ୍ମଭୂମି' ପ୍ରବନ୍ଧଟି କେଉଁ ଭାବନାରେ ପରିପୁଷ୍ଟ ?
(ଖ) ସାଧାରଣତଃ ବିଜ୍ଞାନକୁ କେଉଁ ଅର୍ଥରେ ଲୋକମାନେ ବ୍ୟବହାର କରିଥାଆନ୍ତି ?
(ଗ) କେଉଁମାନେ ନିଜର ଅପାରଗତା ପାଇଁ ନିଜକୁ ନ୍ୟୂନ ମନେକରନ୍ତି ?
(ଘ) ପ୍ରଥମଥର ପାଇଁ ଗୁରୁ ରାମକୃଷ୍ଣ ନରେନ୍‌ଙ୍କୁ କାହିଁକି ଧିକ୍‌କାର କରିଥିଲେ ?
(ଙ) 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପୁସ୍ତକ କିଏ ରଚନା କରିଥିଲେ ?

**୪। 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପ୍ରାଚୀ ସମିତି | ଫକୀରମୋହନ ସେନାପତି |
| ଉତ୍ତରକକ୍ଷ | ପଥପ୍ରଦର୍ଶକ |
| ରିଙ୍ଗ୍‌ଲିଡ଼ର | ମେଘ |
| ବିଜ୍ଞାନ | ଧରଣୀ |
| ସ୍ତୂପୀକୃତ | ସଚ୍ଚିଦାନନ୍ଦ ରାଉତରାୟ |
| | ଆର୍ତ୍ତବଲ୍ଲଭ ମହାନ୍ତି |

**୫। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) କିଏ ମୁକ୍ତି ଖୋଜିଥାଏ ଓ ସେ ମୁକ୍ତିପାଇଁ କ'ଣ କରେ ?
(ଖ) ରାଜଜେମା ନିଜର କୃତଜ୍ଞତା ଜଣାଇଲେ କାହିଁକି ?
(ଗ) ନଡ଼ିଆ ବଣଭିତରେ କାହାର ଧଳାକୋଠାଟା ଚକ୍‌ମକ୍ କରୁଛି ?
(ଘ) ଜୟଦେବବାବୁ ଓ ମିଶ୍ରବାବୁ ଦୁହିଁଙ୍କର ଚରିତ୍ର ମଧ୍ୟରେ କି ପାର୍ଥକ୍ୟ ଦେଖାଯାଏ ?
(ଙ) ଉତ୍ତରାଧିକାରୀଙ୍କ ସଂପର୍କରେ ମନ୍ତ୍ରୀଙ୍କ ମତ କ'ଣ ଥିଲା ?

**୬। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ନରସିଂହ ଦେବ ଚନ୍ଦ୍ରଭାଗାରେ ଏକ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରନ୍ତୁ – ଏହା କାହାର ଶେଷଇଚ୍ଛା ଥିଲା ?
(ଖ) ସୁନ୍ଦ-ଉପସୁନ୍ଦଙ୍କ ପିତାମହ କିଏ ଥିଲେ ?
(ଗ) "ମୁଁ ପଲକ ମାତ୍ରକେ ଚରାଚର ଉଚ୍ଛନ୍ନ କରିଦେବି" – ଏ ଉକ୍ତିଟି କିଏ କହିଛନ୍ତି ?
(ଘ) ହଁ ବାବା, ସେଇ ଗୋଟିକ ତ ଠାକୁରେ ଆମକୁ ଦେଇଛନ୍ତି – ଏ ଉକ୍ତିଟି ଧରମା ମା' କାହାକୁ କହିଛି ?
(ଙ) "ସମୁଦ୍ର ଜୁଆର ନିଜ ଇଚ୍ଛାରେ ଭଟ୍ଟା ପଡ଼େ ସିନା, କେହି ବଳ ପ୍ରୟୋଗରେ ଭଟ୍ଟା ପକାଇ ପାରିବ ନାହିଁ।" – ଏ ଉକ୍ତିଟି କାହାର ?

**୭। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ବାକ୍ୟ କାହାକୁ କହନ୍ତି ?
(ଖ) ବାକ୍ୟରେ ସମ୍ବନ୍ଧ ପଦ କେଉଁଠାରେ ବସେ ?
(ଗ) ଜେଜେ ଆସିବେ ଓ ଆମେ ସମସ୍ତେ ଖୁସି ହେବୁ। – ଏହାକୁ ସରଳ ବାକ୍ୟରେ ପ୍ରକାଶ କର।
(ଘ) ତନୁଜା ନାଚୁ। – ଏହାକୁ ଭାବ ବାଚ୍ୟରେ ରୂପାନ୍ତର କର।
(ଙ) ଅତି ଅଧିକ ବକ୍ତବ୍ୟ ସ୍ପୃହଣୀୟ ନୁହେଁ। – ସଂକ୍ଷେପରେ ପ୍ରକାଶ କର।

**୮। ଅଶୁଦ୍ଧି ସଂଶୋଧନ କର।** [1×5=5
(କ) ବିଷର୍ଜନ
(ଖ) କ୍ଷୁନ୍ନ
(ଗ) କାର୍ପଣ୍ୟତା
(ଘ) ଜନତାମାନଙ୍କର
(ଙ) ଅଧୀନସ୍ଥ

**୯। ନିମ୍ନଲିଖିତ ରୂଢ଼ି / ଲୋକବାଣୀର ଅର୍ଥ ଲେଖ।** [1×5=5
(କ) ଶୋଇଲା ପୁଅର ଭାଗ ନାହିଁ
(ଖ) ହଲିଲା ପାଣିରେ ଗୋଡ଼ ନ ଦେବା
(ଗ) ଅଦା ବେପାରୀର ଜାହାଜ ମୂଲ
(ଘ) ମନ ଘର ଧରିବା
(ଙ) ଆ ବଳଦ ମୋତେ ବିନ୍ଧ୍

**୧୦। ଠିକ୍ ଥିଲେ ☑ ଚିହ୍ନ ଓ ଭୁଲ୍ ଥିଲେ ☒ ଚିହ୍ନ ଦିଅ।** [1×5=5
(କ) ମିତ୍ରାକ୍ଷର ଛନ୍ଦ ଚାରିଭାଗରେ ବିଭକ୍ତ।
(ଖ) ଚୋଖି ଛନ୍ଦରେ ଚାରିପଦରେ ଏକ ପଦ ହୁଏ।
(ଗ) ଶଙ୍କରାଭରଣ ଛନ୍ଦର ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ଚଉଦ।
(ଘ) ଅହିମକର ତାପ ନାଶେ ଶୋଭା ସାରସ ଚକ୍ରେ
ଅହିମକର ତାପ ନାଶେ ଶୋଭା ସାରସ ଚକ୍ରେ – ଏଥିରେ ଶ୍ଳେଷ ଅଳଙ୍କାର ପ୍ରଯୁକ୍ତ।
(ଙ) ଉତ୍ପ୍ରେକ୍ଷା ଅଳଙ୍କାରରେ ଉପମାନ ଉପମେୟ ଉଭୟର ସାଦୃଶ୍ୟ ବର୍ଣ୍ଣନା କରାଯାଇଥାଏ।

### PART – II (SUBJECTIVE)

**11. (କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ।** [7
'ଜାଗ ବନ୍ଧନହରା' କବିତାର ସାରମର୍ମ ଆଲୋଚନା କର।
**କିମ୍ବା,** ପଠିତ କବିତା ଅବଲମ୍ବନରେ ମାଟିପ୍ରତି କବିଙ୍କ ଦୃଷ୍ଟିଭଙ୍ଗୀର ପରିଚୟ ଦିଅ।

**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ (ପ୍ରାୟ ୫୦ଟି ଶବ୍ଦରେ)।** [5
"କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?"
**କିମ୍ବା,** "ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ।"

**12. (କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ।** [7
ଜନ୍ମଭୂମିକୁ ଫେରିଯିବା ପାଇଁ ନୈତିକ ସାହସ ନାହିଁ ବୋଲି ଲେଖକ କାହିଁକି ଭାବିଛନ୍ତି ?
**କିମ୍ବା,** ପଠିତ ପ୍ରବନ୍ଧକୁ ଭିତ୍ତି କରି ମାତୃଭାଷାର ପ୍ରସାର ପାଇଁ ଲେଖକଙ୍କ ଚିନ୍ତନ ପ୍ରୟାସର ବିଶ୍ଳେଷଣ କର।

**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ (ପ୍ରାୟ ୫୦ଟି ଶବ୍ଦରେ)।** [5
"ସନ୍ନ୍ୟାସୀ ରୂପ ଭିତରୁ ସେନାପତି କିନ୍ତୁ ଧରାପଡ଼ି ଯାଉଥିଲେ।"
**କିମ୍ବା,** "ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ପ୍ରତ୍ୟେକେ ଜାଣିବେ, ସେତେବେଳେ ମୈତ୍ରୀର ଧ୍ୱଜା ଉଡ଼ିବ ।"

**୧୩। ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ।** [10
(କ) **ଛାତ୍ର ଜୀବନ ଓ ସମାଜସେବା**
(ଉପକ୍ରମ – ସମାଜସେବାର ପରିଭାଷା – ସମାଜସେବାର ସ୍ୱରୂପ – ଉପସଂହାର।)
(ଖ) **ଉତ୍କଳର ପର୍ବପର୍ବାଣି**
(ଉପକ୍ରମ – ପର୍ବପର୍ବାଣି ପାଳନର ଆଭିମୁଖ୍ୟ – ବିଭିନ୍ନ ପର୍ବପର୍ବାଣି ଓ ଜନଜୀବନରେ ସେଗୁଡ଼ିକର ପ୍ରଭାବ – ଆଧୁନିକ କାଳରେ ଏହାର ରୂପରେଖ – ଉପସଂହାର)
(ଗ) **ଦୂରଦର୍ଶନ:**
(ଉପକ୍ରମ – ଦୂରଦର୍ଶନର ଉଦ୍ଭାବନ – ଦୂରଦର୍ଶନ କେମିତି କାମ କରେ – ଉପକାରିତା – ଅପକାର – ଉପସଂହାର।)

**୧୪। ପ୍ରାୟ ୧୦୦ଟି ଶବ୍ଦରେ ପତ୍ର ବା ଦରଖାସ୍ତ ଲେଖ।** [6
ପିତାମାତାଙ୍କ ଅବାଧ୍ୟ ନ ହେବାକୁ ପରାମର୍ଶଦେଇ ଦୂରରେ ଥିବା ସାନଭାଇ ନିକଟକୁ ପତ୍ର।
**କିମ୍ବା,** ତୁମ ଅଞ୍ଚଳରେ ଏକ ପଶୁ ଚିକିତ୍ସାଳୟ ଖୋଲିବା ନିମନ୍ତେ ରାଜ୍ୟ ପଶୁ ଚିକିତ୍ସା ନିର୍ଦ୍ଦେଶକଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

**୧୫। ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ ।** [2×5=10
ପୃଥିବୀରେ ଏପରି କେହି ଜଣେ ନାହାଁନ୍ତି, ଯାହାର କି କୌଣସି ଦିଗରେ ପାରଦର୍ଶିତା ନାହିଁ; ଅର୍ଥାତ୍ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ନା କିଛି ଦିଗରେ ପାରଦର୍ଶିତା ଅର୍ଜନ ନିମନ୍ତେ ସାମର୍ଥ୍ୟ ଲୁକ୍‌କାୟିତ ହୋଇ ରହିଛି, ତାକୁ କେବଳ ଖୋଜି କାଢ଼ିବା ଦରକାର। ନିଜର ମହତ୍ତ୍ୱ ଦ୍ୱାରା ସମାଜର କଲ୍ୟାଣ ସାଧନ କରିବାକୁ ହେବ। ସେତେବେଳେ ବୁଝିବାକୁ ହେବ ଯେ ମୁଁ କେବଳ ମୋର ନୁହେଁ, ମୁଁ ଏ ସମାଜର, ମୋ ରାଷ୍ଟ୍ରର, ଏ ବିଶାଳ ବିଶ୍ୱର। ସାହିତ୍ୟିକ, ସାଂସ୍କୃତିକ, ଆର୍ଥନୀତିକ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାଭିତ୍ତିକ,ସାଂଗଠନିକ, ପ୍ରଶାସନିକ, ବାଣିଜ୍ୟିକ ଦିଗ ସମେତ ବହୁ ଦିଗ ରହିଛି ଯାହାକୁ ଆମେ ସାମାଜିକ ବିକାଶର ମାନଦଣ୍ଡ ବୋଲି କହିପାରିବା। କୌଣସି ନା କୌଣସି ଦିଗର ବିକାଶ କ୍ଷେତ୍ରରେ ଆମର କିଛି ନା କିଛି ଅବଦାନ ଅଭିନନ୍ଦନୀୟ। ସମାଜକୁ କିଛି ଦେବାର ମାନସିକତା, ନେଇଯିବାର ମାନସିକତା ନୁହେଁ। ନେଇଯିବାର ମାନସିକତା ଆଣିଦିଏ ସଂକୀର୍ଣ୍ଣତା, ସ୍ୱାର୍ଥପରତା ଓ ଆତ୍ମମ୍ଭରିତା। ତାହା ଜୀବନକୁ ଆତ୍ମକୈନ୍ଦ୍ରିକ ଓ ସୁବିଧାବାଦୀ କରିଦିଏ। ନିଜେ ନିଜ ଜାଲରେ ବାନ୍ଧି ହୋଇଯାଇ ଆଉ ଫିଟି ନ ପାରି ଜୀବନ ସରିଯାଏ। ସେ ବଞ୍ଚିବା ଯଥାର୍ଥ ବଞ୍ଚିବା ନୁହେଁ। ସ୍ୱାମୀ ବିବେକାନନ୍ଦଙ୍କ କଥାରେ – "ସଂକୀର୍ଣ୍ଣତା ହିଁ ମୃତ୍ୟୁ। ପ୍ରସାରତା ହିଁ ଜୀବନ।" କେବଳ ମହତ୍ତ୍ୱକୁ ଖୋଜି ପାଇଲେ ହେବ ନାହିଁ ତାହାକୁ ସାମାଜିକ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ଅଧ୍ୟବସାୟ ଆବଶ୍ୟକ। ଅଧ୍ୟବସାୟ ଆତ୍ମବିଶ୍ୱାସ ଆଣେ ଏବଂ ଅଭ୍ୟାସ ଆତ୍ମକର୍ତ୍ତୃତ୍ୱ ଆଣିଦିଏ।

ପ୍ରଶ୍ନ :
(କ) କ'ଣ ଖୋଜି କାଢ଼ିବା ଦରକାର ?
(ଖ) କାହାକୁ ଆମେ ସାମାଜିକ ବିକାଶର ମାନଦଣ୍ଡ ବୋଲି କହିପାରିବା ?
(ଗ) ମଣିଷ କେତେବେଳେ ଆତ୍ମକୈନ୍ଦ୍ରିକ ହୋଇଯାଏ ?
(ଘ) ସ୍ୱାମୀ ବିବେକାନନ୍ଦ ଜୀବନ ଓ ମୃତ୍ୟୁ ସମ୍ପର୍କରେ କ'ଣ କହିଥିଲେ ?
(ଙ) ଅଧ୍ୟବସାୟ କାହିଁକି ଆବଶ୍ୟକ ?

### ANSWERS: PART – I (OBJECTIVE)

୧। (କ) ଦୃଢ଼କ୍ଷ (ଖ) 'ବ' ଆଦ୍ୟବର୍ଣ୍ଣ (ଗ) ଦିଗଙ୍ଗନା (ଘ) ବିଶ୍ୱାସ (ଙ) ଲକ୍ଷ ଜୀବନରେ

୨। (କ) ରାବଣେ (ଖ) ଆବେଶେ (ଗ) ସବିନୟରେ (ଘ) ଅର୍ଗଳ (ଙ) ସହିବାକୁ

୩। (କ) 'ଜନ୍ମଭୂମି' ପ୍ରବନ୍ଧଟି 'ବସୁଧୈବ କୁଟୁମ୍ବକମ୍' ଭାବନାରେ ପରିପୁଷ୍ଟ। (ଖ) ସାଧାରଣତଃ ଜଡ଼ ଓ ଜୀବନ୍ତ ବିଷୟରେ ସୁସଂବଦ୍ଧ, ଶୃଙ୍ଖଳିତ ସମ୍ୟକ୍ ଜ୍ଞାନକୁ ଲୋକମାନେ ବିଜ୍ଞାନରୂପେ ବ୍ୟବହାର କରିଥାଆନ୍ତି। (ଗ) ଇଂରେଜି ପଢ଼ିପାରୁ ନଥିବା ଲୋକମାନେ ନିଜର ଅପାରଗତା ପାଇଁ ନିଜକୁ ନ୍ୟୂନ ମନେକରନ୍ତି। (ଘ) ନରେନ୍ ଆତ୍ମମୁକ୍ତି ଚାହୁଁଥିଲେ, ତେଣୁ ଗୁରୁ ରାମକୃଷ୍ଣ ନରେନ୍‌ଙ୍କୁ ଧିକ୍‌କାର କରିଥିଲେ। (ଙ) 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପୁସ୍ତକ ପଣ୍ଡିତ ନୀଳକଣ୍ଠ ଦାସ ରଚନା କରିଥିଲେ।

୪।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପ୍ରାଚୀ ସମିତି | ଆର୍ତ୍ତବଲ୍ଲଭ ମହାନ୍ତି |
| ଉତ୍ତରକକ୍ଷ | ସଚ୍ଚିଦାନନ୍ଦ ରାଉତରାୟ |
| ରିଙ୍ଗ୍‌ଲିଡ଼ର | ଫକୀରମୋହନ ସେନାପତି |
| ବିଜ୍ଞାନ | ପଥପ୍ରଦର୍ଶକ |
| ସ୍ତୂପୀକୃତ | ମେଘ |

୫। (କ) ଯାହାର ବନ୍ଧନ ଅଛି ସେ ମୁକ୍ତି ଖୋଜିଥାଏ ଏବଂ ସେ ମୁକ୍ତିପାଇଁ ନାନାରକମର ସାଧନା କରନ୍ତି। (ଖ) ରାଜଜେମାଙ୍କ ପିତାଙ୍କ ଇଚ୍ଛାଙ୍କୁ ଯେହେତୁ ସଭାସଦ୍‌ଗଣ ସ୍ୱୀକାର କରିଛନ୍ତି ତେଣୁ ସେ ନିଜର କୃତଜ୍ଞତା ଜଣାଇଲେ। (ଗ) ସୁରଜମଲ ମାରୁଆଡ଼ିର ଧଳା କୋଠାଟା ନଡ଼ିଆ ବଣ ଭିତରେ ଚକ୍‌ମକ୍ କରୁଛି। (ଘ) ଜୟଦେବ ବାବୁ ମଣିଷସମାଜ ମଧ୍ୟରେ ଏକ ସାଧାରଣ ଚରିତ୍ର ହୋଇଥିବାବେଳେ ମିଶ୍ରବାବୁ ଏକ ଅସାଧାରଣ ଚରିତ୍ର ନ ହେଲେ ବି ସାଧାରଣ ଚରିତ୍ରଠାରୁ ଟିକିଏ ଭିନ୍ନ। (ଙ) ମନ୍ତ୍ରୀଙ୍କ ମତରେ ପୁତ୍ରଭଳି କନ୍ୟାକୁ ମଧ୍ୟ ରାଜସିଂହାସନ ପ୍ରଦାନ କରିବା ପରମ୍ପରା ଏ ରାଜ୍ୟରେ ରହିଛି।

୬। (କ) ଛାୟା ମହାଦେବୀଙ୍କର (ଖ) ହିରଣ୍ୟକଶିପୁ (ଗ) ଶମନ (ଘ) ଆଗନ୍ତୁକଙ୍କୁ (ଙ) ବ୍ରହ୍ମାଙ୍କର

୭। (କ) ଏକ ବା ଏକାଧିକ ପଦ ମିଳିତ ହୋଇ ମନର ଭାବକୁ ସଂପୂର୍ଣ୍ଣ ରୂପେ ପ୍ରକାଶ କଲେ ତାହାକୁ ବାକ୍ୟ କୁହାଯାଏ। (ଖ) ବାକ୍ୟରେ ସମ୍ବନ୍ଧ ପଦ ସମ୍ବନ୍ଧିତ ପଦ ପୂର୍ବରୁ ବସେ। (ଗ) ଜେଜେ ଆସିବା ହେତୁ ଆମେ ସମସ୍ତେ ଖୁସି ହେବୁ। (ଘ) ତନୁଜାର ନାଚ ହେଉ। (ଙ) ଅତ୍ୟଧିକ ବକ୍ତବ୍ୟ ସ୍ପୃହଣୀୟ ନୁହେଁ।

୮। (କ) ବିସର୍ଜନ (ଖ) କ୍ଷୁଣ୍ଣ (ଗ) କାର୍ପଣ୍ୟ / କୃପଣତା (ଘ) ଜନତାର (ଙ) ଅଧୀନ

୯। (କ) କର୍ମକୁଣ୍ଠ ଲୋକ ଜୀବନରେ ହାରିଯାଏ (ଖ) ଗଣ୍ଡଗୋଳରେ ନ ପଶିବା (ଗ) ଅନଧିକାର ଚର୍ଚ୍ଚା (ଘ) ଅସୁବିଧାରେ ପଡ଼ି ସଚେତନ ହେବା (ଙ) ବିପଦକୁ ଡାକି ଆଣିବା

୧୦। (କ) ☒ (ଖ) ☑ (ଗ) ☑ (ଘ) ☒ (ଙ) ☒

### ANSWERS: PART – II (SUBJECTIVE)

୧୧। (କ) ମାର୍କସୀୟ ଚିନ୍ତାଧାରାରେ ଅନୁପ୍ରାଣିତ ଓ ଓଡ଼ିଶାରେ ସାମ୍ୟବାଦ ଭାବଧାରାର ଭଗୀରଥ ଭଗବତୀଚରଣଙ୍କ ସଂସ୍ପର୍ଶରେ ଆସି ସମାଜ ରାଜନୈତିକ ଦର୍ଶନକୁ ଆଧାର କରି ଅନନ୍ତ ପଟ୍ଟନାୟକ ନିଜକୁ ଜଣେ ପ୍ରଗତିବାଦୀ କବି ଭାବରେ ପ୍ରତିଷ୍ଠିତ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ 'ଅବାନ୍ତର' କବିତା ପୁସ୍ତକ ସହିତ ରକ୍ତଶିଖା, ଛାଇର ଛିଟା, ଅଲୋଡ଼ା ଲୋଡ଼ା, କିଞ୍ଚିତ ଆଦି ତାଙ୍କ କାବ୍ୟକୃତିର ସାର୍ଥକ ପରିଚୟ।

ଉଦ୍‌ବୋଧନମୂଳକ କବିତା 'ଜାଗ ବନ୍ଧନହରା'ରେ କବି ଏକ ଶ୍ରେଣୀହୀନ ସମାଜ ପାଇଁ ଆଶାବାଦୀ। ସ୍ୱପ୍ନ ଦେଖି ସ୍ୱପ୍ନକୁ ସାକାର କରିବାର ସାମର୍ଥ୍ୟ କେବଳ ତରୁଣମାନଙ୍କର ରହିଛି। କ୍ଷୟଶୀଳ, ପରଂପରା ପୀଡ଼ିତ ସମାଜ ବ୍ୟବସ୍ଥା ବିରୋଧରେ ସଂଗ୍ରାମ କରି ବିଜୟଲାଭ କରିବାପାଇଁ କବି ତରୁଣଗୋଷ୍ଠୀକୁ ଆହ୍ୱାନ କରି ଗାଇଛନ୍ତି –

"ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନହରା ....."

ଯୁଗଯୁଗ ଧରି ପୀଡ଼ିତ ମଣିଷର ଦୁଃଖ କବି ହୃଦୟକୁ ଆନ୍ଦୋଳିତ କରିଛି। ସର୍ବହରା ଜନତାକୁ ସେମାନଙ୍କ ଭାଗ୍ୟବାଦର ଭାବନାରୁ ମୁକ୍ତ କରିବାକୁ କବି ତରୁଣମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ନିର୍ଭୀକ ତରୁଣ ମୃତ୍ୟୁଦୁଆରେ ସଦର୍ପରେ ଠିଆହୋଇ ଜୀବନର ଅମର ସଂଗୀତ ଗାନକରନ୍ତୁ ବୋଲି କବି ଇଚ୍ଛାକରିଛନ୍ତି। ଜଡ଼ ଜନତାର ହୃଦୟରେ ଚେତନାର ପ୍ରଦୀପ ଜଳାଇ ଚନ୍ଦ୍ର-ସୂର୍ଯ୍ୟ-ତାରାଦିଙ୍କୁ ଶଙ୍କିତ କରାଇବାକୁ କବି ତରୁଣମାନଙ୍କୁ ପ୍ରୋତ୍ସାହିତ କରି କହିଛନ୍ତି–

"ସ୍ପନ୍ଦନ ବହି ଅନ୍ତରେ କୋଟି ପ୍ରଦୀପ ଉଚ୍ଚେ ଧର
ଶଂକିତ ହେଉ କଂପିତ ପ୍ରାଣେ ଚନ୍ଦ୍ର ତପନ ତାରା।"

ନୂତନ ସମାଜର ସନ୍ଧାନ ପଥ କଣ୍ଟକିତ, ପୁଣି ମୋହ ମମତାର କୁହେଳିକା ପଥଭ୍ରଷ୍ଟ କରିବାର ନିଶ୍ଚିତ ସମ୍ଭାବନାକୁ ଏଡ଼େଇବାକୁ ପଡ଼ିବ। ମହାପୁରୁଷମାନଙ୍କ ମହତ୍‌ବାଣୀ ରୂପକ ଶଙ୍ଖନାଦରେ ସମାଜର ପରିବର୍ତ୍ତନ ଅବଶ୍ୟ ସମ୍ଭବ ହେବ। ତରୁଣମାନେ ମାନବବାଦର ଝଡ଼ ସୃଷ୍ଟି କରି ଜୀର୍ଣ୍ଣ ସମାଜର ଶୀର୍ଣ୍ଣ ମଣିଷକୁ ଜାଗ୍ରତ କରାନ୍ତୁ। ମରୁପଥରେ ସୃଷ୍ଟି କରନ୍ତୁ ନିର୍ଝର। ବିଦ୍ରୋହରୂପକ ରଥଚକ ତଳେ ଧୂଳିସାତ୍ ହେଉ ପୀଡ଼ାର ପର୍ବତ। ପରଂପରାର ଅର୍ଗଳ ଭାଙ୍ଗି ନ୍ୟାୟ ଯୁଦ୍ଧରେ ବିଜୟୀ ହୋଇ ତରୁଣ ବିଜୟର ଜୟମାଲ୍ୟ ପିନ୍ଧୁ ବୋଲି କହି କବି ଗାଇଛନ୍ତି–

"ଭାଜି ପଡୁ ଆଜି ଅର୍ଗଳରାଜି
ଘେନ ବିଜୟର ମାଳା ଜାଗ ବନ୍ଧନହରା।"

**କିମ୍ବା,** ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ସ୍ୱାଧୀନତା ପରବର୍ତ୍ତୀ ଲୋକପ୍ରିୟ ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀ ବେଶ୍ କିଛି ପାଠକଙ୍କୁ ରୁଣ୍ଡେଇଛନ୍ତି। ସାବଲୀଳ ଭାଷା ଭିତରେ ପ୍ରତିଭାତ ହୋଇଛି ସ୍ୱଦେଶପ୍ରୀତି, ସାଂସ୍କୃତିକ ଚେତନା, ଜୀବନବୋଧ, ଆଧ୍ୟାତ୍ମିକ ଭାବନା। କନକାଞ୍ଜଳି, ବିହାୟସୀ ପ୍ରଭୃତି ସୃଷ୍ଟି ନିଚୟ ଓଡ଼ିଆ ସାହିତ୍ୟକୁ କବିଙ୍କର ଅବଦାନ ନିଶ୍ଚୟ ପ୍ରଶଂସନୀୟ।

ମାଟି ସହିତ ମା'କୁ ତୁଳନା କରି କବି ଏକ ଅନୁପମ ଉପମା ଦେଇଛନ୍ତି ଆଲୋଚ୍ୟ କବିତା 'ସର୍ବଂସହା ମାଟି'ରେ। କବିଙ୍କ ଉପଲବ୍ଧିରେ ମାଟି ମମତାରୂପିଣୀ ମାଆସ୍ୱରୂପା। ସେ ସର୍ବଂସହା କେବଳ ନୁହେଁ, ସମଦୃଷ୍ଟିସଂପନ୍ନା। ସନ୍ତାନଙ୍କ ଅଳିଅଝଟ ସହିବାରେ ତା' ମାତୃତ୍ୱର ସାର୍ଥକତା, ମମତା ବାଣ୍ଟିବାରେ ମନରେ ନଥାଏ କପଟତା। ଛାତିର ମଧୁର ଜଳରେ, ମନ୍ଦ ମଳୟରେ, ସୁମିଷ୍ଟ ଫଳରେ ସନ୍ତାନ ଦେହରେ ଭରିଦିଏ ଶକ୍ତି, ମନରେ ଆଣିଦିଏ ତୃପ୍ତି। କଅଁଳ ଘାସର କୋମଳ ଶଯ୍ୟା, ଦେହ ଦୁଃଖ ପାଇଁ ଔଷଧୀୟ ବୃକ୍ଷଲତାର ଚେରମୂଳି, ମନସୁଖ ପାଇଁ ନଦୀ ସମୁଦ୍ରରେ ସାଇତିରଖିଛି ନାନାପ୍ରକାର ହସକଥା। ତା' ବଣପକ୍ଷୀର କାକଳିରେ ଆନମନା ହୁଏ ମନ। ସର୍ବ ସୁଖଦାୟିନୀ ମାଟି ମା'ର କୋଳ ନିକଟରେ କବି ସ୍ୱର୍ଗ ସୁଖକୁ ତୁଚ୍ଛ ମଣି କହିଛନ୍ତି–

"ସରଗ ଡାକିଲେ ମନ ବଳେ ନାହିଁ ଛାଡ଼ିବାକୁ ତୋର କାଖ।"

କବି ମାଟିକୁ ବାତ୍ସଲ୍ୟମୟୀ, ଶକ୍ତିପ୍ରଦାୟିନୀ, ଆନନ୍ଦଦାୟିନୀ, ମନୋରଞ୍ଜନକାରିଣୀ, ପ୍ରେରଣା ପ୍ରଦାୟିନୀ ଭାବେ ଗ୍ରହଣକରିଛନ୍ତି। ବାସ୍ତବରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଅଯୋଧ୍ୟାକୁ ଫେରିଲାବେଳେ କହିଥିଲେ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ"।

ମାଟି ମା'ର ଶରୀର ପଥରପରି କଠିନ ହେଲେ ବି ହୃଦୟ ତା'ର କଅଁଳ ପତ୍ରପରି କୋମଳ। ସନ୍ତାନର ଅଳିଅର୍ଦ୍ଦଳିରେ ତା'ର କ୍ଷୋଭ ନଥାଏ, କ୍ଷୁବ୍‌ଧ ବି ହୁଏନାହିଁ। ତେଣୁ କବି ତା' ସହନଶୀଳତା ଗୁଣରୁ କାଣିଚାଏ ମାଗିଛନ୍ତି ଜଗତ ମଙ୍ଗଳରେ ନିଜକୁ ନିୟୋଜିତ କରିବା ଲକ୍ଷ୍ୟରେ। ବୀର ପ୍ରସବିନୀ, ଦେବଭୂମି, ବେଦଭୂମି ଭାରତବର୍ଷ ହେଉଛି କବିଙ୍କର ମାଟି ମାଆ। ସେହି ମାଟି ମା'ର ପବିତ୍ର ପାଦଧୂଳି ମୁଣ୍ଡରେ ବୋଳି ତା'ର ଯଶ ରଖିବାକୁ କବିଙ୍କର ପ୍ରତିଜ୍ଞାବଦ୍ଧତା ଅନ୍ତରାଳରେ ରହିଛି ଦେଶସେବା ପାଇଁ ଦେଶବାସୀଙ୍କୁ ଆହ୍ୱାନ। କବିଙ୍କ ଭାଷାରେ– "ତୋର ପାଦଧୂଳି ମୁଣ୍ଡେ ହୋଇ ବୋଳି ରଖିବି ତୋହର ନାଆଁ।"

(ଖ) "କଳି ଉପଦ୍ରବେ ............ ଭଜିଲେ ଆଶ୍ରୟ ?"
ଉକ୍ତ ପଦ୍ୟାଂଶଟି 'ଚିଲିକାରେ ସାୟନ୍ତନ' କବିତାରୁ ଆନୀତ। କବିତାଟି କବିବର ରାଧାନାଥଙ୍କ ରଚିତ ପ୍ରକୃତିକାବ୍ୟ 'ଚିଲିକା'ର ଅଂଶବିଶେଷ। ଏଠାରେ କବି ସମାଜର ଅଶାନ୍ତବଳୟ ମଧ୍ୟରେ ସନ୍ତୁଳି ହେଉଥିବା ମଣିଷପାଇଁ ଚିଲିକା ତୀର ହିଁ ପ୍ରକୃତ ଶାନ୍ତିର ସ୍ଥାନ ବୋଲି ବର୍ଣ୍ଣନା କରିଛନ୍ତି।

ଯୁଗେ ଯୁଗେ ପ୍ରକୃତିରାଣୀ ମାନବ ମନ ଉପରେ ପ୍ରଭାବ ବିସ୍ତାର କରି ତାକୁ ଦେଇ ଆସିଛି ଶାନ୍ତି ଓ ଆତ୍ମସନ୍ତୋଷ। ଆଜି ସମାଜର କଳୁଷିତ ବାତାବରଣ ଭିତରେ ମଣିଷ କାଟୁଛି ଅଶାନ୍ତିର ଜୀବନ। ସମଗ୍ର ଲୋକାଳୟ ଆଜି କଳି ଉପଦ୍ରବରେ ପରିପୂର୍ଣ୍ଣ। ସେହି ଅଶାନ୍ତ ବାତାବରଣକୁ ପରିହାର କରି ମଣିଷ ଯଦି ଚିଲିକାତୀରକୁ ଆସିବ; ତା'ହେଲେ ସେ ନିଶ୍ଚିତ ରୂପସୀ ଚିଲିକାର ଶୋଭାକୁ ଦର୍ଶନ କରି ଶାନ୍ତି ଲାଭକରିବ। ଅପରୂପା ଚିଲିକାର ସାୟଂକାଳୀନ ନୀରବ-ନିସ୍ତବ୍‌ଧ ତଟଦେଶ, ଜ୍ୟୋତ୍ସ୍ନାପ୍ଲାବିତ ଜଳ, ସ୍ଥଳ ଆକାଶର ଶୋଭା, ତା'ର ଅନ୍ତଃସ୍ଥଳରେ ଦ୍ୱୀପଶୈଳୀର ପ୍ରତିବିମ୍ବ, ଛାୟାମିଶ୍ରିତ କରରେ ମହାଦେବଙ୍କ ପରି ଶୋଭାପାଉଥିବା ବନସ୍ଥଳୀ, ଝରଣାର କୁଳୁକୁଳୁ ନାଦ ସହିତ ଝିଙ୍କାରିର ଝଙ୍କାର ମଣିଷ ମନରେ ଭରିଦେବ ଅସୀମ ଶାନ୍ତି ଓ ତୃପ୍ତି। ସେହି ଶାନ୍ତି ଲାଭକରିବା ପାଇଁ ଶାନ୍ତି ଦେବୀ ଲୋକାଳୟ ତ୍ୟାଗ କରି ଚିଲିକାକୁ ଆଶ୍ରୟ କରିଛନ୍ତି ବୋଲି କବି କଳ୍ପନା କରିଛନ୍ତି। ସର୍ବୋପରି ସାୟଂକାଳୀନ ଚିଲିକାର କମନୀୟ ରୂପମାଧୁରୀ ଯଥାର୍ଥ ଶାନ୍ତିଦାୟକ, ଏହାହିଁ କବିଙ୍କ ଲେଖନୀର ମର୍ମବାଣୀ।

**କିମ୍ବା,** ଶଂସିତ ପଦ୍ୟାଂଶଟି କବିସମ୍ରାଟଙ୍କ 'ବୈଦେହୀଶ ବିଳାସ' କାବ୍ୟାନ୍ତର୍ଗତ ଚତ୍ୱାରିଂଶ ଛାନ୍ଦରୁ ଗୃହୀତ 'ରାଘବଙ୍କ ଯାତ୍ରାନୁକୂଳ' କବିତାରୁ ଉଦ୍ଧୃତ। ରାମଚନ୍ଦ୍ରଙ୍କର ବରୁଣଙ୍କୁ ପ୍ରସନ୍ନ କରିବା ପ୍ରସଙ୍ଗ ଏଠାରେ ବର୍ଣ୍ଣିତ।

ମନ୍ଦମତି ଲଙ୍କପତିଙ୍କ ଦ୍ୱାରା ସତୀ ସୀତା ଅପହୃତା ସଂବାଦ ପାଇବା ପରେ ରାମଚନ୍ଦ୍ର ପତ୍ନୀଙ୍କୁ ଉଦ୍ଧାର କରିବା ପାଇଁ ଚିନ୍ତାକଲେ। ସମୁଦ୍ରରେ ସେତୁ ନିର୍ମାଣ କରି ଲଙ୍କାକୁ ଯିବାର ଯୋଜନା କଲେ। ବାନରମାନେ ବଡ଼ବଡ଼ ପଥରଖଣ୍ଡମାନ ସମୁଦ୍ରକୁ ନିକ୍ଷେପ କଲେ; ମାତ୍ର ସେଗୁଡ଼ିକ ଜଳମଗ୍ନ ହୋଇ ଯାଉଥିଲା। ଏହା ଦେଖି ରାମଚନ୍ଦ୍ର ବ୍ୟଥିତ ତଥା ବିସ୍ମିତ ହେଲେ। ନିରୁତ୍ସାହିତ ରାମଚନ୍ଦ୍ର ଦୀର୍ଘଶ୍ୱାସ ଛାଡ଼ିଲେ। ବିବେକୀ ପୁରୁଷ ରାମଚନ୍ଦ୍ର ଚିନ୍ତାକଲେ, ଜଳାଧିପତି ବରୁଣଙ୍କ ବିନାନୁମତିରେ ସେତୁ ବାନ୍ଧିବାର ପ୍ରଚେଷ୍ଟା ନ୍ୟାୟୋଚିତ ହୋଇ ନାହିଁ। ତେଣୁ ବରୁଣଦେବଙ୍କୁ ପ୍ରସନ୍ନ କରିବା ପାଇଁ ସେ ଅନଶନ କରି କୁଶଶଯ୍ୟାରେ ଶୟନକଲେ।

୧୨। (କ) କାନନର ସବୁଜିମା ଯାହାର ଚୂର୍ଣ୍ଣକୁନ୍ତଳ ହୋଇ ଶୋଭାପାଏ, ପାହାଡ଼ୀ କନ୍ୟା ତଟିନୀ ଯାହାର କଟିଦେଶରେ ମେଖଳା ସାଜେ, ସେହି ଅନନ୍ୟ ରୂପ ମାଧୁରୀ ମୟୂରଭଞ୍ଜର ଖିଚିଂରେ ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଭୂମି ସ୍ପର୍ଶ କରିଥିଲେ। ଜୀବନର ଅନୁଭୂତି ଓ ଅନୁଭବ ତାଙ୍କ ସୃଷ୍ଟିର ଆତ୍ମା। ସତ୍ୟ ସହ ତତ୍ତ୍ୱର ସମନ୍ୱୟ ଓ ଭାଷା ସହିତ ଭାବର ସମ୍ମେଳନ ତାଙ୍କ ପ୍ରବନ୍ଧଗୁଡ଼ିକ ସୁଖପାଠ୍ୟର କାରଣ। ତାଙ୍କ ରଚିତ ପ୍ରବନ୍ଧଗୁଡ଼ିକ ଓଡ଼ିଆ ପ୍ରବନ୍ଧ ବିଭାଗକୁ ସମୃଦ୍ଧ କରିଛନ୍ତି।

କିଏ ଲେଖକଙ୍କର ଜନ୍ମଭୂମି ? ସମଗ୍ର ପୃଥିବୀ, ଏସିଆ ମହାଦେଶ, ଭାରତବର୍ଷକୁ ଲେଖକ ନିଜର ଜନ୍ମଭୂମି ବୋଲି ଅସ୍ୱୀକାର କରି ନାହାନ୍ତି। ଜନନୀଜଠରୁ ଜନ୍ମନେଲାପରେ ଯେଉଁଠି ଭୂମିଷ୍ଠ ହେଲେ, ପ୍ରଥମ ଆଲୋକ, ରୂପରସ ଗନ୍ଧର ଆସ୍ୱାଦନ କଲେ, ଯାହାର ଶାକତଣ୍ଡୁଳରେ ଶରୀର ପୁଷ୍ଟ ହେଲା, ତାକୁ ହିଁ ଅନ୍ତରରେ ଜନ୍ମଭୂମିର ସ୍ଥାନ ଦେଇଛନ୍ତି। ସେଇ ଜନ୍ମଭୂମି ହିଁ ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ।

ଜନ୍ମଭୂମିର ମହାନତା ହୁଏତ ଅପରିପକ୍ୱ ବୟସରେ ହୃଦୟଙ୍ଗମ କରିହୁଏ ନାହିଁ। ବୟସ ବଢ଼ିବା ସହିତ ଜନ୍ମଭୂମି ସହିତ ସଂପର୍କ ନିବିଡ଼ ହେବା କଥା; କିନ୍ତୁ ଲେଖକ ସ୍ୱୀକାର କରିଛନ୍ତି ଯେ, ଆୟୁସୂର୍ଯ୍ୟ ବଢ଼ିବାସହ ତାଙ୍କର ସଂପର୍କ କ୍ଷୀଣ ହେବାରେ ଲାଗିଛି। ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ଧନାର୍ଜନ, ଆତ୍ମପ୍ରତିଷ୍ଠା ତାଙ୍କୁ ଜନ୍ମଭୂମିଠାରୁ ଦୂରେଇଦେଇଛି। ପଲ୍ଲୀଗ୍ରାମରେ ଥିଲାବେଳେ ସାର ମାଉସୀ ଓ ଗୋବିନ୍ଦ ଭାଇର ସ୍ନେହବୋଳା କଥା ଏବେ ବଦଳିଯାଇଛି। ଦୀର୍ଘ ବ୍ୟବଧାନରେ ଗ୍ରାମକୁ ଗଲେ, ଗ୍ରାମର ଅଚିହ୍ନା ଗରିବ ପିଲା ଲେଖକଙ୍କୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ଲେଖକଙ୍କ ଭାଷାରେ – "ଏମାନଙ୍କ ମଧ୍ୟରୁ କେହି ସୁଦ୍ଧା ମତେ ଚିହ୍ନନ୍ତି ନାହିଁ। କେବେ ଦେଖାହେଲେ ଆଫ୍ରିକାର ନବାଗତ ଜେବ୍ରା ବା ଜିରାଫ୍‌କୁ ଚାହିଁରହିଲାପରି ସେମାନେ ମତେ ଖାଲି ଚାହିଁରୁହନ୍ତି।"

ସହରର ଜୀବନଶୈଳୀ ପଲ୍ଲୀଗ୍ରାମରେ ଦୁଃସ୍ୱପ୍ନ। ପଲ୍ଲୀଗ୍ରାମର କର୍ମ ଯୋଜନାରେ ବା ଗ୍ରାମର ଯୁବକମାନଙ୍କ ବିକୃତ ମାନସିକତାସହ ଲେଖକ ଖାପଖୁଆଇ ପାରିନାହାନ୍ତି। ଗ୍ରାମର କର୍ମ ଯୋଜନାରେ ସାମିଲ୍ ହେବାକୁ ତାଙ୍କର ଭୌତିକ ବଳ ଥିଲେ ମଧ୍ୟ ନୈତିକ ସାହସ ନାହିଁ, କାରଣ ପଲ୍ଲୀଗ୍ରାମଠାରୁ ସମସ୍ତ ପ୍ରକାର ସଂପର୍କ ଛିନ୍ନ କରି ସେ ମୂଲ୍ୟହୀନ ଆଭିଜାତ୍ୟ ଜୀବନକୁ ଆପଣେଇ ନେଇଛନ୍ତି।

**କିମ୍ବା,** ଓଡ଼ିଆ ଗଦ୍ୟ ବିଭାଗକୁ କଳା କୌଶଳରେ ରୁଚିକର କରାଇପାରିଥିବା ଲେଖକ ହେଉଛନ୍ତି ଗୋଲୋକବିହାରୀ ଧଳ। ଜଣେ ଭାଷାବିଜ୍ଞାନୀ ଭାବରେ ଓଡ଼ିଆ ଭାଷାପ୍ରତି ମୋହକୁ ଏଡ଼ାଇପାରି ନାହାନ୍ତି। ଓଡ଼ିଆ ଭାଷାର ସ୍ଥାଣୁତାର କାରଣ ଓ ତା'ର ପ୍ରସାର ସଂପର୍କରେ ଯେଉଁ ଚିନ୍ତନ କରିଛନ୍ତି ତାହା ଏଠାରେ ଆଲୋଚ୍ୟ।

ଲେଖକ ଶ୍ରୀ ଧଳଙ୍କ ମତରେ ମାତୃଭାଷାର ଉନ୍ନତିରେ ଦେଶର ପ୍ରଗତି ନିର୍ଭରକରେ। ଅନ୍ନବସ୍ତ୍ରପରି ମଣିଷ ପାଇଁ ଏହା ଏକାନ୍ତ ପ୍ରୟୋଜନ। ଚିନ୍ତାନାୟକ ଗାନ୍ଧିଜୀ ଯଥାର୍ଥରେ କହିଥିଲେ– ମାତୃଭାଷା ମାତୃସ୍ତନ୍ୟ ପରି ମୂଲ୍ୟବାନ। ବିଭିନ୍ନ ସମୟରେ ବସିଥିବା ଭାଷା କମିଟି ମଧ୍ୟ ଅନୁରୂପ ମତ ଦେଇଥିଲେ; କିନ୍ତୁ ଦୁଃଖର କଥା ଯେ ଓଡ଼ିଆ ଭାଷାର ପ୍ରସାର ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ।

ଲେଖକଙ୍କ ମତରେ ଇଂରେଜ ପଢୁଆ ବାବୁମାନେ ଯଦି ମାତୃଭାଷାର ଉନ୍ନତି ପାଇଁ ଉଦ୍ୟମ କରନ୍ତେ; ତେବେ ମାତୃଭାଷାର ପ୍ରସାର ହୋଇପାରନ୍ତା। ସେମାନେ ବୁଝିବା ଦରକାର ଯେ, ମାତୃଭାଷାରେ ଯେଉଁ କାମ ସହଜ ଓ ଅଳ୍ପ ସମୟରେ ହୋଇପାରିବ, ଅନ୍ୟ କୌଣସି ବିଦେଶୀ ଭାଷାରେ ସମ୍ଭବ ନୁହେଁ। ଏକଥା ଅନ୍ନଦାଶଙ୍କର ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ।

ଆଧୁନିକ ଚାଷ ପ୍ରଣାଳୀ ସଂପର୍କରେ ଓଡ଼ିଶାର ଚାଷୀ ବିଶେଷ ଉପକୃତ ହେଉ ନାହାନ୍ତି। ଏହାର କାରଣ ଚାଷସଂପର୍କିତ ପୁସ୍ତକ ରଚିତ ହୋଇଛି ଇଂରେଜି ଭାଷାରେ। ପୁସ୍ତକମାନ ଯଦି ଓଡ଼ିଆ ଭାଷାରେ ଲେଖାଯା'ନ୍ତା; ତେବେ ଇଂରେଜି ଅନଭିଜ୍ଞ କୃଷକ ଉପକୃତ ହୁଅନ୍ତେ।

ସରକାରଙ୍କର ବିଭିନ୍ନ ଉନ୍ନତିମୂଳକ ଯୋଜନା ଇଂରେଜି ଭାଷାରେ ପ୍ରକାଶ ପାଉଥିବାରୁ ଲୋକେ ସେ ସଂପର୍କରେ ଜାଣିପାରୁ ନାହାନ୍ତି। ଆଞ୍ଚଳିକ ଭାଷାରେ ପ୍ରକାଶିତ ହେଲେ ସରକାର ଓ ଜନତା-ଉଭୟଙ୍କର ଲାଭ ହୁଅନ୍ତା। ଏହାଛଡ଼ା ରାସ୍ତାଘାଟରେ ଦିଆଯାଉଥିବା ସତର୍କ ସୂଚନା ଇଂରେଜି ସହିତ ଓଡ଼ିଆରେ ମଧ୍ୟ ରହିବା ଉଚିତ।

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଶିକ୍ଷା ହେଉଛି ମୂଳ। ଶିକ୍ଷା ଯଦି ଇଂରେଜି ଭାଷାରେ ଦିଆଯାଏ, ଗଣତନ୍ତ୍ର ଭୁଷୁଡ଼ି ପଡ଼ିବ। ସମୂହ ଶିକ୍ଷା ପାଇଁ ଆଞ୍ଚଳିକ ଭାଷା ଏକାନ୍ତ ପ୍ରୟୋଜନ। ଓଡ଼ିଆ ଭାଷାର ପ୍ରସାର ଆମର ଦାୟିତ୍ୱ। ଅନ୍ୟ କେହି ଆମ ଭାଷାର ପ୍ରସାର ପାଇଁ ଆଗେଇ ଆସିବେ ନାହିଁ। ଯଥାର୍ଥରେ ଲେଖକ କହିଛନ୍ତି–

"ବଥ ସିନା ବଥାଏ, ଆବୁ ବଥାଏ ନାହିଁ।"

(ଖ) ଉକ୍ତ ଗଦ୍ୟାଂଶଟି ଶରତ କୁମାର ମହାନ୍ତିଙ୍କ ଲିଖିତ 'ନରେନ୍‌ରୁ ବିବେକନନ୍ଦ' ପ୍ରବଂଧରୁ ସଂଗୃହୀତ। ସଂସାରତ୍ୟାଗୀ ସନ୍ନ୍ୟାସୀ ବିବେକାନନ୍ଦଙ୍କ ରୂପରେ କିପରି ଜଣେ ସେନାପତିର ଆସ୍ପର୍ଦ୍ଧା ଫୁଟିଉଠିଥିଲା ତାହା ଏଠାରେ ବର୍ଣ୍ଣିତ।

ଶୁକମୁନିଙ୍କ ପରି ନିର୍ବିକଳ୍ପ ସମାଧିରେ ବୁଡ଼ିରହିବା ଥିଲା ବିବେକାନନ୍ଦଙ୍କ ସନ୍ନ୍ୟାସୀ ଜୀବନର ଲକ୍ଷ୍ୟ। ଗୁରୁ ରାମକୃଷ୍ଣ ତାଙ୍କୁ 'ସ୍ୱାର୍ଥପର' କହି ଧିକ୍‌କାର କରିଥିଲେ ଓ ନିର୍ଦ୍ଦେଶ ଦେଇଥିଲେ ନରନାରାୟଣଙ୍କ ସେବା କରିବାପାଇଁ । ସେତେବେଳେ ସାରା ଭାରତକୁ କୁସଂସ୍କାର, ଅନ୍ଧବିଶ୍ୱାସ, ଅଶିକ୍ଷା, ଅଜ୍ଞାନତାରୂପକ ରାକ୍ଷସ କବଳିତ କରିଥିଲା। ରାକ୍ଷସର ପ୍ରଭାବ ବିଷୟରେ ଜାଣିବାପାଇଁ ବିବେକାନନ୍ଦ ଦେଶ ଭ୍ରମଣରେ ବାହାରିଥିଲେ। ଏକ ଦୁର୍ବାର ଇଚ୍ଛା ନେଇ ତୃତୀୟଥର ଆଶ୍ରମ ଛାଡ଼ିଲେ। କୁସଂସ୍କାର, ଅଶିକ୍ଷା, ଅଜ୍ଞାନତାରୂପକ ରାକ୍ଷସ ସହିତ ଯୁଦ୍ଧ କରିବା ଥିଲା ତାଙ୍କପାଇଁ ଏକ ବିରାଟ ଆହ୍ୱାନ। ଯୁଦ୍ଧକ୍ଷେତ୍ରରେ ସେନାପତି ପ୍ରଥମେ ଶତ୍ରୁ ପକ୍ଷକୁ ନିରୀକ୍ଷଣ କରି ବିପକ୍ଷର ଶକ୍ତି ଆକଳନ କରିଥା'ନ୍ତି। ଠିକ୍ ସେହିପରି ସମାଜକୁ ପରିବର୍ତ୍ତନ କରିବା ପାଇଁ ଦେଶ ଭ୍ରମଣ କରି ଅଜ୍ଞାନତାରୂପକ ରାକ୍ଷସର ଶକ୍ତିକୁ ଆକଳନ କରୁଥିଲେ ସ୍ୱାମିଜୀ। ଶରୀରର ପୋଷାକ, ମୁଖର ଭାଷା ତାଙ୍କର ଥିଲା ଜଣେ ସନ୍ନ୍ୟାସୀର; କିନ୍ତୁ ଶତ୍ରୁକୁ ପରାଜୟ କରିବାର ସ୍ପର୍ଦ୍ଧିତ ତେଜରୁ ସେ ଯେ ଜଣେ ସେନାପତି, ତାହା ସ୍ପଷ୍ଟ ବାରିହୋଇ ପଡୁଥିଲା।

**କିମ୍ବା,** "ଯେତେବେଳେ ଆଧୁନିକ ........ ଧ୍ୱଜା ଉଡ଼ିବ ।"
ଉକ୍ତ ଗଦ୍ୟାଂଶଟି ପଠିତ 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧରୁ ସଂଗୃହୀତ। ଏଠାରେ ପ୍ରାବନ୍ଧିକ ଡକ୍ଟର ବଂଶୀଧର ସାମନ୍ତରାୟ ଆଧୁନିକ ସଭ୍ୟତାର ଆଦର୍ଶରେହିଁ ବିଶ୍ୱରେ ମୈତ୍ରୀର ଧ୍ୱଜା ଉଡ଼ିପାରିବ, ତାହା ପ୍ରତିପାଦନ କରିଛନ୍ତି।

ଆଧୁନିକ ସଭ୍ୟତାର ଆଦର୍ଶ ହେଉଛି ମାନବର ସର୍ବାଙ୍ଗୀନ ଉନ୍ନତି ସହ ବିଶ୍ୱ ମାନବିକତାର ପ୍ରତିଷ୍ଠା। ସେହି ଚରମୋନ୍ନତିର ଶେଷ ସୋପାନରେ ଉପନୀତ ହେବାପାଇଁ ବିଜ୍ଞାନ ବଳରେ ମାନବ ପ୍ରତିଟି ମୁହୂର୍ତ୍ତରେ ଅଗ୍ରସର ହେଉଅଛି। ଗତିପଥରେ ଅନର୍ଥ ବା ବ୍ୟତିକ୍ରମ ସୃଷ୍ଟିହେବା ସ୍ୱାଭାବିକ। ଏହି ଅନର୍ଥକୁ ଦେଖି ଯେଉଁମାନେ ବିଜ୍ଞାନ ଯୋଗୁଁ ଈଶ୍ୱର ବିଶ୍ୱାସ ହ୍ରାସହେବା, ସ୍ନେହ ଓ ସଂଯମର ଅଭାବ, ହିଂସା, ଦ୍ୱେଷ ଓ ଧ୍ୱଂସ କଥା କହୁଛନ୍ତି, ତାହା ସେମାନଙ୍କ ଜ୍ଞାନର ଅଳ୍ପତା। କାରଣ ସେମାନେ ସଭ୍ୟତାର ଆଦର୍ଶକୁ ଭଲଭାବେ ବୁଝିନାହାନ୍ତି। ଯେତେବେଳେ ସେମାନେ ଜାଣିପାରିବେ ଯେ ବିଜ୍ଞାନ ବଳରେ ସମଗ୍ର ବିଶ୍ୱରେ ମାନବିକତାର ପ୍ରତିଷ୍ଠା ହେବ ଏବଂ ସମସ୍ତେ ଭ୍ରାତୃଭାବରେ ଆବଦ୍ଧ ହେବେ, ସେତେବେଳେ ମୈତ୍ରୀର ଧ୍ୱଜା ଉଡ଼ିବ ଏବଂ ତାହା ସମୟସାପେକ୍ଷ।

ପ୍ରାବନ୍ଧିକଙ୍କର ଏହି ଉକ୍ତି ବିପକ୍ଷବାଦୀମାନଙ୍କ ମନରେ ବିଜ୍ଞାନ ପ୍ରତି ନିଶ୍ଚିତ ଆସ୍ଥାଭାବ ସୃଷ୍ଟିକରିବ, ଏହା ନିଃସନ୍ଦେହ।

୧୩। (କ) ଛାତ୍ର ଶକ୍ତି ଦେଶର ଏକ ବିରାଟ ଶକ୍ତି। ପାଠ ପଢ଼ିବା ସଂଗେ ସଂଗେ ଏମାନେ ଜାତି ଗଠନରେ ଏକ ବଡ଼ ଅଂଶ ଗ୍ରହଣ କରିପାରିବେ। ଆଜିକାଲି ଘର ସଂସାର ଚଳେଇବା ବଡ଼ କଷ୍ଟକର ହୋଇ ଉଠୁଛି। ବଡ଼ମାନେ ଦିନରାତି ସେଇ କାମରେ ଲାଗିଛନ୍ତି। ସେମାନଙ୍କ ଭିତରୁ ଅଳ୍ପ କେତେକ ସମାଜ ସେବାରେ ମନ ଦିଅନ୍ତି। ପିଲାମାନଙ୍କ ହାତରେ ବହୁତ ସମୟ। ପାଠପଢ଼ା, ଖେଳାଖେଳି ବାଦ୍ ସେମାନେ ପ୍ରଚୁର ସମୟ ପାଆନ୍ତି। ସେଇ ବଳକା ସମୟରେ ନାନା କନ୍ଦଳ ଓ ଖୁସିଗପ କରନ୍ତି। ତା'ଛଡ଼ା ବର୍ଷସାରା ବିଭିନ୍ନ ଛୁଟି ରହିଛି। ସେ ସମୟ ତ ସେମାନଙ୍କର ନିଜର ସମୟ। ଏସବୁ ସମୟକୁ ସେମାନେ ସମାଜସେବାରେ ବିନିଯୋଗ କରିପାରନ୍ତେ। ତା' ହେଲେ ସେମାନେ ସମାଜର ଖୁବ୍ ବଡ଼ କାମ କରିପାରନ୍ତେ ଏବଂ ଜାତିର ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତେ।

ନିଜର କୌଣସି ଲାଭ ଆଶା ନରଖି ଦୁଃଖୀ ଅରକ୍ଷିତ ଜନର ସେବା କରିବା ସମାଜସେବା। ବିପନ୍ନକୁ ସାହାଯ୍ୟ କରିବା, ଅନାଥ ଲୋକର ପାଖରେ ଠିଆହେବା, ବନ୍ୟା ମରୁଡ଼ି ବେଳେ ପୀଡ଼ିତ ଲୋକଙ୍କ ସାହାଯ୍ୟପାଇଁ ରିଲିଫ୍ ଯୋଗାଡ଼ କରିବା, ବଡ଼ ବଡ଼ ସମ୍ମେଳନ, ମେଳା, ମଉଛବରେ ସ୍ୱେଚ୍ଛାସେବୀ ସଂଗଠନରେ ଯୋଗଦେବା, ରକ୍ତଦାନ ଶିବିର ସଂଗଠନ କରିବା ଆଦି ଅନେକ

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

**ସଂକ୍ଷେପରେ**

## କଏଦୀଙ୍କ ସହ ମିଶି ଗଞ୍ଜେଇ ଟାଣି ୱାର୍ଡର ନିଲମ୍ବିତ

**ସୋନପୁର,୧୧।୨(ନି.ପ୍ର.):** ସୋନପୁର ଉପକାରାଗାରରେ ୱାର୍ଡର ଓ କଏଦୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। କାରାଗାରରେ ଏବେ ୧୩୫ କଏଦୀ ରହୁଥିବା ବେଳେ ସେମାନଙ୍କୁ କେତେକ ୱାର୍ଡର ଲୁଚାଛପାରେ ନିଶାଦ୍ରବ୍ୟ ଯୋଗାଇ ଦେଉଛନ୍ତି। ଏଭଳି ଘଟଣାକୁ ନେଇ କାରାଗାର ପରିସରରେ ସୋମବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ୱାର୍ଡର ଦିଲୀପ ନାଏକ କାରାଗାର ପରିସରରେ ଜଣେ କଏଦୀଙ୍କ ସହିତ ଗଞ୍ଜେଇ ଟାଣୁଥିଲେ। ଏହା ଦେଖି ଚିଫ୍ ୱାର୍ଡର ଚୈତନ୍ୟ ପ୍ରଧାନ ପ୍ରତିବାଦ କରିଥିଲେ। ଘଟଣାକୁ କେନ୍ଦ୍ର କରି ଦିଲୀପ ଓ ଚୈତନ୍ୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ସୂଚନା ପାଇ ଜେଲ ଅଧୀକ୍ଷକ ସତ୍ୟବ୍ରତ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଦିଲୀପଙ୍କୁ ତନଖି କରାଯିବା ସମୟରେ ତାଙ୍କ ନିକଟରୁ ୩ ଗ୍ରାମ ଗଞ୍ଜେଇ ଓ ୨ଟି ଚିଲମ ମିଳିଥିଲା । କାରାଗାରର ଶୃଙ୍ଖଳାଭଙ୍ଗ କରିବା ଓ ବେଆଇନ କାର୍ଯ୍ୟ କରିବା ଅଭିଯୋଗରେ ଅଧୀକ୍ଷକ ବେହେରା ତାଙ୍କ ନାମରେ ସୋନପୁର ଥାନାରେ ସୋମବାର ରାତିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରହିଛି। ସେହିପରି କାରାଗାର ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ୱାର୍ଡରଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଛି । ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ଅପ୍ରାସଙ୍ଗିକ ହେଉଛି ଜାତୀୟ ପ୍ରସଙ୍ଗ

## ଆଞ୍ଚଳିକ ବିଷୟକୁ ଗୁରୁତ୍ୱ ଦେଲେ ଦିଲ୍ଲୀ ଭୋଟର

ଭୁବନେଶ୍ୱର,୧୧।୨

ଦିଲ୍ଲୀ ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ପୁଣି ଥରେ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ବିପୁଳ ବହୁମତ ସହ ୩ୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି। ୨୦୧୫ ନିର୍ବାଚନରେ ୭୦ରୁ ୬୭ଟି ଆସନରେ ବିଜୟୀ ହୋଇଥିବା ଏଏପି ଚଳିତ ଥର ୬୨ଆସନ ଅକ୍ତିଆର କରିଛି। ଆଉ ଏହି ଐତିହାସିକ ବିଜୟ ପରେ କେଜ୍‌ରିୱାଲ ଗୋଟିଏ କଥାକୁ ପ୍ରମାଣିତ କରିଦେଇଛନ୍ତି ଯେ, ସମ୍ପ୍ରତି ରାଜ୍ୟ ନିର୍ବାଚନରେ ଜାତୀୟ ପ୍ରସଙ୍ଗଗୁଡ଼ିକ ଗୁରୁତ୍ୱ ହରାଇ ବସୁଛନ୍ତି। ସ୍ଥାନୀୟ ସମସ୍ୟାକୁ ଅଗ୍ରାଧିକାର ଦେଇ ନିର୍ବାଚନ ଲଢ଼ିଲେ ବିଜୟ ସମ୍ଭାବନା ଅଧିକ। ଅପରପକ୍ଷେ ଭାରତୀୟ ଭୋଟର ମଧ୍ୟ ବୁଝିଲେଣି ଯେ, ଆଞ୍ଚଳିକସ୍ତରରେ ଶାସନକ୍ଷମତାରେ ରହୁଥିବା ଆଞ୍ଚଳିକ ଦଳଗୁଡ଼ିକ ସ୍ଥାନୀୟ ସମସ୍ୟା ପ୍ରତି ଅଧିକ ସଚେତନ। ଏହି ଧାରଣା ଗତ ସାଧାରଣ ନିର୍ବାଚନ ସମୟରେ ଓଡ଼ିଶାର ଭୋଟରମାନେ ପ୍ରଥମେ ସୃଷ୍ଟି କରିଥିଲେ। ଆଞ୍ଚଳିକ ଓ ଜାତୀୟ ପ୍ରସଙ୍ଗ ମଧ୍ୟରେ ବିଭେଦକୁ ଓଡ଼ିଶା ଭୋଟର ସହଜରେ ବୁଝିପାରି ନବୀନ ପଟ୍ଟନାୟକଙ୍କ ବିଜେଡିକୁ ବିଧାନସଭା ନିର୍ବାଚନରେ ପଞ୍ଚମଥର ପାଇଁ କ୍ଷମତାସୀନ କରାଇଥିବାବେଳେ ଲୋକ ସଭା ନିର୍ବାଚନରେ ଭାଜପାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ଫଳରେ ୨୦୧୪ରେ ଓଡ଼ିଶାରେ ଗୋଟିଏ ଲୋକ ସଭା ଆସନ ପାଇଥିବା ଭାଜପା ୨୦୧୯ରେ ୮ଟି ଆସନ ଅକ୍ତିଆର କରିବାରେ ସଫଳ ହୋଇପାରିଥିଲା।

ଦିଲ୍ଲୀବାସୀଙ୍କ ସ୍ୱାର୍ଥସହ ଜଡ଼ିତ ପ୍ରସଙ୍ଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଶୁଦ୍ଧ ପାନୀୟ ଜଳ, ବିଜୁଳି, ପ୍ରଦୂଷଣବିହୀନ ରାଜଧାନୀ ଆଦି ପ୍ରସଙ୍ଗକୁ ଲୋକମାନଙ୍କ ସମ୍ମୁଖକୁ ଆଣି ଏଏପି ଏଥର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲା। ଅନ୍ୟପକ୍ଷରେ ନିର୍ବାଚନୀ ପ୍ରଚାରରେ ଭାଜପା ଏନ୍‌ଆରସି, ସିଏଏ, ଏନ୍‌ପିଆର, ରାମମନ୍ଦିର, ୩୭୦ଧାରା ଉଚ୍ଛେଦ, ଶାହିନବାଗ, ପାକିସ୍ତାନ, ତିନି ତଲାକ ଉଚ୍ଛେଦ ଆଦି ଜାତୀୟ ପ୍ରସଙ୍ଗକୁ ଲୋକଙ୍କ ନିକଟରେ ରଖିଥିଲା। ମାତ୍ର ଏଏପିର ବିକାଶ ମନ୍ତ୍ର ଆଗରେ ଭାଜପାର 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' ସ୍ଲୋଗାନ ଫିକା ପଡ଼ିଗଲା। ମୋଦୀଙ୍କଠାରୁ କେଜରିୱାଲକୁ ଅଧିକ ବିଶ୍ୱାସକୁ ନେଲେ ଦିଲ୍ଲୀର ସଚେତନ ତଥା ଶିକ୍ଷିତ ଭୋଟର। ଗତ ସାଧାରଣ ନିର୍ବାଚନରେ ୭ ରୁ ୭ ଲୋକ ସଭା ଆସନ ହାତେଇଥିବା ଭାଜପା ବିଧାନସଭା ନିର୍ବାଚନରେ ମାତ୍ର ୮ଟି ଆସନରେ ସୀମିତି ରହିଛି। ଅପରପକ୍ଷରେ ଦିଲ୍ଲୀ ନିର୍ବାଚନରେ ପରାଜୟ ପରେ ଭାଜପାର ରାଜ୍ୟ ଦଖଲ ସ୍ୱପ୍ନ ଧୀରେ ଧୀରେ ମଳିନ ହେବାରେ ଲାଗିଛି। ୨୦୧୮ରେ ୨୧ ରାଜ୍ୟରେ ସାମ୍ରାଜ୍ୟ ବିସ୍ତାର କରିଥିବା ଭାଜପା ଏବେ ସଙ୍କୁଚିତ ହେବାରେ ଲାଗିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ହାତରୁ ଚାଲିଯାଇଥିଲା ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶ । ଯଦିଓ ଏହି ତିନିରାଜ୍ୟରେ କୌଣସି ଆଞ୍ଚଳିକ ଦଳ ସରକାର ଗଢ଼ିନାହାନ୍ତି, ତଥାପି ସ୍ଥାନୀୟ ପ୍ରସଙ୍ଗ (ବିଶେଷକରି) କୃଷକ ପ୍ରସଙ୍ଗକୁ ନିର୍ବାଚନୀ ଅସ୍ତ୍ର କରି ଜାତୀୟ ଦଳ କଂଗ୍ରେସ ଭାଜପା ଦୁର୍ଗ ପତନରେ ସମର୍ଥ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଯଦିଓ ତା'ର ଏନ୍‌ଡିଏ ମେଣ୍ଟ ସହଯୋଗୀଙ୍କୁ ନେଇ ନିର୍ବାଚନ ଲଢ଼ିଥିଲା ଓ ୩୫୨ ଆସନରେ ଜିତି ବିପୁଳ ସମର୍ଥନ ସହ କେନ୍ଦ୍ରରେ କ୍ଷମତା ବଜାୟ ରଖିଥିଲା। ଏହା ଦେଖି ଆଶା କରାଯାଉଥିଲା ଯେ, ଦେଶ ହୋଇଯିବ ପଦ୍ମମୟ। ମାତ୍ର ଅନେକ କଳକୌଶଳ କରି ଭାଜପା ଶିବସେନାକୁ ସାଙ୍ଗରେ ନେଇ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲଢ଼ି ବହୁମତ ହାସଲ କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଆସନ ହାତେଇବା ଜିଦ୍ ଭାଜପାକୁ ମହଙ୍ଗା ପଡ଼ିଥିଲା। ଶେଷରେ ଏନ୍‌ସିପି ଓ କଂଗ୍ରେସ ସହ ମେଣ୍ଟ କରି ଶିବସେନା ମୁଖ୍ୟମନ୍ତ୍ରୀ ପଦ ହାତେଇଲା। ଫଳରେ ସେଠାରେ ଭାଜପାକୁ ବିରୋଧୀ ଆସନରେ ବସିବାକୁ ପଡ଼ିଛି। ଝାଡ଼ଖଣ୍ଡରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଲା। ଆଦିବାସୀ ଅଧ୍ୟୁଷିତ ଏହି ରାଜ୍ୟ ଭୋଟର ଭାଜପାର ଜାତୀୟ ପ୍ରସଙ୍ଗକୁ କର୍ଣ୍ଣପାତ କଲେ ନାହିଁ । ଭାଜପାର ରଘୁବର ଦାସ ସରକାର ଧରାଶାୟୀ ହେବାରୁ ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱରେ ଜେଏମ୍‌ଏମ୍-କଂଗ୍ରେସ ସରକାର କ୍ଷମତାସୀନ ହେଲା। ଏତେସବୁ ପରାଜୟ ଦେଖିବା ପରେ ମଧ୍ୟ ଭାଜପା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ଶାସନ କ୍ଷମତାକୁ ଅକ୍ତିଆର କରିବାକୁ ବହୁ ଚେଷ୍ଟା କରିଥିଲା। ବିଶେଷକରି ବିଭିନ୍ନ ଜାତୀୟ ପ୍ରସଙ୍ଗକୁ ଆଧାର କରି ଲୋକଙ୍କ ନିକଟକୁ ଯାଇଥିଲା। ହେଲେ ଶିକ୍ଷା, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପାନୀୟଜଳ ଭଳି ଆଞ୍ଚଳିକ ପ୍ରସଙ୍ଗ ଆଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ଜାତୀୟ ପ୍ରସଙ୍ଗ କିଛି କାମ ଦେଲା ନାହିଁ। କେଜ୍‌ରିୱାଲ ପୁନର୍ବାର ଭାଜପାକୁ ଝାଡୁମାରି ଦିଲ୍ଲୀରୁ ହଟାଇ ଦେବାରେ ସମର୍ଥ ହୋଇଛନ୍ତି।

## ବାଲିରେ ପୋତି ହୋଇ ମୃତ୍ୟୁ ଘଟିଥିବା ୨ ମହିଳାଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ: ଏନ୍‌ଏଚ୍‌ଆର୍‌ସି

କଟକ ଅଫିସ, ୧୧।୨

ରାୟଗଡ଼ା ଜିଲା ଟିକିରିରେ ଦୁଇ ଆଦିବାସୀ ମହିଳା ଲକ୍ଷ୍ମୀ ମାଝୀ(ଲସି) ଏବଂ ଶକୁନ୍ତଳା ମାଝୀ(ଶୁକ) ବାଲିରେ ପୋତିହୋଇଯିବା ଯୋଗୁ ୨୦୧୪ ଜୁନ୍ ୨୨ତାରିଖରେ ମୃତ୍ୟୁ ହୋଇଥିଲା। ତେବେ ଘଟଣାର ୬ବର୍ଷ ପରେ ସେମାନଙ୍କ ପରିବାରବର୍ଗକୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ପାଇଁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ଅଖଣ୍ଡଙ୍କ ପିଟିଶନ ଉପରେ ବିଚାର କରି ଏନ୍‌ଏଚ୍‌ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଟିକିରି ଥାନା ଅନ୍ତର୍ଗତ କୁଟିଙ୍ଗା ନାଳ ନିକଟରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସମୟରେ ଲକ୍ଷ୍ମୀପୁର ବ୍ଲକ ମୁସୁଲିପଦର ଗ୍ରାମର ଲକ୍ଷ୍ମୀ ଏବଂ ଶକୁନ୍ତଳାଙ୍କ ମୃତ୍ୟୁ ଘଟିଥିଲା। ସେମାନେ ଗାଡ଼ିରେ ବାଲି ଲଦିବା କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ଘଟଣାରେ ସମ୍ପୃକ୍ତ ବାଲି ମାଫିଆ କିମ୍ବା ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ କି ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଗଲା ନାହିଁ। ଫଳରେ ଏ ନେଇ ମାନବାଧିକାର କର୍ମୀ ଅଖଣ୍ଡ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ କରିଥିଲେ।

## କେନ୍ଦ୍ରୀୟ ଓବିସି କମିଶନରଙ୍କୁ ଦାବିପତ୍ର ଦେଲା ଭାଜପା

### ଶିକ୍ଷା ଓ ନିଯୁକ୍ତିରେ ଓବିସିଙ୍କୁ ସଂରକ୍ଷଣ ନ ମିଳିବା ପ୍ରସଙ୍ଗ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

୨୦ ବର୍ଷର ଶାସନକାଳରେ ଏସଇବିସି ଓ ଓବିସିଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ଏହାସହ ରାଜ୍ୟରେ ଓବିସିଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ମିଳୁ ନ ଥିବା ପ୍ରତିବାଦରେ କେନ୍ଦ୍ରୀୟ ଓବିସି କମିଶନରଙ୍କୁ ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଏସ୍‌ଇବିସି ଓ ଓବିସିଙ୍କୁ ରାଜ୍ୟ ସରକାର ପ୍ରଥମେ ସାମ୍ବିଧାନିକ ଅଧିକାର ପ୍ରଦାନ କରିବା ଦାବିରେ ଭାଜପା ପ୍ରତିନିଧି ଦଳ କେନ୍ଦ୍ରୀୟ ଓବିସି କମିଶନରଙ୍କ ହସ୍ତକ୍ଷେପ ମଧ୍ୟ ଲୋଡ଼ିଛନ୍ତି। ସମ୍ବିଧାନର ଧାରା ୧୫(୪) ଓ ୧୬(୪) ବଳରେ କେନ୍ଦ୍ର ସରକାର ଓବିସି ବର୍ଗଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ପ୍ରତିଶତ ସଂରକ୍ଷଣ ସୁବିଧା ଦେଇଛନ୍ତି। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ବୈଧ ଘୋଷଣା କରିଛନ୍ତି। ମାତ୍ର ଦେଶରେ ଦୀର୍ଘ ୩୦ବର୍ଷ ଧରି ଏହା ଲାଗୁହେଲା ପରେ ମଧ୍ୟ ଓଡିଶା ସରକାର ଓବିସିଙ୍କୁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଓ ଏସଇବିସିଙ୍କୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେଉନାହାନ୍ତି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି।

## ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

କାମ ସମାଜସେବାର ଅନ୍ତର୍ଭୁକ୍ତ। ଏ ପ୍ରକାର କାମରେ ନିର୍ମଳ ଆନନ୍ଦ ମିଳେ। ମାନବ ସେବାକୁ ମାଧବ ସେବା କୁହାଯାଏ। ଈଶ୍ୱର ମନ୍ଦିର, ମସ୍‌ଜିଦ୍ କି ଚର୍ଚ୍ଚରେ ନ'ଥାନ୍ତି। ଈଶ୍ୱର ଥାଆନ୍ତି ମଣିଷ ଭିତରେ। ଏଇ ମଣିଷର ସେବା କରିପାରିଲେ ମଣିଷ ଜୀବନ ସଫଳ ହୁଏ।

ମଣିଷର ଅନେକ ଦୁଃଖ। ମଣିଷ ଦୁଃଖରେ ଆତୁର ହୋଇ ଭୀମ ଭୋଇ କାନ୍ଦିଥିଲେ। ସେଥିପାଇଁ ସେ ନିଜେ ନରକକୁ ବରଣ କରିବାକୁ ଆଗୁସାର ହୋଇଥିଲେ। ଆମ ଓଡ଼ିଶାର ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ତୁଳସୀ ମୁଣ୍ଡାଙ୍କ ଭଳି ଅନେକ ମହାତ୍ମା ସମାଜସେବାର ଉନ୍ନତ ଆଦର୍ଶ ରଖିଯାଇଛନ୍ତି। ଜାତିର ପିତା ଗାନ୍ଧିଜୀ ଛାତ୍ରମାନଙ୍କ କର୍ତ୍ତବ୍ୟ ସଂପର୍କରେ ଅନେକ ମୂଲ୍ୟବାନ ଉପଦେଶ ଦେଇଯାଇଛନ୍ତି। ଛାତ୍ରଛାତ୍ରୀମାନେ ନିଜର ପଢ଼ାରେ ନିଷ୍ଠା ରଖି ସମାଜସେବାରେ ମନୋନିବେଶ କରିପାରିବେ। ଏଥିପାଇଁ କିଛି ଅଧିକ ପରିଶ୍ରମ କରିବା ଦରକାର ନାହିଁ। ଦରକାର ଖାଲି ଦୃଷ୍ଟିକୋଣର ପରିବର୍ତ୍ତନ।

ଗାଁ ଗହଳିରେ ଅନେକ ନିରକ୍ଷର ଲୋକ ଅଛନ୍ତି। ଆମେ ସେମାନଙ୍କୁ ଦି' ଅକ୍ଷର ପଢ଼େଇ ପାରିବା। ଏହା ଫଳରେ ସେମାନେ ସାକ୍ଷର ହେବେ ଏବଂ ଦେଶ ତଥା ଜୀବନ ପରିଚାଳନାରେ ଉପଯୁକ୍ତ କାମ କରିପାରିବେ। ଠିକ୍ ସେଇପରି ପଡ଼ିଶା ଅଡ଼ିଶାରେ ଲୋକେ ନାନା କୁସଂସ୍କାରରେ ସଢ଼ୁଛନ୍ତି। ସେମାନେ ଅପରିଷ୍କାର ରହନ୍ତି। ନାନା ରୋଗରେ ସଢ଼ନ୍ତି। ସେମାନଙ୍କୁ ପରିଷ୍କାର ରଖିବାକୁ ବୁଝାଇବା ଏକ ବଡ଼ କାମ। ମନ୍ଦିର ହତା, ପୋଖରୀ ବା ନଦୀର କୂଳ ଦେଶକୁ ସଫା କରିବା ଗୋଟିଏ ମହତ୍ କାମ। ପରିବେଶର ଉନ୍ନତି ସେମାନେ କରିପାରିବେ। ସେଇପରି ଗାଁ ପୋଖରୀର ପଙ୍କୋଦ୍ଧାର, ଗାଁକୁ ରାସ୍ତା ତିଆରି କରିବା, ଗାଁରୁ ବହିଯାଉଥିବା ପାଣିକୁ ଅଟକାଇ ଚାଷ କାମରେ ଲଗାଇବା ଆଦି ବିଭିନ୍ନ କାମରେ ସେମାନେ ଲୋକଙ୍କୁ ନେତୃତ୍ୱ ଦେଇପାରିବେ। ବିଭିନ୍ନ ଜନ ସମ୍ମେଳନରେ ନାନା ବିଶୃଙ୍ଖଳା ଘଟେ। ଚୋରି ହୁଏ। ଆଇନଶୃଙ୍ଖଳାର ପ୍ରଶ୍ନ ଉଠେ। ଜଳାଭାବ ଘଟେ। ଏ କ୍ଷେତ୍ରରେ ବିଭିନ୍ନ ଲୋକଙ୍କ ସେବା କରିବା ଭଳି ଅନେକ କାମ ପିଲାଏ କରିପାରିବେ।

ନେତାଜୀ ସୁଭାଷ ପିଲାଦିନେ ଏଭଳି ସମାଜସେବା କରୁଥିଲେ। ଦେଶବିଦେଶରେ ବହୁ ମନୀଷୀ ଛାତ୍ର ଜୀବନରେ ସମାଜସେବା କରିଥିବା ଉଦାହରଣ ଅଛି। ସ୍କୁଲ୍ କଲେଜରେ ପିଲାମାନେ ସେବା କରିବାର ସୁଯୋଗ ନେଇଥା'ନ୍ତି। ଏ ସେବା ସେମାନଙ୍କୁ ଉଚ୍ଚତର ଜୀବନ ଦର୍ଶନ ଶିଖାଏ। ବହୁଲୋକଙ୍କ ଦୁଃଖକୁ ଜାଣିବା, ସେମାନଙ୍କର ଦୁଃଖରେ ସହାନୁଭୂତି ଦେଖାଇବା ଫଳରେ ନିଜର ଜୀବନ ଉଦାର ଓ ମହତ୍ ହୁଏ। ଆମର ଛାତ୍ରଛାତ୍ରୀ ଏ ଭିତରେ ଚିନ୍ତା କରି ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବେ କାମ କରିବା ଉଚିତ। ସେମାନେ ରାମକୃଷ୍ଣ ମିସନ୍, ଲୋକସେବକ ମଣ୍ଡଳ, ଭାରତ ସେବକ ସମାଜ ଭଳି ବିଭିନ୍ନ ସେବା ସଂସ୍ଥାରେ ସାମିଲ ହିଁ ହୋଇପାରନ୍ତି।

**(ଖ)** ମାନବ ଜୀବନ କର୍ମମୟ। କର୍ମବଂଚିତ ଜୀବନ ମୂଲ୍ୟହୀନ ତଥା ଅପାଂକ୍ତେୟ। କର୍ମରେ ବିଶ୍ୱାମିତ୍ର ବ୍ରହ୍ମର୍ଷି ଆଉ କର୍ମରେ ମାର୍କଣ୍ଡେୟ କଳ୍ପଜୀବୀ। ଏଣୁ କର୍ମକ୍ଳାନ୍ତ ପ୍ରାଣ କ୍ଳାନ୍ତି ଅପନୋଦନ ନିମନ୍ତେ ଲୋଡ଼େ ବିଶ୍ରାମ, ଶାନ୍ତି ଆଉ ସନ୍ତୋଷ, ଯାହା ନୂତନ କର୍ମସ୍ପୃହାକୁ ବିକାଶ କରେ। ସ୍ଥୂଳତଃ ଉକ୍ତ ଉଦ୍ଦେଶ୍ୟ ଚରିତାର୍ଥ ନିମନ୍ତେ ସମାଜରେ ସୃଷ୍ଟି କରଯାଇଛି ପର୍ବପର୍ବାଣି।

ଉତ୍କଳର ଅଧିବାସୀଗଣ ସ୍ୱଭାବତଃ ଧର୍ମଭୀରୁ। ଏଣୁ ପର୍ବପର୍ବାଣିଗୁଡ଼ିକୁ ଧାର୍ମିକ ଚେତନା ସହ ସଂଯୋଜିତ କରି, ସାମାଜିକ ସହବନ୍ଧନ ପାଇଁ ବାରମାସରେ ତେର ପର୍ବ ପାଳନର ବ୍ୟବସ୍ଥା କରାଯାଇଛି। ଉତ୍କଳୀୟମାନଙ୍କର ଈଶ୍ୱର ବିଶ୍ୱାସ ଅସ୍ଥିମଜ୍ଜାଗତ। ଏଣୁ ମାନବ ପ୍ରାଣରେ ସାଂସାରିକ ଜଞ୍ଜାଳରେ ଭୋଗକରୁଥିବା ବିବିଧ ସଂକଟରୁ ରକ୍ଷାପାଇବାପାଇଁ ହେଉ ଅଥବା ମନସ୍କାମନା ପରିପୂରଣ ପାଇଁ ହେଉ ଈଶ୍ୱର ବିଶ୍ୱାସରୁ ହିଁ ପର୍ବପର୍ବାଣିର ସୃଷ୍ଟି ତଥା ସେଗୁଡ଼ିକ ପାଳନରେ ଉତ୍ସୁକତା ପରିଲକ୍ଷିତ ହୋଇଥାଏ।

ପର୍ବପର୍ବାଣି ସମ୍ପର୍କରେ ଆଲୋଚନାରେ ପ୍ରବେଶ କଲାବେଳେ ସ୍ମୃତିକୁ ଆସନ୍ତି ସୂର୍ଯ୍ୟ। ତାଙ୍କର ସଂକ୍ରମଣକୁ ନେଇ ସୌର ମାସର ସୃଷ୍ଟି। ତଦନୁସାରେ ମହାବିଷୁବ ସଂକ୍ରାନ୍ତି, ଯାହା ବୈଶାଖ ମାସରେ ଆସେ, ତାହା ହିଁ ହିନ୍ଦୁ ନବବର୍ଷର ଆରମ୍ଭ ଦିବସ ଭାବେ ଗୃହୀତ ହୋଇଥାଏ। ପ୍ରଚଣ୍ଡ ରୌଦ୍ରତାପଜନିତ ସନ୍ତାପିତ ପ୍ରାଣରେ ତୃପ୍ତି ଆନୟନ ନିମନ୍ତେ ଏହି ପର୍ବଟିରେ ପଣାପାଣିର ବ୍ୟବସ୍ଥା କରାଯାଇ ବିବିଧ ପ୍ରକାରରେ ଦେବାର୍ଚ୍ଚନା କରାଯାଏ। ଏହି ମାସର ପ୍ରମୁଖ ପର୍ବଗୁଡ଼ିକ ମଧ୍ୟରେ ଅକ୍ଷୟ ତୃତୀୟା, ନୃସିଂହଜନ୍ମ ଓ ଚନ୍ଦନଯାତ୍ରା ଅନ୍ୟତମ। ଉତ୍କଳରେ ଅକ୍ଷୟ ତୃତୀୟାର ଗୁରୁତ୍ୱ ସର୍ବାଧିକ। କାରଣ ଏହିଦିନ ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇ କ୍ଷେତରେ ଧାନ୍ୟବୀଜ ବପନ କରାଯାଏ। ବୈଶାଖ ପରେ ଆସେ ଜ୍ୟେଷ୍ଠ। ଉତ୍କଳର ପୁରପଲ୍ଲୀରେ ଶୀତଳଷଷ୍ଠୀ, ରଜ, ସାବିତ୍ରୀବ୍ରତ ଓ ଦେବସ୍ନାନ ପୂର୍ଣ୍ଣିମା ଆଦି ପର୍ବ ଏହି ମାସରେ ପାଳିତ ହୋଇଥାଏ। ଶୀତଳଷଷ୍ଠୀର ଶିବ ବିବାହୋତ୍ସବ ଏବଂ ରଜପର୍ବର ଦୋଳିଖେଳ ମଧ୍ୟରେ ଉତ୍କଳର ଜନଜୀବନ ଉଲ୍ଲସିତ ହୋଇଉଠେ। ସେହିପରି ସ୍ନାନ ପୂର୍ଣ୍ଣିମାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପରେ ସନ୍ଦର୍ଶନ କରି ଧର୍ମପ୍ରାଣ ଉତ୍କଳୀୟଗଣ ଆଧ୍ୟାତ୍ମିକ ଚେତନାର ଅନୁଗୁଂଜନ ମଧ୍ୟରେ ପର୍ବପର୍ବାଣିର ମହତ୍ତ୍ୱ ରକ୍ଷା କରିଥା'ନ୍ତି।

ଏହାପରେ ଆଷାଢ଼ ଆସେ ସାଙ୍ଗରେ ବାରିପାତକୁ ନେଇ। ବର୍ଷାର ଶୀତଳ ପରଶ ଘୁମନ୍ତ ଉତ୍କଳୀୟ ପ୍ରାଣରେ ସଂଚର କରେ ରଥଯାତ୍ରାର ଅପୂର୍ବ ସମାରୋହ ମାଧ୍ୟମରେ ବୈଷ୍ଣବୀୟ ଚିନ୍ତନର ନିବିଡ଼ ଆଶ୍ଳେଷ। ଅତଃପର ବର୍ଷାର ଅବିଶ୍ରାନ୍ତ ବାରିପାତ ମଧ୍ୟରେ ଧରାଙ୍ଗନରେ ଅବତରଣ କରେ ଶ୍ରାବଣ। ଏହି ମାସରେ ଗହ୍ମାପୂର୍ଣ୍ଣିମା ଓ ଚିତାଲାଗି ଅମାବାସ୍ୟା ପଲ୍ଲୀପ୍ରାଣରେ ପିଠାପଣାର ଆସର ସୃଷ୍ଟି କରନ୍ତି; ଅବଶ୍ୟ ରକ୍ଷାବନ୍ଧନର ବୈଶିଷ୍ଟ୍ୟ ଉକ୍ତ ପୂର୍ଣ୍ଣିମାର ମହତ୍ତ୍ୱକୁ ବହୁଗୁଣିତ କରିଥାଏ। ଏହାପରେ ଆସେ ପର୍ବପର୍ବାଣିର ମାସ ଭାଦ୍ରବ। ଜନ୍ମାଷ୍ଟମୀ, ଷଷ୍ଠୀଓଷା, ସୋମନାଥବ୍ରତ, ରାଧାଷ୍ଟମୀ, ବାମନ-ଜନ୍ମ, ସୁନିଆଁ, ଖୁଦୁରୁକୁଣୀ ଓଷା ଆଦି ପର୍ବଗୁଡ଼ିକ ଏହି ମାସର ଉତ୍ସବମୁଖର ପରିବେଶଗୁଡ଼ିକୁ ଉପଭୋଗ୍ୟ କରିଦିଏ। ସର୍ବୋପରି ଏହି ମାସର ପର୍ବ 'ଗଣେଶ ପୂଜା' ଉତ୍କଳର ପୁରପଲ୍ଲୀର ଶିଶୁପ୍ରାଣକୁ ଯେଭଳି ସରସ ଓ ଉଲ୍ଲାସମୟ କରେ, ତାହା କେବଳ ଅନୁଭବର ସାମଗ୍ରୀ। ପରେ ପରେ ଆସେ ଶାରଦୀୟ ପୂଜାସମ୍ଭାର ସହ ଆଶ୍ୱିନ। ଏହି ସମୟରେ ଦେବୀ ଦୁର୍ଗାଙ୍କର ଧରାବତରଣ ଉତ୍କଳର ପୁରପଲ୍ଲୀରେ ଧର୍ମର ପ୍ଳାବନ ସୃଷ୍ଟିକରେ। ସର୍ବୋପରି ଆଶ୍ୱିନ ପୂର୍ଣ୍ଣିମାର ଜ୍ୟୋତ୍ସ୍ନାପ୍ଳୁତ ରଜନୀରେ କୁମାରୀଗଣ 'କୁମାରପୂର୍ଣ୍ଣିମା'କୁ ଯେଭଳି ଉତ୍ସବମୁଖର କରିଦିଅନ୍ତି ତାହା ବର୍ଣ୍ଣନାତୀତ।

ଏହାପରେ ପଲ୍ଲୀପ୍ରାଣରେ ଉପଗତ ହୁଏ ଧର୍ମ, ପୁଣ୍ୟ ଓ ପବିତ୍ରତାର ମାସ କାର୍ତ୍ତିକ। କାଳୀପୂଜା, ଗୋବର୍ଦ୍ଧନ ପୂଜା, ଅଁଳା ନବମୀ, ବଡ଼ଓଷା ଆଦି ଉତ୍ସବଗୁଡ଼ିକ ଏହି ମାସର ଉଲ୍ଲେଖଯୋଗ୍ୟ ପର୍ବ। ଲକ୍ଷ୍ମୀପୂଜା ଓ ପ୍ରଥମାଷ୍ଟମୀର ଆନନ୍ଦ ଉତ୍ସବ ମଧ୍ୟରେ ଅବତରଣ କରେ ମାର୍ଗଶିର। ହରିତାୟମାନ କ୍ଷେତଗୁଡ଼ିକର ପକ୍ୱ ଶସ୍ୟସମ୍ଭାର ସହ ସୀମନ୍ତିନୀମାନଙ୍କର ହୁଳହୁଳି ନିନାଦ ମଧ୍ୟରେ ପଲ୍ଲୀଗୃହିଣୀ ଲକ୍ଷ୍ମୀଙ୍କର ପୂଜାରାଧନା ମାଧ୍ୟମରେ ଆଧ୍ୟାତ୍ମିକ ପରିବେଶକୁ ଉପଭୋଗ୍ୟ କରିଥାଏ। ମକରସଂକ୍ରାନ୍ତି ଓ ବକୁଳ ଅମାବାସ୍ୟାକୁ ଘେନି ଆସେ ପୌଷ। ପଲ୍ଲୀପ୍ରାଣରେ ମକର ସଂକ୍ରାନ୍ତିର ସ୍ୱାତନ୍ତ୍ର୍ୟ ଅନସ୍ୱୀକାର୍ଯ୍ୟ। ଏହିଠାରୁ ଆରମ୍ଭ ହୁଏ ଗ୍ରହରାଜ ରବିଙ୍କର ଉତ୍ତରାୟଣ ଗତି। ତେବେ ଆଦିବାସୀ ସମାଜରେ ଏହି ପର୍ବର ଉଲ୍ଲେଖଯୋଗ୍ୟ ବିଶେଷତ୍ୱ ଅଛି। ପରେ ପରେ ଆସେ ମାଘ-ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ପୂଜାସମ୍ଭାର ଓ ମାଘପୂର୍ଣ୍ଣିମାର ଅଗ୍ନିଉତ୍ସବ। ଏହି ମାସର ଦୁଇଟି ମୁଖ୍ୟ ପର୍ବ ଇତ୍ୟବସରରେ ଧରାଙ୍ଗନରେ ଅବତରଣ କରେ ବାସନ୍ତୀ ମଧୁମହୋତ୍ସବ ମଧ୍ୟରେ ଋତୁରାଜ ବସନ୍ତଙ୍କର ଆଗମନ ସହ ଫାଲଗୁନ ମାସ। ଏହି ସମୟରେ ଦୋଳପୂର୍ଣ୍ଣିମାରେ ଫଗୁଖେଳର ବର୍ଣ୍ଣାଢ଼୍ୟ ଆସର ଫାଲଗୁନର ବର୍ଣ୍ଣିଳ ପରିବେଶକୁ ପ୍ରାଣସ୍ପର୍ଶୀ କରିଦିଏ। ମହାଶିବରାତ୍ରିର ଶିବାରାଧନା ମଧ୍ୟ ଏହି ମାସର ମୁଖ୍ୟ ଉତ୍ସବ। ଏହାପରେ ଆସେ ଘୋଡ଼ାନାଚର ମାସ ଚୈତ୍ର। ଏହି ମାସରେ ଅଶୋକାଷ୍ଟମୀ ଓ ଶ୍ରୀରାମନବମୀ ପର୍ବ ହିନ୍ଦୁ ପ୍ରାଣର ଗଭୀର ଧାର୍ମିକ ଉଦ୍‌ବେଳନ ମଧ୍ୟରେ ପାଳିତ ହୋଇଥାଏ।

ସାମାଜିକ ଜୀବନରେ ଏହିସବୁ ପର୍ବ ପାଳନ ବ୍ୟତୀତ କେତେକ ରାଷ୍ଟ୍ରୀୟ ପର୍ବ ମଧ୍ୟ ଓଡ଼ିଶାରେ ପାଳନ କରାଯାଏ। ସ୍ୱାଧୀନତା ଦିବସ, ଗାନ୍ଧିଜୟନ୍ତୀ, ଶିଶୁଦିବସ, ଗୁରୁଦିବସ ଭଳି ମୁଖ୍ୟ ରାଷ୍ଟ୍ରୀୟ ପର୍ବଗୁଡ଼ିକର ଜନଜୀବନରେ ପ୍ରଭାବ ମଧ୍ୟ ସ୍ୱୀକାରଯୋଗ୍ୟ।

ତେବେ ପର୍ବପର୍ବାଣିଗୁଡ଼ିକର ଉତ୍କଳର ଜନଜୀବନରେ ପ୍ରଭାବ ସୁଦୂରପ୍ରସାରୀ। ପ୍ରଥମ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ମଣିଷ-ମଣିଷ ମଧ୍ୟରେ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ପର୍ବପର୍ବାଣିର ଭୂମିକା ଅନସ୍ୱୀକାର୍ଯ୍ୟ। ସର୍ବୋପରି ଖାଦ୍ୟରୁଚିର ପରିବର୍ତ୍ତନ ଓ ନୂତନ କର୍ମସ୍ପୃହାର ବିକାଶ ତଥା କର୍ମକ୍ଳାନ୍ତିର ଅପନୋଦନ ନିମନ୍ତେ ଏଗୁଡ଼ିକର ଭୂମିକା ସ୍ୱୀକାରଯୋଗ୍ୟ। ସାମାଜିକ ଓ ସାଂସ୍କୃତିକ ସମ୍ବନ୍ଧରେ ଅଭିବୃଦ୍ଧି ସାଧନରେ ପର୍ବପର୍ବାଣିଗୁଡ଼ିକ ମଧ୍ୟ ସହାୟତା କରିଥା'ନ୍ତି। ତେବେ ଜାତୀୟ ସଂହତିର ବିକାଶ ତଥା ଆମର ବୈଦିକ ତଥା ଧାର୍ମିକ ଅନୁଚିନ୍ତନର ସୁଦୃଢ଼ ଭିତ୍ତିଭୂମି ମଧ୍ୟରେ ପର୍ବପର୍ବାଣିଗୁଡ଼ିକର ଆମୋଦଦାୟକ ଅନୁଭୂତି ଅନୁଭବଯୋଗ୍ୟ।

**(ଗ)** ଇଂରାଜୀ ଟେଲିଭିଜନ ଶବ୍ଦର ଓଡ଼ିଆ ରୂପାନ୍ତର ଦୂରଦର୍ଶନ। ଦୂରରେ ଘଟୁଥିବା ଘଟଣାର ଦୃଶ୍ୟ ଏହି ଯନ୍ତ୍ର ସାହାଯ୍ୟରେ ଦେଖାଯାଏ। ରେଡ଼ିଓରେ ଆମେ କେବଳ ଦୂରସ୍ଥ ସଙ୍ଗୀତ, ଭାଷଣ, ଆଲୋଚନା ଶୁଣୁ। ଦୂରଦର୍ଶନରେ ସେସବୁ ଶୁଣିବା ସଙ୍ଗେ ସଙ୍ଗେ ସଂଗୀତକାର, ବକ୍ତା ଓ ଆଲୋଚକ ଇତ୍ୟାଦିଙ୍କୁ ପ୍ରାକୃତିକ ଭଙ୍ଗୀସହ ଦେଖିଥାଉ। ଆଧୁନିକ ବିଜ୍ଞାନର ଏ ଚମତ୍କାର ଉଦ୍ଭାବନଟି ଆମ ଜୀବନକୁ ନାନାଭାବରେ ଆମୋଦିତ ଓ ପ୍ରଭାବିତ ଯେ କରୁଛି, ଏଥିରେ ସନ୍ଦେହ ନାହିଁ।

ମାର୍କୋନି ରେଡ଼ିଓ ଉଦ୍ଭାବନ କରିବା ପରେ ବୈଜ୍ଞାନିକମାନେ ଆଶାନ୍ୱିତ ହୋଇଉଠିଲେ ଯେ, ଶବ୍ଦ ସହିତ ଚିତ୍ର ବି ଦୂରକୁ ପଠାଯାଇ ପାରିବ। ଜଣେ ଜର୍ମାନ୍ ବୈଜ୍ଞାନିକ ଏ ଦିଗରେ ୧୮୮୮ ଖ୍ରୀ.ରେ ପ୍ରାଥମିକ ଚେଷ୍ଟା କରି ବିଫଳ ହେଲେ। ଅନବରତ ଉଦ୍ୟମ କେବେ ବିଫଳ ହୁଏ ନାହିଁ। ଏହା ପ୍ରମାଣିତ ହେଲା ୧୯୨୬ରେ। ସ୍କଟୀୟ ବୈଜ୍ଞାନିକ ଜନ୍ ଲୋଜି ବେୟଡ଼ (J.L. Baird) ଲଣ୍ଡନର ରୟାଲ ଇନ୍‌ଷ୍ଟିଚ୍ୟୁଟ୍‌ରୁ ପ୍ରଥମ ଦୂରଦର୍ଶନର ସଫଳ ପରୀକ୍ଷା କଲେ। ୧୯୫୪ରେ ଏହା ଭାରତକୁ ଆସିଲା।

ଏ ନିମନ୍ତେ ଗୋଟିଏ ଚିତ୍ରଗ୍ରହଣ ଗୃହ ଥାଏ। ତାହା ଷ୍ଟୁଡ଼ିଓ। ସେଠାରେ ବିଭିନ୍ନ ଯନ୍ତ୍ର ଓ ତା'ର ଯନ୍ତ୍ରୀ ଥାଆନ୍ତି। ଷ୍ଟୁଡ଼ିଓରେ ନାଟକ, ସଂଗୀତ ଆଦି ଅନୁଷ୍ଠିତ ହୁଏ। ଉତ୍‌ପ୍ରେରକ ସାହାଯ୍ୟରେ ଗୃହୀତ ଛବି ଓ ଧ୍ୱନିର ରେକର୍ଡ଼ ଦୂରକୁ ସଂପ୍ରସାରଣ କରାଯାଏ। ଏହାର ଛବି ଦୂରଦର୍ଶନ ରିସିଭରରେ ପଡ଼େ ଓ ଆମେ ସେଗୁଡ଼ିକ ଦେଖୁ। ତାହା ନିଅନ ବତିରେ ଉଜ୍ଜ୍ୱଳ ରୂପରେ ଦେଖାଯାଏ।

ଏହାକୁ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ କୁହାଯାଏ। ଖୁବ୍ ଜନପ୍ରିୟ ଏ ମାଧ୍ୟମ। ରେଡ଼ିଓ ପରି ଏହା ଆମୋଦ ଓ ମନୋରଞ୍ଜନ ଦିଏ। ଜଣେ ଭଲ ଶିକ୍ଷକଙ୍କ ଶିକ୍ଷାଦାନ ଦେଶର ହଜାର ହଜାର ଛାତ୍ରଙ୍କ ପାଖରେ ଦୂରଦର୍ଶନ ପହଞ୍ଚାଇଦିଏ। ସେଇଭଳି ଜାତୀୟ ସମସ୍ୟାବଳୀ ଏହା ମାଧ୍ୟମରେ ସହଜରେ ସମ୍ପ୍ରସାରିତ ହୁଏ ଏବଂ ଜନମତ ସୃଷ୍ଟି ହୁଏ। ଦୂରଦର୍ଶନ ଶିକ୍ଷା, ସଂସ୍କୃତି, ସୁରୁଚି ଓ ଜ୍ଞାନର ଏକ ଉତ୍ତମ ବାହକ। ଏହାରି ସାହାଯ୍ୟରେ ଇନ୍ଦିରାଜୀ ଭାରତର ପ୍ରଥମ ମହାଶୂନ୍ୟଚାରୀ ରାକେଶ ଶର୍ମାଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଆମ ଚାରିପାଖରେ ଘଟୁଥିବା ଶହ ଶହ ଛୋଟ ବଡ଼ ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ମହାଶୂନ୍ୟ ଯାତ୍ରା, ନୂତନ ଆବିଷ୍କାର, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରତିଯୋଗିତା, ବୈଜ୍ଞାନିକ, ନେତାମାନଙ୍କ ସହିତ ଆଳାପ ଆଲୋଚନା, ଜନଜୀବନର ଚିତ୍ର, ସାଂସ୍କୃତିକ ଘଟଣାସମୂହ ଲୋକମାନଙ୍କ ପାଖରେ ପ୍ରତ୍ୟକ୍ଷ ଭାବରେ ଏହା ପହଞ୍ଚାଇଦିଏ। ଫଳରେ ଜନଚେତନା ସର୍ବାଧୁନିକ ଜ୍ଞାନ ଓ ତତ୍ତ୍ୱ ସମ୍ପର୍କରେ ସଜାଗ ହୋଇଯାଏ।

ଦୁନିଆଁର କୌଣସି ବସ୍ତୁ ଦୋଷମୁକ୍ତ ନୁହେଁ। ଦୂରଦର୍ଶନ ସେଇଭଳି ଆଖି ଉପରେ ପ୍ରଭାବ ପକାଏ ଏବଂ ଏହାକୁ ବାରମ୍ବାର ଦେଖୁଥିବା ଛାତ୍ରଛାତ୍ରୀ ପଢ଼ାରେ ଅବହେଳା କରନ୍ତି। ତେଣୁ ଏହାକୁ କେହି କେହି ଇଡ଼ିଅଟ୍ ବକ୍ସ କହିବା ଶୁଣାଯାଏ। ଦୂରଦର୍ଶନର ଅପକାର ତୁଳନାରେ ଉପକାର ବହୁତ। ତା' ଛଡ଼ା ବାପମା' ସଚେତନ ରହି ଏହାର ବ୍ୟବହାରରେ ସଂଯମ ଓ ଶୃଙ୍ଖଳା ଆଚରଣ କଲେ ଏହା ଆଦୌ ଅପକାରକ ହେବ ନାହିଁ।

ସେଇଭଳି ଏଥିରେ ଦେଖାଯାଉଥିବା ପ୍ରତିଟି ଛବି ଓ ତା'ର ଭାଷାକୁ ରୁଚିପୂର୍ଣ୍ଣ କରିବା ସଂଯୋଜକମାନଙ୍କ ନୈତିକ ଦାୟିତ୍ୱ। ଭାରତବର୍ଷରେ ଏହାର ପ୍ରତିଷ୍ଠା ହୁଏ ବିଂଶଶତକର ସପ୍ତ ଦଶକରେ। ଏ ମଧ୍ୟରେ ଏହାର ପ୍ରଭୂତ ପ୍ରସାର ହେଲାଣି। ଆଜି ନିଜର ଉପଗ୍ରହ ସାହାଯ୍ୟରେ ଆମ ବୈଜ୍ଞାନିକ କୌଶଳରେ ଏବେ ଭାରତସାରା ଏହାର ପରିବେଷଣ କେନ୍ଦ୍ର ଛାଇ ହୋଇଗଲାଣି। ୧୯୯୫ର ଜୁଲାଇ ସୁଦ୍ଧା କେବଳ ଓଡ଼ିଶାରେ ଏହାର ୩୦ଟି ପ୍ରସାରଣ କେନ୍ଦ୍ର ସ୍ଥାପିତ ହୋଇସାରିଛି। ଦୂରଦର୍ଶନ ଯୋଗୁଁ ଆମର ଲୋକ ସଂସ୍କୃତି ସଚେତନତା ବଢ଼ିଛି। ବଢ଼ିଛି ଦେଶର ସଂହତି ପାଇଁ ଉଦ୍‌ବେଗ। ଦୂରଦର୍ଶନ ଏ ଯୁଗର ଅନ୍ୟତମ ମହାନ୍ ସେବାକାରୀ ଉଦ୍ଭାବନ।

୧୪।

ଲକ୍ଷ୍ମୀସାଗର,
ତା- ୧୭.୦୨.୨୦୨୦

ସ୍ନେହର ମନୋଜ,

ମୋର ଆଶୀର୍ବାଦ ନେବୁ। ଘରେ ବାପା ବୋଉଙ୍କୁ ପ୍ରଣାମ ଜଣାଇ ଦେବୁ। ଆଶା ଭଲରେ ଥିବୁ। ତୋର ଚିଠି ଗତକାଲି ପାଇଲି। ତା' ସହିତ ବୋଉର ଚିଠି ମଧ୍ୟ ପାଇଲି। ବୋଉର ଚିଠିରୁ ଯାହା ଜଣାପଡ଼ିଲା, ତୁ ଆଉ ଆଗପରି ପାଠରେ ମନ ଦେଉନାହୁଁ। ବାପା ବୋଉଙ୍କର କଥା ମାନୁନାହୁଁ। ତେଣୁ ବଡ଼ଭାଇ ଭାବରେ ତତେ କିଛି ଉପଦେଶ ଦେବାକୁ ଭାବି, ତୋ ପାଖକୁ ଏ ଚିଠିଟି ଲେଖୁଛି।

ବୋଉର ଚିଠିରୁ ଜଣାପଡ଼ିଲା ଯେ ତୁ ପାଠପଢ଼ାରେ ମନ ନ ଦେଇ ସବୁବେଳେ ଖେଳକୁଦରେ ସମୟ ଅତିବାହିତ କରୁଛୁ। ଘରେ ଗୁରୁଜନମାନେ ଯାହା କହିଲେ ତୁ ସେଥିପ୍ରତି ଗୁରୁତ୍ୱ ଦେଉନାହୁଁ। ଏପରିକି କିଛି ଖରାପ ସାଙ୍ଗଙ୍କ ମେଳରେ ପଡ଼ି ତୁ ବେଳକୁ ବେଳ ଖରାପ ହେବାକୁ ଯାଉଛୁ। ହେଲେ ଏଥିରେ ଲାଭ କ'ଣ ହେଉଛି ? ଯାହାକିଛି କ୍ଷତି ହେବ, ତୋର ହିଁ ହେବ ? ଆଉ ଗୁରୁଜନଙ୍କ କଥା ନ ମାନିଲେ ନିଜର ବହୁତ କ୍ଷତି ହୁଏ। ଗୁରୁଜନଙ୍କ ଉପଦେଶ ଖରାପ ଲାଗିପାରେ, ମାତ୍ର ତାହା ଆମର ମଙ୍ଗଳ କରିଥାଏ। ତୁ ବାପାବୋଉଙ୍କ କଥା ନ ମାନିଲେ ସେମାନେ ତୋ ଉପରେ ଅସନ୍ତୁଷ୍ଟ ହେବେ। ସେମାନଙ୍କର ତୋ ପ୍ରତି ସ୍ନେହ ମମତା କମି ଆସିବ। ତୁ ମଧ୍ୟ ବେଳକୁ ବେଳ ଅବାଧ ହୋଇ ଶେଷରେ ନିଜର କ୍ଷତି କରିବୁ। ନିଜେ ହିଁ ନିଜର କ୍ଷତି କରି ଜୀବନକୁ ନଷ୍ଟ ନ କରି ଦେବାକୁ ତୋର ଇଚ୍ଛା ହେଉଛି କି ? ମୋ ମତରେ ଯାହା କରିଥିଲୁ ତାହାକୁ ଭୁଲିଯିବୁ। ଚିଠି ପାଇଲା ପରଠାରୁ ଶପଥ କରିବୁ, ଯେପରି ବାପ ମା'ଙ୍କର ଅବାଧ ନ ହେବୁ। ଆଉ ଦେଖିବୁ ଆମ ଘରେ ପୁଣି ଶାନ୍ତିର ବାତାବରଣ ଖେଳିଯିବ। ଆଚ୍ଛା, ତୁ କ'ଣ ଘରେ ଅଶାନ୍ତିର ବାତାବରଣ ଖେଳିବାକୁ ଚାହୁଁ ? ମୋ ସୁନାଭାଇଟା ପରା ତୁ ମୋ କଥା ମାନି ଭଲ ପିଲା ହେବୁ। ଚିଠି ପାଇ ଚିଠି ଦେବୁ। ତୋର ଅପେକ୍ଷାରେ ରହିଲି।

ତୋର ବଡ଼ଭାଇ
**ରାକେଶ**

| ଠିକଣା | ଟିକେଟ |
|---|---|
| ପ୍ରେରକ<br>ଶ୍ରୀ ରାକେଶ କୁମାର ମିଶ୍ର<br>୧୧୨, ଲକ୍ଷ୍ମୀସାଗର<br>ପୋ- ରସୁଲଗଡ଼<br>ଭୁବନେଶ୍ୱର<br>ଜି-ଖୋର୍ଦ୍ଧା<br>ପିନ୍ - ୭୫୧୦୧୦ | ଗ୍ରାହକ<br>ମନୋଜ କୁମାର ମିଶ୍ର<br>ସା- ତାଳଦଣ୍ଡା<br>ଭାୟା- କୁଜଙ୍ଗ<br>ଜି- ଜଗତ୍‌ସିଂହପୁର<br>ପିନ୍ - ........ |

**କିମ୍ବା,** ମାନନୀୟ ଶ୍ରୀଯୁକ୍ତ ପଶୁ ଚିକିତ୍ସା ନିର୍ଦ୍ଦେଶକ, ଭୁବନେଶ୍ୱର ମହୋଦୟେଷୁ ।

**ବିଷୟ:** ପଶୁ ଚିକିତ୍ସାଳୟ ଖୋଲିବା ନିମନ୍ତେ ଆବେଦନ

ମହାଶୟ,

ଆମେ କଟକ ଜିଲ୍ଲା ବାଲିଅନ୍ତା ବ୍ଲକ ଅଧୀନସ୍ଥ ବନ୍ତଳ ଗ୍ରାମର ଅଧିବାସୀବୃନ୍ଦ ଆମର କେତେକ ସମସ୍ୟା ସମ୍ପର୍କରେ ଉଲ୍ଲେଖକରି ସେଗୁଡ଼ିକର ନିରାକରଣ ନିମନ୍ତେ ଭବଦୀୟ ଦୃଷ୍ଟି ଆକର୍ଷଣ କରୁଅଛୁ ।

ଆମ ଗ୍ରାମର ଅଧିବାସୀବୃନ୍ଦଙ୍କର କୃଷି ହିଁ ଜୀବନଯାପନର ମୁଖ୍ୟ ପାଥେୟ । ଏହି ଗ୍ରାମର ଅଧିକାଂଶ ଅଧିବାସୀ ବର୍ଷର ବିଭିନ୍ନ ଋତୁରେ ଉପଯୋଗୀ ଫସଲ ଉତ୍ପାଦନ ଓ ବିପଣନ କରି ଜୀବିକା ନିର୍ବାହ କରନ୍ତି । ସ୍ଥୂଳତଃ ପଶୁସମ୍ପଦ ହିଁ ଆମର ବଞ୍ଚିବାର ଉପଜୀବ୍ୟ ଉପାଦାନ । କାରଣ ପଶୁଗୁଡ଼ିକଙ୍କର ଅମୂଲ୍ୟ ସହାୟତା ଯୋଗେ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଥାଏ । ପରନ୍ତୁ ଦୁଃଖ ତଥା ପରିତାପର ବିଷୟ ଯେ, ଦେଶ ଏକବିଂଶ ଶତାବ୍ଦୀର ପ୍ରଥମ ପାହାଚରେ ପାଦ ଦେଇଥିଲେ ହେଁ ଆମେ ଏହି ସମ୍ପଦକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଚିକିତ୍ସାଳୟର ଅଭାବରୁ ଅସମର୍ଥ ହେଉଛୁ । ଆମ ଅଞ୍ଚଳରେ ଏପର୍ଯ୍ୟନ୍ତ ପଶୁ ଚିକିତ୍ସାଳୟଟିଏ ପ୍ରତିଷ୍ଠା ହୋଇ ନାହିଁ । ଏଣୁ ବର୍ଷାକାଳ ଆସିଲେ ଗୋମଡ଼କ ସୃଷ୍ଟିହୋଇ ଆମ ଚାଷୀଭାଇମାନଙ୍କ ଉପରେ ବିନା ମେଘରେ ବଜ୍ରପାତ ହେଉଛି । ଆପଣ ଅନୁଭବ କରିପାରିବେ ଯେ ଉକ୍ତ ବ୍ୟାଧି କିଭଳି ସଂକ୍ରାମକ, ମାରାତ୍ମକ ଓ କ୍ଷତିକାରକ । ଗୋରୁ, ଗାଈଗୁଡ଼ିକଙ୍କର ଅକାଳ ମୃତ୍ୟୁରେ ଚାଷୀ ତଥା ଗୋପାଳକମାନେ ସର୍ବସ୍ୱାନ୍ତ ହୋଇଯାଉଅଛୁ ।

ଏଣୁ ବିନୀତ ଅନୁରୋଧ କରୁଅଛୁ କି, ଆମ ଅଞ୍ଚଳରେ ଏକ ପଶୁ ଚିକିତ୍ସାଳୟ ପ୍ରତିଷ୍ଠା କରି ସେଠାରେ ଉପଯୁକ୍ତ ଚିକିତ୍ସକଙ୍କୁ କର୍ମନିଯୁକ୍ତି ମିଳିବାର ବ୍ୟବସ୍ଥା କରାଗଲେ ଆମର ପଶୁସମ୍ପଦ ଅକାଳ ମୃତ୍ୟୁମୁଖରୁ ରକ୍ଷା ପାଇପାରିବେ ।

ପ୍ରକାଶଥାଉକି, ଏହି ପ୍ରତିଷ୍ଠାନ ନିମନ୍ତେ ସ୍ଥାନ ଓ ଆବଶ୍ୟକ ଶ୍ରମ ପ୍ରଦାନ କ୍ଷେତ୍ରରେ ଆମେ ଗ୍ରାମୀଣ ଅଧିବାସୀବୃନ୍ଦ କୁଣ୍ଠିତ ନୋହୁଁ ।

ଯଥେଷ୍ଟ ସମ୍ମାନ ସହ ।

ଆପଣଙ୍କର ବିଶ୍ୱସ୍ତ
ବନ୍ତଳ ଗ୍ରାମର ଅଧିବାସୀବୃନ୍ଦ
ସୁନ୍ଦରମଣି ସାମନ୍ତରାୟ
ମୃତ୍ୟୁଞ୍ଜୟ ଖଟୁଆ
ନିଶାମଣି ମୁଦୁଲି
ଗୋବିନ୍ଦ ଚନ୍ଦ୍ର ମିଶ୍ର

ବନ୍ତଳ,
ତା-୧୨.୨.୨୦୨୦

| ଠିକଣା | ଟିକେଟ |
|---|---|
| ପ୍ରେରକ<br>ବନ୍ତଳ ଗ୍ରାମର ଅଧିବାସୀବୃନ୍ଦ<br>ବାଲିଅନ୍ତା, କଟକ | ଗ୍ରାହକ<br>ମାନନୀୟ ପଶୁ ଚିକିତ୍ସା ନିର୍ଦ୍ଦେଶକ<br>ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ<br>ଭୁବନେଶ୍ୱର |

୧୫। **(କ)** ବ୍ୟକ୍ତିର ପାରଦର୍ଶିତା ଅର୍ଜନ ପାଇଁ ତା' ଭିତରେ ଲୁକ୍‌କାୟିତ ଥିବା ସାମର୍ଥ୍ୟକୁ ଖୋଜି କାଢ଼ିବା ଦରକାର। **(ଖ)** ସାମାଜିକ ବିକାଶର ମାନଦଣ୍ଡ ବୋଲି ଆମେ ସାହିତ୍ୟିକ, ସାଂସ୍କୃତିକ, ଆର୍ଥନୀତିକ, ସାଂଗଠନିକ, ପ୍ରଶାସନିକ ଆଦି ଅନେକ ଦିଗଗୁଡ଼ିକୁ କହିପାରିବା। **(ଗ)** ସମାଜକୁ କିଛି ଦେବା ପରିବର୍ତ୍ତେ ଯଦି କିଛି ନେଇଆସିବାର ଭାବନା ମନରେ ସୃଷ୍ଟି ହୁଏ, ସେତେବେଳେ ମଣିଷ ଆତ୍ମକୈନ୍ଦ୍ରିକ ହୋଇଯାଏ। **(ଘ)** ବିବେକାନନ୍ଦ କହିଥିଲେ ଯେ, ସଂକୀର୍ଣ୍ଣ ଭାବନା ମୃତ୍ୟୁ ଓ ପ୍ରସାର ଭାବନା ଜୀବନସହ ସମାନ। **(ଙ)** ମହତ୍ତ୍ୱକୁ ଖୋଜି ପାଇଲାପରେ ବ୍ୟକ୍ତିର ସରିଯାଏ ନାହିଁ। ତାକୁ ସମାଜର ବିକାଶରେ ପ୍ରୟୋଗ କରିବା ପାଇଁ ଅଧ୍ୟବସାୟ ଅବଶ୍ୟକ।

❑❑❑



ଗୋଟିଏ ମାତ୍ର ପ୍ରକୃତ ମୁଦ୍ରା ଅଛି, ଯାହା ସାହାଯ୍ୟରେ ସବୁ ପ୍ରକାର ଦ୍ରବ୍ୟ କ୍ରୟ କରାଯାଇପାରେ। ସେ ହେଉଛି ଜ୍ଞାନ।
- ସକ୍ରେଟିସ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏଲ୍ଆଇସିକୁ ଘରୋଇକରଣ ବିରୋଧରେ ସିପିଆଇର ବିକ୍ଷୋଭ, ଏଲ୍ଆଇସି ଅଫିସ, ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ପାଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ୧୪ତମ ବାର୍ଷିକ ସମ୍ମେଳନ, ଗୀତ ଗୋବିନ୍ଦ ଭବନ, ପୂର୍ବାହ୍ନ ୧୧ଟା ୩୦।
- ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ, ଗଙ୍ଗୋତ୍ରି ଫାର୍ମ ହାଉସ, ଗଙ୍ଗୋତ୍ରି ନଗର, ଲେନ-୨, ଶିଶୁପାଳଗଡ଼, ଅପରାହ୍ନ ୩ଟା।
- ଗୋଲ୍ଡେନ ଟ୍ରାଇଙ୍ଗଲ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଷ୍ଟାର ଫିଲ୍ମ ଆୱାର୍ଡର ପ୍ରତିଭା ସମ୍ମାନ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ଧଉଳି କଳା ମହୋତ୍ସବ, ଶାନ୍ତି ବିହାର, ଫୁଟହିଲସ ଅଫ ଧଉଳି, ସନ୍ଧ୍ୟା ୬ଟା ୩୦।

**କଟକ**

- ବୀରେନ ମିତ୍ର ମେମୋରିଆଲ ମହିଳା ମହାବିଦ୍ୟାଳୟ ପକ୍ଷରୁ ବୀରେନ ମିତ୍ର ସ୍ମାରକୀ ବକ୍ତୃତା, କଲେଜ ପରିସର, ଥୋରିଆ ସାହି, ପୂର୍ବାହ୍ନ ୧୦ଟା ୩୦।
- ସେଣ୍ଟ ଜାଭିୟର ହାଇସ୍କୁଲର ପ୍ରଥମ ବାର୍ଷିକ ଦିବସ ପାଳନ, ଆଇବି ରୋଡ, ଜଗତ୍‌ପୁର, ଅପରାହ୍ନ ୪ଟା।

**ସାକ୍ଷୀଗୋପାଳ**

- ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭା, ସାକ୍ଷୀଗୋପାଳ ପାଠଶାଳା, ଅପରାହ୍ନ ୪ଟା।
- ଓଡ଼ିଶା ସାହିତ୍ୟ ଏକଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ଶ୍ରୀରାମଚନ୍ଦ୍ରପୁର, ସନ୍ଧ୍ୟା ୬ଟା।

# ରାସ୍ତା ନା ହସ୍ପିଟାଲ ଦାୟୀ

## ଶିଶୁର ଜୀବନ ଚାଲିଯିବା ପରେ...



ଭୁବନେଶ୍ୱର, ୧୧।୨ (ବ୍ୟୁରୋ): ବିଳମ୍ବ ଯୋଗୁ ଚାଲିଯାଇଛି ୫ବର୍ଷର ନୀଲ୍ ନୀତୀଶ ନାୟକଙ୍କ ଜୀବନ। ରାଜଧାନୀ ରାଜରାସ୍ତାରେ ମଙ୍ଗଳବାର ପୂର୍ବାହ୍ନରେ ଘଟିଥିଲା ଏହି ହୃଦୟଥରା ଘଟଣା। ତ୍ରୁଟିପୂର୍ଣ୍ଣ ତଥା ବିଳମ୍ବ ଚିକିତ୍ସା ଯୋଗୁ ନା ରାସ୍ତାରେ ଟ୍ରାଫିକ ଜାମ୍ ଯୋଗୁ ନୀତୀଶଙ୍କ ମୃତ୍ୟୁ ହୋଇଛି ତାହାକୁ ନେଇ ଚାଲିଛି ନାନା ଆଲୋଚନା। ଉନ୍ନତ ସ୍ୱାସ୍ଥ୍ୟ ସେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହ ସ୍ୱାସ୍ଥ୍ୟ ବିଭାଗକୁ 'ମୋ ସରକାର' ଯୋଜନାରେ ସାମିଲ୍ କରିଛନ୍ତି। ରାଜ୍ୟର ପ୍ରମୁଖ କ୍ୟାପିଟାଲ ହସ୍ପିଟାଲକୁ ଚକାଚକ୍ କରାଯାଇଥିବାବେଳେ ଅଭିଜ୍ଞ ତଥା ଦାୟିତ୍ୱ ସମ୍ପନ୍ନ ଡାକ୍ତରଙ୍କୁ ଅବସ୍ଥାପିତ କରାଯାଇଥିବା କୁହାଯାଉଛି। ଏପଟେ ଭୁବନେଶ୍ୱର ନଂ.୧ ସ୍ମାର୍ଟସିଟି ହେବା ପରେ ରାସ୍ତାଠାରୁ ଆରମ୍ଭ କରି ଟ୍ରାଫିକ ପରିଚାଳନା ଉପରେ ଢେର୍ ଗୁରୁତ୍ୱ ଦିଆଯାଉଛି। କହିବାକୁ ଗଲେ ଏସବୁ କ୍ଷେତ୍ରରେ ସରକାର ଯୋଜନା ପରେ ଯୋଜନା ଗଦା କରିଚାଲିଛନ୍ତି। ହେଲେ କାହିଁକି ଭୁବନେଶ୍ୱର ପରି ସହରରେ ନୀତୀଶ୍‌ଙ୍କ ପରି ଜୀବନ ଯାଉଛି, ତାହାକୁ ନେଇ ଏବେ ସବୁଠି ବଡ଼ ପ୍ରଶ୍ନ ଉଠିଛି।

### ନେତା ମନ୍ତ୍ରୀଙ୍କୁ ଗୁରୁତ୍ୱ, ଆମ୍ବୁଲାନ୍ସ ପାଇଁ ନାହିଁ ଲେନ୍

ରାସ୍ତାରେ ନେତା ମନ୍ତ୍ରୀ ଯିବାବେଳେ ପୋଲିସ ସାଧାରଣ ଲୋକଙ୍କୁ ଅଟକାଇ ସେମାନଙ୍କୁ ସ୍ୱତନ୍ତ୍ର ଲେନ୍ କରି ନିଆଯାଉଛି। କିନ୍ତୁ ଆମ୍ବୁଲାନ୍ସ ପାଇଁ କିଛି ଲେନ୍ ରହୁନାହିଁ। ରାସ୍ତାର ବାମ ପଟେ ଆମ୍ବୁଲାନ୍ସ ପାଇଁ ସ୍ଥାନ ଛାଡିବା ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ଲୋକେ ଗାଡି ଚଳାଇଲାବେଳେ କବ୍‌ଜା କରି ବାଟ ଓଗାଳୁଛନ୍ତି। ରାସ୍ତାରେ ଜାମ୍‌ରେ ଦୀର୍ଘ ସମୟ ଧରି ଫସି ରହୁଛି ଆମ୍ବୁଲାନ୍ସ। ବିଳମ୍ବ ଯୋଗୁ ରୋଗୀଙ୍କ ଜୀବନ ଯାଉଛି ବୋଲି ନୀତୀଶଙ୍କୁ ନେଇ ଯାଉଥିବା ଘରୋଇ ଆମ୍ବୁଲାନ୍ସର ଡ୍ରାଇଭର ଆଲୋକ ଖୁଣ୍ଟିଆ କହିଛନ୍ତି। ସେ କହିଛନ୍ତି, ଶିଶୁଟିକୁ ଶୀଘ୍ର ହସ୍ପିଟାଲରେ ପହଞ୍ଚାଇବା ପାଇଁ ଗାଡ଼ି ବେଗ ବଢ଼ାଇଥିଲି। କିନ୍ତୁ ବେହେରା ସାହି ଛକ ନିକଟରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଏହାପରେ ଜୟଦେବବିହାର, ନାଲ୍‌କୋ ଛକ, ଡମଣା ଛକ ଆଦିରେ ଆମ୍ବୁଲାନ୍ସ ଫସିଯାଇଥିଲା। ଫଳରେ ଏକ ଘଣ୍ଟାରୁ ଅଧିକ ସମୟ ବିଳମ୍ବ ହୋଇଥିଲା।

### ଅବହେଳା ହୋଇଛି କି ନାହିଁ ତଦନ୍ତ ହେବ: କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ

କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ କହିଛନ୍ତି, ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଶିଶୁଟି ରବିବାର ଭୋର୍ ସମୟରେ ଶିଶୁ ବିଭାଗରେ ଭର୍ତ୍ତି ହେବାବେଳେ କେଉଁ ଡାକ୍ତର ଡ୍ୟୁଟିରେ ଥିଲେ। ତାଙ୍କୁ କିଏ ଦେଖି ଔଷଧ ଦେଇଥିଲେ। ମଙ୍ଗଳବାର ଭୋର୍‌ରେ ଯେଉଁ ଅନଭିଜ୍ଞ ଡାକ୍ତର ତାଙ୍କୁ ଚିକିତ୍ସା କରିଥିବା କୁହାଯାଉଛି ତାହାର ଯାଞ୍ଚ କରାଯିବ। ଯଦି କିଛି ସେଭଳି ଅବହେଳା ପଦାକୁ ଆସେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପଟ୍ଟନାୟକ କହିଛନ୍ତି।

### ପୁଣି ଫସିଲା ଆମ୍ବୁଲାନ୍ସ

ସକାଳେ ନାଲ୍‌କୋ ଛକ ଓ ଡମଣା ଛକରେ ଆମ୍ବୁଲାନ୍ସ ଭିଡ଼ରେ ପଶି ଜଣେ ଶିଶୁର ଜୀବନ ଯାଇଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ମଧ୍ୟ ଖଣ୍ଡଗିରି ଛକରେ ଆଉଏକ ଆମ୍ବୁଲାନ୍ସ ଭିଡ଼ରେ ଫସି ଯାଇଥିଲା। ଏମ୍ସରୁ ଜଣେ ରୋଗୀଙ୍କୁ ଧରି ଏକ ଆମ୍ବୁଲାନ୍ସ ଗୋଟିଏ ଘରୋଇ ହସ୍ପିଟାଲକୁ ନେଉଥିବାବେଳେ ଖଣ୍ଡଗିରି ଛକରେ ଟ୍ରାଫିକ ଜାମ୍‌ରେ ଅଟକି ରହିଥିଲା। ଛକରେ ଗାଡି ଚାଳକମାନେ ରାସ୍ତାକୁ ପୂରା କବ୍‌ଜା କରି ରଖିଥିବାରୁ ଆମ୍ବୁଲାନ୍ସ ଯିବାକୁ ରାସ୍ତା ନ ଥିଲା।

### ଅଭିଜ୍ଞ ଡାକ୍ତର ଦେଖିଥିଲେ ପୁଅ ବଞ୍ଚିଯାଇଥାନ୍ତା

ଚିକିତ୍ସାରେ ବିଳମ୍ବ ଓ ତ୍ରୁଟି କ୍ୟାପିଟାଲ ହସ୍ପିଟାଲରେ ହିଁ ହେଲା। ମୋ ପୁଅ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ କେହି ଜଣେ ଅନଭିଜ୍ଞ ଡାକ୍ତର ଠିକ୍ ଭାବେ ରୋଗ ଚିହ୍ନଟ କରି ନ ପାରି ଥଣ୍ଡା ହୋଇଥିବା କହି ମନଇଚ୍ଛା ଇଞ୍ଜେକ୍ସନ ଓ ଔଷଧ ଦେଲେ। ଶେଷ ମୁହୂର୍ତ୍ତରେ ଜଣେ ବରିଷ୍ଠ ଡାକ୍ତର ଦେଖିଥିଲେ ମଧ୍ୟ ସେତେବେଳକୁ ଦୁଇଦିନ ବିଳମ୍ବ ହୋଇଯାଇଥିଲା। ଫଳରେ ମୋ ପୁଅର ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିଗିଡି ଯାଇଥିଲା ବୋଲି ମୃତ ନୀଲ୍ ନୀତୀଶଙ୍କ ବାପା ନିରୋଦ ନାୟକ କହିଛନ୍ତି। ଯଦି ହସ୍ପିଟାଲରେ ଅଭିଜ୍ଞ ଡାକ୍ତର ସବୁ ସମୟରେ ରହିଥାନ୍ତେ ତେବେ ମୋ ପୁଅର ଜୀବନ ଯାଇ ନ ଥାନ୍ତା। ପ୍ରଥମରୁ କ୍ୟାପିଟାଲ ହସ୍ପିଟାଲ ଡାକ୍ତର ଅନ୍ୟତ୍ର ରେଫର କରିଦେଇଥିଲେ ମୁଁ ମୋ ପୁଅକୁ ଘରୋଇ ହସ୍ପିଟାଲ ନେଇ ଭଲ କରି ଦେଇଥାନ୍ତି। ମୋ ପୁଅର ମୃତ୍ୟୁ ପାଇଁ କ୍ୟାପିଟାଲ ହସ୍ପିଟାଲର ଡାକ୍ତର, କର୍ମଚାରୀ ଓ ବ୍ୟବସ୍ଥା ହିଁ ଦାୟୀ। ପୁଅ ଯନ୍ତ୍ରଣା ପାଉଥିବା କର୍ମଚାରୀମାନେ ଦେଖୁଥିଲେ ମଧ୍ୟ ରକ୍ତ ପରୀକ୍ଷା ପାଇଁ ଲାଇନ୍‌ରେ ଆସିବାକୁ ତାଗିଦ୍ କରି ବିଳମ୍ବ କରିଦେଇଥିଲେ।

### ସିସିଟିଭି ଯାଞ୍ଚ କରିଛୁ, ଆମ୍ବୁଲାନ୍ସ ଅଟକି ନାହିଁ: ଟ୍ରାଫିକ ଡିସିପି

ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି, ଘଟଣା ସଂକ୍ରାନ୍ତରେ ଗଣମାଧ୍ୟମରୁ ଜାଣିବା ପରେ ମୁଁ ବ୍ୟକ୍ତିଗତଭାବେ ନାଲ୍‌କୋ ଛକ ଟ୍ରାଫିକ ପୋଷ୍ଟକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲି। ସେଭଳି କୌଣସି ଆମ୍ବୁଲାନ୍ସ ଭିଡ଼ରେ ଫସିଥିବା ଦେଖିବାକୁ ମିଳିନାହିଁ। ୪ ଆମ୍ବୁଲାନ୍ସ ଉକ୍ତ ଛକ ଦେଇ ଯାଇଛି। ୩ ଆମ୍ବୁଲାନ୍ସ ଛକରେ ଅଟକି ନ ଥିବାବେଳେ ଶେଷଟି କିଛି ସମୟ ପାଇଁ ଅଟକିଥିଲା। ଆମ ଟ୍ରାଫିକ ପୋଲିସ ତୁରନ୍ତ ଆମ୍ବୁଲାନ୍ସ ଆଗରୁ ଅନ୍ୟ ଗାଡ଼ି ହଟାଇ ଆଗକୁ ଛାଡ଼ିଥିଲେ।

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

### ଭିତରକାଠ ପରିସରରେ ବାନ୍ତି

ପୁରୀ ଅଫିସ,୧୧।୨: ଶ୍ରୀମନ୍ଦିରରେ ମଙ୍ଗଳବାର ବଡ଼ ମହାସ୍ନାନ ହୋଇଛି। ଭିତର କାଠ ପରିସରରେ କେହି ଜଣେ ବାନ୍ତି କରିଦେଇଥିବାରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ କରାଯାଇଛି। ସକାଳ ଧୂପ ପରେ ଏହା ଜଣାପଡ଼ିଥିଲା। ତେଣୁ ବଡ଼ ମହାସ୍ନାନ ପାଇଁ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଛି। ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସୂଚନା ମୁତାବକ, ସକାଳ ଧୂପ ସରି ମଇଲମ ବେଶ ଚାଲିଥିଲା। ଏହି ସମୟରେ ଜୟ ବିଜୟ ଦ୍ୱାର ତଳକୁ ଭିତରକାଠ ପରିସରରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ହିଁ ନୀତି ଅଟକିଥିଲା। ଏହାପରେ ବଡ଼ ମହାସ୍ନାନ କରାଯାଇଥିଲା। ବଡ଼ ମହାସ୍ନାନ ପରେ ଯେଉଁଠାରୁ ନୀତି ଅଟକିଥିଲା ସେହିଠାରୁ ହିଁ ଚାଲିଥିଲା। ତେବେ ସେଠାରେ କିଏ ବାନ୍ତି କରିଥିଲା ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ କେହି ଛୋଟ ପିଲା ବାନ୍ତି କରିଥାଇପାରେ ବୋଲି ଅନୁମାନ କରାଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ମୁତାବକ, ଭିତର କାଠ ପାଖରୁ ସିଂହାସନ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଯଦି ଝାଡ଼ା, ପରିସ୍ରା, ଛେପ, ବାନ୍ତି ଆଦି ପଡ଼େ ତେବେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯାଏ। ରକ୍ତଛିଟା ପଡ଼ିଲେ ବି ବଡ଼ ମହାସ୍ନାନ ହୋଇଥାଏ। ରତ୍ନ ସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନ ପାଣି ପଡ଼େ। ପୂଜାପଣ୍ଡା ବଡ ମହାସ୍ନାନ ପୂଜା କରିବା ପରେ ପୁଣି ନୀତି ଆରମ୍ଭ ହୁଏ।

## 'ସଂଗ୍ରାମୀଙ୍କ ଦାୟାଦଙ୍କୁ ପ୍ରୋତ୍ସାହନ ଦିଆଯାଉ'




ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ରାଜ୍ୟସ୍ତରୀୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଘ ଓ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ସଙ୍ଗଠନର ମିଳିତ ଉଦ୍ୟମରେ ଗାନ୍ଧି ୧୫୦ତମ ଜନ୍ମ ଶତବାର୍ଷିକୀ ଓ ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କର ତ୍ରିଦିବସୀୟ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାରଠାରୁ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଘର ସଭାପତି ତଥା ରାଜ୍ୟ ସ୍କାଉଟ୍ ଗାଇଡ ସଙ୍ଗଠନର ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସ୍କାଉଟ୍/ଗାଇଡ୍ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତାମାନେ ଉକ୍ତ ସମ୍ମିଳନୀରେ ଯୋଗଦାନ କରିଥିଲେ। ପୂର୍ବାହ୍ନ ଅଧିବେସନରେ ମଞ୍ଚାସୀନ ବିଶିଷ୍ଟ ଅତିଥିମାନେ ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କୁ ସେମାନଙ୍କର ପୂର୍ବପୁରୁଷମାନଙ୍କର ସ୍ୱାଧୀନତା ଆନ୍ଦୋଳନରେ ବଳିଦାନ ବିଷୟରେ ଦାୟାଦମାନଙ୍କୁ ଅବଗତ କରାଇଥିଲେ। ଏଥିସହିତ ଦେଶପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ଦାୟାଦମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେମାନଙ୍କର ଦାୟାଦମାନଙ୍କର ଦେଶ ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ। ସଂଗ୍ରାମୀମାନଙ୍କ ଉତ୍ତରପିଢ଼ୀମାନଙ୍କ ପ୍ରତି ସରକାର ସମସ୍ତ ସହଯୋଗର ହାତ ବଢ଼ାଇବା ପାଇଁ ମନ୍ତ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ନ୍ୟାୟାଧୀଶ ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ଗାନ୍ଧି ପିସ୍ ଫାଉଣ୍ଡେସନର ବିଶ୍ୱଜିତ୍, ସୂଚନା ଓ ଲୋକସମ୍ପର୍କ, ଓଡିଶାର ଉପଦେଷ୍ଟା ମାନସ ମଙ୍ଗରାଜ ଏବଂ ଓଡ଼ିଶା ୟୁଥ୍ ୱେଲଫେୟାର ବୋର୍ଡର ଅଧ୍ୟକ୍ଷ ବିନୟ ନାୟକ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ୧୫୦ତମ ଗାନ୍ଧି ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।




ଦିଲ୍ଲୀ ନିର୍ବାଚନରେ ଏଏପିର ସଫଳତା ପରେ ଅରବିନ୍ଦ କେଜ୍‌ରିୱାଲଙ୍କୁ ଅଭିନନ୍ଦନ ଜଣାଇ ବାଲୁକା ଶିଳ୍ପୀ ମାନସ ସାହୁ ମଙ୍ଗଳବାର ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।




ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ପୁଣି ଜିତିବା ପରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ କର୍ମୀମାନେ ଉତ୍ସବ ପାଳନ କରୁଛନ୍ତି।

## ୨ ବନ୍ଧୁକ ବେପାରୀଙ୍କୁ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଗିରଫ ଦୁଇ ବନ୍ଧୁକ ବେପାରୀ ଝାଡ଼ଖଣ୍ଡର ସାନୁ ପୋଦାର ଏବଂ ସୁରେଶ ପାଣିଗ୍ରାହୀଙ୍କ ଆନ୍ତଃରାଜ୍ୟ ଲିଙ୍କ୍ ନେଇ ଏସ୍‌ଟିଏଫ୍ ଖୋଳତାଡ କରୁଛି। ସାନୁ ଅନ୍ୟ ରାଜ୍ୟରେ ବନ୍ଧୁକ ବିକ୍ରି କରୁଥିଲେ ବୋଲି ଏସ୍‌ଟିଏଫ୍ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ ଉଭୟଙ୍କୁ ୩ ଦିନ ରିମାଣ୍ଡରେ ଆଣି ପଚରାଉଚରା କରିବା ପାଇଁ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଛି। ଦୁଇ ଅଭିଯୁକ୍ତ ବନ୍ଧୁକ କେଉଁଠୁ ଆଣୁଥିଲେ ଓ କେଉଁମାନଙ୍କୁ ବିକ୍ରି କରୁଥିଲେ ସେ ସମ୍ପର୍କରେ ପଚରାଉଚରା କରାଯିବ। ଦୁହେଁ କୋରାପୁଟର ମାଓବାଦୀ ସଙ୍ଗଠନକୁ ବନ୍ଧୁକ ଯୋଗାଉଥିବା କୁହାଯାଉଛି। ପ୍ରକୃତ ତଥ୍ୟ ଜାଣିବା ପାଇଁ ଏସ୍‌ଟିଏଫ୍ ଉଭୟଙ୍କ ଫୋନ୍ କଲ ଯାଞ୍ଚ କରୁଛି। ସେମାନେ କେତେଥର କୋରାପୁଟ ଯାଇଛନ୍ତି ଓ କାହା ସହ ଯୋଗାଯୋଗ କରିଛନ୍ତି ସେନେଇ ମଧ୍ୟ ଖୋଳତାଡ଼ କରାଯିବ ବୋଲି ଏସ୍‌ଟିଏଫ ଡିଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି। ଅନ୍ୟପକ୍ଷରେ ସାନୁ ଓ ସୁରେଶଙ୍କ ଲିଙ୍କ୍‌ରେ ଏକାଧିକ ଅପରାଧୀ ରହିଛନ୍ତି। ସେମାନେ ବିଭିନ୍ନ ହାଇପ୍ରୋଫାଇଲ୍ ମାମଲାରେ ଜଡ଼ିତ ଅଛନ୍ତି। ସେମାନଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ହାସଲ କରିବାକୁ ଏସ୍‌ଟିଏଫ ଉଦ୍ୟମ ଚଳାଇଛି।

## ପୋଲିସକୁ ଭୁଆଁ ବୁଲାଇଲେ ଆଶିଷ, ରାଜେଶ

### ବନ୍ଧୁକରେ ରୋମାନ୍ସ ବେଳେ ଗୁଳି ଫୁଟିବା ଘଟଣା

### ପୋଲିସର ଛାନ୍‌ଭିନ୍ ଜାରି

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ବନ୍ଧୁକରେ ରୋମାନ୍ସ ବେଳେ ଗୁଳି ଫୁଟି ପ୍ରେମିକା ଆହତ ହେବା ଘଟଣାରେ ଗିରଫ ପ୍ରେମିକ ଆଶିଷ କୁମାର ନାୟକଙ୍କୁ ମଙ୍ଗଳବାର ଜେଲ ଯିବାକୁ ପଡ଼ିଛି। ତାଙ୍କୁ ଗିରଫ ପରେ ଇନ୍‌ଫୋସିଟି ଥାନା ପୋଲିସ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ବନ୍ଧୁକକୁ ପୋଲିସ ଜବତ କରିପାରି ନାହିଁ। ପୋଲିସ ଗତ ଦୁଇଦିନ ଧରି ତାଙ୍କୁ ପଚରାଉଚରା କରିଥିଲେ ମଧ୍ୟ ସେ ପୋଲିସକୁ ଭୁଆଁ ବୁଲାଇଥିବା ଜଣାପଡ଼ିଛି। ପୋଲିସକୁ ସେ କହିଥିଲେ, ପ୍ରେମିକା ସହ ରୋମାନ୍ସ କରିବା ବେଳେ ଭୁଲ୍‌ବଶତଃ ବନ୍ଧୁକର ଟ୍ରିଗାର ଉପରେ ହାତ ବାଜିଯାଇଥିଲା। ଫଳରେ ଗୁଳିଟି ଫୁଟି ଯୁବତୀଙ୍କ ଜଙ୍ଘରେ ପଶିଯାଇଥିଲା। ଏହାପରେ ସେ ତାଙ୍କୁ ତରବରିଆଭାବେ ଉଦ୍ଧାର କରି ଘରୋଇ ହସ୍ପିଟାଲକୁ ନେଇଥିଲେ। ପୋଲିସ କେସ୍ ହେବ ଜାଣିପାରି ବନ୍ଧୁକକୁ ଲୁଚାଇବାକୁ ମୋ ସାଙ୍ଗ ରାଜେଶ ତରାଇଙ୍କୁ କହିଥିଲି। ରାଜେଶ କେଉଁଠି ଲୁଚାଇଛନ୍ତି ତାହା ଜାଣିନାହାନ୍ତି। ଏହାପରେ ସୋମବାର ରାତିରେ ନନ୍ଦନକାନନ ଥାନା ଅଧୀନ ମାରୁତିଭିଲ୍ଲାରେ ରହୁଥିବା ରାଜେଶଙ୍କୁ ପୋଲିସକୁ କାବୁ କରିବା ସହ ତାଙ୍କ ଘର ତଲାସି କରିଥିଲା। କିନ୍ତୁ ବନ୍ଧୁକ ମିଳି ନ ଥିଲା। ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେ କହିଥିଲେ ଯେ, ଆଶିଷଙ୍କଠାରୁ ଘଟଣା ସମ୍ପର୍କରେ ଶୁଣି ତାଙ୍କ ରୁମ୍‌କୁ ଯାଇଥିଲି। ସେଠାରୁ ବନ୍ଧୁକ ଆଣି ବାଇକରେ ମାରୁତି ଭିଲ୍ଲା ଯିବାବେଳେ ରଘୁନାଥପୁରଠାରେ ଏକ ନର୍ଦ୍ଦମାକୁ ଫିଙ୍ଗି ଦେଇଥିଲି। ପୋଲିସ ମଙ୍ଗଳବାର ସକାଳେ ଆଶିଷ ଓ ରାଜେଶଙ୍କୁ ଉକ୍ତ ନର୍ଦ୍ଦମା ନିକଟକୁ ନେଇ ବହୁ ସମୟ ଖୋଜାଖୋଜି କରିଥିଲେ ବି ବନ୍ଧୁକ ପାଇ ନ ଥିଲା। ଏଥିଯୋଗୁ ଏବେ ପୋଲିସ ଚିନ୍ତା ବଢ଼ିଯାଇଛି। କାରଣ ବନ୍ଧୁକ ନ ମିଳିଲେ ଅଭିଯୁକ୍ତ ଜେଲରୁ ଖସିଯିବା ଯଥେଷ୍ଟ ସମ୍ଭାବନା ରହିଛି। ରାଜେଶ ଜଣେ କୁଖ୍ୟାତ ଅପରାଧୀ। ସେ ଆଶିଷଙ୍କ ସହ ନୟାପଲ୍ଲୀ ବୋମାମାଡ଼ ମାମଲାରେ ସମ୍ପୃକ୍ତ ବୋଲି ପୋଲିସ କହିଛି। ରାଜେଶଙ୍କ ଘର ନିଆଳି ଅଞ୍ଚଳରେ ହୋଇଥିବା ବେଳେ ସେ ନନ୍ଦନକାନନ ଥାନା ଅଞ୍ଚଳରେ ରହୁଛନ୍ତି।

ଅନ୍ୟପକ୍ଷରେ ଯୁବତୀଙ୍କ ମା, ବାପା ବାଲେଶ୍ୱରରୁ ମଙ୍ଗଳବାର ଭୁବନେଶ୍ୱର ଆସି ହସ୍ପିଟାଲରେ ଝିଅକୁ ଭେଟିଛନ୍ତି। ପରେ ସେମାନେ ଆଶିଷଙ୍କ ବିରୋଧରେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି। ସେମାନେ ଆଶିଷକୁ ଜାଣି ନ ଥିବା କହିବା ସହ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଯୁବତୀ ସୁସ୍ଥ ହେବା ପରେ ପୋଲିସ ତାଙ୍କ ବୟାନ ରେକର୍ଡ କରିବ। ମଙ୍ଗଳବାର ପୋଲିସ ଯୁବତୀଙ୍କ ବୟାନ ରେକର୍ଡ ପାଇଁ ହସ୍ପିଟାଲ ଯାଇଥିଲେ। ହେଲେ ଗୁଳିମାଡ଼ ପରଠୁ ଯୁବତୀ ଭୟଭୀତ ଅବସ୍ଥାରେ ଥିବାରୁ ସେ ପୋଲିସ ଆଗରେ ବୟାନ ଦେବା ସ୍ଥିତି ନ ଥିବା ଡାକ୍ତର କହିଥିଲେ। ଫଳରେ ପୋଲିସ ଫେରିଆସିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ସିଦ୍ଧାନ୍ତ



ରିଙ୍କୁ



ଗଙ୍ଗାରାମ



ଜୟନ୍ତ



ଶ୍ୟାମ



ରଞ୍ଜନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ସଂସ୍କୃତି ବିଭାଗ ଖଣ୍ଡଗିରି ମେଳା ପ୍ରତି ଦୃଷ୍ଟି ଦେଉ

ଭୁବନେଶ୍ୱର, ୧୧।୨ (ବ୍ୟୁରୋ)

ଖଣ୍ଡଗିରି କୁମ୍ଭ ମେଳା କେଉଁକାଳରୁ ହୋଇଆସୁଛି। ଆମ ଜେଜେ ବାପାଙ୍କଠାରୁ ଆରମ୍ଭ କରି ଆମ୍ଭ ନାତୁଣୀନାତି ପର୍ଯ୍ୟନ୍ତ ଛଅ ପିଢ଼ି ହେବ ଏହି ମେଳା ଆମେ ଦେଖି ଆସୁଛୁ। କାରଣ ଏହା ଆମ ଗାଁ, ଆମ ଅଞ୍ଚଳର ତଥା ରାଜ୍ୟ ବାହାରର ମୁଖ୍ୟ ଧାର୍ମିକ ମେଳା। ଅନେକ ବାବାଜୀ, ସାଧୁ ଏଠାରେ ଥିବା ଗୁମ୍ଫାଗୁଡିକରେ ଏହି ମେଳାକୁ ଆସି ଅବସ୍ଥାନ କରିଥାନ୍ତି। କିନ୍ତୁ ଖୋଦ୍ ରାଜଧାନୀରେ ଏତେବଡ଼ ଲୋକାରଣ୍ୟ ଧାର୍ମିକ ମେଳା ହେଲେ ମଧ୍ୟ ରାଜ୍ୟ ସରକାର ଏହାକୁ ସୂଚାରୁ ରୂପେ ସମ୍ପୂର୍ଣ୍ଣ କରିବା ଏବଂ ଏହାର ଐତିହ୍ୟକୁ ସର୍ବବ୍ୟାପୀ କରିବାରେ ଉଦାସୀନତା ପରିଲକ୍ଷିତ ହୁଏ। ରାଜ୍ୟ ସଂସ୍କୃତି ବିଭାଗ ଏହା ଉପରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ପ୍ରେସ୍ ବିଜ୍ଞପ୍ତିରେ ଦାବି କରିଛନ୍ତି।



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
-ବର୍ନାଡ ଶ



# ଭୁବନେଶ୍ୱର ହେବ ଗାର୍ବେଜ୍ ଫ୍ରି ସିଟି

- ସହରରେ ମିଳିବନି ଡଷ୍ଟବିନ୍, ଘରୁ ସଂଗୃହୀତ ହେବ ଅଳିଆ
- ଓଦା ଓ ଶୁଖିଲା ଅଳିଆ ଅଲଗା ହୋଇ ସଂଗ୍ରହ କରାଯିବ
- ଗାର୍ବେଜ୍ ଫ୍ରି ସିଟି ଭାବେ ମିଳିବ ୭ ଷ୍ଟାର ରେଟିଂ

ଭୁବନେଶ୍ୱର, ୧୧।୨ (ବ୍ୟୁରୋ)

ଭୁବନେଶ୍ୱର ଆଗାମୀଦିନରେ ଆଉ ଡଷ୍ଟବିନ୍ ଦେଖିବାକୁ ମିଳିବ ନାହିଁ। ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି), ମ୍ୟାଟେରିଆଲ ରିକୋଭରି ଫ୍ୟାସିଲିଟି ସେଣ୍ଟର (ଏମ୍‌ଆରଏଫ) ଓ ପ୍ୟାରୋଲାଇସିସ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ପରେ ସହରରେ ଆଉ ଡଷ୍ଟବିନ୍‌ର ବ୍ୟବହାର ହେବନାହିଁ। ସଫେଇ କର୍ମଚାରୀ ବ୍ୟାଟେରି ଚାଳିତ ଯାନରେ ଘରକୁଘର ବୁଲି ଅଳିଆ ସଂଗ୍ରହ କରିବା ସହ ସେଗୁଡ଼ିକୁ ପୃଥକ୍ ଭାବେ ଏମ୍‌ସିସି ଓ ଏମ୍‌ଆରଏଫ୍‌କୁ ଆଣିବେ, ସେଠାରେ ସେଗୁଡ଼ିକୁ କମ୍ପୋଷ୍ଟିଂ କରାଯିବ। ଏହା ଥରେ ମାତ୍ର କାର୍ଯ୍ୟକାରୀ ହେବା ପରେ ଭୁବନେଶ୍ୱରକୁ ଗାର୍ବେଜ୍ ଫ୍ରି ସିଟି ଭାବେ ଘୋଷଣା କରାଯିବ। ଯେଉଁଥିରେ କି ଡଷ୍ଟବିନ୍ ଦେଖିବାକୁ ମିଳିବ ନାହିଁ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ବର୍ଜ୍ୟ ପରିଚାଳନାରେ ଭୁବନେଶ୍ୱର ସହର ବହୁ ଅତ୍ୟାଧୁନିକ ପ୍ରଣାଳୀ ଆପଣାଇବାକୁ ଯାଉଛି। ଯେଉଁଥିରେ ଏମ୍‌ସିସି, ଏମ୍‌ଆରଏଫ୍ ଓ ପ୍ୟାରୋଲାଇସିସ୍ ପ୍ଲାଣ୍ଟ ପ୍ରମୁଖ ଭୂମିକା ନିର୍ବାହ କରିବ। ଏହି ମର୍ମରେ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ଦୁଇଟି ଏମ୍‌ସିସିର ଉଦ୍‌ଘାଟନ କରାଯିବା ସହ ଲୋକଙ୍କୁ ଓଦା ଓ ଶୁଖିଲା ବର୍ଜ୍ୟ ପୃଥକ୍ ଭାବେ ରଖିବାକୁ ସଚେତନ କରାଯାଇଛି। ଆଗାମୀ ଦିନରେ ଭୁବନେଶ୍ୱର ଡଷ୍ଟବିନ୍ ମୁକ୍ତ ହେଲେ ସ୍ମାର୍ଟସିଟି ଭାବେ ଜଡ଼ିତ ଥିବା ବିଭିନ୍ନ ସର୍ବେକ୍ଷଣରେ ଶୀର୍ଷ ସ୍ଥାନ ଅଧିକାର କରିବ। ଗାର୍ବେଜ୍ ଫ୍ରି ସିଟି ଭାବେ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଭାବେ ୭ ଷ୍ଟାର ରେଟିଂ ଦିଆଯିବ। ଯାହାକି ନିଜ ପାଇଁ ଏକ ବଡ଼ ଉପଲବ୍ଧି ହେବ ବୋଲି କମିଶନର ଚୌଧାରୀ କହିଛନ୍ତି।

ବିଏମ୍‌ସି ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଡଷ୍ଟବିନ ରଖାଯାଇଥିବା ବେଳେ ସେଗୁଡ଼ିକର ସ୍ଥିତି ଖରାପ ଥିବା ଅଭିଯୋଗ ହେଉଛି। ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର କରିବା ଦାୟିତ୍ୱ ଠିକା ସଂସ୍ଥାଗୁଡିକର ହୋଇଥିବାବେଳେ ସେମାନଙ୍କୁ ଫାଇନ୍ ମଧ୍ୟ କରାଯାଉଛି। ହେଲେ ଏ ନେଇ କିଛି ପରିବର୍ତ୍ତନ ଆସିପାରୁନାହିଁ। ତେଣୁ ବିଏମ୍‌ସି ଦ୍ୱାରା ସେଗୁଡିକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦେବାକୁ ସ୍ଥିର କରାଯାଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆଲୋଚନା ସରିଥିବା ବେଳେ ଏମ୍‌ସିସିର ନିର୍ମାଣ କାର୍ଯ୍ୟ ସରିବା ପରେ ତୁରନ୍ତ ଘରକୁ ଘର ଅଳିଆ ସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯିବ। ଏହା ପରେ ଭୁବନେଶ୍ୱରରେ ଥିବା ଡଷ୍ଟବିନ୍‌ଗୁଡ଼ିକୁ ହଟାଇ ଦିଆଯିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ବିଏମ୍‌ସି ଦ୍ୱାରା ଭୁବନେଶ୍ୱରକୁ ଖୋଲା ମଳମୁକ୍ତ ସହର (ଓଡିଏଫ++) ଭାବେ ଆତ୍ମଘୋଷଣା କରାଯାଇଥିଲା। ଉକ୍ତ ସମୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ରାଜ୍ୟର ବିଭିନ୍ନ ମହାନଗର ନିଗମକୁ 'ଗାର୍ବେଜ୍ ଫ୍ରି ସିଟି' କରିବାକୁ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି ବିଏମ୍‌ସି ଏହି ପଦକ୍ଷେପ ହାତକୁ ନିଆଯାଉଛି। ଭୁବନେଶ୍ୱରକୁ ଦେଶର ନଂ. ୧ ସ୍ମାର୍ଟ ସିଟି ସହ ଅନ୍ୟ ବିଷୟ ଯେପରି ସୌନ୍ଦର୍ଯ୍ୟକରଣ, ବର୍ଜ୍ୟର ସୁପରିଚାଳନା ଓ ଐତିହ୍ୟ ନଗରୀ ଭାବେ ନଂ. ୧ ରେ ରଖିବାକୁ ବିଏମ୍‌ସି ଏହି ପ୍ରୟାସ କରିଛି। ଏଥିପାଇଁ ଭୁବନେଶ୍ୱର ସମସ୍ତ ନାଗରିକଙ୍କୁ ବିଏମ୍‌ସି ସହଯୋଗ ମାଗିଛି।

## ସଂକ୍ଷେପରେ

### ପ୍ରଥମ ଆଭାଷୀ ଥାନା ପରିଦର୍ଶନ କଲେ ଗୃହ ରାଷ୍ଟ୍ରମନ୍ତ୍ରୀ

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମଙ୍ଗଳବାର ରସୁଲଗଡ଼ସ୍ଥିତ ରାଜ୍ୟ ଅପରାଧ ନଥି ସଂସ୍ଥା ପରିସରରେ ଥିବା ରାଜ୍ୟର ପ୍ରଥମ ଆଭାଷୀ ଥାନା (ଭର୍ଚ୍ୟୁଆଲ ପୋଲିସ ଷ୍ଟେଶନ) ପରିଦର୍ଶନ କରିଛନ୍ତି। ଅନଲାଇନ ଜରିଆରେ ଜନସାଧାରଣଙ୍କ ଯାନବାହନ ଚୋରି ସମ୍ପର୍କିତ ଅଭିଯୋଗର ପଞ୍ଜୀକରଣ ହେଉଥିବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଥାନା ଅଧିକାରୀମାନେ ଅଭିଯୋଗଗୁଡ଼ିକୁ ତଦନ୍ତ ପ୍ରଣାଳୀ ସମ୍ପର୍କରେ ଏସ୍‌ସିଆର୍‌ବି ନିର୍ଦ୍ଦେଶକ ରାଜେଶ କୁମାର ତାଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୧୦ଟି ମାମଲା ପଞ୍ଜୀକରଣ ହୋଇଥିବା ନିର୍ଦ୍ଦେଶକ କହିଥିଲେ। ମୋ ସରକାର କଲ ସେଣ୍ଟର ଦ୍ୱାରା ପୋଲିସ ବିଭାଗର ଆଭ୍ୟନ୍ତରୀଣ କାର୍ଯ୍ୟଶୈଳୀ ଏବଂ ମୋବାଇଲ ଆପ୍ଲିକେଶନ ସହାୟତା ଆପ୍ କିପରି ଅଧିକ ଲୋକପ୍ରିୟତା ହାସଲ କରିବ ସେ ସମ୍ପର୍କରେ ମନ୍ତ୍ରୀ ବୁଝିଥିଲେ। ପୋଲିସ ବିଭାଗ ଦ୍ୱାରା ୧୮ଟି ସୁବିଧା ନାଗରିକଙ୍କୁ ଯୋଗାଇ ଦିଆଯାଉଥିବା ବେଳେ ଏଥିରେ ୪ ଲକ୍ଷ ୨ହଜାର ୯୬୯ ଜଣ ସେବା ନିମନ୍ତେ ଅନୁରୋଧ ପ୍ରାପ୍ତ କରିଥିବା କୁହାଯାଇଛି।

### ପୂର୍ବ ଶତ୍ରୁତାରୁ ମାରପିଟ, ୪ ଗିରଫ

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଶହୀଦନଗର ଥାନା ଅଧୀନ ବାୟାବାବା ମଠ ବସ୍ତିରେ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାର୍‌ପିଟ୍ ଘଟିଛି। ଏହି ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରିବା ସହ ମଙ୍ଗଳବାର ଉଭୟ ପକ୍ଷର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ମୁତାବକ ବାୟବାବା ମଠ ବସ୍ତି ଅଞ୍ଚଳରେ ରହୁଥିବା ସନ୍ତୋଷ ନାୟକ ଓ ପ୍ରିୟଦର୍ଶିନୀ ସାହୁଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ସୋମବାର ସନ୍ଧ୍ୟାରେ ଉଭୟ ପଡୋଶୀଙ୍କ ମଧ୍ୟରେ ଝଗଡା ଓ ପରେ ମାରପିଟ ହୋଇଥିଲା। ଏ ନେଇ ସନ୍ତୋଷଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ. ୭୫/୨୦ ରୁଜୁ କରିବା ସହ ତାଙ୍କୁ ଆକ୍ରମଣ କରିଥିବା ମୁନା ବେହେରା ଓ ପଦିଆ ବେହେରାଙ୍କୁ ଗିରଫ କରିଥିଲା। ସେହିପରି ପ୍ରିୟଦର୍ଶିନୀଙ୍କ ଅଭିଯୋଗ କ୍ରମେ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିବା ବିକାଶ ନାୟକ ଓ ଲକ୍ଷ୍ମୀଧର ନାୟକଙ୍କୁ ଗିରଫ କରାଯାଇଛି।

### ସମିତି ସଭ୍ୟଙ୍କ କଂଗ୍ରେସରୁ ଇସ୍ତଫା

**ବାଲିଅନ୍ତା,୧୧।୨(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ସମିତିସଭ୍ୟ ମହେଶ୍ୱର ଦାସ ମଙ୍ଗଳବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ର ପୋଷ୍ଟ ଦ୍ୱାରା ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଇସ୍ତଫାପତ୍ରକୁ ତୁରନ୍ତ ଗ୍ରହଣ କରିବା ଲାଗି ସେ ସଭାପତିଙ୍କୁ ନିବେଦନ କରିଛନ୍ତି। ଦଳର ଅନ୍ତ-କନ୍ଦଳ କାରଣରୁ ବିମୁଖ ହୋଇ ଦଳରୁ ଇସ୍ତଫା ଦେଇଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଠିକାଦାରି ଅନିୟମିତତା: ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ପୁରୁଣା ଭୁବନେଶ୍ୱର, ୧୧।୨ (ଡି.ଏନ.ଏ.):** ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ଆଳ କରି କେତେଜଣ ଅଫିସର ତୁଷ୍ଟୀକରଣ ନୀତି ଆପଣାଇଛନ୍ତି। ସେମାନେ କେତେଜଣ ନିର୍ଦ୍ଦିଷ୍ଟ ହାତ ଗଣତି ଠିକାଦାରଙ୍କୁ ଅନିୟମିତତା କରି କାର୍ଯ୍ୟାଦେଶ ଦେଇଥିଲେ। ଏହି ଅନିୟମିତତା ଅଭିଯୋଗ ନେଇ ସାମାଜିକ ସଙ୍ଗଠନ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଜରିଆରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଐତିହ୍ୟ ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଥିବା ନିର୍ମାଣସ୍ଥଳରେ କୌଣସି ପ୍ରକାର ଫଳକ ନ ଲଗାଇବା, ଠିକାଦାରଙ୍କ ନାମ, ବ୍ୟୟ ଅଟକଳ କେଉଁ ବିଭାଗ ଅଧୀନରେ ଏହିସବୁ କାର୍ଯ୍ୟ କରାଯାଉଛି ଏ ସମ୍ପର୍କରେ ତଥ୍ୟ ନାହିଁ। ସେହିପରି ଦୂରଦୃଷ୍ଟି ଅଭାବରୁ ହେଉ ଅବା ଠିକାଦାରି ପ୍ରୀତିରେ ମନଇଚ୍ଛା ଖନନ ଓ ନିର୍ମାଣ କରାଯାଇ କୋଟି କୋଟି ଟଙ୍କା ଅପବ୍ୟୟ କରାଯାଇଥିବା ଅଭିଯୋଗ ହେଉଛି। ଏହା ଉପରେ ଅଙ୍କୁଶ ଲଗାଇବାକୁ ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକ, ସୁଲତା ସାହାଣୀ, ସ୍ୱପ୍ନାରାଣୀ ସାମଲ, ଲିଙ୍ଗରାଜ ହାତୀ ପ୍ରମୁଖ ଉପଜିଲାପାଳଙ୍କୁ ଭେଟିଥିଲେ।



ବାର୍ଷିକ ସାଂସ୍କୃତିକ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଅନ୍ୟ ଅତିଥିବୃନ୍ଦ।

## ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବିନା ମାନବ ଜୀବନ ଅସମ୍ପୂର୍ଣ୍ଣ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବିନା ମାନବ ଜୀବନ ସମ୍ପୂର୍ଣ୍ଣ ନୁହେଁ। କିନ୍ତୁ ଆଜି ମୂଲ୍ୟବୋଧ ଭୁଶୁଡ଼ି ପଡୁଛି। ଶିକ୍ଷିତ ଯୁବପିଢ଼ି ଅର୍ଥ ଓ କ୍ଷମତା ମୋହରେ ମାନବ ଜୀବନର ଅସଲ ଲକ୍ଷ୍ୟଠାରୁ ଦୂରେଇଯାଉଛନ୍ତି। ଦେଶ ବା ରାଜ୍ୟର ଭାଗ୍ୟ ନିର୍ଦ୍ଧାରଣ କରିବା ଆମ ଶିକ୍ଷାର ଲକ୍ଷ୍ୟ ହେବା ଉଚିତ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଥିଲେ ଯେ, ଛାତ୍ରୀଛାତ୍ରମାନେ ନିଜକୁ ପାଠ୍ୟ ପୁସ୍ତକ ଭିତରେ ସୀମିତ ନ ରଖି ବାସ୍ତବ ଜୀବନଠୁ ଶିକ୍ଷାଲାଭ କରି ଭବିଷ୍ୟତ ସଂଘର୍ଷ ପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀମାନେ ରାଜ୍ୟର ଆଦର୍ଶ ଓ ମାର୍ଗଦର୍ଶକ ହେବା ଆବଶ୍ୟକ। କେବଳ ଅଧିକ ନମ୍ବର ରଖିଲେ ଶିକ୍ଷାର ଅସଲ ଉଦ୍ଦେଶ୍ୟ ପୂରଣ ହେବନାହିଁ। ସ୍ୱପ୍ନ ଦେଖିବା ସହ ସ୍ୱପ୍ନକୁ ସାକାର କରିବା ଲାଗି ଅନବରତ ଉଦ୍ୟମ କରିବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ପ୍ରତିଷ୍ଠା କରିବା ପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। କୁଳପତି ପ୍ରଫେସର ପଦ୍ମଜା ମିଶ୍ର କହିଥିଲେ ଯେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଖୁବ୍‌କମ୍ ଦିନରେ ଦେଶର ଶିକ୍ଷା ଜଗତରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ଆହୁରି ଅନେକ କାମ କରିବାକୁ ହେବ ଓ ଏଥିପାଇଁ ସମସ୍ତେ ମିଳିମିଶି ଉଦ୍ୟମ କରିବା ଆବଶ୍ୟକ। କୁଳସଚିବ ଇତିଶ୍ରୀ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧକ୍ଷା ଡ. ସରିତା ସୂପକାର ରିପୋର୍ଟ ଉପସ୍ଥାପନ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସଂଯୋଜିକା ଡ. ପ୍ରତିମା କୁମାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ବାର୍ଷିକ ରିପୋର୍ଟ ଓ ନ୍ୟୁଜ୍ ଲେଟରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ସମାଜ ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅବଦାନ ଅଧିକ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍)ର ୩୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସମାଜର ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅବଦାନ ବହୁତ ଅଧିକ। ଛାତ୍ରୀଛାତ୍ରମାନେ ଏହାର ଉପଯୋଗ କରିବା ଉଚିତ। ସ୍ୱାସ୍ଥ୍ୟ, ରୋଗ ନିରାକରଣ, ପୋଷଣ ଓ କୃଷି ବିକାଶରେ ଆଇଏଲ୍‌ଏସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାୟୋଟେକ୍ନୋଲୋଜି ଓ ଜୀବ ବିଜ୍ଞାନ କ୍ଷେତ୍ରରେ ଔଦ୍ୟୋଗୀକରଣକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଏହା ସହ ମିଳିତ ଭାବେ ଏକ ବାୟୋଟେକ୍ନୋଲୋଜି ଇନ୍‌କ୍ୟୁବେଟର ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା କହିଥିଲେ, ଆଇଏଲ୍‌ଏସ୍‌ର ଶିକ୍ଷାର୍ଥୀ ଏବଂ ଗବେଷକ ୫୦ରୁ ଅଧିକ ଗବେଷଣାଭିତ୍ତିକ ନିବନ୍ଧ ଗତବର୍ଷ ପ୍ରକାଶ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ କହିଥିଲେ, ଜନଜାତିଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ କ୍ଷେତ୍ରରେ ଆଇଏଲ୍‌ଏସ୍‌ର ଗବେଷଣା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହା ଆଗାମୀ ଦିନରେ ଜନଜାତିଙ୍କୁ ଅନେକ କ୍ଷେତ୍ରରେ ସହାୟକ ହେବ। ନାଇଜର ନିର୍ଦ୍ଦେଶକ ଡ. ସୁଧାକର ପଣ୍ଡା ଯୋଗଦେଇ ନବରଙ୍ଗପୁର ଜିଲାର ଆଦିବାସୀ ଚାଷୀଙ୍କ ଆର୍ଥିକାବସ୍ଥାର ଉନ୍ନତି ପାଇଁ ଆଇଏଲ୍‌ଏସ୍‌ର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏମ୍‌ସ ଭୁବନେଶ୍ୱର ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟମାନବେନ୍ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଗବେଷଣା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଇଏଲ୍‌ଏସ୍ ଓ ଏମ୍‌ସ ଭୁବନେଶ୍ୱର ଏକ ଏମ୍‌ଓୟୁ ସ୍ୱାକ୍ଷର କରିଥିବା କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ନିଶାନ୍ତ ପାତ୍ର କହିଥିଲେ, ବାୟୋଟେକ୍ନୋଲୋଜି ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଆଇଏଲ୍‌ଏସ୍ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ମନ୍ତ୍ରୀ ପଣ୍ଡା ଆଇଏଲ୍‌ଏସ୍‌ର ବାର୍ଷିକ ରିପୋର୍ଟ, ନ୍ୟୁଜ୍ ଲେଟର ଉନ୍ମୋଚନ କରିବା ସହ ଶ୍ରେଷ୍ଠ କର୍ମଚାରୀ ଓ ଗବେଷକଙ୍କୁ ପୁରସ୍କୃତ କରିଥିଲେ।

## କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

### ସୂଚନା ଅଧିକାର କର୍ମୀ ରଞ୍ଜନ ଦାସ ହତ୍ୟା ଘଟଣା

ଭୁବନେଶ୍ୱର,୧୧।୨(ବ୍ୟୁରୋ)

କେନ୍ଦ୍ରାପଡା ଜିଲା ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସଙ୍କ ହତ୍ୟା ଘଟଣାରେ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି। ଏହି ମାମଲାରେ ମାର୍ଚ୍ଚ ୨ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କେନ୍ଦ୍ରାପଡା ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଦିନ ମାମଲାର ଶୁଣାଣି ପାଇଁ କମିଶନ ଦିନଧାର୍ଯ୍ୟ କରିଛନ୍ତି। ଗତ ୧ ତାରିଖରେ ରଞ୍ଜନଙ୍କ ମୃତଦେହ ମାର୍ଶାଘାଇ ଥାନା ଅନ୍ତର୍ଗତ ବରୁହାଁ ନିକଟ ରାସ୍ତାକଡରେ ପଡିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ରଞ୍ଜନଙ୍କୁ କେତେଜଣ ଦୁର୍ବୃତ୍ତ ନିର୍ମମ ଭାବେ ହତ୍ୟାକରିବା ପରେ ଏହାକୁ ଦୁର୍ଘଟଣାର ରୂପଦେବା ପାଇଁ ମୃତଦେହ ଉପରେ ତାଙ୍କ ବାଇକ୍ ପକାଇଦେଇଥିବା ଭିଣୋଇ ବଳରାମ ଦାସ ଥାନାରେ ଅଭିଯୋଗ କରିଥିଲେ। ଏପରି କି ଘଟଣାଦିନ ସେ ଘରେ ନ ଥିବା ବେଳେ ସଞ୍ଜୟ ରାଉତ ନାମକ ଜଣେ ଯୁବକ ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କ ଚୋରି କରିନେଇଥିବା ନେଇ ମଧ୍ୟ ଅଭିଯୋଗରେ ଦର୍ଶାଇଥିଲେ। ଏତେସବୁ ସୁରାକ ପରେ ବି ପୋଲିସ କେବଳ ମାମଲା ରୁଜୁ କରି (ନଂ .୨୪/୨୦୨୦) ଚୁପ୍ ବସିଥିବା ନେଇ ସୂଚନା ଅଧିକାର କର୍ମୀ ସଂଯୁକ୍ତା ପାଣିଗ୍ରାହୀ, ପ୍ରଦୀପ ପ୍ରଧାନ, ଦେବେଶ ଦାଶ ଓ ଜିଆଉଦ୍ଦିନ ଓଏଚ୍‌ଆର୍‌ସିରେ ପିଟିଶନ କରିଥିଲେ।

## ଜବତ ବାଇକ୍ ମୁକୁଳାଇବା ପାଇଁ କୋର୍ଟ ଧାଉଁଛନ୍ତି ଲୋକେ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଭିତ୍ତିଭୂମିର ଅଭାବ ଥିବାବେଳେ କମିଶନରେଟ ପୋଲିସର ରଙ୍ଗସାଇଡ୍ ଚାଳକଙ୍କ ବାଇକ ଜବତ ଘଟଣାକୁ ନେଇ ଅଡୁଆ ବଢୁଛି। ପୋଲିସ ଜବତ ଗାଡ଼ିର ପ୍ରସ୍ୟୁକିସନ ରିପୋର୍ଟ କୋର୍ଟକୁ ପଠାଇ ନିଜର କାମ ସାରି ଦେଉଛି। ମାତ୍ର ବାଇକ ମୁକୁଳାଇବା ପାଇଁ ଟ୍ରାଫିକ ଥାନାରୁ କୋର୍ଟ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହେଉଛନ୍ତି ଲୋକେ। ବାଇକ୍ ଜବତ ଯୋଗୁ ବିଭିନ୍ନ କାମକୁ ଯିବା ନେଇ ମଧ୍ୟ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ପୋଲିସ ଜବତ ଗାଡ଼ିଗୁଡିକର ମାମଲା ତଥା କ୍ୟୁ ଆର୍ କୋର୍ଡ ଏସ୍‌ଡିଜେଏମ୍ କୋର୍ଟକୁ ପଠାଇ ଦେଇଥିବାବେଳେ କୋର୍ଟ ଏହାକୁ ଫେରାଇ ଦେଇଛନ୍ତି। ଏସବୁ ମାମଲା କେଉଁ କୋର୍ଟରେ ବିଚାର ହେବ ତାହା ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଏବେ ସ୍ଥିତି ଏପରି ହୋଇଛି ଯେ କେବେ ଜବତ ବାଇକ ମିଳିବ ତାହା କହିବା ମୁସ୍କିଲ। ଏଥିଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ଗୁରୁବାର ଅଚାନକ ଟ୍ରାଫିକ୍ ପୋଲିସ ପକ୍ଷରୁ ରାଜଧାନୀର ୯ଟି ଛକରେ ଯାଞ୍ଚ କରାଯାଇ ରଙ୍ଗସାଇଡ୍‌ରେ ଗାଡି ଚାଳନା କରୁଥିବା ୮୦ରୁ ଉର୍ଦ୍ଧ୍ୱ ବାଇକକୁ ପୋଲିସ ଜବତ କରିଥିଲା।

କୋର୍ଟ ସୂଚନା ଅନୁଯାୟୀ, ପୋଲିସ ପଠାଇଥିବା ମାମଲାଗୁଡିକ ଏବେ କୋର୍ଟ ସବ୍‌ଇନ୍ସପେକ୍ଟର ଅଫିସ୍ ତଥା ସିଏସ୍‌ଆଇ କୋର୍ଟରେ ପଡ଼ିରହିଛି। ଗତ ସୋମବାର ସିଏସ୍‌ଆଇ କୋର୍ଟ ମାମଲାଗୁଡିକୁ ଏସ୍‌ଡିଜେଏମ୍ କୋର୍ଟକୁ ପଠାଇଥିଲେ। ମାତ୍ର ପରେ ଏସ୍‌ଡିଜେଏମ୍ କୋର୍ଟ ଏହି ମାମଲାଗୁଡିକୁ ଫେରାଇ ଦେଇଛନ୍ତି। ତେବେ ମାମଲା ଫେରାଇ ଦେବାର କାରଣ ପୋଲିସ କିମ୍ବା କୋର୍ଟ କର୍ମଚାରୀଙ୍କ ପାଖରେ ନାହିଁ। କୁହାଯାଉଛି ଯେ, ଏତେ ସଂଖ୍ୟାର ମାମଲା ଏକସଙ୍ଗେ କୋର୍ଟକୁ ପଠାଇଥିବାରୁ ସେଗୁଡ଼ିକୁ ଫେରାଇ ଦିଆଯାଇଛି। ଆଇନଜୀବୀ ବିଜନ ବିହାରୀ କର କହିଛନ୍ତି, ବେଙ୍ଗାଲୁରୁ, ପୁଣେ, ମୁମ୍ବାଇ, ଆନ୍ଧ୍ରପ୍ରଦେଶର ଏଭଳି ପନ୍ଥାକୁ କମିଶନରେଟ ପୋଲିସ ଆପଣାଇ ପାରିବାପଣିବା ଦେଖାଇବାକୁ ଚେଷ୍ଟା କରୁଥିବାବେଳେ ଲୋକେ ହଇରାଣ ହେଉଛନ୍ତି। ବଡ ବଡ ସହରରେ ଏଭଳି ଟ୍ରାଫିକ୍ ମାମଲାର ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ରହିଛି। ମାତ୍ର ଭୁବନେଶ୍ୱରରେ ସେପରି କୋର୍ଟ ବ୍ୟବସ୍ଥା ନାହିଁ। ପୋଲିସ ପ୍ରଥମେ ଏ ବିଷୟରେ ଚିନ୍ତା କରିବା ଉଚିତ ଥିଲା। ସେହିପରି ଜବତ ହୋଇଥିବା ଏକ ଗାଡ଼ିର ମାଲିକ ଅନାଦି କର କହିଛନ୍ତି, ଜଣେ ସାଙ୍ଗ ମୋ' ଗାଡ଼ି ନେଇ ଖାଇବାକୁ ଯିବାବେଳେ ତାହାକୁ ଜବତ କରାଗଲା। ଆମେ ଦୁଇ ଦିନ ଟ୍ରାଫିକ୍ ପୋଲିସ ଅଫିସ ଗଲା ପରେ ମାମଲା ନମ୍ବର ମିଳିଲା। ସେବେଠୁ ୩ଦିନ ହେବ ଆମେ ଏସ୍‌ଡିଜେଏମ୍ କୋର୍ଟରୁ ସିଏସ୍‌ଆଇ କୋର୍ଟ ଧାଉଁଛୁ। କେବେ ବିଚାର ହେବ ଏବଂ କେବେ ବାଇକ ମିଳିବ ତାହା କେହି କହିପାରୁ ନାହାନ୍ତି। ଅନ୍ୟପକ୍ଷରେ ଏନେଇ ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି ଯେ, ଯଦି ଜଣେ ଦୋଷ କରିବ ଏଭଳି ଦଣ୍ଡ ପାଇବ। ଭୁଲ କରିବା କାହିଁକି ଏଭଳି ହୀନସ୍ତା ହେବା କାହିଁକି। ଆମେ କୋର୍ଟକୁ ସମସ୍ତ କାଗଜପତ୍ର ପଠାଇ ଦେଇଛୁ। ଗାଡ଼ିଚାଳକ କୋର୍ଟରୁ ନିଜର ଗାଡ଼ି ମୁକୁଳାଇ ଆଣିବେ।

## ୧୦ ଲେଖକ ପାଇବେ 'ପେନ୍ ଇନ୍ ଯୁବ ଲେଖକ' ପୁରସ୍କାର

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଯୁବ ଲେଖକ ପୁରସ୍କାରର ତୃତୀୟ ସଂସ୍କରଣ ଆସନ୍ତା ମାର୍ଚ୍ଚ ୮ରେ ପ୍ରଦାନ କରାଯିବ। ଚଳିତବର୍ଷ ସମଗ୍ର ରାଜ୍ୟରୁ ୧୦ ଯୁବ ଲେଖକ ୨୦୧୯ ମସିହା ପାଇଁ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପୁରସ୍କାର ପାଇବାକୁ ଥିବା ଯୁବ ପ୍ରତିଭାଙ୍କ ମଧ୍ୟରେ ୭ ଓଡ଼ିଆ, ଜଣେ ହିନ୍ଦୀ ଏବଂ ୨ ଇଂଲିଶ୍ ଲେଖକ ରହିଛନ୍ତି। ଓଡ଼ିଆ ସାହିତ୍ୟ ପାଇଁ ଏହି ପୁରସ୍କାର ପାଉଥିବା ୭ ଲେଖକ ହେଲେ ଫିଚର ପୁସ୍ତକ 'ରଜାଘର କଥା' ପାଇଁ ହରିହର ପଣ୍ଡା, ଉପନ୍ୟାସ 'ମହାସତୀ' ପାଇଁ କୃପାସିନ୍ଧୁ ପ୍ରଧାନ, 'ସବୁ ରାତି ତୁମ ପାଇଁ' କବିତା ପୁସ୍ତକ ନିମନ୍ତେ କ୍ଷୀରୋଦିନୀ ବେହେରା, ଗୀତିକବିତା ସଂକଳନ 'କେବେ ଶହେ କେବେ ଶୂନ' ପାଇଁ ସୁବ୍ରତ ସ୍ୱାଇଁ, କବିତା ପୁସ୍ତକ 'ଅନ୍ଧାରର ଆରାଧନା' ପାଇଁ ସ୍ୱରୂପ କୁମାର ନାୟକ, 'ମୁକ୍ତି ଅଭିଷିକା' ପାଇଁ ଦଶରଥ ହେମ୍ବ୍ରମ ଏବଂ 'କାଶତଣ୍ଡୀ' ପାଇଁ ଲୋକନାଥ ସାହୁ। ସେହିଭଳି ହିନ୍ଦୀ କବିତା ପୁସ୍ତକ 'ରାବ୍‌ତା' ନିମନ୍ତେ ଗାୟତ୍ରୀ ମାଝୁରୁ, ଇଂଲିଶ୍ ଉପନ୍ୟାସ 'ଦୋଜ୍ କ୍ରେଜି ସେଭେନ୍ ଇୟର୍ସ' ପାଇଁ ଶୁଭ୍ରାଂଶୁ ଶେଖର ଓଝା ଏବଂ ଇଂଲିଶ୍ କବିତା ପୁସ୍ତକ 'ଦ ଅକ୍ଟାହେଡ୍ରାଲ୍ ଭର୍ସେସ୍' ପାଇଁ ଅଭିଷେକ ପାଣି ପେନ୍ ଇନ୍ ବୁକ୍ସ ଯୁବ ଲେଖକ ପୁରସ୍କାର-୨୦୧୯ ପାଇବେ। ଏନେଇ ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ସୂଚନା ଦେଇଛନ୍ତି।

## ଜିଲାସ୍ତରୀୟ 'ମୋ ସ୍କୁଲ' ପୁରାତନ ଛାତ୍ର ସମ୍ମିଳନୀ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଖୋର୍ଦ୍ଧା ଜିଲାସ୍ତରୀୟ ମୋ ସ୍କୁଲ ପୁରାତନ ଛାତ୍ର ସମ୍ମିଳନୀ ମଙ୍ଗଳବାର ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। 'ମୋ ସ୍କୁଲ' ଅଭିଯାନ ଅଧକ୍ଷ ସୁସ୍ମିତା ବାଗ୍‌ଚି ଏହାକୁ ଉଦ୍‌ଘାଟନ କରି ଖୋର୍ଦ୍ଧା ଜିଲାର ୧୧୮୧ ସ୍କୁଲ ଅଭିଯାନରେ ସାମିଲ ହୋଇଛି ବୋଲି ସୂଚନା ଦେଇଥିଲେ। ସମ୍ପର୍କ-ସହଯୋଗ-ସାହାଯ୍ୟ-ସୃଷ୍ଟି-ସମ୍ଭବ ଆଦି ହେଉଛି ମୋ ସ୍କୁଲ ଅଭିଯାନର ୫ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅଧକ୍ଷ ବାଗ୍‌ଚି କହିଥିଲେ। ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ କିପରି ସମସ୍ତଙ୍କ ପାଇଁ ଏକ ଛାପ ଓ ସ୍ମୃତି ହୋଇ ରହିଯାଏ ପରିପ୍ରକାଶ କରିଥିଲେ। ଅଭିଯାନ ମାଧ୍ୟମରେ ଖୋର୍ଦ୍ଧା ଜିଲା ୮ କୋଟି ୩୨ ଲକ୍ଷ ଟଙ୍କା ଆଣି ବିଦ୍ୟାଳୟଗୁଡ଼ିକର ଆତ୍ମିକ, ଆଙ୍ଗିକ ଓ ଶୈକ୍ଷିକ ବାତାବରଣ ବଦଳାଇପାରିଛି ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ଯୋଗଦେଇ ନିଜ ବିଦ୍ୟାଳୟର ପୁରୁଣା ଦିନର ସ୍ମୃତିକୁ ଉପସ୍ଥାପନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ମାଧ୍ୟମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଆଲୁମ୍‌ନିମାନଙ୍କୁ ଅନୁପ୍ରାଣିତ କରିଥିଲେ। ଏହି ଅବସରରେ ଜିଲାର ଭୁବନେଶ୍ୱର, ବାଲିଅନ୍ତା ଓ ବାଲିପାଟଣା ବ୍ଲକ୍‌ର ୧୦୦% ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରିଥିବାରୁ ମୋ ସ୍କୁଲ ଅଭିଯାନ ତରଫରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଲୁମ୍‌ନି ସଭ୍ୟମାନଙ୍କ ମଧ୍ୟରେ ଡ. ଅରବିନ୍ଦ ମହାନ୍ତି, ପ୍ରଶାନ୍ତ ପରିଜା, ବଟକୃଷ୍ଣ ତ୍ରିପାଠୀ ଓ ବିମ୍ବାଧର ସାହୁ ପ୍ରମୁଖ ମୋ ସ୍କୁଲ ପ୍ରତି ସେମାନଙ୍କ ନିଷ୍ଠା ତଥା ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାରେ ଏହା କିପରି ସହାୟକ ହୋଇପାରିବ କହିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଇଓ ସସ୍ମିତା ମାଳି, ବାଲିଅନ୍ତା ବିଇଓ ସ୍ନିଗ୍ଧା ମିଶ୍ର, ବାଲିପାଟଣା ବିଇଓ ମହେଶ୍ୱର ସାହୁ, ସଙ୍ଗୀତା ପଣ୍ଡା, ସୋନାମିକା ରାୟ, ଅମିତା ତ୍ରିପାଠୀ, ଅମୂଲ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଘରୋଇ ବସ୍‌ରେ ବାର୍ଷିକ ଯାଉଛନ୍ତି ୨୦.୪୪ କୋଟି ଯାତ୍ରୀ

### ରାଜ୍ୟସ୍ତରୀୟ ବସ୍ ମାଲିକ ସଂଘ ସମ୍ମିଳନୀ

- ଯାତ୍ରୀ ପରିବହନ ଏକ ସେବା
- ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବସ୍ ମାଲିକ



ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ, ୧୧।୨

ଯାତ୍ରୀ ପରିବହନ ଏକ ସେବା। ବସ୍ ମାଲିକମାନେ ଏହିଭଳି ଏକ ସେବା ଯୋଗାଇ ଆସୁଛନ୍ତି। ଓଡ଼ିଶାର ଘରୋଇ ବସ୍‌ଗୁଡ଼ିକ ବର୍ଷକ ମଧ୍ୟରେ ୨୩୩ କୋଟି ୬୦ ଲକ୍ଷ କିଲୋମିଟର ଯାତ୍ରା କରି ୨୦.୪୪ କୋଟି ଯାତ୍ରୀ ପରିବହନ କରିଥାନ୍ତି। ୨ଲକ୍ଷ ୫୬ ହଜାର ବ୍ୟକ୍ତିଙ୍କ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭରଣ ପୋଷଣ ବ୍ୟବସ୍ଥା କରିଥାନ୍ତି, ଯାହାକି ଏକ ବୃହତ୍ତର ସେବା। ପୁରୀ ମୋଚିସାହି ଛକସ୍ଥିତ ପୌରସଂସ୍ଥା କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ରାଜ୍ୟ ବସ୍ ମାଲିକ ସଂଘର ଦୁଇଦିନିଆ ସମ୍ମିଳନୀରେ ଏହି ମତପ୍ରକାଶ ପାଇଛି। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ମନମୋହନ ସାମଲ, ସଞ୍ଜୟ ଦାସବର୍ମା ଏବଂ ବିଧାୟକ ପ୍ରଦୀପ କୁମାର ମହାରଥୀ ଅତିଥି ଭାବେ ଯୋଗଦେଇଥିଲେ।

ଅତିଥିମାନେ ବକ୍ତବ୍ୟ ରଖି କହିଥିଲେ, ବର୍ତ୍ତମାନ ବସ୍‌ମାଲିକମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାର ମୋଟର ଭେଇକିଲ୍ ଆକ୍ଟରେ ସଂଶୋଧନ ଆଣିବା ଫଳରେ ଏହାର ପ୍ରଭାବ ବି ପଡ଼ିଛି। ସେହିପରି ଜିଏସ୍‌ଟି ଏବଂ ବୀମା ଆଦିର ବୋଝ ମାଲିକମାନଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ଜିଏସ୍‌ଟି ଲାଗୁ ପରେ ସିଧାସଳଖ ଅର୍ଥନୈତିକ ବୋଝ ପଡ଼ିଛି। ଏଥିସହ ନୂଆ ନୂଆ ରେଗୁଲେଶନ ପରେ ଅନେକ ଚ୍ୟାଲେଞ୍ଜ ବି ଆସିଛି। ଏ ସବୁକୁ ମୁକାବିଲା କରିବା କଷ୍ଟକର ହେଉଛି। ତଥାପି ବସ୍ ମାଲିକମାନେ ଯାତ୍ରୀ ପରିବହନକୁ ସେବା ଭାବି ଏହାକୁ ଆଗେଇ ନେଉଛନ୍ତି। ଅପରପକ୍ଷେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିକଟରେ ସଂଘ ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯିବ। ଏଥିପାଇଁ ନିରନ୍ତର ସଂଗ୍ରାମ ଦରକାର। ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ସମସ୍ତେ ସାମୂହିକ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ହେବ ବୋଲି ଅତିଥିମାନେ କହିଥିଲେ। ସମ୍ମିଳନୀ ଉଦ୍‌ଘାଟନ ପରେ ସ୍ମରଣିକା ଉନ୍ମୋଚନ ଏବଂ ଦିବଂଗତ ବସ୍ ମାଲିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ସଂଘ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ସେମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଉପସ୍ଥାପନ କରିଥିଲେ। ପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀ ବୁଧବାର ଉଦ୍‌ଯାପନ ହେବ।

## ପ୍ରଥମ ପୃଷ୍ଠାରୁ...

### ଟ୍ରାଫିକ ଜାମ୍‌ରେ ...

ଜଣେ ସିନିୟର ଡାକ୍ତର ସ୍ୱାସ୍ଥ୍ୟାବସ୍ଥା ଦେଖିବା ପରେ ତାଙ୍କୁ କଟକ ରେଫର କରିଦେଇଥିଲେ। ପୁଅର ଅବସ୍ଥା ଦେଖି ପରିବାର ଲୋକେ ତାଙ୍କୁ କଟକ ନ ନେଇ ଏକ ଘରୋଇ ଆମ୍ବୁଲାନ୍ସରେ ପଟିଆସ୍ଥିତ କିମ୍ସ ହସ୍ପିଟାଲକୁ ନେଉଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ ଆମ୍ବୁଲାନ୍ସଟି ସାଇରନ ବଜାଇ କିମ୍ସ ଅଭିମୁଖେ ବାହାରିଥିଲା। ବାଟସାରା ବିଭିନ୍ନ ଟ୍ରାଫିକ ଛକରେ ଗାଡ଼ିମୋଟର ଭିଡ଼ ଯୋଗୁ ଆମ୍ବୁଲାନ୍ସ ଅଟକି ରହି ରହି ଆସିଥିଲା। ଜୟଦେବ ବିହାର ଛକ ଅତିକ୍ରମ କରିବା ପରେ ବି ଆମ୍ବୁଲାନ୍ସର ଗତି ବଢ଼ି ପାରି ନ ଥିଲା। ବିଳମ୍ବ ହେଉଥିବାରୁ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡିବାରେ ଲାଗିଥିଲା। ତେବେ ନାଲ୍‌କୋ ଛକରେ ଆମ୍ବୁଲାନ୍ସ ପୂରା ଫସିଯାଇଥିଲା। ଆଗପଛ ଓ ପାର୍ଶ୍ୱରେ ଗାଡିମୋଟର ଲାଗି ରହିଥିଲା। ଆମ୍ବୁଲାନ୍ସ ଡ୍ରାଇଭର ସାଇରନ୍ ଦେଇଥିଲେ ମଧ୍ୟ କେହି ହଟି ନ ଥିଲେ। ଫଳରେ ଗାଡିରେ ଥିବା ଶିଶୁର ବାପା ନୀରୋଦ ଓ ଦାଦା ଓହ୍ଲାଇପଡ଼ି ରାସ୍ତା ଫାଙ୍କା କରିବାକୁ ଚେଷ୍ଟା କରିଥିଲେ। ପୁଅର ଦେହ ବହୁତ ଖରାପ ଅଛି କହି ବାଟ ଛାଡ଼ିଦେବାକୁ ଲୋକଙ୍କ ହାତଗୋଡ଼ ଧରି ନେହୁରା ହୋଇଥିଲେ। ବହୁ କଷ୍ଟରେ କିଛି ଗାଡିକୁ ସାଇଡ୍ କରି ଆମ୍ବୁଲାନ୍ସକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପଛରେ ଥିବା ଗାଡିଗୁଡିକ ଆଗକୁ ମାଡ଼ିଯାଇ ବାଟ ଓଗାଳୁଥିଲା। ଏହା ମଧ୍ୟରେ କିଛି ଗାଡ଼ି ମଧ୍ୟ ନୀରୋଦଙ୍କୁ ଧକ୍କା ଦେଇସାରିଥିଲା। ସ୍ଥିତି ଏପରି ହୋଇଥିଲା ଆମ୍ବୁଲାନ୍ସଟି କେଉଁବାଟେ ବି ମୁକୁଳିବା ପରିସ୍ଥିତିରେ ନ ଥିଲା। ଭିତରେ ଶିଶୁଟି ଚିତ୍କାର କରି ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ବାହାରେ ଥିବା ଲୋକେ ମାନବିକତା ହରାଇ ବସିଥିଲେ। ଏ ପରିସ୍ଥିତିରେ ଟ୍ରାଫିକ ପୋଲିସ ମଧ୍ୟ ପ୍ରଥମେ ସେପରି ପଦକ୍ଷେପ ନେଇ ନ ଥିଲା। ପରେ ଉଦ୍ୟମ କରି ବିଫଳ ହୋଇଥିଲା। ଜାମ୍ ହଟାଇବା ବେଳକୁ ପ୍ରାୟ ୧୫ ମିନିଟ୍‌ରୁ ଅଧିକ ସମୟ ବିଳମ୍ବ ହୋଇଯାଇଥିଲା। ଏହାପରେ ବାଟରେ ଗାଡିମୋଟର ଭିଡ଼ ଓ ଡମଣା ସହ ଆଉ କେତେକ ଛକରେ ମଧ୍ୟ ରାସ୍ତା ସ୍ୱାଭାବିକ ନ ଥିଲା। ଆମ୍ବୁଲାନ୍ସଟି କିମ୍ସ ହସ୍ପିଟାଲରେ ପହଞ୍ଚିବା ବେଳକୁ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଯାଇଥିଲା। ସେତେବେଳକୁ ଶିଶୁଟି ନିସ୍ତେଜ ହୋଇଯାଇଥିଲେ। ଡାକ୍ତର ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ ମଧ୍ୟ ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲକୁ ଆଣିବାରେ ବିଳମ୍ବ ହୋଇଯାଇଥିବାରୁ ଶିଶୁଟିର ମୃତ୍ୟୁ ଘଟିଥିବା ସମ୍ପୃକ୍ତ ଡାକ୍ତର କହିଥିଲେ ବୋଲି ନୀରୋଦ କହିବାବେଳେ ଭୋ ଭୋ ହୋଇ କାନ୍ଦି ପକାଇଥିଲେ।

ଏନେଇ ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି, କେଉଁ ପରିସ୍ଥିତିରେ ଏପରି ଘଟିଲା ତାହାର ତଦନ୍ତ କରାଯିବ। ମୁଁ ସିସିଟିଭି ଯାଞ୍ଚ କରିଥିଲି। ଟ୍ରାଫିକ ଜାମ୍‌ରେ କୌଣସି ଆମ୍ବୁଲାନ୍ସ ଫସି ଥିବା ଦେଖିବାକୁ ପାଇଲିନି। ତେବେ ଜୟଦେବ ବିହାରରୁ ପଟିଆ ରାସ୍ତାରେ ପ୍ରାୟତଃ ଭିଡ଼ ରହୁଛି। ଏହି ସମସ୍ୟାକୁ କିଭଳି ସମାଧାନ କରାଯିବ ସେନେଇ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଚିକିତ୍ସା ଅବହେଳା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ।

ସୂଚନାଯୋଗ୍ୟ, ବର୍ଷେ ତଳେ ରାଜଧାନୀ ରାସ୍ତାରେ ମଧ୍ୟ ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଥିଲା। ଖାରବେଳନଗର ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନ ଛକରେ ଶୋଭାଯାତ୍ରା ଯୋଗୁ ରାସ୍ତା ଜାମ୍ ଥିଲା। କ୍ୟାପିଟାଲ ହସ୍ପିଟାଲକୁ ଯାଉଥିବା ଏକ ଆମ୍ବୁଲାନ୍ସ ଫସି ଯିବାରୁ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ଘଟିଥିଲା।

### କନ୍ୟା ସନ୍ତାନ ଜନ୍ମ ...

ମାରପିଟ ଯୋଗୁ ତାଙ୍କ ଗର୍ଭର ପିଲା ନଷ୍ଟ ହୋଇ ଯାଇଥିଲା ବୋଲି ରାଧାଙ୍କ ବାପ ଘର ଲୋକେ ଅଭିଯୋଗ କରିଛନ୍ତି। ତଥାପି ରାଧା ଶାଶୁ ଘରେ ନିର୍ଯାତନା ସହି ରହିଥିଲେ। ବିବାହର ୩ ବର୍ଷ ପରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଯାହାକୁ ନେଇ ପରିବାରରେ ଅଧିକ ଝଡ଼ ସୃଷ୍ଟି ହୋଇଥିଲା। କନ୍ୟା ସନ୍ତାନ ଜନ୍ମ ଦେବାରୁ ପୂର୍ବରୁ ହେଉଥିବା ନିର୍ଯାତନା ଅଧିକ ବଢିଯାଇଥିଲା। ଗତ ୮ମାସ ତଳେ ରାଧା ପୁଣି ଥରେ ଗର୍ଭବତୀ ହୋଇଥିଲେ। ଗର୍ଭବତୀ ଥିବା ସମୟରେ ଶାଶୁ ଘର ଲୋକେ ଅଲ୍ଟ୍ରା ସାଉଣ୍ଡ କରି ରାଧାଙ୍କ ଗର୍ଭରେ ପୁଣି ଏକ କନ୍ୟା ଭ୍ରୂଣ ରହିଛି ଜାଣିବାକୁ ପାଇଥିଲେ। ଏମିତି ଅବସ୍ଥାରେ ତାଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଇଥିଲା। ଭ୍ରୂଣର ଲିଙ୍ଗ ନିରୁପଣ ବେଆଇନ ହୋଇଥିଲେ ମଧ୍ୟ ଡାକ୍ତରଙ୍କୁ ଟଙ୍କା ଦେଇ ରାଧା ଶାଶୁ ଘର ଲୋକେ ଲିଙ୍ଗ ନିରୁପଣ କରିଥିଲେ ବୋଲି ରାଧାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ଗତ ୧ ତାରିଖରେ ରାଧା ଶାଶୁ ଘରେ ନିଆଁ ଜାଳି ସେକି ହେଉଥିବା ବେଳେ ପୋଡି ହୋଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାଧା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହାର ଦିନକ ପରେ ନବଜାତକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସୋମବାର ରାତି ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ରାଧାଙ୍କ ମୃତ୍ୟୁ ଘଟିଛି। ଏନେଇ ରାଧାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି, କନ୍ୟା ସନ୍ତାନ ଜନ୍ମ ଦେଉଥିବାରୁ ରାଧାଙ୍କୁ ଯୋଜନାବଦ୍ଧ ଭାବେ ପୋଡି ମାରି ଦିଆଯାଇଛି। ଏଣୁ ରାଧାଙ୍କ ସ୍ୱାମୀ ଓ ଅନ୍ୟ ପରିବାର ସଦସ୍ୟଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ତାଙ୍କ ବାପା ଦାବି କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୨୦/୨୦୨୦) ରୁଜୁ କରି ତଦନ୍ତ କରୁଛି।


**OFFICE OF THE CHILD DEVELOPMENT PROJECT OFFICER, BADAMBA**

**QUOTATION CALL NOTICE**

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 26.02.2020. For detail visit www.cuttack.nic.in

**Sd./- Child Development Project Officer**
**Badamba**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
Regd.Office: Janpath, Bhubaneswar-751022
OFFICE OF SR. GENERAL MANAGER (S&S), GROUND FLOOR, FINANCE BUILDING, BHOINAGAR, BHUBANESWAR-22
email: sto.cle.bbs@optcl.co.in, website: www.optcl.co.in, CIN:U40102OR2004SGC007553

**TENDER NOTICE NO. SRGM (S&S)-36/2019-20**

No. EMC-118/13/51 (6) Dt. 10.02.2020

For and on behalf of **ODISHA POWER TRANSMISSION CORPORATION LTD., Sr. G.M. (S&S)** invites Tenders from reputed firms Electrification of New building right side of AW building, Gridco, Bhubaneswar duly superscribed on the cover as: **"Tender for Electrification of New building at right side of AW building, Gridco, Bhubaneswar".** Tender papers can be downloaded from the OPTCL website from **dt. 12.02.2020** to **dt. 03.03.2020** upto **1.00PM.** The last date for receipt of tender is **dt. 03.03.2020** upto **1.00PM.** The tender will be opened on dt. **03.03.2020** at **4.00PM.** Interested firms may visit OPTCL's official website **www.optcl.co.in** for detail specifications.

Sd/-
**SR. GENERAL MANAGER (S&S)**

Please connect us: optcl.odisha optcl_odisha energyodisha

**HOUSING & URBAN DEVELOPMENT DEPARTMENT**
**Government of Odisha**
**(District Urban Development Agency, Puri)**

Sealed proposal are invited from Reputed Agency for Selection of Agency for mobilizing community in urban slums for using toilets in Puri District.

**The last date of submission of the Proposal:** By dt. **04.03.2020,** time: **5.00 PM** through Speed/Registered post only.

The detail Request for proposal can be viewed in the district website **www.puri.nic.in**.

**Sd/- Project Director**
**DDA-cum-DUDA, Puri**

**ROGI KALYAN SAMITI**
**CAPITAL HOSPITAL, BHUBANESWAR** No.E-734
**WALK IN INTERVIEW**

**Advt No: 01/20/CHB** **Date: 10.02.2020**

Applications are invited from the eligible candidates for filling up the **Cardiologist & Cath Lab Technician** for **CAPITAL HOSPITAL, BHUBANESWAR** on contractual basis. Interested candidates may visit the official website of Capital Hospital, Bhubaneswar. The details are available in the Capital Hospital, Bhubaneswar Website http://capitalhospital.nic.in/. The authority reserves the right to reject any or all tender without assigning any reason thereof.

**Director,**
**Capital Hospital, Bhubaneswar**
OIPR-10078/11/0009/1920

**Office of District Manager**
**Odisha State Civil Supplies Corporation Ltd. (OSCSC)**
**District: KANDHAMAL, Phone: 06842-253670,**
**District Website: www.kandhamal.nic.in**

**Tender No. 278** **Dated: 11.02.2020**

District Manager, Odisha State Civil Supplies Corporation Ltd., Kandhamal invites tenders in Double Cover system through **ONLINE MODE ONLY** for the works below:

| | | |
|---|---|---|
| 1. | Name of the work | Selection and appointment of (i) **Level-I** Transport Contractor for transportation of food grains from FSD, FCI to RRCs, (ii) **Level-II** Transport Contractor for transportation of Foodgrains from RRCs to Retail Centres (FPS), (iii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of Kandhamal. |
| 2. | Availability of Bid Document in the Portal | **From 12.02.2020** |
| 3. | Last date / Time for receipt of Bids in the Portal | **28.02.2020 upto 3.00 PM** |
| 4. | Date / Time of opening of Technical Bid | **29.02.2020 at 11.00 AM** |
| 5. | Name and Address of Officer inviting Tender | District Manager, OSCSC Ltd., Kandhamal |

Tender documents and other details can be seen from the e-procurement portal www.oscsc.in, www.foododisha.in and www.tendersodisha.gov.in along with district website. Amendments / Corrigendum / Cencellation / retenders etc. If any shall be published in above websites.

**Sd./- District Manager, OSCSC Ltd., Kandhamal**

GOVERNMENTOFODISHA
OFFICEOFTHEEXECUTIVEENGINEER,RWS&SDIVISION, MALKANGIRI No. O-1041
Tel: 06861-231617,E-mail-eerwss_mal@nic.in, eerwssmlkg@gmail.com
INVITATION FOR BIDS
**NATIONAL COMPETITIVE BIDDING**

**Bid Identification No: RWSS_MKG_ONLINE_08/2019-20 DATED: - 10.02.2020**

The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up in P-1 contract.

1 Name of the Work: : 02 Nos.Spring based piped water supply schemes &03 Nos. Water supply to different ST/SC Hostels in the Malkangiridistrict.
2 No. of Works : **01 Nos.**
3 Estimated Cost : **₹120.77Lakhs**
4 Tender Paper Cost : ₹.10000/-
5 Class of Contractor :

| Estimated cost up to ₹20.00 lakhs | Estimated cost more than ₹20.00 lakhs & within ₹40.00 lakhs | Estimated cost more than ₹40.00 lakhs & within ₹300.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6 Period of Completion : 08 (Eight)calendar months
7. **Critical dates** :

| ProcurementOfficer | BidIdentificationNo. | AvailabilityofTender onlineforBidding | | Last Dateof seekingtender Clarification | Dateofopening of Bid |
|---|---|---|---|---|---|
| | | From | To | | |
| **Executive Engineer, RWS&S Division, Malkangiri** | **RWSS_MKG_ONLINE_08 of 2019-20** | **18.02.2020 at 09.00AM** | **03.03.2019 up to 05.00PM** | **29.02.2020** | **04.03.2020 at11.00AM** |

- Furtherdetailscanbeseeninthebiddingdocuments,whichisavailablein thee-procurement portal **https://www.tendersorissa.gov.in.**
- Subsequent addendum/ corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

ExecutiveEngineer RWS&SDivision, Malkangiri
OIPR-25044/11/0009/1920

**OFFICE OF THE MUNICIPAL COUNCIL, CHOUDWAR**

**No. 427** **Date : 11.02.2020**

**"e" PROCUREMENT NOTICE**
**Bid Reference No. ChM - 04/2019-20**

| | | | |
|---|---|---|---|
| 1 | Name of the Work | : | Civil Works |
| 2 | No. of Work | : | 02 Nos. |
| 3 | Bid Value | : | Upto Rs. 6.2 Lakh |
| 4 | Period of Completion | : | One Calendar Month |
| 5 | Date and Time of availability of the bid documents in the Portal | : | From 10.00 A.M. of 14.02.2020 to 05.00 P.M. of 27.02.2020 |
| 6 | Last date / Time for receipt of bid in the portal | : | 27.02.2020 upto 05.00 P.M. |
| 7 | Bids received online shall be opened on dt. 03.03.2020 at 11.00 A.M. | | |
| 8 | Name and address of the officer inviting Bid | : | Executive Officer, Choudwar Municipality, Choudwar, Further details can be seen from the procurement Portal www.tendersorissa.gov.in |

**Sd./- Executive Officer,**
**Choudwar Municipality**

**OFFICE OF THE MUNICIPALITY, PATTAMUNDAI**

**No. 953** **dt. 11.02.2020**

**E-PROCUREMENT NOTICE**
**Bid Identification No.PM-07/2019-20**

The Executive Officer, Pattamundai Municipality, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited- 6 Nos.
2. Place of execution- In Pattamundai Municipal area.
3. Estimated cost of individual work- Rs. 3,50,000/- to Rs. 20,00,000/-.
4. Eligible class of contractor- Govt. registered contractors as per OPWD code.
5. The Bid documents will be available in the website from 11.00 AM on dt. 12.02.2020 upto 5 PM 18.02.2020 for on line bidding.
6. The bid documents will be opened at 11.00 AM on dt. 19.02.2020.
7. The bidder has to participate in online bidding only. Further details can be seen from the e-procurement portal **http://www.tendersorissa.gov.in.**

**Sd./- Executive Officer, Pattamundai Municipality**

See Career Appointment on every Wednesday & Saturday

No. E-735

# Government of Odisha
# Health & Family Welfare Department
# NOTIFICATION

No. 21036/H/Sch-Med-165/2016 Dated- 5th October, 2016

This is regarding the disposal of the bodies of deceased in health facilities. It has come to the notice of the Government that there is a need to collate existing guidelines as well as fill in gaps therein so as to provide a comprehensive guideline to all concerned.

Accordingly, the following guidelines are notified in order to ensure that proper procedures are followed at all times in disposal of dead bodies.

**1. Patient Who Expire During Treatment:**

1.1 The Medical Officer during examination or being informed by nursing staff on duty will examine the patient clinically, try to resuscitate and declare death after verifying pupillary reflex, corneal reflex, absence of respiration & pulse, continuous absence of heart sound for at least a period of 5 minutes.

1.2 Wherever possible ECG should be done to document absence of cardiac activity.

1.3 Medical certificate of cause of death in hospital is to be filled up by the Medical Officer attending the patient at the time of death in Form No. - 4, Rule-7.

1.4 All the above finding regarding patient's condition must be entered into the bed head ticket by the examining Medical Officer.

1.5 The death in a ward is to be recorded in the death register by the concerned Medical Officer declaring death in the following format. The Register will be in the custody of Nurse in charge of the ward. Each ward shall have a separate death register as follows:

| Sl. No. | Name & Address of deceased | Registration No. | Date & Time of Admission | Date & Time of Death | Cause of Death | MLC / Non MLC | Signature of next of kin receiving body (Non MLC) | Police informed (Yes/No) [MLC case] | Signature of Medical Officer on duty |
|---|---|---|---|---|---|---|---|---|---|
| | | | | | | | | | |

1.6 The detachable death slips of Form No. - 4, Rule-7 will be filled up by the Medical Officer declaring death and handed over to the next of kin in Non Medico Legal Cases.

1.7 The Hospital Authority will transmit Form No.-4 and Form No. -2 to the Registrar of Births & Deaths for issue of death certificate. This should be done by the Medical Superintendent / ADMO (Med.) or designated person of the hospital.

1.8 Normal death case are to be certified by attending Medical Officer, tagged properly with identification tag and handed over to next of kin with a receipt in the dead body register before handing over.

1.9 Medico Legal Death case will be informed immediately to the local Police Station in the prescribed format.

**2. Person Brought Dead to the Hospital:**

2.1 All brought dead cases are to be examined and declared brought dead as per the procedure outlined above in 1.1 by Casuality Medical Officer on duty and immediately informed to the local Police Station in the Prescribed Format with a copy to the person accompanying.

2.2 The details of the case must be entered in the brought dead register as per the following format:

| Sl. No. | Name & Address if known / Unknown | Age (approx) & Sex | Name & Address of Accompanying Person | Signature of Person Accompanying | Signature of Medical Officer on duty |
|---|---|---|---|---|---|
| | | | | | |

**3. Dealing with Unclaimed Bodies:**

When an unidentified person dies in the hospital or an unidentified dead body is received in the hospital, the Medical Officer on duty will immediately report the same to the local Police for further action as per Home Department Resolution No. 6372-FSS/IE-24/2006-FSS & I dt- 04.02.2008 and Health & FW Order No. 13280/H dt- 12.05.2006.

**4. Removal of Dead Body from Hospital:**

4.1 If any suspicious carriage / movement by some persons of a dead body is detected by hospital staff or security personnel, the person moving the dead body should be asked to produce the Death Slip [detached from Form.4] failing which such unauthorized movement of body should be stopped and the matter brought to the notice of Medical Officer / Staff Nurse on duty in the institution.

4.2 Upon getting such information, the Medical Officer on duty shall verify all documents and only on being satisfied as to their genuineness, shall allow the body to exist the hospital.

**5. General Instructions:**

5.1 It must always be kept in mind that the bereaved are in an emotional state after the death of a loved one and need to deal with compassion and human attitude. They should be guided properly and with information on further course of action as well as provided information in accessing different services of government.

5.2 Appropriate records and registers should be maintained at all times to maintain proper record of the cases. The family should not be made to wait unnecessarily for completion of formalities. Rather the help desks and Paramedical staff should be sensitized appropriately to help the family in this situation.

5.3 The dead body must be treated with all dignity and respect. On no account should a dead body, whether medico legal or non MLC case, unclaimed or not, be allowed to be carried on shoulders, or stung on a pole, or in any manner that compromises the dignity of the dead. The body should be carried on a stretcher / cot as far as possible. The body should be kept appropriately in a designated place till all formalities are disposed of.

5.4 A] Funds for transport of dead bodies are provided to all police stations vide Police Circular Order 354/2015 [Annexure VIII] for medico legal case as follows:

| | |
|---|---|
| Police Station in urban areas: | Rs.1000/- |
| Police Station in rural areas: | Rs.1500/- |
| In special areas: | Rs. 2000/- |

B] Similarly, in cases where the family asks for a dead body carrier, the Collector should give funds as per GA Department revised guidelines of CMRF 2016 whereby poor and needy people can be provided funds under CMRF for transportation of dead bodies from Govt Hospital to destination within the district subject to maximum of Rs.2000/-, as per the guidelines of the MAHAPRAYAN scheme or amendments therein as issued from time to time by GA / Health Department.

5.5 Proper coordination between Collector and Superintendent of Police is also required for this. The transportation of dead bodies, last rites, help to bereaved family under different government schemes etc. should be ensured through regular coordination meetings and monitoring.

It is expected that all Collectors, SPs, CDMOs, Principals, Municipal Superintendents, ADMO [Med], Hospital Manager, will scrupulously follow these guidelines and ensure compliance. The same should also be kept in guard file, circulated to all concerned and followed up.

By Order of Governor,
Principal Secretary to Government
Health & Family Welfare Department, Odisha

OIPR-10003/11/0080/1920

## ମାଛଚାଷ ସମ୍ପର୍କରେ



ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛ ଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ଆଶଙ୍କା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।

## ପୋଟଳରେ ଫୁଲଫଳ ଧରୁଥିଲେ...



ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଝାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡ଼ିଥିବା ଲତାର ଫଳକୁ ନିରାପଦରେ ଧରିରଖେ,ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକ ଜନିତ ଝାଉଁଳା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

# ଆମ୍ବ ଫସଲରେ କାଣ୍ଡବିନ୍ଧା ପୋକ ଦମନ



ଡ. ବିଷ୍ଣୁ ଚରଣ ଜେନା





ଫଳ ମଧ୍ୟରେ ଆମ୍ବ ଏକ ରସାଳ ସ୍ୱାଦଯୁକ୍ତ ଫଳ। ତେଣୁ ଏହାକୁ ଫଳରାଜା କୁହାଯାଏ। ଏହା ମନୁଷ୍ୟ ପାଇଁ ଯେତିକି ଆକର୍ଷଣୀୟ, ପୋକଙ୍କ ପାଇଁ ମଧ୍ୟ ସମ ପରିମାଣରେ ଆକର୍ଷଣୀୟ। କ୍ଷତିକାରକ ପୋକଙ୍କ ମଧ୍ୟରେ କାଣ୍ଡବିନ୍ଧା ପୋକ (Batocera ruformaculata De Geer ଏବଂ Batocera rus-bus Linn) ଦ୍ୱୟ ବିଶେଷ କ୍ଷତିକାରକ। ଆମ୍ବ ଫସଲ ବ୍ୟତୀତ ଏହି ପୋକମାନେ ପଣସ, ତୁତ, ଅମୃତଭଣ୍ଡା ଏବଂ ସେଓ ଫସଲକୁ ଆକ୍ରମଣ କରନ୍ତି।

**ପୋକ ଦ୍ୱାରା କ୍ଷତିର ଲକ୍ଷଣ:** ଉଭୟ ପୋକର ଶୂକମାନେ ଆମ୍ବଗଛର ଗଣ୍ଡି କିମ୍ବା ମୁଖ୍ୟ କାଣ୍ଡଗୁଡ଼ିକୁ ଆକ୍ରମଣ କରନ୍ତି। ଶୂକଗୁଡ଼ିକ ଆକ୍ରମଣ କରିବା ସମୟରେ ଉର୍ଦ୍ଧ୍ୱମୁଖୀ ହୁଅନ୍ତି ଏବଂ ଭିତରର ତନ୍ତୁଗୁଡ଼ିକୁ ଖାଆନ୍ତି। ଫଳରେ ଆକ୍ରମିତ କାଣ୍ଡ ଶଢ଼ିଯାଏ ଓ ଶୁଖିଯାଏ। ସ୍ୱାଭାବିକ ରୂପେ ଏହି ପୋକଦ୍ୱୟ ଦ୍ୱାରା କ୍ଷତିର ଲକ୍ଷଣ ଜଣାପଡ଼େ ନାହିଁ। କିନ୍ତୁ ଯେତେବେଳେ ଆକ୍ରାନ୍ତ ଡାଳ ଶୁଖିଯାଏ ଓ ଡାଳରୁ ପତ୍ର ଝଡ଼ିପଡ଼େ, ସେ ସମୟରେ ପୋକଜନିତ କ୍ଷତିର ଲକ୍ଷଣ ଜଣାପଡ଼େ। ଆକ୍ରମିତ ସ୍ଥାନରୁ ପଚାଶଢ଼ା ଖଦଡ଼ା ଅଂଶ ବାହାରକୁ ଦେଖାଯାଏ। ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକମାନେ ନୂତନ ଡାଳ ଓ ଏହାର ପତ୍ରର ବୃନ୍ତକୁ ଖାଆନ୍ତି।

**ପୋକର ଜୀବନ ବୃତ୍ତାନ୍ତ:** ମାଈ ପୋକ ମାସକ ମଧ୍ୟରେ ୧୫୦ରୁ ୨୦୦ଟି ଅଣ୍ଡା ଗଛ ଗଣ୍ଡିରେ ଥିବା କଟାଦାଗ କିମ୍ବା ଖାଲୁଆ ସ୍ଥାନରେ ଦିଏ। ଗଣ୍ଡି ସହିତ ଗଛର ଶାଖା ପ୍ରଶାଖାରେ ମଧ୍ୟ ଅଣ୍ଡା ଦେଇଥାଏ। ଅଣ୍ଡାଗୁଡ଼ିକ ଏକ ପ୍ରକାର ଲାଳୁଆ ପଦାର୍ଥରେ ଘୋଡ଼େଇ ଦିଆଯାଏ। ଅଣ୍ଡାରୁ ଛୁଆ ବାହାରି କିଛି ସମୟ ଆମ୍ବର କୋମଳ ଅଂଶ ଖାଇ ବଞ୍ଚିରହେ। ଏହାପରେ ଏମାନେ ଆମ୍ବଗଛର ଗଣ୍ଡି ଓ ଶାଖା ପ୍ରଶାଖାର ବଲ୍‌କଳ ତଳେ ଅଙ୍କାବଙ୍କା ସୁଡ଼ଙ୍ଗ କରି ସେଥିରେ ରହି ତନ୍ତୁଗୁଡ଼ିକୁ ଖାଆନ୍ତି। ଆକ୍ରମିତ ଗଛରୁ ପତ୍ରଗୁଡ଼ିକ ଝଡ଼ିପଡ଼େ ଓ କଅଁଳ ଡାଳଗୁଡ଼ିକ ଶୁଖିଯାଏ। ଆକ୍ରମିତ ସ୍ଥାନରୁ ଖଦଡ଼ା ତନ୍ତୁଗୁଡ଼ିକ ବାହାରକୁ ଦେଖାଯାଏ। ପୋକର ଶୂକ ବା ଛୁଆଗୁଡ଼ିକ ଆମ୍ବ ବଗିଚାରେ ପ୍ରାୟ ୧୪୦ରୁ ୧୬୦ଦିନ ପର୍ଯ୍ୟନ୍ତ ରହି ଫସଲ ନଷ୍ଟ କରନ୍ତି। କୋଷାବସ୍ଥାରେ ପୋକଟି ୨୦ରୁ ୨୫ଦିନ ଆକ୍ରମିତ ଗଣ୍ଡି ଓ ଗଛର ଶାଖା ପ୍ରଶାଖାର ସୁଡ଼ଙ୍ଗ ମଧ୍ୟରେ ରହେ। ପୋକଟି ନିଜର ଜୀବନଚକ୍ର ୧୭୦ରୁ ୧୯୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରେ। ପୂର୍ଣ୍ଣାଙ୍ଗ ପୋକଗୁଡ଼ିକ ୬୦ରୁ ୧୦୦ଦିନ ପର୍ଯ୍ୟନ୍ତ ଆମ୍ବ ବଗିଚାରେ ବଞ୍ଚିରହନ୍ତି। ପୋକଗୁଡ଼ିକ ଦୀର୍ଘଦିନ ପର୍ଯ୍ୟନ୍ତ ଆମ୍ବ ବଗିଚାରେ ରହି କ୍ଷତି କରନ୍ତି। ଏଣୁ ଏହି ଫସଲର ଯତ୍ନ ନ ନେବା ଯୋଗୁ ଫସଲ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବାର ଦୃଷ୍ଟାନ୍ତ ଉପଲବ୍ଧ ହୁଏ।

**ଦମନ ପ୍ରକ୍ରିୟା:** ପୋକ ଦମନ ନିମନ୍ତେ ଚାଷୀଭାଇମାନଙ୍କୁ କେତେକ ପରାମର୍ଶ ଉକ୍ତ ନିବନ୍ଧରେ ଦିଆଯାଉଛି। ଆମ୍ବ ବଗିଚାକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ତଳେ ପଡ଼ିରହିଥିବା ପୋକରା ଓ ରୋଗଣା ଫଳଗୁଡ଼ିକୁ ପୋଡ଼ିଦିଅନ୍ତୁ। ଆକ୍ରମିତ ଗଣ୍ଡି ଓ ଶାଖା ପ୍ରଶାଖାରେ ରହିଥିବା ଶୂକକୁ ବାହାରକୁ ଆଣି ମାରିଦିଅନ୍ତୁ। ଏତଦ୍‌ବ୍ୟତୀତ ଖଦଡ଼ା ତନ୍ତୁଗୁଡ଼ିକୁ ସଫାକରି ସୁଡ଼ଙ୍ଗକୁ ବିଶୋଧନ କରନ୍ତୁ। ଏଥିପାଇଁ ପାଞ୍ଚ ମିଲିଲିଟର ଡାଇକ୍ଲୋରୋଭସ୍ (ଡିଡିଭିପି) ଏକ ସୁଡ଼ଙ୍ଗ ପ୍ରତି ବ୍ୟବହାର କରି ସୁଡ଼ଙ୍ଗଗୁଡ଼ିକୁ କାଦୁଅ ଦ୍ୱାରା ବନ୍ଦ କରି ଦିଅନ୍ତୁ।

*- ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ:୯୭୭୬୪୦୪୪୦୬*

## ବାଟ ଦେଖାଇଛି ଗୋ-ପାଳନ



ସଫଳ ଚାଷୀ
ଅକ୍ଷୟ ବାରିକ

ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ତାଙ୍କର ପାଠରେ ଡୋରି ବନ୍ଧା ହୋଇଗଲା। ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁ ବାହାରକୁ ଯାଇ ରୋଜଗାର ଲାଗି କେତେକେ ତାଙ୍କୁ ପରାମର୍ଶ ଦେଲେ। ହେଲେ ଗାଁରେ ରହି କିପରି ସ୍ୱାବଲମ୍ବୀ ହେବେ ସେଇ ଚିନ୍ତା ତାଙ୍କୁ ଘାରିଲା। ବାପାଙ୍କ ସହିତ ଚାଷ କାମରେ ସାମିଲ ହେଲେ। ଏହାପରେ ଗୋପାଳନ ଆଡକୁ ମନ ବଳିଲା। ଏହି ସମୟରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ତାଙ୍କୁ ମିଳିଲା ସହଯୋଗ। ଗୋଟିଏ ଗାଈ କିଣି ଆରମ୍ଭ କଲେ ସ୍ୱାବଲମ୍ବୀ ହେବାଲାଗି ଅଭିଯାନ। ତା'ପରେ ମାଛ ସହ କଲେ ପନିପରିବା ଚାଷ। ମାତ୍ର ବର୍ଷ କେଇଟାରେ ସେ ଆତ୍ମନିର୍ଭରଶୀଳ ହୋଇ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟି ଯାଇଛନ୍ତି। ସେ ହେଲେ ଅକ୍ଷୟ ବାରିକ(ମୋ: ୭୩୨୮୦୬୦୪୯୭)। ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ଓଡଙ୍ଗ ଗ୍ରାମରେ ତାଙ୍କର ଜନ୍ମ। ମା' ସ୍ୱର୍ଗତ ଚନ୍ଦ୍ରପ୍ରଭା ବାରିକ ଓ ପିତାଙ୍କ ନାମ କହ୍ନେଇ ଚରଣ ବାରିକ।

ପାରିବାରିକ ଅଭାବ ଅନଟନ ଯୋଗୁଁ ଆଉ ପାଠ ନ ପଢି କିପରି ସ୍ୱରୋଜଗାରକ୍ଷମ ହେବେ ସେହି ଚିନ୍ତା ଘାରିଲା। ଅନ୍ୟ କିଛି କରିବା ପୂର୍ବରୁ ବାପାଙ୍କ ସହିତ ଚାଷ କାମରେ ଯୋଗଦେଲେ। ତେବେ ୨୦୧୭ରେ ସ୍ଥାନୀୟ ସରପଞ୍ଚ କିଶୋର କିଙ୍କର ପଢିଆରୀଙ୍କ ପ୍ରଚେଷ୍ଟାରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଗୋପାଳନ ପାଇଁ ତାଙ୍କୁ ମିଳିଲା ପ୍ରୋତ୍ସାହନ। ପ୍ରଥମେ ଗୋଟିଏ ଗାଈ କିଣିଲେ। ଗୋ-ପାଳନରେ ସମ୍ପୂର୍ଣ୍ଣ ମନୋନିବେଶ କଲେ। ଏବେ ତାଙ୍କ ପାଖରେ ୬ଟି ଗାଈ ଓ ୧୦ଟି ବାଛୁରି ଅଛନ୍ତି। ପ୍ରତ୍ୟହ ୫୦ ଲିଟରରୁ ଉର୍ଦ୍ଧ୍ୱ କ୍ଷୀର ଉତ୍ପାଦନ କରି ମାସକୁ ୨୦ ହଜାର ଟଙ୍କା ରୋଜଗାର କରୁଥିବା କୁହନ୍ତି ଅକ୍ଷୟ। ଗାଈଙ୍କୁ ସବୁଜ ଘାସ ଯୋଗାଇ ଦେବା କ୍ଷେତ୍ରରେ ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତଙ୍କ ପରାମର୍ଶ ଓ ସହଯୋଗରେ ନିଜ ଜମିରେ ହାଇବ୍ରିଡ, ନାପିୟର, ବରସିମ୍, ଓଟୋ ଭଳି ବିଭିନ୍ନ କିସମର ଘାସ ଚାଷ କରିଛନ୍ତି। ଘାସ ଚାଷ ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତାଙ୍କୁ ମାଗଣାରେ ଘାସ ମଞ୍ଜି ଯୋଗାଇବା ସହିତ ସହକାରୀ ତୃଣ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ଦାଶ ସବ୍‌ସିଡିରେ ଘାସକଟା ଯନ୍ତ୍ର ଯୋଗାଇ ଦେଇଛନ୍ତି। ସବୁଜ ଘାସ ନିଜେ ଉତ୍ପାଦନ କରିବା ପରେ ବଜାରରୁ ଦାନା କିଣିବା କମିବା ସହିତ ଗାଈଙ୍କର କ୍ଷୀର ଉତ୍ପାଦନ ବଢିଥିବା ଅକ୍ଷୟ କୁହନ୍ତି। ଏହା ବ୍ୟତୀତ ନିଜ ଉଦ୍ୟମରେ ୩ଟି ପୋଖରୀ ଖୋଳି ମାଛ ଚାଷ କରିଛନ୍ତି। ଏଥିସହିତ ପନିପରିବା ଚାଷ ମଧ୍ୟ କରୁଛନ୍ତି। ତେବେ ଭୁବନେଶ୍ୱର ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ସଚିବ ନିକଟରେ ତାଙ୍କ ଡାଏରୀ ଫାର୍ମ ପରିଦର୍ଶନ କରିଛନ୍ତି। ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଲଗାତର ତାଙ୍କ ଫାର୍ମ ଓ ଘାସ ଚାଷ ପରିଦର୍ଶନ କରି ପରାମର୍ଶ ଦେଉଛନ୍ତି। ଅଧିକ ଗାଈ ରଖିବାକୁ ଇଚ୍ଛା ଥିଲେ ବି ଉପଯୁକ୍ତ ଗୁହାଳ ଘର ଅଭାବରୁ ରଖିପାରୁ ନାହାନ୍ତି। ସରକାରୀ ପ୍ରୋତ୍ସାହନ ଓ ବ୍ୟାଙ୍କ ଋଣ ମିଳି ନ ଥିବାରୁ ସେ ଆଗକୁ ବଢି ପାରୁ ନାହାନ୍ତି। ଗାଈ ସାଙ୍ଗରେ ଉନ୍ନତ କିସମ ଛେଳି ଓ ବତକ ଚାଷ କରିବାକୁ ତାଙ୍କର ଲକ୍ଷ୍ୟ ରହିଛି। ପରିଶ୍ରମକୁ ଆପଣେଇ ପାରିଲେ ଜଣେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ ବୋଲି ଦୃଢୋକ୍ତି ବ୍ୟକ୍ତ କରନ୍ତି ଅକ୍ଷୟ।

**- ସନାତନ ରାଉତ**

## ରଜନୀଗନ୍ଧା

ରଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନି (ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା ଯବକ୍ଷାରଜାନ,୮୦କିଗ୍ରା ଫସଫରସ ଓ ୮୦କି.ଗ୍ରା ପଟାସ ସାର) ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର।

## ମାଣ୍ଡିଆରେ ସାର ପ୍ରୟୋଗ...

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡିକୁ ଧାଡି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪: ୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସଫରସ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆ ଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।



କିପରି କରିବେ

## ପୋଷା ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

(ଦ୍ୱିତୀୟଭାଗ)

**ପ୍ରଜନନ:** ବର୍ଷକ ମଧ୍ୟରେ ମାଈ କୁକୁରଙ୍କର ୨ ଥର ଋତୁଚକ୍ର ହୋଇଥାଏ । ଗୋଟିଏ ହେଲା ଅକ୍ଟୋବର -ନଭେମ୍ବର ଓ ଅନ୍ୟଟି ମାର୍ଚ୍ଚ - ଏପ୍ରିଲ । ଦେଶୀ କୁକୁରମାନେ ପ୍ରାୟ ସେପ୍ଟେମ୍ବର ଓ ଫେବୃୟାରୀରେ ମଧ୍ୟ ପ୍ରଜନନ ପାଇଁ ପ୍ରସ୍ତୁତ ହୋଇଥାନ୍ତି । କୁକୁର ପ୍ରାୟ ୯ମାସ ବୟସରେ ପ୍ରଜନନ କ୍ଷମ ହୁଅନ୍ତି । ପ୍ରଜନନ ସମୟର ଲକ୍ଷଣଗୁଡ଼ିକ ହେଲା - ପ୍ରଥମେ ମାଈ କୁକୁରର ମୂତ୍ର ଦ୍ୱାର ବା ଜନନେନ୍ଦ୍ରିୟ ଫୁଲିଯାଏ । ଏହାର ଦିନେ ବା ଦୁଇଦିନପରେ ରକ୍ତସ୍ରାବ ହୁଏ । ଏହି ରକ୍ତସ୍ରାବ ପ୍ରାୟ ୮ ରୁ ୧୦ ଦିନ ପର୍ଯ୍ୟନ୍ତ ରହେ । କିନ୍ତୁ ପ୍ରଥମ ୭ଦିନ ଏହି ରକ୍ତସ୍ରାବ ଅଧିକ ହୋଇଥାଏ । ରକ୍ତସ୍ରାବର ୨ରୁ ୩ଦିନ ପରେ ବହୁ ଅଣ୍ଡିରା କୁକୁର ମାଈକୁକୁରର ପିଛା କରିଥାନ୍ତି । ଘରେ ପାଳିଥିବା ମାଈ କୁକୁରକୁ ରକ୍ତସ୍ରାବ ସମୟରେ ଅଣ୍ଡିରା କୁକୁର ପାଖକୁ ଛାଡ଼ିବା ଉଚିତ ନୁହେଁ । ରକ୍ତସ୍ରାବ ବନ୍ଦ ହେବାର ଦିନେ ୨ଦିନ ପରେ ମାଈ କୁକୁରଙ୍କୁ ଅଣ୍ଡିରା କୁକୁର ସହିତ ମିଶାଇବା ବା ମେଳ କରାନ୍ତୁ । ରକ୍ତସ୍ରାବ ବନ୍ଦ ହେବାର (୯ଦିନ ପରେ) ୧ମ, ୨ୟ ଓ ୩ୟ ଦିନ ସହବାସ କରାଇଲେ ଗର୍ଭ ସଂଚାର ହୋଇଥାଏ । ଋତୁ ଆରମ୍ଭ ସମୟରେ ମାଈ କୁକୁର ଦେହରୁ ଏକ ରାସାୟନିକ ଦ୍ରବ୍ୟ ଇଷ୍ଟ୍ରୋଜେନ୍ ହରମୋନ୍ ନିର୍ଗତ ହୁଏ, ଯାହାକି ଅଣ୍ଡିରା କୁକୁରଙ୍କୁ ଆକୃଷ୍ଟ କରାଇଥାଏ । ମାଈ କୁକୁର ବା କୁତିଙ୍କ ଗର୍ଭଧାରଣ ସମୟ ହେଉଛି ୬୨ ରୁ ୬୪ ଦିନ ଏବଂ ଥରକେ ୮ ରୁ ୧୦ଟି ପର୍ଯ୍ୟନ୍ତ ଛୁଆ ଦେଇଥାଏ ।

-ପୋଷା କୁକୁର ବା ବିରାଡ଼ିଙ୍କୁ ପ୍ରତ୍ୟେକ ଦିନ ଅନ୍ତତଃ ଥରେ ବ୍ରସ୍ କରାନ୍ତୁ। ଯାହାଫଳରେ ସେମାନଙ୍କର ରକ୍ତ ସଞ୍ଚାଳନ ଠିକ୍ ହେବା ସହ ଚର୍ମରେ ଥିବା ରୁପି ପଦାକୁ ବାହାରିଆସେ ଏବଂ ଦେହ କୁଣ୍ଡେଇ ହୁଏନାହିଁ।

-ବ୍ରସ୍ କଲାବେଳେ ବାଳଗୁଡ଼ିକ ଜଟା ହୋଇଥିଲେ ସେମାନଙ୍କୁ କଷ୍ଟ ଲାଗେ । ଏଥିସହିତ ଟିଙ୍କ ଓ ଉକୁଣୀ ସହଜରେ ବସା ବାନ୍ଧେ । ତେଣୁ ଖରାଦିନ ଆରମ୍ଭ ଓ ଶୀତଦିନ ଶେଷରେ ଏମାନଙ୍କର ବାଳ କାଟନ୍ତୁ।

- ସବୁବେଳେ ଜାଗ୍ରତ ରହିବା ଲାଗି କୁକୁରକୁ ବ୍ୟାୟାମ କରାଇବା ଆବଶ୍ୟକ । ନଚେତ୍ ସେ ଅଳସୁଆ ହୋଇଯିବ । ସକାଳ ଓ ସନ୍ଧ୍ୟାରେ ବ୍ୟାୟାମ ସମୟରେ କୁକୁର ମଳତ୍ୟାଗ କରିଥାଏ । ତେଣୁ ପ୍ରତିଦିନ ଏପରି ଅଭ୍ୟାସ କରିବା ଆବଶ୍ୟକ।

-କୁକୁରଙ୍କୁ ବିଭିନ୍ନ ଭୂତାଣୁଜନିତ ରୋଗ ଯଥା - କାନାଇନ୍ ଡିସ୍‌ଟେମ୍ପର୍, ହେପାଟାଇଟିସ୍, ପାର୍ଭୋ, ଜଳାତଙ୍କ ଆଦି ସହିତ ବିଭିନ୍ନ ଜୀବାଣୁଜନିତ ରୋଗ ଯଥା - ଲେପ୍ଟୋସ୍ପାଇରୋସିସ୍, ବ୍ରୁସେଲୋସିସ୍ ଆଦି ରୋଗ, କୃମି ରୋଗ ଓ ଚର୍ମ ରୋଗ ହୋଇଥାଏ । କୃମି ରୋଗ ମଧ୍ୟରେ ଗୋଲକୃମି, ଅଙ୍କୁଶ କୃମି, ଫିତା କୃମି ଆଦି ପ୍ରଧାନ।



- କୁକୁରଙ୍କଠାରୁ ମନୁଷ୍ୟକୁ ସଂକ୍ରମିତ ହେଉଥିବା କେତେକ ରୋଗଗୁଡ଼ିକ ହେଲା - ଜଳାତଙ୍କ, ଯକ୍ଷ୍ମା, ଗୋଲାକୃତି କୃମି, ଅଙ୍କୁଶ କୃମି, ଫିତା କୃମି, ଚର୍ମରୋଗ - ଯାଦୁ, କାଛୁକୁଣ୍ଡିଆ, ରୁପି, ଆଲର୍ଜି ଇତ୍ୟାଦି।

*-ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ, କଳାହାଣ୍ଡି, ମୋ: ୯୪୩୭୬୦୭୩୧୨*

## ସପୁରୀ କିସମ

ବର୍ତ୍ତମାନ ହେଉଛି ସପୁରୀ ଲଗାଇବାର ପ୍ରକୃଷ୍ଟ ସମୟ । କ୍ୟୁ, କୁଇନ୍,ସୀମାଚଳନ,ମାରିସିଅସ୍ ଆଦି କିସମ ଲଗାନ୍ତୁ। ୧ମିx ୩୦ସେ.ମି ଦୂରତାରେ ୦.୫x ୦.୫x ୦.୫ ମିଟର ଗାତକରି ଗଛ ଲଗାନ୍ତୁ। ଲଗାଇବା ବେଳେ ଗାତ ପ୍ରତି ୨ଝୁଡି କମ୍ପୋଷ୍ଟ ଦେଇ ଲଗାନ୍ତୁ। ଏହା ସହିତ ୧୦ଗ୍ରାମ୍ ଯବକ୍ଷାରଜାନ, ୧୨ଗ୍ରାମ୍ ଫସଫରସ ଓ ୪ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।



ବିଦେଶୀ କଳା ଟଙ୍କା ଆଇନ ଅନ୍ତର୍ଗତ ୪୨୨ ମାମଲାରେ ବ୍ୟକ୍ତିବିଶେଷଙ୍କୁ ନୋଟିସ ଜାରି କରାଯାଇଛି। ମାମଲାଗୁଡିକରେ ୧୨,୦୦୦ କୋଟି ଟଙ୍କା ସମ୍ପୃକ୍ତ ରହିଛି।

–ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ



ଆନ୍ଧ୍ର ପ୍ରଦେଶର ବିଭିନ୍ନ ତୈଳ ଏବଂ ବାଷ୍ପ ପ୍ରକଳ୍ପର ଉନ୍ନତୀକରଣ ଲାଗି ଆଗାମୀ ଦିନଗୁଡିକରେ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବାକୁ ଯୋଜନା ରହିଛି।

–ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ



## ସଂକ୍ଷେପରେ

### ଅର୍ଥ ବ୍ୟବସ୍ଥାରେ ସୁଧାର ଆସୁଛି:ସୀତାରାମନ

ନୂଆଦିଲ୍ଲୀ,୧୧-୨
ଏବେ ଅର୍ଥ ବ୍ୟବସ୍ଥାରେ ସୁଧାର ପରିଲକ୍ଷିତ ହେଉଛି। ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଉଠାଉଥିବା ବିଭିନ୍ନ ପଦକ୍ଷେପ ଯୋଗୁ ଏହାର ଲାଭ ମିଳୁଥିବା ଦେଖାଯାଉଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କହିଛନ୍ତି। ଅର୍ଥ ବ୍ୟବସ୍ଥା ଅଜ୍ଞ ଡାକ୍ତରଙ୍କ ହାତରେ ରହିଥିବା ସୋମବାର ବଜେଟ ଆଲୋଚନା ବେଳେ ରାଜ୍ୟସଭାରେ କଂଗ୍ରେସ ନେତା ପି.ଚିଦାମ୍ବରମ କହିଥିଲେ। ଏହାର ଉତ୍ତର ରଖି ସୀତାରାମନ କହିଛନ୍ତି ଯେ, ଅର୍ଥ ବ୍ୟବସ୍ଥା ଠିକ୍ ବିଶେଷଜ୍ଞ ହାତରେ ରହିଛି। ସରକାର ବିତ୍ତୀୟ ଅନୁଶାଶନକୁ ଦୃଢତାର ସହ ଲାଗୁ କରାଇବାକୁ ଯୋଜନା ହାତକୁ ନେଇଛନ୍ତି। ଅର୍ଥ ବ୍ୟବସ୍ଥା ଗାଡିର ସବୁ ଇଞ୍ଜିନକୁ ତ୍ୱରାନ୍ୱିତ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଇଛି। ମହିଳା, ଅନୁସୂଚିତ ଜାତି, ଜନଜାତି, ଶିଶୁଙ୍କ ସମେତ ସମାଜର ଅନ୍ୟ ସବୁ ବର୍ଗର କଲ୍ୟାଣ ଲାଗି ନିରନ୍ତର ଭିତ୍ତିରେ ଆବଣ୍ଟନ ବୃଦ୍ଧି କରାଯାଉଛି। ଯେଉଁ ମାନଙ୍କ ଲାଗି ଆଜି ଏନ୍‌ପିଏ ସମସ୍ୟା ସୃଷ୍ଟି ହୋଇଛି ସେମାନଙ୍କଠାରୁ ଅଧିକ କିଛି ଶିଖିବାର ନାହିଁ ବୋଲି ସୀତାରାମନ ପାଲଟା ଉତ୍ତର ଦେଇଛନ୍ତି। ସେ କହିଛନ୍ତି, ମୁଦ୍ରାସ୍ଫୀତି ହାର ୪.୮% ରହିଛି। ଫ୍ୟାକ୍ଟ୍ରି ଉତ୍ପାଦନରେ ଉନ୍ନତି ଆସିଥିବା ବେଳେ ଏଫ୍‌ଡିଆଇ, ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଘଟିଛି। ଗତ ୩ ତ୍ରୈମାସ ଧରି ଜିଏସ୍‌ଟି ରାଜସ୍ୱରେ ଉନ୍ନତି ପରିଲକ୍ଷିତ ହେଉଛି। ଆର୍ଥିକ କ୍ଷେତ୍ରର ପ୍ରତି ମାନଦଣ୍ଡରେ ଅର୍ଥ ବ୍ୟବସ୍ଥା ଆଗକୁ ବଢୁଛି। ଅର୍ଥ ବ୍ୟବସ୍ଥାରେ ସଙ୍କଟ ନାହିଁ ମାତ୍ର ଏଥିରେ ଭଲ ପ୍ରଦର୍ଶନକୁ ବିରୋଧୀ ମାନେ ମାନିବା ସପକ୍ଷରେ ନାହାନ୍ତି।

# ଓଡ଼ିଶାରେ ଆମ୍‌ଷ୍ଟ୍ରାଡ୍‌ର ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ

ଭୁବନେଶ୍ୱର,୧୧–୨

- ଯୁବବର୍ଗଙ୍କ ଲାଗି ଟେକ୍ନୋଲୋଜି ପ୍ରଡକ୍ଟକୁ ପ୍ରାଥମିକତା:ସିଇଓ
- ରାଜ୍ୟର ୨୦୦ ଡିଲରଙ୍କ ସହ ମିଳିତ ହୋଇଛି
- ପୋର୍ଟଫୋଲିଓରେ ୮୦ ମଡେଲ




ଓଭିଓଟି ଲିମିଟେଡ ପକ୍ଷରୁ ଓଡିଶା ବଜାରରେ ଆମ୍‌ଷ୍ଟ୍ରାଡ ବ୍ରାଣ୍ଡର କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ପ୍ରଡକ୍ଟର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ବର୍ତ୍ତମାନ ରାଜ୍ୟର ୨୦୦ ଡିଲରଙ୍କ ସହ ମିଳିତ ହୋଇ ଏହାର ପ୍ରଡକ୍ଟ ଏବଂ ସେବା ଯୋଗାଣ ଧାରା ଜାରି ରଖିଥିବା ଏମ୍‌ଡି ତଥା ସିଇଓ ନିପୁନ ସିଂଘଲ କହିଛନ୍ତି। ସେ କହିଛନ୍ତି, ଗତ ଗୋଟିଏ ବର୍ଷ ହେବ ଓଡିଶା ବଜାରରେ କମ୍ପାନୀ ନିଜର କାରବାର ଆରମ୍ଭ କରିଛି। ଏଠାରେ ଭଲ ବ୍ୟବସାୟ ଲକ୍ଷ୍ୟ ରହିଛି। ଚ୍ୟାନେଲ ପାର୍ଟନରଙ୍କ ସହଯୋଗରେ ଭାରତୀୟ ଗ୍ରାହକଙ୍କୁ ସର୍ବୋତ୍ତମ ପ୍ରଡକ୍ଟ, ସେବା ଏବଂ ଉନ୍ନତ ମୂଲ୍ୟ ପ୍ରଦାନ ଲକ୍ଷ୍ୟ ରହିଛି। ପରବର୍ତ୍ତୀ ପିଢିର ଗ୍ରାହକଙ୍କୁ ସେବା ଯୋଗାଣ ଲକ୍ଷ୍ୟ ନେଇ 'ପ୍ୟାଶନ ଫର ପରଫେକସନ' ମନ୍ତ୍ର ସହ ଅଗ୍ରସର ହେଉଛୁ। ଟେକ୍ନୋଲୋଜି, ଗୁଣବତ୍ତା ଏବଂ ବିକ୍ରି ପରବର୍ତ୍ତୀ ସେବା ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରାଯାଇଥିବା ସେ ମତ ଦେଇଛନ୍ତି।

ସେ କହିଛନ୍ତି ଯେ, କମ୍ପାନୀର ପୋର୍ଟଫୋଲିଓରେ ବର୍ତ୍ତମାନ ଏୟାର କଣ୍ଡିସନର, ଟିଭି, ୱାଶିଂ ମେଶିନ ରହିଛି। ବିଶେଷ କରି ଯୁବାଗ୍ରାହକଙ୍କ ଆବଶ୍ୟକତା ଆଧାରରେ ପ୍ରଡକ୍ଟ ପ୍ରସ୍ତୁତ କରାଯାଉଛି। ଏଥିରେ ସଦ୍ୟତମ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। କମ୍ପାନୀର ଏସି ଗୁଡିକରେ ରହିଥିବା ଫିଚର ଗ୍ରାହକଙ୍କ ଜୀବନ ଶୈଳୀକୁ ସହଜ କରିପାରିବ। ଏଥିରେ ସ୍ମାର୍ଟ ହେଭି କୁଲିଂ, ୱାଇଫାଇ, ଉନ୍ନତ କ୍ଷମତା, ଇନଭର୍ଟର ଉପରେ ୧୦ ବର୍ଷ ଏବଂ କମ୍ପ୍ରେସର ଉପରେ ୬ ବର୍ଷର ୱାରେଣ୍ଟି ରହିଛି। ଅନ୍ୟ ପ୍ରମୁଖ ଫିଚର ମଧ୍ୟରେ ୧୦୦% କପର, ସେଲ୍ଫ କ୍ଲିନିଂ, କମ୍ଫର୍ଟ ସ୍ଲିପ, ଇକୋ ମୋଡ, ମେଟାଲ କ୍ଲୋଜର ପିସିବି, ଅପରେଟିଂ ଭୋଲଟେଜ, ୱାଇଫାଇ ୨.୦ ରହିଛି।

ସେହିଭଳି ନୂଆ ପିଢିର ଟିଭି ଉପରେ ମତ ରଖି ସେ କହିଛନ୍ତି ଯେ, ୪କେ ଏଚ୍‌ଡିଆର, ଡବଲି ଅଡିଓ, ଭଏସ କମାଣ୍ଡ ରିମୋଟ କଣ୍ଟ୍ରୋଲ, ୨ ଜିବି ରାମ ମେମୋରି, ୧୬ ଜିବି ରୋମ୍, ପାୱାରଫୁଲ ସିପିୟୁ, ଗୁଗୁଲ ଆସିଷ୍ଟାଣ୍ଟ ବିଲ୍‌ଟ ଭଳି ଅନ୍ୟ ଫିଚର ରଖାଯାଇଛି। ବର୍ତ୍ତମାନ ୮୦ ମଡେଲ କମ୍ପାନୀ ବଜାରକୁ ଛାଡିଛି। ଏସି ବ୍ୟବସାୟ ଉନ୍ନତ ରହିଛି। ସେହିଭଳି ଟିଭି ଏବଂ ୱାଶିଂ ମେଶିନ କାରବାରରେ ଉନ୍ନତି ଆସୁଥିବା ସେ ମତ ଦେଇଛନ୍ତି। ଆଗ୍ରେସିଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ଲକ୍ଷ୍ୟ ନେଇ ପୁଣେର ସୁପା ନିକଟରେ ଏକ ମାନୁଫାକଚରିଂ ୟୁନିଟ ସ୍ଥାପନ ଲକ୍ଷ୍ୟ ରହିଛି। ଏଥିରେ ୩୦୦ କୋଟି ଟଙ୍କାର ନିବେଶ ହେବ। କାର୍ଯ୍ୟକ୍ରମରେ କମ୍ପାନୀର ଉପସଭାପତି ନୀତିନ ତ୍ରେହାନ, ଓଡ଼ିଶା ସେଲ୍‌ସ ହେଡ୍ ଗୌତମ ନାୟକ, ମାକ୍ସ ଇଣ୍ଟରନ୍ୟାଶନାଲ ମୁଖ୍ୟ ଆଦିତ୍ ହଂସ ଉପସ୍ଥିତ ଥିଲେ।

### ଜିଏସ୍‌ଟି ପୋର୍ଟାଲ ଅସୁବିଧା ଦୂର କର:ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୧–୨:** ଜିଏସ୍‌ଟି ପୋର୍ଟାଲରେ ରହିଥିବା ବିଭିନ୍ନ ଟେକ୍ନୋଲୋଜି ଜନିତ ଅସୁବିଧା ଦୂର କରିବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଏସ୍‌ଟି ସଂକ୍ରାନ୍ତ ପିଟିଶନର ଶୁଣାଣି କରି ଜଷ୍ଟିସ ଆର୍ .ଏଫ୍. ନରିମାନ ଏବଂ ଜଷ୍ଟିସ ରବିନ୍ଦର ଏସ୍.ଭଟ୍ଟଙ୍କ ଖଣ୍ଡପୀଠ କହିଛନ୍ତି, ଜିଏସ୍‌ଟି ସର୍ଭରରେ ଏମିତି କୌଣସି ଅସୁବିଧା ନ ରହିବା ଆବଶ୍ୟକ ଯାହା ଦ୍ୱାରା ସାଧାରଣ ଲୋକମାନେ ଅସୁବିଧା ସାମ୍ନା କରିବେ।


**Coal India Limited**
(A Maharatna Company)

**ATTENTION ALL RETIRED COAL INDIA EXECUTIVES**

Coal India Limited (CIL) has implemented the **"CIL Executive Defined Contribution Pension Scheme 2007"**. All retired executives are requested to contact the concerned Nodal Officer of CIL or Subsidiary from where one has retired as per the list given at url mentioned below and submit the requisite forms enabling them to claim annuity/refund. The details are to be filled online and uploaded in corporate website of Coal India Ltd. **(www.coalindia.in-->Menu-->Employee Corner→CIL Executive Defined Contribution Pension Scheme) or url: apps.coalindia.in:8080/apex/f?p=168**



**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
**District: Nayagarh, Phone: 06753-252439**
**District Website: www.nayagarh.nic.in**

**Tender No.: 510** **Dt.: 11.02.2020**

District Manager, OSCSC Ltd., Nayagarh invites in Double Cover System through ONLINE MODE ONLY for the works below.

| | | |
|---|---|---|
| 1. | Name of the Work | Selection and appointment of Handling Contractor under Departmental Storage Operation for handling of food grains at Rice Receiving Centre-cum-Departmental Storage Centre (RRC-cum-DSC) or Nayagarh district. |
| 2. | Availability of Bid Document in the Portal | From 13.02.2020 to 28.02.2020 upto 1.00 P.M. |
| 3. | Last date/time for receipt of Bids in the Portal | 28.02.2020 till 5.00 P.M. |
| 4. | Date/time of opening of Technial Bid | 29.02.2020 at 11.00 A.M. |
| 5. | Name and Address of Officer Inviting Tender | The District Manager, OSCSC Ltd., Nayagarh |

Tender documents and other details can be seen from the e-procurement portal **www.oscsc.in, www.foododisha.in** and **www.tenderodisha.gov.in** along with district website. Amendments/Corrigendum/Cancellation/Retenders etc. If any shall be published in above websites.

**Sd./- District Manager**
**OSCSC Ltd., Nayagarh**


# ପିଏମ୍ କିଷାନ ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ

**ନୂଆଦିଲ୍ଲୀ,୧୧–୨:** ପିଏମ୍–କିଷାନ ହିତାଧିକାରୀ ଚାଷୀଙ୍କୁ ରିହାତି ଦରରେ ସଂସ୍ଥାଗତ ଋଣ ଯୋଗାଣ ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ 'କିଷାନ ପରିପୂର୍ଣ୍ଣତା 'ଅଭିଯାନ ଆରମ୍ଭ କରାଯାଇଛି। ଏହା ଦ୍ୱାରା ଧାର୍ଯ୍ୟ ସମୟରେ ଋଣ ପରିଶୋଧ କରିବା ଉପରେ ସମସ୍ତ ଚାଷୀଙ୍କୁ ସର୍ବାଧିକ ୪ ପ୍ରତିଶତ ସୁଧହାରରେ ଋଣ ମିଳିପାରିବ। ୧୦ ଫେବୃୟାରୀଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୧୫ ଦିନ ପର୍ଯ୍ୟନ୍ତ ଚାଲିବ। କୃଷି, ପଶୁ ଏବଂ ମତ୍ସ୍ୟଚାଷ ଭଳି ବର୍ଗରେ ସ୍ୱଳ୍ପ ମିଆଦି ଭିତ୍ତିରେ ଋଣ ଯୋଗାଣ ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଏ ସମ୍ପର୍କିତ ନିର୍ଦ୍ଦେଶନାମା ସମସ୍ତ ରାଜ୍ୟ, କେନ୍ଦ୍ର ଶାସିତ ପ୍ରଦେଶ, ସବୁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ନାବାର୍ଡ ଅଧ୍ୟକ୍ଷଙ୍କୁ ଜାରି କରାଯାଇଛି।

# ରାଜ୍ୟରେ ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ୨୦% ବଢ଼ିଛି

**ଭୁବନେଶ୍ୱର,୧୧–୨:** ଓଡିଶାରେ ମ୍ୟୁଚୁଆଲ ଫଣ୍ଡ ନିବେଶ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସହ ଆଗ୍ରହ ବଢୁଛି। ୨୦୧୮–୧୯ ଆର୍ଥିକ ବର୍ଷରେ ରାଜ୍ୟ ମଧ୍ୟରେ ଏହି ଶିଳ୍ପରେ ଆସେଟ ଅଣ୍ଡର ମ୍ୟାନେଜମେଣ୍ଟ ବା ପରିଚାଳନା ଗତ ସମ୍ପତ୍ତି(ଏୟୁଏମ୍) ୨୦% ବଢିଛି। ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ସାରା ଦେଶରେ ଏବେ ପ୍ରାୟ ୩ କୋଟି ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସଆଇପି) ଆକାଉଣ୍ଟ ରହିଛି। ଓଡିଶାରେ ଏୟୁଏମ୍ କଥା ବିଚାରକୁ ନେଲେ ପ୍ରାୟ ୨୪ ହଜାର କୋଟି ଟଙ୍କା ହେବ ବୋଲି କୋଟାକ ମ୍ୟୁଚୁଆଲ ଫଣ୍ଡର ସେଲସ ଆଣ୍ଡ ମାର୍କେଟିଂ ଜାତୀୟ ମୁଖ୍ୟ ମନୀଷ ମେହେଟ୍ଟା ଏଠାରେ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ୨୦୨୦ରେ ରାଜ୍ୟରେ ମ୍ୟୁଚୁଆଲ ଫଣ୍ଡର ଅଭିବୃଦ୍ଧି ପ୍ରାୟ ୧୫ରୁ ୨୦% ରହିବ। ଏସ୍‌ଆଇପିରେ ନିବେଶ ନେଇ ଲୋକମାନେ ଏବେ ବେଶି ପ୍ରାଥମିକତା ଦେଉଛନ୍ତି। ଷ୍ଟକ ବଜାର ଲାଗି ଏସ୍‌ଆଇପି ଏକ ପ୍ରମୁଖ ଟୁଲ ହୋଇପାରିଛି। ଏସ୍‌ଆଇପି ଜରିଆରେ ସମ୍ପତ୍ତି ସୃଷ୍ଟି ନେଇ ବର୍ତ୍ତମାନ ସଚେତନତା ସୃଷ୍ଟି କରାଯାଉଥିବା ସେ ମତ ଦେଇଛନ୍ତି।


**OFFICE OF THE DISTRICT MANAGER, ODISHA STATE CIVIL SUPPLIES CORPORATION LTD. (OSCSC)**
**District- Nayagarh, Phone : 06753-252439**
**District Website www.nayagarh.nic.in**

**Tender No.505** **Dt.: 11.02.2020**

District Manager, O.S.C.S.C Ltd., Nayagarh invites in Double Cover system through ONLINE MODE ONLY for the works below.

| | | |
|---|---|---|
| 1. | Name of the work | Selection and appointmenr of Level-I Transport Contractor for transportation of Food Grains from food storage depot. FCI to Rice Receiving Centre-cum-Departmental Storage Centre (RRC-cum-DSC) of Nayagarh District. |
| 2. | Availability of Bid Document in the Portal | from 13.02.2020 to 28.02.2020 up to 1.00 P.M. |
| 3. | Last date / Time for receipt of Bids in the Portal | 28.02.2020 till 5.00 P.M. |
| 4. | Date / Time of opening of Technical Bid | 29.02.2020 at 11.00 A.M. |
| 5. | Name and Address of Officer inviting Tender | The District Manager, OSCSC Ltd., nayagarh |

Tender Documents and other details can be seen from the e-procurement portal www.oscsc.in, www.foododisha.in and www.tenderodisha.gov.in along with District website. Amendments / Corrigendum / Cencellation / retenders etc. If any shall be published in above websites.

**Sd./- District Manager,**
**OSCSC Ltd., Nayagarh**



**ODISHA STATE CIVIL SUPPLIES CORPORATION LTD., SUNDARGARH**
**TENDER CALL NOTICE**

**No.: 474** **Date: 10.02.2020**

The Tender Call Notice No. 39 & 40 Dt.04.01.2020 for Level-II/Level-I Transport Contractor are being cancelled as well as fresh tender are being invited, the reschedule of calendar of activities are according to Tender Call Notice No. 454 Dt.07.02.2020 for Level-I Transport Contractor and Tender Call Notice No. 455 Dt.07.02.2020 for Level-II Transport Contractor for Transportation of food grains for the financial year 2019-21. The said tender documents are being uploaded in **www.tendersodisha.gov.in**. All other term and conditions remain unchanged. The calendar of activities for e-tender for appointment of said contractors are as mentioned below.

| Sl. No. | Activity | Dateline |
|---|---|---|
| 1. | Availability of Tender Documents in the website on uploading by district | 07.02.2020 |
| 2. | Pre-bid conference of tenders | 11.02.2020 |
| 3. | Last date for online submission of completed tender documents with enclosures | 24.02.2020 upto 05.30 P.M. |
| 4. | Date of Technical Bid opening | Level-I - 25.02.2020, 11.00 A.M.<br>Level-II - 26.02.2020, 11.00 A.M. |
| 5. | Date of submission of original documents by the tenders in support of scanned copies uploaded in the portal for verification by district office | Level-I - 25.02.2020, 11.00 A.M.<br>Level-II - 26.02.2020, 11.00 A.M. |
| 6. | Date of opening of Financial Bids (only of Technically qualified tenderers) | Level-I - 28.02.2020, 11.00 A.M.<br>Level-II - 28.02.2020, 03.00 P.M. |
| 7. | Execution of Agreement by the successful lowest tenderer | 29.02.2020 |

**Sd./- District Manager, OSCSC Ltd., Sundargarh**



**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନଲିଖିତ ଶିଶୁକନ୍ୟାଟିକୁ ଗତ ତା୧୪।୧୧।୨୦୧୫ରିଖରେ ସ୍ୱାଧାର ଗୃହ ଗତି ରାଉତ ପାଟଣା କଟକରେ ରହୁଥିବା ଗୀତାଞ୍ଜଳି ବେହେରା ଦ୍ୱାରା ହସ୍ତାନ୍ତର ହୋଇଥିବା ଏବଂ କଟକ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରହୁଛି। ଉକ୍ତ ଶିଶୁକନ୍ୟାଟିର ଯଦି ଅନ୍ୟକେହି ଆଇନସିଦ୍ଧ ଦାବିଦାର ଥା'ନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ୫୪, କଲେକ୍ଟୋରେଟ୍ ବିଲଣ୍ଡିଂ, କଟକ, ଫୋନ ନଂ.୦୬୭୧–୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରେଟ୍ କ୍ୟାମ୍ପସ, କଟକ–୭୫୩୦୦, ଫୋନ ନଂ.୦୬୭୧–୨୫୦୮୧୩୩, ମୋବାଇଲ୍ ନଂ.୭୯୭୮୧୪୬୮୧୪/୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ–୭୫୩୦୧୪ କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ–୨୦୧୫ ଅନୁଯାୟୀ ଥଇଥାନ କରାଯିବ।

| କ୍ରମିକ ନଂ. | ଶିଶୁର ନାମ | ପୁଅ/ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | ମନ୍ତବ୍ୟ |
|---|---|---|---|---|---|
| ୧ | ସୁଜାନି | ଝିଅ | ୦୬।୧୧।୨୦୧୫ | ୧୪।୧୧।୨୦୧୫ | ଶିଶୁ ମଙ୍ଗଳ ସମିତି, କଟକଙ୍କୁ ନିର୍ଦ୍ଦେଶନାମା ନଂ.୨୧୯୩/୨୦୧୬ ତା–୩୦।୦୫।୨୦୧୯ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**
**ବି.ଦ୍ର.- ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ www.cara.nic.in ରେ ଆବେଦନ କରନ୍ତୁ।**



**Government of Odisha** **No.O-1030**
**Rural Development Department**
**Office of the Engineer-in-Chief, Rural Works,**
**Unit-IV, Madhusudan Nagar, Bhubaneswar, Odisha-751001**
**NOTICE INVITING REQUEST FOR PROPOSAL**
**Bid Identification No. Online-03-Bid-2019-20 Date: 07.02.2020**

1. The Chief Engineer (Buildings), Rural Works, Odisha, Bhubaneswar on behalf of Government of Odisha, invites Request for Proposal (RFP) in double cover system from experienced and reputed Architectural Consultants registered with Council of Architecture, New Delhi for preparation of Master plan, Architectural drawing and Detailed Project Report (DPR) to be received in Offline mode detailed in the table below.

| Sl. No. | Name of the work | No. of work | Bid Security | Cost of bid document |
|---|---|---|---|---|
| 1 | 2 | 3 | 4 | 5 |
| 1. | Architectural Consultancy for Preparation of Master Plan, Architectural drawing and Detailed Project Report (DPR) including soil exploration work, structural design, detailed estimate (Civil+EI+PH), BOQ, Bid documents location wise for tender of construction works for the work-"Infrastructure Development of Colleges under World Bank Assistance Programme (OHEPEE)", Phase-II". | 1 No. (31 Nos.-Colleges) | Rs.3,50,000/- | Rs.10,000/- |

2. The RFP document must be accompanied with Refundable Bid Security in form of Kissan Vikash Patra / National Saving Certificate / Post Office Time Deposit Account / Bank Guarantee from any Nationalized / Scheduled Bank in India counter guaranteed by its local branch at Bhubaneswar pledged in favour of Executive Engineer, R.W. Division, Bhubaneswar & Non-Refundable cost of bid document mentioned in the table in form of Demand draft in favour of the Executive Engineer, R.W. Division, Bhubaneswar drawn in any Nationalized / Scheduled Bank payable at Bhubaneswar. 3.The bidders have to participate in Offline bidding only. 4. Bid documents will be available in Govt. website i.e www.tendersodisha.gov.in during the period from Dt.20.02.2020 to Dt. 21.03.2020 upto 17.30 Hours. 5. The last date of receipt of RFP in the following address is Dt.21.03.2020 up to 17.30 Hours through Speed Post / Registered Post / Courier only. Submission of proposal through any other mode is not allowed. The bids received after due date and time will not be considered. 6. Date of opening of Technical bid is Dt.23.3.2020. 7. For further details the RFP document is to be referred from the website. 8. Any addendum / corrigendum / cancellation of tender (RFP) can also be seen in the said website. The authority reserves the right to reject any or all bids without assigning any reason thereof.

**Address for Submission of R.F.P.**
Chief Engineer (Buildings), Office of the Engineer-in-.Chief, Rural works, Odisha, Unit-IV, Madhusudan Nagar, Bhubaneswar-751001, **Contact No.0674-2392916, E-mail ID: cerwbuilding_bbsr@yahoo.com**

**(Er. S.C. Mishra)**
**Chief Engineer, Building**
**OIPR-25123/11/0013/1920**



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

ସଂଖ୍ୟା ନଂ 1351/କ.ଉ.କ./ତା 11.02.2020

**ସୂଚନା**

ଏତଦ୍ୱାରା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା – 13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି । ଏହି ଯୋଜନାର ଆବେଦନର ଶେଷ ତାରିଖ 05.02.2020 ଥିଲା । ଏହି ଯୋଜନାକୁ ସରକାର ୧୫ ଦିନ ପାଇଁ ଅବଧି ବୃଦ୍ଧି କରିଛନ୍ତି ଏବଂ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସୂଚନା ସଂଖ୍ୟା – T.P.Dev- 22/18 No.3043/HUD 06.02.2020 ଦ୍ୱାରା ଏହି ସ୍କିମ ପ୍ରଣୟନ କରାଯାଇଅଛି ଓ ଏହି ଯୋଜନା ଆବେଦନ କରିବାର ଶେଷ ତାରଖ ୨୦.୦୨.୨୦୨୦ ଧାର୍ଯ୍ୟ କରାଯାଇଅଛି ।

ପୂର୍ବରୁ ଯେଉଁ ବାସଗୃହ ହିତାଧିକାରୀ ମାନେ ବ୍ୟବସାୟିକ ପ୍ରତିଷ୍ଠାନ, କଳ ଓ କାରଖାନା, ଉଚ୍ଚ ଅଟ୍ଟାଳିକା, ଚଳଚିତ୍ର ପ୍ରତିଷ୍ଠାନ, ଭୋଜନାଳୟ ରହିବା ବ୍ୟବସ୍ଥା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି ସେମାନେ ଏହି ସୁଯୋଗର ଉପଯୋଗ କରିପାରିବେ । ଏହି ଯୋଜନା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ହିତାଧିକାରୀ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଯେଉଁ ହିତାଧିକାରୀ ବା ଅନ୍ୟାନ୍ୟ ପ୍ରତିଷ୍ଠାନମାନେ ନିୟମ ଉଲ୍ଲଂଘନ କରିଥିବେ ଏବଂ ଏହି ଯୋଜନାର ଅର୍ନ୍ତଭୁକ୍ତ ହୋଇନଥିବେ ତାହେଲେ ସେହି ହିତାଧିକାରୀଙ୍କ ନାମରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ଓ ଅନ୍ୟାନ୍ୟ ହିତାଧିକାରୀ ଓ ପ୍ରତିଷ୍ଠାନମାନେ ସବିଶେଷ ତଥ୍ୟ, ଠିକଣା,ଫୋନ ନମ୍ବର, ଆବେଦନ କରିବାର ଫର୍ମ ଗୁଡିକୁ ଠିକ୍ ଭାବେ ପୂରଣ କରିନଥିବା ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ନଥି ଦେଇନଥିବା ହେତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କରିବାରେ ବିଳମ୍ବ ହେଉଅଛି ଓ କର୍ତ୍ତୃପକ୍ଷ ପ୍ରେରଣ କରିଥିବା ପତ୍ର ହିତାଧିକାରୀଙ୍କ ପାଖରୁ ଫେରି ଆସୁଅଛି । ତେଣୁ ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବା ପାଇଁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଯୋଜନା ସଭ୍ୟଙ୍କୁ ସାକ୍ଷାତ (ସୋମବାର, ମଙ୍ଗଳବାର ଓ ବୁଧୁବାର) କରି ଉକ୍ତ ଯୋଜନା ବିଷୟରେ ଅବଗତ ହେବାକୁ ଅନୁରୋଧ ।

ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ୍ – **www.cdacuttack.nic.in** ରେ ଉପଲବ୍ଧ ଅଟେ ।

**ସ୍ୱା /–**
**ସଚିବ**



“ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଖେଳିବା ଲାଗି ମୁଁ ଯଥା ସମ୍ଭବ ଫିଟ୍ ରହିବାକୁ ଚେଷ୍ଟା କରୁଛି ।

–ଡେଲ୍ ଷ୍ଟେଇନ୍, ଦକ୍ଷିଣ ଆଫ୍ରିକା ପେସ୍ ବୋଲର

“ଭାରତ ଲଗାତର ସ୍ଥିର ପ୍ରଦର୍ଶନ କରିଆସୁଛି, ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ପରାଜୟ ସେତେଟା ଚିନ୍ତାର ବିଷୟ ନୁହେଁ ।

–ୟୁଜବେନ୍ଦ୍ର ଚହଲ, ଭାରତୀୟ ଲେଗ୍ ସ୍ପିନର



## ସଂକ୍ଷେପରେ

### ଆଷ୍ଟଲେଙ୍କୁ ଟପିଲେ ଗୁପ୍‌ଟିଲ

**ମାଉଣ୍ଟ ମାଙ୍ଗନୁଇ,୧୧।୨:** ଭାରତୀୟ ଦଳ ବିପକ୍ଷରେ ଏଠାରେ ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦଳର ଓପନର ମାର୍ଟିନ ଗୁପଟିଲ ୬୬ ରନ୍ କରିଥିଲେ। ଏଥି ସହିତ ସେ ଦେଶର ଦିନିକିଆ ଫର୍ମାଟରେ ସର୍ବାଧିକ ରନ୍ କରିଥିବା ଓପନର ହେବାର ରେକର୍ଡ କରିଛନ୍ତି। ସେ ଓପନର ଭାବେ ଦିନିକିଆରେ ୬୧୭୮ ରନ୍ କରି ପୂର୍ବତନ ବ୍ୟାଟ୍ସମ୍ୟାନ ନାଥନ ଆଷ୍ଟଲେ(୬,୧୭୬ ରନ୍)ଙ୍କୁ ଟପିଛନ୍ତି। ଏହି ତାଲିକାରେ ଜନ ରାଇଟ୍ (୩,୬୦୪), ବ୍ରେଣ୍ଡନ ମ୍ୟାକ୍‌କୁଲମ (୩୩୬୩) ଓ ଷ୍ଟିଫେନ ଫ୍ଲେମିଂ (୩୨୮୦) ରହିଛନ୍ତି।

### କାଜାଖସ୍ତାନଙ୍କୁ ହରାଇଲା ଭାରତ

**ମାନିଲା, ୧୧।୨ (ପି.ଟି.):** କିଡାମ୍ବି ଶ୍ରୀକାନ୍ତଙ୍କ ନେତୃତ୍ୱରେ ଭାରତ ଏଠାରେ ଚାଲିଥିବା ଏସିଆନ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓପନିଂ ଗ୍ରୁପ୍ ମ୍ୟାଚରେ ୪-୧ରେ କାଜାଖସ୍ତାନଙ୍କୁ ପରାସ୍ତ କରିଛି। ଶ୍ରୀକାନ୍ତ, ଲକ୍ଷ୍ୟ ସେନ୍ ଏବଂ ଶୁଭଙ୍କର ଦେ ସିଙ୍ଗଲ୍ସ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି। ଶ୍ରୀକାନ୍ତ ମାତ୍ର ୨୩ ମିନିଟ୍‌ରେ ଦିମିତ୍ରି ପାନାରିନ୍‌ଙ୍କୁ ୨୧-୧୦, ୨୧-୭ରେ ହରାଇ ଦେଇଛନ୍ତି। ଆର୍ଥର ନିୟାଜୋଭଙ୍କ ବିପକ୍ଷ ମ୍ୟାଚକୁ ସେନ୍ ୨୧-୧୩, ୨୧-୮ରେ ଜିତିଥିଲେ। ଏହି ମ୍ୟାଚ ୨୧ ମିନିଟରେ ଶେଷ ହୋଇଥିଲା। ସେହିପରି ତୃତୀୟ ସିଙ୍ଗଲ୍ସରେ ଦେ ୨୧-୧୧, ୨୧-୫ରେ କ୍ଷେତମୁରାତ କୁଲମାତୋଭଙ୍କୁ ୨୧-୧୧, ୨୧-୫ରେ ପରାସ୍ତ କରିଥିଲେ। ବି. ସାଇ ପ୍ରଣୀତ ଡବଲ୍ସ ଖେଳିଥିଲେ। ସେ ଓ ଚିରାଗ ଶେଟ୍ଟି କିନ୍ତୁ କାଜାଖସ୍ତାନ ଯୋଡ଼ି ନିୟାଜୋଭ ଏବଂ ପାନାରିନ୍‌ଙ୍କଠାରୁ ୨୧-୧୮, ୧୬-୨୧, ୧୯-୨୧ରେ ପରାଜିତ ହୋଇଥିଲେ। ତେବେ ଦ୍ୱିତୀୟ ଡବଲ୍ସରେ ଏମ୍. ଆର. ଅର୍ଜୁନ ଏବଂ ଧ୍ରୁବ କାପିଲା ୨୧-୧୪, ୨୧-୮ରେ ପ୍ରତିପକ୍ଷ ଯୋଡ଼ି ନିକିତା ବ୍ରାଗିନ୍ ଏବଂ କ୍ଷେତମୁରାତ କୁଲମାତୋଭଙ୍କୁ ୨୧-୧୪, ୨୧-୮ରେ ହରାଇ ଦେଇଥିଲେ।

### ମହିଳା ଟି୨୦ ବିଶ୍ୱକପ୍ ଫ୍ରଣ୍ଟ ଫୁଟ୍ ନୋ ବଲ ଦେଖିବ କମ୍ପ୍ୟୁଟର

**ଦୁବାଇ,୧୧।୨:** ପ୍ରଥମ ଥର ପାଇଁ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟରେ ଫ୍ରଣ୍ଟ ଫୁଟ ନୋ ବଲ ଟେକ୍‌ନୋଲୋଜି ବ୍ୟବହାର କରାଯିବ। ନିକଟ ଅତୀତରେ ଅନ୍ତର୍ଜାତୀୟ ସ୍ତରରେ ଏହାର ସଫଳ ବ୍ୟବହାର ପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏହି ନିଷ୍ପତ୍ତି ନେଇଛି। ଫଳରେ ଅଷ୍ଟ୍ରେଲିଆରେ ଚଳିତମାସରେ ହେବାକୁ ଥିବା ଇଭେଣ୍ଟରେ ପ୍ରତ୍ୟେକ ବଲ ପରେ ତୃତୀୟ ଅମ୍ପାୟର ବୋଲରଙ୍କ ଫ୍ରଣ୍ଟ ଫୁଟ୍‌ର ସ୍ଥାନ ପରଖିବେ। ଅନ୍‌ଫିଲ୍ଡ ଅମ୍ପାୟର ଆଉ ଏହା ଉପରେ ଧ୍ୟାନ ଦେବେ ନାହିଁ। କିନ୍ତୁ ଯଦି ନୋ ବଲ ଦେଖନ୍ତି, ତେବେ ତୃତୀୟ ଅମ୍ପାୟରଙ୍କୁ ପରାମର୍ଶ ଦେବେ। ଏହା ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ନୋ ବଲ ନିଷ୍ପତ୍ତି ପୂର୍ବଭଳି ଫିଲ୍ଡ ଅମ୍ପାୟର ଦେବେ। ଏହି ଟେକ୍‌ନୋଲୋଜି ଗତବର୍ଷ ଡିସେମ୍ବରରେ ଭାରତ ଓ ୱେଷ୍ଟଇଣ୍ଡିଜ ସିରିଜ୍‌ରେ ବ୍ୟବହାର ହୋଇଥିଲା। ଆଇସିସି ଅନୁସାରେ, ନୂଆ ଟେକ୍‌ନୋଲୋଜିକୁ ୧୨ଟି ମ୍ୟାଚ୍‌ରେ ୪୭୧୭ ବଲରେ ବ୍ୟବହାର କରାଯାଇଛି। କ୍ରିକେଟରେ ନୂଆ ଟେକ୍‌ନୋଲୋଜି ବ୍ୟବହାର କରାଯିବା କିଛି ନୂଆ କଥା ନୁହେଁ।

### ଦିବାରାତ୍ର ଟେଷ୍ଟ ପ୍ରସ୍ତାବକୁ ବିସିବିର ପ୍ରତ୍ୟାଖ୍ୟାନ

**ଢାକା,୧୧।୨:** ଆସନ୍ତା ଏପ୍ରିଲ ୫ ତାରିଖରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌କୁ ଦିବା-ରାତ୍ର ଭିତ୍ତିରେ ଖେଳିବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି)କୁ ପ୍ରସ୍ତାବ ଦେଇଥିଲା। ଏହାକୁ ବିସିବି ପ୍ରତ୍ୟାଖ୍ୟାନ କରିଦେଇଛି। ବିସିବି କାର୍ଯ୍ୟକାରୀ ମୁଖ୍ୟ ନିଜାମୁଦ୍ଦିନ ଚୌଧାରୀ କହିଛନ୍ତି, ଆମେ ଦିବାରାତ୍ର ଟେଷ୍ଟ ଖେଳିବା ପାଇଁ ଇଚ୍ଛୁକ ନୁହେଁ। ଆମେ ଏସମ୍ପର୍କରେ ଟିମ୍ ମ୍ୟାନେଜମେଣ୍ଟ ସହ କଥା ହୋଇଥିଲୁ। ବିନା ପ୍ରସ୍ତୁତିରେ ଟିମ୍ ମ୍ୟାନେଜମେଣ୍ଟ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ମନା କରିଛି। ଏଣୁ ଆମେ ଦିବାରାତ୍ର ଟେଷ୍ଟ ନ ଖେଳିବାକୁ ନିଷ୍ପତ୍ତି ନେଇଛୁ। ୧୨ ବର୍ଷରେ ପ୍ରଥମ ଥର ପାଇଁ ବାଂଲାଦେଶ ପାକିସ୍ତାନ ଗସ୍ତ କରିଛି। ଅନ୍ତିମ ଥର ପାକିସ୍ତାନରେ ଆୟୋଜିତ ୨୦୦୮ ଏସିଆ କପ୍‌ରେ ବାଂଲାଦେଶ ଅଂଶଗ୍ରହଣ କରି ୫ ମ୍ୟାଚ୍ ଖେଳିଥିଲା।

# କର ବା ମର ସ୍ଥିତିରେ ଓଡ଼ିଶା

ରଣଜୀ ଟ୍ରଫି: କ୍ୱାର୍ଟର ଦୌଡ଼



ବାରବାଟୀରେ ଅଭ୍ୟାସରତ ଓଡ଼ିଶା ଦଳ।

**କଟକ ଅଫିସ, ୧୧।୨**

ଚଳିତ ରଣଜୀ ସିଜନର ଅନ୍ତିମ ଲିଗ ପର୍ଯ୍ୟାୟ ମ୍ୟାଚ୍ ବୁଧବାରଠାରୁ ଖେଳାଯିବ। ଏହିକ୍ରମରେ ଓଡ଼ିଶା ଏହାର ଅନ୍ତିମ ମ୍ୟାଚ୍‌ରେ ଝାଡ଼ଖଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିବା ନିମନ୍ତେ ଓଡ଼ିଶା ପାଇଁ ଏହା ଶେଷ ସୁଯୋଗ। ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍‌ରୁ ୩୫ ପଏଣ୍ଟ ହାସଲ କରି ଘରୋଇ ଓଡ଼ିଶା ଏଲିଟ ଗ୍ରୁପ-ସି'ର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ସଂଖ୍ୟକ ମ୍ୟାଚ୍‌ରୁ ୩୯ ପଏଣ୍ଟ ହାସଲ କରି ଜମ୍ମୁ କଶ୍ମୀର ଶୀର୍ଷରେ ଥିବା ବେଳେ ୩୩ ପଏଣ୍ଟ ପାଇ ସର୍ଭିସେସ୍ ୩ୟ ସ୍ଥାନରେ ରହିଛି। ଏହି ୩ ଦଳ ଏଲିଟ ଗ୍ରୁପ-ସି'ରୁ କ୍ୱାର୍ଟର ଫାଇନାଲ ଦୌଡ଼ର ପ୍ରମୁଖ ଆଶାୟୀ ରହିଛନ୍ତି। ୨୩ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ଥିବା ଝାଡ଼ଖଣ୍ଡ କ୍ୱାର୍ଟର ଦୌଡ଼ରେ ନାହିଁ, ତଥାପି ପୂର୍ବ ରେକର୍ଡକୁ ନଜର ପକାଇଲେ ଓଡ଼ିଶା ବିପକ୍ଷରେ ଏହି ଦଳର ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ରହିଛି। ଏଣୁ ଘରୋଇ ବାରବାଟୀ ଗ୍ରାଉଣ୍ଡରେ ଓଡ଼ିଶା ପାଇଁ ଚଳିତ ସିଜନର ଏହି ମ୍ୟାଚ୍ କର ବା ମର ସଦୃଶ ହୋଇଛି। ବିଜୟ ପଏଣ୍ଟ ହାସଲ କଲେ ହିଁ ଓଡ଼ିଶା ୨ ବର୍ଷର ବ୍ୟବଧାନ ପରେ ପୁଣିଥରେ କ୍ୱାର୍ଟର ଫାଇନାଲରେ ଖେଳିବାକୁ ଯୋଗ୍ୟତା ହାସଲ କରିବ।

ଚଳିତ ସିଜନ ପ୍ରାରମ୍ଭରୁ ଚମତ୍କାର ପ୍ରଦର୍ଶନ ସହ ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିଲା। ହେଲେ ଗତ ୩ଟି ମ୍ୟାଚ୍‌ରେ ଓଡ଼ିଶା ୨ଟି ପରାଜୟର ସମ୍ମୁଖୀନ ହୋଇ କ୍ୱାର୍ଟର ପାଇଁ ସଂଘର୍ଷ କରୁଛି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ଦଳରେ ଏକାଧିକ ଅନ୍ତର୍ଜାତୀୟ ଓ ଆଇପିଏଲ ତାରକା ରହିଛନ୍ତି। ସୌରଭ ତିୱାରୀଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ଦଳରେ ଉତ୍କର୍ଷ ସିଂ, ବିରାଟ ସିଂ, ରାହୁଲ ଶୁକ୍ଲା, ଇଶାଙ୍କ ଜାଗୀ, ଶାହବାଜ ନଦିମ୍, ଇଶାନ କିଷାନ, ବରୁଣ ଆରୋନ୍ ଭଳି ଖେଳାଳି ଅଛନ୍ତି। ଅନ୍ୟପକ୍ଷରେ ଏ ପର୍ଯ୍ୟନ୍ତ ପେସ୍ ବୋଲିଂକୁ ପ୍ରାଧାନ୍ୟ ଦେଇ ଓଡ଼ିଶା ବିଜୟ ପଏଣ୍ଟ ହାସଲ କରିଛି। ବସନ୍ତ ମହାନ୍ତି, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦେବବ୍ରତ ପ୍ରଧାନ ଦଳର ପେସ୍ ଭାର ସୁଚାରୁରୂପେ ସମ୍ଭାଳିଛନ୍ତି। ଓପନର ଶାନ୍ତନୁ ମିଶ୍ର ଓ ଅନୁରାଗ ଷଡ଼ଙ୍ଗୀଙ୍କ ପ୍ରଦର୍ଶନ ଆଶାନୁରୂପ ଭଲ ରହିଛି। ମହାରାଷ୍ଟ୍ର ବିପକ୍ଷରେ ଶତକ ହାସଲ କରି ଗୋବିନ୍ଦ ପୋଦ୍ଦାର ଫର୍ମକୁ ଫେରିବା ଦଳ ପାଇଁ ଆଶ୍ୱସ୍ତି ଆଣିଛି। ବିପ୍ଳବ ସାମନ୍ତରାୟ ଓ ଉଇକେଟକିପର ରାଜେଶ ଧୂପର ମଧ୍ୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି।

"ଘରୋଇ ପରିବେଶରେ ଦଳ ଯାହା ହେଲେ ବି ଜିତିବାକୁ ଲକ୍ଷ୍ୟ ରଖିଛି। ଚଳିତ ସିଜନରେ ଏହି ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦଳର ମନୋବଳ ଦୃଢ଼ ରହିଛି। କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ପାଇଁ ସମସ୍ତ ଚେଷ୍ଟା କରିବୁ ବୋଲି ଶୁଭ୍ରାଂଶୁ କହିଛନ୍ତି।"

### ରାଜେଶ ବାଦ୍

ଝାଡ଼ଖଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଘରୋଇ ଓଡ଼ିଶାକୁ ଶକ୍ତ ଧକ୍କା ଲାଗିଛି। ଚଳିତ ସିଜନରେ ସବୁଠୁ ସଫଳ ବୋଲର ରହିଥିବା ରାଜେଶ ମହାନ୍ତି ଆଘାତଜନିତ ସମସ୍ୟା ଲାଗି ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ମହାରାଷ୍ଟ୍ର ବିପକ୍ଷ ଗତ ମ୍ୟାଚ୍ ଖେଳୁଥିବା ବେଳେ ରାଜେଶ ଆଘାତପ୍ରାପ୍ତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ସେ ଫିଟ୍ ହୋଇ ନ ଥିବା ଫିଜିଓ ଶୁଭକାନ୍ତ ସାହୁ ସୂଚନା ଦେଇଛନ୍ତି।

### ଶେଷ ୫ ମୁକାବିଲା

ଝାଡ଼ଖଣ୍ଡ ବିପକ୍ଷ ଶେଷ ୫ଟି ମୁକାବିଲାରେ ଓଡ଼ିଶା ମାତ୍ର ଗୋଟିଏ ମ୍ୟାଚ ଜିତିଛି। ୨୦୧୩ ସଂସ୍କରଣରେ ଓଡ଼ିଶା ବିଜୟୀ ହୋଇଥିବା ବେଳେ ୨୦୧୬, ୨୦୧୮ ଓ ୨୦୦୪ରେ ଝାଡ଼ଖଣ୍ଡ ମ୍ୟାଚ୍ ଜିତିଥିଲା। ୨୦୦୬ରେ ଖେଳାଯାଇଥିବା ମ୍ୟାଚ୍ ଡ୍ର ରହିଥିଲା।
**ଓଡ଼ିଶା ରଣଜୀ ଦଳ:** ଶୁଭ୍ରାଂଶୁ ସେନାପତି(ଅଧିନାୟକ), ବିପ୍ଳବ ସାମନ୍ତରାୟ(ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଙ୍କିତ ଯାଦବ, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା, ରାଜେଶ ଧୂପର(ଉଭୟ ଉଇକେଟ କିପର), ପପୁ ରାୟ। ରଶ୍ମି ରଞ୍ଜନ ପରିଡ଼ା-କୋଚ୍, ଶୁଭକାନ୍ତ ସାହୁ-ଫିଜିଓ, ମନୋଜ କୁମାର ବିଶ୍ୱାଳ-ଟ୍ରେନର।

## ଆଇସିସି ନିୟମ ଭାଙ୍ଗିଛନ୍ତି ୩ ବାଂଲାଦେଶ ଖେଳାଳି

**ଦୁବାଇ,୧୧।୨:** ଦକ୍ଷିଣ ଆଫ୍ରିକାର ପୋଚେଫ୍‌ଷ୍ଟ୍ରୁମଠାରେ ରବିବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ୩ ବାଂଲାଦେଶୀ ଓ ଦୁଇ ଭାରତୀୟ ଖେଳାଳି ଆଇସିସି କୋଡ୍ ଅଫ୍ କଣ୍ଡକ୍ଟ ଭଙ୍ଗ କରିଛନ୍ତି। ଫାଇନାଲ ଜିତିବା ପରେ ଦୁଇ ଦଳର ଖେଳାଳି ସାମ୍ନାସାମ୍ନି ହୋଇଥିଲେ। ଏଥିନେଇ ବିଶ୍ୱକପ୍ ଚାମ୍ପିୟନ ଅଧିନାୟକ ଆକବର ଅଲି କ୍ଷମାପ୍ରାର୍ଥନା ମଧ୍ୟ କରିଥିଲେ। ବାଂଲାଦେଶ ଖେଳାଳି ମହମ୍ମଦ ତୌହିଦ ହରିଦୟ, ଶାମିମ ହୋସେନ ଓ ରକିବୁଲ ହସନ ଆଇସିସି ଧାରା ୨.୨୧ ଓ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଆକାଶ ସିଂ ଓ ରବି ବିଷ୍ଣୋଇ ଆଇସିସି ଧାରା ୨.୫ ଭଙ୍ଗ କରିଛନ୍ତି। ଅନ୍‌ଫିଲ୍ଡ ଅମ୍ପାୟର ଓ ତୃତୀୟ ଅମ୍ପାୟର ନିୟମ ଭଙ୍ଗ ହୋଇଥିବା ଅଭିଯୋଗ ଆଣିଥିଲେ। ମ୍ୟାଚ୍ ରେଫରି ଗ୍ରେମ ଲାବରୁଇଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ ୫ ଖେଳାଳି ଗ୍ରହଣ କରିନେଇଛନ୍ତି। ହ୍ରିଦୟ ୧୦, ଆକାଶ ୮ ଓ ହୋସେନ ୪ ସସ୍‌ପେନଶନ ପଏଣ୍ଟ ଦିଆଯାଇଛି। ଫାଇନାଲରେ ଭାରତୀୟ ଦଳ ପାଇଁ ସବୁଠୁ ସଫଳ ପ୍ରଦର୍ଶନ କରିଥିବା ବିଷ୍ଣୋଇ ମ୍ୟାଚ୍‌ରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସ୍ଲେଜିଂ କରିବା ସହ ଖରାପ ଇଙ୍ଗିତ କରିଥିଲେ। ଏଥିଯୋଗୁ ତାଙ୍କୁ ୨ ଅଧିକ ସସପେନଶନ ପଏଣ୍ଟ ମିଳିଛି। ଖେଳାଳିଙ୍କୁ ମିଳିଥିବା ସସପେନଶନ ପଏଣ୍ଟ ସେମାନଙ୍କ ଆଗାମୀ ଜୁନିୟର ବର୍ଗର ଅନ୍ତର୍ଜାତୀୟ ମ୍ୟାଚ୍ କିମ୍ବା ସିନିୟର ସ୍ତରରେ ଖେଳିଲାବେଳେ ବ୍ୟବହାର ହେବ।

## ସ୍ୱନାମୀ ପ୍ରିମିୟର ଲିଗ୍: ଟେନିସ୍ ଷ୍ଟାର କ୍ଲବ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଟେନିସ୍ ଷ୍ଟାର୍ କ୍ଲବ୍।

**ଭୁବନେଶ୍ୱର,୧୧।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଏଠାରେ ଅନୁଷ୍ଠିତ ସ୍ୱନାମୀ ପ୍ରିମିୟର ଲିଗ୍‌ରେ ଟେନିସ୍ ଷ୍ଟାର କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଟେନିସ୍ ଷ୍ଟାର କ୍ଲବ୍ ଓ ପ୍ୟାଶନ କ୍ଲବ ପରସ୍ପରକୁ ଭେଟିଥିଲେ। ଏଥିରେ ବିଜୟୀ ହୋଇ ଟେନିସ ଷ୍ଟାର ବାଜି ମାରିଛି। ପ୍ରଥମେ ବ୍ୟାଟିଂ କରି ପ୍ୟାଶନ ୬ ଓଭରରେ ୫ ଉଇକେଟ ହରାଇ ୪୩ ରନ ସଂଗ୍ରହ କରିଥିଲା। ଜବାବରେ ଟେନିସ୍ ଷ୍ଟାର ପକ୍ଷରୁ ଖଟୁଆ ଓ ରାକେଶ ଯଥାକ୍ରମେ ୧୮ ଓ ୧୪ ରନ କରିଥିଲେ ଓ ଦଳ ୪୪ ରନ କରି ବିଜୟୀ ହୋଇଥିଲା। ଖଟୁଆ ଟୁର୍ନାମେଣ୍ଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ରାକା ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଏଥି ସହିତ ୟୁନିଟ ୪ ଅଞ୍ଚଳର ଦୁଇ ପ୍ରତିଭାସମ୍ପନ୍ନ ଯୁବକଙ୍କୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ରଶ୍ମି ରଞ୍ଜନ ମୁଦୁଲିଙ୍କ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।

## ଇଂଲଣ୍ଡ ଦଳକୁ ଫେରିଲେ ଫୋକ୍ସ, ଜେନିଙ୍ଗ୍ସ

**ଲଣ୍ଡନ, ୧୧।୨ (ଏଏଫପି):** ଶ୍ରୀଲଙ୍କା ଟୁର୍ ପାଇଁ ଇଂଲଣ୍ଡ ଟେଷ୍ଟ ଦଳକୁ ଏକ ବର୍ଷ ବ୍ୟବଧାନରେ ପ୍ରତ୍ୟାବର୍ତ୍ତନ କରିଛନ୍ତି ବେନ୍ ଫୋକ୍ସ ଏବଂ କିଟନ ଜେନିଙ୍ଗ୍ସ। ୧୨ ମାସ ପୂର୍ବେ ୱେଷ୍ଟଇଣ୍ଡିଜ ଟୁର୍ ପରେ ଲାଙ୍କାଶାୟାର ଓପନର ଜେନିଙ୍ଗ୍ସ ଏବଂ ସରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଫୋକ୍ସ ଦଳରୁ ବାଦ୍ ପଡ଼ିଥିଲେ। ଇଂଲଣ୍ଡ ତରଫରୁ ୧୭ ଥର ପ୍ରତିନିଧିତ୍ୱ କରିସାରିଥିବା ଜେନିଙ୍ଗ୍ସ ତାଙ୍କର ଉଭୟ ଟେଷ୍ଟ ଶତକ ଉପମହାଦେଶରେ ହାସଲ କରିଛନ୍ତି। ଅନ୍ୟପରେ ୨୦୧୮ରେ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡର କ୍ଲିନ ସୁଇପ୍ ବିଜୟରେ ଫୋକ୍ସ ପ୍ଲେୟର ଅଫ୍ ଦି ସିରିଜ ହୋଇଥିଲେ। ଫୋକ୍ସ ୫ ଟେଷ୍ଟ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ୨୦୧୮ ନଭେମ୍ବରରେ ଗାଲେଠାରେ ତାଙ୍କ ପ୍ରଥମ ଟେଷ୍ଟ ବିଜୟର ସଫଳତା ହାସଲ କରିଥିଲେ। ଏହି ମ୍ୟାଚରେ ସେ ଏକ ଚମତ୍କାର ଶତକ ହାସଲ କରିଥିଲେ। ଇଂଲଣ୍ଡର ରେକର୍ଡ ଉଇକେଟ ହାସଲକାରୀ ବୋଲର ଜେମ୍ସ ଆଣ୍ଡରସନ ଏପର୍ଯ୍ୟନ୍ତ ଆଘାତଜନିତ ସମସ୍ୟାରୁ ମୁକୁଳି ନ ଥିବାରୁ ଟୁର୍‌ରେ ସାମିଲ ହୋଇପାରିବେ ନାହିଁ। ଗତବର୍ଷ ବିଶ୍ୱକପ୍ ପରଠାରୁ ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଥିବା ଜୋସ୍ ବଟଲରଙ୍କୁ ଚୟନକର୍ତ୍ତାମାନେ ଆଉ ଏକ ସୁଯୋଗ ଦେଇଛନ୍ତି।

## ବାଂଲାଦେଶ ସଫଳତା ପଛରେ ଜାଫର

**ନୂଆଦିଲ୍ଲୀ,୧୧।୨**



ସଦ୍ୟ ସମାପ୍ତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବାଂଲାଦେଶ ଫାଇନାଲରେ ଗତଥରର ଚାମ୍ପିୟନ ଭାରତକୁ ପରାସ୍ତ କରି ପ୍ରଥମଥର ପାଇଁ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛି। ତେବେ ବାଂଲାଦେଶ ଜୁନିୟର ଦଳର ଏହି ସଫଳତା ପଛରେ ଜଣେ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ତଥା ହାତ ରହିଛି ଓ ଏକଥା ଖୁବ୍ କମ୍ ଲୋକ ଜାଣିଥିବେ। ସେ ହେଉଛନ୍ତି ଡେମୋଷ୍ଟିକ୍ ହେଭିୱେଟ୍ ତଥା ପୂର୍ବତନ ଭାରତୀୟ ଓପନର ୱାସିମ ଜାଫର।

୨୦୧୯ରେ ୧୯ ବର୍ଷରୁ କମ ବାଂଲାଦେଶ ଦଳ ଜାଫରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିଲା। ସେ ଏହି ବର୍ଷ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ର ହାଇ-ପରଫରମାନ୍ସ ବ୍ୟାଟିଂ କୋଚ ଭାବେ ନିଯୁକ୍ତ ହୋଇଥିଲେ। ଜାଫର ତାଙ୍କ କାର୍ଯ୍ୟକାଳରେ ବହୁ କ୍ରିକେଟରଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଚାମ୍ପିୟନ ବାଂଲାଦେଶ ଦଳର ଅଧିନାୟକ ଆକବର ଅଲି ଓ ଶାହାଦାତ ହୋସେନ ଭଳି ଉଦୀୟମାନ କ୍ରିକେଟର। ଚାମ୍ପିୟନ ହେବା ପରେ ବାଂଲାଦେଶ ଦଳକୁ ଜାଫର ଅଭିନନ୍ଦନ ଜଣାଇଛନ୍ତି। ବାଂଲାଦେଶ ଏକ ଅସାଧାରଣ ସଫଳତା ହାସଲ କରିଛି ବୋଲି ସେ କହିଛନ୍ତି। ଆକବର ଅଲିଙ୍କ ସହ କାର୍ଯ୍ୟ କରିଛି। ସେ ଫାଇନାଲରେ ଭାରତ ବିପକ୍ଷରେ ଧୈର୍ଯ୍ୟପୂର୍ଣ୍ଣ ତଥା ନିର୍ଣ୍ଣାୟକ ବ୍ୟାଟିଂ କରିଥିଲେ। ଅତୀତରେ ମଧ୍ୟ ସେ ଦଳ ପାଇଁ ଉପଯୋଗୀ ବ୍ୟାଟିଂ କରିଛନ୍ତି ବୋଲି ଜାଫର କହିଛନ୍ତି। ଏହି ବାଂଲାଦେଶ ଦଳର ବହୁ ସଦସ୍ୟ ଜାଫରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଶାହାଦାତ ହୋସେନ ଓ ନାଓରୋଜ ନବିଲ। ଭାରତ ଫେଭରାଇଟ ବିବେଚିତ ହେଉଥିଲେ ମଧ୍ୟ ବାଂଲାଦେଶ ସବୁ ବିଭାଗରେ ଭଲ ପ୍ରଦର୍ଶନ କରି ବାଜି ମାରିଥିଲା। ଆକବର ପୂର୍ବରୁ ୧୪ ଓ ୧୬ ବର୍ଷରୁ କମ୍ ଦଳର ମଧ୍ୟ ସଫଳତାର ସହ ନେତୃତ୍ୱ ନେଇଛନ୍ତି। ସେ ଅଧିକାଂଶ ସମୟ ନେତୃତ୍ୱ ନେଇଛନ୍ତି। ଆଗକୁ ଯେତେ ଖେଳିବେ ସେ ସେତେ ଅଭିଜ୍ଞତା ହାସଲ କରିବେ। ଦଳର ପ୍ରାୟ ସବୁ ସଦସ୍ୟ ମୋ ସହିତ କାର୍ଯ୍ୟକରି ପ୍ରଶିକ୍ଷଣ ନେଇଛନ୍ତି ବୋଲି ଜାଫର କହିଛନ୍ତି। ପ୍ରାୟ ସବୁ ଖେଳାଳିଙ୍କୁ ଅତି ନିକଟରୁ ଦେଖିଛି। ସବୁ ବୟସ ବର୍ଗରେ ଏହି ଖେଳାଳିମାନେ କ୍ରିକେଟ ଖେଳି ଆସିଛନ୍ତି। ସେମାନଙ୍କ ମଧ୍ୟରେ ଭଲ ବୁଝାମଣା ରହିଛି। ଏହା ଏକ ପ୍ରତିଭାସମ୍ପନ୍ନ ଦଳ। ବାଂଲାଦେଶ କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ ଓ ଦଳର ସଫଳତାରେ ବହୁତ ଖୁସି ବୋଲି ଜାଫର କହିଛନ୍ତି।

ଜାଫର ଭାରତ ପାଇଁ ୩୧ଟି ଟେଷ୍ଟ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସବୁ ଫର୍ମାଟରେ ସେ ଭାରତ ପାଇଁ ୧୯୫୪ ରନ ସଂଗ୍ରହ କରିଛନ୍ତି। ଟେଷ୍ଟରେ ମଧ୍ୟ ସେ ଏକ ଦ୍ୱିଶତକ ହାସଲ କରିଛନ୍ତି। ସେ ଜଣେ ଉଚ୍ଚକୋଟୀର ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିଲେ। ତେବେ ସ୍ଥିର ପ୍ରଦର୍ଶନ କରି ନ ପାରିବା କାରଣରୁ ସେ ଜାତୀୟ ଦଳରୁ ବାଦ୍ ପଡିଥିଲେ। ଘରୋଇ କ୍ରିକେଟରେ ସେ ଅସାଧାରଣ ପ୍ରଦର୍ଶନ କରିଛନ୍ତି। ୨୬୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୫୭ଟି ଶତକ ଓ ୯୧ଟି ଅର୍ଦ୍ଧଶତକ ସହିତ ସେ ୧୯,୪୧୦ ରନ ସଂଗ୍ରହ କରିଛନ୍ତି। ରଣଜୀ ଟ୍ରଫିରେ ସେ ସର୍ବକାଳୀନ ସର୍ବାଧିକ ସ୍କୋରର ମାନ୍ୟତା ମଧ୍ୟ ପାଇଛନ୍ତି।

## ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ସହ ୧୨ ପଦକ



ପ୍ରମାଣପତ୍ର ଓ ପଦକ ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୧୧।୨(ସ୍ପୋର୍ଟ୍ସ ବ୍ୟୁରୋ)**

ମହାରାଷ୍ଟ୍ରର ନାସିକ୍‌ରେ ଗତ ୭ରୁ ୧୦ ତାରିଖ ମଧ୍ୟରେ ଚତୁର୍ଥ ପେନ୍‌କାକ ସିଲାଟ ଫେଡେରେଶନ କପ୍ ୨୦୨୦ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯ଟି ରାଜ୍ୟରୁ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ପେନ୍‌କାକ ସିଲାଟ ଆସୋସିଏଶନ ଅଫ୍ ଓଡ଼ିଶାର ୨୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ୩ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ୍ ପଦକ ଜିତିଥିଲେ। ଟେଣ୍ଡିଂ ଫାଇଟ ଇଭେଣ୍ଟରେ ଓଡ଼ିଶାର ଅନଖା ରଞ୍ଜନ, କ୍ରିତିକା ତ୍ରିପାଠୀ ଓ ଅଭିଷେକ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଟେଣ୍ଡିଂ ଫାଇଟ ଇଭେଣ୍ଟରେ ଅନିଶ ଶର୍ମା, ଯସମିନ ଗ୍ରେୱାଲ, ଦିବ୍ୟ କିଶୋର ମହାପାତ୍ର, ସିଦ୍ଧାର୍ଥ ମେହେର ଓ ପ୍ରିତେ କର ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଟେଣ୍ଡିଂ ଫାଇଟ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ଖେଳାଳିମାନେ ହେଲେ ଆକାଶ କୁମାର, ଶୀତଳ ପିପ୍‌ଲାନୀ, ଆଶୁତୋଷ ସିଂ ଓ ଆଶୁତୋଷ ନାୟକ। ଏହି ପ୍ରତିଯୋଗିତାରେ ପେନକାକ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପ୍ପାଙ୍କୁ ବେଷ୍ଟ ରେଫରିଶିପ୍ ପାଇଁ ପୁରସ୍କୃତ କରାଯାଇଥିଲା। କୋଚ୍ ଆଶୁତୋଷ ନାୟକ, ମ୍ୟାନେଜର ଆଶା ଶର୍ମାଙ୍କ ସହିତ ପ୍ରେମ୍ ସିଂ ଓଡ଼ିଶା ଦଳ ସହ ନାସିକ ଯାତ୍ରା କରିଥିଲେ। ଓଡ଼ିଶା ଦଳକୁ ଆସୋସିଏଶନ ସଭାପତି ସୁରଜ ଲାମା, ଉପ- ସଭାପତି ରବୀନ୍ଦ୍ର ଚୌଧୁରୀ, ଅଶୋକ ମିଶ୍ର, ଅରବିନ୍ଦ ବାରିକ ଓ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

**ଚତୁର୍ଥ ପେନ୍‌କାକ ସିଲାଟ ଫେଡେରେଶନ କପ୍**

## ଭୋଟପଡ଼ା କିଙ୍ଗ୍ସ ଇଲେଭେନ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଭୋଟପଡ଼ା ଦଳ।

**ଭୁବନେଶ୍ୱର, ୧୧।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଭୋଟପଡ଼ା ପ୍ରିମିୟର ଲିଗ୍ ଟି୨୦ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ବି ବ୍ଲକ୍ ଡାଇମଣ୍ଡକୁ ହରାଇ ଜେଏମ୍‌ଡି ଭୋଟପଡ଼ା କିଙ୍ଗ୍ସ ଇଲେଭେନ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଅରୂପ ପଟ୍ଟନାୟକ, ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ବିଜେଡି ସଭାପତି ଅମରେଶ ଜେନା, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପାତ୍ର, ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ କୁମାର ମହାନ୍ତି, ସମୀର ପ୍ରଧାନ, ସୂର୍ଯ୍ୟକାନ୍ତି ଜେନା, ଭୋଟପଡ଼ା କ୍ଲବ ସଭାପତି ଦିଲୀପ ନାୟକ ଉପସ୍ଥିତ ରହିଥିଲେ।



“ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ ଦଳ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଦକ୍ଷତା ପ୍ରଦର୍ଶନ କରିବା ଯୁବ ଖେଳାଳିଙ୍କ ପାଇଁ ଏକ ବଡ଼ ସୁଯୋଗ ।

–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



“ଖରାପ ବୋଲିଂ ଓ ଫିଲ୍ଡିଂ ଯୋଗୁ ହିଁ ଆମେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ୍‌ରେ ମୂଳପୋଛ ହୋଇଯାଇଛୁ ।

–ବିରାଟ କୋହଲି, ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ଚାପେଲଙ୍କ ରେକର୍ଡ ଭାଙ୍ଗିଲେ ଶ୍ରେୟାସ

**ମାଉଣ୍ଟ ମଙ୍ଗନୁଇ,୧୧।୨:** ଫର୍ମରେ ଥିବା ଭାରତୀୟ ବ୍ୟାଟ୍ସମ୍ୟାନ ଶ୍ରେୟାଶ ଆୟାର ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ସ୍ଥାନୀୟ ବେ' ଓଭାଲଠାରେ ମଙ୍ଗଳବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସେ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହାଦ୍ୱାରା ଆୟାର ବର୍ତ୍ତମାନ ତାଙ୍କ ୧୬ଟି ମ୍ୟାଚରେ ୮ ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ହାସଲ କରିଛନ୍ତି। ତାଙ୍କ ଆଭରେଜ ୪୯ରୁ ଅଧିକ ରହିଛି। ବଲ୍ ପିଛା ରନରେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ଅଧିକ ରହିଛି। ଆୟାର ତାଙ୍କ ସଦ୍ୟ ଅର୍ଦ୍ଧଶତକ ଦ୍ୱାରା ଅଷ୍ଟ୍ରେଲିଆର ଇଆନ ଚାପେଲଙ୍କୁ ଅତିକ୍ରମ କରି ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ବର୍ତ୍ତମାନ ଏହି ଭାରତୀୟ ଡାହାଣହାତି ବ୍ୟାଟ୍ସମ୍ୟାନଙ୍କର ଅନ୍ତର୍ଜାତୀୟ ଦିନିକିଆରେ ଇନିଂସ ପିଛା ୫୦ରୁ ଅଧିକ ରନ ସଂଗ୍ରହ କରିବା ହାର ସବୁଠାରୁ ଅଧିକ। ସେ ୫୦ ଓଭର ଫର୍ମାଟରେ ୧୬ଟି ଇନିଂସରେ ୯ଥର ୫୦ରୁ ଅଧିକ ରନ ସଂଗ୍ରହ କରିପାରିଛନ୍ତି। ତାଙ୍କର ଅର୍ଦ୍ଧଶତକ ହାସଲର ହାର ୫୬.୨୫ ପ୍ରତିଶତ ରହିଛି। ପୂର୍ବରୁ ଏହି ରେକର୍ଡ ଚାପେଲଙ୍କ ନାମରେ ରହିଥିଲା। ସେ ୧୬ଟି ଇନିଂସରେ ୮ ଅର୍ଦ୍ଧଶତକ ହାସଲ କରିଥିଲେ। **ଅର୍ଦ୍ଧଶତକ ହାସଲରେ ସର୍ବୋଚ୍ଚ ହାର (ସର୍ବନିମ୍ନ ୧୦ ଇନିଂସ):** ୧. ଶ୍ରେୟାସ ଆୟାର (ଭାରତ): ୫୬.୨ (୯/୧୬)।୨. ଇଆନ ଚାପେଲ (ଅଷ୍ଟ୍ରେଲିଆ): ୫୦.୦ (୮/୧୬)। ୩. ଆକିବ ଇଲିଆସ (ଓମାନ) ୫୦.୦ (୫/୧୦)। ୪. ଅଂଶୁମାନ ରଥ (ହଂକଂ): ୪୪.୫ (୮/୧୮)। ୫. ରସି ଭାନ୍ ଡର ଡୁସେନ (ଦକ୍ଷିଣ ଆଫ୍ରିକା)।

### ପଞ୍ଚମ ସ୍ଥାନରେ ରାହୁଲ ସବୁଠୁ ସଫଳ




**ମାଉଣ୍ଟ ମଙ୍ଗନୁଇ,୧୧।୨:** ଭାରତୀୟ ଦଳର ଉଇକେଟକିପର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ବ୍ୟାଟିଂ କ୍ରମର ଯେକୌଣସି ସ୍ଥାନରେ ଭଲ ପ୍ରଦର୍ଶନ କରୁଛନ୍ତି। ଏପରି କି ଟିମ୍ ଇଣ୍ଡିଆରେ ତାଙ୍କୁ ବ୍ୟାକ ଅପ୍ ଓପନର ଭାବେ ବ୍ୟବହାର କରାଯାଏ। କିନ୍ତୁ ସେ ବର୍ତ୍ତମାନ ଖେଳୁଥିବା ପଞ୍ଚମ ସ୍ଥାନରେ ସବୁଠୁ ସଫଳ। ସେ ଏଯାବତ ୫ ଥର ବ୍ୟାଟିଂ କ୍ରମର ପଞ୍ଚମ ସ୍ଥାନରେ ଖେଳିସାରିଛନ୍ତି। ଏଥିରେ ସେ ୪୨୯ ରନ୍ କରିସାରିଛନ୍ତି। ତାଙ୍କ ସ୍କୋର ଯଥାକ୍ରମେ ୧୦୨, ୪୭, ୮୦, ୮୮* ଓ ଏହି ମ୍ୟାଚ୍‌ରେ ୧୧୨ ରନ୍ କରିଛନ୍ତି। ଦେଶର ଦ୍ୱିତୀୟ ବ୍ୟାଟ୍ସମ୍ୟାନ ଭାବେ ୫ମ କ୍ରମରେ ନ୍ୟୁଜିଲାଣ୍ଡରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ସୁରେଶ ରାଇନା ୨୦୧୫ ବିଶ୍ୱକପ୍‌ରେ ଅକ୍‌ଲାଣ୍ଡଠାରେ ଜିମ୍ବାୱେ ବିପକ୍ଷରେ ୧୧୦* ରନ୍ କରିଥିଲେ।

### ଇଣ୍ଡିଆନ ଆରୋଜ-ନେରୋକା ମ୍ୟାଚ ଡ୍ର

**ଇମ୍ଫାଲ, ୧୧।୨ (ପି.ଟି.):** ନ୍ୟାଶନାଲ ଫୁଟ୍‌ବଲ ଫେଡେରେଶନ ଡେଭଲପମେଣ୍ଟ ଟିମ୍ ଇଣ୍ଡିଆନ ଆରୋଜ ଏବଂ ନେରୋକା ମଧ୍ୟରେ ମଙ୍ଗଳବାର ଖେଳାଯାଇଥିବା ଏକ ଆଇ-ଲିଗ୍ ମ୍ୟାଚ୍ ଗୋଲଶୂନ୍ୟ ଡ୍ର' ଭାବେ ଶେଷ ହୋଇଛି। ଖୁମାନ ଲାମ୍ପାକ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ନେରୋକା ଦଳ ବହୁ ଗୋଲ ଦେବାର ସୁଯୋଗ ସୃଷ୍ଟି କରି ମଧ ବିଫଳ ହୋଇଥିଲା। ମଙ୍ଗଳବାର ଫଳାଫଳକୁ ନେଇ ନେରୋକା ସମାନ ସଂଖ୍ୟକ ମ୍ୟାଚରୁ ୧୨ ପଏଣ୍ଟ ସହ ଟେବୁଲର ୮ମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଆରୋଜ ୧୧ଟି ମ୍ୟାଚରୁ ୮ ପଏଣ୍ଟ ଅର୍ଜନ କରି ସର୍ବନିମ୍ନ ସ୍ଥାନରେ ରହିଛି। ପ୍ରଥମାର୍ଦ୍ଧ ଖେଳ ସେତେଟା ଆକର୍ଷଣୀୟ ହୋଇପାରି ନ ଥିଲା। ଇଣ୍ଡିଆନ ଆରୋଜ ପ୍ରଥମାର୍ଦ୍ଧ ଖେଳର ୫୨ ପ୍ରତିଶତ ସମୟ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦଳ ଗୋଲପୋଷ୍ଟକୁ ୭ଥର ଶଟ୍ ମାରିଥିଲା। ତନ୍ମଧ୍ୟରେ ଥରେ ଟାର୍ଗେଟ କରିଥିଲା,ତାହା ପୁଣି ୪୨ତମ ମିନିଟ୍‌ରେ ଆୟୁଷ ଅଧିକାରୀଙ୍କ ଜରିଆରେ। ହେଲେ ନେରୋକା ଅଧିନାୟକ ମାର୍ଭିନ ଡେଭନ ଫିଲିପ୍ ଏହାୟି ଉଦ୍ୟମକୁ ପଣ୍ଡ କରିଦେଇଥିଲେ।

# ୩୧ ବର୍ଷ ପରେ ଭାରତର ହ୍ୱାଇଟ୍‌ୱାଶ

- ରାହୁଲଙ୍କ ଶତକ ବେକାର
- ନ୍ୟୁଜିଲାଣ୍ଡ ୫ ଉଇକେଟରେ ବିଜୟୀ
- ନିକୋଲ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍
- ଟେଲର ପ୍ଲେୟାର ଅଫ୍ ଦି ସିରିଜ୍



ସିରିଜ୍ ବିଜୟ ପରେ ଟ୍ରଫି ସହ ନ୍ୟୁଜିଲାଣ୍ଡ ଦଳ।

**ମାଉଣ୍ଟ ମଙ୍ଗନୁଇ, ୧୧।୨(ପି.ଟି.)**

ଦୀର୍ଘ ୩୧ ବର୍ଷ ପରେ ଭାରତୀୟ କ୍ରିକେଟ ଦଳ ଦିନିକିଆ ସିରିଜ ହ୍ୱାଇଟ୍‌ୱାଶ୍‌ର ସମ୍ମୁଖୀନ ହୋଇଛି। ପାଖାପାଖି ତିନି ଦଶନ୍ଧି ପରେ ଭାରତ କୌଣସି ୩ କିମ୍ବା ଊର୍ଦ୍ଧ୍ୱ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ସବୁ ମ୍ୟାଚ୍ ହାରି ଏକ ଅଲୋଡା ରେକର୍ଡ ଅଧିକାରୀ ହୋଇଛି। ଖରାପ୍ ବୋଲିଂ ଓ ଫିଲ୍ଡିଂ ଭାରତ ପାଇଁ ପୁଣି ଥରେ ମହଙ୍ଗା ସାବ୍ୟସ୍ତ ହୋଇଛି। ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୭ଟି ବଲ ବାକି ରଖି ୫ ଉଇକେଟରେ ଭାରତକୁ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ୩-୦ରେ ସିରିଜ କ୍ଲିନ୍ ସୁଇପ୍ କରିଛି। ଏହା ପୂର୍ବରୁ ଭାରତ ଶେଷଥର ପାଇଁ ୧୯୮୯ରେ ୱେଷ୍ଟଇଣ୍ଡିଜଠାରୁ ଦିନିକିଆ ସିରିଜ ୫-୦ରେ ପରାସ୍ତ ହୋଇ ହ୍ୱାଇଟ୍‌ୱାଶର ସମ୍ମୁଖୀନ ହୋଇଥିଲା। ୫ ଦିନ ତଳେ ଭାରତ ଟି୨୦ ସିରିଜରେ ନ୍ୟୁଜିଲାଣ୍ଡକୁ ୫-୦ରେ ପରାସ୍ତ କରିଥିଲା। ଏବେ ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛି ନ୍ୟୁଜିଲାଣ୍ଡ।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇ କରି ଭାରତ ଲୋକେଶ ରାହୁଲଙ୍କ ଶତକ (୧୧୨ ରନ, ୧୧୩ ବଲ, ୯ ଚୌକା, ୨ ଛକା) ଓ ଶ୍ରେୟାସ ଆୟାରଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୯୬ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୭.୧ ଓଭରରେ ୫ ଉଇକେଟ ହରାଇ ୩୦୦ ରନକରି ବିଜୟୀ ହୋଇଥିଲା। ୮୦ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିବା ଓପନର ହେନେରୀ ନିକୋଲ୍ସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିବା ରସ୍ ଟେଲର ପ୍ଲେୟାର ଅଫ୍ ଦି ସିରିଜ ହୋଇଛନ୍ତି। ଏହାପରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ୨୧ ତାରିଖରୁ ୱେଲିଂଟନରେ ଆରମ୍ଭ ହେବ। ତେବେ ଏହାପୂର୍ବରୁ ହାମିଲଟନରେ ୧୪ ତାରିଖରୁ ଏକ ୩ ଦିନିକିଆ ଅଭ୍ୟାସ ମ୍ୟାଚ୍ ଖେଳାଯିବ।

୨୯୭ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ପାଇଁ ଓପନର ମାର୍ଟିନ ଗୁପ୍ଟିଲ ଓ ନିକୋଲ୍ସ ପ୍ରଥମ ଉଇକେଟରେ ୯୯ ବଲରୁ ୧୦୬ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ସ୍ପିନର ଯୁଜବେନ୍ଦ୍ର ଚହଲ ଗୁପ୍ଟିଲଙ୍କୁ ବୋଲ୍ଡ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଗୁପ୍ଟିଲ ୬ ଚୌକା ଓ ୪ ଛକା ସହ ୪୬ ବଲରୁ ୬୬ ରନ ସଂଗ୍ରହ କରିଥିଲେ। ଏହାପରେ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ କେନ୍ ୱିଲିୟମସନ ୨୨ ରନ କରିଥିବା ବେଳେ ଚହଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଟେଲର (୧୨ ରନ୍) କିନ୍ତୁ ଏଥର ବଡ଼ ସ୍କୋର ହାସଲ କରି ନ ଥିଲେ। ନିକୋଲ୍ସ ୮୦ ରନ କରିଥିବା ବେଳେ ଶାର୍ଦ୍ଦୂଲ ଠାକୁରଙ୍କ ବଲ୍‌ରେ ଉଇକେଟ କିପର ରାହୁଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଜେମ୍ସ ନିଶାମ ୧୯ ରନ କରିଥିବା ବେଳେ ମିଡ୍ ଉଇକେଟରେ କୋହଲିଙ୍କୁ ସିଧା କ୍ୟାଚ୍ ଦେଇ ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ଏହାପରେ ଷଷ୍ଠ ଉଇକେଟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ଓ ଅଲରାଉଣ୍ଡର କଲିନ୍ ଡି ଗ୍ରାଣ୍ଡହୋମ୍ ୪୬ ବଲର ଧୂଆଁଧାର ଅପରାଜିତ ୮୦ ରନ ସଂଗ୍ରହ କରି ଦଳକୁ ଜିତାଇବା ସହ ଭାରତକୁ ନିରାଶ କରିଥିଲେ। ଗ୍ରାଣ୍ଡହୋମ ୨୮ ବଲରୁ ୬ ଚୌକା ଓ ୩ ଛକା ସହ ୫୮ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ଲଥାମ ୩୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଚହଲ ସର୍ବାଧିକ ୩, ଠାକୁର ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ ଏବଂ କୋହଲିଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୧ ରନ କରି ମୟଙ୍କ ପ୍ରଥମେ କାଏଲ ଜେମିସନଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ ଓ ଭାରତକୁ ପ୍ରାରମ୍ଭିକ ଝଟକା ଲାଗିଥିଲା। ୪୦ ରନ କରି ପୃଥ୍ୱୀ ରନ୍ ଆଉଟ ହେବା ପରେ କୋହଲି ପୁଣି ଥରେ ବିଫଳ ହୋଇ ମାତ୍ର ୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରାହୁଲ ଓ ଆୟାର ଚତୁର୍ଥ ଉଇକେଟରେ ୧୦୦ ରନକରି ସ୍ଥିତି ସମ୍ଭାଳିଥିଲେ। ତେବେ ଆୟାର ୬୩ ବଲରୁ ୯ ଚୌକା ସହ ୬୨ ରନ କରି ନିଶାମଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏହାପରେ ରାହୁଲ ୧୧୨ ରନର ଶତକୀୟ ପାଳି ଖେଳି ହମିଶ ବେନେଟଙ୍କ ଶିକାର ହୋଇଥିଲେ। ମନୀଷ ପାଣ୍ଡେ ୪୨ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ବୋଲିଂରେ ବେନେଟ ସର୍ବାଧିକ ୪ ଉଇକେଟ ନେଇଥିଲେ।

**(୩+ ଦିନିକିଆ) ସିରିଜରେ ଭାରତର ହ୍ୱାଇଟ୍‌ୱାଶ**

| | | |
|---|---|---|
| ୦-୫ | ବନାମ ୱେଷ୍ଟଇଣ୍ଡିଜ | ୧୯୮୩/୮୪ |
| ୦-୫ | ବନାମ ୱେଷ୍ଟଇଣ୍ଡିଜ | ୧୯୮୮/୮୯ |
| ୦-୩ | ବନାମ ନ୍ୟୁଜିଲାଣ୍ଡ | ୨୦୧୯/୨୦ |
| ୦-୪ | ବନାମ ଦକ୍ଷିଣ ଆଫ୍ରିକା | ୨୦୦୬/୦୭ |

(ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁ ବାତିଲ)

**ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ସର୍ବାଧିକ ସଫଳ ଚେଜ୍**

| | | |
|---|---|---|
| ୩୪୮ | ହାମିଲଟନ | ୨୦୨୦ |
| ୨୯୭ | ମାଉଣ୍ଟ ମଙ୍ଗନୁଇ | ୨୦୨୦ |
| ୨୮୧ | ମୁମ୍ବାଇ | ୨୦୧୭ |
| ୨୭୯ | ହାମିଲଟନ | ୨୦୧୪ |

## ସ୍କୋର ବୋର୍ଡ

**ଭାରତ ଇନିଂସ**
ପୃଥ୍ୱୀ ଶ'-ରନ ଆଉଟ-୪୦
ମୟଙ୍କ-ବୋ-ଜେମିସନ-୧
କୋହଲି-କ-ଜେମିସନ-ବୋ-ବେନେଟ୍-୯
ଆୟାର-କ-ଗ୍ରାଣ୍ଡହୋମ୍-ବୋ-ନିଶାମ-୬୨
ରାହୁଲ-କ-ଜେମିସନ-ବୋ-ବେନେଟ୍-୧୧୨
ପାଣ୍ଡେ-କ-ସାଣ୍ଟନର-ବୋ-ବେନେଟ-୪୨
ଜାଡେଜା- ନଟଆଉଟ-୮
ଶାର୍ଦ୍ଦୂଳ-କ-ଗ୍ରାଣ୍ଡହୋମ୍-ବୋ-ବେନେଟ-୭
ସଇନି-ନଟଆଉଟ-୮
ଅତିରିକ୍ତ-୭
ମୋଟ: ( ୫୦ ଓଭର, ୭ ଉଇକେଟ) ୨୯୬।
**ଉଇକେଟ ପତନ:** ୧/୮, ୨/୩୨, ୩/୬୨, ୪/୧୬୨, ୫/୨୬୯, ୬/୨୬୯, ୭/୨୮୦।
**ବୋଲିଂ (ନ୍ୟୁଜିଲାଣ୍ଡ)**
ସୌଦି ୯-୦-୫୯-୦
ଜେମିସନ ୧୦-୦-୫୩-୧
ବେନେଟ ୧୦-୧-୬୪-୪
ଗ୍ରାଣ୍ଡହୋମ୍ ୩-୦-୧୦-୦
ନିଶାମ ୮-୦-୫୦-୧
ସାଣ୍ଟନର ୧୦-୦-୫୯-୦।

**ନ୍ୟୁଜିଲାଣ୍ଡ ଇନିଂସ**
ଗୁପ୍ଟିଲ-ବୋ-ଚହଲ-୬୬
ନିକୋଲ୍ସ-କ-ରାହୁଲ-ବୋ-ଶାର୍ଦ୍ଦୂଳ-୮୦
ୱିଲିୟମସନ-କ-ମୟଙ୍କ-ବୋ-ଚହଲ-୨୨
ଟେଲର-କ-କୋହଲି-ବୋ-ଜାଡେଜା-୧୨
ଲଥାମ-ନଟଆଉଟ-୩୨
ନିଶାମ-କ-କୋହଲି-ବୋ-ଚହଲ-୧୯
ଗ୍ରାଣ୍ଡହୋମ୍-ନଟଆଉଟ-୫୮
ଅତିରିକ୍ତ-୧୧
ମୋଟ (୪୭.୧ ଓଭର, ୫ ଉଇକେଟ) ୩୦୦।
**ଉଇକେଟପତନ:** ୧/୧୦୬, ୨/୧୫୯, ୩/୧୮୬, ୪/୧୮୯, ୫/୨୨୦।
**ବୋଲିଂ (ଭାରତ)**
ବୁମ୍‌ରା ୧୦-୦-୫୦-୦
ସଇନି ୮-୦-୬୮-୦
ଚହଲ ୧୦-୧-୪୭-୩
ଶାର୍ଦ୍ଦୂଳ ୯.୧-୦-୮୭-୧
ଜାଡେଜା ୧୦-୦-୪୫-୧।

## ଜାତୀୟ ଦୁଃସାହସିକ ଉତ୍ସବରେ ଆଶା ସମ୍ମାନିତ

**ଭୁବନେଶ୍ୱର, ୧୧।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଣ୍ଡିଗଡ଼ରେ ଫେବୃୟାରୀ ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୨୬ତମ ଜାତୀୟ ଦୁଃସାହସିକ କ୍ରୀଡ଼ା ମହୋତ୍ସବରେ ଓଡ଼ିଶାର ସର୍ବପୁରାତନ ଅନୁଷ୍ଠାନ ଆଶା ସମ୍ମାନିତ ହୋଇଛି। ୪୨ ଜଣିଆ ଓଡ଼ିଶା ଦଳର ନେତୃତ୍ୱ ନେଇଥିବା ଚିନ୍ମୟ ମହାରଣା ଓ ଦୁଃସାହସିକ କ୍ରୀଡ଼ାବିତ୍ ଅଭିଲିପ୍‌ସା ଜେନାଙ୍କୁ ଶ୍ରେଷ୍ଠ ଅଂଶଗ୍ରହଣକାରୀ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ଆଶାର ସମ୍ପାଦକ ଏଭରେଷ୍ଟର୍ ଗଣେଶ ଚନ୍ଦ୍ର ଜେନା ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ସମ୍ମାନିତ ହୋଇଛନ୍ତି। ଏହି ବାର୍ଷିକ ଦୁଃସାହସିକ କ୍ରୀଡ଼ା ମହୋତ୍ସବରେ ସ୍ନୋ ସ୍କି, ଟ୍ରେକିଂ, ରିଭର ରାପ୍‌ଟିଂ, ରକ୍ କ୍ଲାଇମ୍ବିଂ ଆଦି ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଅଢ଼େଇ ଦଶନ୍ଧି ଧରି ଓଡ଼ିଶାରୁ ଆଶା ଏଥିରେ ଅଂଶଗ୍ରହଣ କରିଆସୁଛି।



ଗଣେଶ ଜେନା (ଡାହାଣ)।

## ବିବାଦରେ ପାକିସ୍ତାନ କ୍ରିକେଟର ଶାଦବ






ଶାଦବ ଖାନ୍ ଓ ଅର୍ଶିନା ସାଫିଆ।

**ଦୁବାଇ, ୧୧।୨:** ପାକିସ୍ତାନ କ୍ରିକେଟର ଶାଦବ୍ ଖାନ୍ ବିବାଦ ଘେରକୁ ଚାଲି ଆସିଛନ୍ତି। ଜଣେ ମହିଳାଙ୍କୁ ବ୍ଲାକମେଲ୍ କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋକୁ ସୋସିଆଲ ମିଡିଆରେ ଭାଇରଲ୍ କରିଦେବାକୁ ଧମକ ଦେଇଥିବା ଅଭିଯୋଗ ଶାଦବଙ୍କ ନାମରେ ଆସିଛି। ଶାଦବଙ୍କ ନାମରେ ଏହିଭଳି ସଙ୍ଗିନ ଅଭିଯୋଗ ଆଣିଥିବା ମହିଳା ଜଣକ ହେଉଛନ୍ତି ଦୁବାଇର ଅର୍ଶିନା ସାଫିଆ। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ମାର୍ଚ୍ଚରେ ଉଭୟ ପରସ୍ପରକୁ ଭେଟିଥିଲେ। ଏହାପରେ ଆଇସିସି ବିଶ୍ୱକପ୍ ସମୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ଏପରିକି ୨୧ ବର୍ଷୀୟ ଶାଦବଙ୍କ ସହ ବିଭିନ୍ନ ଦେଶରେ ଅନୁଷ୍ଠିତ ଟି୨୦ ଲିଗ୍ ଦେଖିବାକୁ ଯାଇଥିବା ସାଫିଆ ଦାବି କରିଛନ୍ତି। କିନ୍ତୁ ଯେତେବେଳେ ଜଣେ ପାକିସ୍ତାନ ଖବରଦାତା ଉଭୟ ଏକାଠି ବୁଲୁଥିବାର ଏକ ଫଟୋ ଉଠାଇ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ ସେବେଠାରୁ ଶାଦବ୍ ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲେ। ସାଫିଆଙ୍କ କହିବା ଅନୁଯାୟୀ, ଉଭୟଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ବାହାରେ ପ୍ରକାଶ ନ କରିବା ସହ ସେ କେବଳ ତାଙ୍କ ଫ୍ୟାନ୍ ଥିଲେ ବୋଲି ବାହାରେ କହିବାକୁ କହିଥିଲେ। ନଚେତ୍ ମୋର ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋକୁ ସୋସିଆଲ ମିଡିଆରେ ଛାଡ଼ି ଦେବାକୁ ଶାଦବ ଧମକ ଦେଇଥିଲେ ବୋଲି ସାଫିଆ ଉଲ୍ଲେଖ କରିଛନ୍ତି।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ ଆଜି

**ମେଲବୋର୍ନ, ୧୧।୨ (ପି.ଟି.)**




ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଂ ଓ ଭାରତର ହରମନପ୍ରୀତ୍ କୌର୍।

ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ଟି୨୦ ତ୍ରି-ରାଷ୍ଟ୍ରୀୟ ସିରିଜର ଫାଇନାଲରେ ଆୟୋଜକ ଅଷ୍ଟ୍ରେଲିଆ ବୁଧବାର ଭାରତକୁ ଭେଟିବ। ଏହି ପ୍ରତିଯୋଗିତାରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମୋଟ୍ ୪ ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଫାଇନାଲକୁ ପ୍ରବେଶ କରିଛି। ନିଜର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୭ ଉଇକେଟ୍‌ରେ ପରାସ୍ତ କରିଥିବାରୁ ଭାରତ ଏହି ପ୍ରଦର୍ଶନକୁ ଫାଇନାଲରେ ଦୋହରାଇବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଘରୋଇ ଅଷ୍ଟ୍ରେଲିଆ ମଧ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଥିଲା। ତୃତୀୟ ଦଳ ଭାବେ ଅଂଶଗ୍ରହଣ କରିଥିବା ଇଂଲଣ୍ଡ ୪ ପଏଣ୍ଟ ପାଇଥିଲେ ମଧ ରନ୍‌ରେଟ୍ ଆଧାରରେ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି। ଉଲ୍ଲେଖନୀୟ କଥା ହେଉଛି ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫେବୃୟାରୀ ୨୧ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଅଷ୍ଟ୍ରେଲିଆ ଓ ଭାରତ ପରସ୍ପରକୁ ଭେଟିବେ।

ପ୍ରତିଯୋଗିତାରେ ଦୁର୍ବଳ ବ୍ୟାଟିଂ ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରଥମ ୩ଟି ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଫେଲ୍ ମାରିଥିଲା। କିନ୍ତୁ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ଅଷ୍ଟ୍ରେଲିଆକୁ ୭ ଉଇକେଟ୍‌ରେ ପରାସ୍ତ କରିବାରେ ସଫଳ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୧୭୩ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ଭାରତ ୧୯.୪ ଓଭରରେ ହାସଲ କରିନେଇଥିଲା। ୧୬ ବର୍ଷୀୟା ଶେଫାଳି ବର୍ମା (୪୯ ରନ, ୨୮ ବଲ୍) ଓ ସ୍ମୃତି ମାନ୍ଧନା (୫୫ ରନ, ୪୮ ବଲ)ଙ୍କ ଉପଯୋଗୀ ଇନିଂସ ଭାରତକୁ ଜିତାଇବାରେ ସହାୟକ ହୋଇଥିଲା। ଫାଇନାଲରେ ମଧ ଏହି ଭଳି ବ୍ୟାଟିଂ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି। ଜେମିମା ରୋଡ୍ରିଗ୍ୱେଜ (୩୦ ରନ, ୧୯ ବଲ୍) ମଧ ଏହି ମ୍ୟାଚ୍‌ରେ ଭଲ ବ୍ୟାଟିଂ କରିଥିଲେ। ସେହିଭଳି ପ୍ରତିଯୋଗିତା ସାରା ପ୍ରଭାବୀ ବୋଲିଂ କରିଥିବା ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକୱାଡ ମଧ ଅଷ୍ଟ୍ରେଲୀୟ ବ୍ୟାଟ୍ସଓମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ବେଥ୍ ମୁନୀ, ଆସଲେ ଗାର୍ଡନର, ଏଲିସେ ପେରୀ, ଅଧିନାୟିକା ମେଗ୍ ଲାନିଂଙ୍କ ପରି ପ୍ରାରମ୍ଭିକ ବ୍ୟାଟ୍ସଓମ୍ୟାନଙ୍କୁ ନେଇ ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍ ଅପ୍ ବେଶ୍ ଶକ୍ତିଶାଳୀ। ଗାର୍ଡନର ଭାରତ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୫୭ ବଲରୁ ୯୩ ରନର ମାରାଥନ ଇନିଂସ ଖେଳିଥିଲେ ମଧ ତାହା ବୃଥା ଯାଇଥିଲା। ଦୁଇ ଦଳର ବ୍ୟାଟିଂ ଲାଇନ୍ ଅପ୍ ଦୃଢ଼ ଥିବାରୁ ଫାଇନାଲ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ମହିଳା ଟି୨୦ ତ୍ରି-ରାଷ୍ଟ୍ରୀୟ ସିରିଜ**
ମ୍ୟାଚ୍ ଆରମ୍ଭ
ସକାଳ ୮ଟା ୧୦
ପ୍ରସାରଣ
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ବାବାଜୀ ଚରଣ ଗଜେନ୍ଦ୍ର
ବରଗଡ଼, ଭୁବନେଶ୍ୱର
ଆବିର୍ଭାବ: ୨୫.୦୪.୧୯୫୪
ତିରୋଧାନ: ୦୨.୦୨.୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିଭଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ
ପୁତ୍ର-କୃଷ୍ଣଚନ୍ଦ୍ର ଗଜେନ୍ଦ୍ର, ବିକ୍ରମ କିଶୋର ଗଜେନ୍ଦ୍ର ଏବଂ ଗଜେନ୍ଦ୍ର ପରିବାର ବର୍ଗ
ଧ-୧୬୬୬୨

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଦାସ
ଆବିର୍ଭାବ: ୧୭।୦୧।୧୯୩୭
ତିରୋଧାନ: ୦୨।୦୨।୨୦୨୦
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ପରିବାରର କେନ୍ଦ୍ରବିନ୍ଦୁ ଥିଲେ ଆପଣ। ବିନା ମେଘରେ ବଜ୍ରପାତ ପରି ଆମ୍ଭମାନଙ୍କ ଜୀବନରୁ ଭଗବାନ ଆପଣଙ୍କୁ ନେଇଗଲେ। ଆମକୁ ଲାଗୁଛି ଆପଣ ଆମ ନିକଟରେ ରହିଛନ୍ତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିତି ଆଦର୍ଶ, ଧୈର୍ଯ୍ୟ, ପରୋପକାର, କର୍ତ୍ତବ୍ୟନିଷ୍ଠ ଆମକୁ ସଦା ସର୍ବଦା ଦିଗ୍‌ଦର୍ଶନ ଦେଉଥିବ, ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ। ଆଜି ଏକାଦଶାହ ପାଳନ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାର:** ପତ୍ନୀ: ଚାନ୍ଦମଣୀ, ପୁତ୍ର: ବାବି, ବାପୁନି, ବୁଟୁ, ଭ୍ରାତା: ବୁନା, ବୁଲୁ, ଭଗିନୀ: କନକ, ବୋହୂ: ଅଳି, ରାନୁ, ଝିଅ: ସୁଜାତା, ନମିତା, ମମତା, ନିବେଦିତା, ନାତି: ଟୁଲୁ, ପାକା, ଚିଣ୍ଟୁ, ତପୁ, ନାତୁଣୀ: ଇଲୁ, କାଜଲ ଓ ଅନ୍ୟାନ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୬୬୫୮




# ଗୁଣାତ୍ମକ ଶିକ୍ଷା ଉପରେ ସଂସ୍କୃତି ବିଶ୍ୱବିଦ୍ୟାଳୟର ଗୁରୁତ୍ୱ

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

**ଅଧ୍ୟକ୍ଷ ସମ୍ମିଳନୀ**

- ୱେବ୍‌ସାଇଟକୁ ଅପ୍-ଟୁ-ଡେଟ୍ ରଖିବାକୁ ସହବନ୍ଧିତ ମହାବିଦ୍ୟାଳୟକୁ ନିର୍ଦ୍ଦେଶ
- ପ୍ଲେସମେଣ୍ଟ ସେଲ୍, ସ୍ପୋର୍ଟସ ମିଟ୍ କରିବାକୁ ପ୍ରସ୍ତାବ
- ଷ୍ଟୁଡେଣ୍ଟ ସପୋର୍ଟ ସିଷ୍ଟମ ଗଠନ କରିବାକୁ ଗୁରୁତ୍ୱ

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହବନ୍ଧିତ ମହାବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନଗୁଡ଼ିକର ଅଧ୍ୟକ୍ଷମାନଙ୍କ ଏକ ସମ୍ମିଳନୀ ମଙ୍ଗଳବାର ବିଶ୍ୱବିଦ୍ୟାଳୟର ମଦନପୁର କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ନେତୃତ୍ୱରେ ଏହା ହେଉଛି ପ୍ରଥମ ଅଧ୍ୟକ୍ଷ ସମ୍ମିଳନୀ। ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଉନ୍ନତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଗୁଣାତ୍ମକ ଶିକ୍ଷାର ମୂଲ୍ୟାଙ୍କନ କରିବା, ଇଣ୍ଟରନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ଗଠନ କରିବା, ମହାବିଦ୍ୟାଳୟଗୁଡ଼ିକର ୱେବ୍‌ସାଇଟକୁ ଅପ୍-ଟୁ-ଡେଟ୍ ରଖିବା ଏବଂ ଠିକ୍ ସମୟରେ ସମସ୍ତ ତଥ୍ୟ ସମୟାନୁକ୍ରମେ ପ୍ରକାଶିତ ହେବା, ଜାତୀୟ ସେବା ସଂସ୍ଥା ମାଧ୍ୟମରେ ସେବାମୂଳକ କାର୍ଯ୍ୟକ୍ରମ କରିବା, ପ୍ଲେସମେଣ୍ଟ ସେଲ୍ ଗଠନ କରିବା, ବାର୍ଷିକ କ୍ରୀଡ଼ା ଉତ୍ସବ ଏବଂ ସ୍ପୋର୍ଟସ ମିଟ୍‌ର ଆୟୋଜନ କରିବା, ସାଂସ୍କୃତିକ ଯୁବ ଉତ୍ସବ କରିବା, ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ଷ୍ଟୁଡେଣ୍ଟ ସପୋର୍ଟ ସିଷ୍ଟମ ଗଠନ କରିବା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଉଦ୍ୟମ କରାଯିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ମନୋଜ କୁମାର ଦାସ ପରୀକ୍ଷା ସମ୍ବନ୍ଧୀୟ ବିଭିନ୍ନ ନିୟମାବଳୀକୁ ଆଲୋଚନା କରି ତାହା କିପରି ବାସ୍ତବରେ କାର୍ଯ୍ୟକାରୀ ହୋଇପାରିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ବିତ୍ତ ନିୟନ୍ତ୍ରକ ରାଜେଶ ମହାନ୍ତ ପରୀକ୍ଷା ପରିଚାଳନା, ଜାତୀୟ ସେବା ଯୋଜନା ଏବଂ ଦେୟପୈଠ କରାଯିବା ସମ୍ବନ୍ଧରେ ଚାଲୁ ରହିଥିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ମତ ଦେଇଥିଲେ। ଏ ସମ୍ବନ୍ଧରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଦୃଷ୍ଟିଗୋଚର ହେଲେ ତୁରନ୍ତ ସମାଧାନ କରାଯିବ ବୋଲି ସେ କହିଥିଲେ। ଅଧ୍ୟକ୍ଷ ସମ୍ମିଳନୀରେ ୪୨ ସହବନ୍ଧିତ ମହାବିଦ୍ୟାଳୟ ଏବଂ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଯୋଗଦେଇଥିଲେ। ଅଧ୍ୟକ୍ଷମାନେ ବିଭିନ୍ନ ସମୟରେ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି, କୁଳସଚିବ, ବିତ୍ତ ନିୟନ୍ତ୍ରକ ଏବଂ ପରୀକ୍ଷା ନିୟନ୍ତ୍ରକ ଏହି ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହ ତାହାର ସମାଧାନ ଦିଗରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଅନନ୍ତ ବିଜୟ ପଟ୍ଟନାୟକ ସମ୍ମିଳନୀକୁ ପରିଚାଳନା କରିବା ସହ ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ, ସହବନ୍ଧିତ ମହାବିଦ୍ୟାଳୟର କର୍ମକର୍ତ୍ତା, ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଚକ୍ରଧର ବେହେରା, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।



ବିଶ୍ୱବିଦ୍ୟାଳୟର ମଦନପୁର କ୍ୟାମ୍ପସରେ ଅନୁଷ୍ଠିତ ଅଧ୍ୟକ୍ଷମାନଙ୍କ ସମ୍ମିଳନୀ।

# ନନ୍ଦନକାନନରେ ବଳିଆକୁକୁର ମୃତ

**ବାରଙ୍ଗ,୧୧।୨(ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନର ୯୧ନଂ. ଏନକ୍ଲୋଜରରେ ରହୁଥିବା ମାଈ ବଳିଆକୁକୁରର ମଙ୍ଗଳବାର ମୃତ୍ୟୁ ଘଟିଛି। ଉକ୍ତ ମାଈ ବଳିଆକୁକୁର ସୋମବାର ଠିକ୍ ଭାବେ ଖାଦ୍ୟ ଗ୍ରହଣ କରିବା ସହ ବୁଲାବୁଲି କରୁଥିବାବେଳେ ହଠାତ ତାର ମୃତ୍ୟୁ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ୨୧ଜୁନ ୨୦୧୮ରେ ମିଜୋରାମର ଆଇଜଲ ଚିଡିଆଖାନାରୁ ହଳେ ବଳିଆକୁକୁର ଉପହାରରେ ନନ୍ଦନକାନନକୁ ଆସିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ନିଜସ୍ୱ ଖର୍ଚ୍ଚରେ ବଳିଆକୁକୁରଙ୍କୁ ନନ୍ଦନକାନନକୁ ଆଣିଥିଲେ। ଏବେ ନନ୍ଦନକାନନରେ ଗୋଟିଏ ଅଣ୍ଡିରା ବଳିଆ କୁକୁର ରହିଛି।

# ଦୁଇ ଫୋଡ଼ାକୁମ୍ଭ ବୁଣାକାରଙ୍କୁ 'ବୟନ ସମ୍ମାନ'

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ବୟନିକା ପକ୍ଷରୁ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳାରେ ମଙ୍ଗଳବାର ଦୁଇ ଫୋଡ଼ାକୁମ୍ଭ ଶାଢ଼ି ବୁଣାକାରଙ୍କୁ ବୟନ ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ବରଗଡ଼ ଜିଲା ବରପାଲିର କ୍ଷେତ୍ରମୋହନ ମେହେର ଓ ରେମଣ୍ଡାର ଜୀବର୍ଦ୍ଧନ ମେହେର। କ୍ଷେତ୍ରମୋହନ ଦୀର୍ଘ ୬ ଦଶନ୍ଧି ଧରି ଓଡ଼ିଶାର ହସ୍ତତନ୍ତ ସହ ଜଡ଼ିତ ଥିବାବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପୁରସ୍କାର ପାଇଛନ୍ତି। ଗତବର୍ଷ ସେ ଭାରତ ସରକାରଙ୍କ ପକ୍ଷରୁ ସନ୍ଥ କବୀର ପୁରସ୍କାର ହାସଲ କରିଛନ୍ତି। ସେହିଭଳି ଜୀବର୍ଦ୍ଧନ ଫୋଡ଼ାକୁମ୍ଭର ଜଣେ ଉତ୍ସର୍ଗୀକୃତ ବୁଣାକାର। ୩୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଦେବାଙ୍ଗନ ତନ୍ତୁବାୟ ସମିତିର ଜଣେ ସକ୍ରିୟ ବୁଣାକାରଭାବେ କାର୍ଯ୍ୟ କରିଆସୁଛନ୍ତି। ଫୋଡ଼ାକୁମ୍ଭ ଡିଜାଇନ୍ ଶାଢ଼ିରେ ଦେହ ରଙ୍ଗ ଅପେକ୍ଷା ଧଡ଼ି ରଙ୍ଗ ଗାଢ଼ ଓ ପରିଷ୍କାର ଦେଖାଯାଉଥିବାରୁ ଏହାକୁ ସଲିଡ୍ ଧଡ଼ିଯୁକ୍ତ ଶାଢ଼ି କୁହାଯାଏ। ଓଡ଼ିଶାର ଇକ୍କତ, ଟସର, ବମକାଇ ଏବଂ କୋଟପାଡ଼ ଶାଢ଼ିରେ ଫୋଡ଼ାକୁମ୍ଭ ଧଡ଼ିର ଚାହିଦା ବେଶ୍ ଅଧିକ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିମଳ ନାଟ୍ୟ ସଂସଦ ଦ୍ୱାରା ମୋଗଲ ତାମ୍‌ସା ନାଟକ ପରିବେଷିତ ହୋଇଥିଲା।



For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799766329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଡି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 8448389695.
ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ: ବାବା ମୋଟର୍ସ - 9238551897. ବାଲୁଗାଁ: ମହାମାୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍‌ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍‌ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରଜା ଅଟୋମୋବାଇଲ୍‌ସ - 9937018532. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7978560171. ସୋରୋ: ଟୁଲକିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଫେବୃୟାରୀ, ୨୦୨୦



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ବର୍ନାଡ ଶ



## ସଂକ୍ଷେପରେ

### ବାଲି ବୋଝେଇ ଟ୍ରାକ୍ଟର ଜବତ, ଜରିମାନା ଆଦାୟ

**ନିଶ୍ଚିନ୍ତକୋଇଲି,୧୧।୨(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ତହସିଲ ଅଧୀନ ଚିତ୍ରୋତ୍ପଳା ନଦୀର ଦାଉଦପୁର ଓ ନଗସପୁର ଅଞ୍ଚଳରୁ ମଙ୍ଗଳବାର ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଏନେଇ ଗାଡି ମାଲିକଠାରୁ ତହସିଲଦାର ଜିତେନ୍ଦ୍ର ପାତ୍ର ୧୦,୧୦୫ ଟଙ୍କା ଜରିମାନା ଆଦାୟ କରିଛନ୍ତି। ବେଆଇନ ବାଲି ମାଫିଆମାନେ ଚିତ୍ରୋତ୍ପଳା ନଦୀରୁ ସକାଳୁ ଚୋରା ବାଲି ଚାଲାଣ କରୁଥିଲେ। କୌଣସିସୂତ୍ରରୁ ଖବରପାଇ ତହସିଲଦାର ପାତ୍ର ଏକ ବାଇକ୍ ଯୋଗେ ନଗସପୁର ଯାଇ ଏକ ବାଲି ବୋଝେଇ ଟ୍ରାକ୍ଟର (ନଂ- ଓଡି୦୫ଇ୨୭୮୨) ଜବତ କରିଛନ୍ତି। ଏହାପରେ ପଛରେ ଆସୁଥିବା ଏକାଧିକ ବାଲି ବୋଝେଇ ଟ୍ରାକ୍ଟର ଛତ୍ରଭଙ୍ଗ ଦେଇ ପଳାଇଯାଇଥିଲେ। ତହସିଲଦାରଙ୍କ ଏଭଳି ପଦକ୍ଷେପ ନେଇ ବାଲିମାଫିଆଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି।

### ମାତୃପୂଜନ ସମ୍ମିଳନୀ

**ବଡମ୍ବା,୧୧।୨(ଡି.ଏନ୍.ଏ):** ବଡମ୍ବାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ମଙ୍ଗଳବାର ଏକ ମାତୃପୂଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଉପସ୍ଥିତ ମା'ମାନଙ୍କୁ ପୁଷ୍ପ ଓ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ମାନସୀ ମରୀ ସେଠୀ ଏଥିରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ରଣା, ସହକାରୀ ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରକାଶଚନ୍ଦ୍ର ମତଗଜସିଂହ ଓ ସିଆରସିସି ବୈଦ୍ୟନାଥ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ, ବନଜା ସିଂ, ଭାଗ୍ୟଲକ୍ଷ୍ମୀ ସାହୁ, ପ୍ରିତୀ ପ୍ରିୟଦର୍ଶିନୀ, ମୋନାଲିସା ବେହେରା, ସରୋଜିନି ସାହୁ, ଶିକ୍ଷକ ବିଶ୍ୱମୋହନ ବଳିଆରସିଂହ ଓ ଦାଶରଥୀ ସାମନ୍ତରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୋପମଥୁରା ଗଜଲକ୍ଷ୍ମୀ ପୂଜା
### ଜମୁଛି ବାଦୀ ଭାଗବତ ପ୍ରତିଯୋଗିତା

**ବଡମ୍ବା,୧୧।୨ (ଡି.ଏନ୍.ଏ):** ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ଗ୍ରାମରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଉତ୍ସବ ମଙ୍ଗଳବାର ଷଷ୍ଠ ଦିବସରେ ପହଞ୍ଚିଛି। ଏହି ଅବସରରେ ପ୍ରତିଦିନ ବାଦୀ ଭାଗବତ ପ୍ରତିଯୋଗିତା ଆୟୋଜନ କରାଯାଉଛି। ବାରବାଟୀ ଭାଗବତ ମଣ୍ଡଳୀ ନରସିଂହପୁର ଓ ନୂଆମଙ୍ଗରାଜପୁର ଭାଗବତ ମଣ୍ଡଳୀ ବଡମ୍ବା ମଧ୍ୟରେ ମଙ୍ଗଳବାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗଜଲକ୍ଷ୍ମୀ ପୂଜାକମିଟି କର୍ମକର୍ତ୍ତା ସଭାପତି ରବି ନାରାୟଣ ସ୍ୱାଇଁ, ସମ୍ପାଦକ ମଣ୍ଟୁ ନାୟକ ଓ ଉପଦେଷ୍ଟା ଗୋବର୍ଦ୍ଧନ ନାୟକ, ପ୍ରହ୍ଲାଦ ମହାନ୍ତି, କାଶିନାଥ ମହାନ୍ତି ଓ ଟହଲ ରବୀନ୍ଦ୍ର ରାଉତ ପ୍ରମୁଖ ପରିଚାଳନା କରିଥିଲେ ଏହି ପ୍ରତିଯୋଗିତା ଦେଖିବାପାଇଁ ବହୁ ଭାଗବତପ୍ରେମୀଙ୍କ ସମାଗମ ହୋଇଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଛତୁଆ ଯୋଗାଣ

**ବାଙ୍କୀ,୧୧।୨ (ସ୍ୱ.ପ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ କଡ଼ାମଲ୍ଲ ଗ୍ରାମସ୍ଥିତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଛତୁଆ ଯୋଗାଣ ହୋଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ନିମନ୍ତେ ସେମାନେ ମଙ୍ଗଳବାର ଚେତାବନୀ ଦେଇଛନ୍ତି। ଗ୍ରାମର କଡ଼ାମଲ୍ଲ ଅଙ୍ଗନୱାଡି କେନ୍ଦ୍ର, ପାଣିଗ୍ରାହୀପୁର ପାଟଣା ଅଙ୍ଗନୱାଡି କେନ୍ଦ୍ର ଓ କଡ଼ାମଲ୍ଲ ଆଦିବାସୀସାହି କେନ୍ଦ୍ରରେ ଛତୁଆ ବଣ୍ଟନ ହୋଇଥିଲା। ମାତ୍ର ଦିଆଯାଇଥିବା ଛତୁଆ ପ୍ୟାକେଟରୁ ବାଲି, ଖଦଡ଼ା, କରତ ଗୁଣ୍ଡ ଆଦି ବାହାରୁଥିବା ବେଳେ ଗମରା ଗନ୍ଧ ହେଉଛି। ସେହିପରି ବାଦାମ୍ ପ୍ୟାକେଟ୍‌ରେ ଫିମ୍ପି ଲାଗିଛି। ଏପରି ଖାଦ୍ୟ ପିଲା ଓ ଗର୍ଭବତୀ ମହିଳା ସେବନ କରିବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ହେବାର ଆଶଙ୍କା ରହିଛି। ଏନେଇ ୪ ଫେବୃୟାରୀ ୨୦୨୦ରେ ଅଭିଭାବକମାନେ ବ୍ଲକ ମହିଳା ଶିଶୁ ବିକାଶ ଅଧିକାରିଣୀ ରୂପାଲି ମିତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏନେଇ ଅଭିଭାବକ ବିରଞ୍ଚି ସାମଲ ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏ ସମ୍ପର୍କରେ ମହିଳା ଶିଶୁ ବିକାଶ ଅଧିକାରିଣୀ ମିତ୍ର କହିଛନ୍ତି, ଅଭିଯୋଗ ମିଳିଛି। ଅନୁଧ୍ୟାନ ପରେ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଫିମ୍ପି ମାରିଥିବା ବାଦାମ।



ପୋକ ଲାଗିଥିବା ଛତୁଆ।

- ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ
- ପ୍ୟାକେଟରୁ ବାହାରୁଛି ଗମରା ଗନ୍ଧ, ବାଲି ଓ କରତ ଗୁଣ୍ଡ
- ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ

# ଦନ୍ତାହାତୀ ଉପଦ୍ରବରେ ଧାନ ଫସଲ ନଷ୍ଟ



ହାତୀ ନଷ୍ଟ କରିଥିବା ସାମଗ୍ରୀ ଓ ଆସବାବପତ୍ର।

**ଆଠଗଡ, ୧୧।୨(ସ୍ୱ.ପ୍ର )**

### କ୍ଷତିପୂରଣ ଦାବି

ଆଠଗଡ଼ ବନାଞ୍ଚଳ ଅନ୍ତର୍ଗତ ଉଦୟପୁର ଗ୍ରାମରେ ଦନ୍ତାହାତୀ ଉପଦ୍ରବରେ ବ୍ୟାପକ ଧାନଫସଲ ନଷ୍ଟ ହୋଇଛି। ଏନେଇ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଉଦୟପୁର ଗ୍ରାମରେ ରବିବାର ବିଳମ୍ବିତ ରାତ୍ରିରେ ଢ଼େଙ୍କାନାଳ ବନଖଣ୍ଡ କପିଳାସ ଜଙ୍ଗଲରୁ ୨ ଦନ୍ତାହାତୀ ୫୫ନଂ ଜାତୀୟ ରାଜପଥ ଅତିକ୍ରମ କରି ଆସିଥିଲେ। ଉଭୟ କୁଲାଇଲୋ, ତରସିଂହ ଅଞ୍ଚଳ ଦେଇ ଉଦୟପୁର ଗ୍ରାମରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିବା ସହ ଗ୍ରାମ ମଧ୍ୟରେ ଥିବା ବିଜୟ କୁମାର ସାମଲଙ୍କର ଘର ନିକଟକୁ ଆସି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏଥିସହ ତାଙ୍କ ଘର ଦାଣ୍ଡରେ ଥିବା ୭ କୁଇଣ୍ଟାଲ ଧାନ ଖାଇ ନଷ୍ଟ କରିଦେବା ସହ ନିକଟରେ ଥିବା ଘର ଆସବାବପତ୍ର ଭାଙ୍ଗି ଦେଇଥିଲେ । ରାତିରେ ହାତୀଙ୍କ ଯୋଗୁ ଗ୍ରାମରେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା । ଭୋରହେବା ପୂର୍ବରୁ ହାତୀଗୁଡ଼ିକ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ। ଏନେଇ ବିଜୟଙ୍କ ସହ ଗ୍ରାମବାସୀ ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କ ଉଦ୍ଦେଶ୍ୟରେ ବନାଞ୍ଚଳ ଅଧିକାରୀ ଆୟେସା ଅକ୍ତରୀ ନିଶାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଧାନ ଅମଳ ସମୟ ଥିଲାବେଳେ ବଣୁଆ ହାତୀଙ୍କ ଉପଦ୍ରବ ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିପଡ଼ିଛି ବୋଲି ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଗ୍ରାହକଙ୍କୁ ମେଳାରେ ସାମିଲ କରାଯାଉ: ଆଇନ ମନ୍ତ୍ରୀ




ଶିଳ୍ପ ଓ ବାଣିଜ୍ୟ ମେଳାରେ ଯୋଗଦେଇଥିବା ଅତିଥିମାନେ।

**କଟକ ଅଫିସ, ୧୧।୨**

### ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳା

ଓଡ଼ିଶାରେ ବାଣିଜ୍ୟ କାରବାର ପ୍ରଥମେ କଟକରୁ ଆରମ୍ଭ ହୋଇଥିଲା। ଏହି ମାଟିରେ ହେଉଥିବା ମେଳା ସ୍ୱତନ୍ତ୍ର। ଏଭଳି ମେଳା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀଙ୍କୁ ଉତ୍ସାହିତ କରିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଥିବା ଗ୍ରାହକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉ। ସେମାନଙ୍କୁ ଆମର ଉତ୍ପାଦ ବିଷୟରେ ଅବଗତ କରାଇଲେ ବାଣିଜ୍ୟିକ କ୍ଷେତ୍ରରେ ଉନ୍ନତି କରିପାରିବା ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। କଟକ ବାଲିଯାତ୍ରା ଉପରପଡିଆରେ ଏମ୍ଏସ୍ଏମଇ ବିଭାଗ ଏବଂ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳାରେ ମଙ୍ଗଳବାର ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ନିଆଳି ବିଧାୟକ ଡ. ପ୍ରମୋଦ ମଲ୍ଲିକ କହିଥିଲେ, ରାଜ୍ୟରେ ବାଣିଜ୍ୟ କାରବାର କ୍ଷେତ୍ରରେ କଟକର ଅବଦାନ ଅତୁଳନୀୟ। ଏହି କାରବାରର ଇତିହାସ କଟକ ସହରର ପ୍ରତ୍ୟେକ ସ୍ଥାନରେ ରହିଛି। ଯାହାର ଉଦାହରଣ ହେଉଛି କଟକ ବାଲିଯାତ୍ରା। ସବୁ ସମୟରେ କଟକରେ ବ୍ୟବସାୟ ଚାଲିଥାଏ ବୋଲି ବିଧାୟକ ମଲ୍ଲିକ କହିଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସା, ସମ୍ପାଦକ ଭିକାରି ଦାସ ଓ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ସନ୍ଧ୍ୟାରେ କଲିକତାର ଫ୍ରିକ୍ସନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ସତ୍ୟଜିତ୍ ଓ ପ୍ରିୟା ସଙ୍ଗୀତ ପରିବେଷଣ କରିଥିଲେ। ଓଆଇଏର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫୁଲ୍ଲ ସିଂ ଧନ୍ୟବାଦ ଦେଇଥିଲେ। ଏଥିରେ ଉପସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ଏମ୍ଏସ୍ଏମ୍ଇ ବିଭାଗର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଯୁବଗୋଷ୍ଠୀଙ୍କ ପକ୍ଷରୁ ବାଦୀପାଲା

**ଟିଗିରିଆ, ୧୧।୨(ଡି.ଏନ୍.ଏ.)**

ଟିଗିରିଆର ବ୍ଲକ ପାଞ୍ଚଗାଁସ୍ଥିତ ସାମାଜିକ ସାଂସ୍କୃତିକ କେନ୍ଦ୍ରରେ ମଙ୍ଗଳବାର ସନ୍ଧ୍ୟାରୁ ବାଦୀପାଲା ଆରମ୍ଭ ହୋଇଛି। ପାଞ୍ଚଗାଁ ଦଧିବାମନଜୀଉ ବିଦ୍ୟାପୀଠର ପୁରାତନ ବିଦ୍ୟାର୍ଥୀ ଓ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ୩ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ବାଦୀପାଲା ଫୁଲନଖରା ଅଞ୍ଚଳର ପାଲାଗାୟକ ଯୁଧିଷ୍ଠିର ପରିଡାଙ୍କ ଗୋଷ୍ଠୀ ଓ କୋଣାର୍କ ଅଞ୍ଚଳର ପାଲା ଗାୟକ ଲକ୍ଷ୍ମୀଧର ଦାଶଙ୍କ ଗୋଷ୍ଠୀ ମଧ୍ୟରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଲା ଗାୟକ ଆଦିତ୍ୟ କୁମାର ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପାଞ୍ଚଗାଁ ପଞ୍ଚାୟତ ସରପଞ୍ଚ ନିରୂପମା ଦାଶ, ସମିତିସଭ୍ୟା ଅନୁପମା ସ୍ୱାଇଁ, ଦଧିବାମନଜୀଉ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳ ଓ ବିଶିଷ୍ଟ ବଂଶୀବାଦକ ଦୁଃଶାସନ ସ୍ୱାଇଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସରୋଜ କୁମାର ଦାଶ ଯୋଗଦେଇଥିଲେ। ନରେଶ କୁମାର ମହାପାତ୍ର ସଭା ପରିଚାଳନା କରିଥିଲାବେଳେ ଅନ୍ୟ ସମସ୍ତ ଯୁବଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉପଜିଲାପାଳଙ୍କ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ବାଙ୍କୀ,୧୧।୨ (ସ୍ୱ.ପ୍ର.)**

ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ମାସିକିଆ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ପରିଚାଳନା କରିଥିଲେ। ସେ ଉପଖଣ୍ଡର ସରକାରୀ କାର୍ଯ୍ୟକୁ ସମୀକ୍ଷା କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବାଙ୍କୀ ଓ ଡମପଡ଼ାର ଜମିଜମା, ଲିଜ୍, ବିକାଶ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପର୍କରେ ଆରଆଇ ଓ ତହସିଲଦାରଙ୍କ ସହ ଆଲୋଚନା ହୋଇଥିଲା। ବର୍ତ୍ତମାନ ମୋ ସରକାର ଓ ୫-ଟି ଚାଲିଥିବା ବେଳେ ସମସ୍ତେ ସ୍ୱଚ୍ଛତାର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ପଦ୍ମଚରଣ ସାହୁ, ସହକାରୀ ଜିଲାପାଳ ବିଜୟ କୁମାର ସାହୁ, ଦେବଦତ୍ତ ଦାସ ଓ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡମପଡ଼ାରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖୋଲିବାକୁ ଦାବି

**ବାଙ୍କୀ, ୧୧।୨ (ସ୍ୱ.ପ୍ର)**

ଡମପଡା ବ୍ଲକରେ ଉଦ୍ୟାନ ବିଭାଗର କାର୍ଯ୍ୟାଳୟ ନାହିଁ। ଫଳରେ ଡମପଡ଼ା ପାଇଁ ନିଯୁକ୍ତି ହୋଇଥିବା କର୍ମଚାରୀମାନେ ବାଙ୍କୀ ଉଦ୍ୟାନ ବିଭାଗରୁ କାର୍ଯ୍ୟ କରୁଛନ୍ତି। ଏଥିଯୋଗୁ ଡମପଡ଼ାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଡମପଡ଼ାରେ ଉଦ୍ୟାନ ବିଭାଗର ଏକ କାର୍ଯ୍ୟାଳୟ ଖୋଲିବା ପାଇଁ ସାଧାରଣରେ ଦାବି ହୋଇଛି। ଡ଼ମପଡ଼ା ବ୍ଲକ ଏକ କୃଷିଭିତ୍ତିକ ଅଞ୍ଚଳ ହୋଇଥିବା ବେଳେ ବହୁ ଲୋକ ଉଦ୍ୟାନ ଓ କୃଷି ଉପରେ ନିର୍ଭର କରିଥାଆନ୍ତି। ମାତ୍ର ଏଠାରେ କାର୍ଯ୍ୟାଳୟ ନ ଥିବାରୁ ସହକାରୀ ଉଦ୍ୟାନ ବିଭାଗ ଅଧକ୍ଷା ସଙ୍ଗୀତା ନାୟକ ବାଙ୍କୀ ଉଦ୍ୟାନ ବିଭାଗରେ ଥିବା କାର୍ଯ୍ୟାଳୟରୁ ନିଜ କାର୍ଯ୍ୟ ତୁଲାଉଛନ୍ତି। ରାଜ୍ୟ ସରକାରଙ୍କ ୫-ଟିରେ ଉଦ୍ୟାନ ବିଭାଗ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଡମପଡ଼ାରେ କାର୍ଯ୍ୟାଳୟ ନ ଥିବାରୁ ବ୍ଲକ ଅନ୍ତର୍ଗତ ୧୭ ପଞ୍ଚାୟତର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟାଳୟ ଦୂରରେ ଥିବାରୁ ସେମାନେ ନିଜ ଅଭିଯୋଗ ପାଇଁ ଯାଇପାରୁ ନ ଥିବାବେଳେ ବିଭିନ୍ନ ରୋଜଗାର ଭିତ୍ତିକ ଚାଷ ଯଥା ଛତୁ, ଆମ୍ବ, କଦଳୀ ଓ କାଜୁ ଚାଷ ସମ୍ପର୍କରେ ଜାଣିପାରୁନାହାନ୍ତି। ବିଭାଗୀୟ ସୁପରଭାଇଜରମାନଙ୍କ ଦ୍ୱାରା ହେଉଥିବା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ପାଖରେ ପହଞ୍ଚି ପାରୁ ନାହିଁ। ଏପରିକି ଡମପଡ଼ା ଅଭୟାରଣ୍ୟରେ ଥିବା ୫ ଗ୍ରାମ ତଥା ଅନ୍ୟାନ୍ୟ ଉପାନ୍ତ ଗ୍ରାମ ସମ୍ପର୍କରେ ସୁପରଭାଇଜରଙ୍କ କୌଣସି ଧାରଣା ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଡମପଡ଼ା ଉଦ୍ୟାନ ବିଭାଗରେ ମାତ୍ର ୩ ରୁ ୪ ଜଣ କର୍ମଚାରୀ ଥିବାବେଳେ ସମସ୍ତେ ବାଙ୍କୀସ୍ଥିତ ବିଭାଗୀୟ କାର୍ଯ୍ୟାଳୟରୁ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ବାଙ୍କୀ ଉଦ୍ୟାନ ବିଭାଗ ଅଧିକାରୀ ଏସ୍.ଏନ୍ ପାଣିଗ୍ରାହୀ କହିଛନ୍ତି, ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିପାଇଁ ସେ ଡମପଡ଼ା ତହସିଲଦାର କ୍ଷୀତିଶ୍ ବେହେରାଙ୍କୁ କାର୍ଯ୍ୟାଳୟ ନିମନ୍ତେ ଜମି ଯୋଗାଇଦେବା ପାଇଁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଡମପଡ଼ା ତହସିଲଦାର କ୍ଷୀତିଶ୍ ବେହେରା କହିଛନ୍ତି, ଏବେ ସେ ଛୁଟିରେ ରହିଛନ୍ତି କାର୍ଯ୍ୟରେ ଯୋଗଦେଲେ ଏ ନେଇ ଅନୁଧ୍ୟାନ କରାଯିବ।

# ଶିକ୍ଷକ-ଅଭିଭାବକ ସମ୍ମିଳନୀ

**ବାଙ୍କୀ,୧୧।୨(ବି.ପ୍ର.)**

ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ ପାଥପୁର ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯଯାତିକେଶରୀ ଦାସ ଏଥିରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ଗୋଚ୍ଛାୟତ, ଶିକ୍ଷୟିତ୍ରୀ ସୁଜତା ରାଉତ, ଶୁକାନ୍ତଲତା ପୃତ୍ତି ଓ ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭିନ୍ନ ଜିଲାରୁ ୬୫ ଜଣ ଅଭିଭାବକ ଏଥିରେ ଯୋଗଦେଇଥିଲେ। ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବାରୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସହକାରୀ ଶିକ୍ଷକ ସଞ୍ଜୟ ନାୟକ ଓ ମାର୍ଟିନ ମାଳବିକା ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହରିହରାନନ୍ଦ ଆଶ୍ରମରେ ଖୋଲିଲା ସ୍ୱାସ୍ଥ୍ୟକେନ୍ଦ୍ର

**ଆଠଗଡ,୧୧।୨(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ରାଜନଗର ପଞ୍ଚାୟତ ଅନ୍ତର୍ଗତ ବେତଖୋଲିସ୍ଥିତ ଜଙ୍ଗଲଘେରା ପରିବେଶରେ ଥିବା ହରିହରାନନ୍ଦ ଉପବନ ମଠରେ ଏକ ହୋମିଓପାଥି ଓ ଦନ୍ତରୋଗ ଚିକିତ୍ସାକେନ୍ଦ୍ର ଖୋଲାଯାଇଛି। ପ୍ରଜ୍ଞାନମିଶନର ମୁଖ୍ୟ ପରମହଂସ ପ୍ରଜ୍ଞାନନନ୍ଦ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପବନ ମଠ ଆଶ୍ରମ ପରିସରରେ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ହରିହରାନନ୍ଦ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଏବଂ ସତସଙ୍ଗ ଆୟୋଜନ କରାଯାଇଥିଲା। ଆଶ୍ରମ ଦାୟିତ୍ୱରେ ଥିବା ଅଞ୍ଜେନୟ ନନ୍ଦଜୀ ଏଥିରେ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଜ୍ଞାନନନ୍ଦଜୀ କହିଥିଲେ, ମନୁଷ୍ୟର ଆହାର ପରିବର୍ତ୍ତନ ଘଟିଲେ ବିଚାର, ଆଚରଣ ଓ ବ୍ୟବହାର ବଦଳିଯିବ। ଏହାଦ୍ୱାରା ପରିବାର, ଗ୍ରାମ ଓ ଦେଶ ସବୁ ବଦଳିଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଜ୍ଞାନ ମିଶନର ସମର୍ପଣାନନ୍ଦ ଗିରି, ସୁଧାନନ୍ଦ ଗିରି, ଆନନ୍ଦ ବାବା, ବେଦାନ୍ତନନ୍ଦ ବାବାଙ୍କ ସମେତ ବହୁ ସାଧୁ, ସନ୍ଥ, ସନ୍ନ୍ୟାସୀ ଉପସ୍ଥିତ ଥିଲେ। ଏଥିରେ କ୍ରିୟାଯୋଗର ବହୁ ଶିଷ୍ୟ, ଭକ୍ତ ଏବଂ ସ୍ଥାନୀୟ ଲୋକେ ଯୋଗଦେଇଥିଲେ। ସୁଧାଂଶୁବାଳା ଦାଶ, ଶିବପ୍ରସାଦ ପଣ୍ଡା, ରେଣୁ ମା, ମିନତି ମା' ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ସନ୍ନ୍ୟାସୀଗଣ ଓ ଅନ୍ୟମାନେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ଆନୁଷଙ୍ଗିକ ବ୍ୟବସ୍ଥା

**ନିଶ୍ଚିନ୍ତକୋଇଲି, ୧୧।୨(ସ୍ୱ.ପ୍ର)**

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରନ୍ତି। କଟକ-ଚାନ୍ଦବାଲି ରାସ୍ତାରେ ଏହା ଏକମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାବେଳେ ଦୈନନ୍ଦିନ ଜରୁରିକାଳୀନ ସେବା ନିମନ୍ତେ ବହୁ ରୋଗୀ ଆସିଥାନ୍ତି। ମାତ୍ର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ନିର୍ଭରଶୀଳ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ୭ ଦଫା ଦାବିପତ୍ର ଦିଆଯାଇଛି। ଏଥିସହ ମଞ୍ଚ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସକ, ମନ୍ତ୍ରୀ ପ୍ରତାପ ଜେନା ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ୭ ଦିନ ମଧ୍ୟରେ ଏସବୁ ସମସ୍ୟାର ସମାଧାନ ନ ହେଲେ ନାଗରିକ ମଞ୍ଚ ପକ୍ଷରୁ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବାଲାଗି ଚେତାବନୀ ଦିଆଯାଇଛି। ଦାବି ସମ୍ପର୍କରେ ମଞ୍ଚ ଆବାହକ ମନୋଜ କୁମାର ମଲିକ କହିଛନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର ଓ ସାପ କାମୁଡା ଇଂଜେକ୍ସନ ଉପଲବ୍ଧ କରାଇବା, ଆବଶ୍ୟକ କର୍ମଚାରୀ ଯୋଗାଇବା, ମେଡିକାଲ ଭିତର କଂକ୍ରିଟ କରାଇବା, ବିଦ୍ୟୁତ୍ କାଟ ବେଳେ ଜେନେରେଟର ବ୍ୟବସ୍ଥା କରିବା, ନିରାମୟ କେନ୍ଦ୍ରରେ ଔଷଧ ଯୋଗାଇଦେବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ଖାଦ୍ୟ ଯୋଗାଇବା ଏବଂ ସାଙ୍ଗରେ ଆସୁଥିବା ବ୍ୟକ୍ତିଙ୍କ ନିମନ୍ତେ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିବାବେଳେ ଏପର୍ଯ୍ୟନ୍ତ ଏଠାରେ ଭିତ୍ତିଭୂମିର ବିକାଶ ହୋଇନାହିଁ। ଦୈନନ୍ଦିନ କୁକୁର କାମୁଡା ରୋଗୀ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘଦିନ ହେବ ଦାବି ହେଉଥିବା ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ହେଉନାହିଁ। କେବଳ ପ୍ରସୂତି ରୋଗୀଙ୍କୁ ଛାଡି ଦେଲେ ରୋଗୀ ସେବା ପାଇଁ ଆବଶ୍ୟକ ୱାର୍ଡ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅମିତ ଜେନା କୁହନ୍ତି ଏହି ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ନାଗରିକ ମଞ୍ଚ ପକ୍ଷରୁ ଦିଆଯାଇଥିବା ଦାବି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି।



ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

- ୭ ଦଫା ଦାବିପତ୍ର ପ୍ରଦାନ
- ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ
- ସ୍ୱାସ୍ଥ୍ୟ ସେବା ପାଇଁ ୫୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭରଶୀଳ



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ବର୍ନାଡ ଶ



# ଭଙ୍ଗାହେବ ୪୫୪ଘର, ୧୪୪ ଦୋକାନ

କଟକ ଅଫିସ,୧୧।୨

କଟକ ଏସ୍‌ସିବି ମେଡିକାଲର ନବକଳେବର ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବ୍ୟୟବରାଦ ମଧ୍ୟ ହୋଇଛି। ଏସ୍‌ସିବି ମେଡିକାଲର ଉନ୍ନତୀକରଣ ପାଇଁ ଅଧିକ ଜମିର ଆବଶ୍ୟକତା ପଡୁଥିବା ଯୋଗୁ ଆଖପାଖ ଅଞ୍ଚଳର କୋଠା, ଘର ଏବଂ ଦୋକାନକୁ ଭଙ୍ଗାଯିବ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଥଇଥାନ ଓ ସହାୟତା ଯୋଜନା ସମ୍ପର୍କରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆରଡିସି ଅନିଲ କୁମାର ସାମଲ ସୂଚନା ଦେଇଛନ୍ତି।

ଏସ୍‌ସିବି ମେଡିକାଲକୁ ବିଭିନ୍ନ ଜିଲା ସମେତ ରାଜ୍ୟ ବାହାରର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏଣୁ ଏହି ମେଡିକାଲ୍‌ର ଉନ୍ନତୀକରଣ ଏବଂ ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଛି। ଏମ୍‌ସ ପ୍ଲସ ଢାଞ୍ଚାରେ ଏସ୍‌ସିବି ମେଡିକାଲରେ ସେବା ଯୋଗାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ କାର୍ଯ୍ୟ ଚାଲିଛି ବୋଲି ଖବରଦାତା ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ। ସହରବାସୀ ଏଥିରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆରଡିସି ସାମଲ ସରକାରଙ୍କ ନିଷ୍ପତ୍ତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଆନୁମାନିକ ଏକ ହଜାର କୋଟି ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୩ ବର୍ଷ ମଧ୍ୟରେ ଶେଷ ହେବାକୁ ଧାର୍ଯ୍ୟ କରାଯାଇଛି। ଏହି ଉନ୍ନତୀକରଣ ଫଳରେ ଏସ୍‌ସିବି ମେଡିକାଲରେ ୩ହଜାରରୁ ଅଧିକ ଶଯ୍ୟା ରହିବ। ମେଡିକାଲ ପାଖ ତାଳଦଣ୍ଡା କେନାଲ ରୋଡକୁ ପ୍ରଶସ୍ତୀକରଣ କରାଯିବ। ଏହି କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ, ଦେକାନଗୁଡିକୁ ସ୍ଥାନାନ୍ତର ଓ ଥଇଥାନ ପାଇଁ ସହାୟତା ଯୋଗାଇ ଦିଆଯିବ ବୋଲି ଆରଡିସି କହିଥିଲେ। ପୂର୍ବରୁ ଯେଉଁସବୁ ସ୍ଥାନରୁ ଉଚ୍ଛେଦ କରାଯାଇଛି, ସେଠାକାର ଲୋକମାନଙ୍କୁ ସହାୟତା ଦିଆଯାଇଛି। ବୁଧବାର ଯୋବ୍ରା ଏବଂ ରାଣୀହାଟ ଅଞ୍ଚଳରୁ ଉଚ୍ଛେଦ କରାଯିବ। କେବଳ ତାଳଦଣ୍ଡା କେନାଲ ନୁହଁ, ଏସ୍‌ସିବି ମେଡିକାଲ ପରିସରରେ ଥିବା ୧୩ଟି ବଡ଼ କ୍ୱାର୍ଟର୍ ଏବଂ ଅନ୍ୟାନ୍ୟ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯିବ। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ। ସମସ୍ତ ପ୍ରକାର ଆପତ୍ତି ଗ୍ରହଣ କରିବା ପାଇଁ ପ୍ରାଶାସନ ରାଜି ବୋଲି ଆରଡିସି କହିଛନ୍ତି।

ସ୍ଥାନାନ୍ତର ହେବାକୁ ଥିବା ବସ୍ତିବାସିନ୍ଦାଙ୍କୁ ୫୦ ହଜାର ଟଙ୍କା, ସ୍ୱୀକୃତ ବ୍ୟବସାୟ ଅନୁଷ୍ଠାନଗୁଡ଼ିକୁ ୧ ଲକ୍ଷ ଟଙ୍କା, ଅଣସ୍ୱୀକୃତ ଦେକାନୀ ପାଇଁ ୩୦ ହଜାର ଟଙ୍କା, ଉଠା ଦୋକାନୀଙ୍କୁ ୨୦ ହଜାର ଟଙ୍କା, ଧାର୍ମିକ ଅନୁଷ୍ଠାନ ଏବଂ କ୍ଲବ ପାଇଁ ୧ ଲକ୍ଷ ଟଙ୍କା, ଗୁହାଳ ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆରଡିସି ସାମଲ କହିଛନ୍ତି। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଥିଲେ, ମୋଟାମୋଟି ଭାବେ ୪୫୪ଟି ଆବାସିକ ଗୃହ, ୧୪୪ ଦୋକାନ, ୧୭ଟି ଧାର୍ମିକ ଅନୁଷ୍ଠାନ ଓ କ୍ଲବ୍ ଭଙ୍ଗାଯିବ। ଏହି ଖବରଦାତା ସମ୍ମିଳନୀରେ ରାଜସ୍ୱ ଆୟୁକ୍ତଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ ଓ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କ ସମେତ ବିଭିନ୍ନ ବିଭାଗୀର ଅଧିକାରୀ ଉପସ୍ଥିତ ଥିଲେ।

## ଏସ୍‌ସିବି ମେଡିକାଲ ନେବ ନୂଆ ରୂପ



ଖବରଦାତା ସମ୍ମିଳନୀରେ ଜିଲାପାଳ, ଆର୍‌ଡିସି, ସିଏମ୍‌ସି କମିଶନର ଓ ଅନ୍ୟମାନେ।

- ଆଜିଠୁ ଉଚ୍ଛେଦ ଜୋର୍‌ଦାର୍
- କ୍ଷତିଗ୍ରସ୍ତଙ୍କ ସହଯୋଗ ଲୋଡ଼ିଲା ଜିଲା ପ୍ରଶାସନ
- ସହାୟତା ରାଶି ଘୋଷଣା କଲେ ଆର୍‌ଡିସି

## ସ୍ୱଇଚ୍ଛାରେ ଘର ଛାଡ଼ିଲେ ଲୋକେ, ମନ୍ଦିରରୁ ବିଗ୍ରହ ସ୍ଥାନାନ୍ତର

ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପାଇଁ ବୁଧବାରଠାରୁ ଉଚ୍ଛେଦ ଜୋର୍‌ଦାର କରାଯିବ। ତେବେ ଉଚ୍ଛେଦର ଦିନକ ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଅନେକ ଲୋକ ସ୍ୱଇଚ୍ଛାରେ ନିଜ ଘର ଛାଡିଥିବା ଦେଖିବାକୁ ମିଳିଛି। ଏପରି କି ଭଙ୍ଗାହେବା ପାଇଁ ଚିହ୍ନଟ ହୋଇଥିବା ଯୋବ୍ରା ନିକଟ ତାରିଣୀ ଏବଂ ମଙ୍ଗଳା ମନ୍ଦିରରୁ ଦେବାଦେବୀଙ୍କ ବିଗ୍ରହକୁ ପୂଜକ ଏବଂ ଶ୍ରଦ୍ଧାଳୁମାନେ ସ୍ଥାନାନ୍ତର କରୁଥିବା ଦେଖିବାକୁ ମିଳିଥିଲା। ଘଣ୍ଟ ବାଦ୍ୟର ତାଳେତାଳେ ବିଗ୍ରହଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଉଚ୍ଛେଦ ପୂର୍ବରୁ ମନ୍ଦିର ସ୍ଥାନାନ୍ତରକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି। ମନ୍ଦିର କର୍ତ୍ତୃପକ୍ଷଙ୍କୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଧନ୍ୟବାଦ ଜଣାଇଛନ୍ତି।



ଡିଜିପିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା କଂଗ୍ରେସ ପ୍ରତିନିଧିମାନେ।

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବିକଲା କଂଗ୍ରେସ

କଟକ ଅଫିସ, ୧୧।୨

## ସୂଚନା ଅଧିକାର କର୍ମୀ ରଞ୍ଜନ ଦାସ ହତ୍ୟା ଘଟଣା

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଞ୍ଚଳର ସୂଚନା ଅଧିକାର କର୍ମୀ ରଞ୍ଜନ ଦାସଙ୍କ ମୃତଦେହ ଗତ ୧ ତାରିଖରେ ରାସ୍ତାକଡ଼ରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ମାର୍ଶାଘାଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣାକୁ କଂଗ୍ରେସ ଦଳ ଅତ୍ୟନ୍ତ ଗୁରୁତର ସହ ନେଇଛି। କଂଗ୍ରେସର ଏକ ୭ ଜଣିଆ ତଥ୍ୟ ଅନୁଧ୍ୟାନକାରୀ ଦଳ ଗତ ୮ ତାରିଖରେ ରଞ୍ଜନଙ୍କ ପରିବାର ଲୋକଙ୍କୁ ଭେଟିବା ସହିତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ସାଧାରଣ ଲୋକଙ୍କ ପ୍ରତିକ୍ରିୟାରୁ ଗୋଟିଏ କଥା ସ୍ପଷ୍ଟ ହେଉଥିଲା ଯେ ରଞ୍ଜନଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଯେହେତୁ ଦାସ ସୂଚନା ଅଧିକାର ଆଇନ ବଳରେ ମହାକାଳପଡ଼ା, ପାଟକୁରା ସମେତ କେନ୍ଦ୍ରାପଡ଼ା ଜିଲାରେ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ମୁଖା ଖୋଲି ଦେଉଥିଲେ, ସେଥିପାଇଁ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏଣୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତରେ ସ୍ଥାନୀୟ ପୋଲିସର ଭୂମିକା ଅତ୍ୟନ୍ତ ସନ୍ଦେହଜନକ। ତୁରନ୍ତ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ, ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ଓ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ମଙ୍ଗଳବାର କଂଗ୍ରେସ ପକ୍ଷରୁ ଡିଜିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଧରଣୀଧର ନାୟକ, ସତ୍ୟ ପ୍ରକାଶ ନାୟକ, ଜିନେଶ ଦାସ, ନିଶିକାନ୍ତ ମିଶ୍ର ଏବଂ ସୁରେନ୍ଦ୍ରନାଥ କର ପ୍ରମୁଖ ଉପସ୍ଥିତ ଥିଲେ।

## ହରିଣ ଶିଙ୍ଗ ବାଜି ବୃଦ୍ଧା ଆହତ

ଖୁଣ୍ଟୁଣୀ,୧୧।୨(ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳ ନାରଙ୍ଗବସ୍ତ ଗ୍ରାମରେ ମଙ୍ଗଳବାର ପଶିଯାଇଥିବା ଏକ ହରିଣର ଶିଙ୍ଗ ବାଜି ଜଣେ ବୃଦ୍ଧା ଆହତ ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ନିଶା ଖଟୁଆ(୭୨)। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ରେ ଏକ ହରିଣ ନିକଟ ସୁନିଆମୁହାଁ ସଂରକ୍ଷିତ ଜଙ୍ଗଲରୁ ନାରଙ୍ଗବସ୍ତ ଗ୍ରାମରେ ପଶିଯାଇଥିଲା। ଏହି ସମୟରେ କୁକୁର ଗୋଡାଇବାରୁ ହରିଣ ଦୌଡିବାକୁ ଲାଗିଥିଲା। ନିଶା ଘର ଆଗରେ ଛିଡା ହୋଇଥିବା ବେଳେ ହଠାତ୍ ହରିଣର ଶିଙ୍ଗ ତାଙ୍କ ଦେହରେ ବାଜିଥିଲା। ଫଳରେ ସେ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହରିଣଟି ମହାନଦୀରେ ପହଁରି ବ୍ରଜବିହାରୀପୁର ପଠାକୁ ପଳାଇଯାଇଥିବା ଫରେଷ୍ଟର ରାକେଶ ଦଳେଇ କହିଛନ୍ତି।



ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।

# ଅଧ୍ୟକ୍ଷଙ୍କ ବଦଳି ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର

କଟକ ଅଫିସ,୧୧।୨

ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ବଦଳି ଦାବି କରି ଛାତ୍ରୀଛାତ୍ରମାନେ ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଧ୍ୟକ୍ଷ ଡ. ଦେବାଶିଷ ଜେନା ଛାତ୍ରୀଛାତ୍ରଙ୍କ ସହିତ ଠିକ୍ ଭାବେ ବ୍ୟବହାର କରୁନାହାନ୍ତି। ମହାବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଛାତ୍ରୀଛାତ୍ରମାନେ ଜଣାଇଲେ ମଧ୍ୟ ଅଧ୍ୟକ୍ଷ କୌଣସି ସମାଧାନ କରୁନାହାନ୍ତି। ଏପରି କି ଅଧ୍ୟକ୍ଷ ମହାବିଦ୍ୟାଳୟକୁ ମଦ୍ୟପାନ କରି ଆସିବା ସହ ଛାତ୍ରୀଛାତ୍ରଙ୍କୁ ଗାଳିଗୁଲଜ କରୁଛନ୍ତି। ଯାହାଫଳରେ ଛାତ୍ରୀଛାତ୍ରମାନେ ଅସୁରକ୍ଷିତ ମନେ କରୁଥିବା ନେଇ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଯଦି ଅଧ୍ୟକ୍ଷଙ୍କ ବଦଳି ନ କରାଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଏ ବିଷୟରେ ମୋ ପାଖରେ କୌଣସି ସୂଚନା ନାହିଁ। କିଛି ନିର୍ଦ୍ଦିଷ୍ଟ ଛାତ୍ରୀଛାତ୍ର ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ କରିବା ପାଇଁ ଏପରି କରୁଛନ୍ତି ବୋଲି ଜେନା କହିଛନ୍ତି।

## କଟକ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ

କଟକ ଅଫିସ, ୧୧।୨: ବିଦ୍ୟାଧରପୁରସ୍ଥିତ କଟକ କଲେଜର ତୃତୀୟ ବାର୍ଷିକ ଓ ସାଂସ୍କୃତିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ର ଜୀବନରେ ଶୃଙ୍ଖଳାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଡ. ବିଦ୍ୟାଭୂଷଣ ମହାନ୍ତି କହିଥିଲେ, ଶୃଙ୍ଖଳା, ନୈତିକ ମୂଲ୍ୟବୋଧ ଓ ଉତ୍ତମ ବିଚାରଧାରାରେ ଅନୁବନ୍ଧିତ ହେଲେ ଛାତ୍ରଜୀବନ ସାର୍ଥକ ହେବ। ଅଧ୍ୟାପିକା ରୀତି ମିଶ୍ର ସ୍ୱାଗତ ଭାଷଣ ଓ ବାଣିଜ୍ୟ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ସୁରେନ୍ଦ୍ର ପାତ୍ର, ମଣ୍ଟୁ ଜେନା, କୁମାର ପ୍ରଦୀପ୍ତ ମିଶ୍ର, ଶୁଭ୍ରଜିତ୍ ଜେନା ପ୍ରମୁଖ ଉତ୍ସବରେ ସହଯୋଗ କରିଥିଲେ।

# ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତି ଆରମ୍ଭ

କଟକ ଅଫିସ,୧୧।୨: ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଡିଗ୍ରୀ କଲେଜଗୁଡ଼ିକ ନାକ୍ ମାନ୍ୟତା ଲାଭ କରିବା ସମ୍ପର୍କରେ ଏକ କାର୍ଯ୍ୟକ୍ରମ ସୋମବାର ଦୂର ଓ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, ବିଶ୍ୱବ୍ୟାଙ୍କ ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀ ଓ ବିଭିନ୍ନ କଲେଜ ପାଇଁ ମନୋନୀତ ଉପଦେଷ୍ଟାମାନେ ଯୋଗଦେଇ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କୁ ନାକ୍ ମୂଲ୍ୟାୟନ ପାଇଁ ପ୍ରସ୍ତୁତ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। କଟକ ଜିଲାର ବିଭିନ୍ନ କଲେଜକୁ ୩ଟି ଗୋଷ୍ଠୀରେ ବିଭକ୍ତ କରାଯାଇଛି। ଏଥିପାଇଁ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ, ଚୌଦ୍ୱାର କଲେଜ ଓ ସାଲେପୁର କଲେଜରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରଫେସର ଡ. ସୁସ୍ମିତ ପ୍ରସାଦ ପାଣିଙ୍କୁ କଟକ ଜିଲାର କଲେଜଗୁଡ଼ିକର ଦାୟିତ୍ୱ ଅର୍ପଣ କରାଯାଇଥିଲା। ଯାଜପୁର ଜିଲାର ବିଭିନ୍ନ କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକମାନେ ନେତାଜୀ ସୁଭାଷ ସ୍ମାରକୀ କଲେଜରେ ଡ. ପାଣିଙ୍କ ଦ୍ୱାରା ପ୍ରଶିକ୍ଷିତ ହୋଇଥିଲେ। କଲେଜଗୁଡ଼ିକର ଭିତ୍ତିଭୂମି, ପାଠ୍ୟକ୍ରମ, ଶିକ୍ଷାଦାନ ବ୍ୟବସ୍ଥା ବିକାଶ ଉପରେ ଡ. ପାଣି ଆଲୋକପାତ କରିଥିଲେ। ଡ. ଦେବାଶିଷ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ। ପ୍ରିୟ ମହାନ୍ତି, ଡ. ନମିତା ମହାନ୍ତି ଓ ଡ. ଧରଣୀଧର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଘରୋଇ ବସ୍‌ରେ ବାର୍ଷିକ ଯାଉଛନ୍ତି ୨୦.୪୪ କୋଟି ଯାତ୍ରୀ



ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ, ୧୧।୨

## ରାଜ୍ୟସ୍ତରୀୟ ବସ୍ ମାଲିକ ସଂଘ ସମ୍ମିଳନୀ

- ଯାତ୍ରୀ ପରିବହନ ଏକ ସେବା
- ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବସ୍ ମାଲିକ

ଯାତ୍ରୀ ପରିବହନ ଏକ ସେବା। ବସ୍ ମାଲିକମାନେ ଏହିଭଳି ଏକ ସେବା ଯୋଗାଇ ଆସୁଛନ୍ତି। ଓଡ଼ିଶାର ଘରୋଇ ବସ୍‌ଗୁଡ଼ିକ ବର୍ଷକ ମଧ୍ୟରେ ୨୩୩ କୋଟି ୬୦ ଲକ୍ଷ କିଲୋମିଟର ଯାତ୍ରା କରି ୨୦.୪୪ କୋଟି ଯାତ୍ରୀ ପରିବହନ କରିଥାନ୍ତି। ୨ଲକ୍ଷ ୫୬ ହଜାର ବ୍ୟକ୍ତିଙ୍କ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭରଣ ପୋଷଣା ବ୍ୟବସ୍ଥା କରିଥାନ୍ତି, ଯାହାକି ଏକ ବୃହତ୍ତର ସେବା। ପୁରୀ ମୋଚିସାହି ଛକସ୍ଥିତ ପୌରସଂସ୍ଥା କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ରାଜ୍ୟ ବସ୍ ମାଲିକ ସଂଘର ଦୁଇଦିନିଆ ସମ୍ମିଳନୀରେ ଏହି ମତପ୍ରକାଶ ପାଇଛି। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ମନମୋହନ ସାମଲ, ସଞ୍ଜୟ ଦାସବର୍ମା ଏବଂ ବିଧାୟକ ପ୍ରଦୀପ କୁମାର ମହାରଥୀ ଅତିଥି ଭାବେ ଯୋଗଦେଇଥିଲେ।

ଅତିଥିମାନେ ବକ୍ତବ୍ୟ ରଖି କହିଥିଲେ, ବର୍ତ୍ତମାନ ବସ୍‌ମାଲିକମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାର ମୋଟର ଭେଇକ୍ଲି ଆକ୍ଟରେ ସଂଶୋଧନ ଆଣିବା ଫଳରେ ଏହାର ପ୍ରଭାବ ବି ପଡ଼ିଛି। ସେହିପରି ଜିଏସ୍‌ଟି ଏବଂ ବୀମା ଆଦିର ବୋଝ ମାଲିକମାନଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ଜିଏସ୍‌ଟି ଲାଗୁ ପରେ ସିଧାସଳଖ ଅର୍ଥନୈତିକ ବୋଝ ପଡ଼ିଛି। ଏଥିସହ ନୂଆ ନୂଆ ରେଗୁଲେଶନ ପରେ ଅନେକ ଚ୍ୟାଲେଞ୍ଜ ବି ଆସିଛି। ଏ ସବୁକୁ ମୁକାବିଲା କରିବା କଷ୍ଟକର ହେଉଛି। ତଥାପି ବସ୍ ମାଲିକମାନେ ଯାତ୍ରୀ ପରିବହନକୁ ସେବା ଭାବି ଏହାକୁ ଆଗେଇ ନେଉଛନ୍ତି। ଅପରପକ୍ଷେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିକଟରେ ସଂଘ ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯିବ। ଏଥିପାଇଁ ନିରନ୍ତର ସଂଗ୍ରାମ ଦରକାର। ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ସମସ୍ତେ ସାମୂହିକ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ହେବ ବୋଲି ଅତିଥିମାନେ କହିଥିଲେ। ସମ୍ମିଳନୀ ଉଦ୍‌ଘାଟନ ପରେ ସ୍ମରଣିକା ଉନ୍ମୋଚନ ଏବଂ ଦିବଂଗତ ବସ୍ ମାଲିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ସଂଘ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ସେମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଉପସ୍ଥାପନ କରିଥିଲେ। ପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀ ବୁଧବାର ଉଦ୍‌ଯାପନ ହେବ।

# ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଗ୍ରାହକଙ୍କୁ ମେଳାରେ ସାମିଲ କରାଯାଉ: ଆଇନ ମନ୍ତ୍ରୀ

କଟକ ଅଫିସ, ୧୧।୨

ଓଡ଼ିଶାରେ ବାଣିଜ୍ୟ କାରବାର ପ୍ରଥମେ କଟକରୁ ଆରମ୍ଭ ହୋଇଥିଲା। ଏହି ମାଟିରେ ହେଉଥିବା ମେଳା ସ୍ୱତନ୍ତ୍ର। ଏଭଳି ମେଳା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀଙ୍କୁ ଉତ୍ସାହିତ କରିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଥିବା ଗ୍ରାହକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉ। ସେମାନଙ୍କୁ ଆମର ଉତ୍ପାଦ ବିଷୟରେ ଅବଗତ କରାଇଲେ ବାଣିଜ୍ୟିକ କ୍ଷେତ୍ରରେ ଉନ୍ନତି କରିପାରିବା ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। କଟକ ବାଲିଯାତ୍ରା ଉପରପଡିଆରେ ଏମ୍‌ଏସ୍‌ଏମଇ ବିଭାଗ ଏବଂ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳାରେ ମଙ୍ଗଳବାର ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ନିଆଳି ବିଧାୟକ ଡ. ପ୍ରମୋଦ ମଲ୍ଲିକ କହିଥିଲେ, ରାଜ୍ୟରେ ବାଣିଜ୍ୟ କାରବାର କ୍ଷେତ୍ରରେ କଟକର ଅବଦାନ ଅତୁଳନୀୟ। ଏହି କାରବାରର ଇତିହାସ କଟକ ସହରର ପ୍ରତ୍ୟେକ ସ୍ଥାନରେ ରହିଛି। ଯାହାର ଉଦାହରଣ ହେଉଛି କଟକ ବାଲିଯାତ୍ରା। ସବୁ ସମୟରେ କଟକରେ ବ୍ୟବସାୟ ଚାଲିଥାଏ ବୋଲି ବିଧାୟକ ମଲ୍ଲିକ କହିଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସା, ସମ୍ପାଦକ ଭିକାରି ଦାସ ଓ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ସନ୍ଧ୍ୟାରେ କଲିକତାର ଫ୍ରିକ୍ସନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ସତ୍ୟଜିତ୍ ଓ ପ୍ରିୟା ସଙ୍ଗୀତ ପରିବେଷଣ କରିଥିଲେ। ଓଆଇଏର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫୁଲ୍ଲ ସିଂ ଧନ୍ୟବାଦ ଦେଇଥିଲେ। ଏଥିରେ ଉପସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ଏମ୍‌ଏସ୍‌ଏମ୍‌ଇ ବିଭାଗର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳା



## ଦୋଳିରେ ବସି ମଜା ନେଲେ ଲୋକେ

ଲୋକମାନେ ମେଳାରେ ବୁଲାବୁଲି କରିବା ସାଙ୍ଗକୁ ଦୋଳିରେ ବସି ମଜା ଉଠାଇଥିଲେ। ବିଶେଷକରି ଡ୍ରାଗନ୍, କାର ଓ ରାମ ଦୋଳି ପାଖରେ ଲୋକମାନଙ୍କ ଭିଡ ଦେଖିବାକୁ ମିଳିଥିଲା।

## ବ୍ୟବସାୟ ସାଙ୍ଗକୁ ସଚେତନତା ବାର୍ତ୍ତା

ମେଳାରେ ବ୍ୟବସାୟ ସାଙ୍ଗକୁ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ୯୭ ନଂ. ଷ୍ଟଲର ବ୍ୟବସାୟୀ ରଶ୍ମିରଞ୍ଜନ ମଲ୍ଲିକ। ଭୁବନେଶ୍ୱରର ଏହି ବ୍ୟବସାୟୀଙ୍କ ପାଖରେ ଲୋକମାନଙ୍କ ଭିଡ ବେଶ୍ ଜମୁଛି। ଗୁଆ ଖୋଳରୁ ତିଆରି ଖଲି, ଆଖୁ ଚୋପାରୁ ପ୍ରସ୍ତୁତ ପ୍ଲେଟ୍ ଆଦି ସାମଗ୍ରୀ ବିକ୍ରି କରିବା ସହ ଗ୍ରାହକଙ୍କୁ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନର ବାର୍ତ୍ତା ଆକୃଷ୍ଟ କରୁଛି। ଏହି ସାମଗ୍ରୀର ଦାମ୍ ୩ରୁ ୬ଟଙ୍କା ମଧ୍ୟରେ ରହିଛି। ଏ ସମ୍ପର୍କରେ ବ୍ୟବସ୍ୟାୟୀ ରଶ୍ମିରଞ୍ଜନ କହିଛନ୍ତି, ଏମ୍‌ଏସ୍‌ଏମ୍‌ଇରୁ ଋଣନେଇ ନିଜେ ସାମଗ୍ରୀ ପ୍ରସ୍ତୁତି କରିବା ପାଇଁ ପ୍ରୟାସ ଚାଲିଛି। ଏହି ବ୍ୟବସାୟରେ ମୋର ୬ଜଣ ବନ୍ଧୁ ସହଯୋଗ କରୁଛନ୍ତି।



## ଷ୍ଟଲ୍‌ରେ ବିଭିନ୍ନ ପ୍ରକାର କେକ୍

ଏହି ମେଳାର ୭୪ ନମ୍ବର ଷ୍ଟଲରେ ମିଳୁଛି ବିଭିନ୍ନ ପ୍ରକାରର କେକ୍। ଜଗତ୍‌ପୁରର କ୍ୟୁରୀ କସ୍ତୁରିବାଙ୍କ ଷ୍ଟଲରେ ପ୍ରାୟ ୬ ପ୍ରକାରର ଭେଜ କେକ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଯାହାର ମୂଲ୍ୟ ୧୦ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ଏ ନେଇ ଷ୍ଟଲର ମାଲିକ କସ୍ତୁରିବା କହିଛନ୍ତି, ପାଠପଢା ସମୟରୁ ଏହି ବ୍ୟବସାୟ ପ୍ରତି ଇଚ୍ଛା ରହିଛି। ବାହାର କେକ୍‌ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଲୋକମାନେ ଏହାକୁ ବହୁତ ପସନ୍ଦ କରୁଛନ୍ତି।



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ବର୍ନାଡ ଶ



## ସଂକ୍ଷେପରେ

### ନନ୍ଦଳାରେ ଅଗ୍ନିକାଣ୍ଡ: ଜଳିଗଲା ୮ ବଖରା ଗୁହାଳ

କୃଷ୍ଣପ୍ରସାଦ,୧୧।୨ (ଡି.ଏନ.ଏ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗାଁରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୮ ବଖରା ଗୁହାଳ ଜଳିଯାଇଛି। ଗାଁର ପଙ୍କଜ ନାୟକଙ୍କ ବିବାହ ଉତ୍ସବ ଥିବାରୁ ଅପରାହ୍ନରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଥିଲା। ପ୍ରାୟ ସାଢେ ୩ଟାବେଳେ ଏକ ପାଲଗଦା ଜଳୁଥିବା ଦେଖି ଲୋକେ ତାହାକୁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। ଏହି ସମୟରେ ନିଆଁ ନିକଟରେ ଥିବା ଗୁହାଳଘରେ ଲାଗିଥିଲା। ଚାହୁଁ ଚାହୁଁ ୮ ବଖରା ଗୁହାଳ ପୋଡି ପାଉଁଶ ହୋଇଯାଇଥିଲା। ଖବର ପାଇ ମାଲୁଦରୁ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ୪୦ ବସ୍ତା ଅମଳ ଧାନ ଜଳିଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଗ୍ରାମର ସୁରେଶ ଚନ୍ଦ୍ର ନାୟକ, ଦୁଃଶାସନ ନାୟକ, ରାଜକିଶୋର ନାୟକ, ବ୍ରଜ ନାୟକ, ବନବିହାରୀ ନାୟକ, ରାମହରି ନାୟକ, ନାଲୁ ସାହୁଙ୍କ ଗୁହାଳ ଜଳିଯାଇଥିବା ଜଣାଯାଇଛି।

### ଶାନ୍ତି ସଦ୍‌ଭାବନା ପ୍ରତିଷ୍ଠା ନିମନ୍ତେ ସଙ୍କଳ୍ପ ସମାବେଶ

ନିରାକାରପୁର,୧୧।୨(ଡି.ଏନ.ଏ.)- ଓରବରସିଂହ ପଞ୍ଚାୟତରେ ଶାନ୍ତି ସୁରକ୍ଷା ସମିତି ପକ୍ଷରୁ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏକ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ନରେନ୍ଦ୍ର ମଙ୍ଗରାଜଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ପୁରୁଷ, ମହିଳା, ଯୁବତୀଯୁବକ ଯୋଗଦେଇ ପଞ୍ଚାୟତରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ନିମନ୍ତେ ସଙ୍କଳ୍ପ ନେଇଥିଲେ । ମୁଖ୍ୟଅତିଥି ଭାବେ ଜିଲା ଯୋଜନା କମିଟିର ଅଧକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତିର ମୁଖ୍ୟ ଉପଦେଷ୍ଟା ଉଲ୍ଲାସ ଚନ୍ଦ୍ର ସାମନ୍ତରାୟ, ସଂଯୋଜକ ଲୋକନାଥ ପଟ୍ଟନାୟକ, ସରପଞ୍ଚ ସସ୍ମିତା ବେହେରା, ସମିତିସଭ୍ୟା ମାନିନୀ ଶ୍ରୀଚନ୍ଦନ, ସୁବାସ ଜଗଦେବ, ନାରାୟଣ ବଳିଆରସିଂହ, ହରେକୃଷ୍ଣ ଛୋଟରାୟ, ମମତା ସେନାପତି ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଧାୟକ ଜଗଦେବ ରାୟପୁରସ୍ଥିତ ଗାନ୍ଧିକୁଟିର ଠାରେ ଏକ ଗାନ୍ଧୀପ୍ରତିମୂର୍ତ୍ତି ସ୍ଥାପନ ସହ ମହିଳାମାନଙ୍କ ନିମିତ ଏକ କମ୍ୟୁନିଟି ହଲ ଯୋଗାଇଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । କମିଟି ପକ୍ଷରୁ ଜଗଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତିର ବରିଷ୍ଠ ସଦସ୍ୟ ସଂଗ୍ରାମ କେଶରୀ ସାମନ୍ତରାୟ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

### ଭାଗବତ ଦେବଙ୍କ ଗ୍ରାମ ପରିକ୍ରମା

କୃଷ୍ଣପ୍ରସାଦ,୧୧।୨ (ଡି.ଏନ.ଏ.): ମାଘ ପୂର୍ଣ୍ଣିମାରେ ଭାଗବତ ଦେବ ଦ୍ୱାର ଦ୍ୱାର ବୁଲି ଭୋଗ ଖାଇବା ପରମ୍ପରା ରହିଛି। ଏହି ଅନୁଯାୟୀ କୃଷ୍ଣପ୍ରସାଦ ବ୍ଲକ ଡିଆକୁଦା ଗାଁରେ ଠାକୁରଙ୍କୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ମୃଦଙ୍ଗ, ଖୋଳ, ତାଳ ଧରି ପାରମ୍ପରିକ ପାଇକଖେଳ ମଧ୍ୟରେ ଗ୍ରାମ ବୁଲିଥିଲେ।

### ଫୁଟ୍‌ବଲ୍ : ଶରଧାପୁର ବିଜୟୀ

ଜଟଣୀ, ୧୧।୨(ଡି.ଏନ.ଏ.): ଜଟଣୀ ନିକଟବର୍ତ୍ତୀ ହରିପୁର ଖେଳପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚରେ ଜଟଣୀ ଇଲେଭେନକୁ ୩-୦ ଗୋଲ୍‌ରେ ପରାସ୍ତ କରି ଖୋର୍ଦ୍ଧା ଶରଧାପୁର ଫୁଟବଲ ଏକାଡେମୀ ବିଜୟୀ ହୋଇଥିଲା। ପ୍ରିୟବ୍ରତ ବାହିନୀପତି ରେଫ୍‌ରି ରହିଥିବା ବେଳେ ବିଜୟ ଦାସ ଓ ଟୁକୁନା ଦାସ ଆସିଷ୍ଟାଣ୍ଟ ରେଫ୍‌ରି ଭାବେ ମ୍ୟାଚ ପରିଚାଳନା କରିଥିଲେ। ବୁଦ୍ଧନାରାୟଣ ସ୍ପୋର୍ଟ୍ସ ଓ କଲଚରାଲ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସଙ୍ଗଠନର ରାମ ପାତାଳସିଂହ ଓ ଅନ୍ୟ ସଦସ୍ୟମାନେ ସହାୟତା କରିଥିଲେ।

# ମହୁଲଗୁଡ଼ିଆ ବାଳିକା ସ୍କୁଲ ରାସ୍ତା ଖାଲଖମାରେ ଭର୍ତ୍ତି



ଜଟଣୀ ସହର ମୁଖ୍ୟ ସଡକ ପଥ ଖାଲଖମାରେ ଭର୍ତ୍ତି।

**ଜଟଣୀ, ୧୧।୨(ଡି.ଏନ.ଏ.):**

ସ୍ଥାନୀୟ ମହୁଲଗୁଡିଆ ଛକରୁ ସରକାରୀ ବାଳିକା ବିଦ୍ୟାଳୟ ଦେଇ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ଥିବା ରାସ୍ତାଟି ଦୀର୍ଘବର୍ଷ ହେବ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଜଟଣୀ ସହରର ଏହା ଅନ୍ୟତମ ପ୍ରମୁଖ ସଡ଼କପଥ। ଏହି ରାସ୍ତା ଦେଇ କେନ୍ଦ୍ରୀୟ ବିଦ୍ୟାଳୟ, ବାଳିକା ବିଦ୍ୟାଳୟ, ଅନେକ ଘରୋଇ ଶିକ୍ଷାନୁଷ୍ଠାନ, ମନ୍ଦିର ଆଦିକୁ ବିଦ୍ୟାର୍ଥୀ ଓ ଲୋକେ ଯାତାୟାତ କରିଥାନ୍ତି। ସହରକୁ ଆସିବାକୁ ଏହା ଅନ୍ୟତମ ପ୍ରମୁଖ ସଡକପଥ ହୋଇଥିବାରୁ ବିଭିନ୍ନ ଗ୍ରାମ ଓ ପୌରାଞ୍ଚଳର ଦୈନିକ ହଜାର ହଜାର ଲୋକ ଏହା ଉପରେ ନିର୍ଭର କରିଥାନ୍ତି। ସ୍କୁଲ ବସ୍‌ଠାରୁ ଅନେକ ଭାରିଯାନ ମଧ ଯାତାୟାତ କରିଥାଏ। ମ୍ୟୁନିସିପାଲିଟିର ୮ ନଂ. ୱାର୍ଡ ମଧରେ ଥିବା ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ତେବେ ଏହି ରାସ୍ତାର ନବୀକରଣ ବା ମରାମତି ସମ୍ପୃକ୍ତ ବିଭାଗ କରୁନାହିଁ।

## ଏମାନେ ଯାହା କୁହନ୍ତି...



ରାସ୍ତାର ସବୁ ସ୍ଥାନରେ ଡ୍ରେନ ବ୍ୟବସ୍ଥା ନାହିଁ। ଯେତିକି ପର୍ଯ୍ୟନ୍ତ ଡ୍ରେନ ରହିଛି ତାହା ପୋତି ହୋଇଯାଇଛି। ଏଣୁ ରାସ୍ତା ଉପରେ ଦୈନିକ ମଇଳା ପାଣି ପ୍ରବାହିତ ହେଉଛି। ଏହି ପାଣି ଉପର ଦେଇ ଲୋକେ ଯାତାୟାତ କରିବାକୁ ବାଧ ହେଉଛନ୍ତି।

**-ଜିତେନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ବାସିନ୍ଦା**



ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କପଥ ପ୍ରତି ଦାୟିତ୍ୱରେ ଥିବା ବିଭାଗର ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ। ରାସ୍ତା ସାରା ବଡ଼ବଡ଼ ଖାଲରେ ପୂର୍ଣ୍ଣ ହୋଇରହିଛି। ଏଥିଯୋଗୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ବିଶେଷକରି ଏହି ରାସ୍ତା ଦେଇ ଯାଉଥିବା ବିଦ୍ୟାର୍ଥୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ଅବସ୍ଥାରେ ରାସ୍ତାଟି ଥିବାବେଳେ କେତେଜଣ ଜବରଦଖଲ କରି ସଡକପଥଟିକୁ ସଙ୍କୁଚିତ କରି ସାରିଲେଣି।

**-ନଳିନୀକାନ୍ତ ସ୍ୱାଇଁ, ସ୍ଥାନୀୟ ବାସିନ୍ଦା**



ଏହି ୱାର୍ଡ ଓ ରାସ୍ତାପାର୍ଶ୍ୱରେ ଆମ ଘର। ରାସ୍ତାର ଏପରି ଅବସ୍ଥା ଯୋଗୁ ଆମ ପରିବାର ସମେତ ଅନେକ ଲୋକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ପୋତି ହୋଇଯାଇଥିବା ରାସ୍ତା ପାର୍ଶ୍ୱ ଡ୍ରେନ୍‌ଟିର ପୁନରୁଦ୍ଧାର କରାଯାଉନି। ନର୍ଦ୍ଦମା ପାଣି ରାସ୍ତାରେ ଚାଲୁଛି। ଏହାଦ୍ୱାରା ମଶା ବଂଶ ବୃଦ୍ଧି ହେଉଛି।

**-ବୁଲୁ ସାହୁ, ସ୍ଥାନୀୟ ବାସିନ୍ଦା**

# 'ପ୍ରାଥମିକ ଶିକ୍ଷାରୁ ହିଁ ଶିଶୁର ଭବିଷ୍ୟତ ଜଣାପଡ଼େ'

## ନୀଳକଣ୍ଠ ସରକାରୀ ଉଚ୍ଚବିଦ୍ୟାଳୟ ୫୫ତମ ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।

**ବେଗୁନିଆ, ୧୧।୨ (ଡି.ଏନ.ଏ.)**

ସକାଳ ଶକ୍ତିର ଅଧାର ହେଉଛନ୍ତି ସୂର୍ଯ୍ୟ। ସକାଳର ସୂର୍ଯ୍ୟ ଉଦୟ ବେଳର ଦୃଶ୍ୟରୁ ହିଁ ଜଣାପଡିଥାଏ ଜଗତକୁ ନିର୍ଦ୍ଦିଷ୍ଟ ଦିନରେ ସୂର୍ଯ୍ୟଙ୍କ ଆଲୋକ କେଉଁଭଳି ରହିବ। ସେହିଭଳି ପ୍ରାଥମିକ ଶିକ୍ଷା ଲାଭ ସମୟରେ ଶିଶୁଟିର ଶିକ୍ଷାଗତ ଭବିଷ୍ୟତ ହିଁ ଜଣାପଡିଥାଏ। ତେବେ ପାଠଶାଳାରେ ପ୍ରାଥମିକ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଉ। କେବଳ ଶିକ୍ଷାଦାନ ଏବଂ ଶିକ୍ଷା ଗ୍ରହଣକୁ ଗୁରୁତ୍ୱ ଦେଲେ ହେବ ନାହିଁ। ଅଭିଭାବକମାନଙ୍କର ଠିକ୍ ପରିଚାଳନା ହିଁ ପିଲାମାନଙ୍କର ସୁନ୍ଦର ଭବିଷ୍ୟତ ଗଢି ତୋଳିଥାଏ। ପୂର୍ବ ଏବଂ ଆଗାମୀକୁ ଭୁଲି ଯାଅ, ବର୍ତ୍ତମାନକୁ ଗୁରୁତ୍ୱ ଦିଅ ବୋଲି ରାଜ୍ୟବାସୀଙ୍କୁ ମୋର ବ୍ୟକ୍ତିଗତ ନିବେଦନ ବୋଲି କହିଥିଲେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ବେଗୁନିଆ ବ୍ଲକ କଣ୍ଟାବାଡ ଗାଁସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚବିଦ୍ୟାଳୟ ୫୫ତମ ବାର୍ଷିକୋତ୍ସବରେ ଯୋଗ ରାଜ୍ୟପାଳ ଉପରୋକ୍ତ ମତ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭା କାର୍ଯ୍ୟରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ନୂତନ ଗୃହ ଏବଂ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପ୍ରଥମ ସେମିଫାଇନାଲରେ ବଜରଙ୍ଗୀ କ୍ଲବ ଘାଟିକିଆ ବିଜୟୀ

## କେରଙ୍ଗ ଖୁଦ୍ଦାମୁଲ ଅହମ୍ମଦୀୟା ଫୁଟବଲ ଟୁର୍ନାମେଣ୍ଟ



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

**ବେଗୁନିଆ, ୧୧।୨ (ଡି.ଏନ.ଏ.)**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଖୁଦ୍ଦାମୁଲ ଅହମ୍ମଦୀୟା ସଙ୍ଗଠନ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ବଜରଙ୍ଗୀ କ୍ଲବ ଘାଟିକିଆ ସହ ଶାରଳା କ୍ଲବ ଗୁଣ୍ଡିଚାପଡ଼ା ମଧ୍ୟରେ ଖେଳା ଯାଇଛି। ଏହି ମ୍ୟାଚରେ ଦ୍ୱିତୀୟାର୍ଦ୍ଧର ୫୩ ମିନିଟ୍‌ରେ ବଜରଙ୍ଗୀ କ୍ଲବ ଘାଟିକିଆ ଦଳର ଚେତନ ନାୟକ ଗୋଟିଏ ଗୋଲ କରିଥିଲେ। ଖେଳର ମାତ୍ର ୫୮ ମିନିଟ୍‌ରେ ଶାରଳା କ୍ଲବ ଗୁଣ୍ଡିଚାପଡା ଦଳର କହ୍ନେଇ ଗାଁ ଗୋଟିଏ ଗୋଲ ମାରି ସ୍କୋରକୁ ବରାବର କରିବାରେ ସକ୍ଷମ ହୋଇଥିଲେ। ଖେଳର ଶେଷ ସମୟ ପର୍ଯ୍ୟନ୍ତ ଉଭୟ ଦଳ ଆଉ ଗୋଟିଏ ଗୋଟିଏ ଗୋଲ ମାରିବାକୁ ସଂଘର୍ଷ କରିଥିଲେ। କିନ୍ତୁ ଖେଳ ସମୟ ୧-୧ ଗୋଲରେ ଶେଷ ହୋଇଥିଲା। ପରେ ରେଫ୍‌ରି ଟ୍ରାଇବ୍ରେକରର ସାହାଯ୍ୟ ନେଇଥିଲେ। ଏହି ଖେଳର ଟ୍ରାଇବ୍ରେକରରେ ବଜରଙ୍ଗୀ କ୍ଲବ ଘାଟିକିଆ ୫-୪ ଗୋଲରେ ବିଜୟୀ ହୋଇଛି। ଏହି ଖେଳକୁ ବିଦେଶୀ ନାୟକ ପରିଚାଳନା କରିଥିବା ବେଳେ ତାଙ୍କୁ ପ୍ରଫୁଲ୍ଲ କୁମାର ବେହେରା, ଗିରିଶ ଚନ୍ଦ୍ର ଯାନୀ, ସଗିର ଅହମ୍ମଦ ସାହାଯ୍ୟ କରିଥିଲେ। ମ୍ୟାଚରେ କମିଶନର ଭାବେ ଅମ୍ଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ମଲ୍ଲିପୁର ସରପଞ୍ଚ ବିଜୟ କୁମାର ସାହୁ, କେରଙ୍ଗ ଅହମ୍ମଦୀୟା ମୁସଲିମ ସଙ୍ଗଠନର ସଭାପତି ମୁନଓର ଅହମ୍ମଦ ଏବଂ ଶରିଫ ମୁହମ୍ମଦ ଯୋଗ ଦେଇଥିଲେ। ବୁଧବାର ୨ୟ ସେମିଫାଇନାଲ ଅହମ୍ମଦୀୟା ଏଫ୍‌ସି କେରଙ୍ଗ ଏବଂ କେଏଫ୍‌ସି କରଡାପଲ୍ଲୀ ମଧ୍ୟରେ ଖେଳାଯିବ ବୋଲି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଘୋଷଣା କରାଯାଇଛି।

## ସଂଗ୍ରହଶାଳା ସଂସ୍ଥାପିକା ଶେଫାଳିଙ୍କ ସ୍ମୃତିସଭା

**ବେଗୁନିଆ, ୧୧।୨ (ଡି.ଏନ.ଏ.)**

ଖୋର୍ଦ୍ଧା ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ-ଶେଫାଳି ସଂଗ୍ରହଶାଳା ସଂସ୍ଥାପିକା ଶେଫାଳିବାଳା ଦାସଙ୍କ ଏକାଦଶାହରେ ଏକ ସ୍ମୃତିସଭା ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରାଣନାଥ କଲେଜର ପୂର୍ବତନ ଅଧକ୍ଷ ଡ. ମହେନ୍ଦ୍ର କୁମାର ମହାନ୍ତି ଓ ଡ. ଚୌଧୁରୀ ପ୍ରତାପ କୁମାର ଦାସ, ବିଚାରପତି ଜୀବନବଲ୍ଲଭ ଦାସ, ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସୁଧାଂଶୁ କୁମାର ଦାସ, ପୂର୍ବତନ ଯୁଗ୍ମ ସଚିବ ଶରତ ଚନ୍ଦ୍ର ଦାସ, ପୂର୍ବତନ ଏସ୍.ପି. ଦେବ ପ୍ରସାଦ ମଜୁମଦାର, ଏସ୍‌ସିବି ମେଡିକାଲର ପ୍ରଫେସର ଲୁସି ଦାସ, ଓୟୁଏଟିର ଡିନ୍ ପ୍ରଫେସର ଦିଲୀପ ଦୋରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟାପକ ଡ. ନଟବର ସାହୁଙ୍କ ଦ୍ୱାରା ସମ୍ପାଦିତ ସ୍ମରଣିକା 'ଶେଫାଳି ସୁରଭି'କୁ ସାହିତ୍ୟିକ ଡ. ଦିଲୀପ ଶ୍ରୀଚନ୍ଦନ ଲୋକାର୍ପଣ କରିଥିଲେ। ଶେଫାଳି ତାଙ୍କ ବାଲ୍ୟାବସ୍ଥାରୁ ସଂଗ୍ରହ କରିଥିବା ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ ପ୍ରଭୃତି ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ୱାକ୍ଷର ଅଟୋଗ୍ରାଫ୍ ସମେତ ମାତା ବିଦ୍ୟୁତଲତା ଓ ଅଣଅଜା ଭାଗୀରଥି ପଟ୍ଟନାୟକଙ୍କ କାବ୍ୟ, କବିତା ଗ୍ରନ୍ଥ ପ୍ରଭୃତିକୁ ନେଇ ଏହି ସଂଗ୍ରହାଳୟ ସ୍ଥାପନ କରିଥିଲେ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ ଦେଇଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଗୁରୁ ନିମାକାନ୍ତ ରାଉତରାୟ ଓ ତାଙ୍କ ସାଥୀ ଭଜନ ପରିବେଷଣ କରିଥିଲେ।

# ଜଟଣୀ କଲେଜ ସାମ୍ବତ୍ସରିକ ଉତ୍ସବ




ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଜଟଣୀ, ୧୧।୨(ଡି.ଏନ.ଏ.):**

ଜଟଣୀ ମହାବିଦ୍ୟାଳୟର ୪୪ତମ ସାମ୍ବତ୍ସରିକ ଉତ୍ସବ ମଙ୍ଗଳବାର ଏହାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ପ୍ରଫେସର କିଶୋର ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପିଏମ୍ଆଇଆର୍ ବିଭାଗ ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଓ ବାଲିପାଟଣା ଶିଶୁ ଅନନ୍ତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାଧ୍ୟାପିକା ତଥା ଲେଖିକା ଡ. ଶ୍ରୀଜୟା ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନ ଗଠନର ଅନେକ ଉପାଦେୟ ପରାମର୍ଶ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ କହିଥିଲେ। କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଭୟ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବ କମିଟିର ସଦସ୍ୟାସଦସ୍ୟ ପ୍ରିୟଦର୍ଶିନୀ ପଟ୍ଟନାୟକ, ଡ. କମଳ କୁମାର ପାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବୃତ୍ତିରେ ୨୫ ବର୍ଷ ପୂରଣ କରିଥିବା କଲେଜର ଅଧ୍ୟାପିକା ଡ. କଳ୍ପନା କୁମାରୀ ନାୟକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରଭାତୀ କାହାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସନ୍ତୋଷ ବିଶ୍ୱାଳ, ଡ. ତପନ ମିଶ୍ର, ଅନସୂୟା ଦେବୀ ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ. ଅନୁପ କୁମାର ମହାନ୍ତି ଶେଷରେ ଧନ୍ୟବାଦ ଦେଇଥିଲେ।

# ଗୋଳବାଇରେ କୃଷକ ସମାବେଶ

**ନିରାକାରପୁର,୧୧।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଗୋଳାବାଇସ୍ଥିତ ମା ଭଗବତୀ କୃଷକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଦୋଳପଡିଆସ୍ଥିତ କମ୍ୟୁନିଟି ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କସ୍ତୁରୀ ଚରଣ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ବାରିକ୍ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଉପକୃଷି ଅଧିକାରୀ ନାରାଣୟ ସେଠୀ, କୃଷି ଯୋଜନା ଅଧିକାରୀ ସୁବ୍ରତ କୁମାର ରଥ, ଖୋର୍ଦ୍ଧା ବ୍ଲକ କୃଷି ଅଧିକାରୀ ରାଜଶ୍ରୀ ବେହେରା, ସହକାରୀ କୃଷି ଅଧିକାରୀ ସୁଶ୍ରୀ ସରୋଜିନୀ, ଖୋର୍ଦ୍ଧା ବ୍ଲକ ଆତ୍ମା ସଭାପତି ରୁଦ୍ରଭାନୁ ନରେନ୍ଦ୍ରଜିତ୍ ସିଂହ, ବ୍ଲକ ଉପାଧକ୍ଷ ରାମଚନ୍ଦ୍ର ସାମନ୍ତରାୟ, ଗୋଳବାଇ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଜଣେ ବ୍ୟକ୍ତି ଭଲ ଚାଷୀଟିଏ ହେବାକୁ ହେଲେ ଚାଷ ସମ୍ବନ୍ଧୀୟ ଜ୍ଞାନ ରହିବା ଦରକାର । ଫଳରେ ଅଞ୍ଚଳରେ ଚାଷର ଉନ୍ନତି ହୋଇପାରିବ । ଏଥିପାଇଁ ମୁଖ୍ୟତଃ ମୃତ୍ତିକା ପରୀକ୍ଷା ନିତାନ୍ତ ଆବଶ୍ୟକ ବୋଲି କୃଷି ଅଧିକାରୀମାନେ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତିତ ଉକ୍ତ ଅଞ୍ଚଳରେ ଖାଲି ଧାନ ଚାଷଉପରେ ଧ୍ୟାନ କେନ୍ଦ୍ରିଭୂତ ନକରି, ମୁଗ,ବିରି, କୋଳଥ,ବାଦାମ, ସୂର୍ଯ୍ୟମୁଖୀ ଇତ୍ୟାଦି ସହିତ ମାଛ, କୁକୁଡା ଓ ମହୁଚାଷ ଉପରେ ଜଣେଚାଷୀ ଧ୍ୟାନ ଦେବା ଉଚିତ୍ ବୋଲି ଅଧିକାରୀଗଣ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ଆମ ଅଞ୍ଚଳରେ କୃଷି ବିଭାଗ ପକ୍ଷରୁ କିଏ ଗ୍ରାମସେବକ ଅଛନ୍ତି ଆମେ ଏ ପର୍ଯ୍ୟନ୍ତ ଜାଣିପାରୁନାହୁଁ ବୋଲି ଉପସ୍ଥିତ ଚାଷୀମାନେ ଅଧିକାରୀଗଣଙ୍କୁ ପାଲଟା ପ୍ରଶ୍ନକରି ହତବାକ୍ କରିଦେଇଥିଲେ। ଖୋର୍ଦ୍ଧାର ୧୯୦ଟି ପଞ୍ଚାୟତ ନିମନ୍ତେ ୪୦ଜଣ ଗ୍ରାମସେବକ ଅଛନ୍ତି । ୫ଟି ପଞ୍ଚାୟତ ପିଛା

### ଗ୍ରାମସେବକଙ୍କ ଅନୁପସ୍ଥିତ ଯୋଗୁ ବର୍ଷିଲେ ଚାଷୀ

ଜଣେ ଲେଖାଏ ଗ୍ରାମସେବକ ରହିଛନ୍ତି। ତେବେ ଗ୍ରାମସେବକ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କୃଷି ଅଧିକାରୀମାନେ ସଫେଇ ଦେଇଥିଲେ । ଏହି ସମାବେଶରେ ଚାଷୀମାନଙ୍କ ତରଫରୁ କୃଷିଅଧିକାରୀଙ୍କୁ ଓ କେତେକ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋଳବାଇ ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ପଲେଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷାବିତ୍ ବିନୋଦ ବିହାରୀ ସେଠୀ ମଞ୍ଚ ପରିଚାଳନା କରିଥିଲେ । ଗୋଳବାଇ ଜନସେବା କେନ୍ଦ୍ରର ସଂଯୋଜକ ପଦ୍ମନାଭ ସାହୁ ଧନ୍ୟବାଦ ଦେଇଥିଲେ। ନିତ୍ୟାନନ୍ଦ ମଙ୍ଗରାଜ,ସୁଦାମ ବେହେରା,ମୁନା ସ୍ୱାଇଁ,ଶରତ ଶ୍ରୀଚନ୍ଦନ,ସୁବାସ ପଲେଇ ପ୍ରମୁଖ ଚାଷୀ ସହଯୋଗ କରିଥିଲେ।

## ବିଷ୍ଣୁ ମହାଯଜ୍ଞ ,ଅଖଣ୍ଡ ନାମ ସଂକୀର୍ତ୍ତନ ଓ ପୂର୍ଣ୍ଣାହୁତି

**ନିରାକାରପୁର,୧୧।୨(ଡି.ଏନ.ଏ.)**

ଓଳସିଂହ ପଞ୍ଚାୟତ ଉପର ସାହିସ୍ଥିତ ଶ୍ରୀପତିତପାବନ ଦେବଙ୍କ ମନ୍ଦିର ପରିସରରେ ବିଷ୍ଣୁ ମହାଯଜ୍ଞ ତଥା ଅଖଣ୍ଡ ନାମ ସଙ୍କୀର୍ତ୍ତନ ଦୀର୍ଘ ୫ ଦିନ ଧରି ଚାଲୁ ରହିଥିବାବେଳେ ମଙ୍ଗଳବାର ପୂର୍ଣ୍ଣାହୁତି ଦିଆଯାଇଛି। ଏଥିରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ, ସହକର୍ମୀଙ୍କ ଦ୍ୱାରା ଯଜ୍ଞ ପରିଚାଳନା କରାଯାଇଥିଲା।

# ତହସିଲଦାର, ବିଡିଓଙ୍କୁ ୪ଦଫା ଦାବିପତ୍ର ପ୍ରଦାନ

## ବୋଲଗଡରେ ଅଖିଳ ଭାରତୀୟ ଆଦିବାସୀ ମହାସଭାର ସମାବେଶ

**ବୋଲଗଡ,୧୧।୨(ଡି.ଏନ.ଏ.):**

ଅଖିଳ ଭାରତୀୟ ଆଦିବାସୀ ମହାସଭାର ବୋଲଗଡ ବ୍ଲକ ଶାଖା ପକ୍ଷରୁ ମଙ୍ଗଳବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସମାବେଶରେ ଯୋଗଦେଇଥିବା ମହିଳାପୁରୁଷ ଶୋଭାଯାତ୍ରାରେ ଯାଇ ବୋଲଗଡ ତହସିଲଦାର ମୋନାଲିଶା ପଣ୍ଡାଙ୍କୁ ଦାବିପତ୍ର ଦେଇଥିଲେ। ପରେ ବୋଲଗଡ ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ମଧ୍ୟ ଅନୁରୂପ ଭାବେ ଏକ ଦାବିପତ୍ର ଦିଆଯାଇଛି। ବୋଲଗଡ ବ୍ଲକ ସିପିଆଇ ନେତା ଆଇନଜୀବୀ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ଦେବା ସହିତ ତହସିଲଦାର ଓ ବିଡିଓଙ୍କ ସହିତ ଆଲୋଚନା କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ଗରିବ, ଭୂମିହୀନ ଆଦିବାସୀ ଓ ଦଳିତମାନଙ୍କୁ ଦଖଲ ଜମିର ପଟ୍ଟା ପ୍ରଦାନ, ଆଦିବାସୀ ସାହି ବସ୍ତି ଓ ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଣ, ଶଅର, ଶବର, ଶହର ଓ ସୌରା ଜାତିର ଲୋକଙ୍କୁ ଆଦିବାସୀ ଜାତି ପ୍ରମାଣପତ୍ର ପ୍ରଦାନ ଅନ୍ୟତମ। ତେବେ ଦଖଲ ଜମିର ପଟ୍ଟା ଓ ଆଦିବାସୀ ଜାତି ପ୍ରମାଣ ପତ୍ର ବିଷୟରେ ଏକମାସ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଥିବା ସୂଚନା ମିଳିଛି। ସେହିପରି ଆବାସ ଯୋଜନା ଓ ପାନୀୟ ଜଳ ଯୋଗାଣ ପାଇଁ ଆଗାମୀ ଦିନରେ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ସଂଗଠନର ଖୋର୍ଦ୍ଧା ଜିଲା ସଭାପତି ଗଗନ ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ ସିପିଆଇର ବେଗୁନିଆ ଜୋନ ସମ୍ପାଦକ ଲକ୍ଷ୍ମଣ ସେଠୀ, ବୋଲଗଡ ଜୋନ ସମ୍ପାଦକ ବିନୋଦ ବରାଡ, ସିପିଆଇ ଯୁବନେତା ଶ୍ୟାମାକାନ୍ତ ପଟ୍ଟନାୟକ, ପ୍ରଦୀପ ବାରିକ ପ୍ରମୁଖ ଯୋଗଦେଇଥିଲେ।

# ୨୪ ସରପଞ୍ଚ ହେଲେ ସଚେତନ

**ବେଗୁନିଆ, ୧୧।୨ (ଡି.ଏନ.ଏ.)**




ସଚେତନତା ଶିବିର ଉପସ୍ଥିତ ଅତିଥିମାନେ।

### ବେଗୁନିଆରେ ସମନ୍ୱିତ ଶିଶୁ ସୁରକ୍ଷା ଶିବିର

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଦିନିକିଆ ସମନ୍ୱିତ ଶିଶୁ ସୁରକ୍ଷା ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ସଭାଗୃହ ପରିସରରେ ଆୟୋଜିତ ଶିବିରରେ ଉଭୟ ବେଗୁନିଆ ଓ ବୋଲଗଡ ବ୍ଲକ ସରପଞ୍ଚ ଉପସ୍ଥିତ ଥିଲେ। ଉଭୟ ବ୍ଲକର ୪୦ ସରପଞ୍ଚଙ୍କ ମଧ୍ୟରୁ ମାତ୍ର ୨୪ ସରପଞ୍ଚ ଶିଶୁ ସୁରକ୍ଷା ସମ୍ପର୍କରେ ସଚେତନ ହୋଇଥିଲେ। ନିର୍ଦ୍ଦିଷ୍ଟ ପଞ୍ଚାୟତ ଅଞ୍ଚଳର ମୁଖିଆ ହେଉଛନ୍ତି ସରପଞ୍ଚ। ସରପଞ୍ଚ ଯଦି ସଚେତନ ହେଲେ ତେବେ ଯାଇ ଗ୍ରାମାଞ୍ଚଳରେ ଶିଶୁମାନେ ସୁରକ୍ଷିତ ରହିପାରିବେ। ପଞ୍ଚାୟତସ୍ତରୀୟ କମିଟିର ଭୂମିକା କ'ଣ ସେ ନେଇ ଆଲୋକପାତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ରାଜ୍ୟ ମହିଳା କମିଶନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ଅତିଥି ଭାବେ ବେଗୁନିଆ ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ, ଏବିଡିଓ ମହେନ୍ଦ୍ର କୁମାର ଜେନା, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଚ୍ଛାୟତ ଏବଂ ରୀତାଞ୍ଜଳି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ 'ମୋ ସ୍କୁଲ' ପୁରାତନ ଛାତ୍ର ସମ୍ମିଳନୀ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ଖୋର୍ଦ୍ଧା ଜିଲାସ୍ତରୀୟ ମୋ ସ୍କୁଲ ପୁରାତନ ଛାତ୍ର ସମ୍ମିଳନୀ ମଙ୍ଗଳବାର ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। 'ମୋ ସ୍କୁଲ' ଅଭିଯାନ ଅଧକ୍ଷ ସୁସ୍ମିତା ବାଗ୍‌ଚି ଏହାକୁ ଉଦ୍‌ଘାଟନ କରି ଖୋର୍ଦ୍ଧା ଜିଲାର ୧୧୮୧ ସ୍କୁଲ ଅଭିଯାନରେ ସାମିଲ ହୋଇଛି ବୋଲି ସୂଚନା ଦେଇଥିଲେ। ସମ୍ପର୍କ-ସହଯୋଗ-ସାହାଯ୍ୟ-ସୃଷ୍ଟି-ସମ୍ଭବ ଆଦି ହେଉଛି ମୋ ସ୍କୁଲ ଅଭିଯାନର ୫ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅଧକ୍ଷ ବାଗ୍‌ଚି କହିଥିଲେ। ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ କିପରି ସମସ୍ତଙ୍କ ପାଇଁ ଏକ ଛାପ ଓ ସ୍ମୃତି ହୋଇ ରହିଯାଏ ପରିପ୍ରକାଶ କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ପୁରାତନ ଛାତ୍ରୀଛତ୍ରମାନେ ।

ଅଭିଯାନ ମାଧ୍ୟମରେ ଖୋର୍ଦ୍ଧା ଜିଲା ୮ କୋଟି ୩୨ ଲକ୍ଷ ଟଙ୍କା ଆଣି ବିଦ୍ୟାଳୟଗୁଡ଼ିକର ଆତ୍ମିକ, ଆଙ୍ଗିକ ଓ ଶୈକ୍ଷିକ ବାତାବରଣ ବଦଳାଇପାରିଛି ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ଯୋଗଦେଇ ନିଜ ବିଦ୍ୟାଳୟର ପୁରୁଣା ଦିନର ସ୍ମୃତିକୁ ଉପସ୍ଥାପନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ମାଧ୍ୟମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଆଲୁମ୍ନିମାନଙ୍କୁ ଅନୁପ୍ରାଣିତ କରିଥିଲେ। ଏହି ଅବସରରେ ଜିଲାର ଭୁବନେଶ୍ୱର, ବାଲିଅନ୍ତା ଓ ବାଲିପାଟଣା ବ୍ଲକ୍‌ର ୧୦୦% ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରିଥିବାରୁ ମୋ ସ୍କୁଲ ଅଭିଯାନ ତରଫରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଲୁମ୍ନି ସଭ୍ୟମାନଙ୍କ ମଧ୍ୟରେ ଡ. ଅରବିନ୍ଦ ମହାନ୍ତି, ପ୍ରଶାନ୍ତ ପରିଜା, ବଟକୃଷ୍ଣ ତ୍ରିପାଠୀ ଓ ବିମ୍ବାଧର ସାହୁ ପ୍ରମୁଖ ବ୍ୟକ୍ତି ବିଶେଷ ମୋ ସ୍କୁଲ ପ୍ରତି ସେମାନଙ୍କ ପ୍ରଗାଢ଼ ନିଷ୍ଠା ତଥା ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାରେ ଏହା କିପରି ସହାୟକ ହୋଇପାରିବ ସୂଚନା ଦେଇଥିଲେ। ସଭା ପରେ ୧୦ ବ୍ଲକ୍‌ରୁ ମୋ ସ୍କୁଲ ଅଭିଯାନ ଦ୍ୱାରା କରାଯାଇଥିବା ବିଭିନ୍ନ କୃତି ରୂପକ ଷ୍ଟଲ୍‌କୁ ସୁସ୍ମିତା ବାଗ୍‌ଚି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଇଓ ସସ୍ମିତା ମାଳି, ବାଲିଅନ୍ତା ବିଇଓ ସ୍ନିଗ୍ଧା ମିଶ୍ର, ବାଲିପାଟଣା ବିଇଓ ମହେଶ୍ୱର ସାହୁ, ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଙ୍ଗୀତା ପଣ୍ଡା, କ୍ୟାପିଟାଲ ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ସୋନାମିକା ରାୟ, ଅମିତା ତ୍ରିପାଠୀ, ଅମୂଲ୍ୟ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୨/୨୦୨୦ (୨୦ ପୃଷ୍ଠା) | Bhubaneswar, Wednesday, February 12/2020 | ★★★★★★

୪୬ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ରାହୁଲଙ୍କ ସଫଳତା**

ନ୍ୟୁଜିଲାଣ୍ଡରେ ବ୍ୟାଟିଂ ଅର୍ଡରର ୫ମ ସ୍ଥାନରେ ଶତକ ହାସଲ କରିବାରେ କେ.ଏଲ୍. ରାହୁଲ ଦ୍ୱିତୀୟ ଭାରତୀୟ ବ୍ୟାଟ୍ସମ୍ୟାନ।

୧୯

୦୯

**ନ୍ୟୁୟର୍କରେ ଡେଷ୍ଟିନେଶନ ୱେଡିଂ କରିବେ ସାରା**

ସାରା ଅଲି ଖାନ୍ ନିଜ ବିବାହକୁ ନେଇ ଅନେକ ସ୍ୱପ୍ନ ଦେଖୁଛନ୍ତି। ନ୍ୟୁୟର୍କରେ ସେ ଡେଷ୍ଟିନେଶନ ୱେଡିଂ କରିବାକୁ ଚାହାନ୍ତି ବୋଲି ପ୍ରକାଶ କରିଛନ୍ତି।



# ଛଦ୍ମ ରାଷ୍ଟ୍ରବାଦକୁ 'ଝାଡୁ'

## ଏକ ଅଙ୍କରେ ସୀମିତ ଭାଜପା, କଂଗ୍ରେସ ଏଥର ବି ମୂଳପୋଛ

**ନୂଆଦିଲ୍ଲୀ,୧୧।୨**

ଯାହା ଅନୁମାନ କରାଯାଉଥିଲା ତାହା ହିଁ ହେଲା। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିପୁଳ ବିଜୟ ହାସଲ କରିଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତୃତୀୟଥର ପାଇଁ କ୍ଷମତା ଦଖଲ କରିବାକୁ ଯାଉଛନ୍ତି। ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଶାସକ ଏଏପି ୬୨ ଆସନ ଦଖଲ କରି ପୂର୍ଣ୍ଣସଂଖ୍ୟାଗରିଷ୍ଠତା ଲାଭ କରିଛି। ଭାଜପାକୁ ମାତ୍ର ୮ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ କଂଗ୍ରେସ ଏଥର ମଧ୍ୟ ଖାତା ଖୋଲିପାରି ନାହିଁ। ଏଏପିର 'ଉନ୍ନୟନମୂଳକ କାର୍ଯ୍ୟକ୍ରମ' ସପକ୍ଷରେ ଜନାଦେଶ ଯାଇଥିବାବେଳେ ଭାଜପାର ' ଜାତୀୟତାବାଦୀ କାର୍ଯ୍ୟସୂଚୀ' କାମ ଦେଇନାହିଁ। ଦିଲ୍ଲୀବାସୀ ଏହାକୁ ପ୍ରତ୍ୟାଖ୍ୟାନ କରି ଛଦ୍ମ ରାଷ୍ଟ୍ରବାଦକୁ ଝାଡୁ ମାରିଦେଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ଫଳରେ ନିର୍ବାଚନ ବେଳେ ଧୂଆଁଧାର ପ୍ରଚାର ଚଳାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଶକ୍ତ ଝଟକା ଲାଗିଛି। ଏହି ବିଜୟ ସହ ଜାତୀୟ ରାଜନୀତିରେ କେଜ୍‌ରିୱାଲଙ୍କ ପତିଆରା ବୃଦ୍ଧିପାଇଛି। ଏଏପି ନେତା ଓ କର୍ମୀ ଉତ୍ସବ ମନାଉଥିବାବେଳେ ଭାଜପା ଶିବିରରେ ନୈରାଶ୍ୟ ଖେଳିଯାଇଛି।

ଗତ ୮ ତାରିଖରେ ଦିଲ୍ଲୀ ବିଧାନସଭାର ୭୦ ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ୬୨.୫୯% ମତଦାନ ହୋଇଥିଲା। ଏହାସହ ମଇଦାନରେ ଥିବା ୭୯ ମହିଳାଙ୍କ ସମେତ ମୋଟ ୬୭୨ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍)ରେ ବନ୍ଦ ହୋଇଯାଇଥିଲା। ଉଭୟ ଏଏପି ଏବଂ ଭାଜପା ବିଜୟ ଆଶା ରଖିଥିବାବେଳେ ଅଧିକାଂଶ ଏକ୍‌ଜିଟ୍ ପୋଲ୍ କେଜ୍‌ରିୱାଲଙ୍କ ଦଳ ସପକ୍ଷରେ ଜନମତ ରହିଥିବା ଭବିଷ୍ୟବାଣୀ କରିଥିଲେ। ଦିଲ୍ଲୀର ୧୧ ଜିଲାର ୨୧ଟି ସ୍ଥାନରେ ଭୋଟଗଣତି କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ମଙ୍ଗଳବାର ସକାଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗଣତି ଆରମ୍ଭ ହୋଇଥିଲା। ପ୍ରଥମରୁ ଅଧିକାଂଶ ଆସନରେ ଦୁଇଦଳ ମଧ୍ୟରେ କଡ଼ା ଟକ୍କର ହେଉଥିବା ଜଣାପଡ଼ିଥିଲା। କିନ୍ତୁ ସମୟ ଗଡ଼ିଚାଲିବା ସହ ଫଳାଫଳ ପରିଷ୍କାର ହେବାରେ ଲାଗିଲା। ନିର୍ବାଚନ କମିଶନ (ଇସି)ଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟାନୁସାରେ ଏଏପି ୬୨ ଆସନ ଦଖଲ କରି ପୁଣିଥରେ ସରକାର ଗଠନ ପାଇଁ ଅଣ୍ଟା ଭିଡ଼ିଛି। ଭାଜପାକୁ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। କଂଗ୍ରେସ ୨୦୧୫ ଭଳି ଏହି ନିର୍ବାଚନରେ ମଧ୍ୟ ଖାତା ଖୋଲିପାରି ନାହିଁ। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ନୂଆଦିଲ୍ଲୀ ଆସନରୁ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁନୀଲ କୁମାର ଯାଦବଙ୍କୁ ୨୧,୬୯୭ ଭୋଟରେ ହରାଇଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ପଟପଡ଼ଗଞ୍ଜ ଆସନରେ ଭାଜପା ପ୍ରାର୍ଥୀ ରବୀନ୍ଦର ସିଂଙ୍କୁ ୧୧,୦୦୦ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଏଏପି ନେତା ରାଘବ ଚଡ୍ଢା (ରାଜିନ୍ଦର ନଗର), ଅତିଶୀ (କାଲକାଜୀ), ଅମାନତୁଲ୍ଲା ଖାନ୍ (ଓଖ୍‌ଲା), ଗୋପାଲ ରାଏ (ବାବରପୁର) ଓ ସତ୍ୟେନ୍ଦ୍ର ଜୈନ(ଶକୁରବସ୍ତି) ☞ପୃଷ୍ଠା-୪




### ଦିଲ୍ଲୀ ଜନାଦେଶ



ମୋଟ ଆସନ: ୭୦

| ଏଏପି | ଭାଜପା |
| --- | --- |
| ୬୨ | ୮ |

- ବିକାଶ ଆଗରେ ହାର ମାନିଲା ଭାଜପାର ଜାତୀୟତାବାଦୀ କାର୍ଯ୍ୟସୂଚୀ
- ଏବେ 'କାମ'ର ରାଜନୀତି ଆରମ୍ଭ ହେଲା: କେଜ୍‌ରିୱାଲ
- ୧୪ରେ ତୃତୀୟଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଏଏପି ମୁଖ୍ୟ

## କ୍ଷୁଦ୍ର ମାନସିକତା ଦେଶ ବିରୋଧୀ

**ତଥାଗତ ସତପଥୀ**

ଦିଲ୍ଲୀ ବିଧାନସଭା ନିର୍ବାଚନ-୨୦୨୦ ଫଳାଫଳ ୧୧ ଫେବୃୟାରୀରେ ପ୍ରକାଶ ପାଇଛି। ଏଥିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୬୨ ଆସନ ପାଇଥିବା ବେଳେ ଭାରତୀୟ ଜନତା ପାର୍ଟି (ଭାଜପା) ମାତ୍ର ୮ ସିଟ୍ ଅକ୍ତିଆର କରିଛି। ଅନ୍ୟତମ ଜାତୀୟ ଦଳ କଂଗ୍ରେସ ଖାତାରେ ଗୋଟିଏ ମଧ୍ୟ ଆସନ ପଡ଼ିପାରିନାହିଁ। ଏଠି ମନେପକାଇ ଦିଆଯାଇପାରେ ଯେ, ମେ' ୨୦୧୯ରେ ଲୋକ ସଭା ନିର୍ବାଚନ ହୋଇଥିଲା। ସେହି ନିର୍ବାଚନରେ ଦିଲ୍ଲୀର ମୋଟ ୭ ଆସନରୁ ଭାଜପା ସବୁତକ ଜିତିଥିଲା। ୯ ମାସ ନ ପୂରୁଣୁ ଦିଲ୍ଲୀ ଭୋଟରଙ୍କ ମନ ପରିବର୍ତ୍ତନ ହୋଇଗଲା ଭଳି ଧାରଣା ସୃଷ୍ଟିହେବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ, ଦେଶର ପ୍ରତ୍ୟେକ ପ୍ରାନ୍ତରୁ ଯାଇ ଅନେକ ଶିକ୍ଷିତ ଓ ଅଶିକ୍ଷିତ ଲୋକ ଦିଲ୍ଲୀରେ ବସବାସ କରନ୍ତି। ସେଭଳି ପରିସ୍ଥିତିରେ ଦିଲ୍ଲୀକୁ ଏକ କ୍ଷୁଦ୍ର ଭାରତ ବୋଲି କହିହେବ। ସେହି ସହରର ଜନମତ ଆଜିର ଭାରତବର୍ଷକୁ ଏକ ନୂଆ ସଙ୍କେତ ଦେଇଛି। ଜାମିଆ ଏବଂ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଶାହିନ୍‌ବାଗ ପର୍ଯ୍ୟନ୍ତ ସବୁକିଛି ଦିଲ୍ଲୀରେ ଘଟିଲା। ଅନେକ ବିଦ୍ୱାନ୍ ଭାବିଥିଲେ ଯେ, ଶାହିନ୍‌ବାଗର ପ୍ରତିବାଦ ମୁସଲମାନଙ୍କ ଦ୍ୱାରା ହେଉଥିବାରୁ ତାହାର ପ୍ରଭାବ ହିନ୍ଦୁ ଭୋଟରଙ୍କ ଉପରେ ପଡ଼ିବ। ଦିଲ୍ଲୀ ଭୋଟର ଶାହିନ୍‌ବାଗକୁ ଭୁଲିଯିବାର ଆଶଙ୍କା ଦେଖି ଦୁଇଥର ସେଠାରେ ଗୁଳି ଫୁଟାଇବାର ନାଟକ ମଧ୍ୟ ରଚାଯାଇଥିଲା। ଗଣମାଧ୍ୟମରେ ଆଲୋଚନା ଆରମ୍ଭ କରାଗଲା ଯେ, ଭାଜପାକୁ ସମର୍ଥନ କରୁ ନ ଥିବା ହିନ୍ଦୁ ମଧ୍ୟ ଏହି ପ୍ରତିବାଦ ଦ୍ୱାରା ବିଚଳିତ ହୋଇଛନ୍ତି। ସେଥିପାଇଁ ହିନ୍ଦୁ ଭୋଟରଙ୍କ ସମର୍ଥନ ସମ୍ପୂର୍ଣ୍ଣ ଭାବେ ଭାଜପା ପଛରେ ରହିବ। ନିରପେକ୍ଷ ପର୍ଯ୍ୟବେକ୍ଷକ ମଧ୍ୟ ଏହି ଯୁକ୍ତିକୁ ବିଶ୍ୱାସ କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ଫଳାଫଳ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଦେଶବ୍ୟାପୀ ପୁନର୍ବିଚାର ଆରମ୍ଭ ହୋଇଯାଇଛି।

ଦିଲ୍ଲୀ ନିର୍ବାଚନ ଫଳାଫଳ ଯୋଗୁ ଏହା ଭାବିବା କଥା ନୁହେଁ ଯେ, ଭାଜପାର ପତନ ଘଟିଲା। ସେହି ନିର୍ବାଚନରେ ସିଧାସଳଖ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବମୂର୍ତ୍ତି ଓ ଫଟୋ ବ୍ୟବହାର କରାଯିବା ସତ୍ତ୍ୱେ ଭାଜପାର ଶକ୍ତି ବୃଦ୍ଧି ଘଟିଲା ନାହିଁ। ଅମିତ ଶାହା, ଯାହାଙ୍କୁ ଅଳ୍ପ କିଛିବର୍ଷ ପୂର୍ବେ ଚାଣକ୍ୟ ଆଖ୍ୟା ଦିଆଯାଇଥିଲା ଓ ପ୍ରକାଶ ଜାଭଡେକର ଉଭୟେ ଏହି ଛୋଟିଆ ଭୌଗୋଳିକ ଅଞ୍ଚଳର ଦାୟିତ୍ୱ ବହନ କରି ସବୁ ଗୋଟିଚାଳନା କରିଦେଇଥିଲେ। ଏପରିକି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହେବ ସିଂ ବର୍ମାଙ୍କ ପୁତ୍ର ପରଭେଶ ବର୍ମା ପ୍ରତିବାଦକାରୀଙ୍କୁ ଦେଶଦ୍ରୋହୀ କହି ଗୁଳି ମାରିବାର ଡାକରା ଦେଇଥିଲେ। ଭାଜପାର ଷ୍ଟାର୍ କ୍ୟାମ୍ପେନର ଭାବେ ଏହି ଦୁହିଁଙ୍କ ନାମ ବିଧିବଦ୍ଧ ନିର୍ବାଚନ କମିଶନରଙ୍କ ୱେବ୍‌ସାଇଟରେ ସ୍ଥାନ ପାଇଥିଲା। ଅବଶ୍ୟ ଏହି ଦୁଇ କନିଷ୍ଠ ନେତା ସର୍ବୋଚ୍ଚଙ୍କଠାରୁ ସବୁଜ ସଙ୍କେତ ନ ପାଇ ଏତେବଡ଼ ମାରାତ୍ମକ ମତ ଦେବାକୁ ଆସ୍ପର୍ଦ୍ଧା କରି ନ ଥାଆନ୍ତେ। ଏହି ଛୋଟିଆ ଉଦାହରଣରୁ ବୁଝାପଡୁଛି ଭାଜପା ଦିଲ୍ଲୀ ଜିତିବା ପାଇଁ କୌଣସି ପ୍ରଚେଷ୍ଟା କରିବାରେ ପଛାଇ ନାହିଁ। ଶୁଣିବାକୁ ମିଳୁଛି ଯେ, ଭାଜପା ପକ୍ଷରୁ କେବଳ ବସ୍ତିବାସିନ୍ଦା ନୁହେଁ, ଆପାର୍ଟମେଣ୍ଟ ଓ ଘର ମାଲିକଙ୍କୁ ମଧ୍ୟ ଲଫାପାରେ ଟଙ୍କା ଉପହାର ଦିଆଯାଇଥିଲା। ଭାଜପା ପାଇଁ ଏଭଳି ପଦକ୍ଷେପ ଆଶ୍ଚର୍ଯ୍ୟଜନକ ନୁହେଁ। ସରକାରୀ ସ୍ତରରେ ନିର୍ବାଚନ ପୂର୍ବରୁ ସବୁ ବେଆଇନ ବସ୍ତିକୁ ଆଇନ ପରିସରଭୁକ୍ତ କରାଇ ଦିଲ୍ଲୀକୁ ଏକ ଅସୁନ୍ଦର ସହରରେ ପରିଣତ କରାଇବା ଦିଗରେ ଭାଜପାର ଅବଦାନ ସବୁବେଳେ ଦିଲ୍ଲୀ ବାସିନ୍ଦାଙ୍କ ମନେରହିବ। ଅନେକ ପ୍ରକାରର ପ୍ରଲୋଭନ ସତ୍ତ୍ୱେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସି ଦିଲ୍ଲୀରେ ବାସ କରୁଥିବା ନାଗରିକ ଏହି ନିର୍ବାଚନରେ ଭାଗ ନେଇ ଦେଶର ଚିନ୍ତାଧାରାକୁ ବ୍ୟକ୍ତ କରିଛନ୍ତି। ଦିଲ୍ଲୀ ଭାଜପାର ସଭାପତି ମନୋଜ ତିୱାରୀଙ୍କ କହିବା ଅନୁଯାୟୀ, ତାଙ୍କ ଦଳ ଜନାଦେଶକୁ ସମ୍ମାନ ଦେଉଛି। ତେବେ ମନୋଜ ତିୱାରୀଙ୍କ ନେତା ଅମିତ ଶାହା ନିର୍ବାଚନ ପୂର୍ବରୁ କହୁଥିଲେ ଯେ, ଦିଲ୍ଲୀର ଭୋଟର ଇଭିଏମ୍‌ର ବଟନ୍ ଏଭଳି ଦାବିବେ ତାହାର କରେଣ୍ଟ ଶାହିନ୍‌ବାଗରେ ଲାଗିବ। ହେଲେ ମନୋଜ ତିୱାରୀଙ୍କ ମନ୍ତବ୍ୟ ପ୍ରମାଣ କରୁଛି ଶାହାଙ୍କ ଦୃଢ଼ୋକ୍ତି ଭିନ୍ନ ଆଡ଼େ ପଳାଇଲା।

ଦିଲ୍ଲୀ ଓ ତା' ପୂର୍ବରୁ ଝାଡ଼ଖଣ୍ଡ ଭଳି ରାଜ୍ୟ ନିର୍ବାଚନ ଫଳାଫଳ କେତୋଟି କଥା ପ୍ରମାଣିତ କରୁଛି। ପ୍ରଥମେ, ଗଣତନ୍ତ୍ରରେ କେହି ଚିରସ୍ଥାୟୀ ନୁହନ୍ତି। ଦ୍ୱିତୀୟରେ, ସାମାଜିକ ପରିବର୍ତ୍ତନ ଆଣିବା ପାଇଁ କୌଣସି ଧାର୍ମିକ ଚିନ୍ତାଧାରାର ପ୍ରୟୋଜନ ନାହିଁ। ତୃତୀୟରେ, ଅର୍ଥନୈତିକ ପରିବର୍ତ୍ତନ କରିପାରିଲେ ଦେଶର ଉନ୍ନତି ଘଟିବ। ସେହି ଅର୍ଥନୀତିଠାରୁ ଦୃଷ୍ଟି ହଟେଇବା ପାଇଁ ଯେତେ ଡ୍ରାମା କଲେ ବି ଚାଖଣ୍ଡେ ପେଟର ତାତି ସବୁ ମଠ, ମନ୍ଦିର, ମସ୍‌ଜିଦ, ଗିର୍ଜା ଓ ଗୁରୁଦ୍ୱାରାଠାରୁ ଅଧିକ ଶକ୍ତିଶାଳୀ। ଭାରତର ଅଗ୍ରଗତି କୌଣସି ରାଜନୈତିକ ଦଳ ବା ନେତା କରାଇ ନ ଥିଲେ। ଆଜିର ପୃଥିବୀକୁ ଦେଖିଲେ ଚାଇନା ଓ ଆମେରିକା ସମେତ ସବୁ ଦେଶ ଆଣ୍ଠେଇଛନ୍ତି। ଏହି ସମୟରେ ଭାରତର ସୁବର୍ଣ୍ଣ ଯୁଗ ଫିଟିପାରିଥାଆନ୍ତା। ତାହାକୁ ଜନସାଧାରଣ କରାଇବାକୁ ଆଗେଇ ଆସିଥିଲେ। ସେହି ସମୟରେ ଦୁର୍ନୀତିଗ୍ରସ୍ତ କଂଗ୍ରେସକୁ ଡଷ୍ଟବିନ୍‌ରେ ପକାଇ ଭାଜପାକୁ କୋଳାଇ ନେଇଥିଲେ। ଦେଶବାସୀ ଚାହୁଁଥିଲେ ପ୍ରଗତି ପଥରେ ଅବରୋଧ ସୃଷ୍ଟି କରିବା ପରିବର୍ତ୍ତେ ଭାଜପା ସହଯୋଗୀ ପାଲଟିବ। କିନ୍ତୁ ଭାରତୀୟଙ୍କ ଏହି ଇଚ୍ଛାକୁ ବୁଝିବାରେ ଅସମର୍ଥ ରାଜନେତା ନିଜର କାର୍ଯ୍ୟସୂଚୀ ଏବଂ ଅହଂଭାବକୁ ଗୁରୁତ୍ୱ ଦେଇ ଲୋକଙ୍କୁ ବୋକା କରିପାରିବେ ବୋଲି ଭାବୁଛନ୍ତି। ଶେଷରେ ଅରବିନ୍ଦ କେଜ୍‌ରିୱାଲଙ୍କ ବିଜୟ ଲୋକଙ୍କ ଚିନ୍ତାଧାରାକୁ ପୁନର୍ବାର ଭାଜପା ନେତୃତ୍ୱ ସାମ୍‌ନାରେ ରଖିଛି। ଭାରତ ଏବେ ମଠ, ମନ୍ଦିର, ହିନ୍ଦୁତ୍ୱ, ନାଗରିକତ୍ୱ (ଏନ୍‌ଆରସି, ସିଏଏ, ଏନ୍‌ପିଆର, ଆଧାର), ମୁସଲ୍‌ମାନ ବିରୋଧୀ ହେବା ପରିବର୍ତ୍ତେ ଏକ ବିଶ୍ୱଶକ୍ତି ଭାବେ ଗଢ଼ି ଉଠିବା ଆବଶ୍ୟକ। ଏହି ସୁଯୋଗକୁ ସବୁଦଳର ରାଜନୈତିକ ବ୍ୟକ୍ତି ହାତଛଡ଼ା କରିଦେଉଛନ୍ତି। ସେମାନଙ୍କ କ୍ଷୁଦ୍ର ମାନସିକତା ବାସ୍ତବରେ ଦେଶ ବିରୋଧୀ।

## କନ୍ୟା ସନ୍ତାନ ଜନ୍ମ ଦେବାରୁ ମହିଳାଙ୍କୁ ପୋଡ଼ି ହତ୍ୟା

**ରାଉରକେଲା ଅଫିସ,୧୧। ୨**

କନ୍ୟା ସନ୍ତାନ ଜନ୍ମ ଦେବାରୁ ରାଧା କୁମାରୀ(୨୪) ନାମ୍ନୀ ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯିବାସହପୋଡିହତ୍ୟାକରାଯାଇଛିବୋଲିମଙ୍ଗଳବାରଷ୍ଟିଲସିଟିରବନ୍ଧମୁଣ୍ଡାଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରି ରାଧାଙ୍କ ସ୍ୱାମୀ ବିନୋଦ ସିଂ, ଶ୍ୱଶୁର ରାମକୀର୍ତ୍ତି, ଦେଢଶୁର ଜୟମଙ୍ଗଲ ଓ ଯାଆ ମୁନ୍ନିଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ରାଉରକେଲା ଗୋପବନ୍ଧୁପାଲି ବାସିନ୍ଦା ଶିବ ପ୍ରସାଦ ସ୍ୱର୍ଣ୍ଣକାରଙ୍କ ଝିଅ ରାଧା କୁମାରୀ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ କୋଇଲା ଗେଟ ଅଞ୍ଚଳର ବିନୋଦ ସିଂ(୩୦)ଙ୍କୁ ବୈଦିକ ରୀତିରେ ୬ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହର ୬ ମାସ ପରେ ତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିଲା। ଏପରିକି ସେତେବେଳେ ☞ପୃଷ୍ଠା-୧୫

## ଟ୍ରାଫିକ ଜାମ୍‌ରେ ଚାଲିଗଲା ଶିଶୁର ଜୀବନ

- ରାଜଧାନୀ ରାସ୍ତାରେ ଘଣ୍ଟାଏ ଫସି ରହିଲା ଆମ୍ବୁଲାନ୍ସ
- ପରିବାର ଲୋକଙ୍କ ନେହୁରା ସତ୍ତ୍ୱେ କେହି ଛାଡ଼ିଲେନି ରାସ୍ତା
- କ୍ୟାପିଟାଲ ହସ୍ପିଟାଲରୁ କିମ୍ସ ଲାଗିଗଲା ଦେଢ଼ଘଣ୍ଟା



ନୀଲ୍ ନୀତୀଶ



ଆମ୍ବୁଲାନ୍ସ ଆଗରେ ଟ୍ରାଫିକ୍ ଜାମ୍‌ର ଦୃଶ୍ୟ ।

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ରାଜଧାନୀରେ ଟ୍ରାଫିକ ଜାମ୍ ଆଉ ଏକ ଜୀବନ ନେଇଛି। ରାସ୍ତା ଜାମ୍‌ରେ ଆମ୍ବୁଲାନ୍ସ ଫସି ରହିବାରୁ ଜଣେ ୫ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମଙ୍ଗଳବାର ପୂର୍ବାହ୍ନରେ ଘଟିଛି ଏହି ଦୁଃଖଦ ଘଟଣା। ମୃତ ଶିଶୁ ହେଲେ ପୁରୁଣା ଭୁବନେଶ୍ୱରରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ଦୋବଣ୍ଡା ଗ୍ରାମର ନୀରୋଦ ନାୟକଙ୍କ ପୁଅ ନୀଲ୍ ନୀତୀଶ ନାୟକ। ପୁଅକୁ ଭଲ କରିବାକୁ ପରିବାର ଲୋକେ ରାଜ୍ୟର ପ୍ରମୁଖ ସରକାରୀ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଏବେ ପୁଅର ମୃତଦେହ ଧରି ଘରକୁ ଫେରିଛନ୍ତି ମା'ବାପା। ପୁଅର ମୃତ୍ୟୁ ପାଇଁ ଚିକିତ୍ସା ଅବହେଳା ଓ ଟ୍ରାଫିକ ଜାମ୍‌କୁ ବାପା ନୀରୋଦ ଦାୟୀ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ପୁଅ ନୀଲ୍ ନୀତୀଶଙ୍କର ରବିବାର ରାତିରେ କାଶ ହେବା ସହ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୋର୍ ୪ଟାରେ କ୍ୟାପିଟାଲ ହସ୍ପିଟାଲ ଶିଶୁ ବିଭାଗ ଆଣିଥିଲେ। ଥଣ୍ଡାରୁ ଏଭଳି ହେଉଥିବା କହି ଡାକ୍ତର ଇଞ୍ଜେକ୍ସନ ଓ କିଛି ଔଷଧ ଲେଖି ଘରକୁ ପଠାଇଦେଇଥିଲେ। ସୋମବାର ଔଷଧ ଖାଇ ଦିନସାରା ଟିକେ ସୁସ୍ଥ ହୋଇଥିଲେ ନୀଲ୍ ନୀତୀଶ। ରାତି ପ୍ରାୟ ୧୧ଟାରେ ପୁଣି ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଭୋର୍ ସମୟରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଉପସ୍ଥିତ ଥିବା ଜଣେ ଡାକ୍ତର ପୂର୍ବରୁ ଦିଆଯାଇଥିବା ଇଞ୍ଜେକ୍ସନ ପୁଣି ଦେବା ସହ ଔଷଧ ଓ ରକ୍ତ ପରୀକ୍ଷା ପାଇଁ ଲେଖିଥିଲେ। ଔଷଧ କିଣା ଓ ରକ୍ତ ପରୀକ୍ଷା ପାଇଁ ଧାଡ଼ିରେ ରହିବା ମଧ୍ୟରେ ବହୁ ବିଳମ୍ବ ହୋଇଯାଇଥିଲା। ଇତିମଧ୍ୟରେ ନୀଲ୍ ନୀତୀଶଙ୍କର ପ୍ରବଳ ଯନ୍ତ୍ରଣା ହେବାରୁ ସେ ଚିତ୍କାର କରି ଛାଟିପିଟି ହୋଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଙ୍କ ପାଖକୁ ନେଇ ଆସିଥିଲେ। ☞ପୃଷ୍ଠା-୧୫


**ପାକ୍ଷିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୦-୧୧


### ଆଜିର ମନ୍ତବ୍ୟ

"୨୦୨୧ ବିଧାନସଭା ନିର୍ବାଚନରେ ଭାଜପାର ଶେଷକୃତ୍ୟ ସମ୍ପନ୍ନ କରିବ ପଶ୍ଚିମବଙ୍ଗ। -**ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**


ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ

Vencobb Fresh Chicken — Taste the difference!

11.02.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 55 | 100 | 110 |
| CTC | 56 | 101 | 111 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 117 | 117 |
| ANG | 62 | 109 | 119 |
| BHM | 56 | 101 | 111 |

*Conditions Apply
Issued in the Interest of Consumers

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୨/୨୦୨୦ (୨୦ ପୃଷ୍ଠା) Bhubaneswar, Wednesday, February 12/2020 ★★★★★★

୪୬ଶ ଭାଗ ୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ରାହୁଲଙ୍କ ସଫଳତା**

ନ୍ୟୁଜିଲାଣ୍ଡରେ ବ୍ୟାଟିଂ ଅର୍ଡରର ୫ମ ସ୍ଥାନରେ ଶତକ ହାସଲ କରିବାରେ କେ.ଏଲ୍. ରାହୁଲ ଦ୍ୱିତୀୟ ଭାରତୀୟ ବ୍ୟାଟ୍ସମ୍ୟାନ।

**୧୯**

**୦୯**

ନ୍ୟୁୟର୍କରେ ଡେଷ୍ଟିନେଶନ ୱେଡିଂ କରିବେ ସାରା








# କ୍ଷୁଦ୍ର ମାନସିକତା ଦେଶ ବିରୋଧୀ

ଦିଲ୍ଲୀ ବିଧାନସଭା ନିର୍ବାଚନ-୨୦୨୦ ଫଳାଫଳ ୧୧ ଫେବୃୟାରୀରେ ପ୍ରକାଶ ପାଇଛି। ଏଥିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୬୨ ଆସନ ପାଇଥିବା ବେଳେ ଭାରତୀୟ ଜନତା ପାର୍ଟି (ଭାଜପା) ମାତ୍ର ୮ ସିଟ୍ ଅକ୍ତିଆର କରିଛି। ଅନ୍ୟତମ ଜାତୀୟ ଦଳ କଂଗ୍ରେସ ଖାତାରେ ଗୋଟିଏ ମଧ୍ୟ ଆସନ ପଡ଼ିପାରିନାହିଁ। ଏଠି ମନେପକାଇ ଦିଆଯାଇପାରେ ଯେ, ମେ' ୨୦୧୯ରେ ଲୋକ ସଭା ନିର୍ବାଚନ ହୋଇଥିଲା। ସେହି ନିର୍ବାଚନରେ ଦିଲ୍ଲୀର ମୋଟ ୭ ଆସନରୁ ଭାଜପା ସବୁତକ ଜିତିଥିଲା। ୯ ମାସ ନ ପୂରୁଣୁ ଦିଲ୍ଲୀ ଭୋଟରଙ୍କ ମନ ପରିବର୍ତ୍ତନ ହୋଇଗଲା ଭଳି ଧାରଣା ସୃଷ୍ଟିହେବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ, ଦେଶର ପ୍ରତ୍ୟେକ ପ୍ରାନ୍ତରୁ ଯାଇ ଅନେକ ଶିକ୍ଷିତ ଓ ଅଶିକ୍ଷିତ ଲୋକ ଦିଲ୍ଲୀରେ ବସବାସ କରନ୍ତି। ସେଭଳି ପରିସ୍ଥିତିରେ ଦିଲ୍ଲୀକୁ ଏକ କ୍ଷୁଦ୍ର ଭାରତ ବୋଲି କହିହେବ। ସେହି ସହରର ଜନମତ ଆଜିର ଭାରତବର୍ଷକୁ ଏକ ନୂଆ ସଙ୍କେତ ଦେଇଛି। ଜାମିଆ ଏବଂ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଶାହିନ୍‌ବାଗ ପର୍ଯ୍ୟନ୍ତ ସବୁକିଛି ଦିଲ୍ଲୀରେ ଘଟିଲା। ଅନେକ ବିଦ୍ୱାନ୍ ଭାବିଥିଲେ ଯେ, ଶାହିନ୍‌ବାଗର ପ୍ରତିବାଦ ମୁସଲମାନଙ୍କ ଦ୍ୱାରା ହେଉଥିବାରୁ ତାହାର ପ୍ରଭାବ ହିନ୍ଦୁ ଭୋଟରଙ୍କ ଉପରେ ପଡ଼ିବ। ଦିଲ୍ଲୀ ଭୋଟର ଶାହିନ୍‌ବାଗକୁ ଭୁଲିଯିବାର ଆଶଙ୍କା ଦେଖି ଦୁଇଥର ସେଠାରେ ଗୁଳି ଫୁଟାଇବାର ନାଟକ ମଧ୍ୟ ରଚାଯାଇଥିଲା। ଗଣମାଧ୍ୟମରେ ଆଲୋଚନା ଆରମ୍ଭ କରାଗଲା ଯେ, ଭାଜପାକୁ ସମର୍ଥନ କରୁ ନ ଥିବା ହିନ୍ଦୁ ମଧ୍ୟ ଏହି ପ୍ରତିବାଦ ଦ୍ୱାରା ବିଚଳିତ ହୋଇଛନ୍ତି। ସେଥିପାଇଁ ହିନ୍ଦୁ ଭୋଟରଙ୍କ ସମର୍ଥନ ସମ୍ପୂର୍ଣ୍ଣ ଭାବେ ଭାଜପା ପଛରେ ରହିବ। ନିରପେକ୍ଷ ପର୍ଯ୍ୟବେକ୍ଷକ ମଧ୍ୟ ଏହି ଯୁକ୍ତିକୁ ବିଶ୍ୱାସ କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ଫଳାଫଳ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଦେଶବ୍ୟାପୀ ପୁନର୍ବିଚାର ଆରମ୍ଭ ହୋଇଯାଇଛି।

ଦିଲ୍ଲୀ ନିର୍ବାଚନ ଫଳାଫଳ ଯୋଗୁ ଏହା ଭାବିବା କଥା ନୁହେଁ ଯେ, ଭାଜପାର ପତନ ଘଟିଲା। ସେହି ନିର୍ବାଚନରେ ସିଧାସଳଖ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବମୂର୍ତ୍ତି ଓ ଫଟୋ ବ୍ୟବହାର କରାଯିବା ସତ୍ତ୍ୱେ ଭାଜପାର ଶକ୍ତି ବୃଦ୍ଧି ଘଟିଲା ନାହିଁ। ଅମିତ ଶାହା, ଯାହାଙ୍କୁ ଅଳ୍ପ କିଛିବର୍ଷ ପୂର୍ବେ ଚାଣକ୍ୟ ଆଖ୍ୟା ଦିଆଯାଇଥିଲା ଓ ପ୍ରକାଶ ଜାଭଡେକର ଉଭୟେ ଏହି ଛୋଟିଆ ଭୌଗୋଳିକ ଅଞ୍ଚଳର ଦାୟିତ୍ୱ ବହନ କରି ସବୁ ଗୋଟିଚାଳନା କରିଦେଇଥିଲେ।

**ତଥାଗତ ସତପଥୀ**

ଏପରିକି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହେବ ସିଂ ବର୍ମାଙ୍କ ପୁତ୍ର ପରଭେଶ ବର୍ମା ପ୍ରତିବାଦକାରୀଙ୍କୁ ଦେଶଦ୍ରୋହୀ କହି ଗୁଳି ମାରିବାର ଡାକରା ଦେଇଥିଲେ। ଭାଜପାର ଷ୍ଟାର୍ କ୍ୟାମ୍ପେନର ଭାବେ ଏହି ଦୁହିଁଙ୍କ ନାମ ବିଧିବଦ୍ଧ ନିର୍ବାଚନ କମିଶନରଙ୍କ ୱେବ୍‌ସାଇଟରେ ସ୍ଥାନ ପାଇଥିଲା। ଅବଶ୍ୟ ଏହି ଦୁଇ କନିଷ୍ଠ ନେତା ସର୍ବୋଚ୍ଚଙ୍କଠାରୁ ସବୁଜ ସଙ୍କେତ ନ ପାଇ ଏତେବଡ଼ ମାରାତ୍ମକ ମତ ଦେବାକୁ ଆସ୍ପର୍ଦ୍ଧା କରି ନ ଥାଆନ୍ତେ। ଏହି ଛୋଟିଆ ଉଦାହରଣରୁ ବୁଝାପଡୁଛି ଭାଜପା ଦିଲ୍ଲୀ ଜିତିବା ପାଇଁ କୌଣସି ପ୍ରଚେଷ୍ଟା କରିବାରେ ପଛାଇ ନାହିଁ। ଶୁଣିବାକୁ ମିଳୁଛି ଯେ, ଭାଜପା ପକ୍ଷରୁ କେବଳ ବସ୍ତିବାସିନ୍ଦା ନୁହେଁ, ଆପାର୍ଟମେଣ୍ଟ ଓ ଘର ମାଲିକଙ୍କୁ ମଧ୍ୟ ଲଫାପାରେ ଟଙ୍କା ଉପହାର ଦିଆଯାଇଥିଲା। ଭାଜପା ପାଇଁ ଏଭଳି ପଦକ୍ଷେପ ଆଶ୍ଚର୍ଯ୍ୟଜନକ ନୁହେଁ। ସରକାରୀ ସ୍ତରରେ ନିର୍ବାଚନ ପୂର୍ବରୁ ସବୁ ବେଆଇନ ବସ୍ତିକୁ ଆଇନ ପରିସରଭୁକ୍ତ କରାଇ ଦିଲ୍ଲୀକୁ ଏକ ଅସୁନ୍ଦର ସହରରେ ପରିଣତ କରାଇବା ଦିଗରେ ଭାଜପାର ଅବଦାନ ସବୁବେଳେ ଦିଲ୍ଲୀ ବାସିନ୍ଦାଙ୍କ ମନେରହିବ। ଅନେକ ପ୍ରକାରର ପ୍ରଲୋଭନ ସତ୍ତ୍ୱେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସି ଦିଲ୍ଲୀରେ ବାସ କରୁଥିବା ନାଗରିକ ଏହି ନିର୍ବାଚନରେ ଭାଗ ନେଇ ଦେଶର ଚିନ୍ତାଧାରାକୁ ବ୍ୟକ୍ତ କରିଛନ୍ତି। ଦିଲ୍ଲୀ ଭାଜପାର ସଭାପତି ମନୋଜ ତିୱାରୀଙ୍କ କହିବା ଅନୁଯାୟୀ, ତାଙ୍କ ଦଳ ଜନାଦେଶକୁ ସମ୍ମାନ ଦେଉଛି। ତେବେ ମନୋଜ ତିୱାରୀଙ୍କ ନେତା ଅମିତ ଶାହା ନିର୍ବାଚନ ପୂର୍ବରୁ କହୁଥିଲେ ଯେ, ଦିଲ୍ଲୀର ଭୋଟର ଇଭିଏମ୍‌ର ବଟନ୍ ଏଭଳି ଦାବିବେ ତାହାର କରେଣ୍ଟ ଶାହିନ୍‌ବାଗରେ ଲାଗିବ। ହେଲେ ମନୋଜ ତିୱାରୀଙ୍କ ମନ୍ତବ୍ୟ ପ୍ରମାଣ କରୁଛି ଶାହାଙ୍କ ଦୃଢ଼ୋକ୍ତି ଭିନ୍ନ ଆଡ଼େ ପଳାଇଲା।

ଦିଲ୍ଲୀ ଓ ତା' ପୂର୍ବରୁ ଝାଡ଼ଖଣ୍ଡ ଭଳି ରାଜ୍ୟ ନିର୍ବାଚନ ଫଳାଫଳ କେତୋଟି କଥା ପ୍ରମାଣିତ କରୁଛି। ପ୍ରଥମେ, ଗଣତନ୍ତ୍ରରେ କେହି ଚିରସ୍ଥାୟୀ ନୁହନ୍ତି। ଦ୍ୱିତୀୟରେ, ସାମାଜିକ ପରିବର୍ତ୍ତନ ଆଣିବା ପାଇଁ କୌଣସି ଧାର୍ମିକ ଚିନ୍ତାଧାରାର ପ୍ରୟୋଜନ ନାହିଁ। ତୃତୀୟରେ, ଅର୍ଥନୈତିକ ପରିବର୍ତ୍ତନ କରିପାରିଲେ ଦେଶର ଉନ୍ନତି ଘଟିବ। ସେହି ଅର୍ଥନୀତିଠାରୁ ଦୃଷ୍ଟି ହଟେଇବା ପାଇଁ ଯେତେ ଡ୍ରାମା କଲେ ବି ଚାଖଣ୍ଡେ ପେଟର ତାତି ସବୁ ମଠ, ମନ୍ଦିର, ମସ୍‌ଜିଦ, ଗିର୍ଜା ଓ ଗୁରୁଦ୍ୱାରାଠାରୁ ଅଧିକ ଶକ୍ତିଶାଳୀ। ଭାରତର ଅଗ୍ରଗତି କୌଣସି ରାଜନୈତିକ ଦଳ ବା ନେତା କରାଇ ନ ଥିଲେ। ଆଜିର ପୃଥିବୀକୁ ଦେଖିଲେ ଚାଇନା ଓ ଆମେରିକା ସମେତ ସବୁ ଦେଶ ଆଣ୍ଠେଇଛନ୍ତି। ଏହି ସମୟରେ ଭାରତର ସୁବର୍ଣ୍ଣ ଯୁଗ ଫିଟିପାରିଥାଆନ୍ତା। ତାହାକୁ ଜନସାଧାରଣ କରାଇବାକୁ ଆଗେଇ ଆସିଥିଲେ। ସେହି ସମୟରେ ଦୁର୍ନୀତିଗ୍ରସ୍ତ କଂଗ୍ରେସକୁ ଡଷ୍ଟବିନ୍‌ରେ ପକାଇ ଭାଜପାକୁ କୋଳାଇ ନେଇଥିଲେ। ଦେଶବାସୀ ଚାହୁଁଥିଲେ ପ୍ରଗତି ପଥରେ ଅବରୋଧ ସୃଷ୍ଟି କରିବା ପରିବର୍ତ୍ତେ ଭାଜପା ସହଯୋଗୀ ପାଲଟିବ। କିନ୍ତୁ ଭାରତୀୟଙ୍କ ଏହି ଇଚ୍ଛାକୁ ବୁଝିବାରେ ଅସମର୍ଥ ରାଜନେତା ନିଜର କାର୍ଯ୍ୟସୂଚୀ ଏବଂ ଅହଂଭାବକୁ ଗୁରୁତ୍ୱ ଦେଇ ଲୋକଙ୍କୁ ବୋକା କରିପାରିବେ ବୋଲି ଭାବୁଛନ୍ତି। ଶେଷରେ ଅରବିନ୍ଦ କେଜ୍‌ରିୱାଲଙ୍କ ବିଜୟ ଲୋକଙ୍କ ଚିନ୍ତାଧାରାକୁ ପୁନର୍ବାର ଭାଜପା ନେତୃତ୍ୱ ସାମ୍‌ନାରେ ରଖିଛି। ଭାରତ ଏବେ ମଠ, ମନ୍ଦିର, ହିନ୍ଦୁତ୍ୱ, ନାଗରିକତ୍ୱ (ଏନ୍‌ଆରସି, ସିଏଏ, ଏନ୍‌ପିଆର, ଆଧାର), ମୁସଲ୍‌ମାନ ବିରୋଧୀ ହେବା ପରିବର୍ତ୍ତେ ଏକ ବିଶ୍ୱଶକ୍ତି ଭାବେ ଗଢ଼ି ଉଠିବା ଆବଶ୍ୟକ। ଏହି ସୁଯୋଗକୁ ସବୁଦଳର ରାଜନୈତିକ ବ୍ୟକ୍ତି ହାତଛଡ଼ା କରିଦେଉଛନ୍ତି। ସେମାନଙ୍କ କ୍ଷୁଦ୍ର ମାନସିକତା ବାସ୍ତବରେ ଦେଶ ବିରୋଧୀ।

# ଛଦ୍ମ ରାଷ୍ଟ୍ରବାଦକୁ 'ଝାଡୁ'

## ଏକ ଅଙ୍କରେ ସୀମିତ ଭାଜପା, କଂଗ୍ରେସ ଏଥର ବି ମୂଳପୋଛ




**ନୂଆଦିଲ୍ଲୀ,୧୧।୨**

ଯାହା ଅନୁମାନ କରାଯାଉଥିଲା ତାହା ହିଁ ହେଲା। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିପୁଳ ବିଜୟ ହାସଲ କରିଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତୃତୀୟଥର ପାଇଁ କ୍ଷମତା ଦଖଲ କରିବାକୁ ଯାଉଛନ୍ତି। ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଶାସକ ଏଏପି ୬୨ ଆସନ ଦଖଲ କରି ପୂର୍ଣ୍ଣସଂଖ୍ୟାଗରିଷ୍ଠତା ଲାଭ କରିଛି। ଭାଜପାକୁ ମାତ୍ର ୮ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ କଂଗ୍ରେସ ଏଥର ମଧ୍ୟ ଖାତା ଖୋଲିପାରି ନାହିଁ। ଏଏପିର 'ଉନ୍ନୟନମୂଳକ କାର୍ଯ୍ୟକ୍ରମ' ସପକ୍ଷରେ ଜନାଦେଶ ଯାଇଥିବାବେଳେ ଭାଜପାର ' ଜାତୀୟତାବାଦୀ କାର୍ଯ୍ୟସୂଚୀ' କାମ ଦେଇନାହିଁ। ଦିଲ୍ଲୀବାସୀ ଏହାକୁ ପ୍ରତ୍ୟାଖ୍ୟାନ କରି ଛଦ୍ମ ରାଷ୍ଟ୍ରବାଦକୁ ଝାଡୁ ମାରିଦେଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ଫଳରେ ନିର୍ବାଚନ ବେଳେ ଧୂଆଁଧାର ପ୍ରଚାର ଚଳାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଶକ୍ତ ଝଟକା ଲାଗିଛି। ଏହି ବିଜୟ ସହ ଜାତୀୟ ରାଜନୀତିରେ କେଜ୍‌ରିୱାଲଙ୍କ ପତିଆରା ବୃଦ୍ଧିପାଇଛି। ଏଏପି ନେତା ଓ କର୍ମୀ ଉତ୍ସବ ମନାଉଥିବାବେଳେ ଭାଜପା ଶିବିରରେ ନୈରାଶ୍ୟ ଖେଳିଯାଇଛି।

ଗତ ୮ ତାରିଖରେ ଦିଲ୍ଲୀ ବିଧାନସଭାର ୭୦ ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ୬୨.୫୯% ମତଦାନ ହୋଇଥିଲା। ଏହାସହ ମଇଦାନରେ ଥିବା ୭୯ ମହିଳାଙ୍କ ସମେତ ମୋଟ ୬୭୨ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍)ରେ ବନ୍ଦ ହୋଇଯାଇଥିଲା। ଉଭୟ ଏଏପି ଏବଂ ଭାଜପା ବିଜୟ ଆଶା ରଖିଥିବାବେଳେ ଅଧିକାଂଶ ଏକ୍ଜିଟ୍ ପୋଲ୍ କେଜ୍‌ରିୱାଲଙ୍କ ଦଳ ସପକ୍ଷରେ ଜନମତ ରହିଥିବା ଭବିଷ୍ୟବାଣୀ କରିଥିଲେ। ଦିଲ୍ଲୀର ୧୧ ଜିଲ୍ଲାର ୨୧ଟି ସ୍ଥାନରେ ଭୋଟଗଣତି କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ମଙ୍ଗଳବାର ସକାଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗଣତି ଆରମ୍ଭ ହୋଇଥିଲା। ପ୍ରଥମରୁ ଅଧିକାଂଶ ଆସନରେ ଦୁଇଦଳ ମଧ୍ୟରେ କଡ଼ା ଟକ୍କର ହେଉଥିବା ଜଣାପଡ଼ିଥିଲା। କିନ୍ତୁ ସମୟ ଗଡ଼ିଚାଲିବା ସହ ଫଳାଫଳ ପରିଷ୍କାର ହେବାରେ ଲାଗିଲା। ନିର୍ବାଚନ କମିଶନ (ଇସି)ଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟାନୁସାରେ ଏଏପି ୬୨ ଆସନ ଦଖଲ କରି ପୁଣିଥରେ ସରକାର ଗଠନ ପାଇଁ ଅଣ୍ଟା ଭିଡ଼ିଛି। ଭାଜପାକୁ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। କଂଗ୍ରେସ ୨୦୧୫ ଭଳି ଏହି ନିର୍ବାଚନରେ ମଧ୍ୟ ଖାତା ଖୋଲିପାରି ନାହିଁ। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ନୂଆଦିଲ୍ଲୀ ଆସନରୁ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁନୀଲ କୁମାର ଯାଦବଙ୍କୁ ୨୧,୬୯୭ ଭୋଟରେ ହରାଇଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡ଼ିଆ ପଟପଡ଼୍‌ଗଞ୍ଜ ଆସନରେ ଭାଜପା ପ୍ରାର୍ଥୀ ରବୀନ୍ଦର ସିଂଙ୍କୁ ୧୧,୦୦୦ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଏଏପି ନେତା ରାଘବ ଚଡ୍ଢା (ରାଜିନ୍ଦର ନଗର), ଅତିଶୀ (କାଲକାଜୀ), ଅମାନତୁଲ୍ଲା ଖାନ୍ (ଓଖ୍‌ଲା), ଗୋପାଲ ରାଏ (ବାବରପୁର) ଓ ସତ୍ୟେନ୍ଦ୍ର ଜୈନ(ଶକୁରବସ୍ତି) ☞ପୃଷ୍ଠା-୪

### ଦିଲ୍ଲୀ ଜନାଦେଶ



**ମୋଟ ଆସନ: ୭୦**

| ଏଏପି | ଭାଜପା |
|---|---|
| ୬୨ | ୮ |

- ବିକାଶ ଆଗରେ ହାର ମାନିଲା ଭାଜପାର ଜାତୀୟତାବାଦୀ କାର୍ଯ୍ୟସୂଚୀ
- ଏବେ 'କାମ'ର ରାଜନୀତି ଆରମ୍ଭ ହେଲା: କେଜ୍‌ରିୱାଲ
- ୧୪ରେ ତୃତୀୟଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଏଏପି ମୁଖ୍ୟ

# ଟ୍ରାଫିକ ଜାମ୍‌ରେ ଚାଲିଗଲା ଶିଶୁର ଜୀବନ

- ରାଜଧାନୀ ରାସ୍ତାରେ ଘଣ୍ଟାଏ ଫସି ରହିଲା ଆମ୍ବୁଲାନ୍ସ
- ପରିବାର ଲୋକଙ୍କ ନେହୁରା ସତ୍ତ୍ୱେ କେହି ଛାଡ଼ିଲେନି ରାସ୍ତା
- କ୍ୟାପିଟାଲ ହସ୍ପିଟାଲରୁ କିମ୍ସ ଲାଗିଗଲା ଦେଢ଼ଘଣ୍ଟା



ନୀଲ୍ ନୀତୀଶ



ଆମ୍ବୁଲାନ୍ସ ଆଗରେ ଟ୍ରାଫିକ୍ ଜାମ୍‌ର ଦୃଶ୍ୟ ।

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ରାଜଧାନୀରେ ଟ୍ରାଫିକ ଜାମ୍ ଆଉ ଏକ ଜୀବନ ନେଇଛି। ରାସ୍ତା ଜାମ୍‌ରେ ଆମ୍ବୁଲାନ୍ସ ଫସି ରହିବାରୁ ଜଣେ ୫ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମଙ୍ଗଳବାର ପୂର୍ବାହ୍ନରେ ଘଟିଛି ଏହି ଦୁଃଖଦ ଘଟଣା। ମୃତ ଶିଶୁ ହେଲେ ପୁରୁଣା ଭୁବନେଶ୍ୱରରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ଦୋବଣ୍ଡା ଗ୍ରାମର ନୀରୋଦ ନାୟକଙ୍କ ପୁଅ ନୀଲ୍ ନୀତୀଶ ନାୟକ। ପୁଅକୁ ଭଲ କରିବାକୁ ପରିବାର ଲୋକେ ରାଜ୍ୟର ପ୍ରମୁଖ ସରକାରୀ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଏବେ ପୁଅର ମୃତଦେହ ଧରି ଘରକୁ ଫେରିଛନ୍ତି ମା'ବାପା। ପୁଅର ମୃତ୍ୟୁ ପାଇଁ ଚିକିତ୍ସା ଅବହେଳା ଓ ଟ୍ରାଫିକ ଜାମ୍‌କୁ ବାପା ନୀରୋଦ ଦାୟୀ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ପୁଅ ନୀଲ୍ ନୀତୀଶ୍‌ଙ୍କର ରବିବାର ରାତିରେ କାଶ ହେବା ସହ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୋର୍ ୪ଟାରେ କ୍ୟାପିଟାଲ ହସ୍ପିଟାଲ ଶିଶୁ ବିଭାଗ ଆଣିଥିଲେ। ଥଣ୍ଡାରୁ ଏଭଳି ହେଉଥିବା କହି ଡାକ୍ତର ଇଞ୍ଜେକ୍ସନ ଓ କିଛି ଔଷଧ ଲେଖି ଘରକୁ ପଠାଇଦେଇଥିଲେ। ସୋମବାର ଔଷଧ ଖାଇ ଦିନସାରା ଟିକେ ସୁସ୍ଥ ହୋଇଥିଲେ ନୀଲ୍ ନୀତୀଶ। ରାତି ପ୍ରାୟ ୧୧ଟାରେ ପୁଣି ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଭୋର୍ ସମୟରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଉପସ୍ଥିତ ଥିବା ଜଣେ ଡାକ୍ତର ପୂର୍ବରୁ ଦିଆଯାଇଥିବା ଇଞ୍ଜେକ୍ସନ ପୁଣି ଦେବା ସହ ଔଷଧ ଓ ରକ୍ତ ପରୀକ୍ଷା ପାଇଁ ଲେଖିଥିଲେ। ଔଷଧ କିଣା ଓ ରକ୍ତ ପରୀକ୍ଷା ପାଇଁ ଧାଡ଼ିରେ ରହିବା ମଧ୍ୟରେ ବହୁ ବିଳମ୍ବ ହୋଇଯାଇଥିଲା। ଇତିମଧ୍ୟରେ ନୀଲ୍ ନୀତୀଶ୍‌ଙ୍କର ପ୍ରବଳ ଯନ୍ତ୍ରଣା ହେବାରୁ ସେ ଚିତ୍କାର କରି ଛଟପଟ ହୋଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଙ୍କ ପାଖକୁ ନେଇ ଆସିଥିଲେ। ☞ପୃଷ୍ଠା-୧୫

# କନ୍ୟା ସନ୍ତାନ ଜନ୍ମ ଦେବାରୁ ମହିଳାଙ୍କୁ ପୋଡ଼ି ହତ୍ୟା

**ରାଉରକେଲା ଅଫିସ,୧୧। ୨**

କନ୍ୟା ସନ୍ତାନ ଜନ୍ମ ଦେବାରୁ ରାଧା କୁମାରୀ(୨୪) ନାମ୍ନୀ ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯିବାସହପୋଡିହତ୍ୟାକରାଯାଇଛିବୋଲିମଙ୍ଗଳବାରଷ୍ଟିଲସିଟିରବନ୍ଧମୁଣ୍ଡାଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରି ରାଧାଙ୍କ ସ୍ୱାମୀ ବିନୋଦ ସିଂ, ଶ୍ୱଶୁର ରାମକୀର୍ତ୍ତି, ଦେଢଶୁର ଜୟମଙ୍ଗଲ ଓ ଯାଆ ମୁନ୍ନିଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ରାଉରକେଲା ଗୋପବନ୍ଧୁପାଲି ବାସିନ୍ଦା ଶିବ ପ୍ରସାଦ ସ୍ୱର୍ଣ୍ଣକାରଙ୍କ ଝିଅ ରାଧା କୁମାରୀ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ କୋଇଲା ଗେଟ ଅଞ୍ଚଳର ବିନୋଦ ସିଂ(୩୦)ଙ୍କୁ ବୈଦିକ ରୀତିରେ ୬ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହର ୬ ମାସ ପରେ ତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିଲା। ଏପରିକି ସେତେବେଳେ ☞ପୃଷ୍ଠା-୧୫

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୦-୧୧

### ଆଜିର ମନ୍ତବ୍ୟ

"୨୦୨୧ ବିଧାନସଭା ନିର୍ବାଚନରେ ଭାଜପାର ଶେଷକୃତ୍ୟ ସମ୍ପନ୍ନ କରିବ ପଶ୍ଚିମବଙ୍ଗ। **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**





Vencobb FRESH CHICKEN — Taste the difference!

11.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 56 | 101 | 111 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 117 | 117 |
| ANG | 62 | 109 | 119 |
| BHM | 56 | 101 | 111 |

*Conditions Apply

Issued in the Interest of Consumers

# କେଜ୍‌ରିୱାଲଙ୍କ କ୍ଲିନ୍ ସୁଇପ୍

**ନୂଆଦିଲ୍ଲୀ,୧୧।୨(ପି.ଟି.)**

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଜବରଦସ୍ତ ବିଜୟ ସହ ପୁଣିଥରେ ସରକାର ଗଢ଼ିବାକୁ ଯାଉଛି। ୭୦ ଆସନ ବିଶିଷ୍ଟ ବିଧାନସଭାରେ ଏଏପି ୬୨ ଆସନରେ ବିଜୟୀ ହେବାକୁ ଯାଉଥିବାବେଳେ ଭାଜପା ୮ ଆସନରେ ସୀମିତ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ବହୁ ହାଇପ୍ରୋଫାଇଲ ନେତା ଭାଜପା ପାଇଁ ଜୋର୍‌ଦାର ପ୍ରଚାର କରିଥିଲେ ହେଁ ୫ ବର୍ଷର ବ୍ୟବଧାନରେ ମାତ୍ର ୫ଟି ଆସନ ଅଧିକ ହାତେଇବାରେ ସକ୍ଷମ ହୋଇଛି। ୨୦୧୫ ନିର୍ବାଚନରେ ଏହି ଦଳକୁ ୩ଟି ଆସନ ମିଳିଥିଲା। ଅନ୍ୟପକ୍ଷରେ ଦିଲ୍ଲୀକୁ ୧୫ ବର୍ଷ ଶାସନ କରିଥିବା କଂଗ୍ରେସ ଗତଥର ଭଳି ଏଥର ମଧ୍ୟ ଖାତା ଖୋଲିପାରିନାହିଁ। ଏହାର ଅଧିକାଂଶ ପ୍ରାର୍ଥୀ ଅମାନତ ହରାଇଛନ୍ତି।

ତୃତୀୟ ଥର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା କେଜ୍‌ରିୱାଲ ଜଣେ ମେକାନିକାଲ ଇଞ୍ଜିନିୟର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଭାରତୀୟ ରାଜସ୍ୱ ସେବାରେ ଯୋଗଦେଇଥିଲେ। ୯ ବର୍ଷ ପୂର୍ବେ ୨୦୧୧ରେ ସେ ସାମାଜିକକର୍ମୀ ଆନ୍ନା ହାଜାରେଙ୍କ ଲୋକପାଳ ଆନ୍ଦୋଳନରେ ସାମିଲ ହୋଇ ଦିଲ୍ଲୀର ସାଧାରଣ ଲୋକଙ୍କ ନିକଟରେ ଲୋକପ୍ରିୟତା ହାସଲ କରିବା ସହ ରାଜନୀତି ପାଇଁ ମୂଳଦୁଆ ପକାଇଥିଲେ। ସେ ଏକ ରାଜନୈତିକ ଦଳ ଗଠନ କରି ଏହାର ନାମ ଆମ୍ ଆଦ୍‌ମୀ ପାର୍ଟି ରଖିଲେ। ଏହି ନାଁ ହିଁ ତାଙ୍କ ପ୍ରତି ଜନତାଙ୍କ ସମର୍ଥନ ବଢ଼ାଇଲା। ଏବେ ଏଏପି ତୃତୀୟ ଥର ପାଇଁ ଦିଲ୍ଲୀରେ କ୍ଷମତା ଦଖଲ କରିବାକୁ ଯାଉଛି।



## ଇଞ୍ଜିନିୟରରୁ ମୁଖ୍ୟମନ୍ତ୍ରୀ

ମଫଲରମ୍ୟାନ୍ ଭାବେ ପରିଚିତ କେଜ୍‌ରିୱାଲ ୨୦୧୨ ନଭେମ୍ବର ୨୬ରେ ଏଏପି ଗଠନ କରି ଏହାର ଆବାହକ ରହିଥିଲେ। ରାଜନୈତିକ ଦଳ ଗଠନକୁ ଆନ୍ନା ବିରୋଧ କରିଥିଲେ। ତେବେ ଲୋକପାଳ ଆନ୍ଦୋଳନକୁ ସଫଳ କରିବାକୁ ହେଲେ ପ୍ରତ୍ୟକ୍ଷ ରାଜନୈତିକ ସମ୍ପୃକ୍ତି ଜରୁରୀ ବୋଲି କେଜ୍‌ରିୱାଲ କହିଥିଲେ। ଏଏପି ଏକ ବିକଳ୍ପ ରାଜନୈତିକ ମାସ୍କଟ ଭାବେ ଉଭା ହୋଇଥିଲା। ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଉକ୍ତ ଦଳ ୨୮ ଆସନରେ ଜିତି ଦ୍ୱିତୀୟ ବୃହତ ଦଳର ମାନ୍ୟତା ହାସଲ କରିଥିଲା। କଂଗ୍ରେସର ସର୍ତ୍ତମୂଳକ ସମର୍ଥନରେ କେଜରିୱାଲ ପ୍ରଥମ ଥର ପାଇଁ ଦିଲ୍ଲୀରେ ସରକାର ଗଢ଼ିଥିଲେ। ମାତ୍ର ୪୯ ଦିନ କ୍ଷମତାରେ ରହିବା ପରେ ସେ ୨୦୧୪ ଫେବୃୟାରୀରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେହିବର୍ଷ ବାରାଣସୀ ଆସନରୁ ଭାଜପା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଲୋକ ସଭା ନିର୍ବାଚନ ଲଢ଼ି ୩,୭୦,୦୦୦ ଭୋଟରେ ପରାଜିତ ହୋଇଥିଲେ। ୨୦୧୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପି ୬୭ ଆସନରେ ଜିତି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ଓ କେଜ୍‌ରିୱାଲ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୭ରେ ପଞ୍ଜାବ ଓ ଗୋଆ ନିର୍ବାଚନରେ ଏଏପି ପ୍ରାର୍ଥୀ ଦେଇଥିଲେ ହେଁ ସଫଳ ହୋଇ ନ ଥିଲା। ଗତବର୍ଷ ମେ'ରେ ହୋଇଥିବା ଲୋକ ସଭା ନିର୍ବାଚନରେ ଏଏପି ଦିଲ୍ଲୀରେ ଗୋଟିଏ ଆସନ ଜିତିବାରେ ସକ୍ଷମ ହୋଇ ନ ଥିଲା। ତେବେ କେଜ୍‌ରିୱାଲ ଜୋରଦାର ପ୍ରଚାର ଚଳାଇ ସବୁ ବର୍ଗର ଲୋକଙ୍କ ମନ ଜିଣିପାରିଥିଲେ। ଏଥର ସେ ସରକାରଙ୍କ ଗତ ୫ ବର୍ଷର ବିକାଶମୂଳକ କାର୍ଯ୍ୟ ଓ ସଫଳତାକୁ ନେଇ ଭୋଟରଙ୍କ ପାଖକୁ ଯାଇଥିଲେ। ଏଥିସହିତ କ୍ଷମତାକୁ ଫେରିଲେ ଡିଟିସି ବସ୍‌ରେ ମହିଳାଙ୍କୁ ମାଗଣା ଯାତ୍ରା ସୁବିଧା ଦେବା ସହ ଦିଲ୍ଲୀବାସୀଙ୍କୁ ୨୦୦ ୟୁନିଟ ବିଜୁଳି ଏବଂ ୨୦, ୦୦୦ ଲିଟର ପାଣି ମାଗଣା ଯୋଗାଇଦେବା ଏବଂ ସହରରେ୧.୪ ଲକ୍ଷ ସିସିଟିଭି କ୍ୟାମେରା ଲଗାଇବେ ବୋଲି ଏଏପି ନେତା ପ୍ରତିଶ୍ରୁତି ଦେଇଥିଲେ। ଭାଜପା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିପାରୁ ନ ଥିବାରୁ ସେ ଏହି ଦଳକୁ କଡ଼ା ସମାଲୋଚନା କରିଥିଲେ।

ରମନ୍ ମାଗ୍‌ସେସ ପୁରସ୍କାର ବିଜୟୀ କେଜ୍‌ରିୱାଲଙ୍କ ଜନ୍ମ ୧୯୬୮ ଅଗଷ୍ଟ ୧୬ରେ ହରିୟାଣାର ହିସାରରେ ହୋଇଥିଲା। ତାଙ୍କ ବାପା ଗୋବିନ୍ଦ ରାମ କେଜ୍‌ରିୱାଲ ଓ ମାଆ ଗୀତା ଦେବୀ। ସରଳ ସ୍ୱଭାବର ଏହି ରାଜନେତାଙ୍କୁ ତାଙ୍କ ପରିବାର ସବୁବେଳେ ସମର୍ଥନ ଦେଇଆସିଛି। ସେ ତାଙ୍କ ମାଆବାପା, ସ୍ତ୍ରୀ ସୁନୀତା ଓ ଦୁଇପିଲାଙ୍କ ସହିତ ରହୁଛନ୍ତି। ମଙ୍ଗଳବାରର ବିଜୟ ସୁନୀତାଙ୍କ ଜନ୍ମଦିନରେ ଭେଟି ବୋଲି କୁହାଯାଉଛି।

| ବିଜୟୀ | ପରାଜିତ |
|---|---|
| ଅରବିନ୍ଦ କେଜ୍‌ରିୱାଲ<br>ଏଏପି, ନୂଆଦିଲ୍ଲୀ | ଅଲ୍‌କା ଲାମ୍ବା<br>କଂଗ୍ରେସ, ଚାନ୍ଦିନୀଚୌକ |
| ମନୀଷ୍ ସିସୋଡିଆ<br>ଏଏପି, ପଟ୍‌ପଡଗଞ୍ଜ | କପିଲ୍ ମିଶ୍ରା<br>ଭାଜପା, ମଡେଲ୍ ଟାଉନ୍ |
| ଆତିଶୀ<br>ଏଏପି , କାଲ୍‌କାଜୀ | ସୁନୀଲ ଯାଦବ<br>ଭାଜପା, ନୂଆଦିଲ୍ଲୀ |
| ରାଘବ ଚଢା<br>ଏଏପି, ରାଜିନ୍ଦରନଗର | ମାତିନ୍ ଅହମଦ<br>କଂଗ୍ରେସ, ସିଲମ୍‌ପୁର |
| ସଞ୍ଜୀବ ଝା<br>ଏଏପି, ବୁରାରି | ହାରୁନ୍ ୟୁସୁଫ୍<br>କଂଗ୍ରେସ, ବାଲ୍ଲିମରାନ୍ |
| ବିଜେନ୍ଦର ଗୁପ୍ତା<br>ଭାଜପା, ରୋହିଣୀ | ଅରବିନ୍ଦର ସିଂ ଲଭ୍‌ଲି<br>କଂଗ୍ରେସ, ଗାନ୍ଧୀନଗର |
| ଓମ୍‌ପ୍ରକାଶ ଶର୍ମା<br>ଭାଜପା, ବିଶ୍ୱାସନଗର | ତାଜିନ୍ଦରପାଲ୍ ସିଂ ବାଗ୍ଗା<br>ଭାଜପା, ହରିନଗର |
| ଗୋପାଲ ରାୟ<br>ଏଏପି, ବାବରପୁର | ଅଭୟ ବର୍ମା<br>ଭାଜପା, ଲକ୍ଷ୍ମୀନଗର |
| ସତ୍ୟେନ୍ଦ୍ର ଜୈନ୍<br>ଏଏପି, ଶକୁରବସ୍ତି | ମୋହନ ସିଂ ବିଷ୍ଟ<br>ଭାଜପା, କର୍‌ୱାଲନଗର |
| ଅମାନତୁଲ୍ଲା ଖାନ୍<br>ଏଏପି, ଓଖ୍‌ଲା | ଜିତେନ୍ଦର ମହାଜନ<br>ଭାଜପା, ରୋହ୍‌ତାସ୍‌ନଗର |

## ଏବେ ଜାତୀୟ ରାଜନୀତି ଉପରେ ଆଖି

**ନୂଆଦିଲ୍ଲୀ,୧୧।୨**

ଦିଲ୍ଲୀରେ ଏଏପି ତୃତୀୟଥର ବିଜୟ ପରେ ଦଳର ଆବାହକ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନଜର ଏବେ ଜାତୀୟ ରାଜନୀତି ଉପରେ ରହିଥିବା କୁହାଯାଉଛି। ଭୋଟ ଗଣତିରେ ଏଏପି ସପକ୍ଷରେ ଜନାଦେଶ ଆସୁଥିବାବେଳେ ଦଳୀୟ କାର୍ଯ୍ୟାଳୟରେ ଏକ ବଡ଼ ହୋର୍ଡିଂ ଲାଗିଥିବା ଦେଖିବାକୁ ମିଳିଥିଲା। ଏଥିରେ ସନ୍ଦେଶ ଥିଲା, ରାଷ୍ଟ୍ର ନିର୍ମାଣ ପାଇଁ ଏଏପି ସହ ଯୋଡ଼ି ହୁଅନ୍ତୁ। ଦଳର ବରିଷ୍ଠ ନେତା ଗୋପାଲ ରାଏ କହିଛନ୍ତି, ଲୋକେ ଭାଜପାର ଘୃଣା ରାଜନୀତିକୁ ଜବାବ ଦେଇଛନ୍ତି। ଏଏପି ଆଗାମୀ ୫ ବର୍ଷ କେବଳ ଦିଲ୍ଲୀରେ କ୍ଷମତରେ ରହିବ ନାହିଁ। ଏହାସହ ସାରା ଦେଶରେ ସଙ୍ଗଠନ ବିସ୍ତାର କରିବ। ଏହି ରାଜନୀତି ଜାତୀୟ ରାଜଧାନୀରେ ଆଉ ସୀମିତ ହୋଇ ନ ରହି ବହୁ ଦୂରକୁ ଯିବ।

## କିଏ କ'ଣ କହିଲେ



ଭାଜପା ଘୃଣାର ରାଜନୀତି କରେନା। ଆମେ 'ସବ୍‌ବା ସାଥ୍ ସବ୍‌କା ବିକାଶ'ରେ ବିଶ୍ୱାସ କରୁ। ନିର୍ବାଚନ ବେଳେ ଅନେକ କଥା ଆମ କହିଥିଲୁ। ତେବେ ଦିଲ୍ଲୀବାସୀଙ୍କ ରାୟକୁ ଆମେ ମାନିନେଉଛୁ। **-ମନୋଜ ତିୱାରୀ,ଦିଲ୍ଲୀ ଭାଜପା ଅଧକ୍ଷ**

'ମନ୍ କୀ ବାତ୍ ନୁହେଁ ବରଂ ଜନ୍ କୀ ବାତ୍'ରେ ଦେଶ ଚାଲେ ବୋଲି ମଙ୍ଗଳବାର ଦିଲ୍ଲୀବାସୀ ପ୍ରମାଣିତ କରି ଦେଖାଇଛନ୍ତି। ଏଥିଲାଗି ଏଏପି ନେତା ଅରବିନ୍ଦ କେଜ୍‌ରିୱାଲଙ୍କୁ ଅଭିନନ୍ଦନ। **-ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

ଦିଲ୍ଲୀରେ ଭାଜପା ପରାଜୟ ଲଭିଛି। କେବଳ ବିକାଶ ହିଁ ସଫଳତା ଆଣିଦେବ। ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ଲୋକମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ବିଜୟ ଲାଗି କେଜ୍‌ରିୱାଲଙ୍କୁ ଶୁଭାଶୀର୍ବାଦ। **- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

କଂଗ୍ରେସ ସ୍ଥିତି ନେଇ ଆମେ ଅବଗତ ଥିଲୁ। କିନ୍ତୁ ବଡ଼ ବଡ଼ କଥା କହୁଥିବା ଭାଜପାର କ'ଣ ହେଲା। ବିକାଶର ନାରା ଦେଇ ଘୃଣାର ମଞ୍ଜି ବୁଣିବା ଭାଜପା ଲାଗି ମହଙ୍ଗା ସାବ୍ୟସ୍ତ ହେଲା। **-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**

ଲୋକଙ୍କ ସହ ସାମିଲ ହୋଇ ରହିବା, ସେମାନଙ୍କ ବିକାଶ ଲାଗି ରାଜନୀତି କରିବା ଅରବିନ୍ଦ କେଜ୍‌ରିୱାଲଙ୍କୁ ସଫଳତା ଆଣିଦେଇଛି। ବିଜୟ ଲାଗି ତାଙ୍କୁ ମୋର ଅଭିନନ୍ଦନ। **-ପିନାରାୟୀ ବିଜୟନ୍, କେରଳ ମୁଖ୍ୟମନ୍ତ୍ରୀ**

ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟ ଲାଗି ଏଏପି ନେତା ଅରବିନ୍ଦ କେଜ୍‌ରିୱାଲଙ୍କୁ ଅଭିନନ୍ଦନ ଓ ଶୁଭକାମନା। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପିର ବିଜୟ ସୂଚାଇ ଦେଇଛି ଯେ, ସାମ୍ପ୍ରଦାୟିକ ରାଜନୀତି ଉପରେ ବିକାଶର ବିଜୟ ହୋଇଛି। କେଜ୍‌ରିୱାଲଙ୍କୁ ଏଥିଲାଗି ସବୁ କ୍ରେଡିଟ୍ ଯିବ। **-ଏମ୍. କେ. ଷ୍ଟାଲିନ୍, ଡିଏମ୍‌କେ ନେତା**

ଦିଲ୍ଲୀବାସୀ ପୁଣିଥରେ ଘୃଣାର ରାଜନୀତିକୁ ପରିତ୍ୟାଗ କରି ପ୍ରେମ ଓ ବିକାଶକୁ ଗ୍ରହଣ କରିଛନ୍ତି। ଅରବିନ୍ଦ କେଜ୍‌ରିୱାଲଙ୍କ ହ୍ୟାଟ୍ରିକ ସଫଳତା ଲାଗି ଅଭିନନ୍ଦନ। **-ହେମନ୍ତ ସୋରେନ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ**

ଫାସିବାଦୀ ଆଦର୍ଶ ଲୋକଙ୍କ ମନ କେବେହେଲେ ଜିତିପାରିବନି। କେଜ୍‌ରିୱାଲଙ୍କୁ ଆତଙ୍କବାଦୀ ଆଖ୍ୟା ଦେଇଥିବା ଦଳକୁ ପରାଜୟ ଲଭିବାକୁ ପଡ଼ିଲା। **-ଏଚ୍.ଡି. କୁମାରସ୍ୱାମୀ, ଜେଡିଏସ୍ ନେତା**

ଦିଲ୍ଲୀବାସୀ ବିଭେଦକାରୀ ଶକ୍ତିକୁ ପରାଜିତ କରିଛନ୍ତି। ଏଏପିକୁ ପୁଣି ଗାଦିରେ ବସାଇ ବିକାଶକୁ ତ୍ୱରାନ୍ୱିତ କରିବାକୁ ଚାହିଁଛନ୍ତି। **-ତେଜସ୍ୱୀ ଯାଦବ,ଆର୍‌ଜେଡି ନେତା**

ଦିଲ୍ଲୀରେ ପୁଣି କ୍ଷମତା ଦଖଲ କରିଥିବା ଏଏପି ଓ କେଜ୍‌ରିୱାଲଙ୍କୁ ମୋର ଅଭିନନ୍ଦନ। କର୍ମୀଙ୍କ ଉଦ୍ୟମ ଓ ଜନତାଙ୍କ ବିଶ୍ୱାସ ଯୋଗୁ ଏଭଳି ସ୍ଥିତି ପୁଣି ଆସିଛି। **-ଶରଦ ପାୱାର, ଏନ୍‌ସିପି ଅଧକ୍ଷ**

ଏଏପିର ସଫଳତା ଲାଗି ଶୁଭକାମନା। ଦିଲ୍ଲୀରେ ସର୍ବାଙ୍ଗୀନ ଉନ୍ନତି ହେବାର ଆଶାରଖିଛୁ। **-ଜେ.ପି.ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧକ୍ଷ**

ଦିଲ୍ଲୀରେ ହିନ୍ଦୁ-ମୁସ୍‌ଲିମ୍ ଭୋଟ ଭାଗ ଭାଗ ହୋଇଗଲା। ସଫଳତା ପାଇବା ଲାଗି କଂଗ୍ରେସକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଆଜିଠାରୁ ଲଢ଼ିଲେ କାଲି ଆମେ ନିଶ୍ଚିତ ଜିତିବୁ। **-ଅଲ୍‌କା ଲାମ୍ବା, କଂଗ୍ରେସ ନେତ୍ରୀ**

## ବିଜୟର ୬ ବଡ଼ କାରଣ

**୧–** ଜାତୀୟ ରାଜନୈତିକ ପ୍ରସଙ୍ଗ ଅପେକ୍ଷା ସ୍ଥାନୀୟ ପ୍ରସଙ୍ଗକୁ ଦିଲ୍ଲୀବାସୀ ଅଗ୍ରାଧିକାର ଦେଲେ। ଗତ ୫ ବର୍ଷରେ କେଜ୍‌ରିୱାଲ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାଣି ଯୋଗାଣରେ ନେଇଥିବା ପଦକ୍ଷେପ ସମ୍ପର୍କିତ ଖବରକୁ ଲୋକଙ୍କ ପାଖରେ ପହଞ୍ଚାଇଥିଲା।

**୨–** ନିର୍ବାଚନ ପ୍ରଚାର ବେଳେ ଭାଜପା ସିଏଏ ପ୍ରସଙ୍ଗକୁ ଜୋର୍‌ଦାର ଉଠାଇଥିବାବେଳେ କେଜ୍‌ରିୱାଲ ଓ ତାଙ୍କ ଦଳର ନେତାମାନେ ସିଏଏ ବିରୋଧୀ ବିକ୍ଷୋଭ ଓ ଶାହିନବାଗ୍ ଆନ୍ଦୋଳନଠାରୁ ସୁରକ୍ଷିତ ଦୂରତା ବଜାୟ ରଖିଥିଲେ।

**୩–** ଭାଜପା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦେଇ ନ ପାରି ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ମୁଖ୍ୟ ଜାତୀୟ ପ୍ରସଙ୍ଗ ଉପରେ ନିର୍ଭରଶୀଳ ଥିଲା, ଯାହା କାମ ଦେଲାନାହିଁ।

**୪–** ଭାଜପା ପ୍ରଚାରର ନେତୃତ୍ୱ ନେଇଥିବା ମନୋଜ ତିୱାରୀ ଦିଲ୍ଲୀ ବାହାର ଲୋକ। ଭାଜପା ରାଜ୍ୟ ଶାଖାରେ ଅନ୍ତଃକନ୍ଦଳ ଓ ଲୋକପ୍ରିୟ ନେତାଙ୍କ ଅଭାବ ଏଏପିକୁ ସୁହାଇଲା।

**୫–** ଦିଲ୍ଲୀରେ ରାଜନୈତିକ ବିଶ୍ୱସନୀୟତା ହରାଇଥିବା କଂଗ୍ରେସ ଲୋକଙ୍କୁ ଆକୃଷ୍ଟ କରିବା ଲାଗି ଧମାକାଦାର ପ୍ରଚାର କରିବାରେ ମଧ୍ୟ ବିଫଳ ହୋଇଥିଲା। ଅନ୍ୟପକ୍ଷରେ ଭାଜପା ଓ ଏଏପି ବିରୋଧୀ ଭୋଟ କଂଗ୍ରେସକୁ ଆସିବ ବୋଲି ଦଳ ଆଶାବାଦୀ ଥିଲା।

**୬–** ଶାହିନବାଗ ବିକ୍ଷୋଭରୁ ଭାଜପା ନିର୍ବାଚନୀ ଫାଇଦା ହାସଲ କରିପାରିଲା ନାହିଁ।

## ଏଏପିକୁ ୫୩.୬%, ଭାଜପାକୁ ୩୮.୫%

**ନୂଆଦିଲ୍ଲୀ:**

ବିଧାନସଭା ନିର୍ବାଚନରେ ୬୨ ଆସନ ଜିତିଥିବା ଏଏପିକୁ ୫୩.୬ ପ୍ରତିଶତ ଭୋଟ ମିଳିଛି। ୨୦୧୫ରେ ଏଏପିକୁ ୫୪.୩୪ ପ୍ରତିଶତ ଭୋଟ ମିଳିଥିଲା। ଭାଜପା ୮ ଆସନରେ ବିଜୟୀ ହୋଇଥିବାବେଳେ ଏହାର ଭୋଟହାର ୩୮.୫ ପ୍ରତିଶତ ରହିଛି। ୨୦୧୫ ବିଧାନସଭା ନିର୍ବାଚନରେ ଭାଜପା ୩ଟି ଆସନରେ ବିଜୟୀ ହେବା ସହ ୩୨.୧୯ ପ୍ରତିଶତ ଭୋଟ ପାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ଆଦୌ ଆସନ ଜିତିବାରେ ସଫଳ ହୋଇ ନ ଥିବାବେଳେ ଏହି ସର୍ବପୁରାତନ ଦଳର ଭୋଟ ହାର ୪.୩ ପ୍ରତିଶତ ରହିଛି।

## ଏଏପି କାର୍ଯ୍ୟାଳୟରେ ଉତ୍ସବ



**ନୂଆଦିଲ୍ଲୀ,୧୧।୨(ପି.ଟି.)**

ବିଧାନସଭା ନିର୍ବାଚନରେ ଏଏପିର ବିପୁଳ ବିଜୟ ପରେ ଦଳୀୟ କାର୍ଯ୍ୟାଳୟରେ ଉତ୍ସବ ପାଳନ କରାଯାଇଛି। ଦଳୀୟ କର୍ମୀ ଓ ସମର୍ଥକମାନେ ନୀଳ ଓ ଧଳା ବେଲୁନ୍ ସହ ସେମାନଙ୍କ ନେତା ଅରବିନ୍ଦ କେଜ୍‌ରିୱାଲଙ୍କ ବିଶାଳ କଟ୍‌ଆଉଟ ଧରି ଏଏପି ମୁଖ୍ୟାଳୟରେ ପହଞ୍ଚିଥିଲେ। ଶହ ଶହ କର୍ମୀ ଦଳୀୟ କାର୍ଯ୍ୟାଳୟରେ ଡ୍ରମ୍ ପିଟିବା ସହ ଏଏପିର ପ୍ରଚାର ସଙ୍ଗୀତ 'ଲଗେ ରହୋ କେଜ୍‌ରିୱାଲ' ଗୀତ ଗାଇଥିଲେ। ସମର୍ଥକମାନେ ପରସ୍ପରକୁ ଆଲିଙ୍ଗନ କରିବା ସହ ଲଡୁ ବାଣ୍ଟିଥିଲେ। କେତେଜଣ ସମର୍ଥକ ନିଜକୁ ତ୍ରିରଙ୍ଗାରେ ଆଚ୍ଛାଦିତ କରି ବିଜୟ ସଙ୍କେତ ପ୍ରଦର୍ଶନ କରୁଥିଲେ। ଏଏପିର ବିଜୟକୁ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ବିଜୟ ବୋଲି ଦଳୀୟ କର୍ମୀମାନେ କହିଛନ୍ତି। ଦିଲ୍ଲୀବାସୀ କେବଳ ବିକାଶକୁ ନେଇ ଭୋଟ ଦେଇଛନ୍ତି ବୋଲି ରମେଶ ଶର୍ମା ନାମକ ଜଣେ ସ୍ୱେଚ୍ଛାସେବୀ କହିଛନ୍ତି।

ସେହିପରି ଦଳୀୟ କାର୍ଯ୍ୟାଳୟ ଛାତକୁ ବେଲୁନ୍ ଓ ଫୁଲରେ ସଜାଯିବା ସହ ଏକ ମଞ୍ଚ ପ୍ରସ୍ତୁତ କରାଯାଇଥିଲା। ଏହି ମଞ୍ଚରୁ ମୁଖ୍ୟମନ୍ତ୍ରୀ କେଜରିୱାଲ ସମର୍ଥକମାନଙ୍କୁ ସମ୍ବୋଧିତ କରିଥିଲେ।

## ଅପ୍ରାସଙ୍ଗିକ ହେଉଛି ଜାତୀୟ ପ୍ରସଙ୍ଗ

**ଭୁବନେଶ୍ୱର,୧୧।୨**

ଦିଲ୍ଲୀ ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ପୁଣି ଥରେ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ବିପୁଳ ବହୁମତ ସହ ୩ୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି। ୨୦୧୫ ନିର୍ବାଚନରେ ୭୦ରୁ ୬୭ଟି ଆସନରେ ବିଜୟୀ ହୋଇଥିବା ଏଏପି ଚଳିତ ଥର ୬୨ଆସନରେ ବିଜୟୀ ହୋଇଛି। ଆଉ ଏହି ଐତିହାସିକ ବିଜୟ ପରେ କେଜ୍‌ରିୱାଲ ଗୋଟିଏ କଥାକୁ ପ୍ରମାଣିତ କରିଦେଇଛନ୍ତି ଯେ, ସମ୍ପ୍ରତି ରାଜ୍ୟ ନିର୍ବାଚନରେ ଜାତୀୟ ପ୍ରସଙ୍ଗଗୁଡ଼ିକର କୌଣସି ମହତ୍ତ୍ୱ ନାହିଁ। ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ନିର୍ବାଚନ ଲଢ଼ିଲେ ବିଜୟ ସମ୍ଭାବନା ଅଧିକ। ଅପରପକ୍ଷେ ଭାରତୀୟ ଭୋଟର ମଧ୍ୟ ବୁଝିଲେଣି ଯେ, ଆଞ୍ଚଳିକସ୍ତରରେ ଶାସନକ୍ଷମତାରେ ରହୁଥିବା ଆଞ୍ଚଳିକ ଦଳଗୁଡ଼ିକ ସ୍ଥାନୀୟ ସମସ୍ୟା ପ୍ରତି ଅଧିକ ସଚେତନ। ଏହି ଧାରଣା ଗତ ସାଧାରଣ ନିର୍ବାଚନ ସମୟରେ ଓଡ଼ିଶାର ଭୋଟରମାନେ ପ୍ରଥମେ ସୃଷ୍ଟି କରିଥିଲେ। ଆଞ୍ଚଳିକ ଓ ଜାତୀୟ ପ୍ରସଙ୍ଗ ମଧ୍ୟରେ ବିଭେଦକୁ ଓଡ଼ିଶା ଭୋଟର ସହଜରେ ବୁଝିପାରି ନବୀନ ପଟ୍ଟନାୟକଙ୍କ ବିଜେଡିକୁ ବିଧାନସଭା ନିର୍ବାଚନରେ ପଞ୍ଚମଥର ପାଇଁ କ୍ଷମତାସୀନ କରାଇଥିବାବେଳେ ଲୋକ ସଭା ନିର୍ବାଚନରେ ଭାଜପାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ଫଳରେ ୨୦୧୪ରେ ଓଡ଼ିଶାରେ ଗୋଟିଏ ଲୋକ ସଭା ଆସନ ପାଇଥିବା ଭାଜପା ୨୦୧୯ରେ ୮ଟି ଆସନ ଅକ୍ତିଆର କରିବାରେ ସଫଳ ହୋଇପାରିଥିଲା।

### ଆଞ୍ଚଳିକ ପ୍ରସଙ୍ଗକୁ ଗୁରୁତ୍ୱ ଦେଲେ ଦିଲ୍ଲୀ ଭୋଟର

ଦିଲ୍ଲୀବାସୀଙ୍କ ସ୍ୱାର୍ଥସହ ଜଡ଼ିତ ପ୍ରସଙ୍ଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଶୁଦ୍ଧ ପାନୀୟ ଜଳ, ବିଜୁଳି, ପ୍ରଦୂଷଣବିହୀନ ରାଜଧାନୀ ଆଦି ପ୍ରସଙ୍ଗକୁ ଲୋକମାନଙ୍କ ସମ୍ମୁଖକୁ ଆଣି ଏଏପି ଏଥର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲା। ଅନ୍ୟପକ୍ଷରେ ନିର୍ବାଚନୀ ପ୍ରଚାରରେ ଭାଜପା ସିଏଏ, ଏନ୍‌ଆରସି, ଏନ୍‌ପିଆର, ରାମମନ୍ଦିର, ୩୭୦ଧାରା ଉଚ୍ଛେଦ, ଶାହିନବାଗ, ପାକିସ୍ତାନ, ତିନି ତଲାକ ଉଚ୍ଛେଦ ଆଦି ଜାତୀୟ ପ୍ରସଙ୍ଗକୁ ଲୋକଙ୍କ ନିକଟରେ ରଖିଥିଲା। ମାତ୍ର ଏଏପିର ବିକାଶ ମନ୍ତ୍ର ଆଗରେ ଭାଜପାର 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' ସ୍ଲୋଗାନ ଫିକା ପଡ଼ିଗଲା। ମୋଦୀଙ୍କଠାରୁ କେଜରିୱାଲକୁ ଅଧିକ ବିଶ୍ୱାସକୁ ନେଲେ ଦିଲ୍ଲୀର ସଚେତନ ତଥା ଶିକ୍ଷିତ ଭୋଟର। ଗତ ସାଧାରଣ ନିର୍ବାଚନରେ ୭ ରୁ ୭ ଲୋକ ସଭା ଆସନ ହାତେଇଥିବା ଭାଜପା ମାତ୍ର ୮ଟି ବିଧାନସଭା ଆସନରେ ସୀମିତି ରହିଛି। ଅପରପକ୍ଷରେ ଦିଲ୍ଲୀ ନିର୍ବାଚନରେ ପରାଜୟ ପରେ ଭାଜପାର ରାଜ୍ୟ ଦଖଲ ସ୍ୱପ୍ନ ଧୀରେ ଧୀରେ ମଳିନ ହେବାରେ ଲାଗିଛି। ୨୦୧୮ରେ ପ୍ରାୟ ୨୧ ରାଜ୍ୟରେ ଦଖଲ ବିସ୍ତାର କରିଥିବା ଭାଜପା ଏବେ ସଙ୍କୁଚିତ ହେବାରେ ଲାଗିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ହାତରୁ ଚାଲିଯାଇଥିଲା ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ। ଯଦିଓ ଏହି ତିନିରାଜ୍ୟରେ କୌଣସି ଆଞ୍ଚଳିକ ଦଳ ସରକାର ଗଢ଼ିନାହାନ୍ତି, ତଥାପି ସ୍ଥାନୀୟ ପ୍ରସଙ୍ଗ (ବିଶେଷକରି) କୃଷକ ପ୍ରସଙ୍ଗକୁ ନିର୍ବାଚନୀ ଅସ୍ତ୍ର କରି ଜାତୀୟ ଦଳ କଂଗ୍ରେସ ଭାଜପା ଦୁର୍ଗ ପତନରେ ସମର୍ଥ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଯଦିଓ ତା'ର ଏନ୍‌ଡିଏ ମେଣ୍ଟ ସହଯୋଗୀଙ୍କୁ ନେଇ ନିର୍ବାଚନ ଲଢ଼ିଥିଲା, ଏପରି କି ୩୫୦ ଆସନରେ ଜିତି ବିପୁଳ ସମର୍ଥନ ସହ କେନ୍ଦ୍ରରେ କ୍ଷମତା ବଜାୟ ରଖିଥିଲା। ଏହା ଦେଖି ଆଶା କରାଯାଉଥିଲା ଯେ, ଦେଶ ହୋଇଯିବ ପଦ୍ମମୟ। ମାତ୍ର ଅନେକ କଳକୌଶଳ କରି ଭାଜପା ଶିବସେନାକୁ ସାଙ୍ଗରେ ନେଇ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲଢ଼ି ବହୁମତ ହାସଲ କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଆସନ ହାତେଇବା ଜିଦ୍ ଭାଜପାକୁ ମହଙ୍ଗା ପଡ଼ିଥିଲା। ଶେଷରେ ଶିବସେନା ଏନ୍‌ସିପି ଓ କଂଗ୍ରେସ ସହ ମେଣ୍ଟ କରି ମୁଖ୍ୟମନ୍ତ୍ରୀ ପଦ ହାତେଇଲା। ଫଳରେ ସେଠାରେ ଭାଜପାକୁ ବିରୋଧୀ ଆସନରେ ବସିବାକୁ ପଡ଼ିଛି। ଝାଡ଼ଖଣ୍ଡରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଲା। ଆଦିବାସୀ ଅଧ୍ୟୁଷିତ ଏହି ରାଜ୍ୟ ଭୋଟର ଭାଜପାର ଜାତୀୟ ପ୍ରସଙ୍ଗକୁ କର୍ଣ୍ଣପାତ କଲେ ନାହିଁ । ଭାଜପାର ରଘୁବର ଦାସ ସରକାର ଧରାଶାୟୀ ହୋଇ ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱରେ ଜେଏମ୍‌ଏମ୍–କଂଗ୍ରେସ ସରକାର କ୍ଷମତାସୀନ ହେଲା। ଏତେସବୁ ପରାଜୟ ଦେଖିବା ପରେ ମଧ୍ୟ ଭାଜପା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ଶାସନ କ୍ଷମତାକୁ ଅକ୍ତିଆର କରିବାକୁ ବହୁ ଚେଷ୍ଟା କରିଥିଲା। ବିଶେଷକରି ବିଭିନ୍ନ ଜାତୀୟ ପ୍ରସଙ୍ଗକୁ ଆଧାର କରି ଲୋକଙ୍କ ନିକଟକୁ ଯାଇଥିଲା। ହେଲେ ଶିକ୍ଷା, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପାନୀୟଜଳ ଭଳି ଆଞ୍ଚଳିକ ପ୍ରସଙ୍ଗ ଆଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ଜାତୀୟ ପ୍ରସଙ୍ଗ କିଛି କାମ ଦେଲା ନାହିଁ। କେଜ୍‌ରିୱାଲ ପୁନର୍ବାର ଭାଜପାକୁ ଝାଡୁମାରି ଦିଲ୍ଲୀରୁ ହଟାଇ ଦେବାରେ ସମର୍ଥ ହୋଇଛନ୍ତି।

# ଅଭ୍ୟାସ-୨୦୨୦ ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୨(ବ୍ୟୁରୋ)



ଅଭ୍ୟାସ-୨୦୨୦ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟରୁ ସାଂସ୍କୃତିକ ଐତିହ୍ୟସ୍ଥଳଗୁଡ଼ିକୁ କିପରି ସୁରକ୍ଷିତ ରଖାଯାଇ ପାରିବ। ବିପଦ ଆସିବା ଆଗରୁ ସତର୍କ ସୂଚନା କିଭଳି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ବିମ୍‌ଷ୍ଟେକ(ବେ ଅଫ ବେଙ୍ଗଲ ଇନିସିଏଟିଭ ଫର ମଲ୍‌ଟି ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋ ପରେଶନ) ଦେଶଗୁଡ଼ିକ କିଭଳି ପ୍ରସ୍ତୁତ ଅଛନ୍ତି ସେ ନେଇ ନିଜର କଳା କୌଶଳ ପ୍ରଦର୍ଶନ କରିବେ। ତିନି ଦିନ ଧରି ଭୁବନେଶ୍ୱର ଓ ପୁରୀଠାରେ ଦ୍ୱିତୀୟ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୦ ଆରମ୍ଭ ହୋଇଛି। ପ୍ରଥମ ଥର ଲାଗି ଓଡ଼ିଶାରେ ହେଉଥିବା ଏହି କାର୍ଯ୍ୟକ୍ରମକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଉଦ୍‌ଘାଟନ କରିଛନ୍ତି।

ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଂସ୍କୃତିକ ଐତିହ୍ୟଗୁଡ଼ିକୁ ଯେକୌଣସି ମୂଲ୍ୟ ବଦଳରେ ସୁରକ୍ଷିତ କରିବାକୁ ପଡ଼ିବ। ଏହା ଯେ କେବଳ ଆମ ସଂସ୍କୃତିର ପରିଚୟ ନୁହେଁ ବରଂ ଆର୍ଥିକ ପ୍ରଗତିର ସାରଥି। ଐତିହ୍ୟଗୁଡ଼ିକର ସୁରକ୍ଷା ପାଇଁ ଉପଯୁକ୍ତ ଚିହ୍ନଟ, ପର୍ଯ୍ୟାପ୍ତ ତଥ୍ୟ ସଂଗ୍ରହ

- ଦ୍ୱିତୀୟ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଯେକୌଣସି ମୂଲ୍ୟରେ ଐତିହ୍ୟସ୍ଥଳର ସୁରକ୍ଷା ହେବା ଦରକାର: ମୁଖ୍ୟମନ୍ତ୍ରୀ
- ଆଜି ରାମଚଣ୍ଡୀରେ ତାଲିମ ଅଭ୍ୟାସ

ଏବଂ ଆଗୁଆ ସୂଚନା ବ୍ୟବସ୍ଥାର ବିକାଶ କରିବାକୁ ହେବ। ଐତହ୍ୟଗୁଡ଼ିକର ସୁରକ୍ଷା ଦିଗରେ ବିମ୍‌ଷ୍ଟେକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିମ୍‌ଷ୍ଟେକ ଏହାର ସହଯୋଗ ଓ ପରିସର ବୃଦ୍ଧି କରି ଚାଲିଛି। ଓଡ଼ିଶା ବାତ୍ୟା, ବନ୍ୟା ଭଳି ବହୁମୁଖୀ ବିପର୍ଯ୍ୟୟକୁ ସମ୍ମୁଖୀନ ହେଉଛି। ୧୯୮୧ରୁ ଏପର୍ଯ୍ୟନ୍ତ ୧୦୦ଟି ବାତ୍ୟା ରାଜ୍ୟକୁ ପ୍ରଭାବିତ କରିଛି। ୧୯୯୯ରେ ହୋଇଥିବା ମହାବାତ୍ୟା ପରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦିଗକୁ ବଦଳାଇ ଦେଇଛି। ଓଡ଼ିଶା ଏବେ ଦେଶରେ ଏକ ଅଗ୍ରଣୀ ବିପର୍ଯ୍ୟୟ ପରିଚାଳନା ରାଜ୍ୟ ଭାବେ ନିଜକୁ ପ୍ରସ୍ତୁତ କରି ପାରିଛି। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ନିଜର ବିପର୍ଯ୍ୟୟ ମୁକାବିଲା ବାହିନୀ ଗଠନ କରିଛି। ବିପର୍ଯ୍ୟୟ ବେଳେ ଜଣେ ଲୋକଙ୍କ ଜୀବନ ଯେପରି ନ ଯିବ ସେ ନେଇ ରାଜ୍ୟ ସରକାର ପୂର୍ବପ୍ରସ୍ତୁତି, ଆଗୁଆ ସୂଚନା ଏବଂ ସମ୍ବଳ ପରିଚାଳନାକୁ ସୁଚାରୁ ଢଙ୍ଗରେ କରିଚାଲିଛନ୍ତି । ବର୍ଷ ବର୍ଷ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ନେଇ ରାଜ୍ୟ ପରିପକ୍ୱତା ଦେଖାଇ ଆସିଛି। ଜାତିସଂଘଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ଗଣମାଧ୍ୟମ ଓଡ଼ିଶାର ବିପର୍ଯ୍ୟୟ ପ୍ରସ୍ତୁତିକୁ ପ୍ରଶଂସା କରି ଆସିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆ ଦେଶଗୁଡ଼ିକ ମଧ୍ୟରେ ବିମ୍‌ଷ୍ଟେକ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସଂଗଠନ। ଐତିହ୍ୟ ସୁରକ୍ଷା ଦିଗରେ ବିମ୍‌ଷ୍ଟେକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୦ ଏକ ମାଇଲଖୁଣ୍ଟ ଭଳି କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ, ଡିଜିପି ଅଭୟ, ଏନଡିଆରଏଫ ଡିଜି ଜିଭିଭି ଶର୍ମା ଯୋଗଦେଇ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ବିମ୍‌ଷ୍ଟେକର ଭୂମିକା ନେଇ ଆଲୋଚନା କରିଥିଲେ।

ପୁରୀର କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ କ୍ଷେତ୍ରୀୟ ତାଲିମ ଶିବିରକୁ ବୁଧବାର କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ସଭ୍ୟ ରାଷ୍ଟ୍ର ବାଂଲାଦେଶ, ଭାରତ, ମିଆଁମାର, ଶ୍ରୀଲଙ୍କା ଓ ନେପାଳ ଯୋଗ ଦେଇଛନ୍ତି । ତେବେ ଭୁଟାନ ଓ ଥାଇଲାଣ୍ଡ ଏହି ଅଭ୍ୟାସରେ ଭାଗ ନେଇ ନାହାନ୍ତି। ୩ ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଚାଲିବ।

# ବସ୍‌ରେ ୧୧ କେଭି ତାର ଲାଗି ୧୦ ମୃତ୍ୟୁ ଘଟଣା

- ଡ୍ରାଇଭର କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୧।୨


ଗିରଫ ଡ୍ରାଇଭର।

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ମେଣ୍ଡରାଜପୁର ଛକରେ ଗତ ୯ ତାରିଖ ମଧ୍ୟାହ୍ନରେ ୧୧କେଭି ତାର ସଂସ୍ପର୍ଶରେ ଆସି ବସ୍ ଭିତରେ ବସିଥିବା ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହାସହିତ ବହୁ ଶିଶୁ ମହିଳା ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୋଳନ୍ଥରା ପୋଲିସ ଫେରାର ଥିବା ବସ୍ ଡ୍ରାଇଭରଙ୍କୁ ମଙ୍ଗଳବାର ଭଞ୍ଜନଗର ଥାନା ଅନ୍ତର୍ଗତ ଏକତାଳି ଗ୍ରାମରୁ ଗିରଫ କରିଛି। ସେ ହେଲେ ଗଗନ ବିହାରୀ ନାୟକ। ମାମଲା ନମ୍ବର ୪୩/୨୦ରେ ଗଗନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ବୋଲି ମଧ୍ୟ ସେ କହିଛନ୍ତି। ଗତ ୮ ତାରିଖ ଡଙ୍କଲପଡ଼ୁର ୟୁ. ସନ୍ୟାସୀ ରେଡ୍ଡୀଙ୍କ ପୁଅ ୟୁ.ଅଶୋକ ରେଡ୍ଡୀଙ୍କ ନିର୍ବନ୍ଧ ଭୋଜି ପାଇଁ ଚିକରଡା ଗ୍ରାମକୁ ଏକ ବସ୍‌ରେ ଲୋକେ ଯାଉଥିଲେ। ମେଣ୍ଡରାଜପୁର ଛକ ରାସ୍ତା ଉପର ଦେଇ ଯାଉଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ବସ୍ ଭିତରେ ବସିଥିବା ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏପରିକି ଅନେକ ମହିଳା ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

## ଆଜି ବନକଲାଗି: ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ ଅଫିସ,୧୧।୨: ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ ଘଣ୍ଟା ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

# 'ସୋସିଆଲ ମିଡିଆରେ ବୁଲୁଛି କୋଣାର୍କ ମନ୍ଦିରର ଭ୍ରମାତ୍ମକ ଫଟୋ'

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିରର ମରାମତି ନାମରେ କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢ଼ି ସାଦା ପଥର ଲଗାଇବା ଅଭିଯୋଗକୁ ଖଣ୍ଡନ କରିଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)। ଗତ କିଛିଦିନ ହେଲା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା କୋଣାର୍କ ମନ୍ଦିରର ଫଟୋକୁ ବିଭ୍ରାନ୍ତିକର ବୋଲି କହିଛି ଏଏସ୍‌ଆଇ। ଏନେଇ ଟୁଇଟ୍ କରି ଏଏସ୍‌ଆଇ କହିଛି, କୋଣାର୍କ ସୂର୍ଯ୍ୟ ମନ୍ଦିରର ପୁରୁଣା କୀର୍ତ୍ତିରାଜି ଭାଙ୍ଗି ସାଦା ପଥର ଲଗାଯିବା ଖବର ସମ୍ପୂର୍ଣ୍ଣ ମିଛ। ସୋସିଆଲ ମିଡିଆରେ ବୁଲୁଥିବା ଦୁଇଟି ତୁଳନାତ୍ମକ ଫଟୋ ଜାଣିଶୁଣି ଲୋକଙ୍କୁ ଭ୍ରାନ୍ତ କରିବା ପାଇଁ ଭାଇରାଲ କରାଯାଇଛି। ଦୁଇଟି ଯାକ ଚିତ୍ର ମନ୍ଦିରର ୨ ଭିନ୍ନ ଭିନ୍ନ






ଟୁଇଟ୍ ଫଟୋ।

### ସାଦା ପଥର ଖଞ୍ଜାଯିବା ପ୍ରସଙ୍ଗ

ସ୍ଥାନର ବୋଲି ଦର୍ଶାଇଛି ଏଏସ୍‌ଆଇ। ଏହାମଧ୍ୟରୁ ଗୋଟିଏ ଫଟୋ ନାଟମଣ୍ଡପ କୀର୍ତ୍ତିରାଜିର ହୋଇଥିବାବେଳେ ଅନ୍ୟଟି ମୁଖ୍ୟ ମନ୍ଦିର ଜଗମୋହନର ଫଟୋ, ଯାହା ସାଧାରଣ ପଥରରେ ନିର୍ମିତ ଭିତ୍ତିସ୍ତମ୍ଭର ବୋଲି ଏଏସ୍‌ଆଇ କହିଛି। ଚିତ୍ରରେ ଦର୍ଶାଯାଇଥିବା ସାଦା ପଥର କାମ ୧୯୮୦ ଦଶକର ମଧ୍ୟଭାଗରେ କରାଯାଇଛି। ଯେଉଁ ସ୍ଥାନରେ କୀର୍ତ୍ତିରାଜି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି କିମ୍ବା ପୂର୍ବରୁ କ'ଣ ରହିଥିଲା ତାହାର ପ୍ରମାଣ ନାହିଁ, ସେଠାରେ ଏଏସ୍‌ଆଇ ପଲିସି ଅନୁସାରେ ସାଦା ପଥର ଲଗାଯାଇଛି। ମନ୍ଦିରର ଭଲ ଅବସ୍ଥାରେ ଥିବା କୌଣସି କୀର୍ତ୍ତିରାଜି ବଦଳାଯାଇ ନାହିଁ ବୋଲି ଏଏସ୍‌ଆଇ ସ୍ପଷ୍ଟ କରିଛି।

# ୮ ଓଏଏସ୍‌ଙ୍କୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ରାଜ୍ୟ ସରକାର ୮ ଜଣ ଓଏଏସ୍ (ସୁପରିୟର ଆଡମିନିଷ୍ଟ୍ରେଟିଭ ଗ୍ରେଡ) ଅଫିସରଙ୍କୁ ସ୍ପେଶାଲ ସେକ୍ରେଟାରି ର୍‍ୟାଙ୍କକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଓଏଏସ୍(ଏସଏଜି) ଅଫିସର ଅଭୟ କୁମାର ମହାନ୍ତିଙ୍କୁ ପଦୋନ୍ନତି ପରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ସେକ୍ରେଟାରି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବ୍ରତତୀ ହରିଚନ୍ଦନଙ୍କୁ ଏସ୍‌ଏସ୍‌ଇପିଡି ନିର୍ଦ୍ଦେଶିକା, ମନ୍ମଥ କୁମାର ବିଶ୍ୱାଳଙ୍କୁ ଏମ୍‌ଏସ୍‌ଏମ୍‌ଇ ଅତିରିକ୍ତ ସଚିବ ସହ ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ନରେନ୍ଦ୍ର କୁମାର ମନ୍ତ୍ରୀଙ୍କୁ ସୂଚନା ଅଧିକାର କମିଶନଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ବିରଞ୍ଚିନାରାୟଣ ମହାନ୍ତିଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ, ଲକ୍ଷ୍ମୀଧର ମହାନ୍ତିଙ୍କୁ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ, ରାଜା ପରିଜାଙ୍କୁ ଏସ୍‌ସି/ଏସ୍‌ଟି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ସମ୍ପ୍ରଦାୟ ବିଭାଗର ନିର୍ଦ୍ଦେଶକ ଏବଂ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କୁ ପିଏ ବିଭାଗ ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

# ପୂର୍ବତନ ଡିଜିପି ପ୍ରଫୁଲ୍ଲ ଚନ୍ଦ୍ର ରଥଙ୍କ ପରଲୋକ



**କଟକ ଅଫିସ,୧୧।୨:** ପୂର୍ବତନ ଡିଜିପି ପ୍ରଫୁଲ୍ଲ ଚନ୍ଦ୍ର ରଥଙ୍କ(୮୫)ର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ବାସଭବନରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସହରର ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

ବ୍ରିଟିଶ ଶାସନ କାଳରେ ଜିଲାପାଳ ଭାବେ କାର୍ଯ୍ୟ କରୁଥିବା ରମେଶ ଚନ୍ଦ୍ର ରଥଙ୍କ ପୁତ୍ର ହେଉଛନ୍ତି ପ୍ରଫୁଲ୍ଲ। ୧୯୩୪ ମସିହାରେ ଜନ୍ମ ଗ୍ରହଣ କରିଥିବା ପ୍ରଫୁଲ୍ଲ ୨୦ବର୍ଷ ବୟସରେ ଆଇପିଏସ୍ ପାଇଥିଲେ। ୩୫ବର୍ଷ ଚାକିରି ସମୟ ମଧ୍ୟରେ ସେ ଦୁଇଥର ଡିଜିପି ଦାୟିତ୍ୱରେ ରହିଛନ୍ତି। ପ୍ରଫୁଲଙ୍କ ବଡ଼ପୁଅ ସୁବ୍ରତ ରଥ ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ବମ୍ବେର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ସେ ବମ୍ବେରୁ ଫେରିବା ପରେ କଟକ ସତୀଚଉରାସ୍ଥିତ ଶ୍ମଶାନରେ ପ୍ରଫୁଲଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ସାନ ପୁଅ ସାନୁ ରଥ ରାଜ୍ୟର ଜଣେ ପ୍ରତିଷ୍ଠିତ ଉଦ୍ୟୋଗୀ। ବଡ଼ଝିଅ ସାବିତ୍ରୀ ରଥ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିବାବେଳେ ସାନ ଝିଅ ଗାୟତ୍ରୀ ରଥ ବିଦେଶରେ ରୁହନ୍ତି। ପ୍ରଫୁଲ୍ଲ ଚାକିରି ଜୀବନରୁ ଅବସର ନେବା ପରେ ପୋଲିସ ପାଇଁ ଉପାଦେୟ ଅନେକ ଆଇନ ପୁସ୍ତକ ସମ୍ପାଦନା କରିଛନ୍ତି।

### ପରକୀୟା ପ୍ରୀତିର କରୁଣ ପରିଣତି

# ସ୍ତ୍ରୀଙ୍କ ପ୍ରେମିକଙ୍କୁ ହତ୍ୟା

ଜଳେଶ୍ୱର, ୧୧।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଧୀନ ଏକ ଗ୍ରାମରେ ପରକୀୟା ପ୍ରୀତିର କରୁଣ ପରିଣତି ଦେଖିବାକୁ ମିଳିଛି। ଦୀର୍ଘଦିନରୁ ସନ୍ଦେହ କରି ଆସୁଥିବା ସ୍ତ୍ରୀଙ୍କ ପ୍ରେମିକଙ୍କୁ ମଙ୍ଗଳବାର ସକାଳେ ସ୍ୱାମୀ ଟାଙ୍ଗିଆରେ ହତ୍ୟା କରିଛନ୍ତି। ଜଳେଶ୍ୱର ଏସ୍‌ଡ଼ିପିଓ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାରୁ ତଦନ୍ତ ଆରମ୍ଭ କରିଛନ୍ତି।

ଉକ୍ତ ଗ୍ରାମର ଏହି ସ୍ତ୍ରୀ -ସ୍ୱାମୀ ସୁଖରେ କାଳାତିପାତ କରୁଥିଲେ। କିଛି ଦିନ ତଳେ ସ୍ତ୍ରୀ ମାକିଡ଼ିଆ ଗ୍ରାମର ପ୍ରଶାନ୍ତଙ୍କୁ ଧରମଭାଇ ଭାବେ ଗ୍ରହଣ କରି ମିଳାମିଶା କରୁଥିଲେ। ଗତ ମକର ସଂକ୍ରାନ୍ତି ପରଠାରୁ ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କ କାର୍ଯ୍ୟକଳାପ ଉପରେ ସ୍ୱାମୀ ଅସନ୍ତୁଷ୍ଟ ଥିଲେ। ସବୁଦିନ ପରି ସେ ସୋମବାର ବିଲକୁ ଚାଷ କରିବା ପାଇଁ ଚାଲିଯାଇଥିଲେ। ସନ୍ଧ୍ୟାରେ ପ୍ରଶାନ୍ତ ତାଙ୍କ ଘରକୁ ଆସିଥିଲେ। ବିଳମ୍ବିତ ରାତିରେ ଘରକୁ ଫେରି ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଗୋଟିଏ ଘରେ ଶୋଇଥିବା ସେ ଦେଖିବାକୁ ପାଇଥିଲେ। ଏହାପରେ ସେ ଆଉ ରାତିତମାମ ଶୋଇପାରି ନ ଥିଲେ। ସକାଳେ ଉଠି ସ୍ତ୍ରୀଙ୍କ ସହ ପ୍ରଶାନ୍ତଙ୍କୁ ଦେଖି ତାଙ୍କର ଧୈର୍ଯ୍ୟଚ୍ୟୁତ ହୋଇଥିଲା। ସେ କ୍ରୋଧାନ୍ୱିତ ହୋଇ ଏକ ଟାଙ୍ଗିଆ ଆଣି ପ୍ରଶାନ୍ତଙ୍କ ମୁଣ୍ଡ ଓ ମୁହଁକୁ ବାରମ୍ବାର ପିଟିଥିଲେ। ପ୍ରଶାନ୍ତଙ୍କ ଶରୀର ନିଷ୍କ୍ରିୟ ହୋଇଯିବା ପରେ ସେ ଟାଙ୍ଗିଆ ଧରି ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ଏଏସ୍‌ଆଇ ଭଗବାନ ଦାସ ଘଟଣା ସମ୍ପର୍କରେ ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାରଙ୍କୁ ଜଣାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏସ୍‌ଡିପିଓ କୁମ୍ଭାର ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣିବା ସହିତ ଘଟଣାର ଆରମ୍ଭ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ବିଭିନ୍ନ ପରୀକ୍ଷାନିରୀକ୍ଷା କରିଫେରିଛନ୍ତି। ରାଇବଣିଆ ଥାନାରେ ମାମଲା (ନଂ.୧୧/୨୦) ରୁଜୁ କରାଯାଇ ୩୦୨ ଦଫାରେ ତଦନ୍ତ ଆରମ୍ଭ ହୋଇଛି। ତେବେ ଅତୀତରେ କେବେ ଏପରି କାର୍ଯ୍ୟ କରି ନ ଥିବା ବେଳେ ସ୍ତ୍ରୀଙ୍କ ପରକୀୟା ପ୍ରୀତି ଦେଖି ନିଜର ଧୈର୍ଯ୍ୟ ହରାଇ ଏଭଳି ଘଟାଇଥିବା ଗଣମାଧ୍ୟମ ଆଗରେ ଅଭିଯୁକ୍ତ କହିଛନ୍ତି।

# ଦକ୍ଷିଣା ନ ଦେବାରୁ ଭକ୍ତଙ୍କୁ ଖଣ୍ଡାରେ ହାଣିଲେ

ପୁରୁଷୋତ୍ତମପୁର,୧୧।୨(ଡି.ଏନ୍.ଏ.)

- ତାରାତାରିଣୀ ପୀଠରେ ପୂଜକଙ୍କ ଉନ୍ମତ୍ତକାଣ୍ଡ
- ୨ ପୂଜକ ଗିରଫ
- କାର୍ଯ୍ୟାନୁଷ୍ଠାନ, ସୁରକ୍ଷା ଲାଗି ଅଞ୍ଚଳବାସୀଙ୍କ ଦାବି

ଗଞ୍ଜାମ ଜିଲାର ଦୈବୀପୀଠ ମା' ତାରାତାରିଣୀଙ୍କ ମନ୍ଦିରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଦକ୍ଷିଣା ନ ଦେବାରୁ ଜଣେ ମହିଳା ଭକ୍ତଙ୍କୁ ପୂଜକ ଗାଳିଗୁଲଜ କରିବା ସହ ତାଙ୍କ ଜ୍ୱାଇଁଙ୍କୁ ଖଣ୍ଡାରେ ହାଣିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ ପରେ ନଂ.୩୩/୨୦ରେ ମାମଲା ରୁଜୁକରି ୨ ଜଣ ପୂଜକଙ୍କୁ ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ମଙ୍ଗଳବାର କୋଦଳା ଥାନା ଅନ୍ତର୍ଗତ ଜାପଟା ରାମପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତି ନୂତନ ବସ୍ କିଣିଥିବାରୁ ପୂଜା କରିବାକୁ ପୁରୁଷୋତ୍ତମପୁର ତାରାତାରିଣୀ ମନ୍ଦିରକୁ ଆସିଥିଲେ। ଉକ୍ତ ବସ୍‌ରେ ସମ୍ପର୍କିୟଙ୍କ ସମେତ ଗ୍ରାମର ପ୍ରାୟ ୫୦ଜଣ ବ୍ୟକ୍ତିଙ୍କୁ ସେ ଆଣିଥିଲେ। ସେମାନଙ୍କ ମଧ୍ୟରୁ ସାରସ ବାରିକ ନାମ୍ନୀ ମହିଳା ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପୂଜକ ଋଷି ରଣା ଓ ରାଜେନ୍ଦ୍ର ରଣା ତାଙ୍କୁ ୫ହଜାର ଟଙ୍କା ଦକ୍ଷିଣା ମାଗିଥିଲେ। ସେ ଏତେ ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ଗାଳିଗୁଲଜ କରିଥିଲେ। ପାଖରେ ଥିବା ତାଙ୍କ ଜ୍ୱାଇଁ ଧନଞ୍ଜୟପୁର ଗ୍ରାମର ଅକ୍ଷୟ ପ୍ରଧାନ ଓରଫ ରାହୁଲ ଏହାର ପ୍ରତିବାଦ କରିଥିଲେ। ଫଳରେ ୨ ପୂଜକ ତାଙ୍କୁ ଖଣ୍ଡା ଆଣି ଅତି ନିର୍ମମ ଭାବେ ହାଣିଥିଲେ। ସେଠାରେ ଥିବା ପୁରୁଷୋତ୍ତମପୁରର ଅନ୍ୟ ଜଣେ ଭକ୍ତ ସୁଦାମ ମହାରଣାଙ୍କୁ ମଧ୍ୟ ରାହୁଲଙ୍କ ସମ୍ପର୍କିୟ ଭାବି ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ସାରସ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୂଜକ ଋଷି ଓ ରାଜେନ୍ଦ୍ରଙ୍କୁ ଗିରଫ କରିଛି।ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି।

ମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ପୂଜକମାନେ ବାରମ୍ବାର ଏପରି ମାରପିଟ କରୁଛନ୍ତି। ମନ୍ଦିର ପାହାଡ଼ ତଳେ ପୋଲିସ ବିଭାଗ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ପାଇଁ ଏକ ବିଟ୍ ହାଉସ ଖୋଲାଯାଇଛି। ମାତ୍ର ଏହି ବିଟ୍ ହାଉସରେ ପୋଲିସ ଅଫିସରଙ୍କୁ ନିଯୁକ୍ତି ଦେବା ବଦଳରେ ମାତ୍ର ୨ଜଣ କନଷ୍ଟେବଲଙ୍କୁ ନିଯୁକ୍ତି ଦେଇ ବିଭାଗ ଚୁପ୍ ବସିଛି। ଫଳରେ ଏଠାରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଏଠାରେ ପୋଲିସ ଅଫିସରଙ୍କୁ ନିଯୁକ୍ତି ଦେଇ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଦାବି ହୋଇଛି।



**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ସେପ୍ଟେମ୍ବର ସମୟରେ ଦେଶ ମଧ୍ୟକୁ ୪୬୩.୪୪ ନିୟୁତ ଡଲାରର ଏଫ୍‌ଡିଆଇ ଆସିଛି।
– ଅର୍ଥ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଶ୍ୱ ଯୋଗ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଲେ ମଧୁସ୍ମିତା



କଟକ ଅଫିସ,୧୧।୨– ବିଶ୍ୱସ୍ତରୀୟ ଯୋଗ ପ୍ରତିଯୋଗିତାରେ ଚମକିଛନ୍ତି ଓଡ଼ିଆ ପ୍ରତିଭା। ନୂଆଦିଲ୍ଲୀସ୍ଥିତ ଆନନ୍ଦଧାମଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଯୋଗ ଚାମ୍ପିୟନଶିପ୍‌ରେ ୭ଟି ରାଷ୍ଟ୍ରର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା କଟକର ମଧୁସ୍ମିତା ସେନାପତି ୩ୟ ସ୍ଥାନ ହାସଲ କରିଛନ୍ତି। ମଧୁସ୍ମିତା ସିନିୟର ବାଳିକା ବର୍ଗରେ ଭାଗ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗଦାଧର ସେନାପତି ଓ ନୟନ ସେନାପତିଙ୍କ ସାନଝିଅ ମଧୁସ୍ମିତା ୫ବର୍ଷ ହେବ ଯୋଗ ଶିକ୍ଷା ନେଉଛନ୍ତି। ପୂର୍ବରୁ ସେ ବିଭିନ୍ନ ରାଜ୍ୟସ୍ତରୀୟ ଓ ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ସଫଳତା ହାସଲ କରିବାର ଶ୍ରେୟ ସେ ନିଜ ଗୁରୁ ଦେବାଶିଷ ହାଲ୍‌ଦାର ଓ ପରିବାରବର୍ଗଙ୍କୁ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଛଦ୍ମ ରାଷ୍ଟ୍ରବାଦକୁ ...

ମଧ ବିଜୟ ଲାଭ କରିଛନ୍ତି। ଅନ୍ୟପକ୍ଷେ ଭାଜପାର ବିଜେନ୍ଦର ଗୁପ୍ତା (ରୋହିଣୀ), ଓମ୍‌ପ୍ରକାଶ ଶର୍ମା (ବିଶ୍ୱାସନଗର) ବିଜୟୀ ହୋଇଥିବାବେଳେ କପିଳ ମିଶ୍ରା (ମଡେଲ ଟାଉନ), ଅଭୟ ବର୍ମା (ଲକ୍ଷ୍ମୀ ନଗର), ମୋହନ ସିଂ ବିଷ୍ଟ (କର୍‌ୱାଲନଗର) ଓ ଜିତେନ୍ଦର ମହାଜନ (ରୋହତାସ୍‌ପୁର) ପରାଜିତ ହୋଇଛନ୍ତି। କଂଗ୍ରେସର ଅଲ୍‌କା ଲାମ୍ବା (ଚାନ୍ଦନୀ ଚୌକ), ଅରବିନ୍ଦର ସିଂ ଲଭ୍‌ଲି (ଗାନ୍ଧୀନଗର) ଆସନରୁ ହାରିଯାଇଛନ୍ତି। ଏହି ବିପୁଳ ବିଜୟ ପରେ କେଜ୍‌ରିୱାଲ ଦିଲ୍ଲୀବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଏପି ମୁଖ୍ୟାଳୟରେ ସ୍ତ୍ରୀ ସୁନୀତା ଓ ଝିଅ ହର୍ଷିତାଙ୍କ ସହ ଏକ ସଭାକୁ ସମ୍ବୋଧିତ କରି କେଜ୍‌ରିୱାଲ କହିଛନ୍ତି ଯେ 'ଦିଲ୍ଲୀୱାଲୋଁ, ଗଜବ କର୍‌ଦି ଆପନେ।' ବିଭାଜନବାଦୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ସକାରାତ୍ମକ ରାଜନୀତିକୁ ବିଜୟୀ କରାଇଥିବାରୁ ଆପଣମାନଙ୍କୁ ଧନ୍ୟବାଦ। ଏବେ ଏକ ନୂଆ ରାଜନୀତି ଆରମ୍ଭ ହେବାକୁ ଯାଉଛି। ତାହା ହେଉଛି କାମର ରାଜନୀତି। ସ୍ତ୍ରୀ ସୁନୀତାଙ୍କ ଜନ୍ମଦିନରେ କେଜ୍‌ରିୱାଲ ତାଙ୍କୁ ଏହି ଐତିହାସିକ ବିଜୟର ଉପହାର ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଚାଲିଥିବାବେଳେ ଦିଲ୍ଲୀ ନିର୍ବାଚନ ଆସିଥିଲା। ବିଶେଷକରି ଦିଲ୍ଲୀ ଶାହିନବାଗରେ ପ୍ରାୟ ଦୁଇମାସ ଧରି ମହିଳାମାନେ ବିକ୍ଷୋଭ କରୁଥିଲେ। ଓଖ୍‌ଲା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ବହୁଚର୍ଚ୍ଚିତ ଅଞ୍ଚଳ ଶାହିନବାଗର ମହିଳା ମତଦାତାମାନେ ଗତ ଶନିବାର ବିକ୍ଷୋଭ ଜାରି ରଖିବା ସହ ପାଳି କରି ଭୋଟ ଦେବାକୁ ଯାଇଥିଲେ। 'ଶାହିନବାଗ'କୁ ଭାଜପା ଏକ ବଡ଼ ପ୍ରସଙ୍ଗ କରିଥିଲା। ଭାଜାପା ନେତାମାନେ ଏହାକୁ ନେଇ ଏଏପିକୁ ଟାର୍ଗେଟ କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରଚାର ବେଳେ ଭୋଟରଙ୍କୁ ଆହ୍ୱାନ ଦେଇଥିଲେ, ଦିଲ୍ଲୀବାସୀ ଇଭିଏମ୍‌ର ବଟନ ଏପରି ଦବାଇବେ ଯେ କରେଣ୍ଟ ସିଧା ଯାଇ ଶାହିନବାଗରେ ଲାଗିବ। ଏପରି କି କେଜ୍‌ରିୱାଲଙ୍କୁ ଭାଜପା ନେତାମାନେ ଆତଙ୍କବାଦୀ ଆଖ୍ୟା ଦେବାକୁ ପଛାଇ ନ ଥିଲେ। ଏହାକୁ ଉଭୟ ଏଏପି ଏବଂ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଥିଲା। ଶେଷରେ ଓଖ୍‌ଲା ନିର୍ବାଚନମଣ୍ଡଳୀର ଭୋଟର ଭାଜପାକୁ ପ୍ରତ୍ୟାଖ୍ୟାନ କଲେ। ପ୍ରଚାର ଶେଷ ଆଡ଼କୁ କେଜ୍‌ରିୱାଲ ହନୁମାନ ଚାଳିଶା ପାଠ କରିବା ସହ କନଟପ୍ଲେସର ହନୁମାନ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ଭାଜପା ନୁହେଁ, ବରଂ ଏଏପି ହିଁ ଅସଲ ହିନ୍ଦୁବାଦୀ ଓ ଦେଶଭକ୍ତ ଦଳ ବୋଲି ଏହା ଥିଲା କେଜ୍‌ରିୱାଲଙ୍କ ରାଜନୈତିକ ସଙ୍କେତ। ମୋଟାମୋଟି ଭାବେ କେଜ୍‌ରିୱାଲ ଓ ତାଙ୍କ ଦଳର ଅଧିକାଂଶ ନେତାଙ୍କ ପ୍ରଚାର ବିକାଶଭିତ୍ତିକ ଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ ଓ ଭିତ୍ତିଭୂମି ବିକାଶ ଉପରେ ଏଏପି ଗୁରୁତ୍ୱ ଦେଇଥିଲା। କେଜ୍‌ରିୱାଲ ସବୁବେଳେ କହୁଥିଲେ, ଆମ ୫ ବର୍ଷର ଶାସନକୁ ଦେଖି ଲୋକେ ଆମକୁ ଭୋଟ ଦେବେ। ପରିଣାମ ତାହା ହିଁ ହୋଇଛି। ୨୦୧୫ ବିଧାନସଭା ନିର୍ବାଚନରେ ଏଏପି ୬୭ ଆସନ ଦଖଲ କରିଥିବାବେଳେ ଏଥର ତା' ହାତରୁ ୫ଟି ଆସନ ଖସିଯାଇଛି। ଗତଥର ମାତ୍ର ୩ ଆସନ ପାଇଥିବା ଭାଜପା ଏଥର ଅଧିକ ୫ଟି ସିଟ୍ ଅକ୍ତିଆର କରିପାରିଛି। କଂଗ୍ରେସର ୬୩ ଜଣ ପ୍ରାର୍ଥୀ ସେମାନଙ୍କ ଅମାନତ ହରାଇଛନ୍ତି। ନିର୍ବାଚନ ଜିତିବା ପରେ କେଜ୍‌ରିୱାଲ ଓ ସିସୋଡିଆ ପରିବାର ବର୍ଗ ସହ କନଟପ୍ଲେସ୍‌ର ପ୍ରସିଦ୍ଧ ହନୁମାନ ମନ୍ଦିରଙ୍କୁ ଯାଇ ପୂଜାର୍ଚ୍ଚନା କରିଛନ୍ତି। ପରେ ଉଭୟେ ଗଣତି କେନ୍ଦ୍ରକୁ ଯାଇ ବିଜୟ ପ୍ରମାଣପତ୍ର ଆଣିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେଜ୍‌ରିୱାଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତୃତୀୟଥର ପାଇଁ ସରକାର ଗଠନ କରିବାକୁ ଯାଉଥିବା କେଜ୍‌ରିୱାଲ ଦିଲ୍ଲୀବାସୀଙ୍କ ଆଶାଆକାଂକ୍ଷା ପୂରଣ କରିବେ। ତାଙ୍କୁ ଅଭିନନ୍ଦନ ବୋଲି ମୋଦି ଟୁଇଟ୍ କରିଛନ୍ତି। ଆସନ୍ତା ୧୪ ତାରିଖରେ ଭାଲେଣ୍ଟାଇନ୍ସ ଡେ' ଅବସରରେ କେଜ୍‌ରିୱାଲ ଶପଥ ନେବେ ବୋଲି ଜଣାପଡ଼ିଛି।

## classifieds Everyday
0674-2580101, 2549302




### BRIDE WANTED

For M.Tech, (IIT Bombay), Internship (Steinbeis University Germany) Qualified Commander in Indian Navy. Contact- +919438183860. D-16583

୩୨ବର୍ଷ/ ୫ଫୁଟ ୬ଇଞ୍ଚ/ **M.Tech, KIIT ରୁ, Ph.D, NIT Patnaରୁ କରି VIT-AP** ୟୁନିଭର୍ସିଟିରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ସୁନ୍ଦର ତେଲି ଯୁବକଙ୍କ ପାଇଁ ଗୌରବର୍ଣ୍ଣା ଗ୍ରାଜୁଏଟ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। **9771857180, 9939028465.** D-16606

Khandayat boy 6'0", 1989, B.Tech, 6/3 service at BOI wanting for only Banking tall and beautiful girl, 9040120506, 7608969523. D-67535

Handsome Khandayat boy 30, Govt Job, Sr.Asst BBSR.9090703282. D-16605

Wanted Khandayat Bride, 5'5", Age- (within 30years), fair, slim, Post Graduate, for the Groom 43years, 5'8", MBA, LLB, having Construction Business in Bhubaneswar. Contact- 9861022055, 9938219397. D-16609

Son Age 29 B.Tech NIT MBA XIMB Working Senior Manager at Bangalore 30 lakhs cast Karan 8144589551. D-16612

Wanted any Karan Bride divorcee- Medicine MR candidate issueless age 36. Contact: 8144731843. D-16607

Brahmin beautiful girl 5'4", 1992, 24/11 Plastic Surgery Doctor at Ludhiana wanting for Delhi, Hariyana, Punjab Bramhin boys, 9040120506, 7608969523. D-67536

ଜାତିବନ୍ଧନ ନାହିଁ। 38, 5'.4", M.Sc, B.Ed, Govt. Lecturer ମାସିକ ଆୟ 45,000/- ପାଇଁ ଅବିବାହିତ, ବିପତ୍ନୀକ, ଘରଜ୍ୱାଇଁ ବର ଗ୍ରହଣୀୟ ହେବେ। 8462050474. D-16610

Beautiful Khandayat girl 5'6", B.Tech, 1994, 2/1 and 5'4", 1988, MBA, 20/9 wanting for Govt/ Softwere tall boys, 9040120506, 7608969523. D-67534

### GROOM WANTED

Suitable Groom wanted for Karan girl, 28 M.Sc. (Physics) B.Ed., faculty in Sailabala womens college. Contact: 8917285133 . D-16663

Now Matrimonial ads. only on Wednesday & Sunday Book 1 Get 1 FREE




### SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

1300sqft. gharabari plot at Dumduma near Jadupur yellowzone, price 29 lakh. Contact: 9861234908. D-68994

1550sqft. gharabari plot for sale near Palasuni Canal Road, Bhagabat Sandhan, Bhubaneswar Price 52 lakh, 9861234908. D-68997

ଭୁବନେଶ୍ୱର କଟଣୀଗେଟ୍‌ଠାରେ **Sqft.200/-,** ବାଳକାଟି ବଜାରରୁ **2k.m Sqft.550/-** (ଘରବାରି) କଟକ ତ୍ରିଶୁଳିଆରୁ **4k.m Sqft.300/-ରେ** ପ୍ଲଟ୍ ମିଳୁଛି। **9348020724, 7978939440.** D-68472

Book 3BHK duplex having land area 1400 sqft and construction area 2100 sqft, At - Nandan Vihar, Patia, Bhubaneswar. Price - 77 Lakhs, 9861234908. D-68995

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68766

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar.** D-16228

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

**ଭୁବନେଶ୍ୱର AIIMS Medical ଠାରେ 30' ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possesion/ registration- 9937819395.** D-68481

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

Bhubaneswar ଏୟାରପୋର୍ଟରୁ 7km. ଦୂରରେ 1500sqft. ଘରବାରି ପ୍ଲଟ୍ 13,50,000/-, ନେଇ ଘରକରନ୍ତୁ। Contact: Pinky 6370476317. D-68577

**ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843.** D-68488

Gharabari plot for sale at Balianta 450/-per. sqft., 900/-per. sqft. at KEC, Near Uttara. Mob- 7978671993. D-16643

ଭୁବନେଶ୍ୱର କୁହା ମୌଜାରେ ଘରବାରି ପ୍ଲଟ୍ 1500sqft. 13,50,000/-, କିଣି ଆଜି ଘରକରନ୍ତୁ। Investment plot near Xavier University 3,00,00/-, 9853150290. D-68579

Book Duplex opposite Hyundai Showroom, Tamando, RERA, SBI approved, 7978584549. D-68999

ଫୁଲନଖରାଠାରୁ 1.5k.m DPS ପାଖରେ ଘରବାଡି ହୋଇଥିବା 1500sqft. plot immediately sale. 9237121875, 7504500090. D-68580

**Self plot at Brahmanjharilo, Cuttack, BBSR- 13k.m, Cuttack- 20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68787




**Residential flat at Ratna Residency 1st floor near Postal Depot, Satya Nagar, Bhubaneswar. 3BHK with drawing, dining, kitchen & Puja room, 3sets of toilets & balconies, garage space, lift fitted. Contact: 9338247620, 9437096720. Between 10AM-1PM & 6PM- 9PM.** D-16661

A/C halls ground floor 1500 sqft. and first floor 2500 sqft. suitable for Educational Institutes/ Offices at Patia near DLF Cybercity. Contact: 9437068052. D-16585

**Commercial space for rent at Lane- 9, Bapujee Nagar, Bhubaneswar, Ground- 2000sqft., First- 2200sqft., Second- 2200sqft. Parking, Lift & DG. Contact- 9338554697.** D-16641




Shivam logistic packers movers. Household/ car relocation countrywide. 9777044177, 9338461133. D-16351




Ayurvedic full body massage ladies and gents. Contact: 9861064981. D-68778

Sai herbal spa refresh your body with smart, expert therapist. 7608062524. D-68991

Kasturi massage club, fully relaxed by expert lady, home service: 9178845612. D-68779

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Ayurvedic refreshment massage therapy refresh mind and body. Appointment: 7894855541. D-68583

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204




Kalia Agarbati Co. ଓଡ଼ିଶାର ଏକ ସର୍ବପୁରାତନ ଅଗରବତୀ ଅନୁଷ୍ଠାନ। ଶୁଦ୍ଧ ଝୁଣାବତୀ, ରଙ୍ଗୀନ ବତୀ ଓ କଳାବତୀ ପାଇଁ ଯୋଗାଯୋଗ କରନ୍ତୁ, Phone: 9437211076, Bhubaneswar. D-16660

୪୯୯୯/– ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575

### AFFIDAVIT

By virtue of an affidavit on 06.09.19 before Executive Magistrate, Puri, I changed my name from 'Maheswar Behera' to 'Maheswar Pradhan' for all purposes. D-68818

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶିଚକ୍ରର ଉତ୍ତରାର୍ଦ୍ଧରେ ଅଧିକାଂଶ ଗ୍ରହ ଥିବାରୁ ମଧ୍ୟାହ୍ନ ପରେ ପ୍ରତ୍ୟେକ କାମରେ ଶୁଭଫଳ ମିଳିବ। କାର୍ଯ୍ୟସିଦ୍ଧି, ଅର୍ଥଲାଭ ସକାଶେ ଆଲୋଚନା ମଧ୍ୟ କରିବେ। ଅଶ୍ୱିନୀ ନକ୍ଷତ୍ରର କାର୍ଯ୍ୟବ୍ୟସ୍ତତା ଯୋଗୁ ସବୁ କ୍ଷେତ୍ରରେ ଶୃଙ୍ଖଳା ରକ୍ଷା କରିବା କଷ୍ଟକର ହୋଇପାରେ। ସାହିତ୍ୟ, ସାମ୍ବାଦିକତା, କଳା ଓ ବୈଷୟିକ କ୍ଷେତ୍ରରୁ ଆଶାନୁରୂପ ଫଳ ମିଳିବ।

**ବୃଷ** ଚନ୍ଦ୍ର ଓ ଶୁକ୍ରଙ୍କ ସୁପ୍ରଭାବରୁ ଆଜି ଯାହା କରିବେ ସବୁ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମ କ୍ଷେତ୍ରରେ ମିତ୍ରତା ସୃଷ୍ଟି କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଲାଭବାନ ହେବା ସଙ୍ଗକୁ ବିବାଦୀୟ ଘଟଣାରେ ବିଜୟୀ ହେବେ। କଳା, କ୍ରୀଡା, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବାର ସମ୍ଭାବନା ରହିଛି।

**ମିଥୁନ** କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ଅର୍ଥ, ବନ୍ଧୁଙ୍କ ସହ ଯୋଗାଯୋଗ, ଆଦର ଅଭ୍ୟର୍ଥନାଦି ପ୍ରାପ୍ତ କରାଇବ। କିନ୍ତୁ ଆରଦ୍ରା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଅସନ୍ତୁଷ୍ଟ ରହିବେ। କେତେକ କ୍ଷେତ୍ରରେ ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିପାରନ୍ତି। ପ୍ରଶାସନ, ଆଇନ, ନିର୍ମାଣ ଓ ଆନୁଷ୍ଠାନିକ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**କର୍କଟ** ଶୁକ୍ର ଓ ଚନ୍ଦ୍ରଙ୍କ ପାରସ୍ପରିକ ଦୃଷ୍ଟି ପ୍ରଭାବରେ ଧର୍ମକାର୍ଯ୍ୟ, ଫଳପ୍ରଦ ଆଲୋଚନା, ସୁସମ୍ପର୍କ ସୃଷ୍ଟି ଓ ଅଭିଳକ୍ଷିତ ଫଳ ପାଇବେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା ଓ ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ। ପୁଷ୍ୟା ନକ୍ଷତ୍ରର ପରିବାର ଭିତରେ ଭୁଲ୍ ବୁଝାମଣାରୁ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି।

**ସିଂହ** ଆଜି ଦ୍ୱିତୀୟରେ ଚନ୍ଦ୍ର ଥିବାରୁ ମନ ଖୁସୀ ରହିବ। କିନ୍ତୁ ଅନାବଶ୍ୟକ ଖର୍ଚ୍ଚ, କ୍ଷତି, ଯାନବାହନ କିମ୍ବା ଗୃହ ମରାମତି ବାବଦରେ ଚିନ୍ତା ସୃଷ୍ଟି ହୋଇପାରେ। ଅଟକି ରହିଯାଇଥିବା ଦୀର୍ଘଦିନର କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ଚେଷ୍ଟା କରିପାରନ୍ତି। ବହୁତ ଦିନରୁ ଜମିଜମା ବିବାଦର ସମାଧାନ ସକାଶେ ଆଜି ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ।

**କନ୍ୟା** ଲାଭାଧିପ ରାଶିରେ ରହିଥିବାରୁ ଗତକାଲି ଯାହା ଚିନ୍ତା କରିଥିଲେ ଆଜି ସେହି ଅନୁରୂପେ କରିବାରେ ଅସୁବିଧା ହେବ ନାହିଁ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ। କିନ୍ତୁ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ତୁଳା** ନବମଭାବକୁ ତିନୋଟି ଗ୍ରହର ଦୃଷ୍ଟି ହେତୁ ଆପଣ କାମ ହାସଲ ପାଇଁ ଚେଷ୍ଟା କରିବେ ସତ, କିନ୍ତୁ ଷଷ୍ଠାଧିପଙ୍କ ଦୃଷ୍ଟି ହେତୁ ତାହା ନ ହୋଇପାରେ। କିନ୍ତୁ ସ୍ୱାତୀ ନକ୍ଷତ୍ରର ଦୃଢତା ହେତୁ କାମଗୁଡ଼ିକ ବହୁତ ତକ୍‌ଲିଫି ମଧ୍ୟରେ ହେବାର ଆଶା କରାଯାଇପାରେ। ଆତ୍ମୀୟମାନେ ଈର୍ଷାପରାୟଣ ହୋଇପାରନ୍ତି କିମ୍ବା ଅଫିସରେ ବିବାଦ ଘେରରେ ପଡ଼ିପାରନ୍ତି।

**ବିଛା** ଆଜିର ସପ୍ତମାଧିପତି ଶୁଭଭାବସ୍ଥ ଯୋଗୁ ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା,ବିବାଦୀୟ ପରିସ୍ଥିତିର ସମାଧାନ ପ୍ରବୃତ୍ତି ସକାଶେ ଦିନଟି ଭଲ। ଚେଷ୍ଟା କରୁଥିବା କାମରେ ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ। ଜମିଜମା କିଣାବିକା କିମ୍ବା ବ୍ୟବସାୟିକ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ଧନୁ** ଦ୍ୱିତୀୟରେ ଶନି ଓ ରାଶିରେ ଏକାଧିକ ଗ୍ରହ ଯୋଗୁ ପୂର୍ବରୁ ରହିଥିବା ସମସ୍ୟାଗୁଡ଼ିକ ଆପଣାଛାଏଁ ସମାଧାନ ହୋଇଯିବ। ମିତ୍ରମାନେ ମିଠା କଥା କହି ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କିନ୍ତୁ ଆପଣଙ୍କର ଅଭାବ, ଅସୁବିଧା ଓ ମନର ଦୁଃଖକୁ ସହକର୍ମୀଟି ବୁଝିପାରିବ ନାହିଁ। ସାମୟିକ ପେଟ ରୋଗରେ ପୀଡିତ ହେବାର ଆଶଙ୍କା ଦେଖାଦେଇପାରେ।

**ମକର** ରାଶିରେ ରବି ଓ ଶନି ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତା ଓ ଭାବନା ଉଦ୍ରେକ ହେବ। ତଥାପି ନୂତନ କର୍ମାରମ୍ଭ, ଆନୁଷ୍ଠାନିକ କାମ ଓ ପରିବାରର ଆବଶ୍ୟକୀୟ ଜିନିଷ ପାଇଁ ବେଶି ହଇରାଣ ହେବାକୁ ପଡିବ ନାହିଁ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

**କୁମ୍ଭ** ମଙ୍ଗଳଙ୍କ କୁପ୍ରଭାବରୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ସବୁ କାମ ଡେରିରେ ହେବା କାରଣରୁ ମାନସିକ ସ୍ଥିତି ମାନ୍ଦା ରହିବ। ଏଣେ ଅଭାବ, ଋଣବାଡି, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ମଧ୍ୟ ଭଲ ରହିବ ନାହିଁ। ଧନିଷ୍ଠା ନକ୍ଷତ୍ର ସାମାଜିକ ସ୍ତରରେ କୌଣସି କାମରେ ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ମୀନ** ଅଷ୍ଟମଚନ୍ଦ୍ର ପ୍ରଭାବରେ ବହୁତ ଚେଷ୍ଟା କଲେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ଅବସାଦଯୁକ୍ତ ହେବେ। ଅବଶ୍ୟ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ହଜି ଯାଇଥିବା ଜିନିଷର ଖୋଜ ଖବର ପାଇବା ସହ ପିଲା ମାନଙ୍କ ସକାଶେ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ବୁଧବାର, ଫେବୃୟାରୀ ୧୨ ତାରିଖ, ରାଶି ନକ୍ଷତ୍ର–ଉତ୍ତରାଫାଲ୍‌ଗୁନୀ/କନ୍ୟା, ଦିବା ଘ.୧୨ ।୩୩ମି. ଗତେ, ତୁଳାଚନ୍ଦ୍ର, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମାସାନ୍ତ, ଦିବା ଘ.୧୦ ।୦୭ମି. ଗତେ ଘ.୧୧ ।୩୮ମି. ମଧ୍ୟେ ଅମୃତବେଳା। ଦିବା ଘ.୭ ।୫୦ମି. ଗତେ ଘ.୧୦ ।୩୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୨ ।୦୧ମି. ଗତେ ଘ.୧ ।୨୫ମି. ମଧ୍ୟେ ରାହୁକାଳ।

# ଗୁଣାତ୍ମକ ଶିକ୍ଷା ଉପରେ ସଂସ୍କୃତି ବିଶ୍ୱବିଦ୍ୟାଳୟର ଗୁରୁତ୍ୱ

ଭୁବନେଶ୍ୱର,୧୧।୨(ବ୍ୟୁରୋ)



ବିଶ୍ୱବିଦ୍ୟାଳୟର ମଦନପୁର କ୍ୟାମ୍ପସରେ ଅନୁଷ୍ଠିତ ଅଧ୍ୟକ୍ଷମାନଙ୍କ ସମ୍ମିଳନୀ।

- ୱେବ୍‌ସାଇଟକୁ ଅପ୍-ଟୁ-ଡେଟ୍ ରଖିବାକୁ ସହବନ୍ଧିତ ମହାବିଦ୍ୟାଳୟକୁ ନିର୍ଦ୍ଦେଶ
- ପ୍ଲେସ୍‌ମେଣ୍ଟ ସେଲ୍, ସ୍ପୋର୍ଟସ ମିଟ୍ କରିବାକୁ ପ୍ରସ୍ତାବ
- ଷ୍ଟୁଡେଣ୍ଟ ସପୋର୍ଟ ସିଷ୍ଟମ ଗଠନ କରିବାକୁ ଗୁରୁତ୍ୱ

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହବନ୍ଧିତ ମହାବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନଗୁଡ଼ିକର ଅଧ୍ୟକ୍ଷମାନଙ୍କ ଏକ ସମ୍ମିଳନୀ ମଙ୍ଗଳବାର ବିଶ୍ୱବିଦ୍ୟାଳୟର ମଦନପୁର କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ନେତୃତ୍ୱରେ ଏହା ହେଉଛି ପ୍ରଥମ ଅଧ୍ୟକ୍ଷ ସମ୍ମିଳନୀ। ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଉନ୍ନତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଗୁଣାତ୍ମକ ଶିକ୍ଷାର ମୂଲ୍ୟାଙ୍କନ କରିବା, ଇଣ୍ଟରନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ଗଠନ କରିବା, ମହାବିଦ୍ୟାଳୟଗୁଡ଼ିକର ୱେବ୍‌ସାଇଟକୁ ଅପ୍-ଟୁ-ଡେଟ୍ ରଖିବା ଏବଂ ଠିକ୍ ସମୟରେ ସମସ୍ତ ତଥ୍ୟ ସମୟାନୁକ୍ରମେ ପ୍ରକାଶିତ ହେବା, ଜାତୀୟ ସେବା ସଂସ୍ଥା ମାଧ୍ୟମରେ ସେବାମୂଳକ କାର୍ଯ୍ୟକ୍ରମ କରିବା, ପ୍ଲେସମେଣ୍ଟ ସେଲ୍ ଗଠନ କରିବା, ବାର୍ଷିକ କ୍ରୀଡ଼ା ଉତ୍ସବ ଏବଂ ସ୍ପୋର୍ଟସ ମିଟ୍‌ର ଆୟୋଜନ କରିବା, ସାଂସ୍କୃତିକ ଯୁବ ଉତ୍ସବ କରିବା, ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ଷ୍ଟୁଡେଣ୍ଟ ସପୋର୍ଟ ସିଷ୍ଟମ ଗଠନ କରିବା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଉଦ୍ୟମ କରାଯିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ମନୋଜ କୁମାର ଦାସ ପରୀକ୍ଷା ସମ୍ବନ୍ଧୀୟ ବିଭିନ୍ନ ନିୟମାବଳୀକୁ ଆଲୋଚନା କରି ତାହା କିପରି ବାସ୍ତବରେ କାର୍ଯ୍ୟକାରୀ ହୋଇପାରିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ବିତ୍ତ ନିୟନ୍ତ୍ରକ ରାଜେଶ ମହାନ୍ତ ପରୀକ୍ଷା ପରିଚାଳନା, ଜାତୀୟ ସେବା ଯୋଜନା ଏବଂ ଦେୟପୈଠ କରାଯିବା ସମ୍ବନ୍ଧରେ ଚାଲୁ ରହିଥିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ମତ ଦେଇଥିଲେ। ଏ ସମ୍ବନ୍ଧରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଦୃଷ୍ଟିଗୋଚର ହେଲେ ତୁରନ୍ତ ସମାଧାନ କରାଯିବ ବୋଲି ସେ କହିଥିଲେ। ଅଧ୍ୟକ୍ଷ ସମ୍ମିଳନୀରେ ୪୨ ସହବନ୍ଧିତ ମହାବିଦ୍ୟାଳୟ ଏବଂ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଯୋଗଦେଇଥିଲେ। ଅଧ୍ୟକ୍ଷମାନେ ବିଭିନ୍ନ ସମୟରେ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି, କୁଳସଚିବ, ବିତ୍ତ ନିୟନ୍ତ୍ରକ ଏବଂ ପରୀକ୍ଷା ନିୟନ୍ତ୍ରକ ଏହି ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହ ତାହାର ସମାଧାନ ଦିଗରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଅନନ୍ତ ବିଜୟ ପଟ୍ଟନାୟକ ସମ୍ମିଳନୀକୁ ପରିଚାଳନା କରିବା ସହ ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ, ସହବନ୍ଧିତ ମହାବିଦ୍ୟାଳୟର କର୍ମକର୍ତ୍ତା, ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଚକ୍ରଧର ବେହେରା, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଖେଲୋ ଇଣ୍ଡିଆ ଲାଗି ସମସ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ମଧ୍ୟାହ୍ନରେ ଅଚାନକ କଳିଙ୍ଗ ଷ୍ଟାଡିୟମ ଗସ୍ତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଜୁ ଯୁବବାହିନୀର ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିବା ସହିତ ଚଳିତ ମାସ ୨୨ରୁ ଆରମ୍ଭ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ ଲାଗି ସମସ୍ତ ଭିତ୍ତିଭୂମିର ଯାଞ୍ଚ କରିଥିଲେ।

କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ଯୁବବାହିନୀ କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିବା ମନ୍ତ୍ରୀ ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ ଏବଂ ବିଜୁ ଯୁବବାହିନୀ ସିଇଓ ମନୋଜ କୁମାର ପାଢ଼ୀଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବିଜୁ ଯୁବବାହିନୀ ପକ୍ଷରୁ ସମସ୍ତ ଜିଲାରେ ବର୍ତ୍ତମାନ ସୁଦ୍ଧା ହୋଇଥିବା କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ମନ୍ତ୍ରୀ ଆଲୋଚନା କରିଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ବିଜୁ ଯୁବବାହିନୀକୁ ଦିଆଯାଇଥିବା ଅର୍ଥ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୫% ଅର୍ଥ ଖର୍ଚ୍ଚ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଯେଉଁସବୁ ଜିଲାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଅର୍ଥ ଖର୍ଚ୍ଚ ହୋଇ ପାରି ନାହିଁ ମାର୍ଚ୍ଚ ସୁଦ୍ଧା ସମସ୍ତ ଅର୍ଥ ଖର୍ଚ୍ଚ କରିବା ସହିତ ଜିଲାମାନଙ୍କରୁ ୟୁଟିଲାଇଜେଶନ ସାର୍ଟିଫିକେଟ୍ ଆଣିବା କାର୍ଯ୍ୟକୁ ତ୍ୱରିତ କରିବା ଲାଗି ମନ୍ତ୍ରୀ ବେହେରା ସିଇଓ ମନୋଜ କୁମାର ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମସ୍ଥିତ ସୁଇମିଂପୁଲ୍ ପରିଦର୍ଶନରେ ଯିବା ସହିତ ଷ୍ଟାଡିୟମର ପ୍ରଶାସକ ତଥା ଉପ ଶାସନ ସଚିବ ମଧୁସୂଦନ ବେହେରାଙ୍କ ସହ ଖେଲୋ ଇଣ୍ଡିଆ ଲାଗି ବିଭିନ୍ନ ଭିତ୍ତିଭୂମି ବିଷୟରେ ଆଲୋଚନା କରିଥିଲେ। ଆଥ୍‌ଲେଟିକ୍ ଗ୍ରାଉଣ୍ଡ, ସୁଇମିଂପୁଲ ଏବଂ ଅନ୍ୟାନ୍ୟ ସମସ୍ତ ଭିତ୍ତିଭୂମି ଓ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଆଉଥରେ ଭଲଭାବେ ଏସବୁକୁ ଯାଞ୍ଚ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ରାଜ୍ୟରୁ ଆସୁଥିବା ଖେଳାଳିମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେ ବିଷୟରେ ସଜାଗ ରହିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଦିଲ୍ଲୀ ନିର୍ବାଚନ ଫଳାଫଳ ନେଇ ପ୍ରତିକ୍ରିୟା

## କେଜ୍‌ରିୱାଲଙ୍କୁ ଶୁଭେଚ୍ଛା



ଦିଲ୍ଲୀରେ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦମୀ ପାର୍ଟି(ଏଏପି) କ୍ଷମତାସୀନ ହେବାକୁ ଯାଉଛି। ଗତ ୮ ତାରିଖରେ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଏପି ବିପୁଳ ବିଜୟୀ ହୋଇଛି। ପୂର୍ଣ୍ଣସଂଖ୍ୟାଗରିଷ୍ଠତାର ସହ ଅରବିନ୍ଦ କେଜ୍‌ରିୱାଲ ପୁନର୍ବାର ମୁଖ୍ୟମନ୍ତ୍ରୀଭାବେ ଶପଥ ନେବାକୁ ଯାଉଛନ୍ତି। କେଜ୍‌ରିୱାଲଙ୍କୁ ଏଥିପାଇଁ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦିଲ୍ଲୀ ବିଧାନସଭା ନିର୍ବାଚନରେ ଲଗାତର ତୃତୀୟଥର ସଫଳତା ପାଇଥିବା ଏଏପିକୁ ଶୁଭେଚ୍ଛା। ସଫଳ କାର୍ଯ୍ୟକାଳ ପାଇଁ ଶୁଭକାମନା।

– ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ

## ସାଧାରଣ ଜନତାଙ୍କ ବିଜୟ



ବିଭିନ୍ନତା ମଧ୍ୟରେ ଏକତା ହିଁ ଭାରତବାସୀଙ୍କ ପରିଚୟ। ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମ୍ବିଧାନ ହିଁ ଆମ ରକ୍ଷାକବଚ। ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇବା ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ। ଅରବିନ୍ଦ କେଜ୍‌ରିୱାଲ ଦିଲ୍ଲୀରେ ଏହାକୁ ପ୍ରୟୋଗ କରି ଉଦାହରଣ ସୃଷ୍ଟି କରିଥିଲେ। ତେଣୁ ଏନ୍‌ଡିଏର ବାହୁ ଏବଂ ଅର୍ଥ ବଳକୁ ସହଜରେ ପରାଜିତ କରିପାରିଲେ। ପ୍ରକୃତରେ ଏହା ସାଧାରଣ ଜନତାଙ୍କ ବିଜୟ।

– ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ

## ମୋଦିଙ୍କ ପତନର ପଦଧ୍ୱନି



ସାମ୍ପ୍ରଦାୟିକତାର ବିଷ ମଞ୍ଜି ବୁଣୁଥିବା ଭାଜପାକୁ ଦିଲ୍ଲୀ ଫଳାଫଳ ଶକ୍ତ ଝଟ୍‌କା ସଦୃଶ। ଧର୍ମୀୟ ବିଦ୍ୱେଷକୁ ଏ ଦେଶ କେବେହେଲେ ଗ୍ରହଣ କରିନାହିଁ। ନିକଟରେ ଆସିଥିବା ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ), ଜାତୀୟ ନାଗରିକତା ପଞ୍ଜିକା(ଏନ୍ଆରସି), ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର) ଭଳି ପଦକ୍ଷେପକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଛି। ଏହା ନରେନ୍ଦ୍ର ମୋଦିଙ୍କ ପତନର ପଦଧ୍ୱନି। ଏନ୍‌ଡିଏକୁ ଶକ୍ତିଶାଳୀ ଢଙ୍ଗରେ ସାମ୍ନା କରି ବିଜୟୀ ହୋଇଥିବାରୁ ଏଏପି ଏବଂ ଦିଲ୍ଲୀବାସୀଙ୍କୁ ଅଭିନନ୍ଦନ।

– ଅଲି କିଶୋର ପଟ୍ଟନାୟକ, ସିପିଏମ୍ ନେତା

## ଭଲ କାମକୁ ସଫଳତା ମିଳିଛି



ଦିଲ୍ଲୀରେ ଶିକ୍ଷା,ସ୍ୱାସ୍ଥ୍ୟ, ପାନୀୟଜଳ ଏବଂ ବିଜୁଳି ବ୍ୟବସ୍ଥାରେ ଅରବିନ୍ଦ କେଜ୍‌ରିୱାଲ ଗତ ୫ ବର୍ଷ ମଧ୍ୟରେ ଉନ୍ନତି ଆଣିଥିଲେ। ଏଥିସହିତ ମହିଳାଙ୍କ ପାଇଁ ଯାତାୟାତ ସୁବିଧା ମଧ୍ୟ କରିଥିଲେ। ସର୍ବୋପରି ଅନ୍ୟ ରାଜନେତାଙ୍କ ପରି ପ୍ରସଙ୍ଗ ବିହୀନ ରାଜନୀତି କରିବାକୁ ଚେଷ୍ଟା କରି ନ ଥିଲେ। ନିଜର ବିଗତ ୫ ବର୍ଷରେ କରିଥିବା କାର୍ଯ୍ୟକୁ ସମୀକ୍ଷା କରି ଭୋଟ ମାଗିଥିଲେ। ଅନୁରୂପଭାବେ ଭାଜପା କୌଣସି ନେତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିପାରିଲା ନାହିଁ। ଗଣତାନ୍ତ୍ରିକ ପ୍ରଚାରରେ ବ୍ୟକ୍ତିଗତ ସ୍ତରକୁ ଯାଇ ଆକ୍ଷେପ କରିଲା। ତେଣୁ ଆମ୍ ଆଦମୀ ପାର୍ଟି ଏବଂ କେଜ୍‌ରିୱାଲଙ୍କ ବିଜୟ ହୋଇଛି।

– ବେବି ବୈଶାଖୀ ମହାନ୍ତି, ଗୃହିଣୀ, ଖଣ୍ଡଗିରି, ଭୁବନେଶ୍ୱର

## ସାମ୍ପ୍ରଦାୟିକତାର ପ୍ରୟୋଗ ପ୍ରତ୍ୟାଖ୍ୟାତ



ଜନସାଧାରଣଙ୍କୁ ମୌଳିକ ଆବଶ୍ୟକତା ସୁଲଭ ଦରରେ ଯୋଗାଇଦେବା ନିର୍ବାଚିତ ସରକାରଙ୍କ ଦାୟିତ୍ୱ। ଏଏପି ଏହି କାର୍ଯ୍ୟ ହିଁ କରି ସଫଳତା ପାଇଛି। ଜନସାଧାରଣଙ୍କଠାରୁ ଅସୁଲ କରାଯାଇଥିବା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ କରରେ ଏସବୁ କରାଯାଉଛି। ଏହା କାହାରି ଉପରେ ଦୟା ନୁହେଁ। ଫଳାଫଳ ପରେ କେତେକ ବ୍ୟକ୍ତି ଏପରି ସେବାକୁ ଭିନ୍ନ ଅର୍ଥରେ ଚିତ୍ରଣ କରୁଛନ୍ତି। ଯାହା ସୁସ୍ଥ ଗଣତନ୍ତ୍ର ପାଇଁ ଲାଭଦାୟକ ନୁହେଁ। ସେହିପରି ଧର୍ମ ଆଧାରରେ କରାଯାଉଥିବା ସାମ୍ପ୍ରଦାୟିକତାର ପ୍ରୟୋଗ ମଧ୍ୟ ପ୍ରତ୍ୟାଖ୍ୟାତ ହୋଇଛି।

– ଦୀନେଶ ସେଠୀ, ଯୁବ ଆଇନଜୀବୀ, ସୁପ୍ରିମକୋର୍ଟ

CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
● ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ।
● ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ।
Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

ACHARYA HARIHAR SISHU BHAWAN
At/P.O.- Sakhigopal, P.S.- Satyabadi, Dist - Puri
**Advertisement No. - 01** **Date: 11.02.2020**
Applications are invited from eligible candidates for different posts on purely contractual basis and process of engagement as laid down in the resolution No. 4307/WCD-CW-MISC-0227/2014-WCD of Dt.04.03.2015 issued by Women and Child Development Department, Govt. of Odisha regarding "Revised guidelines for Grant in Aid to registered Child Care Institutions and use thereof.
Eligible candidates may submit their applications with all required enclousers complete in every respect addressed to **District Child Protection Officer, District Child Protection Unit, Infront of Sea Beach Police Station, Acharya Harihar Square, Puri - 752001** latest by 5 P.M. of Dt.27.02.2020 by Speed Post or Registered Post only. Separate application in sealed cover has to be submitted for each post quoting the position applied for on the top of the envelope. Application received after due date or time will be rejected. The selected candidates shall be the staff of this Children's Home. The offer of engagement will be issued by the Children's Home/the Management concerned. The authority reserves rights to cancel the advertisement or any post without assigning any reason thereof. Selection of candidates will be made on the basis of marking as per the weightage. The details of eligibility criteria, application form, other term and conditions are available in the district website **www.puri.nic.in**.
**Sd./- Secretary**
**Acharya Harihar Sishu Bhawan,**
**Sakhigopal**

## ଜିଲା ଚିଠି



## ସୁନ୍ଦରଗଡ଼

# ବିଶ୍ୱବିଦ୍ୟାଳୟ ସ୍ୱପ୍ନ

ଉଚ୍ଚଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ରାଜ୍ୟର ଅନ୍ୟାନ୍ୟ ଜିଲାଗୁଡ଼ିକରେ ଥିବା ପ୍ରମୁଖ ମହାବିଦ୍ୟାଳୟକୁ ସ୍ୱୟଂଶାସିତ କରିବା ସହିତ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିଛନ୍ତି। କିନ୍ତୁ ଆଦିବାସୀବହୁଳ ସୁନ୍ଦରଗଡ଼ ଜିଲାରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ଜିଲାର ପ୍ରମୁଖ ମହାବିଦ୍ୟାଳଗୁଡ଼ିକୁ ଏ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିନି। ବହୁ ଦିନରୁ ଜିଲାବାସୀ ଏ ସଂକ୍ରାନ୍ତରେ ଦାବି କରି ଆସିଛନ୍ତି। ଛାତ୍ରୀଛାତ୍ର, ଶିକ୍ଷାବିତ୍‌ଙ୍କ ସହିତ ଅଧ୍ୟାପିକା ଓ ଅଧ୍ୟାପକମାନେ ଏହି ଦାବି ଉପରେ ଜୋର ଦେଇଛନ୍ତି। ହେଲେ ସରକାର ଏହି ଦାବିକୁ ଅଣଦେଖା କରି ଚାଲିଛନ୍ତି। ଫଳରେ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ସଦର ମହକୁମାରେ ଥିବା ସର୍ବପୁରାତନ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଏହି ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ସେହିପରି ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମଧ୍ୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଦାବି ଉଠିଛି। ହେଲେ ସେହି ସୁଯୋଗ କୌଣସି କଲେଜକୁ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ। ସମ୍ପ୍ରତି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ୭ଟି ଡିଗ୍ରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ପ୍ରସ୍ତାବ ରହିଛି। ହେଲେ ଏହି ତାଲିକାରେ ସୁନ୍ଦରଗଡ଼ ଜିଲାର କୌଣସି ଗୋଟିଏ ମହାବିଦ୍ୟାଳୟର ନାମ ନ ଥିବା ଜଣାପଡ଼ିଛି। ଏହା ଜିଲାର ଶିକ୍ଷାବିତ୍, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନିରାଶ କରିଛି। ନିକଟରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର ଥିଲା। ସେହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିବେ ବୋଲି ଜିଲାବାସୀ ଆଶା ବାନ୍ଧି ରହିଥିଲେ। ମାତ୍ର ଅନିବାର୍ଯ୍ୟ କାରଣବଶତଃ ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ ଶେଷମୁହୂର୍ତ୍ତରେ ବାତିଲ ହୋଇଥିଲା। ଫଳରେ ଅଞ୍ଚଳବାସୀଙ୍କ ଆଶା ମଉଳି ଯାଇଥିଲା। ଏଣେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କେନ୍ଦ୍ର ମାନବସମ୍ବଳ ବିକାଶ ବିଭାଗକୁ ପଠାଯାଇଥିବା ପ୍ରସ୍ତାବିତ ନୂତନ ବିଶ୍ୱବିଦ୍ୟାଳୟ ତାଲିକାରେ ସୁନ୍ଦରଗଡ଼ ଜିଲାର ଉପରୋକ୍ତ ୨ପ୍ରମୁଖ କଲେଜ ସ୍ଥାନ ପାଇପାରିନାହିଁ। ଉଚ୍ଚଶିକ୍ଷା ବିଭାଗର ଏପରି ନୀତିକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାର ସୁନ୍ଦରଗଡ଼ ଜିଲାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଦୃଷ୍ଟି ଦେବାକୁ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

– ଜୟନାରାୟଣ ମେଣ୍ଡୁଲି

# ଜନସାଧାରଣ ଶାନ୍ତି ଚାହାନ୍ତି, ହିଂସା ନୁହେଁ: ନିଶିକାନ୍ତ

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ତୃତୀୟଥର ଦିଲ୍ଲୀ ବିଧାନସଭା ନିର୍ବାଚନରେ ସଫଳତା ପାଇଛି। ଦିଲ୍ଲୀ ବ୍ୟତୀତ ପଞ୍ଜାବ, ହରିୟାଣା, ଗୋଆ ଭଳି ରାଜ୍ୟରେ ଦଳର ସଙ୍ଗଠନ ରହିଛି। ଓଡ଼ିଶାରେ ମଧ୍ୟ ଦଳ କାର୍ଯ୍ୟ କରୁଛି। ନିର୍ବାଚନୀ ରାଜନୀତିରେ ଦଳ ସଫଳତା ପାଇ ନାହିଁ। ହେଲେ ରାଉରକେଲା, ବଲାଙ୍ଗୀର, ନୟାଗଡ଼, ରାୟଗଡ଼ା, ଭୁବନେଶ୍ୱରରେ ଦଳ ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରଖିଛି। ଦିଲ୍ଲୀ ବିଜୟରେ ଓଡ଼ିଶାର ଏଏପି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି। ମଙ୍ଗଳବାର ଫଳାଫଳ ପ୍ରକାଶ ପରେ ରାଜଧାନୀରେ ଥିବା ଦଳୀୟ କାର୍ଯ୍ୟାଳୟରେ ଉତ୍ସବର ପରିବେଶ ଦେଖିବାକୁ ମିଳିଥିଲା। ଏଏପି କର୍ମୀମାନେ ପରସ୍ପରଙ୍କୁ ଶୁଭେଚ୍ଛା ଜଣାଇବା ସହ ମିଠା ଖୁଆଇଥିଲେ। ରାଜ୍ୟରେ ଏଏପିର ଆବାହକ ଥିବା ନିଶିକାନ୍ତ ମହାପାତ୍ର କହିଛନ୍ତି ଯେ, ଜନସାଧାରଣ ଲୋକ ପ୍ରତିନିଧିଙ୍କୁ ସେମାନଙ୍କ ସେବା ପାଇଁ ଭୋଟ ଦିଅନ୍ତି। ଅରବିନ୍ଦ କେଜ୍‌ରିୱାଲଙ୍କୁ ମିଳିଥିବା ବହୁମତ ଦିଲ୍ଲୀବାସୀଙ୍କ ଉନ୍ନତି ପାଇଁ ଲଗାଗଲା। ଧର୍ମ,ଜାତିଗତ ବିଦ୍ୱେଷରେ ସେମାନଙ୍କୁ ଅଲଗା କରିବା ପାଇଁ ଚେଷ୍ଟା କରାଗଲା ନାହିଁ। ମୌଳିକ ଆବଶ୍ୟକତା(ବିଜୁଳି,ପାଣି, ସ୍ୱାସ୍ଥ୍ୟ,ଶିକ୍ଷା)କୁ ଗୁରୁତ୍ୱ ଦିଆଗଲା। ତେଣୁ ଦିଲ୍ଲୀର ବିକାଶ ମଡେଲକୁ ପୁନର୍ବାର ଶାସନର ସୁଯୋଗ ମିଳିଥିବା ନିଶିକାନ୍ତ କହିଛନ୍ତି। ଦେଶରେ ଦେଖାଯାଇଥିବା ଅରାଜକତା ଏବଂ ଭାଜପାର ଅହଂକାର ବିରୋଧରେ ସାଧାରଣଜନତାଙ୍କ ସମର୍ଥନରେ ଲଢ଼ି ହୁଏ, ତାହା ପ୍ରମାଣିତ ହୋଇଯାଇଛି। ଜନସାଧାରଣ ଶାନ୍ତି ଚାହାନ୍ତି, ହିଂସା ନୁହେଁ ବୋଲି ଏଏପି ପକ୍ଷରୁ କୁହାଯାଇଛି। ଦିଲ୍ଲୀ ନିର୍ବାଚନରେ ରାଜ୍ୟରୁ ବହୁତ ଏଏପି କାର୍ଯ୍ୟକର୍ତ୍ତା ପ୍ରଚାରରେ ନିୟୋଜିତ ହୋଇଥିଲେ। ଦିଲ୍ଲୀରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ଏଏପି ସପକ୍ଷରେ ମନାଇବା ପାଇଁ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଜଣାପଡ଼ିଛି। ଏହି ବିଜୟ ଆଗାମୀ ଦିନରେ ଓଡ଼ିଶାରେ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବ ବୋଲି ନିଶିକାନ୍ତ କହିଛନ୍ତି।

INDIAN PORT RAIL & ROPEWAY CORPORATION LIMITED
(Formerly Indian Port Rail Corporation Ltd.)
SAGARMALA
TENDER NOTICE
IPRCL invites e-tenders for
Tender No.: 1) IPRCL/BBS/PROJ./BD/01/2020:- "Construction of second exit Road cum Flyover at Paradip as part of additional port connectivity from National Highway."
2) IPRCL/BBS/PROJ./ BD/02/2020: "Construction of a Road cum Flyover crossing the BOT Rail Tracks to have unobstructed access to the MCHP areas". Bidding documents are available for downloading on the website
www.etenders.gov.in/eprocure/app.
Any corrigendum/addendum would be hosted on the above website only.

ଭାରତ ସରକାର, ବୟନଶିଳ୍ପ ମନ୍ତ୍ରଣାଳୟ
ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ କାର୍ଯ୍ୟାଳୟ
ନିମ୍ନଲିଖିତ ସ୍ଲଟ୍ ପାଇଁ ବର୍ଷ ୨୦୨୦-୨୧ ଅବଧିରେ ଦିଲ୍ଲୀ ହାଟ୍, ଆଇଏନ୍ଏ, ନୂଆଦିଲ୍ଲୀରେ ଅଂଶଗ୍ରହଣ କରିବା ପାଇଁ ସମବାୟ ସମିତି/ଉତ୍ପାଦକ ସମୂହ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ତଥା ସଂଘ ସମେତ ସମସ୍ତ ଯୋଗ୍ୟ ହସ୍ତତନ୍ତ ପୁଞ୍ଜଗୁଡ଼ିକଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:
ଦିଲ୍ଲୀ ହାଟ୍, ଆଇଏନ୍ଏ, ନୂଆଦିଲ୍ଲୀ

| କ୍ର.ସଂ. | ସ୍ଲଟ୍ | କ୍ର.ସଂ. | ସ୍ଲଟ୍ |
|---|---|---|---|
| ୧. | ୧ରୁ ୧୫ ଫେବୃୟାରୀ, ୨୦୨୦ | ୮ | ୧ରୁ ୧୫ ଜୁନ୍, ୨୦୨୦ |
| ୨. | ୧ରୁ ୧୫ ମାର୍ଚ୍ଚ, ୨୦୨୦ | ୯. | ୧୬ରୁ ୩୦ ଜୁନ୍, ୨୦୨୦ |
| ୩. | ୧୬ରୁ ୩୧ ମାର୍ଚ୍ଚ, ୨୦୨୦ | ୧୦. | ୧ରୁ ୧୫ ଜୁଲାଇ, ୨୦୨୦ |
| ୪. | ୧ରୁ ୧୫ ଏପ୍ରିଲ, ୨୦୨୦ | ୧୧. | ୧୬ରୁ ୩୧ ଜୁଲାଇ, ୨୦୨୦ |
| ୫. | ୧୬ରୁ ୩୦ ଏପ୍ରିଲ, ୨୦୨୦ | ୧୨. | ୧ରୁ ୧୫ ଅଗଷ୍ଟ, ୨୦୨୦ |
| ୬. | ୧ରୁ ୧୫ ମେ, ୨୦୨୦ | ୧୩. | ୧୬ରୁ ୩୧ ଅଗଷ୍ଟ, ୨୦୨୦ |
| ୭. | ୧୬ରୁ ୩୧ ମେ, ୨୦୨୦ | | |

ଯୋଗ୍ୟତା
୧. ସମବାୟ ସମିତି, ଉତ୍ପାଦକ ସମୂହ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଏବଂ ସଂଘ ସମେତ ସମସ୍ତ ହସ୍ତତନ୍ତ ପୁଞ୍ଜ ଅଂଶଗ୍ରହଣ ପାଇଁ ଯୋଗ୍ୟ ହେବେ। ଏପ୍ରିଲ, ୨୦୨୦ରୁ ସେପ୍ଟେମ୍ବର, ୨୦୨୦ ପର୍ଯ୍ୟନ୍ତ ଅରତୁ ଅବଧିରେ ସନ୍ତ କବୀର ପୁରସ୍କାର ବିଜେତାମାନଙ୍କୁ ମଧ୍ୟ ଷ୍ଟଲ୍ ଆବଣ୍ଟନ କରାଯିବ।
୨. ପର୍ଯ୍ୟାପ୍ତ ରୋଟେଶନ୍‌କୁ ସୁନିଶ୍ଚିତ କରିବା ପାଇଁ ଏଜେନ୍ସିର ଅଂଶଗ୍ରହଣ ଲାଗି ସର୍ବାଧିକ ବ୍ୟସ୍ତ ଋତୁ (ଅକ୍ଟୋବରରୁ ମାର୍ଚ୍ଚ) ଅବଧିରେ ପୂର୍ବବର୍ତ୍ତୀ ଆବଣ୍ଟନରୁ **ଏକବର୍ଷର** ବ୍ୟବଧାନ ପରେ ଏବଂ ଅରତୁ (ଏପ୍ରିଲରୁ ସେପ୍ଟେମ୍ବର) ଅବଧିରେ **ଛଅ ମାସର** ବ୍ୟବଧାନ ପରେ ବିଚାରକୁ ନିଆଯିବ।
ସମସ୍ତ ଯୋଗ୍ୟ ପୁଞ୍ଜଗୁଡ଼ିକୁ ଦିଲ୍ଲୀ ହାଟ୍‌ର ଉପରୋକ୍ତ ସମସ୍ତ ସ୍ଲଟ୍ ପାଇଁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ପୂରଣ କରି ନିକଟସ୍ଥ ବୁଣାକାର ସେବା କେନ୍ଦ୍ର (ଡବ୍ଲ୍ୟୁଏସ୍‌ସି) ନିକଟରେ ଦାଖଲ କରିବା ସହିତ ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ କାର୍ଯ୍ୟାଳୟରେ ସୂଚିତ କରିବାକୁ ହେବ। ଦିଲ୍ଲୀ ହାଟ ନିମନ୍ତେ ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ଖବରକାଗଜରେ ବିଜ୍ଞପ୍ତି ପ୍ରକାଶିତ ହେବା ତାରିଖରୁ ଏକ ମାସ। ଅଧିକ ବିବରଣୀ ପାଇଁ ଆବେଦନକାରୀ ନିକଟସ୍ଥ ବୁଣାକାର ସେବା କେନ୍ଦ୍ର ସହ ଯୋଗାଯୋଗ କରିପାରନ୍ତି କିମ୍ବା ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ ୱେବ୍‌ସାଇଟ୍ (www.handlooms.nic.in)ରେ ଲଗ୍ ଅନ୍ କରିପାରନ୍ତି।
ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ କାର୍ଯ୍ୟାଳୟ
ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର, ଉଦ୍ୟୋଗ ଭବନ, ନୂଆଦିଲ୍ଲୀ
davp 41102/11/0054/1920

ସଂକ୍ରମଣ ନିୟନ୍ତ୍ରଣରେ ସଫା ହାତର ମହତ୍ତ୍ୱ
Brought to you by:
Apollo HOSPITALS BHUBANESWAR

ହାତ ପରିଚ୍ଛନ୍ନତା ସମ୍ପର୍କରେ ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନ
୧. ହାତକୁ ପରିଚ୍ଛନ୍ନ କରିବାର ଦୁଇଟି ଗ୍ରହଣଯୋଗ୍ୟ ପଦ୍ଧତି କ'ଣ?
ଉତ୍ତର: ସାବୁନ ଓ ପାଣି: ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ ରବ୍ (ଏବିଏଚ୍‌ଆର୍)
୨. ହାତକୁ ପରିଚ୍ଛନ୍ନ କରିବାର ବାଞ୍ଛନୀୟ ପଦ୍ଧତି କ'ଣ?
ଉତ୍ତର: ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ ରବ୍ (ଏବିଏଚ୍‌ଆର୍)
୩. ହାତକୁ ପରିଚ୍ଛନ୍ନ କରିବା ପାଇଁ ଆବଶ୍ୟକ ସର୍ବନିମ୍ନ ସମୟ କ'ଣ?
ଉତ୍ତର: ପ୍ରଭାବୀ ହାତ ପରିଚ୍ଛନ୍ନତା ପାଇଁ ସର୍ବନିମ୍ନ ୧୫ ସେକେଣ୍ଡ ଆବଶ୍ୟକ ହୋଇଥାଏ।
୪. ସ୍ୱାସ୍ଥ୍ୟଯତ୍ନ ପ୍ରଦାନକାରୀ ନିଜ ହାତକୁ ସଫା କରିବା ବଦଳରେ ଗ୍ଲୋଭ୍‌ସ ପିନ୍ଧିପାରିବେ କି?
ଉତ୍ତର: ନା। ଗ୍ଲୋଭ୍‌ସ କଦାପି ହାତ ପରିଚ୍ଛନ୍ନତାର ବିକଳ୍ପ ହୋଇପାରିବ ନାହିଁ।
୫. ହାତ ପରିଚ୍ଛନ୍ନତା: କ) ହାତର ଜୀବାଣୁକୁ ଦୂର କରିଥାଏ/ମାରିଥାଏ, ଖ) ତ୍ୱଚାର ସୌନ୍ଦର୍ଯ୍ୟ ବଜାୟ ରଖିଥାଏ, ଗ) ଉଭୟ, ଘ) ଏହା ମଧ୍ୟରୁ କୌଣସିଟି ନୁହେଁ।
ଉତ୍ତର: ଗ-ଉଭୟ
୬. ସ୍ୱାସ୍ଥ୍ୟଯତ୍ନ ପାଇଁ ଉଦ୍ଦିଷ୍ଟ ପରିବେଶରେ ଜୀବାଣୁନିରୋଧୀ (ଆଣ୍ଟି-ମାଇକ୍ରୋବିଆଲ୍) ସାବୁନ ନିୟମିତ ଭାବେ ବ୍ୟବହାର କରାଯିବା ଆବଶ୍ୟକ କି?
ଉତ୍ତର: ନା। କେତେକ ନିର୍ଦ୍ଦିଷ୍ଟ ପରିବେଶରେ ତାହାକୁ ବ୍ୟବହାର କରାଯାଇପାରେ, କିନ୍ତୁ ସମସ୍ତ ପରିବେଶ ଲାଗି ସୁପାରିସଯୋଗ୍ୟ ନୁହେଁ।
୭. ଆଲ୍‌କହଲ-ଭିତ୍ତିକ ହ୍ୟାଣ୍ଡ ରବ୍ ହାତକୁ ଶୁଷ୍କ କରିଦିଏ କି କିମ୍ବା ଏହାକୁ ପ୍ରୟୋଗ କରିବା ସମୟରେ ହାତକୁ କଷ୍ଟ ହୁଏ କି?
ଉତ୍ତର: ସେଗୁଡ଼ିକ ହାତକୁ ଶୁଷ୍କ କରିବା ଉଚିତ ନୁହେଁ, କିନ୍ତୁ ସ୍ୱାସ୍ଥ୍ୟଯତ୍ନ ପ୍ରଦାନକାରୀଙ୍କ ହାତରେ କଟା କିମ୍ବା କ୍ଷତ ଥିଲେ ତାହା କଷ୍ଟ ଦେଇପାରେ।
୮. ନିୟମିତ କାର୍ଯ୍ୟଧାରାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି କ'ଣ?
ଉତ୍ତର: ହାତର ପରିଚ୍ଛନ୍ନତା।
୯. କେଉଁ ପରିଚ୍ଛନ୍ନତା ପଦ୍ଧତି ଜୀବାଣୁଙ୍କୁ ମାରିଥାଏ?
ଉତ୍ତର: ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ ରବ୍ (ଏବିଏଚ୍‌ଆର୍)
୧୦. ଅତିରିକ୍ତ ପ୍ରାକ୍‌ସତର୍କତାର ଗୋଟିଏ ବର୍ଗର ନାମ କ'ଣ?
ଉତ୍ତର: ସଂସ୍ପର୍ଶ/କଣିକା/ପବନବାହୀ
୧୧. ନିୟମିତ କାର୍ଯ୍ୟଧାରା କେଉଁ ପ୍ରକାର ତରଳ ପାଇଁ ପ୍ରଯୁଜ୍ୟ?
ଉତ୍ତର: ସବୁ ପ୍ରକାର ଶାରୀରିକ ତରଳ ପାଇଁ।
(କ୍ରମଶଃ...)

ଜୀବାଣୁ ଚକ୍ରକୁ ଭାଙ୍ଗନ୍ତୁ

ରୋଗୀ, ଚିକିତ୍ସାଳୟ କର୍ମଚାରୀ, ପରିବାର ଏବଂ ଅନ୍ୟମାନଙ୍କଠାରୁ ଜୀବାଣୁର ସଞ୍ଚାରକୁ ରୋକନ୍ତୁ... ନିଜର ହାତ ସଫା କରନ୍ତୁ!

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ: ୦୬୭୪ ୬୬୬୧୦୧୬ | ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଫେବୃୟାରୀ, ୨୦୨୦

ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ।

–ଶ୍ରୀମା



# ସମର୍ପିତ ଶିକ୍ଷାସେବୀ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଇଂରେଜ ଶାସନ ସମୟରେ ଭାରତରେ ଆଧୁନିକ ଶିକ୍ଷାର ପ୍ରସାର ଘଟିଲା। ପ୍ରଚଳିତ କୁସଂସ୍କାରଗୁଡିକୁ ଦୂର କରିବା ପାଇଁ ଅନେକ ଉତ୍ସାହୀ ଯୁବକ ଆଗେଇ ଆସିଲେ। ମାତ୍ର ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ। ସେ କହୁଥିଲେ ଗୋଟିଏ ଦୁଇଟା ପରିବର୍ତ୍ତନ ହୋଇଗଲେ ସମାଜ ବଦଳିଯିବ ନାହିଁ। ଏଥିପାଇଁ ଆବଶ୍ୟକ ମୌଳିକ ପରିବର୍ତ୍ତନ। ବିଧବା ବିବାହ ପ୍ରଚଳନ ପାଇଁ ଯେଉଁ ସଂସ୍କାରକମାନେ ଆଗେଇ ଆସୁଥିଲେ ସେମାନଙ୍କୁ ଲକ୍ଷ୍ୟ କରି ସେ କହୁଥିଲେ ଯେଉଁ ବିଧବା ବିବାହ କରିବାକୁ ଯାଉଛି ସେ ନିଜେ ସିଦ୍ଧାନ୍ତ ନେଇଛି ତ? ସବୁ କଥା ବିଚାର କରି ସିଦ୍ଧାନ୍ତ ନେବା ପରି ଶିକ୍ଷା ତା'ର ଅଛି ତ? ଆଧୁନିକପନ୍ଥୀଙ୍କ କଥା ମୋହରେ ଭାସିଯାଇ ସେ ବିବାହ କରିବାକୁ ରାଜି ହୋଇ ନାହିଁ ତ? କେତେଜଣ ବିଧବାଙ୍କୁ ବିବାହ କରାଇଦେଇ ସମାଜ ସଂସ୍କାରକମାନେ ଉଲ୍ଲସିତ ହୋଇପାରନ୍ତି। ମାତ୍ର ତଦ୍ଦ୍ୱାରା ସେମାନଙ୍କ ଦୁଃଖ ଦୂର ହେବ ବୋଲି କହିହେବନାହିଁ। ସେଥିପାଇଁ ଆବଶ୍ୟକ ନାରୀଶିକ୍ଷା। ନାରୀ ଶିକ୍ଷିତ ହେଲେ ତା'ର ବିଚାର କରିବାର ଶକ୍ତି ଆସିବ। ସେ ନିଜେ ସିଦ୍ଧାନ୍ତ ନେଇପାରିବ ଓ ତା'ର ଜୀବନକୁ ଠିକ୍ ମାର୍ଗରେ ଗଢିପାରିବ। ବିବେକାନନ୍ଦଙ୍କ ସମୟରେ ଶିକ୍ଷାର ପ୍ରସାର ହୋଇପାରି ନ ଥିଲା। ବିଦ୍ୟାଳୟ ଥିଲେ ମଧ୍ୟ ଅନେକ ପିଲା ପଞ୍ଚମ ଶ୍ରେଣୀରେ ପହଞ୍ଚିବା ପୂର୍ବରୁ ପାଠପଢା ଛାଡି ଦେଉଥିଲେ। ଭାରତରେ ଦାରିଦ୍ର୍ୟ ଏତେ ଉତ୍କଟ ଥିଲା ଯେ ଦରିଦ୍ର ପିଲାମାନେ ବିଦ୍ୟାଳୟକୁ ନ ଯାଇ ମା'ବାପାଙ୍କୁ କୃଷି ବା ଅନ୍ୟ କର୍ମରେ ସାହାଯ୍ୟ କରୁଥିଲେ। ଏଣୁ ସ୍ୱାମିଜୀ ଗୁରୁଭାଇମାନଙ୍କୁ କହୁଥିଲେ ଯେପରି ପର୍ବତ ମହମ୍ମଦଙ୍କ ନିକଟକୁ ନ ଯିବାରୁ ମହମ୍ମଦ ନିଜେ ପର୍ବତ ନିକଟକୁ ଯାଇଥିଲେ, ସେହିପରି ଗରିବ ପିଲାମାନେ ଆସି ନ ପାରିଲେ ସେମାନଙ୍କ ପାଖକୁ ଯାଇ ଶିକ୍ଷା ଦେବାକୁ ହେବ। ଗୁରୁଭାଇମାନଙ୍କୁ ସେହି ମର୍ମରେ ଆହ୍ୱାନ ଦେଇ ସେ ସୁଦୂର ଆମେରିକାରୁ ଲେଖିଥିଲେ, ତୁମକୁ ଗୋଟିଏ ନୂତନ ବୁଦ୍ଧି ଦେଉଛି, ଯଦି କାର୍ଯ୍ୟରେ ପରିଣତ କରିପାର, ତେବେ ଜାଣିବି ତୁମେ ପୁରୁଷ ଓ କିଛି କାର୍ଯ୍ୟ କରିପାରିବ। କେତୋଟି ମ୍ୟାପ୍, ଗ୍ଲୋବ୍, କିଛି ରାସାୟନିକ ଦ୍ରବ୍ୟ ଦରକାର। ଗୋଟିଏ ବଡ ଘର ମଧ୍ୟ। କେତେଜଣ ଗରିବ ଲୋକଙ୍କୁ ଡାକିଆଣ। ସେମାନଙ୍କୁ ଏକାଠି ବସାଇ ଖଗୋଳ, ଭୂଗୋଳ ସମ୍ପର୍କୀୟ ଛବି ଦେଖାଅ ଓ ରାମକୃଷ୍ଣ ପରମହଂସଙ୍କ ଉପଦେଶ ଦିଅ। କେଉଁ ଦେଶରେ କ'ଣ ହୁଏ, ଏ ଦୁନିଆଟା କ'ଣ, ଏସବୁ ବୁଝାଇ ସେମାନଙ୍କ ଆଖି ଖୋଲିବାକୁ ଚେଷ୍ଟା କର। ବାରାନଗରରେ ଅନେକ ଗରିବ ମୂର୍ଖ ଅଛନ୍ତି। ଘର ଘର ବୁଲି ସେମାନଙ୍କ ପାଖକୁ ଯାଅ ଓ ସେମାନଙ୍କ ଆଖି ଖୋଲିଦିଅ।

ବିବେକାନନ୍ଦଙ୍କ ଏହି ଆହ୍ୱାନକୁ ଆଜି ସାକାର କରିଛନ୍ତି ଦିଲ୍ଲୀବାସିନ୍ଦା ରାଜେଶ କୁମାର ଶର୍ମା। ଲକ୍ଷ୍ମୀନଗରରେ ଗୋଟିଏ ତେଜରାତି ଦୋକାନ କରି ସେ ତାଙ୍କର ପରିବାର ଚଳାନ୍ତି। ପାଞ୍ଚଜଣଙ୍କୁ ନେଇ ତାଙ୍କ ପରିବାର। ଧନୀ ହୋଇ ବିଳାସବ୍ୟସନରେ ରହିବା ପାଇଁ ସେ କେବେ ଇଚ୍ଛା ପୋଷଣ କରିନାହାନ୍ତି। ତେଜରାତି ଦୋକାନରୁ ଅର୍ଜିତ ସ୍ୱଳ୍ପ ଆୟରେ ସେ ସନ୍ତୋଷ ଅନୁଭବ କରନ୍ତି। ଅର୍ଥାଭାବ ଯୋଗୁ ସେ ବିଜ୍ଞାନରେ ସ୍ନାତକ ସମ୍ପୂର୍ଣ୍ଣ କରିପାରି ନ ଥିଲେ। ଜଣେ ସ୍ନାତକ ହେବାର ସ୍ୱପ୍ନ ଅପୂର୍ଣ୍ଣ ରହିଲା। ଏଣୁ ଦାରିଦ୍ର୍ୟ ଯୋଗୁ କେହି ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଏ ସେଥିପାଇଁ ସେ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆରମ୍ଭ କଲେ। ସେହି ଅଞ୍ଚଳରେ ରହନ୍ତି ଅନେକ ଦରିଦ୍ର ରିକ୍ସାଚାଳକ, ବସ୍ତିବାସିନ୍ଦା ଓ ଭିକାରୀ। ଦାରିଦ୍ର୍ୟ ଯୋଗୁ ସେମାନଙ୍କ ପିଲାମାନେ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ପାଖରେ କିଭଳି ଶିକ୍ଷା ପହଞ୍ଚାଇହେବ ସେଥିପାଇଁ ଚିନ୍ତା କଲେ ରାଜେଶ ଶର୍ମା। ମାତ୍ର ଦୁଇଜଣ ଗରିବ ପିଲାଙ୍କୁ ନେଇ ସେ ଆରମ୍ଭ କଲେ ଗୋଟିଏ ମୁକ୍ତ ବିଦ୍ୟାଳୟ। ତାହା ଥିଲା ୨୦୦୬ ମସିହା । ଯମୁନା ବ୍ୟାଙ୍କ ଅଞ୍ଚଳରେ ମେଟ୍ରୋ ପୋଲ ତଳେ ଆଜି ସେହି ମୁକ୍ତ ବିଦ୍ୟାଳୟରେ ପଢୁଛନ୍ତି ପ୍ରାୟ ତିନିଶହ ପିଲା। ଚାରି ବର୍ଷରୁ ଆରମ୍ଭ କରି ଚଉଦବର୍ଷ ବୟସର ପିଲା ଏଠାରେ ବିନା ଫି'ରେ ପାଠ ପଢୁଛନ୍ତି। ମେଟ୍ରୋ କମ୍ପ୍ଲେକ୍ସର କାନ୍ଥରେ ଅଛି ପାଞ୍ଚଗୋଟି କଳାପଟା ଓ ସେଠି ବ୍ୟବହୃତ ହେଉଛି ଡଷ୍ଟର ଓ ଚକ୍। କାର୍ପେଟ ଉପରେ ବସି ଅତି ଆନନ୍ଦରେ ସେଠି ପିଲାମାନେ ପାଠ ପଢୁଛନ୍ତି। ଏଠାରେ ପିଲାମାନଙ୍କ ସଂଖ୍ୟା ବଢିବାରୁ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ୧୨୦ ଜଣ ବାଳକଙ୍କୁ ଓ ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ୧୮୦ ବାଳିକାଙ୍କୁ ଶିକ୍ଷା ଦିଆଯାଉଛି। ନିକଟସ୍ଥ ସାତଜଣ ଶିକ୍ଷକ ସେହି ପିଲାମାନଙ୍କୁ ଅବୈତନିକ ଭାବରେ ଶିକ୍ଷା ଦେଉଛନ୍ତି। ରାଜେଶ ଶର୍ମାଙ୍କ ନିଃସ୍ୱାର୍ଥ ସେବାକର୍ମରେ ସେମାନେ ମଧ୍ୟ ଉଦ୍‌ବୁଦ୍ଧ। ସେମାନେ ହେଲେ ଲକ୍ଷ୍ମୀ ଚନ୍ଦ୍ରା, ଶ୍ୟାମ ମେହେତୋ, ରେଖା, ସୁନୀତା, ମନୀଷା, ଚେତନ ଶର୍ମା ଓ ସର୍ବେଶ। ସତାବନବର୍ଷୀୟା ଟିଉଶନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଚନ୍ଦ୍ରା କହନ୍ତି, ମୁଁ ଏକ ଗରିବ ପରିବାରରୁ ଆସିଛି। ତେଣୁ ଗରିବ ପିଲାମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ ଠିକ୍ ଅନୁଭବ କରିପାରୁଛି। ବିହାରରୁ ବିଜ୍ଞାନରେ ସ୍ନାତକ ପାସ୍ କରିସାରିବା ପରେ ମୁଁ ଶିକ୍ଷା ଦେବା ଆରମ୍ଭ କରିଛି। ଏହି ପିଲାମାନେ ହେଉଛନ୍ତି ମୋର ପରିବାର। ଦାରିଦ୍ର୍ୟ ଏମାନଙ୍କ ପାଠପଢାରେ ବାଧା ସୃଷ୍ଟି କରିପାରିନାହିଁ। ଏହିପରି ସମର୍ପିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଆଜି ରାଜେଶ ଶର୍ମାଙ୍କ ପ୍ରଚେଷ୍ଟାରେ ଚାଲିଛି ଶୁଳ୍କରହିତ, ଗୃହରହିତ ରେଳପୋଲ ତଳେ ମୁକ୍ତ ବିଦ୍ୟାଳୟ। ଇଚ୍ଛା ଥିଲେ ଉପାୟ ସ୍ୱତଃ ବାହାରେ। ରାଜେଶ ଏହି ପ୍ରବାଦକୁ କାର୍ଯ୍ୟକ୍ଷେତ୍ରରେ ସତ୍ୟ ପ୍ରମାଣିତ କରିଛନ୍ତି।

ସମଗ୍ର ଭାରତରେ ଆଜି ସର୍ବଶିକ୍ଷା ଅଭିଯାନ ଚାଲିଛି। ସମସ୍ତଙ୍କୁ ଶିକ୍ଷିତ କରିବାକୁ ଚାହୁଁଛନ୍ତି ଭାରତ ସରକାର। ମାତ୍ର ରାଜେଶ କୁମାର ଶର୍ମାଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟ ପ୍ରତି ସରକାରୀ ଦୃଷ୍ଟି ପଡିନାହିଁ। ନିଜେ ରାଜେଶ ମଧ୍ୟ କୌଣସି ସରକାରୀ ସାହାଯ୍ୟ ଚାହିଁ ନାହାନ୍ତି । ସେ କହନ୍ତି, ସରକାରୀ ସାହାଯ୍ୟ ପାଉନାହିଁ ବୋଲି ମୋର କୌଣସି ଅଭିଯୋଗ ନାହିଁ। ଗରିବ ଓ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ମୋର ଲକ୍ଷ୍ୟ। ସେମାନଙ୍କ ହସ ମୋ ପାଇଁ ଯଥେଷ୍ଟ। ଅବଶ୍ୟ ଅନେକ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ବିଦ୍ୟାଳୟକୁ ସହାୟତାର ହାତ ବଢାଇଛନ୍ତି। ମାତ୍ର ସେମାନଙ୍କ ଦୃଷ୍ଟିଭଙ୍ଗୀରେ ସେ ସନ୍ତୁଷ୍ଟ ନ ହୋଇ ନିଜସ୍ୱ ଚେଷ୍ଟାରେ ବିଦ୍ୟାଳୟକୁ ଆଜି ପର୍ଯ୍ୟନ୍ତ ଚଳାଇ ରଖିଛନ୍ତି। ଅବଶ୍ୟ ସେ ବ୍ୟକ୍ତିବିଶେଷଙ୍କ ଦାନ ଗ୍ରହଣ କରନ୍ତି, ମାତ୍ର ଅର୍ଥରାଶି ଆକାରରେ ନୁହେଁ। ଅନେକ ବଦାନ୍ୟ ବ୍ୟକ୍ତି ବିସ୍କୁଟ, ପାଣି, ଫଳ, ଖାଦ୍ୟ ଆଦି ଯୋଗାଇ ଦିଅନ୍ତି। କେହି କେହି ପିଲାମାନଙ୍କ ଜନ୍ମଦିନଗୁଡିକରେ ଯୋଗଦେଇ କେକ୍ ବାଣ୍ଟନ୍ତି। ଫଳରେ ସେଠି ପାଠ ପଢୁଥିବା ପିଲାମାନେ ନିଜକୁ କେବେ ସମାଜରୁ ବିଚ୍ୟୁତ ବୋଲି ଅନୁଭବ କରିନାହାନ୍ତି। ରାଜେଶ ଶର୍ମା ପିଲାମାନଙ୍କର ଉପସ୍ଥାନ ଯାଞ୍ଚ କରନ୍ତି ଓ କୌଣସି ପିଲା ଦୀର୍ଘଦିନ ଅନୁପସ୍ଥିତ ରହିଲେ କାରଣ ଜାଣିବା ପାଇଁ ମାତାପିତାଙ୍କ ସହ ଯୋଗାଯୋଗ କରନ୍ତି। ଶେଷରେ ସେହି ପୋଲ ତଳେ ପଢୁଥିବା ପିଲାମାନେ କିପରି ପରବର୍ତ୍ତୀ ସମୟରେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢିପାରିବେ ତା'ର ବ୍ୟବସ୍ଥା ମଧ୍ୟ କରନ୍ତି। ୪୯ ବର୍ଷୀୟ ରାଜେଶ ଶର୍ମା ଆଜି ଜଣେ ନିଃସ୍ୱାର୍ଥ ସମର୍ପିତ ସମାଜସେବୀ।

ଆଜି ବହୁସଂଖ୍ୟାରେ ବିଦ୍ୟାଳୟ ଖୋଲିଲାଣି। ଘରୋଇ ବିଦ୍ୟାଳୟଗୁଡିକ ଉନ୍ନତ ଶିକ୍ଷା ଦେବାର ପ୍ରତିଶ୍ରୁତି ଦେଇ ଅଜସ୍ର ଶୁଳ୍କ ଦାବି କରୁଛନ୍ତି। ସମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କ ପିଲାମାନେ ତଥାକଥିତ ଉନ୍ନତ ଶିକ୍ଷାର ସୁଯୋଗ ପାଉଛନ୍ତି। ସରକାରୀ ବିଦ୍ୟାଳୟରେ ଶିକ୍ଷକମାନେ ପାଠ ପଢାଇବା ଅପେକ୍ଷା ସରକାରୀ ଅଣଶୈକ୍ଷିକ କର୍ମ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବାରେ ନିୟୋଜିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ କ୍ଷେତ୍ରରେ ଶିକ୍ଷକତା ଏକ ପ୍ରବୃତ୍ତି ନୁହେଁ ବୃତ୍ତି, ଜୀବନ ନୁହେଁ ଜୀବିକା। ଏଣୁ ଶିକ୍ଷକତା ପ୍ରତି ତାଙ୍କର ଆନ୍ତରିକତା ନାହିଁ। ଏହିଭଳି ପରିବେଶରେ ଏକ ସମର୍ପିତ ମନ ନେଇ କୌଣସି ସରକାରୀ ସହାୟତା ଗ୍ରହଣ ନ କରି ଗରିବ ପିଲାମାନଙ୍କ ପାଖରେ ନିଃଶୁଳ୍କ ଶିକ୍ଷା ପହଞ୍ଚାଇ ଦେଇ ରାଜେଶ କୁମାର ଶର୍ମା ରଖିଛନ୍ତି ଏକ ଅନନ୍ୟ ଉଦାହରଣ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ,
ମୋ–୯୪୩୭୩୨୯୨୬୩

# ପୁରୁଷ ଓ ରୋଷେଇ



ରୁଦ୍ର ପ୍ରସନ୍ନ ରଥ

କିଛିଦିନ ତଳେ ଟ୍ୱିନ୍ ସିଟି କମିଶନରେଟ ପୋଲିସ୍‌ର ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ରୋଷେଇ କରିବାକୁ ନେଇ ଗୋଟିଏ ଛୋଟିଆ ମନ୍ତବ୍ୟ ଦେଇଥିଲେ। କମିଶନରେଟ ପୋଲିସ୍‌ର ୧୨ଶ ପ୍ରତିଷ୍ଠା ଦିବସରେ ସେ ଯୋଗଦେଇ କହିଥିଲେ ଯେ ଯଦି ଜଣେ ପୁଅପିଲା ରୋଷେଇ କରିବାକୁ ଇଚ୍ଛା ପ୍ରକାଶ କରୁନାହିଁ, ତେବେ ସେଭଳି ପୁରୁଷଙ୍କୁ ମହିଳାମାନେ ବିବାହ କରିବାକୁ ମନା କରିଦେବା ଆବଶ୍ୟକ। ପୋଲିସ୍ କମିଶନରଙ୍କ ଏହି ଉକ୍ତିକୁ ନେଇ ସାମାଜିକ ଗଣମାଧ୍ୟମରେ ହୋହଲ୍ଲା ଆରମ୍ଭ ହୋଇଯାଇଥିବା ବେଳେ ସରକାରୀ ଦଳର ମୁଖପାତ୍ର ମଧ୍ୟ ଏହାକୁ ବିରୋଧ କରିବା ଆରମ୍ଭ କରିଥିଲେ। ବେଶ୍ ସାଧାରଣ ଲାଗୁଥିବା ଏହି ଉପଦେଶକୁ ନେଇ ଏତେ ହୋହଲ୍ଲା କାହିଁକି? ମହିଳାମାନଙ୍କ ଜୀବନରେ ରୋଷେଇ କି ପ୍ରଭାବ ପକାଏ ଏବଂ କାହିଁକି ପୁରୁଷମାନେ ଏଥିରେ ସହଯୋଗ କରିବା ଦରକାର ତାହା ଆମେ ସମସ୍ତେ ଜାଣିବା ଉଚିତ ନୁହେଁ କି?

ଭାରତୀୟ ପାରିବାରିକ ବ୍ୟବସ୍ଥାରେ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ବୁଝାମଣା ଏମିତି ଯେ ରୋଷେଇ କରିବାର କାମଟା ମହିଳାମାନଙ୍କ ଉପରେ ନ୍ୟସ୍ତ। ଜର୍ମାନୀସ୍ଥିତ ଏକ ମାର୍କେଟ ରିସର୍ଚ୍ଚ ସଂସ୍ଥା ଜିଏଫ୍‌କେର ସର୍ଭେ ଅନୁଯାୟୀ ଭାରତୀୟମାନେ ସପ୍ତାହକୁ ୧୩ ଘଣ୍ଟାରୁ ଅଧିକ ସମୟ ରୋଷେଇଘରେ କାଟନ୍ତି। ବର୍ତ୍ତମାନ ରୋଷେଇ ଘରେ ଗ୍ରାଇଣ୍ଡର, ଗ୍ୟାସ୍, ପ୍ରେସର କୁକର ଆଦି ଥିବାରୁ ଏହି ସମୟ ହ୍ରାସ ପାଇପାରିଛି। ମାତ୍ର ଗାଁଗହଳିରେ ଏବେ ବି ସକାଳ ପହରରୁ ଚୁଲି ଲାଗିଲେ ମଧ୍ୟ ରାତିଯାଏ ରୋଷେଇ ଚାଲିଥାଏ। ଥରକୁ ଥର ମହିଳାଜଣକ ରୋଷେଇ ଘରେ ପଶି ଜଣ ଜଣଙ୍କ ପାଇଁ ରୋଷେଇ କରି ଚାଲିଥାଏ। ଭାରତୀୟମାନେ ସାଧାରଣତଃ ଖାଦ୍ୟପ୍ରିୟ ହୋଇଥିବାରୁ ଛଅ ତିଅଣ ନ ଭଜା ଖାଇବାର ଲୋଭ ସମ୍ବରଣ କରିପାରି ନ ଥାନ୍ତି। ଏଣୁ ଏହାର ପ୍ରଭାବ ଘରର ମହିଳାଙ୍କ ଉପରେ ପଡିଥାଏ। ପରିବା କାଟିବା, ବେସର ବାଟିବା, ରୋଷେଇ କରିବା, ବାସନ ଧୋଇବା କାମରେ ମହିଳାଜଣକ ଏପରି ବ୍ୟସ୍ତ ଥାଏ ଯେ, ସେ ଅନ୍ୟ କାମ କରିବା କିମ୍ବା ନିଜ ପାଇଁ ସମୟ ବାହାର କରିବା କଷ୍ଟକର ହୋଇପଡେ। ଆଉ ଏ ରୋଷେଇ କରିବାର ଚାପ ଏତେ ଅଧିକ ଯେ, ଜଣେ ସକାଳେ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ ମଧ୍ୟାହ୍ନଭୋଜନ ପାଇଁ କ'ଣ ରନ୍ଧା ହେବ ସେ ନେଇ ଚିନ୍ତା କରୁଥାଏ କିମ୍ବା ଏ ନେଇ ଘରେ ସ୍ୱାମୀ, ଶ୍ୱଶୁର କିମ୍ବା ପିଲାଙ୍କଠାରୁ ବରାଦ ପାଇ ସାରିଥାଏ। ରୋଷେଇ ଘରୁ ବାହାରି ଆସିବାକୁ ଜଣେ ମହିଳା ଚେଷ୍ଟା ମଧ୍ୟ କରିପାରେ ନାହିଁ। ଆମ ପରମ୍ପରାରେ ରୋଷେଇକୁ ମହିଳାଙ୍କ ବ୍ୟକ୍ତିତ୍ୱ ସହ ବି ଜଡାଇ ଧରି ରଖିବାର ଚେଷ୍ଟା କରାଯାଇଛି। ଯେମିତି ନୂଆ କରି ବାହା ହୋଇ ଆସିଥିବା ବୋହୂ ଜଣଙ୍କର ବ୍ୟକ୍ତିତ୍ୱକୁ ରୋଷେଇରୁ ହିଁ ପରଖାଯାଏ। ନୂଆ ବୋହୂମାନଙ୍କର ଦକ୍ଷତା ସେମାନଙ୍କର ରାନ୍ଧିବା କଳାରୁ ହିଁ ମପାଯାଏ।

ଅବଶ୍ୟ ଏମିତି ନୁହେଁ ଯେ ପୁରୁଷମାନେ ରୋଷେଇ କରିବା କଳା ଜାଣି ନାହାନ୍ତି। ହଷ୍ଟେଲରେ ରହି ପାଠ ପଢିଥିବା କିମ୍ବା ବାହାରେ ଏକୁଟିଆ ରହୁଥିବା ପୁରୁଷମାନେ ଅଳ୍ପେ ବହୁତେ ରୋଷେଇ କରି ଜାଣନ୍ତି। ଏବେ ବି ବଡ ବଡ ହୋଟେଲର ରାନ୍ଧୁଣିଆ ବା ସେଫ୍‌ମାନଙ୍କ ମଧ୍ୟରେ ସମସ୍ତେ ପୁରୁଷ। ବାହାପୁଆଣିରେ ରାନ୍ଧୁଥିବା ଲୋକମାନେ ବି ପୁରୁଷ। କହିବା କଥା ହେଉଛି, ଯେଉଁଠି ରୋଷେଇର ଆର୍ଥିକ ଦିଗ ଅଛି ସେଠାରେ ପୁରୁଷର ଆଧିପତ୍ୟ ରହିଛି, ମାତ୍ର ଯେଉଁଠି ରୋଷେଇ କେବଳ ଅନ୍ୟକୁ ରାନ୍ଧି ଖୁଆଇବା ପାଇଁ ଉଦ୍ଦିଷ୍ଟ ସେଠି ପୁରୁଷ ରୋଷେଇଘରେ ପଶିବାକୁ ନାରାଜ। ଏହା ଭିତରେ ଯୁଗ ବଦଳିଯାଇଛି। ଅନେକ କ୍ଷେତ୍ରରେ ସ୍ତ୍ରୀଲୋକମାନେ ବି ପୁରୁଷଙ୍କ ପରି ପାଠଶାଠ ପଢି ରୋଜଗାର କରିବାକୁ ଆଗେଇ ଆସିଛନ୍ତି। ମହିଳାଜଣକ ବି ରୋଷେଇର ଝିନ୍‌ଝଟରୁ ମୁକ୍ତ ହୋଇ ନିଜର କ୍ୟାରିୟର ଗଢୁଛି। ମାତ୍ର ଏଥିରେ ରୋଷେଇ ଘର ହିଁ ବାଧକ ସାଜୁଛି। ବାହାରକୁ ଯିବା ପୂର୍ବରୁ ରୋଷେଇ ସାରିବାକୁ ତରତର ହେବାକୁ ପଡୁଛି ନ ହେଲେ ଘରକୁ ଫେରି ଥକା ଶରୀରରେ ରୋଷେଇ ଘରେ ବାଧ୍ୟହୋଇ ପଶିବାକୁ ପଡୁଛି। ସତରେ କ'ଣ ମହିଳା ଜଣକ ନିଜ ସୁଖସୁବିଧା ଆଉ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବାକୁ ରୋଷେଇଘରୁ ବାହାରକୁ ବାହାରିପାରିବ ନାହିଁ? ସେ କ'ଣ ସବୁବେଳେ ଏମିତି ରୋଷେଇଘରେ ମାଡିଜାକି ହୋଇ ବସିଥିବ?

ବୋଧହୁଏ ଉପାୟ ଅଛି। କମିଶନରଙ୍କ କହିବା କଥା ଅନୁଯାୟୀ ପୁରୁଷମାନଙ୍କୁ ହିଁ ଏ ଦିଗରେ ପ୍ରଧାନ ଭୂମିକା ଗ୍ରହଣ କରିବାକୁ ପଡିବ। ରୋଷେଇ ପରି ଏକ ସମୟସାପେକ୍ଷ କାମରେ ଯଦି ପୁରୁଷ ମହିଳାକୁ ସହଯୋଗର ହାତ ବଢାଇଲା ତେବେ ଏହା ମହିଳାଙ୍କର ଅନେକ ସମୟ ବଞ୍ଚାଇପାରିବ। ନିଜେ ରାନ୍ଧି ନ ଶିଖିଲେ ବି ପୁରୁଷ ଜଣକ ମହିଳାମାନଙ୍କୁ ପରିବା କାଟିବା, ବେସର ବାଟିବା ଏପରି କି ନିଜର ବାସନ ଧୋଇବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାମରେ ସାହାଯ୍ୟ କରିପାରିବେ। ପୁଣି କେବେ କେମିତି ଆବଶ୍ୟକତା ପଡିଲେ ନିଜେ ବି ଛୋଟକାଟର ଆଇଟମ ଶିଖି ରାନ୍ଧିପାରିବେ। ଏପରି କଲେ ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଏଥିପାଇଁ ପୁରୁଷମାନଙ୍କୁ ପ୍ରଥମେ ରୋଷେଇ ଏକ ଗୁରୁତ୍ୱହୀନ ମାମୁଲି କାମ ବୋଲି ନିଜେ ତିଆରି କରିଥିବା ଧାରଣାରୁ ମୁକ୍ତ ହେବାକୁ ପଡିବ। ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଲିଙ୍ଗଗତ ବୈଷମ୍ୟ ଆଣୁଥିବା ରୋଷେଇ ପରି ଏକ ବିଷୟବସ୍ତୁକୁ ସାଧାରଣରେ ଆଲୋଚନାର ବଳୟକୁ ଆଣିଥିବାରୁ କମିଶନର ସାହେବ ସତରେ ଧନ୍ୟବାଦର ପାତ୍ର।

ଧବଳଗିରି, ଯାଜପୁର ରୋଡ, ମୋ–୭୯୭୮୬୭୧୭୭୬

## ଏଇ ଭାରତରେ

ଲିଙ୍ଗଗତ ପ୍ରଭେଦ ଦୂର କରି ମହିଳାମାନଙ୍କୁ ବିକାଶରେ ଭାଗୀଦାରି କରିବା ଲାଗି ପ୍ରୟାସ ହେଉଛି ସତ କିନ୍ତୁ ଧାର୍ମିକ କ୍ଷେତ୍ରରେ ସେମାନଙ୍କ ପାଇଁ ଲାଗୁ ହେଉଛି ବାଛବିଚାର। ଅନେକ କ୍ଷେତ୍ରରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମହିଳାମାନଙ୍କୁ ମନ୍ଦିର ପ୍ରବେଶ ପାଇଁ ମନା କରାଯାଉଛି। କେରଳର ସାବରୀମାଲାସ୍ଥିତ ଆୟାପ୍ପା ସ୍ୱାମୀ ମନ୍ଦିର କଥା ତ ସମସ୍ତେ ଜାଣନ୍ତି, ଯେଉଁଠି ମହିଳାମାନଙ୍କୁ ମନ୍ଦିର ପ୍ରବେଶ ଅନୁମତି ନ ଥିବାରୁ ମାମଲା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ସେହିପରି ଆଉ ଏକ ପରମ୍ପରା ବଳବତ୍ତର ରହିଛି ଉତ୍ତର ଛତିଶଗଡ଼ର ଅବିଭକ୍ତ ସରଗୁଜା ଜିଲାର ଆଦିବାସୀ ଗ୍ରାମଗୁଡିକରେ। ଏଠାରେ ଥିବା ଗ୍ରାମଦେବତାଙ୍କ ସ୍ଥଳରେ ଦୈନିକ ପୂଜା କରାଯାଏନି। ବର୍ଷରେ ଦୁଇଥର ପୂଜା କରାଯାଇ ଗ୍ରାମର ସୁଖସମୃଦ୍ଧି କାମନା କରାଯାଏ। ଥରେ ଧାନ ରୁଆ ହେବାବେଳେ ଓ ଆଉ ଥରେ ଧାନ କଟାଯିବା ସମୟରେ ପୂଜା କରାଯାଇଥାଏ। ଗ୍ରାମର ପୂଜକ ଏହି ପୂଜା କରିଥାନ୍ତି। କିନ୍ତୁ ଏହି ସବୁ ଦେବସ୍ଥଳୀଗୁଡିକୁ ମହିଳାଙ୍କୁ ଯିବା ଲାଗି ବାରଣ କରାଯାଏ। ଏମିତିକି ଦେବତାଙ୍କ ନିକଟରେ ଚଢାଯାଉଥିବା ପ୍ରସାଦ ବି ମହିଳାମାନେ ଗ୍ରହଣ କରନ୍ତି ନାହିଁ। ଦେବସ୍ଥଳୀଗୁଡିକୁ ରଙ୍ଗାଯାଏନି କି ଆକର୍ଷକ ଢଙ୍ଗରେ ସଜାଯାଏନି। କେବଳ ପୂଜା ଅବସରରେ ସେଠାରେ ଝୋପଡି ଘର କରାଯାଏ। ଏହି ଘରକୁ ସେମାନେ ଗୁଡିଘର ବୋଲି କୁହନ୍ତି। ଏହାକୁ ପକ୍କାଘର କଲେ କିମ୍ବା ସଜାସଜି କରାଗଲେ ଗାଁକୁ ବିପର୍ଯ୍ୟୟ ମାଡି ଆସିବ ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି। ଏଥିପାଇଁ ଗୁଡିଘରକୁ ଝୋପଡି ଭଳି ନିର୍ମାଣ କରାଯାଇ ଚାରିପାଖ ଖୋଲା ରଖାଯାଏ। ଏହାଦ୍ୱାରା ଚାରି ଦିଗକୁ ଗ୍ରାମଦେବତା ଦୃଷ୍ଟି ରଖି ଗାଁକୁ ବିପଦ ଆସିବାକୁ ଦିଅନ୍ତିନି ବୋଲି ଏମାନଙ୍କର ବିଶ୍ୱାସ ରହିଛି। ଏଠାରେ ଦେବତାଙ୍କୁ ମହୁଲି ମଦ ମଧ୍ୟ ଅର୍ପଣ କରାଯାଏ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଫେବୃୟାରୀ ୧୯୯୫

- ଆଙ୍ଗୋଲା ସରକାର ବିଦ୍ରୋହୀ ୟୁନିଟା ଆନ୍ଦୋଳନ ସଂଗଠନ ପକ୍ଷରୁ କେତେକ ମୁଖ୍ୟ ସ୍ଥାନରୁ ସେମାନଙ୍କର ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରାଯାଇଛି।
- ଆଫଗାନିସ୍ତାନରେ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଆସନ୍ତା ୨୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି।

# ମୁଁ ହିନ୍ଦୁ, ଆତଙ୍କବାଦୀ ନୁହେଁ



ଲିପ୍ସା ପଣ୍ଡା

ଆମେରିକାର ପେଣ୍ଟାଗନ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ପରେ ମୁସଲମାନମାନଙ୍କ ପ୍ରତି ଅତ୍ୟଧିକ କଠୋର ହୋଇପଡ଼ିଥିଲେ ତାଙ୍କ ସରକାର। ଏୟାରପୋର୍ଟରେ 'ଖାନ୍' ନାଁ ଶୁଣିଲେ ତ ଡ୍ରେସ୍ ଖୋଲି ତଲାସି ଆରମ୍ଭ କରିଦେଉଥିଲେ ତାଙ୍କ ସୁରକ୍ଷାକର୍ମୀ, ଯେଉଁଥିରୁ ଆମ ବଲିଉଡ ଅଭିନେତା ଶାହରୁଖ ଖାନ୍ ବି ବାଦ ପଡ଼ି ନ ଥିଲେ। ଆଉ ଏଥିରେ ତାଙ୍କ 'ଘନିଷ୍ଠ' ବନ୍ଧୁ କରନ ଜୋହର ବ୍ୟଥିତ ହୋଇ ଗୋଟେ ସିନେମା ବି କରି ପକେଇଲେ, 'My Name Is Khan'– ଯେଉଁଥିରେ ଦେଖାଇଲେ ଜଣେ ମାନସିକ ଦୁର୍ବଳ ଲୋକ କିଭଳି ଭାବେ ତା' ଚାରିପାଖର ଲୋକଙ୍କ ଦ୍ୱାରା ଉପହସିତ, ନର୍ଯାତିତ ହେଉଛି ତା' 'ଖାନ୍' ନାଁ ପାଇଁ, ଆଉ ସେଥିରୁ ମୁକ୍ତି ପାଇଁ ସେ କିକି ପନ୍ଥା ସବୁ ଆପଣାଉଛି। ସେତେବେଳର ଆମେରିକା ରାଷ୍ଟ୍ରପତି ଓବାମାଙ୍କୁ ଭେଟି କହିବାକୁ ପଡୁଛି: My name is Khan and I am not a terrorist.

କହିବା ବାହୁଲ୍ୟ, ନିର୍ମାତା ଜଣେଇବାକୁ ଚାହୁଁଛନ୍ତି ସବୁ 'ଖାନ୍' ଆତଙ୍କବାଦୀ ନୁହନ୍ତି। ବାର୍ତ୍ତା ତ ଠିକ୍ ଅଛି। ହେଲେ ସେ ସିନେମା ଭାରତରେ ତିଆରି ହେବାର ଉପାଦେୟତା କେତେ? ସିନେମାରେ ଦେଖାଯାଇଥିବା ଦୃଶ୍ୟ ଅନୁସାରେ ନାୟକ ତଥା ବାକି ସବୁ ଚରିତ୍ର ଆମେରିକାରେ ରହୁଥିଲେ। ସେଇଠି ଆମେରିକୀୟ ପଡ଼ୋଶୀଙ୍କ ଦ୍ୱାରା ନାୟକ ଆଉ ତାଙ୍କ ପରିବାର ନିର୍ଯାତିତ ହେଲେ। ତେଣୁ ଏମିତିଆ ସିନେମା ସେଠିକାର କେଉଁ ଫିଲ୍ମ ନିର୍ମାତା ନିଜ ଦେଶବାସୀଙ୍କୁ ବୁଝେଇବାକୁ ତିଆରି କରିବା କଥା। ସେ ଦେଶରେ କିନ୍ତୁ ସେମିତି କିଛି ହୋଇନି। ଅଥଚ ଭାରତରେ, ଯେଉଁଠି ବର୍ଷକୁ ଦୁଇ ଚାରିଟା ଜାଗାରେ ଆତଙ୍କବାଦୀ ଆକ୍ରମଣ ହୋଇ ଲୋକେ ପୋକମାଛି ପରି ମରନ୍ତି, ଅଥଚ ନିଜକୁ ଧର୍ମନିରପେକ୍ଷ କହି ଗର୍ବ କରନ୍ତି, ଯେଉଁଠି ପାକିସ୍ତାନ ଦଳ ଭାରତଠାରୁ କ୍ରିକେଟ ଖେଳରେ ଜିତିବା ପରେ ନିଜ ପଡ଼ିଶା ଘରୁ ବାଣ ଫୁଟିବା ଦେଖି ନିଜ ଜୀବନ ଯିବା ଡରରେ ଚୁପ୍ ରୁହନ୍ତି ଲୋକେ, ସେଇଠି ଆମ ସିନେମାବାଲାଏ, କାଳେ ଆତଙ୍କବାଦୀର ଧର୍ମ ଉପରକୁ ଆଞ୍ଚ ଚାଲି ଆସିବ ଭାବି, ଛାନିଆରେ ଆଗତୁରା ସିନେମା ତିଆରି କରି ବୁଝେଇବାକୁ ଲାଗିଗଲେ।

ମୋ ଝିଅ ନର୍ସରୀରେ ପଢୁଥିବା ସମୟର କଥା। ତା' ସ୍କୁଲରେ ଥାଏ ଜଣେ ମୁସଲମାନ ସମ୍ପ୍ରଦାୟର ପିଲା। ଧର୍ମନିରପେକ୍ଷ ଦେଶ ହେତୁ ଇଂଲିଶ ମିଡିୟମ୍ ସ୍କୁଲ ହେଲେ ବି ସେଠି ସବୁ ଧର୍ମର ପର୍ବପର୍ବାଣି ପାଳନ କରାଯାଏ। ସ୍କୁଲରୁ ମେସେଜ ଆସିଲା ଜନ୍ମାଷ୍ଟମୀ ପାଳନ ପାଇଁ ସବୁ ପୁଅ କୃଷ୍ଣ ବେଶରେ ଆଉ ସବୁ ଝିଅ ରାଧା କି ଗୋପୀ ବେଶରେ ଆସିବେ। ପିଲାଙ୍କ ବାପା, ମା'ଙ୍କୁ ବି ଡକା ଯାଇଥାଏ। ଦହିହାଣ୍ଡି ଭାଙ୍ଗି ଉତ୍ସବ ପାଳିବେ ସ୍କୁଲରେ। ପରଦିନ ଆମେ ନିଜ ନିଜ ପିଲାଙ୍କୁ ସେଇ ହିସାବରେ ସଜେଇ ସ୍କୁଲରେ ପହଞ୍ଚିଲୁ। ଦେଖିଲୁ କେବଳ ଗୋଟିଏ ପିଲା ଆସିଛି ସ୍କୁଲ ୟୁନିଫର୍ମ ପିନ୍ଧି। ଏମିତି କାହିଁକି ବୋଲି ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ ଧୀରେ ଆମକୁ ଜଣାଇଲେ, ସେ ପିଲାଟି ମୁସଲମାନ ସମ୍ପ୍ରଦାୟର।

ମୋ ମନରେ ପ୍ରଶ୍ନ ଉଠିଲା: ଏଭଳି ଧର୍ମକାତର ଲୋକ ନିଜ ପିଲାଙ୍କୁ ନିଜ ଧର୍ମ ସମ୍ପର୍କିତ ସ୍କୁଲକୁ ନ ଛାଡ଼ି ଇଂଲିଶ ମିଡିୟମ୍ ସ୍କୁଲକୁ ଛାଡ଼ନ୍ତି କାହିଁକି! ଆଉ ଯଦି ପିଲାର ଉତ୍ତମ ଭବିଷ୍ୟତ କଥା ଭାବି ଏଠିକି ଛାଡ଼ିଲେ, ତେବେ ଏଠିକାର ନୀତିନିୟମ ମାନିନେଲେ ନିଜ ଧର୍ମ ଭ୍ରଷ୍ଟ ହୋଇଯିବ ବୋଲି ଭାବନ୍ତି କାହିଁକି? ଏପରି କହିବାର ଉଦ୍ଦେଶ୍ୟ ହେଲା, ଏହାର କିଛିଦିନ ଆଗରୁ ଇଦ୍ ଥିଲା। ସ୍କୁଲର ନିର୍ଦ୍ଦେଶ ଅନୁଯାୟୀ ଆମେ ପ୍ରତି ହିନ୍ଦୁ ମା'ବାପା ନିଜ ପିଲାକୁ ମୁସଲମାନ ବେଶରେ ସଜେଇ ଛାଡ଼ିଥିଲୁ ସ୍କୁଲକୁ ପିଲାଏ ଇଦ୍ ପାଳିବେ ବୋଲି! କେବଳ ସେତିକି ନୁହେଁ, ଗୋଟିଏ ବି ଖ୍ରୀଷ୍ଟିଆନ ପିଲା ନ ଥିବା ଶ୍ରେଣୀରେ ସବୁ ହିନ୍ଦୁ ପିଲା ଆସନ୍ତି ଶାନ୍ତା ସାଜି ସର୍ବଧର୍ମକୁ ସମ୍ମାନ ଜଣାଇବାକୁ! ଧର୍ମନିରପେକ୍ଷତାର ଅର୍ଥ ନୁହେଁ ଖାଲି ନିଜ ଧର୍ମକୁ ନେଇ ମନ ଆଣ୍ଟ କରି ରହିବା। ଧର୍ମନିରପେକ୍ଷ ଅର୍ଥ ନିଜ ଧର୍ମ ସହ ଅନ୍ୟ ଧର୍ମର ରୀତିନୀତିରେ ବି ଭାଗନେବା।

ଏବେ ଆସିଲା ରାମମନ୍ଦିର ଉପରେ ବହୁ ପ୍ରତୀକ୍ଷିତ ରାୟ। ସରକାର କୌଣସି ପ୍ରକାର ଉତ୍ସବ ନ ମନାଇବାକୁ କଡ଼ାକଡ଼ି ଭାବେ ତାଗିଦ କଲେ। ସୋସିଆଲ ମିଡିଆ ଉପରେ ବି କଡ଼ା ନଜର ରଖାଗଲା! ଦେଶର ଲୋକେ ନିଜ ମାନବିକତା ଦୃଷ୍ଟିରୁ ଅନ୍ୟ କାହା ଧାର୍ମିକ ଭାବନାରେ ଆଘାତ ନ ପହଞ୍ଚାଇବା ପାଇଁ ବହୁ ପ୍ରତୀକ୍ଷିତ ନ୍ୟାୟ ପାଇବା ପରେ ବି ଖୁସି ନ ମନେଇ ଚୁପ୍ ରହି ନିଜ ବିବେକପଣିଆ ଦେଖାଇଲେ।

ଏବେ ସିଏଏକୁ ନେଇ ଚାଲିଥିବା ପ୍ରତିବାଦ ଆୟୋଜନରେ ହିନ୍ଦୁବିରୋଧୀ ପ୍ଲାକାର୍ଡ ଦେଖିବାକୁ ମିଳୁଛି କାହିଁକି? ହିନ୍ଦୁଧର୍ମ ସମ୍ପର୍କିତ ପ୍ରତୀକମାନଙ୍କୁ ଖୋଲାଖୋଲି ଭାବେ ଅପମାନିତ କରାଯାଉଛି କାହିଁକି? ଏ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ଧାର୍ମିକ ଭାବନାକୁ ଅପମାନିତ କରିବାର ଅଧିକାର ଏ ବିକ୍ଷୋଭକାରୀଙ୍କୁ ଦେଲା କିଏ? ଆଉ ଏସବୁ ଦେଖି ମୁଁ ଚୁପ୍ ହୋଇ ରହିବି କାହିଁକି? କାରଣ ପାଟି ଖୋଲିଲେ ମୋର କିଛି ବନ୍ଧୁ ମୋତେ ଉଗ୍ରମନା କହିବେ ବୋଲି ତ? ମୋ ଧର୍ମକୁ ଅପମାନିତ କରୁଥିବା ଦେଖି ଚୁପ୍ ରହିବି ମୋ ଧର୍ମନିରପେକ୍ଷତା ଉପରେ ପ୍ରଶ୍ନ ଉଠିବ ବୋଲି ତ?

ଏ ଦେଶରେ ଗଣ୍ଡା ଗଣ୍ଡା ସିନେମା ତିଆରି ହେଲା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଖୁବ୍ ଭଲ ଦେଖେଇ, ତାଙ୍କ ପାଇଁ ଆମ ମନରେ ଘୃଣା ସୃଷ୍ଟି ନ ହେଉ ବୋଲି। ସେ ସବୁ ପ୍ରଭାବରେ ଆମେ ତାଙ୍କୁ ଆପଣେଇ ଧର୍ମନିରପେକ୍ଷ ସାଜିଲୁ। ହେଲେ ସେଇ ସମାନ ସିନେମା ସବୁ ତାଙ୍କ ଉପରେ ପ୍ରଭାବ ପକେଇ ପାରିଲାନି। ନିଜ ଧର୍ମକୁ ଦେଶଠୁ ବି ବଡ଼ ବୋଲି ଜାବୁଡ଼ି ଧରିଲେ ସେମାନେ! ଆଉ ଆମକୁ ଏ ସହନଶୀଳତାର ପ୍ରତିବଦଳରେ ମିଳିଲା କ'ଣ? ଅସହିଷ୍ଣୁ, ହିନ୍ଦୁ ଆତଙ୍କବାଦୀ ଇତ୍ୟାଦି ଉପାଧି!

ମୁଁ ଜାଣେ, ଏ ଦେଶରେ ହିନ୍ଦୁଙ୍କ ପାଇଁ କୌଣସି ସିନେମାବାଲାର ପ୍ରାଣ କାନ୍ଦିବନି। ଆମକୁ ବଦନାମ କରିବାକୁ ଯେଉଁ 'ହିନ୍ଦୁ ଆତଙ୍କବାଦୀ' ଶବ୍ଦ ଉଦ୍ଭାବନ କରାଗଲା, ତା' ବିରୋଧରେ କୌଣସି ସିନେମା ତିଆରି ହେବନି। ତେଣୁ ମୁଁ ଏହାକୁ ଦୃଢ଼ ଭାବେ ବିରୋଧ କରି କହୁଛି: "ମୁଁ ଗର୍ବିତ ହିନ୍ଦୁ, ଆତଙ୍କବାଦୀ ନୁହେଁ। ମୋ ବାପଅଜା ଚଉଦ ପୁରୁଷ ଧରି କେହି ଆତଙ୍କବାଦୀ ନ ଥିଲେ, କି ଆଗକୁ ହେବାର ବି ନାହିଁ।"

ହାଇଦ୍ରାବାଦ, ମୋ:୯୦୦୦୪୧୮୪୧୦

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
ଜୁଆର କହଇ ଆସି ଜୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଧାଇଁ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ! (ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | 2 | | | 6 | | | | | | | |
| | 9 | A | | | B | | D | | | | | | 3 | |
| 5 | | 8 | | | | A | 1 | | 3 | | | | | 7 |
| | 7 | | 6 | 5 | | 2 | | | | | 1 | 4 | A | |
| D | | B | | 4 | | 7 | | | | | E | 2 | 8 | |
| | E | | | | | | | | 5 | | D | | | |
| | | | | 7 | 8 | | 2 | | | | | | C | 5 |
| | | | | C | 4 | | B | 1 | | 7 | | A | | 9 |
| A | 8 | | B | | | C | | | 9 | | | D | 1 | |
| | | | | | 9 | 8 | | | 4 | 6 | | | 0 | |
| | | 4 | E | | | | | | | 3 | A | B | D | |
| | | | 8 | | | 6 | | | E | | | | | A |
| E | | 1 | | A | | D | 9 | 5 | | | | | | 0 |
| | | 0 | | | | | | | | C | | | | |
| | B | | 1 | 9 | | | 8 | | | | | 7 | 4 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 2 | D | 3 | B | 0 | 8 | 1 | E | 7 | 4 | A | 5 | C | 9 |
| A | 3 | 4 | 7 | D | 2 | C | 6 | 5 | B | 9 | 8 | 1 | E | 0 |
| 9 | 8 | C | 1 | E | 4 | A | D | 2 | 6 | 5 | 0 | B | 3 | 7 |
| 0 | 7 | 5 | 8 | C | 6 | B | 4 | 9 | 3 | E | 1 | 2 | D | A |
| E | B | 1 | A | 5 | 9 | 7 | 3 | 0 | 2 | C | D | 8 | 4 | 6 |
| 1 | 0 | 8 | C | 3 | 5 | 4 | 2 | D | E | 6 | 7 | A | 9 | B |
| 2 | 6 | A | E | 9 | D | 0 | 8 | B | 5 | 1 | 4 | 3 | 7 | C |
| D | 9 | 7 | 4 | 0 | 1 | 6 | A | C | 8 | B | 3 | E | 2 | 5 |
| 4 | E | 3 | B | 2 | A | 5 | 7 | 1 | C | D | 9 | 6 | 0 | 8 |
| C | 5 | B | 6 | 7 | 8 | E | 9 | 3 | 0 | A | 2 | 4 | 1 | D |
| 8 | D | 6 | 0 | 1 | B | 3 | C | A | 4 | 7 | E | 9 | 5 | 2 |
| 5 | A | 9 | D | 8 | 3 | 2 | B | 4 | 1 | 0 | C | 7 | 6 | E |
| 7 | 1 | E | 2 | 4 | C | D | 5 | 6 | 9 | 8 | B | 0 | A | 3 |
| 3 | C | 0 | 9 | 6 | 7 | 1 | E | 8 | A | 2 | 5 | D | B | 4 |
| B | 4 | 2 | 5 | A | E | 9 | 0 | 7 | D | 3 | 6 | C | 8 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧ ବିଶ୍ୱାସର ଅନ୍ଧଗଳି

ମହାଶୟ,

ବିଜ୍ଞାନ ଯୁଗରେ ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚି ସାରିଲାଣି, ହେଲେ ଆଜି ମଧ୍ୟ ଅନ୍ଧବିଶ୍ୱାସ ରହିଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅନେକେ ମୃତ୍ୟୁମୁଖରେ ପଡୁଥିବା ସତ୍ତ୍ୱେ ଆଜି ମଧ୍ୟ ଗୁଣିଗାରେଡି, ଝଡ଼ାଫୁଙ୍କାରେ ବିଶ୍ୱାସ ରଖିଛନ୍ତି। ଆଦିବାସୀ ଅଞ୍ଚଳରେ ଲୋକମାନେ ଜମିରୁ ଅଧିକ ଫସଲ ପାଇବା ପାଇଁ ବଳି ଦେଉଛନ୍ତି। ଆମ୍ଭମାନଙ୍କ ମଧ୍ୟରୁ ଅନେକ ଶିକ୍ଷିତ ବ୍ୟକ୍ତି ମଧ୍ୟ ନିଜ ମନସ୍କାମନା ପୂରଣ ପାଇଁ ପଶୁପକ୍ଷୀ ବଳିଦେଇ ଦେବୀପୀଠକୁ ରକ୍ତରଞ୍ଜିତ କରୁଛନ୍ତି। ସନ୍ତାନ ଲାଭ ଆଶାରେ ଡାକ୍ତରଙ୍କ ପାଖକୁ ନ ଯାଇ ତାନ୍ତ୍ରିକ ଓ ଭଣ୍ଡ ବାବାଙ୍କ ପାଖକୁ ଯାଇ ଅନେକ ଯୁବତୀ ବଳାତ୍କାରର ଶିକାର ହେଉଛନ୍ତି। ଆଜି ଅବଶ୍ୟ ଶିକ୍ଷା ଓ ସଚେତନତାର ପ୍ରସାର ଦ୍ୱାରା ମଣିଷ ମନରୁ ଅନ୍ଧବିଶ୍ୱାସ କିଛି ମାତ୍ରାରେ ଦୂର ହୋଇଛି କିନ୍ତୁ ସମ୍ପୂର୍ଣ୍ଣ ଲୋପ ପାଇନି। ଲୋକମାନେ ଅନ୍ଧବିଶ୍ୱାସକୁ ଛାଡ଼ି ବିଜ୍ଞାନମନସ୍କ ହେବା ଆବଶ୍ୟକ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ସରକାର ସମୀକ୍ଷା କରନ୍ତୁ

ଆମ ରାଜ୍ୟରେ ସରକାରୀ ବିଦ୍ୟାଳୟରେ ଶିକ୍ଷାର ମାନ ଏତେ ତଳକୁ ଖସିଗଲାଣି ଯେ ନ କହିବା ଭଲ। ପିଲାଏ ସ୍କୁଲରେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଉତ୍କଳ ଦିବସ ଓ ଗୁରୁ ଦିବସ ଇତ୍ୟାଦି ପାଳନ କରୁଛନ୍ତି। ଅଥଚ ଏସବୁ ଦିବସ କେଉଁ ତାରିଖରେ ପଡ଼େ ତାହା କହି ପାରୁନାହାନ୍ତି। ମହାତ୍ମା ଗାନ୍ଧୀ ଆମ ଜାତିର ପିତା। ତାଙ୍କ ଜନ୍ମ ଦିବସକୁ ଆମେ ପାଳନ କରୁଛୁ। କିନ୍ତୁ ସେ କେଉଁଠି ଏବଂ କେବେ ଜନ୍ମଗ୍ରହଣ କରିଥିଲେ ଆମ ପିଲା କହିପାରୁ ନାହାନ୍ତି। ଅନ୍ୟ ମହାପୁରୁଷଙ୍କ କଥା ଆମେ ଧୀରେ ଧୀରେ ଭୁଲିଗଲୁଣି। ପିଲାଙ୍କ ପାଠ୍ୟ ଖସଡାରେ ମଧ୍ୟ ମହାପୁରୁଷଙ୍କ ଜୀବନୀକୁ ସ୍ଥାନିତ କରାଯାଉନାହିଁ। ସ୍କୁଲଗୁଡ଼ିକୁ ଦଣ୍ଡମୁକ୍ତ ଆଉ ଅଣ୍ଡାଯୁକ୍ତ ଘୋଷଣା କରାଯାଇଛି। ଶିକ୍ଷକଙ୍କ ନାଁରେ କମ୍ପ୍ଲେନ କରିବାକୁ ଟୋଲ ଫ୍ରି ନମ୍ବର ସ୍କୁଲ କାନ୍ଥରେ ଲେଖାଯାଇଛି। କେତେକ ଘରୋଇ ସ୍କୁଲରେ ନୈତିକ ଶିକ୍ଷା ଦିଆଯାଉଛି। ପିଲାମାନେ ଭଦ୍ର ଏବଂ ସଂସ୍କୃତିସମ୍ପନ୍ନ। ଅଭିଭାବକମାନେ ସରକାରୀ ସ୍କୁଲକୁ ଆଉଆଖିରେ ଅନାଉ ନାହାନ୍ତି। ଅଧିକ ଖର୍ଚ୍ଚ ହେଲେ ବି ଘରୋଇ ବିଦ୍ୟାଳୟରେ ପଢ଼ାଇ ପିଲାମାନଙ୍କୁ ଯୋଗ୍ୟ କରିବାର ବ୍ୟବସ୍ଥା କରୁଛନ୍ତି। ସରକାରୀ ବିଦ୍ୟାଳୟରେ ଆମ ପିଲା କାହିଁକି ପଛୁଆ ହେଉଛନ୍ତି, ଘରୋଇ ସ୍କୁଲ ପିଲା ସବୁ କ୍ଷେତ୍ରରେ ଏତେ ଆଗୁଆ କାହିଁକି, ସରକାର ତା'ର ସମୀକ୍ଷା କରନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପୂର୍ବତନ ବଲିଉଡ୍ ଅଭିନେତ୍ରୀ ଟିନା ଅମ୍ବାନୀ ୬୩ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୫୭ ଫେବୃୟାରୀ ୧୧ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ୧୯୭୮ରେ ଦେବ ଆନନ୍ଦଙ୍କ ଫିଲ୍ମ ଦେଶ୍ ପରଦେଶ୍‌ରେ ଟିନା ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ତେବେ ଋଷି କପୁରଙ୍କ ସହିତ ତାଙ୍କ ଅଭିନୀତ ଫିଲ୍ମ କର୍ଜ ଏବଂ ସଞ୍ଜୟ ଦତ୍ତଙ୍କ ସହିତ ରକି ଫିଲ୍ମ ଟିନାଙ୍କୁ ଦେଇଥିଲା ସ୍ୱତନ୍ତ୍ର ପରିଚୟ। ୧୯୯୧ ଫେବୃୟାରୀରେ ଟିନା ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ବିବାହ କରିବା ପରେ ବଲିଉଡ୍‌ରୁ ଦୂରେଇ ଯାଇଥିଲେ।

## ସାରା ଅଲି ଖାନ୍



# ନ୍ୟୁୟର୍କରେ ଡେଷ୍ଟିନେଶନ ୱେଡିଂ କରିବେ ସାରା

**ମୁମ୍ବାଇ:** ନିଜ ବିବାହକୁ ନିଆରା ଓ ସ୍ୱତନ୍ତ୍ର କରିବାର ସ୍ୱପ୍ନ ସବୁ ଝିଅ ଦେଖିଥାନ୍ତି। ବି-ଟାଉନ୍ ଆକ୍ଟ୍ରେସ୍‌ମାନଙ୍କର ମଧ୍ୟ ଏଭଳି ସ୍ୱପ୍ନ ରହିଛି। ତେବେ ସାରା ଅଲି ଖାନ୍ ଏଥିରୁ କିପରି ବାଦ୍ ଯାଇଥାନ୍ତେ। ସେ ମଧ୍ୟ ନିଜ ବିବାହକୁ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି। ଆପଣ ଯଦି ସାରାଙ୍କ ଫ୍ୟାନ୍ ତେବେ ଖୁସି ହୋଇଯାଆନ୍ତୁ, ଆମେ ଆପଣଙ୍କୁ ଜଣାଇବୁ ସାରା କିପରି ଓ କେଉଁଠି ବିବାହ କରିବାକୁ ଚାହାନ୍ତି। ଆଜିକାଲି ସୁନ୍ଦରୀ ସାରା ନିଜ ଅପ୍‌କମିଂ ଫିଲ୍ମ 'ଲଭ୍ ଆଜ୍ କଲ୍'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଇମ୍‌ତିଆଜ୍ ଅଲି ଦେଇଥିବାବେଳେ କାର୍ତ୍ତିକ୍ ଆର୍ଯ୍ୟନ ଓ ସାରାଙ୍କ ଯୋଡ଼ି ଏଥିରେ ଦେଖିବାକୁ ମିଳିବ। ତେବେ ଫିଲ୍ମ ପ୍ରମୋଶନ ସମୟରେ ନିଜ ବିବାହ ନେଇ ଗଣମାଧ୍ୟମ ପଚାରିଥିବା ପ୍ରଶ୍ନର ମନଖୋଲି ଉତ୍ତର ଦେଇଛନ୍ତି ସାରା। ଯେତେବେଳେ ସାରାଙ୍କୁ ପଚରାଗଲା ସେ କେଉଁଠି ବିବାହ କରିବାକୁ ଚାହାନ୍ତି ? ସେ ଉତ୍ତର ଦେଇଥିଲେ, ନ୍ୟୁୟର୍କରେ ସେ ଡେଷ୍ଟିନେଶନ ୱେଡିଂ କରିବାକୁ ଚାହାନ୍ତି। ତେବେ ଏ କଥା ସମସ୍ତେ ଜାଣନ୍ତି ଯେ, ସାରାଙ୍କୁ ନ୍ୟୁୟର୍କ ବହୁତ ପସନ୍ଦ। ଯେତେବେଳେ ବି ବ୍ୟସ୍ତ ଜୀବନରୁ ସମୟ ପାଆନ୍ତି, ସେ ଆମେରିକା ଛୁଟି କାଟିବାକୁ ଚାଲିଯାଆନ୍ତି। ସେହିଭଳି ସାରାଙ୍କୁ ପୁଣି ପଚରାଯାଇଥିଲା, ସେ ଧୁମ୍‌ଧାମ୍‌ରେ ବିବାହ କରିବାକୁ ଚାହାନ୍ତି କି ? ଏହାର ଉତ୍ତରରେ ସାରା କହିଥିଲେ, ସେ ସାଧାରଣ ଭାବେ ବିବାହ କରିବାକୁ ପସନ୍ଦ କରିବେ। ଅନ୍ୟପଟେ, କାର୍ତ୍ତିକ ଆର୍ଯ୍ୟନଙ୍କ ସହ ରିୟଲ୍ ଲାଇଫ୍‌ରେ ବ୍ରେକ୍‌ଅପ୍ ହୋଇଯାଇଥିଲେ ମଧ୍ୟ ଉଭୟଙ୍କ ଅନ୍‌ସ୍କ୍ରିନ୍ ରୋମାନ୍ସକୁ ନେଇ ଖୁବ୍ ଚର୍ଚ୍ଚା ଚାଲିଛି। ଏନେଇ ଫ୍ୟାନ୍‌ମାନେ ଉଭୟଙ୍କୁ ନିକ୍ ନେମ୍ ମଧ୍ୟ ଦେଇଛନ୍ତି। କାର୍ତ୍ତିକ-ସାରା ନାଁକୁ ନେଇ 'କାରା', 'ସରକାର', 'କରାରା' ଭଳି ନିକ୍ ନେମ୍ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ତେବେ 'ଲଭ୍ ଆଜ୍ କଲ୍' ଫିଲ୍ମ ରିଲିଜ୍ ପୂର୍ବରୁ ଫ୍ୟାନ୍‌ମାନଙ୍କ ଏଭଳି ଭଲପାଇବାକୁ କାର୍ତ୍ତିକ-ସାରା ଉପଭୋଗ କରିବା ସହ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି। ଫିଲ୍ମରେ ଉଭୟଙ୍କ ଜବରଦସ୍ତ ରୋମାନ୍ସ ଦେଖିବାକୁ ମିଳିବ। ଆସନ୍ତା ୧୪ ତାରିଖରେ ଫିଲ୍ମଟି ରିଲିଜ୍ ହେବ। ଏହାଛଡ଼ା ବରୁଣ ଧାୱନଙ୍କ ଅପୋଜିଟ୍‌ରେ 'କୁଲି ନଂ୧' ଫିଲ୍ମରେ ସାରା ନଜରକୁ ଆସିବେ।

# 'କଭି ଇଦ୍ କଭି ଦିୱାଲି'ରେ ପୂଜା

**ମୁମ୍ବାଇ:** ହାଉସ୍ ଫୁଲ୍-୪ ନାୟିକା ପୂଜା ହେଗଡେ ଏବେ ସଲମାନଙ୍କ ଅପୋଜିଟର ନାୟିକା ସାଜିବେ। ୨୦୨୧ ଇଦରେ ପରଦାକୁ ଆସିବାକୁ ଥିବା ସଲ୍‌ମାନ ଖାଁଙ୍କ ଅଭିନୀତ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ସେ ନାୟିକା ଭାବେ ନଜର ଆସିବେ ବୋଲି ଜଣାପଡିଛି। ଫିଲ୍ମ କ୍ରିଟିକ୍ ତରନ୍ ଆଦର୍ଶ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଫର୍‌ହାଦ ସାମ୍‌ଜୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ସାଜିଦ୍ ନାଡିଆଡ୍‌ୱାଲା। ଏହାର କୋ ପ୍ରଡ୍ୟୁସର ଭାବେ ସଲମାନ ଖାଁ, ସେହୋଲ ଖାଁ ଓ ଅତୁଲ ଅଗ୍ନିହୋତ୍ରୀ କାମ କରୁଛନ୍ତି।



# ବିଜ୍ଞାନ ଓ ବିବର୍ତ୍ତନବାଦ

ଇଂଲଣ୍ଡର ପରିବେଶବିତ୍ ଓ ଭୂ-ବିଜ୍ଞାନୀ ଚାର୍ଲ୍ସ ଡାର୍‌ୱିନଙ୍କ ନାମ ଆସିଲା ମାନେ ଆମର ଗୋଟିଏ କଥା ମନେପଡିଯାଏ କି ଆମ ପୂର୍ବପୁରୁଷ ମାଙ୍କଡ଼ ଥିଲେ। ତାଙ୍କ 'ଥିଓରି ଅଫ୍ ଇଭୋଲ୍ୟୁଶନ' ବା ବିବର୍ତ୍ତନବାଦ ବିଜ୍ଞାନକୁ ଏକ ଦାନ ବୋଲି କୁହାଯାଏ। ବିଜ୍ଞାନରେ ଏହାର ଯୋଗଦାନକୁ ସ୍ମରଣ କରି ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ ଅନ୍ତର୍ଜାତୀୟ ଡାରୱିନ ଦିବସ ଭାବେ ପାଳନ କରାଯାଉଛି। ଡାର୍‌ୱିନ୍ ଫେବୃୟାରୀ ୧୨,୧୮୦୯ରେ ଇଂଲଣ୍ଡରେ ଜନ୍ମଗ୍ରହଣ କରିଥିଲେ ଓ ତାଙ୍କ ଦେହାନ୍ତ ହୋଇଥିଲା ଏପ୍ରିଲ ୧୯,୧୮୮୨ରେ। ସେ ୪ରୁ ୫ ବର୍ଷ 'ବିଗଲ' ନାମକ ଏକ ଜାହାଜରେ ସମୁଦ୍ର ଯାତ୍ରା କରି ବିଭିନ୍ନ ଜାଗା ଉପରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ୧୮୫୯ରେ 'ଅରିଜିନ ଅଫ୍ ଦି ସ୍ପେସିସ୍' ଲେଖିଥିଲେ। ସେ ଏଥିରେ ବିଭିନ୍ନ ପ୍ରଜାତିର ଜୀବଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି। ପୃଥିବୀରେ ଦେଖାଯାଉଥିବା ସବୁଜୀବ ଗୋଟିଏ ପୂର୍ବଜରୁ ଆସିଛନ୍ତି ଏବଂ ପ୍ରାଣୀ ଓ ଉଦ୍ଭିଦର ବିବିଧତା ପ୍ରାକୃତିକ ଚୟନ ପ୍ରକ୍ରିୟା,ପ୍ରବ୍ରାଜନ,ପ୍ରଳୟ ଏବଂ ଆନୁବଂଶିକ ପରିବର୍ତ୍ତନରେ ସୃଷ୍ଟି ହୋଇଛି ବୋଲି ତାଙ୍କ ମତ। ଡାର୍‌ୱିନଙ୍କ 'ସର୍ଭାଇଭାଲ ଅଫ୍ ଦି ଫିଟେଷ୍ଟ'ବାକ୍ୟକୁ ସର୍ଭାଇକାଲ ଥିଓରି ଭାବେ ବ୍ୟବହାର କରାଯାଏ। ଜାତିସଂଘ ଦ୍ୱାରା ଏହି ଦିବସରେ ଡାର୍‌ୱିନଙ୍କ ଜୀବନୀ ଓ କାର୍ଯ୍ୟକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଏ। ଉକ୍ତ ଦିବସକୁ ବିଜ୍ଞାନ ଓ ମାନବିକତାର ଦିବସ ଭାବେ ଗ୍ରହଣ କରାଯାଏ। ନବେ ଦଶକର ଶେଷ ଆଡ଼କୁ ଡାର୍‌ୱିନଙ୍କର ତିନି ଜଣ ସମର୍ଥକ ଡ.ରର୍ବଟ ଷ୍ଟିଫାନ୍ସ,ଅମଣ୍ଡା ଚେସୱର୍ଥ ଓ ପ୍ରଫେସର ମାସିମୋ ପିଗ୍‌ଲ୍ୟୁସି ବେସରକାରୀ ଭାବେ 'ଡାରୱିନ ଡେ ସେଲିବ୍ରେଶନ' ଏବଂ ପରେ 'ଡାରୱିନ୍ ଡେ ପ୍ରୋଗ୍ରାମ' ଆରମ୍ଭ କରି ବିବର୍ତ୍ତନବାଦ ଓ ବିଜ୍ଞାନକୁ ଗୁରୁତ୍ୱ ଦେଇଥିଲେ। ଏବେ ଡାରୱିନ ଦିବସ ପାଳନ କରାଯାଉଛି। ଏହି ଦିବସ ଅବସରରେ ବିଶ୍ୱରେ ବିଭିନ୍ନ ଦେଶ ଓ ସଂଗଠନଦ୍ୱାରା ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ।




## ଅନ୍ତର୍ଜାତୀୟ ଡାର୍‌ୱିନ୍ ଦିବସ

# ଶାମ ରୋଲେଙ୍କ ବିରଳ ଫଟୋଗ୍ରାଫି



ଲଣ୍ଡନ ଅଣ୍ଡରଗ୍ରାଉଣ୍ଡ ଷ୍ଟେଶନରେ ଦୁଇଟି ମୂଷାଙ୍କ ମଧ୍ୟରେ ଲଢେଇ ଫଟୋ ୨୦୧୯ର ଲୁମିକ୍ସ ପିପୁଲସ୍ ଚଏସ ଆୱାର୍ଡ ହାସଲ କରିଛି।

ସହରୀ ବନ୍ୟ ଜୀବନର ଅଦ୍ଭୁତ ସମୟ ଓ ମନୋହର ଚିତ୍ରକୁ ସୂଚାଉଥିବା ଲଣ୍ଡନ ଅଣ୍ଡରଗ୍ରାଉଣ୍ଡ ଷ୍ଟେଶନରେ ଦୁଇଟି ମୂଷାଙ୍କ ମଧ୍ୟରେ ଲଢେଇ ଫଟୋ ୨୦୧୯ର ବନ୍ୟପ୍ରାଣୀ ଫଟୋଗ୍ରାଫର ଲୁମିକ୍ସ ପିପୁଲସ୍ ଚଏସ ଆୱାର୍ଡ ବିଜେତା ହୋଇଛି। ପୁରସ୍କାର ଲାଗି ଏହି ଫଟୋ ସପକ୍ଷରେ ୨୮,୦୦୦ ପ୍ରାକୃତିକ ଫଟୋଗ୍ରାଫି ପ୍ରଶଂସକ ଭୋଟ ଦେଇଛନ୍ତି ଏବଂ ଇଂଲଣ୍ଡର ବ୍ରିଶଟଲ ନିବାସୀ ଫଟୋଗ୍ରାଫର ଶାମ ରୋଲେଙ୍କ ଷ୍ଟେଶନରେ ମୂଷାଙ୍କ ଲଢ଼େଇ ଫଟୋଟି ଅଧିକ ପସନ୍ଦଯୋଗ୍ୟ ହୋଇଛି। ଏହି ପୁରସ୍କାର ପାଇଁ ୨୦୧୯ ନିମନ୍ତେ ଉପସ୍ଥାପନ କରାଯାଇଥିବା ୪୮ ହଜାର ଫଟୋ ମଧ୍ୟରୁ ନ୍ୟାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ ଦ୍ୱାରା କରାଯାଇଥିବା ୨୫ ଟି ଫଟୋର ଶର୍ଟଲିଷ୍ଟ କରାଯାଇଥିଲା। ସେଥିରୁ ଶାମ୍‌ଙ୍କ ଫଟୋକୁ ଚୟନ କରାଯାଇଛି। ଏହି ଫଟୋ ନ୍ୟାଶନାଲ ହିଷ୍ଟ୍ରି ମ୍ୟୁଜିୟମରେ ଅନୁଷ୍ଠିତ ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଅଫ ଦି ଇୟର ଏକ୍‌ଜିବିଶନରେ ୩୧ମେ' ୨୦୨୦ରେ ପ୍ରଦର୍ଶନ କରାଯିବ। ଗୋଟିଏ ଭଲ ଫଟୋ ଲାଗି ଶାମ ବହୁ ସପ୍ତାହ ଯାଏ ପ୍ରତି ରାତିରେ ଅନେକ ପ୍ଲାଟଫର୍ମ ଯାଇଛନ୍ତି। ଅନେକ ସମୟ ଧରି ଅପେକ୍ଷା ବି କରିଛନ୍ତି। କିନ୍ତୁ ଖୁବ କମ୍ ସମୟ ଦୁଇଟି ମୂଷାଙ୍କ ମଧ୍ୟରେ ଘଟିଥିବା ଏହି ମୂଷାଙ୍କ୍ ଲଢ଼େଇର ଫଟୋ ଉତ୍ତୋଳନ କରିବା ପରେ ତାଙ୍କ ପତୀକ୍ଷାର ଅବସାନ ଘଟିଥିଲା ଓ ସଫଳ ବି ହୋଇଥିଲେ। ଶାମ ଏହି ପୁରସ୍କାର ଜିତି ବହୁତ ଖୁସି ଅଛନ୍ତି ବୋଲି କହିଛନ୍ତି।

# ନଷ୍ଟ୍ରାଡମସ୍ କରିଥିଲେ କରୋନାଭାଇରସର ଭବିଷ୍ୟବାଣୀ



**ନୂଆଦିଲ୍ଲୀ:** କରୋନା ଭାଇରସ ଏବେ ବିଶ୍ୱବାସୀଙ୍କ ଚିନ୍ତା ବଢାଇ ଦେଇଛି। ଚାଇନାରୁ ଆରମ୍ଭ ହୋଇଥିବା ଏହି କରୋନା ଭାଇରସର ସଂକ୍ରମଣ ଏବେ ସାରା ବିଶ୍ୱକୁ ବ୍ୟାପିବାରେ ଲାଗିଛି। ଏହାର ଆରୋଗ୍ୟକୁ ନେଇ ଏପର୍ଯ୍ୟନ୍ତ କୌଣସି ଔଷଧ ପ୍ରସ୍ତୁତ ନ ହୋଇଥିବା ବେଳେ ଏହାର ଭୟାବହତା ଏବେ ସମସ୍ତଙ୍କୁ ଏକ ପ୍ରକାର ଡରାଇ ଦେଇଛି। କରୋନା ଭାଇରସ ସଂକ୍ରମଣରେ ଚାଇନାରେ ସରକାରୀ ଭାବେ ୧୦୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ ହଜାରରୁ ଉର୍ଦ୍ଧ୍ୱ ଏଥିରେ ସଂକ୍ରମିତ ହୋଇଛନ୍ତି। ଏବେ ଏହାକୁ ଦେଖି କିଏ କେତେ କଥା କହୁଛନ୍ତି। କରୋନା ଭାଇରସ ସମ୍ପର୍କରେ ଫ୍ରାନ୍ସରେ ଜନ୍ମ ନେଇଥିବା ନଷ୍ଟ୍ରାଡମସ୍‌ଙ୍କ ଭବିଷ୍ୟବାଣୀକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ମାଇକ୍ରୋବ୍ଲଗିଙ୍ଗ ସାଇଟ୍‌ରେ କେତେଜଣ ୟୁଜର୍ସ ଦାବି କରିଛନ୍ତି କି, ୪୬୫ ବର୍ଷ ପୂର୍ବରୁ ନଷ୍ଟ୍ରାଡମସ୍ କରୋନା ଭାଇରସ ସମ୍ପର୍କରେ ଭବିଷ୍ୟବାଣୀ କରିଥିଲେ। ଟୁଇଟରରେ ଜଣେ ୟୁଜର ମାର୍କୋ ମଲାକାରା କହିଛନ୍ତି, ବିଶ୍ୱବ୍ୟାପୀ ବନ୍ୟା, ଅଗ୍ନିକାଣ୍ଡ ଓ କରୋନା ଭାଇରସର ଭବିଷ୍ୟବାଣୀ ୪୬୫ ବର୍ଷ ପୂର୍ବରୁ ନଷ୍ଟ୍ରାଡମସ୍ କରିଥିଲେ। ଆଉ ଜଣେ ୟୁଜର ସ୍ପେନ ଭାଷାରେ ଲେଖିଛନ୍ତି, ମାହାମାରୀ ଏବେ ପୃଥିବୀରେ ପାଦ ରଖି ସାରିଛି, ଯାହା ୪୬୫ ବର୍ଷ ପୂର୍ବରୁ ନଷ୍ଟ୍ରାଡମସ୍ ଭବିଷ୍ୟବାଣୀ କରିଥିଲେ। ଆହୁରି ଅନେକ ଥିଓରିଷ୍ଟସ ମଧ୍ୟ କହିଛନ୍ତି, ନଷ୍ଟ୍ରାଡମସ୍ ୧୫ଶ ଶତାବ୍ଦୀରେ ନିଜ ଭବିଷ୍ୟବାଣୀରେ ଏକ ଭୟଙ୍କର ମାହାମାରୀ ବ୍ୟାପିବାର ଆଶଙ୍କା କରିଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ନଷ୍ଟ୍ରାଡମସ୍‌ଙ୍କ ଅନେକ ଭବିଷ୍ୟବାଣୀ ସତ ହୋଇଛି ବୋଲି କୁହାଯାଏ।




# ହଗ୍ ଡେ: ମାନସିକ ଚାପ ହ୍ରାସ କରେ ଆଲିଙ୍ଗନ

**ନୂଆଦିଲ୍ଲୀ:** ଭାଲେଣ୍ଟାଇନ୍ ୱିକ୍‌ରେ ଫେବୃୟାରୀ ୧୨ରେ ପାଳିତ ହେବ ହଗ୍ ଡେ ବା ଆଲିଙ୍ଗନ ଦିବସ। ଆଲିଙ୍ଗନ କେବଳ ପ୍ରେମୀଯୁଗଳଙ୍କ ଭଲ ପାଇବା ତଥା ଆବେଗକୁ ପରିପ୍ରକାଶ କରେ ନାହିଁ। ଏହାଦ୍ୱାରା ଶରୀରର ବହୁ ଉପକାର ହୋଇଥାଏ। ଏହାଦ୍ୱାରା ମାନସିକ ଚାପ ହ୍ରାସପାଇବା ସହିତ ହାର୍ଟ ଆଟାକ୍ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ ଏହାକୁ ଚିକିତ୍ସା ବିଜ୍ଞାନରେ ଆଲିଙ୍ଗନ ଥେରାପି କୁହାଯାଇଥାଏ। ଆଲିଙ୍ଗନ ସମୟରେ ଶରୀରରୁ ଅକ୍ସିଟୋସିନ୍ ନାମକ ହରମୋନ୍ କ୍ଷରଣ ହୋଇଥାଏ। ଏହାଦ୍ୱାରା ମା-ପିଲା, ସ୍ତ୍ରୀ-ସ୍ୱାମୀ, ଭଉଣୀ ଭାଇ ତଥା ପ୍ରେମୀଯୁଗଳଙ୍କ ମଧ୍ୟରେ ସମ୍ପର୍କ ହୋଇଥାଏ ସୁଦୃଢ଼। ଆଲିଙ୍ଗନ ସମୟରେ ଶରୀର ଓ ମନରେ ଖୁସିର ଲହରୀ ଖେଳିଯାଇଥାଏ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଶରୀରର କୌଣସି ଅଙ୍ଗରେ ଯନ୍ତ୍ରଣା ହେଲେ ମସାଜ୍ କରିବାକୁ ପରାମର୍ଶ ଦିଆଯାଇଥାଏ। ଏହାଦ୍ୱାରା ଆରାମ ଲାଗିଥାଏ। ସେହିପରି ମାନସିକସ୍ତରରେ ଯନ୍ତ୍ରଣା ଭୋଗୁଥିଲେ ଏକ ସ୍ନେହପୂର୍ଣ୍ଣ ଆଲିଙ୍ଗନ ମସାଜ୍ ପରି କାମ କରେ। ଦାମ୍ପତ୍ୟ ଜୀବନରେ ଆଲିଙ୍ଗନର ବିଶେଷ ମହତ୍ତ୍ୱ ରହିଛି। ନିବିଡ଼ ଆଲିଙ୍ଗନ ଦାମ୍ପତ୍ୟ ସମ୍ପର୍କର ସମସ୍ତ ଦ୍ୱିଧାବୋଧକୁ ନିମିଷକେ ଦୂର କରିଦେଇଥାଏ। ତେଣୁ ଆଲିଙ୍ଗନ ଦିବସରେ ମନଖୋଲି ନିଜର ସାଥୀଙ୍କୁ କରନ୍ତୁ ଆଲିଙ୍ଗନ।

# ମାଟି ଭିତରୁ ଗୁଞ୍ଜରିତ ହେବ ବୀରତ୍ୱ ଗାଥା

**ରାଞ୍ଚି:** ମାଟି ଭିତରୁ ଗୁଞ୍ଜରିତ ହେବ ସ୍ୱାଧୀନତା ସଂଗ୍ରାମର ବୀରତ୍ୱ ଗାଥା। ବୀର ବିପ୍ଳବୀଙ୍କ ତ୍ୟାଗ, ସ୍ୱାଭିମାନର କଥା ବଖାଣିବ ୱାର ମ୍ୟୁଜିୟମ୍। ଆଉ ଏହାର ସାକ୍ଷୀ ରହିବ ଝାଡ଼ଖଣ୍ଡର ସର୍କୁଲାର ରୋଡ୍‌ସ୍ଥିତ ବୀର୍ସା ମୁଣ୍ଡା ସ୍ମୃତିପାର୍କ। ସଂଗ୍ରାମୀଙ୍କ ଲୁହଲହୁର ସଂଘର୍ଷକୁ ଜନମାନସରେ ପରିଚିତ କରାଇବାକୁ ବୀର୍ସା ମୁଣ୍ଡା ସ୍ମୃତିପାର୍କ ପରିସରରେ ନିର୍ମାଣାଧୀନ ୱାର ମ୍ୟୁଜିୟମ୍ ଏବେ ପୂର୍ଣ୍ଣାଙ୍ଗ ରୂପ ନେଉଛି। ଖୁବ୍‌ଶୀଘ୍ର ଏହାକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବ ବୋଲି ଜଣାପଡ଼ିଛି।

ଭୂପୃଷ୍ଠରୁ ପାଖାପାଖି ୧୫ମିଟର ଗଭୀରତା ଏବଂ ୩୬୦୦ ବର୍ଗମିଟର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି ଏହି ମ୍ୟୁଜିୟମ୍। ବାହାରୁ ଅତି ସାଧାରଣ ଦେଖାଯାଉଥିବା ଏହି ମ୍ୟୁଜିୟମ୍‌ର ଆଭ୍ୟନ୍ତରୀଣ ସରଞ୍ଜନା ବେଶ୍ ନିଆରା। ର୍ୟାମ୍ପ ସହାୟତାରେ ଏହାର ଭିତରକୁ ଯିବାକୁ ରାସ୍ତା ରହିଛି। ଭିତର ପାର୍ଶ୍ୱର ଦୃଶ୍ୟ ମଧ୍ୟ ବେଶ୍ ଚମତ୍କାର। ଭିତରକୁ ପଶିବା କ୍ଷଣି ଜଣେ ଅତି ନିକଟରୁ ଯୁଦ୍ଧ ଭୂମିର ଦୃଶ୍ୟକୁ ଅନୁଭବ କରିପାରିବେ। ସ୍ୱାଧୀନତା ଆନ୍ଦୋଳନରେ ବଳିଦାନ ଦେଇଥିବା ଝାଡ଼ଖଣ୍ଡର ମହାନ୍ ସଂଗ୍ରାମୀଙ୍କ ସ୍ମୃତିର ନିକଟତର ହେବାକୁ ଏହି ମ୍ୟୁଜିୟମ୍ ଅବସର ସୃଷ୍ଟି କରିବ। ଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଭଳି ଏଠାରେ ସମସ୍ତ ସୁବିଧା



ଉପଲବ୍ଧ ହେବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ ଆଗେଇ ଚାଲିଛି।

ବୀର୍ସା ମୁଣ୍ଡା ପୁରୁଣା ଜେଲ ପରିସରରେ ଥିବା ସ୍ମୃତି ପାର୍କରେ ଏହି ମ୍ୟୁଜିୟମ୍‌ର ନିର୍ମାଣ ଚାଲିଛି। ଏହା ସମ୍ପୂର୍ଣ୍ଣ ହେବାକୁ ପାଖାପାଖି ୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥି ପୂର୍ବରୁ କେବଳ ପାର୍କ ପୁନରୁଦ୍ଧାର କାର୍ଯ୍ୟରେ ୨୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କେବଳ ଏତିକି ନୁହେଁ, ଏଠାକୁ ଆସୁଥିବା ପର୍ଯ୍ୟଟକ ମ୍ୟୁଜିକାଲ ୱାଟର ଫାଉଣ୍ଟେନର ମଜା ନେଇପାରିବେ। ୮ କୋଟି ଟଙ୍କା ବ୍ୟୟରେ ଏହି ଫାଉଣ୍ଟେନର ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଏହି ପାର୍କକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରାଯିବ। ଏଥିରେ ଭୂତଳ ପାର୍କିଂ ସୁବିଧା, ରେଷ୍ଟୁରାଣ୍ଟ, ଫୁଡକୋର୍ଟ ସମେତ ଅନ୍ୟ ସୁବିଧା ରହିବ। ୨୦୧୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ

## ଭୂତଳ ୱାର୍ ମ୍ୟୁଜିୟମ୍

ହେମନ୍ତ ସୋରେନ୍‌ଙ୍କ ନିର୍ଦ୍ଦେଶକ୍ରମେ ପାର୍କର ପୁନରୁଦ୍ଧାର କରାଯାଇଥିଲା। ଉକ୍ତ ସମୟରେ ୪୨ଲକ୍ଷ ଟଙ୍କା ବ୍ୟୟରେ ପାର୍କକୁ ନୂଆ ରୂପ ଦିଆଯାଇଥିଲା। ତେବେ ସରକାର ଏବଂ ନଗର ବିକାଶ ବିଭାଗର ଅଧିକାରୀଙ୍କ ପରିବର୍ତ୍ତନ ପରେ ଏହି ପ୍ରକଳ୍ପ ଖର୍ଚ୍ଚ ଢେର୍ ବଢ଼ିଯାଇ ୬୨ କୋଟିରେ ପହଞ୍ଚିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଫେବୃୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ସମୟ: ୨ଘଣ୍ଟା ୩୦ ମିନିଟ୍ | ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

**୧। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5

(କ) ଅଶ୍ୱତ୍ଥାମା ପାଣ୍ଡବଙ୍କ ମୁଣ୍ଡଛେଦି ଭାରକରି ଆଣୁଥିବା ସମ୍ବାଦ କିଏ ଦୁର୍ଯ୍ୟୋଧନଙ୍କୁ ଦେଇଥିଲେ ?

(ଖ) 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାଟିର ପ୍ରତ୍ୟେକ ପଦ କେଉଁ ନିୟମରେ ରଚିତ ?

(ଗ) କବି କେଉଁମାନଙ୍କୁ ମଧୁରହାସିନୀ ବୋଲି କହିଛନ୍ତି ?

(ଘ) ଉଷାଙ୍କର ପ୍ରଶାନ୍ତ ରୂପ ମନରେ କ'ଣ ଦିଏ ?

(ଙ) କବି କେଉଁଠାରେ ଆଲୋକର ଧାରା ଖେଳାଇବାକୁ କହିଛନ୍ତି ?

**୨। ଶୂନ୍ୟସ୍ଥାନ ପୂରଣ କର।** [1×5=5

(କ) ବାଦୁଡ଼ି ________ କହି ଶୁଣ ଦେବରିପୁ।

(ଖ) ସଙ୍ଗୀତ ________ ନାନାରୂପେ ମନ।

(ଗ) ନମି ଅନୁକମ୍ପା ପୟରେ ବନ୍ଦିଲେ ଉଷାର ପଦ ________।

(ଘ) ଭାଜିପଡୁ ଆଜି ________ ରାଜି, ଘେନ ବିଜୟର ମାଳା।

(ଙ) ଦୁଃଖ ଦଡ଼ମଡ଼ି ________ ମତେ କରିଦେ ତୋ' ପରି ଟାଣ।

**୩। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5

(କ) 'ଜନ୍ମଭୂମି' ପ୍ରବନ୍ଧଟି କେଉଁ ଭାବନାରେ ପରିପୁଷ୍ଟ ?

(ଖ) ସାଧାରଣତଃ ବିଜ୍ଞାନକୁ କେଉଁ ଅର୍ଥରେ ଲୋକମାନେ ବ୍ୟବହାର କରିଥାଆନ୍ତି ?

(ଗ) କେଉଁମାନେ ନିଜର ଅପାରଗତା ପାଇଁ ନିଜକୁ ନ୍ୟୁନ ମନେକରନ୍ତି ?

(ଘ) ପ୍ରଥମଥର ପାଇଁ ଗୁରୁ ରାମକୃଷ୍ଣ ନରେନ୍‌ଙ୍କୁ କାହିଁକି ଧିକ୍କାର କରିଥିଲେ ?

(ଙ) 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପୁସ୍ତକ କିଏ ରଚନା କରିଥିଲେ ?

**୪। 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପ୍ରାଚୀ ସମିତି | ଫକୀରମୋହନ ସେନାପତି |
| ଉତ୍ତରକକ୍ଷ | ପଥପ୍ରଦର୍ଶକ |
| ରିଙ୍ଗ୍‌ଲିଡ଼ର | ମେଘ |
| ବିଜ୍ଞାନ | ଧରଣୀ |
| ସ୍ତୂପୀକୃତ | ସଚ୍ଚିଦାନନ୍ଦ ରାଉତରାୟ |
| | ଆର୍ତ୍ତବଲ୍ଲଭ ମହାନ୍ତି |

**୫। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5

(କ) କିଏ ମୁକ୍ତି ଖୋଜିଥାଏ ଓ ସେ ମୁକ୍ତିପାଇଁ କ'ଣ କରେ ?

(ଖ) ରାଜଜେମା ନିଜର କୃତଜ୍ଞତା ଜଣାଇଲେ କାହିଁକି ?

(ଗ) ନଡ଼ିଆ ବଣଭିତରେ କାହାର ଧଳାକୋଠାଟା ଚକ୍‌ମକ୍ କରୁଛି ?

(ଘ) ଜୟଦେବବାବୁ ଓ ମିଶ୍ରବାବୁ ଦୁହିଁଙ୍କର ଚରିତ୍ର ମଧ୍ୟରେ କି ପାର୍ଥକ୍ୟ ଦେଖାଯାଏ ?

(ଙ) ଉତ୍ତରାଧିକାରୀଙ୍କ ସଂପର୍କରେ ମନ୍ତ୍ରୀଙ୍କ ମତ କ'ଣ ଥିଲା ?

**୬। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5

(କ) ନରସିଂହ ଦେବ ଚନ୍ଦ୍ରଭାଗାରେ ଏକ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରନ୍ତୁ – ଏହା କାହାର ଶେଷଇଚ୍ଛା ଥିଲା ?

(ଖ) ସୁନ୍ଦ-ଉପସୁନ୍ଦଙ୍କ ପିତାମହ କିଏ ଥିଲେ ?

(ଗ) "ମୁଁ ପଲକ ମାତ୍ରକେ ଚରାଚର ଉଚ୍ଛନ୍ନ କରିଦେବି" – ଏ ଉକ୍ତିଟି କିଏ କହିଛନ୍ତି ?

(ଘ) ହଁ ବାବା, ସେଇ ଗୋଟିକ ତ ଠାକୁରେ ଆମକୁ ଦେଇଛନ୍ତି – ଏ ଉକ୍ତିଟି ଧରମା ମା' କାହାକୁ କହିଛି ?

(ଙ) "ସମୁଦ୍ର ଜୁଆର ନିଜ ଇଚ୍ଛାରେ ଭଟ୍ଟ ପଡ଼େ ସିନା, କେହି ବଳ ପ୍ରୟୋଗରେ ଭଟ୍ଟା ପକାଇ ପାରିବ ନାହିଁ।" – ଏ ଉକ୍ତିଟି କାହାର ?

**୭। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5

(କ) ବାକ୍ୟ କାହାକୁ କହନ୍ତି ?

(ଖ) ବାକ୍ୟରେ ସମ୍ବନ୍ଧ ପଦ କେଉଁଠାରେ ବସେ ?

(ଗ) ଜେଜେ ଆସିବେ ଓ ଆମେ ସମସ୍ତେ ଖୁସି ହେବୁ। – ଏହାକୁ ସରଳ ବାକ୍ୟରେ ପ୍ରକାଶ କର।

(ଘ) ତନୁଜା ନାଚୁ। – ଏହାକୁ ଭାବ ବାଚ୍ୟରେ ରୂପାନ୍ତର କର।

(ଙ) ଅତି ଅଧିକ ବକ୍ତବ୍ୟ ସ୍ପୃହଣୀୟ ନୁହେଁ। – ସଂକ୍ଷେପରେ ପ୍ରକାଶ କର।

**୮। ଅଶୁଦ୍ଧି ସଂଶୋଧନ କର।** [1×5=5

(କ) ବିଷର୍ଜନ

(ଖ) କ୍ଷୁନ୍ନ

(ଗ) କାର୍ପଣ୍ୟତା

(ଘ) ଜନତାମାନଙ୍କର

(ଙ) ଅଧୀନସ୍ଥ

**୯। ନିମ୍ନଲିଖିତ ରୂଢ଼ି / ଲୋକବାଣୀର ଅର୍ଥ ଲେଖ।** [1×5=5

(କ) ଶୋଇଲା ପୁଅର ଭାଗ ନାହିଁ

(ଖ) ହଲିଲା ପାଣିରେ ଗୋଡ଼ ନ ଦେବା

(ଗ) ଅଦା ବେପାରୀର ଜାହାଜ ମୂଲ

(ଘ) ମନ ଘର ଧରିବା

(ଙ) ଆ ବଳଦ ମୋତେ ବିନ୍ଧ୍

**୧୦। ଠିକ୍ ଥିଲେ ☑ ଚିହ୍ନ ଓ ଭୁଲ୍ ଥିଲେ ☒ ଚିହ୍ନ ଦିଅ।** [1×5=5

(କ) ମିତ୍ରାକ୍ଷର ଛନ୍ଦ ଚାରିଭାଗରେ ବିଭକ୍ତ।

(ଖ) ଚୋଖି ଛନ୍ଦରେ ଚାରିପଦରେ ଏକ ପଦ ହୁଏ।

(ଗ) ଶଙ୍କରାଭରଣ ଛନ୍ଦର ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ଚଉଦ।

(ଘ) ଅହିମକର ତାପ ନାଶେ ଶୋଭା ସାରସ ଚକ୍ରେ
ଅହିମକର ତାପ ନାଶେ ଶୋଭା ସାରସ ଚକ୍ରେ – ଏଥିରେ ଶ୍ଳେଷ ଅଳଙ୍କାର ପ୍ରଯୁକ୍ତ।

(ଙ) ଉତ୍ପ୍ରେକ୍ଷା ଅଳଙ୍କାରରେ ଉପମାନ ଉପମେୟ ଉଭୟର ସାଦୃଶ୍ୟ ବର୍ଣ୍ଣନା କରାଯାଇଥାଏ।

### PART – II (SUBJECTIVE)

**11. (କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ।** [7

'ଜାଗ ବନ୍ଧନହରା' କବିତାର ସାରମର୍ମ ଆଲୋଚନା କର।

**କିମ୍ବା,** ପଠିତ କବିତା ଅବଲମ୍ବନରେ ମାଟିପ୍ରତି କବିଙ୍କ ଦୃଷ୍ଟିଭଙ୍ଗୀର ପରିଚୟ ଦିଅ।

**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ (ପ୍ରାୟ ୫୦ଟି ଶବ୍ଦରେ)।** [5

"କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?"

**କିମ୍ବା,** "ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ।"

**12. (କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ।** [7

ଜନ୍ମଭୂମିକୁ ଫେରିଯିବା ପାଇଁ ନୈତିକ ସାହସ ନାହିଁ ବୋଲି ଲେଖକ କାହିଁକି ଭାବିଛନ୍ତି ?

**କିମ୍ବା,** ପଠିତ ପ୍ରବନ୍ଧକୁ ଭିତ୍ତି କରି ମାତୃଭାଷାର ପ୍ରସାର ପାଇଁ ଲେଖକଙ୍କ ଚିନ୍ତନ ପ୍ରୟାସର ବିଶ୍ଳେଷଣ କର।

**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ (ପ୍ରାୟ ୫୦ଟି ଶବ୍ଦରେ)।** [5

"ସନ୍ନ୍ୟାସୀ ରୂପ ଭିତରୁ ସେନାପତି କିନ୍ତୁ ଧରାପଡ଼ି ଯାଉଥିଲେ।"

**କିମ୍ବା,** "ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ପ୍ରତ୍ୟେକେ ଜାଣିବେ, ସେତେବେଳେ ମୈତ୍ରୀର ଧ୍ୱଜା ଉଡ଼ିବ ।"

**୧୩। ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ।** [10

**(କ) ଛାତ୍ର ଜୀବନ ଓ ସମାଜସେବା**
(ଉପକ୍ରମ – ସମାଜସେବାର ପରିଭାଷା – ସମାଜସେବାର ସ୍ୱରୂପ – ଉପସଂହାର।)

**(ଖ) ଉତ୍କଳର ପର୍ବପର୍ବାଣି**
(ଉପକ୍ରମ – ପର୍ବପର୍ବାଣି ପାଳନର ଆଭିମୁଖ୍ୟ – ବିଭିନ୍ନ ପର୍ବପର୍ବାଣି ଓ ଜନଜୀବନରେ ସେଗୁଡ଼ିକର ପ୍ରଭାବ – ଆଧୁନିକ କାଳରେ ଏହାର ରୂପରେଖ – ଉପସଂହାର)

**(ଗ) ଦୂରଦର୍ଶନ:**
(ଉପକ୍ରମ – ଦୂରଦର୍ଶନର ଉଦ୍ଭାବନ – ଦୂରଦର୍ଶନ କେମିତି କାମ କରେ – ଉପକାରିତା – ଅପକାର – ଉପସଂହାର।)

**୧୪। ପ୍ରାୟ ୧୦୦ଟି ଶବ୍ଦରେ ପତ୍ର ବା ଦରଖାସ୍ତ ଲେଖ।** [6

ପିତାମାତାଙ୍କ ଅବାଧ୍ୟ ନ ହେବାକୁ ପରାମର୍ଶଦେଇ ଦୂରରେ ଥିବା ସାନଭାଇ ନିକଟକୁ ପତ୍ର।

**କିମ୍ବା,** ତୁମ ଅଞ୍ଚଳରେ ଏକ ପଶୁ ଚିକିତ୍ସାଳୟ ଖୋଲିବା ନିମନ୍ତେ ରାଜ୍ୟ ପଶୁ ଚିକିତ୍ସା ନିର୍ଦ୍ଦେଶକଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

**୧୫। ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ ।** [2×5=10

ପୃଥିବୀରେ ଏପରି କେହି ଜଣେ ନାହାଁନ୍ତି, ଯାହାର କି କୌଣସି ଦିଗରେ ପାରଦର୍ଶିତା ନାହିଁ; ଅର୍ଥାତ୍ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ନା କିଛି ଦିଗରେ ପାରଦର୍ଶିତା ଅର୍ଜନ ନିମନ୍ତେ ସାମର୍ଥ୍ୟ ଲୁକ୍‌କାୟିତ ହୋଇ ରହିଛି, ତାକୁ କେବଳ ଖୋଜି କାଢ଼ିବା ଦରକାର। ନିଜର ମହତ୍ତ୍ୱ ଦ୍ୱାରା ସମାଜର କଲ୍ୟାଣ ସାଧନ କରିବାକୁ ହେବ। ସେତେବେଳେ ବୁଝିବାକୁ ହେବ ଯେ ମୁଁ କେବଳ ମୋର ନୁହେଁ, ମୁଁ ଏ ସମାଜର, ମୋ ରାଷ୍ଟ୍ରର, ଏ ବିଶାଳ ବିଶ୍ୱର। ସାହିତ୍ୟିକ, ସାଂସ୍କୃତିକ, ଆର୍ଥନୀତିକ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାଭିତ୍ତିକ,ସାଂଗଠନିକ, ପ୍ରଶାସନିକ, ବାଣିଜ୍ୟିକ ଦିଗ ସମେତ ବହୁ ଦିଗ ରହିଛି ଯାହାକୁ ଆମେ ସାମାଜିକ ବିକାଶର ମାନଦଣ୍ଡ ବୋଲି କହିପାରିବା। କୌଣସି ନା କୌଣସି ଦିଗର ବିକାଶ କ୍ଷେତ୍ରରେ ଆମର କିଛି ନା କିଛି ଅବଦାନ ଅଭିନନ୍ଦନୀୟ। ସମାଜକୁ କିଛି ଦେବାର ମାନସିକତା, ନେଇଯିବାର ମାନସିକତା ନୁହେଁ। ନେଇଯିବାର ମାନସିକତା ଆଣିଦିଏ ସଂକୀର୍ଣ୍ଣତା, ସ୍ୱାର୍ଥପରତା ଓ ଆତ୍ମମ୍ଭରିତା। ତାହା ଜୀବନକୁ ଆତ୍ମକୈନ୍ଦ୍ରିକ ଓ ସୁବିଧାବାଦୀ କରିଦିଏ। ନିଜେ ନିଜ ଜାଲରେ ବାନ୍ଧି ହୋଇଯାଇ ଆଉ ଫିଟି ନ ପାରି ଜୀବନ ସରିଯାଏ। ସେ ବଞ୍ଚିବା ଯଥାର୍ଥ ବଞ୍ଚିବା ନୁହେଁ। ସ୍ୱାମୀ ବିବେକାନନ୍ଦଙ୍କ କଥାରେ – "ସଂକୀର୍ଣ୍ଣତା ହିଁ ମୃତ୍ୟୁ। ପ୍ରସାରତା ହିଁ ଜୀବନ।" କେବଳ ମହତ୍ତ୍ୱକୁ ଖୋଜି ପାଇଲେ ହେବ ନାହିଁ ତାହାକୁ ସାମାଜିକ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ଅଧ୍ୟବସାୟ ଆବଶ୍ୟକ। ଅଧ୍ୟବସାୟ ଆତ୍ମବିଶ୍ୱାସ ଆଣେ ଏବଂ ଅଭ୍ୟାସ ଆତ୍ମକର୍ତ୍ତୃତ୍ୱ ଆଣିଦିଏ।

**ପ୍ରଶ୍ନ :**

(କ) କ'ଣ ଖୋଜି କାଢ଼ିବା ଦରକାର ?

(ଖ) କାହାକୁ ଆମେ ସାମାଜିକ ବିକାଶର ମାନଦଣ୍ଡ ବୋଲି କହିପାରିବା ?

(ଗ) ମଣିଷ କେତେବେଳେ ଆତ୍ମକୈନ୍ଦ୍ରିକ ହୋଇଯାଏ ?

(ଘ) ସ୍ୱାମୀ ବିବେକାନନ୍ଦ ଜୀବନ ଓ ମୃତ୍ୟୁ ସମ୍ପର୍କରେ କ'ଣ କହିଥିଲେ ?

(ଙ) ଅଧ୍ୟବସାୟ କାହିଁକି ଆବଶ୍ୟକ ?

### ANSWERS: PART – I (OBJECTIVE)

୧। (କ) ଦୃଢ଼କ୍ଷ (ଖ) 'ବ' ଆଦ୍ୟବର୍ଣ୍ଣ (ଗ) ଦିଗଙ୍ଗନା (ଘ) ବିଶ୍ୱାସ (ଙ) ଲକ୍ଷ ଜୀବନରେ

୨। (କ) ରାବଣେ (ଖ) ଆବେଶେ (ଗ) ସବିନୟରେ (ଘ) ଅର୍ଗଳ (ଙ) ସହିବାକୁ

୩। (କ) 'ଜନ୍ମଭୂମି' ପ୍ରବନ୍ଧଟି 'ବସୁଧୈବ କୁଟୁମ୍ବକମ୍' ଭାବନାରେ ପରିପୁଷ୍ଟ। (ଖ) ସାଧାରଣତଃ ଜଡ଼ ଓ ଜୀବନ୍ତ ବିଷୟରେ ସୁସଂବଦ୍ଧ, ଶୃଙ୍ଖଳିତ ସମ୍ୟକ୍ ଜ୍ଞାନକୁ ଲୋକମାନେ ବିଜ୍ଞାନରୂପେ ବ୍ୟବହାର କରିଥାଆନ୍ତି। (ଗ) ଇଂରେଜି ପଢ଼ିପାରୁ ନଥିବା ଲୋକମାନେ ନିଜର ଅପାରଗତା ପାଇଁ ନିଜକୁ ନ୍ୟୁନ ମନେକରନ୍ତି। (ଘ) ନରେନ୍ ଆତ୍ମମୁକ୍ତି ଚାହୁଁଥିଲେ, ତେଣୁ ଗୁରୁ ରାମକୃଷ୍ଣ ନରେନ୍‌ଙ୍କୁ ଧିକ୍କାର କରିଥିଲେ। (ଙ) 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପୁସ୍ତକ ପଣ୍ଡିତ ନୀଳକଣ୍ଠ ଦାସ ରଚନା କରିଥିଲେ।

୪।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପ୍ରାଚୀ ସମିତି | ଆର୍ତ୍ତବଲ୍ଲଭ ମହାନ୍ତି |
| ଉତ୍ତରକକ୍ଷ | ସଚ୍ଚିଦାନନ୍ଦ ରାଉତରାୟ |
| ରିଙ୍ଗ୍‌ଲିଡ଼ର | ଫକୀରମୋହନ ସେନାପତି |
| ବିଜ୍ଞାନ | ପଥପ୍ରଦର୍ଶକ |
| ସ୍ତୂପୀକୃତ | ମେଘ |

୫। (କ) ଯାହାର ବନ୍ଧନ ଅଛି ସେ ମୁକ୍ତି ଖୋଜିଥାଏ ଏବଂ ସେ ମୁକ୍ତିପାଇଁ ନାନାରକମର ସାଧନା କରନ୍ତି। (ଖ) ରାଜଜେମାଙ୍କ ପିତାଙ୍କ ଇଚ୍ଛାକୁ ଯେହେତୁ ସଭାସଦ୍‌ଗଣ ସ୍ୱୀକାର କରିଛନ୍ତି ତେଣୁ ସେ ନିଜର କୃତଜ୍ଞତା ଜଣାଇଲେ। (ଗ) ସୁରଜମଲ ମାରୁଆଡ଼ିର ଧଳା କୋଠାଟା ନଡ଼ିଆ ବଣ ଭିତରେ ଚକ୍‌ମକ୍ କରୁଛି। (ଘ) ଜୟଦେବ ବାବୁ ମଣିଷସମାଜ ମଧ୍ୟରେ ଏକ ସାଧାରଣ ଚରିତ୍ର ହୋଇଥିବାବେଳେ ମିଶ୍ରବାବୁ ଏକ ଅସାଧାରଣ ଚରିତ୍ର ନ ହେଲେ ବି ସାଧାରଣ ଚରିତ୍ରଠାରୁ ଟିକିଏ ଭିନ୍ନ। (ଙ) ମନ୍ତ୍ରୀଙ୍କ ମତରେ ପୁତ୍ରଭଳି କନ୍ୟାକୁ ମଧ୍ୟ ରାଜସିଂହାସନ ପ୍ରଦାନ କରିବା ପରମ୍ପରା ଏ ରାଜ୍ୟରେ ରହିଛି।

୬। (କ) ଛାୟା ମହାଦେବୀଙ୍କର (ଖ) ହିରଣ୍ୟକଶିପୁ (ଗ) ଶମନ (ଘ) ଆଗନ୍ତୁକଙ୍କୁ (ଙ) ବ୍ରହ୍ମାଙ୍କର

୭। (କ) ଏକ ବା ଏକାଧିକ ପଦ ମିଳିତ ହୋଇ ମନର ଭାବକୁ ସଂପୂର୍ଣ୍ଣ ରୂପେ ପ୍ରକାଶ କଲେ ତାହାକୁ ବାକ୍ୟ କୁହାଯାଏ। (ଖ) ବାକ୍ୟରେ ସମ୍ବନ୍ଧ ପଦ ସମ୍ବନ୍ଧିତ ପଦ ପୂର୍ବରୁ ବସେ। (ଗ) ଜେଜେ ଆସିବା ହେତୁ ଆମେ ସମସ୍ତେ ଖୁସି ହେବୁ। (ଘ) ତନୁଜାର ନାଚ ହେଉ। (ଙ) ଅତ୍ୟଧିକ ବକ୍ତବ୍ୟ ସ୍ପୃହଣୀୟ ନୁହେଁ।

୮। (କ) ବିସର୍ଜନ (ଖ) କ୍ଷୁଣ୍ଣ (ଗ) କାର୍ପଣ୍ୟ / କୃପଣତା (ଘ) ଜନତାର (ଙ) ଅଧୀନ

୯। (କ) କର୍ମକୁଣ୍ଠ ଲୋକ ଜୀବନରେ ହାରିଯାଏ (ଖ) ଗଣ୍ଡଗୋଳରେ ନ ପଶିବା (ଗ) ଅନଧିକାର ଚର୍ଚ୍ଚା (ଘ) ଅସୁବିଧାରେ ପଡ଼ି ସଚେତନ ହେବା (ଙ) ବିପଦକୁ ଡାକି ଆଣିବା

୧୦। (କ) ☒ (ଖ) ☑ (ଗ) ☑ (ଘ) ☒ (ଙ) ☒

### ANSWERS: PART – II (SUBJECTIVE)

୧୧। (କ) ମାର୍କସୀୟ ଚିନ୍ତାଧାରାରେ ଅନୁପ୍ରାଣିତ ଓ ଓଡ଼ିଶାରେ ସାମ୍ୟବାଦ ଭାବଧାରାର ଭଗୀରଥ ଭଗବତୀଚରଣଙ୍କ ସଂସ୍ପର୍ଶରେ ଆସି ସମାଜ ରାଜନୈତିକ ଦର୍ଶନକୁ ଆଧାର କରି ଅନନ୍ତ ପଟ୍ଟନାୟକ ନିଜକୁ ଜଣେ ପ୍ରଗତିବାଦୀ କବି ଭାବରେ ପ୍ରତିଷ୍ଠିତ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ 'ଅବାନ୍ତର' କବିତା ପୁସ୍ତକ ସହିତ ରକ୍ତଶିଖା, ଛାଇର ଛିଟା, ଅଲୋଡ଼ା ଲୋଡ଼ା, କିଞ୍ଚିତ ଆଦି ତାଙ୍କ କାବ୍ୟକୃତିର ସାର୍ଥକ ପରିଚୟ।

ଉଦ୍‌ବୋଧନମୂଳକ କବିତା 'ଜାଗ ବନ୍ଧନହରା'ରେ କବି ଏକ ଶ୍ରେଣୀହୀନ ସମାଜ ପାଇଁ ଆଶାବାଦୀ। ସ୍ୱପ୍ନ ଦେଖି ସ୍ୱପ୍ନକୁ ସାକାର କରିବାର ସାମର୍ଥ୍ୟ କେବଳ ତରୁଣମାନଙ୍କର ରହିଛି। କ୍ଷୟଶୀଳ, ପରଂପରା ପୀଡ଼ିତ ସମାଜ ବ୍ୟବସ୍ଥା ବିରୋଧରେ ସଂଗ୍ରାମ କରି ବିଜୟଲାଭ କରିବାପାଇଁ କବି ତରୁଣଗୋଷ୍ଠୀକୁ ଆହ୍ୱାନ କରି ଗାଇଛନ୍ତି –

"ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନହରା ....."

ଯୁଗଯୁଗ ଧରି ପୀଡ଼ିତ ମଣିଷର ଦୁଃଖ କବି ହୃଦୟକୁ ଆନ୍ଦୋଳିତ କରିଛି। ସର୍ବହରା ଜନତାକୁ ସେମାନଙ୍କ ଭାଗ୍ୟବାଦର ଭାବନାରୁ ମୁକ୍ତ କରିବାକୁ କବି ତରୁଣମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ନିର୍ଭୀକ ତରୁଣ ମୃତ୍ୟୁଦୁଆରେ ସଦର୍ପରେ ଠିଆହୋଇ ଜୀବନର ଅମର ସଂଗୀତ ଗାନକରନ୍ତୁ ବୋଲି କବି ଇଚ୍ଛାକରିଛନ୍ତି। ଜଡ଼ ଜନତାର ହୃଦୟରେ ଚେତନାର ପ୍ରଦୀପ ଜଳାଇ ଚନ୍ଦ୍ର-ସୂର୍ଯ୍ୟ-ତାରାଦିଙ୍କୁ ଶଙ୍କିତ କରାଇବାକୁ କବି ତରୁଣମାନଙ୍କୁ ପ୍ରୋତ୍ସାହିତ କରି କହିଛନ୍ତି–

"ସ୍ପନ୍ଦନ ବହି ଅନ୍ତରେ କୋଟି ପ୍ରଦୀପ ଉଚ୍ଚେ ଧର
ଶଂକିତ ହେଉ କଂପିତ ପ୍ରାଣେ ଚନ୍ଦ୍ର ତପନ ତାରା।"

ନୂତନ ସମାଜର ସନ୍ଧାନ ପଥ କଣ୍ଟକିତ, ପୁଣି ମୋହ ମମତାର କୁହେଳିକା ପଥଭ୍ରଷ୍ଟ କରିବାର ନିଶ୍ଚିତ ସମ୍ଭାବନାକୁ ଏଡ଼େଇବାକୁ ପଡ଼ିବ। ମହାପୁରୁଷମାନଙ୍କ ମହତ୍‌ବାଣୀ ରୂପକ ଶଙ୍ଖନାଦରେ ସମାଜର ପରିବର୍ତ୍ତନ ଅବଶ୍ୟ ସମ୍ଭବ ହେବ। ତରୁଣମାନେ ମାନବବାଦର ଝଡ଼ ସୃଷ୍ଟି କରି ଜୀର୍ଣ୍ଣ ସମାଜର ଶୀର୍ଣ୍ଣ ମଣିଷକୁ ଜାଗ୍ରତ କରାନ୍ତୁ। ମରୁପଥରେ ସୃଷ୍ଟି କରନ୍ତୁ ନିର୍ଝର। ବିଦ୍ରୋହରୂପକ ରଥଚକ ତଳେ ଧୂଳିସାତ୍ ହେଉ ପୀଡ଼ାର ପର୍ବତ। ପରଂପରାର ଅର୍ଗଳ ଭାଙ୍ଗି ନ୍ୟାୟ ଯୁଦ୍ଧରେ ବିଜୟୀ ହୋଇ ତରୁଣ ବିଜୟର ଜୟମାଲ୍ୟ ପିନ୍ଧୁ ବୋଲି କହି କବି ଗାଇଛନ୍ତି-

"ଭାଜି ପଡୁ ଆଜି ଅର୍ଗଳରାଜି
ଘେନ ବିଜୟର ମାଳା ଜାଗ ବନ୍ଧନହରା।"

**କିମ୍ବା,** ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ସ୍ୱାଧୀନତା ପରବର୍ତ୍ତୀ ଲୋକପ୍ରିୟ ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀ ବେଶ୍ କିଛି ପାଠକଙ୍କୁ ରୁଣ୍ଡେଇଛନ୍ତି। ସାବଲୀଳ ଭାଷା ଭିତରେ ପ୍ରତିଭାତ ହୋଇଛି ସ୍ୱଦେଶପ୍ରୀତି, ସାଂସ୍କୃତିକ ଚେତନା, ଜୀବନବୋଧ, ଆଧ୍ୟାତ୍ମିକ ଭାବନା। କନକାଞ୍ଜଳି, ବିହାୟସୀ ପ୍ରଭୃତି ସୃଷ୍ଟି ନିଚୟ ଓଡ଼ିଆ ସାହିତ୍ୟକୁ କବିଙ୍କର ଅବଦାନ ନିଶ୍ଚୟ ପ୍ରଶଂସନୀୟ।

ମାଟି ସହିତ ମା'କୁ ତୁଳନା କରି କବି ଏକ ଅନୁପମ ଉପମା ଦେଇଛନ୍ତି ଆଲୋଚ୍ୟ କବିତା 'ସର୍ବଂସହା ମାଟି'ରେ। କବିଙ୍କ ଉପଲବ୍ଧିରେ ମାଟି ମମତାରୂପିଣୀ ମାଆସ୍ୱରୂପା। ସେ ସର୍ବଂସହା କେବଳ ନୁହେଁ, ସମଦୃଷ୍ଟିସଂପନ୍ନା। ସନ୍ତାନଙ୍କ ଅଳିଅଝଟ ସହିବାରେ ତା' ମାତୃତ୍ୱର ସାର୍ଥକତା, ମମତା ବାଣ୍ଟିବାରେ ମନରେ ନଥାଏ କପଟତା। ଛାତିର ମଧୁର ଜଳରେ, ମନ୍ଦ ମଳୟରେ, ସୁମିଷ୍ଟ ଫଳରେ ସନ୍ତାନ ଦେହରେ ଭରିଦିଏ ଶକ୍ତି, ମନରେ ଆଣିଦିଏ ତୃପ୍ତି। କଅଁଳ ଘାସର କୋମଳ ଶଯ୍ୟା, ଦେହ ଦୁଃଖ ପାଇଁ ଔଷଧୀୟ ବୃକ୍ଷଲତାର ଚେରମୂଳି, ମନସୁଖ ପାଇଁ ନଦୀ ସମୁଦ୍ରରେ ସାଇତିରଖିଛି ନାନାପ୍ରକାର ହସକଥା। ତା' ବଣପକ୍ଷୀର କାକଳିରେ ଆନମନା ହୁଏ ମନ। ସର୍ବ ସୁଖଦାୟିନୀ ମାଟି ମା'ର କୋଳ ନିକଟରେ କବି ସ୍ୱର୍ଗ ସୁଖକୁ ତୁଚ୍ଛ ମଣି କହିଛନ୍ତି-

"ସରଗ ଡାକିଲେ ମନ ବଳେ ନାହିଁ ଛାଡ଼ିବାକୁ ତୋର କାଖ।"

କବି ମାଟିକୁ ବାତ୍ସଲ୍ୟମୟୀ, ଶକ୍ତିପ୍ରଦାୟିନୀ, ଆନନ୍ଦଦାୟିନୀ, ମନୋରଞ୍ଜନକାରିଣୀ, ପ୍ରେରଣା ପ୍ରଦାୟିନୀ ଭାବେ ଗ୍ରହଣକରିଛନ୍ତି। ବାସ୍ତବରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଅଯୋଧ୍ୟାକୁ ଫେରିଲାବେଳେ କହିଥିଲେ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ"।

ମାଟି ମା'ର ଶରୀର ପଥରପରି କଠିନ ହେଲେ ବି ହୃଦୟ ତା'ର କଅଁଳ ପତ୍ରପରି କୋମଳ। ସନ୍ତାନର ଅଳିଅର୍ଦ୍ଦଳିରେ ତା'ର କ୍ଷୋଭ ନଥାଏ, କ୍ଷୁବ୍ଧ ବି ହୁଏନାହିଁ। ତେଣୁ କବି ତା' ସହନଶୀଳତା ଗୁଣରୁ କାଣିଚାଏ ମାଗିଛନ୍ତି ଜଗତ ମଙ୍ଗଳରେ ନିଜକୁ ନିୟୋଜିତ କରିବା ଲକ୍ଷ୍ୟରେ। ବୀର ପ୍ରସବିନୀ, ଦେବଭୂମି, ବେଦଭୂମି ଭାରତବର୍ଷ ହେଉଛି କବିଙ୍କର ମାଟି ମାଆ। ସେହି ମାଟି ମା'ର ପବିତ୍ର ପାଦଧୂଳି ମୁଣ୍ଡରେ ବୋଳି ତା'ର ଯଶ ରଖିବାକୁ କବିଙ୍କର ପ୍ରତିଜ୍ଞାବଦ୍ଧତା ଅନ୍ତରାଳରେ ରହିଛି ଦେଶସେବା ପାଇଁ ଦେଶବାସୀଙ୍କୁ ଆହ୍ୱାନ। କବିଙ୍କ ଭାଷାରେ– "ତୋର ପାଦଧୂଳି ମୁଣ୍ଡେ ହୋଇ ବୋଳି ରଖିବି ତୋହର ନାଆଁ।"

(ଖ) "କଳି ଉପଦ୍ରବେ ............. ଭଜିଲେ ଆଶ୍ରୟ ?"

ଉକ୍ତ ପଦ୍ୟାଂଶଟି 'ଚିଲିକାରେ ସାୟନ୍ତନ' କବିତାରୁ ଆନୀତ। କବିତାଟି କବିବର ରାଧାନାଥଙ୍କ ରଚିତ ପ୍ରକୃତିକାବ୍ୟ 'ଚିଲିକା'ର ଅଂଶବିଶେଷ। ଏଠାରେ କବି ସମାଜର ଅଶାନ୍ତବଳୟ ମଧ୍ୟରେ ସନ୍ତୁଳି ହେଉଥିବା ମଣିଷପାଇଁ ଚିଲିକା ତୀର ହିଁ ପ୍ରକୃତ ଶାନ୍ତିର ସ୍ଥାନ ବୋଲି ବର୍ଣ୍ଣନା କରିଛନ୍ତି।

ଯୁଗେ ଯୁଗେ ପ୍ରକୃତିରାଣୀ ମାନବ ମନ ଉପରେ ପ୍ରଭାବ ବିସ୍ତାର କରି ତାକୁ ଦେଇ ଆସିଛି ଶାନ୍ତି ଓ ଆତ୍ମସନ୍ତୋଷ। ଆଜି ସମାଜର କଳୁଷିତ ବାତାବରଣ ଭିତରେ ମଣିଷ କାଟୁଛି ଅଶାନ୍ତିର ଜୀବନ। ସମଗ୍ର ଲୋକାଳୟ ଆଜି କଳି ଉପଦ୍ରବରେ ପରିପୂର୍ଣ୍ଣ। ସେହି ଅଶାନ୍ତ ବାତାବରଣକୁ ପରିହାର କରି ମଣିଷ ଯଦି ଚିଲିକାତୀରକୁ ଆସିବ; ତା'ହେଲେ ସେ ନିଶ୍ଚିତ ରୂପସୀ ଚିଲିକାର ଶୋଭାକୁ ଦର୍ଶନ କରି ଶାନ୍ତି ଲାଭକରିବ। ଅପରୂପା ଚିଲିକାର ସାୟଂକାଳୀନ ନୀରବ-ନିସ୍ତବ୍ଧ ତଟଦେଶ, ଜ୍ୟୋତ୍ସ୍ନାପ୍ଲାବିତ ଜଳ, ସ୍ଥଳ ଆକାଶର ଶୋଭା, ତା'ର ଅନ୍ତଃସ୍ଥଳରେ ଦ୍ୱୀପଶୈଳୀର ପ୍ରତିବିମ୍ବ, ଛାୟାମିଶ୍ରିତ କରରେ ମହାଦେବଙ୍କ ପରି ଶୋଭାପାଉଥିବା ବନସ୍ଥଳୀ, ଝରଣାର କୁଳୁକୁଳୁ ନାଦ ସହିତ ଝିଙ୍କାରିର ଝଙ୍କାର ମଣିଷ ମନରେ ଭରିଦେବ ଅସୀମ ଶାନ୍ତି ଓ ତୃପ୍ତି। ସେହି ଶାନ୍ତି ଲାଭକରିବା ପାଇଁ ଶାନ୍ତି ଦେବୀ ଲୋକାଳୟ ତ୍ୟାଗ କରି ଚିଲିକାକୁ ଆଶ୍ରୟ କରିଛନ୍ତି ବୋଲି କବି କଳ୍ପନା କରିଛନ୍ତି। ସର୍ବୋପରି ସାୟଂକାଳୀନ ଚିଲିକାର କମନୀୟ ରୂପମାଧୁରୀ ଯଥାର୍ଥ ଶାନ୍ତିଦାୟକ, ଏହାହିଁ କବିଙ୍କ ଲେଖନୀର ମର୍ମବାଣୀ।

**କିମ୍ବା,** ଶଂସିତ ପଦ୍ୟାଂଶଟି କବିସମ୍ରାଟଙ୍କ 'ବୈଦେହୀଶ ବିଳାସ' କାବ୍ୟାନ୍ତର୍ଗତ ଚତ୍ୱାରିଂଶ ଛାନ୍ଦରୁ ଗୃହୀତ 'ରାଘବଙ୍କ ଯାତ୍ରାନୁକୂଳ' କବିତାରୁ ଉଦ୍ଧୃତ। ରାମଚନ୍ଦ୍ରଙ୍କର ବରୁଣଙ୍କୁ ପ୍ରସନ୍ନ କରିବା ପ୍ରସଙ୍ଗ ଏଠାରେ ବର୍ଣ୍ଣିତ।

ମନ୍ଦମତି ଲଙ୍କପତିଙ୍କ ଦ୍ୱାରା ସତୀ ସୀତା ଅପହୃତା ସଂବାଦ ପାଇବା ପରେ ରାମଚନ୍ଦ୍ର ପତ୍ନୀଙ୍କୁ ଉଦ୍ଧାର କରିବା ପାଇଁ ଚିନ୍ତାକଲେ। ସମୁଦ୍ରରେ ସେତୁ ନିର୍ମାଣ କରି ଲଙ୍କାକୁ ଯିବାର ଯୋଜନା କଲେ। ବାନରମାନେ ବଡ଼ବଡ଼ ପଥରଖଣ୍ଡମାନ ସମୁଦ୍ରକୁ ନିକ୍ଷେପ କଲେ; ମାତ୍ର ସେଗୁଡ଼ିକ ଜଳମଗ୍ନ ହୋଇ ଯାଉଥିଲା। ଏହା ଦେଖି ରାମଚନ୍ଦ୍ର ବ୍ୟଥିତ ତଥା ବିସ୍ମିତ ହେଲେ। ନିରୁତ୍ସାହିତ ରାମଚନ୍ଦ୍ର ଦୀର୍ଘଶ୍ୱାସ ଛାଡ଼ିଲେ। ବିବେକୀ ପୁରୁଷ ରାମଚନ୍ଦ୍ର ଚିନ୍ତାକଲେ, ଜଳାଧିପତି ବରୁଣଙ୍କ ବିନାନୁମତିରେ ସେତୁ ବାନ୍ଧିବାର ପ୍ରଚେଷ୍ଟା ନ୍ୟାୟୋଚିତ ହୋଇ ନାହିଁ। ତେଣୁ ବରୁଣଦେବଙ୍କୁ ପ୍ରସନ୍ନ କରିବା ପାଇଁ ସେ ଅନଶନ କରି କୁଶଶଯ୍ୟାରେ ଶୟନକଲେ।

୧୨। (କ) କାନନର ସବୁଜିମା ଯାହାର ଚୂର୍ଣ୍ଣକୁନ୍ତଳ ହୋଇ ଶୋଭାପାଏ, ପାହାଡ଼ୀ କନ୍ୟା ତଟିନୀ ଯାହାର କଟିଦେଶରେ ମେଖଳା ସାଜେ, ସେହି ଅନନ୍ୟ ରୂପ ମାଧୁରୀ ମୟୂରଭଞ୍ଜର ଖିଚିଂରେ ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଭୂମି ସ୍ପର୍ଶ କରିଥିଲେ। ଜୀବନର ଅନୁଭୂତି ଓ ଅନୁଭବ ତାଙ୍କ ସୃଷ୍ଟିର ଆତ୍ମା। ସତ୍ୟ ସହ ତତ୍ତ୍ୱର ସମନ୍ୱୟ ଓ ଭାଷା ସହିତ ଭାବର ସମ୍ମେଳନ ତାଙ୍କ ପ୍ରବନ୍ଧଗୁଡ଼ିକ ସୁଖପାଠ୍ୟର କାରଣ। ତାଙ୍କ ରଚିତ ପ୍ରବନ୍ଧଗୁଡ଼ିକ ଓଡ଼ିଆ ପ୍ରବନ୍ଧ ବିଭାଗକୁ ସମୃଦ୍ଧ କରିଛନ୍ତି।

କିଏ ଲେଖକଙ୍କର ଜନ୍ମଭୂମି ? ସମଗ୍ର ପୃଥିବୀ, ଏସିଆ ମହାଦେଶ, ଭାରତବର୍ଷକୁ ଲେଖକ ନିଜର ଜନ୍ମଭୂମି ବୋଲି ଅସ୍ୱୀକାର କରି ନାହାନ୍ତି। ଜନନୀଜଠରୁ ଜନ୍ମନେଲାପରେ ଯେଉଁଠି ଭୂମିଷ୍ଠ ହେଲେ, ପ୍ରଥମ ଆଲୋକ, ରୂପରସ ଗନ୍ଧର ଆସ୍ୱାଦନ କଲେ, ଯାହାର ଶାକତଣ୍ଡୁଳରେ ଶରୀର ପୁଷ୍ଟ ହେଲା, ତାକୁ ହିଁ ଅନ୍ତରରେ ଜନ୍ମଭୂମିର ସ୍ଥାନ ଦେଇଛନ୍ତି। ସେଇ ଜନ୍ମଭୂମି ହିଁ ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ।

ଜନ୍ମଭୂମିର ମହାନତା ହୁଏତ ଅପରିପକ୍ୱ ବୟସରେ ହୃଦୟଙ୍ଗମ କରିହୁଏ ନାହିଁ। ବୟସ ବଢ଼ିବା ସହିତ ଜନ୍ମଭୂମି ସହିତ ସଂପର୍କ ନିବିଡ଼ ହେବା କଥା; କିନ୍ତୁ ଲେଖକ ସ୍ୱୀକାର କରିଛନ୍ତି ଯେ, ଆୟୁସୂର୍ଯ୍ୟ ବଢ଼ିବାସହ ତାଙ୍କର ସଂପର୍କ କ୍ଷୀଣ ହେବାରେ ଲାଗିଛି। ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ଧନାର୍ଜନ, ଆତ୍ମପ୍ରତିଷ୍ଠା ତାଙ୍କୁ ଜନ୍ମଭୂମିଠାରୁ ଦୂରେଇଦେଇଛି। ପଲ୍ଲୀଗ୍ରାମରେ ଥିଲାବେଳେ ସାର ମାଉସୀ ଓ ଗୋବିନ୍ଦ ଭାଇର ସ୍ନେହବୋଳା କଥା ଏବେ ବଦଳିଯାଇଛି। ଦୀର୍ଘ ବ୍ୟବଧାନରେ ଗ୍ରାମକୁ ଗଲେ, ଗ୍ରାମର ଅଚିହ୍ନା ଗରିବ ପିଲା ଲେଖକଙ୍କୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ଲେଖକଙ୍କ ଭାଷାରେ – "ଏମାନଙ୍କ ମଧ୍ୟରୁ କେହି ସୁଦ୍ଧା ମତେ ଚିହ୍ନନ୍ତି ନାହିଁ। କେବେ ଦେଖାହେଲେ ଆଫ୍ରିକାର ନବାଗତ ଜେବ୍ରା ବା ଜିରାଫ୍‌କୁ ଚାହିଁରହିଲାପରି ସେମାନେ ମତେ ଖାଲି ଚାହିଁରୁହନ୍ତି।"

ସହରର ଜୀବନଶୈଳୀ ପଲ୍ଲୀଗ୍ରାମରେ ଦୁଃସ୍ୱପ୍ନ। ପଲ୍ଲୀଗ୍ରାମର କର୍ମ ଯୋଜନାରେ ବା ଗ୍ରାମର ଯୁବକମାନଙ୍କ ବିକୃତ ମାନସିକତାସହ ଲେଖକ ଖାପଖୁଆଇ ପାରିନାହାନ୍ତି। ଗ୍ରାମର କର୍ମ ଯୋଜନାରେ ସାମିଲ୍ ହେବାକୁ ତାଙ୍କର ଭୌତିକ ବଳ ଥିଲେ ମଧ୍ୟ ନୈତିକ ସାହସ ନାହିଁ, କାରଣ ପଲ୍ଲୀଗ୍ରାମଠାରୁ ସମସ୍ତ ପ୍ରକାର ସଂପର୍କ ଛିନ୍ନ କରି ସେ ମୂଲ୍ୟହୀନ ଆଭିଜାତ୍ୟ ଜୀବନକୁ ଆପଣେଇ ନେଇଛନ୍ତି।

**କିମ୍ବା,** ଓଡ଼ିଆ ଗଦ୍ୟ ବିଭାଗକୁ କଳା କୌଶଳରେ ରୁଚିକର କରାଇପାରିଥିବା ଲେଖକ ହେଉଛନ୍ତି ଗୋଲୋକବିହାରୀ ଧଳ। ଜଣେ ଭାଷାବିଜ୍ଞାନୀ ଭାବରେ ଓଡ଼ିଆ ଭାଷାପ୍ରତି ମୋହକୁ ଏଡ଼ାଇପାରି ନାହାନ୍ତି। ଓଡ଼ିଆ ଭାଷାର ସ୍ଥାଣୁତାର କାରଣ ଓ ତା'ର ପ୍ରସାର ସଂପର୍କରେ ଯେଉଁ ଚିନ୍ତନ କରିଛନ୍ତି ତାହା ଏଠାରେ ଆଲୋଚ୍ୟ।

ଲେଖକ ଶ୍ରୀ ଧଳଙ୍କ ମତରେ ମାତୃଭାଷାର ଉନ୍ନତିରେ ଦେଶର ପ୍ରଗତି ନିର୍ଭରକରେ। ଅନ୍ନବସ୍ତ୍ରପରି ମଣିଷ ପାଇଁ ଏହା ଏକାନ୍ତ ପ୍ରୟୋଜନ। ଚିନ୍ତାନାୟକ ଗାନ୍ଧିଜୀ ଯଥାର୍ଥରେ କହିଥିଲେ- ମାତୃଭାଷା ମାତୃସ୍ତନ୍ୟ ପରି ମୂଲ୍ୟବାନ। ବିଭିନ୍ନ ସମୟରେ ବସିଥିବା ଭାଷା କମିଟି ମଧ୍ୟ ଅନୁରୂପ ମତ ଦେଇଥିଲେ; କିନ୍ତୁ ଦୁଃଖର କଥା ଯେ ଓଡ଼ିଆ ଭାଷାର ପ୍ରସାର ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ।

ଲେଖକଙ୍କ ମତରେ ଇଂରେଜ ପଢୁଆ ବାବୁମାନେ ଯଦି ମାତୃଭାଷାର ଉନ୍ନତି ପାଇଁ ଉଦ୍ୟମ କରନ୍ତେ; ତେବେ ମାତୃଭାଷାର ପ୍ରସାର ହୋଇପାରନ୍ତା। ସେମାନେ ବୁଝିବା ଦରକାର ଯେ, ମାତୃଭାଷାରେ ଯେଉଁ କାମ ସହଜ ଓ ଅଳ୍ପ ସମୟରେ ହୋଇପାରିବ, ଅନ୍ୟ କୌଣସି ବିଦେଶୀ ଭାଷାରେ ସମ୍ଭବ ନୁହେଁ। ଏକଥା ଅନ୍ନଦାଶଙ୍କର ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ।

ଆଧୁନିକ ଚାଷ ପ୍ରଣାଳୀ ସଂପର୍କରେ ଓଡ଼ିଶାର ଚାଷୀ ବିଶେଷ ଉପକୃତ ହେଉ ନାହାନ୍ତି। ଏହାର କାରଣ ଚାଷସଂପର୍କିତ ପୁସ୍ତକ ରଚିତ ହୋଇଛି ଇଂରେଜି ଭାଷାରେ। ପୁସ୍ତକମାନ ଯଦି ଓଡ଼ିଆ ଭାଷାରେ ଲେଖାଯା'ନ୍ତା; ତେବେ ଇଂରେଜି ଅନଭିଜ୍ଞ କୃଷକ ଉପକୃତ ହୁଅନ୍ତେ।

ସରକାରଙ୍କର ବିଭିନ୍ନ ଉନ୍ନତିମୂଳକ ଯୋଜନା ଇଂରେଜି ଭାଷାରେ ପ୍ରକାଶ ପାଉଥିବାରୁ ଲୋକେ ସେ ସଂପର୍କରେ ଜାଣିପାରୁ ନାହାନ୍ତି। ଆଞ୍ଚଳିକ ଭାଷାରେ ପ୍ରକାଶିତ ହେଲେ ସରକାର ଓ ଜନତା-ଉଭୟଙ୍କର ଲାଭ ହୁଅନ୍ତା। ଏହାଛଡ଼ା ରାସ୍ତାଘାଟରେ ଦିଆଯାଉଥିବା ସତର୍କ ସୂଚନା ଇଂରେଜି ସହିତ ଓଡ଼ିଆରେ ମଧ୍ୟ ରହିବା ଉଚିତ।

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଶିକ୍ଷା ହେଉଛି ମୂଳ। ଶିକ୍ଷା ଯଦି ଇଂରେଜି ଭାଷାରେ ଦିଆଯାଏ, ଗଣତନ୍ତ୍ର ଭୁଷୁଡ଼ି ପଡ଼ିବ। ସମୂହ ଶିକ୍ଷା ପାଇଁ ଆଞ୍ଚଳିକ ଭାଷା ଏକାନ୍ତ ପ୍ରୟୋଜନ। ଓଡ଼ିଆ ଭାଷାର ପ୍ରସାର ଆମର ଦାୟିତ୍ୱ। ଅନ୍ୟ କେହି ଆମ ଭାଷାର ପ୍ରସାର ପାଇଁ ଆଗେଇ ଆସିବେ ନାହିଁ। ଯଥାର୍ଥରେ ଲେଖକ କହିଛନ୍ତି-

"ବଥ ସିନା ବଥାଏ, ଆବୁ ବଥାଏ ନାହିଁ।"

**(ଖ)** ଉକ୍ତ ଗଦ୍ୟାଂଶଟି ଶରତ କୁମାର ମହାନ୍ତିଙ୍କ ଲିଖିତ 'ନରେନ୍‌ରୁ ବିବେକନନ୍ଦ' ପ୍ରବଂଧରୁ ସଂଗୃହୀତ। ସଂସାରତ୍ୟାଗୀ ସନ୍ନ୍ୟାସୀ ବିବେକାନନ୍ଦଙ୍କ ରୂପରେ କିପରି ଜଣେ ସେନାପତିର ଆସ୍ପର୍ଦ୍ଧା ଫୁଟିଉଠିଥିଲା ତାହା ଏଠାରେ ବର୍ଣ୍ଣିତ।

ଶୁକମୁନିଙ୍କ ପରି ନିର୍ବିକଳ୍ପ ସମାଧିରେ ବୁଡ଼ିରହିବା ଥିଲା ବିବେକାନନ୍ଦଙ୍କ ସନ୍ନ୍ୟାସୀ ଜୀବନର ଲକ୍ଷ୍ୟ। ଗୁରୁ ରାମକୃଷ୍ଣ ତାଙ୍କୁ 'ସ୍ୱାର୍ଥପର' କହି ଧିକ୍କାର କରିଥିଲେ ଓ ନିର୍ଦ୍ଦେଶ ଦେଇଥିଲେ ନରନାରାୟଣଙ୍କ ସେବା କରିବାପାଇଁ । ସେତେବେଳେ ସାରା ଭାରତକୁ କୁସଂସ୍କାର, ଅନ୍ଧବିଶ୍ୱାସ, ଅଶିକ୍ଷା, ଅଜ୍ଞାନତାରୂପକ ରାକ୍ଷସ କବଳିତ କରିଥିଲା। ରାକ୍ଷସର ପ୍ରଭାବ ବିଷୟରେ ଜାଣିବାପାଇଁ ବିବେକାନନ୍ଦ ଦେଶ ଭ୍ରମଣରେ ବାହାରିଥିଲେ। ଏକ ଦୁର୍ବାର ଇଚ୍ଛା ନେଇ ତୃତୀୟଥର ଆଶ୍ରମ ଛାଡ଼ିଲେ। କୁସଂସ୍କାର, ଅଶିକ୍ଷା, ଅଜ୍ଞାନତାରୂପକ ରାକ୍ଷସ ସହିତ ଯୁଦ୍ଧ କରିବା ଥିଲା ତାଙ୍କପାଇଁ ଏକ ବିରାଟ ଆହ୍ୱାନ। ଯୁଦ୍ଧକ୍ଷେତ୍ରରେ ସେନାପତି ପ୍ରଥମେ ଶତ୍ରୁ ପକ୍ଷକୁ ନିରୀକ୍ଷଣ କରି ବିପକ୍ଷର ଶକ୍ତି ଆକଳନ କରିଥା'ନ୍ତି। ଠିକ୍ ସେହିପରି ସମାଜକୁ ପରିବର୍ତ୍ତନ କରିବା ପାଇଁ ଦେଶ ଭ୍ରମଣ କରି ଅଜ୍ଞାନତାରୂପକ ରାକ୍ଷସର ଶକ୍ତିକୁ ଆକଳନ କରୁଥିଲେ ସ୍ୱାମିଜୀ। ଶରୀରର ପୋଷାକ, ମୁଖର ଭାଷା ତାଙ୍କର ଥିଲା ଜଣେ ସନ୍ନ୍ୟାସୀର; କିନ୍ତୁ ଶତ୍ରୁକୁ ପରାଜୟ କରିବାର ସ୍ପର୍ଦ୍ଧିତ ତେଜରୁ ସେ ଯେ ଜଣେ ସେନାପତି, ତାହା ସ୍ପଷ୍ଟ ବାରିହୋଇ ପଡୁଥିଲା।

**କିମ୍ବା,** "ଯେତେବେଳେ ଆଧୁନିକ ........ ଧ୍ୱଜା ଉଡ଼ିବ ।"

ଉକ୍ତ ଗଦ୍ୟାଂଶଟି ପଠିତ 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧରୁ ସଂଗୃହୀତ। ଏଠାରେ ପ୍ରାବନ୍ଧିକ ଡକ୍ଟର ବଂଶୀଧର ସାମନ୍ତରାୟ ଆଧୁନିକ ସଭ୍ୟତାର ଆଦର୍ଶରେହିଁ ବିଶ୍ୱରେ ମୈତ୍ରୀର ଧ୍ୱଜା ଉଡ଼ିପାରିବ, ତାହା ପ୍ରତିପାଦନ କରିଛନ୍ତି।

ଆଧୁନିକ ସଭ୍ୟତାର ଆଦର୍ଶ ହେଉଛି ମାନବର ସର୍ବାଙ୍ଗୀନ ଉନ୍ନତି ସହ ବିଶ୍ୱ ମାନବିକତାର ପ୍ରତିଷ୍ଠା। ସେହି ଚରମୋନ୍ନତିର ଶେଷ ସୋପାନରେ ଉପନୀତ ହେବାପାଇଁ ବିଜ୍ଞାନ ବଳରେ ମାନବ ପ୍ରତିଟି ମୁହୂର୍ତ୍ତରେ ଅଗ୍ରସର ହେଉଅଛି। ଗତିପଥରେ ଅନର୍ଥ ବା ବ୍ୟତିକ୍ରମ ସୃଷ୍ଟିହେବା ସ୍ୱାଭାବିକ। ଏହି ଅନର୍ଥକୁ ଦେଖି ଯେଉଁମାନେ ବିଜ୍ଞାନ ଯୋଗୁଁ ଈଶ୍ୱର ବିଶ୍ୱାସ ହ୍ରାସହେବା, ସ୍ନେହ ଓ ସଂଯମର ଅଭାବ, ହିଂସା, ଦ୍ୱେଷ ଓ ଧ୍ୱଂସ କଥା କହୁଛନ୍ତି, ତାହା ସେମାନଙ୍କ ଜ୍ଞାନର ଅଳ୍ପତା। କାରଣ ସେମାନେ ସଭ୍ୟତାର ଆଦର୍ଶକୁ ଭଲଭାବେ ବୁଝିନାହାନ୍ତି। ଯେତେବେଳେ ସେମାନେ ଜାଣିପାରିବେ ଯେ ବିଜ୍ଞାନ ବଳରେ ସମଗ୍ର ବିଶ୍ୱରେ ମାନବିକତାର ପ୍ରତିଷ୍ଠା ହେବ ଏବଂ ସମସ୍ତେ ଭ୍ରାତୃଭାବରେ ଆବଦ୍ଧ ହେବେ, ସେତେବେଳେ ମୈତ୍ରୀର ଧ୍ୱଜା ଉଡ଼ିବ ଏବଂ ତାହା ସମୟସାପେକ୍ଷ।

ପ୍ରାବନ୍ଧିକଙ୍କର ଏହି ଉକ୍ତି ବିପକ୍ଷବାଦୀମାନଙ୍କ ମନରେ ବିଜ୍ଞାନ ପ୍ରତି ନିଶ୍ଚିତ ଆସ୍ଥାଭାବ ସୃଷ୍ଟିକରିବ, ଏହା ନିଃସନ୍ଦେହ।

୧୩। (କ) ଛାତ୍ର ଶକ୍ତି ଦେଶର ଏକ ବିରାଟ ଶକ୍ତି। ପାଠ ପଢ଼ିବା ସଂଗେ ସଂଗେ ଏମାନେ ଜାତି ଗଠନରେ ଏକ ବଡ଼ ଅଂଶ ଗ୍ରହଣ କରିପାରିବେ। ଆଜିକାଲି ଘର ସଂସାର ଚଳେଇବା ବଡ଼ କଷ୍ଟକର ହୋଇ ଉଠୁଛି। ବଡ଼ମାନେ ଦିନରାତି ସେଇ କାମରେ ଲାଗିଛନ୍ତି। ସେମାନଙ୍କ ଭିତରୁ ଅଳ୍ପ କେତେକ ସମାଜ ସେବାରେ ମନ ଦିଅନ୍ତି। ପିଲାମାନଙ୍କ ହାତରେ ବହୁତ ସମୟ। ପାଠପଢ଼ା, ଖେଳାଖେଳି ବାଦ୍ ସେମାନେ ପ୍ରଚୁର ସମୟ ପାଆନ୍ତି। ସେଇ ବଳକା ସମୟରେ ନାନା କନ୍ଦଳ ଓ ଖୁସିଗପ କରନ୍ତି। ତା'ଛଡ଼ା ବର୍ଷସାରା ବିଭିନ୍ନ ଛୁଟି ରହିଛି। ସେ ସମୟ ତ ସେମାନଙ୍କର ନିଜର ସମୟ। ଏସବୁ ସମୟକୁ ସେମାନେ ସମାଜସେବାରେ ବିନିଯୋଗ କରିପାରନ୍ତେ। ତା' ହେଲେ ସେମାନେ ସମାଜର ଖୁବ୍ ବଡ଼ କାମ କରିପାରନ୍ତେ ଏବଂ ଜାତିର ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତେ।

ନିଜର କୌଣସି ଲାଭ ଆଶା ନରଖି ଦୁଃଖୀ ଅରକ୍ଷିତ ଜନର ସେବା କରିବା ସମାଜସେବା। ବିପନ୍ନକୁ ସାହାଯ୍ୟ କରିବା, ଅନାଥ ଲୋକର ପାଖରେ ଠିଆହେବା, ବନ୍ୟା ମରୁଡ଼ି ବେଳେ ପୀଡ଼ିତ ଲୋକଙ୍କ ସାହାଯ୍ୟପାଇଁ ରିଲିଫ୍ ଯୋଗାଡ଼ କରିବା, ବଡ଼ ବଡ଼ ସମ୍ମେଳନ, ମେଳା, ମଉଚ୍ଛବରେ ସ୍ୱେଚ୍ଛାସେବୀ ସଂଗଠନରେ ଯୋଗଦେବା, ରକ୍ତଦାନ ଶିବିର ସଂଗଠନ କରିବା ଆଦି ଅନେକ

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

## ସଂକ୍ଷେପରେ

### କଏଦୀଙ୍କ ସହ ମିଶି ଗଞ୍ଜେଇ ଟାଣି ୱାର୍ଡର ନିଲମ୍ବିତ

ସୋନପୁର,୧୧।୨(ନି.ପ୍ର.): ସୋନପୁର ଉପକାରାଗାରରେ ୱାର୍ଡର ଓ କଏଦୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। କାରାଗାରରେ ଏବେ ୧୩୫ କଏଦୀ ରହୁଥିବା ବେଳେ ସେମାନଙ୍କୁ କେତେକ ୱାର୍ଡର ଲୁଚାଛପାରେ ନିଶାଦ୍ରବ୍ୟ ଯୋଗାଇ ଦେଉଛନ୍ତି। ଏଭଳି ଘଟଣାକୁ ନେଇ କାରାଗାର ପରିସରରେ ସୋମବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ୱାର୍ଡର ଦିଲୀପ ନାଏକ କାରାଗାର ପରିସରରେ ଜଣେ କଏଦୀଙ୍କ ସହିତ ଗଞ୍ଜେଇ ଟାଣୁଥିଲେ। ଏହା ଦେଖି ଚିଫ୍ ୱାର୍ଡର ଚୈତନ୍ୟ ପ୍ରଧାନ ପ୍ରତିବାଦ କରିଥିଲେ। ଘଟଣାକୁ କେନ୍ଦ୍ର କରି ଦିଲୀପ ଓ ଚୈତନ୍ୟଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ସୂଚନା ପାଇ ଜେଲ ଅଧୀକ୍ଷକ ସତ୍ୟବ୍ରତ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଦିଲୀପଙ୍କୁ ତନଖି କରାଯିବା ସମୟରେ ତାଙ୍କ ନିକଟରୁ ୩ ଗ୍ରାମ ଗଞ୍ଜେଇ ଓ ୨ଟି ଚିଲମ ମିଳିଥିଲା । କାରାଗାରର ଶୃଙ୍ଖଳାଭଙ୍ଗ କରିବା ଓ ବେଆଇନ କାର୍ଯ୍ୟ କରିବା ଅଭିଯୋଗରେ ଅଧୀକ୍ଷକ ବେହେରା ତାଙ୍କ ନାମରେ ସୋନପୁର ଥାନାରେ ସୋମବାର ରାତିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରହିଛି। ସେହିପରି କାରାଗାର ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ୱାର୍ଡରଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଛି । ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ୪ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

## ବାଲିରେ ପୋତି ହୋଇ ଦୁଇ ଆଦିବାସୀ ମହିଳାଙ୍କ ମୃତ୍ୟୁ ଘଟଣା

କଟକ ଅଫିସ, ୧୧।୨

ରାୟଗଡ଼ା ଜିଲା ଟିକିରିରେ ଦୁଇ ଆଦିବାସୀ ମହିଳା ଲକ୍ଷ୍ମୀ ମାଝୀ(ଲସି) ଏବଂ ଶକୁନ୍ତଳା ମାଝୀ(ଶୁକ) ବାଲିରେ ପୋତିହୋଇଯିବା ଯୋଗୁ ୨୦୧୪ ଜୁନ୍ ୨୨ତାରିଖରେ ମୃତ୍ୟୁ ହୋଇଥିଲା। ତେବେ ଘଟଣାର ୬ବର୍ଷ ପରେ ସେମାନଙ୍କ ପରିବାରବର୍ଗଙ୍କୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ପାଇଁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ଅଖଣ୍ଡଙ୍କ ପିଟିଶନ ଉପରେ ବିଚାର କରି ଏନ୍‌ଏଚ୍‌ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଟିକିରି ଥାନା ଅନ୍ତର୍ଗତ କୁଟିଙ୍ଗା ନାଳ ନିକଟରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସମୟରେ ଲକ୍ଷ୍ମୀପୁର ବ୍ଲକ ମୁସୁଲିପଦର ଗ୍ରାମର ଲକ୍ଷ୍ମୀ ଏବଂ ଶକୁନ୍ତଳାଙ୍କ ମୃତ୍ୟୁ ଘଟିଥିଲା। ସେମାନେ ଗାଡ଼ିରେ ବାଲି ଲଦିବା କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ଘଟଣାରେ ସମ୍ପୃକ୍ତ ବାଲି ମାଫିଆ କିମ୍ବା ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ କି ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଗଲା ନାହିଁ। ଫଳରେ ଏ ନେଇ ମାନବାଧିକାର କର୍ମୀ ଅଖଣ୍ଡ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ କରିଥିଲେ। ଏନ୍‌ଏଚ୍‌ଆର୍‌ସି ଏହି ମାମଲାକୁ ଭିତ୍ତିକରି ରାଜ୍ୟ ମୁଖ୍ୟଶାସନ ସଚିବ, ଡିଜିପି ଓ ଶ୍ରମ ବିଭାଗଠାରୁ ରିପୋର୍ଟ ମାଗିଥିଲେ। ରିପୋର୍ଟ ଦେବାରେ ଅହେତୁକ ବିଳମ୍ବ ଯୋଗୁ ମାମଲାର ଶୁଣାଣିରେ ପ୍ରାୟ ୫ ବର୍ଷ ଗଡ଼ି ଯାଇଥିଲା। ସମସ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ୨୦୧୯ ସେପ୍ଟେମ୍ବର ୧୬ ତାରିଖରେ ଏନ୍‌ଏଚ୍‌ଆର୍‌ସିଙ୍କ ହୃଦ୍‌ବୋଧ ହୋଇଥିଲା ଯେ ବେଆଇନ ଭାବେ ସେଠାରୁ ବାଲି ଉଠାଯାଉଥିଲା ଓ ଶ୍ରମିକମାନଙ୍କୁ କାମରେ ଲଗାଯାଇଥିଲା। ତେଣୁ କାହିଁକି ରାଜ୍ୟ ସରକାର ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ନ ଦେବେ, ସେହି ନେଇ ଜବାବ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏହାର ଜବାବରେ ଶ୍ରମ ବିଭାଗର ଅତିରିକ୍ତ ସଚିବ ଏନ୍‌ଏଚ୍‌ଆରସିଙ୍କୁ ଜଣାଇଥିଲେ, ଶ୍ରମ କମିଶନଙ୍କର ନିର୍ଦ୍ଦେଶକୁ ସମ୍ପୃକ୍ତ ଠିକାଦାର ଓ ଟ୍ରିପର ମାଲିକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ତେଣୁ ମାମଲା ବିଚାରାଧୀନ ଥିବାରୁ ଏହି କ୍ଷତିପୂରଣ ଦେଇହେବ ନାହିଁ। କିନ୍ତୁ କମିଶନ ଏହାକୁ ଅଗ୍ରାହ୍ୟ କରିଛନ୍ତି। ଶ୍ରମ ବିଭାଗର ନିର୍ଦ୍ଦେଶନାମା ସମ୍ପର୍କରେ ହାଇକୋର୍ଟଙ୍କ ବିଚାର ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ସହ ସମ୍ବନ୍ଧିତ ନୁହେଁ। ମାନବାଧିକାର ଆଇନ-୧୯୯୩ ଅନୁସାରେ କ୍ଷତିପୂରଣ ଦେବା ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଅବହେଳା ଯୋଗୁ ଏହି ଘଟଣା ଘଟିଛି ଏବଂ ଦୁଇ ମହିଳାଙ୍କ ମାନବିକ ଅଧିକାର ଉଲ୍ଲଂଘନ ହୋଇଛି। ତେଣୁ ୪ ସପ୍ତାହ ମଧ୍ୟରେ ଏହି କ୍ଷତିପୂରଣ ଦେବା ଲାଗି କମିଶନଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରିପର ମାଲିକଙ୍କଠାରୁ ଅର୍ଥ ଆଦାୟ କରିବା ପାଇଁ ରାୟଗଡା ଉପ ଶ୍ରମ କମିଶନର ଜାରି କରିଥିବା ରିକଭରି ସାର୍ଟିଫିକେଟ୍ ସମ୍ପର୍କରେ କମିଶନଙ୍କୁ ସମ୍ପୂର୍ଣ୍ଣ ବିବରଣୀ ଦେଇ ନ ଥିବାରୁ ତାଙ୍କୁ ଆଉ ଥରେ ନୋଟିସ ଜାରି କରିଛନ୍ତି କମିଶନ। ଏଥର ରିପୋର୍ଟ ନ ଦେଲେ ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିଶନ କହିଛନ୍ତି। ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ମେଣ୍ଟରାଜପୁର ବସ୍ ଦୁର୍ଘଟଣା ମାମଲା

କଟକ ଅଫିସ, ୧୧।୨

ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜପୁର ଠାରେ ଗତ ରବିବାର ବସ୍ ଦୁର୍ଘଟଣାରେ ୧୦ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ ଓ ମୃତାହତଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ରେ ଏକ ପିଟିଶନ୍ ଦାଖଲ କରିଥିଲେ। ପରେ ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି ଓଏଚ୍‌ଆର୍‌ସି। ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ ବି.ପି. ଦାସ ଏବଂ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରତ୍ୟେକ ଆହତଙ୍କୁ ୨୫ ହଜାର ଟଙ୍କା କ୍ଷତିପୂରଣ ଏକ ସପ୍ତାହ ମଧ୍ୟରେ ପ୍ରଦାନ ସହ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମେଡ଼ିକାଲ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ(ଡିଏମ୍‌ଇଟି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରବିବାର ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଡଗରା ବେଳାଭୂମିକୁ ଯାଉଥିବା ଏକ ବସ୍ ମଧ୍ୟ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ହେଲେ ବସ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡଧରଣର ଅଘଟଣ ଘଟି ନ ଥିଲା। ଉଭୟ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସାଉଥ୍‌କୋ ଏବଂ ନେସ୍କୋ କର୍ତ୍ତୃପକ୍ଷ, ରାଜ୍ୟ ଶକ୍ତି ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ସଚିବଙ୍କୁ ଓଏଚ୍‌ଆର୍‌ସି ରିପୋର୍ଟ ତଲବ କରିଛନ୍ତି। ମାନବାଧିକାର କର୍ମୀ ଦାସଙ୍କ ପିଟିଶନ୍‌କୁ ବିଚାରକୁ ନେଇ ମଙ୍ଗଳବାର ଓଏଚ୍‌ଆର୍‌ସିଙ୍କ ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରତି ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା ଓ ଆହତ ଯାତ୍ରୀଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥାକୁ ଓଏଚ୍‌ଆର୍‌ସି ପ୍ରଶଂସା କରିଛନ୍ତି।

# କେନ୍ଦ୍ରୀୟ ଓବିସି କମିଶନରଙ୍କୁ ଦାବିପତ୍ର ଦେଲା ଭାଜପା

## ଶିକ୍ଷା ଓ ନିଯୁକ୍ତିରେ ଓବିସିଙ୍କୁ ସଂରକ୍ଷଣ ନ ମିଳିବା ପ୍ରସଙ୍ଗ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

୨୦ ବର୍ଷର ଶାସନକାଳରେ ଏସଇବିସି ଓ ଓବିସିଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ଏହାସହ ରାଜ୍ୟରେ ଓବିସିଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ମିଳୁ ନ ଥିବା ପ୍ରତିବାଦରେ କେନ୍ଦ୍ରୀୟ ଓବିସି କମିଶନରଙ୍କୁ ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଏସ୍‌ଇବିସି ଓ ଓବିସିଙ୍କୁ ରାଜ୍ୟ ସରକାର ପ୍ରଥମେ ସାମ୍ବିଧାନିକ ଅଧିକାର ପ୍ରଦାନ କରିବା ଦାବିରେ ଭାଜପା ପ୍ରତିନିଧି ଦଳ କେନ୍ଦ୍ରୀୟ ଓବିସି କମିଶନରଙ୍କ ହସ୍ତକ୍ଷେପ ମଧ୍ୟ ଲୋଡିଛନ୍ତି। ସମ୍ବିଧାନର ଧାରା ୧୫(୪) ଓ ୧୬(୪) ବଳରେ କେନ୍ଦ୍ର ସରକାର ଓବିସି ବର୍ଗଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ପ୍ରତିଶତ ସଂରକ୍ଷଣ ସୁବିଧା ଦେଇଛନ୍ତି। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ବୈଧ ଘୋଷଣା କରିଛନ୍ତି। ମାତ୍ର ଦେଶରେ ଦୀର୍ଘ ୩୦ବର୍ଷ ଧରି ଏହା ଲାଗୁହେଲା ପରେ ମଧ୍ୟ ଓଡିଶା ସରକାର ଓବିସିଙ୍କୁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଓ ଏସଇବିସିଙ୍କୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେଉନାହାନ୍ତି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି। ବିଶ୍ୱାଳ କହିଛନ୍ତି ଯେ, ଦେଶର ସବୁ ରାଜ୍ୟ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଅନ୍ୟୂନ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିଥିବା ବେଳେ କର୍ନାଟକ, ତାମିଲନାଡ୍ରୁ, କେରଳ ଓ ବିହାର ଆଦି ରାଜ୍ୟ ଗୁଡ଼ିକରେ ଏହି ଜାତି ଜନସଂଖ୍ୟାରେ ଊର୍ଦ୍ଧ୍ୱ ଥିବା କାରଣରୁ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଅଧିକ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ପ୍ରତିବନ୍ଧକ ନ ଥିବା ସ୍ପଷ୍ଟ କରିଛନ୍ତି। ଇନ୍ଦ୍ରା ସ୍ୱହନୀ ଓ କେନ୍ଦ୍ର ସରକାରଙ୍କ ମାମଲାରେ ସୁପ୍ରିମକୋର୍ଟ ବିଶେଷ ପରିସ୍ଥିତିରେ ସ୍ଥାନ ସଂରକ୍ଷଣ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ହୋଇପାରିବ ବୋଲି ରାୟ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ପାଖରେ ଏସଇବିସି ତାଲିକା ମୂଳରୁ ଉପଲବ୍ଧ ରହିଛି। ମାତ୍ର ୨୦ବର୍ଷର ଲମ୍ବା ଶାସନରେ ସମ୍ବିଧାନର ଏହି ଦାୟିତ୍ୱକୁ ବୁଝି କାମରେ ଲଗାଇବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ଦୀର୍ଘ ୩୦ବର୍ଷ ଧରି ଦେଶର ଅନ୍ୟ ରାଜ୍ୟଗୁଡିକ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିବାବେଳେ ଓଡ଼ିଶା ସରକାର ଏହି ବ୍ୟବସ୍ଥାକୁ ରାଜ୍ୟରେ ଲାଗୁ କରିନାହାନ୍ତି ବୋଲି ବିଶ୍ୱାଳ କହିଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

କାମ ସମାଜସେବାର ଅନ୍ତର୍ଭୁକ୍ତ। ଏ ପ୍ରକାର କାମରେ ନିର୍ମଳ ଆନନ୍ଦ ମିଳେ। ମାନବ ସେବାକୁ ମାଧବ ସେବା କୁହାଯାଏ। ଈଶ୍ୱର ମନ୍ଦିର, ମସ୍‌ଜିଦ୍ କି ଚର୍ଚ୍ଚରେ ନ'ଥାନ୍ତି। ଈଶ୍ୱର ଥାଆନ୍ତି ମଣିଷ ଭିତରେ। ଏଇ ମଣିଷର ସେବା କରିପାରିଲେ ମଣିଷ ଜୀବନ ସଫଳ ହୁଏ।

ମଣିଷର ଅନେକ ଦୁଃଖ। ମଣିଷ ଦୁଃଖରେ ଆତୁର ହୋଇ ଭୀମ ଭୋଇ କାନ୍ଦିଥିଲେ। ସେଥିପାଇଁ ସେ ନିଜେ ନରକକୁ ବରଣ କରିବାକୁ ଆଗୁସାର ହୋଇଥିଲେ। ଆମ ଓଡ଼ିଶାର ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ତୁଳସୀ ମୁଣ୍ଡାଙ୍କ ଭଳି ଅନେକ ମହାତ୍ମା ସମାଜସେବାର ଉନ୍ନତ ଆଦର୍ଶ ରଖିଯାଇଛନ୍ତି। ଜାତିର ପିତା ଗାନ୍ଧିଜୀ ଛାତ୍ରମାନଙ୍କ କର୍ତ୍ତବ୍ୟ ସଂପର୍କରେ ଅନେକ ମୂଲ୍ୟବାନ ଉପଦେଶ ଦେଇଯାଇଛନ୍ତି। ଛାତ୍ରଛାତ୍ରୀମାନେ ନିଜର ପଢ଼ାରେ ନିଷ୍ଠା ରଖି ସମାଜସେବାରେ ମନୋନିବେଶ କରିପାରିବେ। ଏଥିପାଇଁ କିଛି ଅଧିକ ପରିଶ୍ରମ କରିବା ଦରକାର ନାହିଁ। ଦରକାର ଖାଲି ଦୃଷ୍ଟିକୋଣର ପରିବର୍ତ୍ତନ।

ଗାଁ ଗହଳିରେ ଅନେକ ନିରକ୍ଷର ଲୋକ ଅଛନ୍ତି। ଆମେ ସେମାନଙ୍କୁ ଦି' ଅକ୍ଷର ପଢ଼େଇ ପାରିବା। ଏହା ଫଳରେ ସେମାନେ ସାକ୍ଷର ହେବେ ଏବଂ ଦେଶ ତଥା ଜୀବନ ପରିଚାଳନାରେ ଉପଯୁକ୍ତ କାମ କରିପାରିବେ। ଠିକ୍ ସେଇପରି ପଢ଼ିଶା ଅଢ଼ିଶାରେ ଲୋକେ ନାନା କୁସଂସ୍କାରରେ ସଢ଼ୁଛନ୍ତି। ସେମାନେ ଅପରିଷ୍କାର ରହନ୍ତି। ନାନା ରୋଗରେ ସଢ଼ନ୍ତି। ସେମାନଙ୍କୁ ପରିଷ୍କାର ରଖିବାକୁ ବୁଝାଇବା ଏକ ବଡ଼ କାମ। ମନ୍ଦିର ହତା, ପୋଖରୀ ବା ନଦୀର କୂଳ ଦେଶକୁ ସଫା କରିବା ଗୋଟିଏ ମହତ୍ କାମ। ପରିବେଶର ଉନ୍ନତି ସେମାନେ କରିପାରିବେ। ସେଇପରି ଗାଁ ପୋଖରୀର ପଙ୍କୋଦ୍ଧାର, ଗାଁକୁ ରାସ୍ତା ତିଆରି କରିବା, ଗାଁରୁ ବହିଯାଉଥିବା ପାଣିକୁ ଅଟକାଇ ଚାଷ କାମରେ ଲଗାଇବା ଆଦି ବିଭିନ୍ନ କାମରେ ସେମାନେ ଲୋକଙ୍କୁ ନେତୃତ୍ୱ ଦେଇପାରିବେ। ବିଭିନ୍ନ ଜନ ସମ୍ମେଳନରେ ନାନା ବିଶୃଙ୍ଖଳା ଘଟେ। ଚୋରି ହୁଏ। ଆଇନଶୃଙ୍ଖଳାର ପ୍ରଶ୍ନ ଉଠେ। ଜଳାଭାବ ଘଟେ। ଏ କ୍ଷେତ୍ରରେ ବିଭିନ୍ନ ଲୋକଙ୍କ ସେବା କରିବା ଭଳି ଅନେକ କାମ ପିଲାଏ କରିପାରିବେ।

ନେତାଜୀ ସୁଭାଷ ପିଲାଦିନେ ଏଭଳି ସମାଜସେବା କରୁଥିଲେ। ଦେଶବିଦେଶରେ ବହୁ ମନୀଷୀ ଛାତ୍ର ଜୀବନରେ ସମାଜସେବା କରିଥିବା ଉଦାହରଣ ଅଛି। ସ୍କୁଲ୍ କଲେଜରେ ପିଲାମାନେ ସେବା କରିବାର ସୁଯୋଗ ନେଇଥା'ନ୍ତି। ଏ ସେବା ସେମାନଙ୍କୁ ଉଚ୍ଚତର ଜୀବନ ଦର୍ଶନ ଶିଖାଏ। ବହୁଲୋକଙ୍କ ଦୁଃଖକୁ ଜାଣିବା, ସେମାନଙ୍କର ଦୁଃଖରେ ସହାନୁଭୂତି ଦେଖାଇବା ଫଳରେ ନିଜର ଜୀବନ ଉଦାର ଓ ମହତ୍ ହୁଏ। ଆମର ଛାତ୍ରଛାତ୍ରୀ ଏ ଭିତରେ ଚିନ୍ତା କରି ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବେ କାମ କରିବା ଉଚିତ। ସେମାନେ ରାମକୃଷ୍ଣ ମିସନ୍, ଲୋକସେବକ ମଣ୍ଡଳ, ଭାରତ ସେବକ ସମାଜ ଭଳି ବିଭିନ୍ନ ସେବା ସଂସ୍ଥାରେ ସାମିଲ ହିଁ ହୋଇପାରନ୍ତି।

(ଖ) ମାନବ ଜୀବନ କର୍ମମୟ। କର୍ମବଂଚିତ ଜୀବନ ମୂଲ୍ୟହୀନ ତଥା ଅପାଂକ୍ତେୟ। କର୍ମରେ ବିଶ୍ୱାମିତ୍ର ବ୍ରହ୍ମର୍ଷି ଆଉ କର୍ମରେ ମାର୍କଣ୍ଡେୟ କଳ୍ପଜୀବୀ। ଏଣୁ କର୍ମକ୍ଳାନ୍ତ ପ୍ରାଣ କ୍ଳାନ୍ତି ଅପନୋଦନ ନିମନ୍ତେ ଲୋଡ଼େ ବିଶ୍ରାମ, ଶାନ୍ତି ଆଉ ସନ୍ତୋଷ, ଯାହା ନୂତନ କର୍ମସ୍ପୃହାକୁ ବିକାଶ କରେ। ସ୍ଥୂଳତଃ ଉକ୍ତ ଉଦ୍ଦେଶ୍ୟ ଚରିତାର୍ଥ ନିମନ୍ତେ ସମାଜରେ ସୃଷ୍ଟି କରଯାଇଛି ପର୍ବପର୍ବାଣି।

ଉତ୍କଳର ଅଧିବାସୀଗଣ ସ୍ୱଭାବତଃ ଧର୍ମଭୀରୁ। ଏଣୁ ପର୍ବପର୍ବାଣିଗୁଡ଼ିକୁ ଧାର୍ମିକ ଚେତନା ସହ ସଂଯୋଜିତ କରି, ସାମାଜିକ ସହବନ୍ଧନ ପାଇଁ ବାରମାସରେ ତେର ପର୍ବ ପାଳନର ବ୍ୟବସ୍ଥା କରାଯାଇଛି। ଉତ୍କଳୀୟମାନଙ୍କର ଈଶ୍ୱର ବିଶ୍ୱାସ ଅସ୍ଥିମଜ୍ଜାଗତ। ଏଣୁ ମାନବ ପ୍ରାଣରେ ସାଂସାରିକ ଜଞ୍ଜାଳରେ ଭୋଗକରୁଥିବା ବିବିଧ ସଂକଟରୁ ରକ୍ଷାପାଇବାପାଇଁ ହେଉ ଅଥବା ମନସ୍କାମନା ପରିପୂରଣ ପାଇଁ ହେଉ ଈଶ୍ୱର ବିଶ୍ୱାସରୁ ହିଁ ପର୍ବପର୍ବାଣିର ସୃଷ୍ଟି ତଥା ସେଗୁଡ଼ିକ ପାଳନରେ ଉତ୍ସୁକତା ପରିଲକ୍ଷିତ ହୋଇଥାଏ।

ପର୍ବପର୍ବାଣି ସମ୍ପର୍କରେ ଆଲୋଚନାରେ ପ୍ରବେଶ କଲାବେଳେ ସ୍ମୃତିକୁ ଆସନ୍ତି ସୂର୍ଯ୍ୟ। ତାଙ୍କର ସଂକ୍ରମଣକୁ ନେଇ ସୌର ମାସର ସୃଷ୍ଟି। ତଦନୁସାରେ ମହାବିଷୁବ ସଂକ୍ରାନ୍ତି, ଯାହା ବୈଶାଖ ମାସରେ ଆସେ, ତାହା ହିଁ ହିନ୍ଦୁ ନବବର୍ଷର ଆରମ୍ଭ ଦିବସ ଭାବେ ଗୃହୀତ ହୋଇଥାଏ। ପ୍ରଚଣ୍ଡ ରୌଦ୍ରତାପଜନିତ ସନ୍ତାପିତ ପ୍ରାଣରେ ତୃପ୍ତି ଆନୟନ ନିମନ୍ତେ ଏହି ପର୍ବଟିରେ ପଣାପାଣିର ବ୍ୟବସ୍ଥା କରାଯାଇ ବିବିଧ ପ୍ରକାରରେ ଦେବାର୍ଚ୍ଚନା କରାଯାଏ। ଏହି ମାସର ପ୍ରମୁଖ ପର୍ବଗୁଡ଼ିକ ମଧ୍ୟରେ ଅକ୍ଷୟ ତୃତୀୟା, ନୃସିଂହଜନ୍ମ ଓ ଚନ୍ଦନଯାତ୍ରା ଅନ୍ୟତମ। ଉତ୍କଳରେ ଅକ୍ଷୟ ତୃତୀୟାର ଗୁରୁତ୍ୱ ସର୍ବାଧିକ। କାରଣ ଏହିଦିନ ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇ କ୍ଷେତରେ ଧାନ୍ୟବୀଜ ବପନ କରାଯାଏ। ବୈଶାଖ ପରେ ଆସେ ଜ୍ୟେଷ୍ଠ। ଉତ୍କଳର ପୁରପଲ୍ଲୀରେ ଶୀତଳଷଷ୍ଠୀ, ରଜ, ସାବିତ୍ରୀବ୍ରତ ଓ ଦେବସ୍ନାନ ପୂର୍ଣ୍ଣିମା ଆଦି ପର୍ବ ଏହି ମାସରେ ପାଳିତ ହୋଇଥାଏ। ଶୀତଳଷଷ୍ଠୀର ଶିବ ବିବାହୋତ୍ସବ ଏବଂ ରଜପର୍ବର ଦୋଳିଖେଳ ମଧ୍ୟରେ ଉତ୍କଳର ଜନଜୀବନ ଉଲ୍ଲସିତ ହୋଇଉଠେ। ସେହିପରି ସ୍ନାନ ପୂର୍ଣ୍ଣିମାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପରେ ସନ୍ଦର୍ଶନ କରି ଧର୍ମପ୍ରାଣ ଉତ୍କଳୀୟଗଣ ଆଧ୍ୟାତ୍ମିକ ଚେତନାର ଅନୁଗୁଂଜନ ମଧ୍ୟରେ ପର୍ବପର୍ବାଣିର ମହତ୍ତ୍ୱ ରକ୍ଷା କରିଥା'ନ୍ତି।

ଏହାପରେ ଆଷାଢ଼ ଆସେ ସାଙ୍ଗରେ ବାରିପାତକୁ ନେଇ। ବର୍ଷାର ଶୀତଳ ପରଶ ଘୁମନ୍ତ ଉତ୍କଳୀୟ ପ୍ରାଣରେ ସଂଚାର କରେ ରଥଯାତ୍ରାର ଅପୂର୍ବ ସମାରୋହ ମାଧ୍ୟମରେ ବୈଷ୍ଣବୀୟ ଚିନ୍ତନର ନିବିଡ଼ ଆଶ୍ଲେଷ। ଅତଃପର ବର୍ଷାର ଅବିଶ୍ରାନ୍ତ ବାରିପାତ ମଧ୍ୟରେ ଧରାଙ୍ଗନରେ ଅବତରଣ କରେ ଶ୍ରାବଣ। ଏହି ମାସରେ ଗହ୍ମାପୂର୍ଣ୍ଣିମା ଓ ଚିତାଲାଗି ଅମାବାସ୍ୟା ପଲ୍ଲୀପ୍ରାଣରେ ପିଠାପଣାର ଆସର ସୃଷ୍ଟି କରନ୍ତି; ଅବଶ୍ୟ ରକ୍ଷାବନ୍ଧନର ବୈଶିଷ୍ଟ୍ୟ ଉକ୍ତ ପୂର୍ଣ୍ଣିମାର ମହତ୍ତ୍ୱକୁ ବହୁଗୁଣିତ କରିଥାଏ। ଏହାପରେ ଆସେ ପର୍ବପର୍ବାଣିର ମାସ ଭାଦ୍ରବ। ଜନ୍ମାଷ୍ଟମୀ, ଷଷ୍ଠୀଓଷା, ସୋମନାଥବ୍ରତ, ରାଧାଷ୍ଟମୀ, ବାମନ-ଜନ୍ମ, ସୁନିଆଁ, ଖୁଦୁରୁକୁଣୀ ଓଷା ଆଦି ପର୍ବଗୁଡ଼ିକ ଏହି ମାସର ଉତ୍ସବମୁଖର ପରିବେଶଗୁଡ଼ିକୁ ଉପଭୋଗ୍ୟ କରିଦିଏ। ସର୍ବୋପରି ଏହି ମାସର ପର୍ବ 'ଗଣେଶ ପୂଜା' ଉତ୍କଳର ପୁରପଲ୍ଲୀର ଶିଶୁପ୍ରାଣକୁ ଯେଉଁଭଳି ସରସ ଓ ଉଲ୍ଲାସମୟ କରେ, ତାହା କେବଳ ଅନୁଭବର ସାମଗ୍ରୀ। ପରେ ପରେ ଆସେ ଶାରଦୀୟ ପୂଜାସମ୍ଭାର ସହ ଆଶ୍ୱିନ। ଏହି ସମୟରେ ଦେବୀ ଦୁର୍ଗାଙ୍କର ଧରାବତରଣ ଉତ୍କଳର ପୁରପଲ୍ଲୀରେ ଧର୍ମର ପ୍ଲାବନ ସୃଷ୍ଟିକରେ। ସର୍ବୋପରି ଆଶ୍ୱିନ ପୂର୍ଣ୍ଣିମାର ଜ୍ୟୋତ୍ସ୍ନାପ୍ଲୁତ ରଜନୀରେ କୁମାରୀଗଣ 'କୁମାରପୂର୍ଣ୍ଣିମା'କୁ ଯେଉଁଭଳି ଉତ୍ସବମୁଖର କରିଦିଅନ୍ତି ତାହା ବର୍ଣ୍ଣନାତୀତ।

ଏହାପରେ ପଲ୍ଲୀପ୍ରାଣରେ ଉପଗତ ହୁଏ ଧର୍ମ, ପୁଣ୍ୟ ଓ ପବିତ୍ରତାର ମାସ କାର୍ତ୍ତିକ। କାଳୀପୂଜା, ଗୋବର୍ଦ୍ଧନ ପୂଜା, ଅଁଳା ନବମୀ, ବଡ଼ଓଷା ଆଦି ଉତ୍ସବଗୁଡ଼ିକ ଏହି ମାସର ଉଲ୍ଲେଖଯୋଗ୍ୟ ପର୍ବ। ଲକ୍ଷ୍ମୀପୂଜା ଓ ପ୍ରଥମାଷ୍ଟମୀର ଆନନ୍ଦ ଉତ୍ସବ ମଧ୍ୟରେ ଅବତରଣ କରେ ମାର୍ଗଶିର। ହରିତାୟମାନ କ୍ଷେତଗୁଡ଼ିକର ପକ୍ୱ ଶସ୍ୟସମ୍ଭାର ସହ ସୀମନ୍ତିନୀମାନଙ୍କର ହୁଳହୁଳି ନିନାଦ ମଧ୍ୟରେ ପଲ୍ଲୀଗୃହିଣୀ ଲକ୍ଷ୍ମୀଙ୍କର ପୂଜାରାଧନା ମାଧ୍ୟମରେ ଆଧ୍ୟାତ୍ମିକ ପରିବେଶକୁ ଉପଭୋଗ୍ୟ କରିଥାଏ। ମକରସଂକ୍ରାନ୍ତି ଓ ବକୁଳ ଅମାବାସ୍ୟାକୁ ଘେନି ଆସେ ପୌଷ। ପଲ୍ଲୀପ୍ରାଣରେ ମକର ସଂକ୍ରାନ୍ତିର ସ୍ୱାତନ୍ତ୍ୟ ଅନସ୍ୱୀକାର୍ଯ୍ୟ। ଏହିଠାରୁ ଆରମ୍ଭ ହୁଏ ଗ୍ରହରାଜ ରବିଙ୍କର ଉତ୍ତରାୟଣ ଗତି। ତେବେ ଆଦିବାସୀ ସମାଜରେ ଏହି ପର୍ବର ଉଲ୍ଲେଖଯୋଗ୍ୟ ବିଶେଷତ୍ୱ ଅଛି। ପରେ ପରେ ଆସେ ମାଘ-ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ପୂଜାସମ୍ଭାର ଓ ମାଘପୂର୍ଣ୍ଣିମାର ଅଗ୍ନିଉତ୍ସବ। ଏହି ମାସର ଦୁଇଟି ମୁଖ୍ୟ ପର୍ବ ଇତ୍ୟବସରରେ ଧରାଙ୍ଗନରେ ଅବତରଣ କରେ ବାସନ୍ତୀ ମଧୁମହୋତ୍ସବ ମଧ୍ୟରେ ଋତୁରାଜ ବସନ୍ତଙ୍କର ଆଗମନ ସହ ଫାଲଗୁନ ମାସ। ଏହି ସମୟରେ ଦୋଳପୂର୍ଣ୍ଣିମାରେ ଫଗୁଖେଳର ବର୍ଣ୍ଣାଢ଼୍ୟ ଆସର ଫାଲଗୁନର ବର୍ଣ୍ଣିଳ ପରିବେଶକୁ ପ୍ରାଣସ୍ପର୍ଶୀ କରିଦିଏ। ମହାଶିବରାତ୍ରିର ଶିବାରାଧନା ମଧ୍ୟ ଏହି ମାସର ମୁଖ୍ୟ ଉତ୍ସବ। ଏହାପରେ ଆସେ ଘୋଡ଼ାନାଚର ମାସ ଚୈତ୍ର। ଏହି ମାସରେ ଅଶୋକାଷ୍ଟମୀ ଓ ଶ୍ରୀରାମନବମୀ ପର୍ବ ହିନ୍ଦୁ ପ୍ରାଣର ଗଭୀର ଧାର୍ମିକ ଉଦ୍‌ବେଳନ ମଧ୍ୟରେ ପାଳିତ ହୋଇଥାଏ।

ସାମାଜିକ ଜୀବନରେ ଏହିସବୁ ପର୍ବ ପାଳନ ବ୍ୟତୀତ କେତେକ ରାଷ୍ଟ୍ରୀୟ ପର୍ବ ମଧ୍ୟ ଓଡ଼ିଶାରେ ପାଳନ କରାଯାଏ। ସ୍ୱାଧୀନତା ଦିବସ, ଗାନ୍ଧିଜୟନ୍ତୀ, ଶିଶୁଦିବସ, ଗୁରୁଦିବସ ଭଳି ମୁଖ୍ୟ ରାଷ୍ଟ୍ରୀୟ ପର୍ବଗୁଡ଼ିକର ଜନଜୀବନରେ ପ୍ରଭାବ ମଧ୍ୟ ସ୍ୱୀକାରଯୋଗ୍ୟ।

ତେବେ ପର୍ବପର୍ବାଣିଗୁଡ଼ିକର ଉତ୍କଳର ଜନଜୀବନରେ ପ୍ରଭାବ ସୁଦୂରପ୍ରସାରୀ। ପ୍ରଥମ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ମଣିଷ-ମଣିଷ ମଧ୍ୟରେ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ପର୍ବପର୍ବାଣିର ଭୂମିକା ଅନସ୍ୱୀକାର୍ଯ୍ୟ। ସର୍ବୋପରି ଖାଦ୍ୟରୁଚିର ପରିବର୍ତ୍ତନ ଓ ନୂତନ କର୍ମସ୍ପୃହାର ବିକାଶ ତଥା କର୍ମକ୍ଳାନ୍ତିର ଅପନୋଦନ ନିମନ୍ତେ ଏଗୁଡ଼ିକର ଭୂମିକା ସ୍ୱୀକାରଯୋଗ୍ୟ। ସାମାଜିକ ଓ ସାଂସ୍କୃତିକ ସମ୍ବନ୍ଧରେ ଅଭିବୃଦ୍ଧି ସାଧନରେ ପର୍ବପର୍ବାଣିଗୁଡ଼ିକ ମଧ୍ୟ ସହାୟତା କରିଥା'ନ୍ତି। ତେବେ ଜାତୀୟ ସଂହତିର ବିକାଶ ତଥା ଆମର ବୈଦିକ ତଥା ଧାର୍ମିକ ଅନୁଚିନ୍ତନର ସୁଦୃଢ଼ ଭିତ୍ତିଭୂମି ମଧ୍ୟରେ ପର୍ବପର୍ବାଣିଗୁଡ଼ିକର ଆମୋଦଦାୟକ ଅନୁଭୂତି ଅନୁଭବଯୋଗ୍ୟ।

(ଗ) ଇଂରାଜୀ ଟେଲିଭିଜନ ଶବ୍ଦର ଓଡ଼ିଆ ରୂପାନ୍ତର ଦୂରଦର୍ଶନ। ଦୂରରେ ଘଟୁଥିବା ଘଟଣାର ଦୃଶ୍ୟ ଏହି ଯନ୍ତ୍ର ସାହାଯ୍ୟରେ ଦେଖାଯାଏ। ରେଡ଼ିଓରେ ଆମେ କେବଳ ଦୂରସ୍ଥ ସଙ୍ଗୀତ, ଭାଷଣ, ଆଲୋଚନା ଶୁଣୁ। ଦୂରଦର୍ଶନରେ ସେସବୁ ଶୁଣିବା ସଙ୍ଗେ ସଙ୍ଗେ ସଂଗୀତକାର, ବକ୍ତା ଓ ଆଲୋଚକ ଇତ୍ୟାଦିଙ୍କୁ ପ୍ରାକୃତିକ ଭଙ୍ଗୀସହ ଦେଖିଥାଉ। ଆଧୁନିକ ବିଜ୍ଞାନର ଏ ଚମତ୍କାର ଉଦ୍ଭାବନଟି ଆମ ଜୀବନକୁ ନାନାଭାବରେ ଆମୋଦିତ ଓ ପ୍ରଭାବିତ ଯେ କରୁଛି, ଏଥିରେ ସନ୍ଦେହ ନାହିଁ।

ମାର୍କୋନି ରେଡ଼ିଓ ଉଦ୍ଭାବନ କରିବା ପରେ ବୈଜ୍ଞାନିକମାନେ ଆଶାନ୍ୱିତ ହୋଇଉଠିଲେ ଯେ, ଶବ୍ଦ ସହିତ ଚିତ୍ର ବି ଦୂରକୁ ପଠାଯାଇ ପାରିବ। ଜଣେ ଜର୍ମାନ୍ ବୈଜ୍ଞାନିକ ଏ ଦିଗରେ ୧୮୮୮ ଖ୍ରୀ.ରେ ପ୍ରାଥମିକ ଚେଷ୍ଟା କରି ବିଫଳ ହେଲେ। ଅନବରତ ଉଦ୍ୟମ କେବେ ବିଫଳ ହୁଏ ନାହିଁ। ଏହା ପ୍ରମାଣିତ ହେଲା ୧୯୨୬ରେ। ସ୍କଟୀୟ ବୈଜ୍ଞାନିକ ଜନ୍ ଲୋଜି ବେୟର୍ଡ଼ (J.L. Baird) ଲଣ୍ଡନର ରୟାଲ ଇନ୍‌ଷ୍ଟିଚ୍ୟୁଟ୍‌ରୁ ପ୍ରଥମ ଦୂରଦର୍ଶନର ସଫଳ ପରୀକ୍ଷା କଲେ। ୧୯୫୪ରେ ଏହା ଭାରତକୁ ଆସିଲା।

ଏ ନିମନ୍ତେ ଗୋଟିଏ ଚିତ୍ରଗ୍ରହଣ ଗୃହ ଥାଏ। ତାହା ଷ୍ଟୁଡ଼ିଓ। ସେଠାରେ ବିଭିନ୍ନ ଯନ୍ତ୍ର ଓ ତା'ର ଯନ୍ତ୍ରୀ ଥାଆନ୍ତି। ଷ୍ଟୁଡ଼ିଓରେ ନାଟକ, ସଂଗୀତ ଆଦି ଅନୁଷ୍ଠିତ ହୁଏ। ଉତ୍‌ପ୍ରେରକ ସାହାଯ୍ୟରେ ଗୃହୀତ ଛବି ଓ ଧ୍ୱନିର ରେକର୍ଡ଼ ଦୂରକୁ ସଂପ୍ରସାରଣ କରାଯାଏ। ଏହାର ଛବି ଦୂରଦର୍ଶନ ରିସିଭରରେ ପଡ଼େ ଓ ଆମେ ସେଗୁଡ଼ିକ ଦେଖୁ। ତାହା ନିଅନ ବତିରେ ଉଜ୍ଜ୍ୱଳ ରୂପରେ ଦେଖାଯାଏ।

ଏହାକୁ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ କୁହାଯାଏ। ଖୁବ୍ ଜନପ୍ରିୟ ଏ ମାଧ୍ୟମ। ରେଡ଼ିଓ ପରି ଏହା ଆମୋଦ ଓ ମନୋରଞ୍ଜନ ଦିଏ। ଜଣେ ଭଲ ଶିକ୍ଷକଙ୍କ ଶିକ୍ଷାଦାନ ଦେଶର ହଜାର ହଜାର ଛାତ୍ରଙ୍କ ପାଖରେ ଦୂରଦର୍ଶନ ପହଞ୍ଚାଇଦିଏ। ସେଇଭଳି ଜାତୀୟ ସମସ୍ୟାବଳୀ ଏହା ମାଧ୍ୟମରେ ସହଜରେ ସମ୍ପ୍ରସାରିତ ହୁଏ ଏବଂ ଜନମତ ସୃଷ୍ଟି ହୁଏ। ଦୂରଦର୍ଶନ ଶିକ୍ଷା, ସଂସ୍କୃତି, ସୁରୁଚି ଓ ଜ୍ଞାନର ଏକ ଉତ୍ତମ ବାହକ। ଏହାରି ସାହାଯ୍ୟରେ ଇନ୍ଦିରାଜୀ ଭାରତର ପ୍ରଥମ ମହାଶୂନ୍ୟଚାରୀ ରାକେଶ ଶର୍ମାଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଆମ ଚାରିପାଖରେ ଘଟୁଥିବା ଶହ ଶହ ଛୋଟ ବଡ଼ ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ମହାଶୂନ୍ୟ ଯାତ୍ରା, ନୂତନ ଆବିଷ୍କାର, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରତିଯୋଗିତା, ବୈଜ୍ଞାନିକ, ନେତାମାନଙ୍କ ସହିତ ଆଳାପ ଆଲୋଚନା, ଜନଜୀବନର ଚିତ୍ର, ସାଂସ୍କୃତିକ ଘଟଣାସମୂହ ଲୋକମାନଙ୍କ ପାଖରେ ପ୍ରତ୍ୟକ୍ଷ ଭାବରେ ଏହା ପହଞ୍ଚାଇଦିଏ। ଫଳରେ ଜନଚେତନା ସର୍ବାଧୁନିକ ଜ୍ଞାନ ଓ ତତ୍ତ୍ୱ ସମ୍ପର୍କରେ ସଜାଗ ହୋଇଯାଏ।

ଦୁନିଆଁର କୌଣସି ବସ୍ତୁ ଦୋଷମୁକ୍ତ ନୁହେଁ। ଦୂରଦର୍ଶନ ସେଇଭଳି ଆଖି ଉପରେ ପ୍ରଭାବ ପକାଏ ଏବଂ ଏହାକୁ ବାରମ୍ବାର ଦେଖୁଥିବା ଛାତ୍ରଛାତ୍ରୀ ପଢ଼ାରେ ଅବହେଳା କରନ୍ତି। ତେଣୁ ଏହାକୁ କେହି କେହି ଇଡ଼ିଅଟ୍ ବକ୍ସ କହିବା ଶୁଣାଯାଏ। ଦୂରଦର୍ଶନର ଅପକାର ତୁଳନାରେ ଉପକାର ବହୁତ। ତା' ଛଡ଼ା ବାପମା' ସଚେତନ ରହି ଏହାର ବ୍ୟବହାରରେ ସଂଯମ ଓ ଶୃଙ୍ଖଳା ଆଚରଣ କଲେ ଏହା ଆଦୌ ଅପକାରକ ହେବ ନାହିଁ।

ସେଇଭଳି ଏଥିରେ ଦେଖାଯାଉଥିବା ପ୍ରତିଟି ଛବି ଓ ତା'ର ଭାଷାକୁ ରୁଚିପୂର୍ଣ୍ଣ କରିବା ସଂଯୋଜକମାନଙ୍କ ନୈତିକ ଦାୟିତ୍ୱ। ଭାରତବର୍ଷରେ ଏହାର ପ୍ରତିଷ୍ଠା ହୁଏ ବିଂଶଶତକର ସପ୍ତ ଦଶକରେ। ଏ ମଧ୍ୟରେ ଏହାର ପ୍ରଭୂତ ପ୍ରସାର ହେଲାଣି। ଆଜି ନିଜର ଉପଗ୍ରହ ସାହାଯ୍ୟରେ ଆମ ବୈଜ୍ଞାନିକ କୌଶଳରେ ଏବେ ଭାରତସାରା ଏହାର ପରିବେଷଣ କେନ୍ଦ୍ର ଛାଇ ହୋଇଗଲାଣି। ୧୯୯୫ର ଜୁଲାଇ ସୁଦ୍ଧା କେବଳ ଓଡ଼ିଶାରେ ଏହାର ୩୦ଟି ପ୍ରସାରଣ କେନ୍ଦ୍ର ସ୍ଥାପିତ ହୋଇସାରିଛି। ଦୂରଦର୍ଶନ ଯୋଗୁଁ ଆମର ଲୋକ ସଂସ୍କୃତି ସଚେତନତା ବଢ଼ିଛି। ବଢ଼ିଛି ଦେଶର ସଂହତି ପାଇଁ ଉଦ୍‌ବେଗ। ଦୂରଦର୍ଶନ ଏ ଯୁଗର ଅନ୍ୟତମ ମହାନ୍ ସେବାକାରୀ ଉଦ୍ଭାବନ।

୧୪।

ଲକ୍ଷ୍ମୀସାଗର,
ତା- ୧୭.୦୨.୨୦୨୦

ସ୍ନେହର ମନୋଜ,

ମୋର ଆଶୀର୍ବାଦ ନେବୁ। ଘରେ ବାପା ବୋଉଙ୍କୁ ପ୍ରଣାମ ଜଣାଇ ଦେବୁ। ଆଶା ଭଲରେ ଥିବୁ। ତୋର ଚିଠି ଗତକାଲି ପାଇଲି। ତା' ସହିତ ବୋଉର ଚିଠି ମଧ୍ୟ ପାଇଲି। ବୋଉର ଚିଠିରୁ ଯାହା ଜଣାପଡ଼ିଲା, ତୁ ଆଉ ଆଗପରି ପାଠରେ ମନ ଦେଉନାହୁଁ। ବାପା ବୋଉଙ୍କର କଥା ମାନୁନାହୁଁ। ତେଣୁ ବଡ଼ଭାଇ ଭାବରେ ତତେ କିଛି ଉପଦେଶ ଦେବାକୁ ଭାବି, ତୋ ପାଖକୁ ଏ ଚିଠିଟି ଲେଖୁଛି।

ବୋଉର ଚିଠିରୁ ଜଣାପଡ଼ିଲା ଯେ ତୁ ପାଠପଢ଼ାରେ ମନ ନ ଦେଇ ସବୁବେଳେ ଖେଳକୁଦରେ ସମୟ ଅତିବାହିତ କରୁଛୁ। ଘରେ ଗୁରୁଜନମାନେ ଯାହା କହିଲେ ତୁ ସେଥିପ୍ରତି ଗୁରୁତ୍ୱ ଦେଉନାହୁଁ। ଏପରିକି କିଛି ଖରାପ ସାଙ୍ଗଙ୍କ ମେଳରେ ପଡ଼ି ତୁ ବେଳକୁ ବେଳ ଖରାପ ହେବାକୁ ଯାଉଛୁ। ହେଲେ ଏଥିରେ ଲାଭ କ'ଣ ହେଉଛି ? ଯାହାକିଛି କ୍ଷତି ହେବ, ତୋର ହିଁ ହେବ ? ଆଉ ଗୁରୁଜନଙ୍କ କଥା ନ ମାନିଲେ ନିଜର ବହୁତ କ୍ଷତି ହୁଏ। ଗୁରୁଜନଙ୍କ ଉପଦେଶ ଖରାପ ଲାଗିପାରେ, ମାତ୍ର ତାହା ଆମର ମଙ୍ଗଳ କରିଥାଏ। ତୁ ବାପାବୋଉଙ୍କ କଥା ନ ମାନିଲେ ସେମାନେ ତୋ ଉପରେ ଅସନ୍ତୁଷ୍ଟ ହେବେ। ସେମାନଙ୍କର ତୋ ପ୍ରତି ସ୍ନେହ ମମତା କମି ଆସିବ। ତୁ ମଧ୍ୟ ବେଳକୁ ବେଳ ଅବାଧ୍ୟ ହୋଇ ଶେଷରେ ନିଜର କ୍ଷତି କରିବୁ। ନିଜେ ହିଁ ନିଜର କ୍ଷତି କରି ଜୀବନକୁ ନଷ୍ଟ ନ କରି ଦେବାକୁ ତୋର ଇଚ୍ଛା ହେଉଛି କି ? ମୋ ମତରେ ଯାହା କରିଥିଲୁ ତାହାକୁ ଭୁଲିଯିବୁ। ଚିଠି ପାଇଲା ପରଠାରୁ ଶପଥ କରିବୁ, ଯେପରି ବାପ ମା'ଙ୍କର ଅବାଧ୍ୟ ନ ହେବୁ। ଆଉ ଦେଖିବୁ ଆମ ଘରେ ପୁଣି ଶାନ୍ତିର ବାତାବରଣ ଖେଳିଯିବ। ଆଚ୍ଛା, ତୁ କ'ଣ ଘରେ ଅଶାନ୍ତିର ବାତାବରଣ ଖେଳିବାକୁ ଚାହୁଁ ? ମୋ ସୁନାଭାଇଟା ପରା ତୁ ମୋ କଥା ମାନି ଭଲ ପିଲା ହେବୁ। ଚିଠି ପାଇ ଚିଠି ଦେବୁ। ତୋର ଅପେକ୍ଷାରେ ରହିଲି।

ତୋର ବଡ଼ଭାଇ
ରାକେଶ

| ଠିକଣା | | ଟିକେଟ |
|---|---|---|
| ପ୍ରେରକ | ଗ୍ରାହକ | |
| ଶ୍ରୀ ରାଜେଶ କୁମାର ମିଶ୍ର | ମନୋଜ କୁମାର ମିଶ୍ର | |
| ୧୧୨, ଲକ୍ଷ୍ମୀସାଗର | ସା- ତାଳଦଣ୍ଡା | |
| ପୋ- ରସୁଲଗଡ଼ | ଭାୟା- କୁଜଙ୍ଗ | |
| ଭୁବନେଶ୍ୱର | ଜି- ଜଗତ୍‌ସିଂହପୁର | |
| ଜି-ଖୋର୍ଦ୍ଧା | ପିନ୍ - ........ | |
| ପିନ୍ - ୭୫୧୦୧୦ | | |

**କିମ୍ବା,** ମାନନୀୟ ଶ୍ରୀଯୁକ୍ତ ପଶୁ ଚିକିତ୍ସା ନିର୍ଦ୍ଦେଶକ, ଭୁବନେଶ୍ୱର
ମହୋଦୟେଷୁ ।

**ବିଷୟ:** ପଶୁ ଚିକିତ୍ସାଳୟ ଖୋଲିବା ନିମନ୍ତେ ଆବେଦନ

ମହାଶୟ,

ଆମେ କଟକ ଜିଲ୍ଲା ବାଲିଅନ୍ତା ବ୍ଲକ ଅଧୀନସ୍ଥ ବନ୍ତଳ ଗ୍ରାମର ଅଧିବାସୀବୃନ୍ଦ ଆମର କେତେକ ସମସ୍ୟା ସମ୍ପର୍କରେ ଉଲ୍ଲେଖକରି ସେଗୁଡ଼ିକର ନିରାକରଣ ନିମନ୍ତେ ଭବଦୀୟ ଦୃଷ୍ଟି ଆକର୍ଷଣ କରୁଅଛୁ ।

ଆମ ଗ୍ରାମର ଅଧିବାସୀବୃନ୍ଦଙ୍କର କୃଷି ହିଁ ଜୀବନଯାପନର ମୁଖ୍ୟ ପାଥେୟ । ଏହି ଗ୍ରାମର ଅଧିକାଂଶ ଅଧିବାସୀ ବର୍ଷର ବିଭିନ୍ନ ଋତୁରେ ଉପଯୋଗୀ ଫସଲ ଉତ୍ପାଦନ ଓ ବିପଣନ କରି ଜୀବିକା ନିର୍ବାହ କରନ୍ତି । ସ୍ଥୂଳତଃ ପଶୁସମ୍ପଦ ହିଁ ଆମର ବଞ୍ଚିବାର ଉପଜୀବ୍ୟ ଉପାଦାନ । କାରଣ ପଶୁଗୁଡ଼ିକଙ୍କର ଅମୂଲ୍ୟ ସହାୟତା ଯୋଗେ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଥାଏ । ପରନ୍ତୁ ଦୁଃଖ ତଥା ପରିତାପର ବିଷୟ ଯେ, ଦେଶ ଏକବିଂଶ ଶତାବ୍ଦୀର ପ୍ରଥମ ପାହାଚରେ ପାଦ ଦେଇଥିଲେ ହେଁ ଆମେ ଏହି ସମ୍ପଦକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଚିକିତ୍ସାଳୟର ଅଭାବରୁ ଅସମର୍ଥ ହେଉଛୁ । ଆମ ଅଞ୍ଚଳରେ ଏପର୍ଯ୍ୟନ୍ତ ପଶୁ ଚିକିତ୍ସାଳୟଟିଏ ପ୍ରତିଷ୍ଠା ହୋଇ ନାହିଁ । ଏଣୁ ବର୍ଷାକାଳ ଆସିଲେ ଗୋମଡ଼କ ସୃଷ୍ଟିହୋଇ ଆମ ଚାଷୀଭାଇମାନଙ୍କ ଉପରେ ବିନା ମେଘରେ ବଜ୍ରପାତ ହେଉଛି । ଆପଣ ଅନୁଭବ କରିପାରିବେ ଯେ ଉକ୍ତ ବ୍ୟାଧି କିଭଳି ସଂକ୍ରାମକ, ମାରାତ୍ମକ ଓ କ୍ଷତିକାରକ । ଗୋରୁ, ଗାଈଗୁଡ଼ିକଙ୍କର ଅକାଳ ମୃତ୍ୟୁରେ ଚାଷୀ ତଥା ଗୋପାଳକମାନେ ସର୍ବସ୍ୱାନ୍ତ ହୋଇଯାଉଅଛୁ ।

ଏଣୁ ବିନୀତ ଅନୁରୋଧ କରୁଅଛୁ କି, ଆମ ଅଞ୍ଚଳରେ ଏକ ପଶୁ ଚିକିତ୍ସାଳୟ ପ୍ରତିଷ୍ଠା କରି ସେଠାରେ ଉପଯୁକ୍ତ ଚିକିତ୍ସକଙ୍କୁ କର୍ମନିଯୁକ୍ତି ମିଳିବାର ବ୍ୟବସ୍ଥା କରାଗଲେ ଆମର ପଶୁସମ୍ପଦ ଅକାଳ ମୃତ୍ୟୁମୁଖରୁ ରକ୍ଷା ପାଇପାରିବେ ।

ପ୍ରକାଶଥାଉକି, ଏହି ପ୍ରତିଷ୍ଠାନ ନିମନ୍ତେ ସ୍ଥାନ ଓ ଆବଶ୍ୟକ ଶ୍ରମ ପ୍ରଦାନ କ୍ଷେତ୍ରରେ ଆମେ ଗ୍ରାମୀଣ ଅଧିବାସୀବୃନ୍ଦ କୁଣ୍ଠିତ ନୋହୁଁ ।

ଯଥେଷ୍ଟ ସମ୍ମାନ ସହ ।

ଆପଣଙ୍କର ବିଶ୍ୱସ୍ତ
ବନ୍ତଳ ଗ୍ରାମର ଅଧିବାସୀବୃନ୍ଦ
ସୁନ୍ଦରମଣି ସାମନ୍ତରାୟ
ମୃତ୍ୟୁଞ୍ଜୟ ଖଟୁଆ
ନିଶାମଣି ମୁଦୁଲି
ଗୋବିନ୍ଦ ଚନ୍ଦ୍ର ମିଶ୍ର

ବନ୍ତଳ,
ତା-୧୨.୨.୨୦୨୦

| ଠିକଣା | | ଟିକେଟ |
|---|---|---|
| ପ୍ରେରକ | ଗ୍ରାହକ | |
| ବନ୍ତଳ ଗ୍ରାମର ଅଧିବାସୀବୃନ୍ଦ | ମାନନୀୟ ପଶୁ ଚିକିତ୍ସା ନିର୍ଦ୍ଦେଶକ | |
| ବାଲିଅନ୍ତା, କଟକ | ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ | |
| | ଭୁବନେଶ୍ୱର | |

୧୫। (କ) ବ୍ୟକ୍ତିର ପାରଦର୍ଶିତା ଅର୍ଜନ ପାଇଁ ତା' ଭିତରେ ଲୁକ୍କାୟିତ ଥିବା ସାମର୍ଥ୍ୟକୁ ଖୋଜି କାଢ଼ିବା ଦରକାର। (ଖ) ସାମାଜିକ ବିକାଶର ମାନଦଣ୍ଡ ବୋଲି ଆମେ ସାହିତ୍ୟିକ, ସାଂସ୍କୃତିକ, ଆର୍ଥନୀତିକ, ସାଂଗଠନିକ, ପ୍ରଶାସନିକ ଆଦି ଅନେକ ଦିଗଗୁଡ଼ିକୁ କହିପାରିବା। (ଗ) ସମାଜକୁ କିଛି ଦେବା ପରିବର୍ତ୍ତେ ଯଦି କିଛି ନେଇଆସିବାର ଭାବନା ମନରେ ସୃଷ୍ଟି ହୁଏ, ସେତେବେଳେ ମଣିଷ ଆତ୍ମକୈନ୍ଦ୍ରିକ ହୋଇଯାଏ। (ଘ) ବିବେକାନନ୍ଦ କହିଥିଲେ ଯେ, ସଂକୀର୍ଣ୍ଣ ଭାବନା ମୃତ୍ୟୁ ଓ ପ୍ରସାର ଭାବନା ଜୀବନସହ ସମାନ। (ଙ) ମହତ୍ତ୍ୱକୁ ଖୋଜି ପାଇଲାପରେ ବ୍ୟକ୍ତିର ସରିଯାଏ ନାହିଁ। ତାକୁ ସମାଜର ବିକାଶରେ ପ୍ରୟୋଗ କରିବା ପାଇଁ ଅଧ୍ୟବସାୟ ଅବଶ୍ୟକ।

❑❑❑



ଗୋଟିଏ ମାତ୍ର ପ୍ରକୃତ ମୁଦ୍ରା ଅଛି, ଯାହା ସାହାଯ୍ୟରେ ସବୁ ପ୍ରକାର ଦ୍ରବ୍ୟ କ୍ରୟ କରାଯାଇପାରେ। ସେ ହେଉଛି ଜ୍ଞାନ।
- ସକ୍ରେଟିସ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏଲ୍ଆଇସିକୁ ଘରୋଇକରଣ ବିରୋଧରେ ସିପିଆଇର ବିକ୍ଷୋଭ, ଏଲଆଇସି ଅଫିସ, ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ପାଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ୧୪ତମ ବାର୍ଷିକ ସମ୍ମେଳନ, ଗୀତ ଗୋବିନ୍ଦ ଭବନ, ପୂର୍ବାହ୍ନ ୧୧ଟା ୩୦।
- ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ, ଗଙ୍ଗୋତ୍ରି ଫାର୍ମ ହାଉସ, ଗଙ୍ଗୋତ୍ରି ନଗର, ଲେନ-୨, ଶିଶୁପାଳଗଡ଼, ଅପରାହ୍ନ ୩ଟା।
- ଗୋଲ୍ଡେନ ଟ୍ରାଇଙ୍ଗଲ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଷ୍ଟାର ଫିଲ୍ମ ଆୱାର୍ଡର ପ୍ରତିଭା ସମ୍ମାନ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ଧଉଳି କଳା ମହୋତ୍ସବ, ଶାନ୍ତି ବିହାର, ଫୁଟହିଲସ ଅଫ ଧଉଳି, ସନ୍ଧ୍ୟା ୬ଟା ୩୦।

**କଟକ**

- ବୀରେନ ମିତ୍ର ମେମୋରିଆଲ ମହିଳା ମହାବିଦ୍ୟାଳୟ ପକ୍ଷରୁ ବୀରେନ ମିତ୍ର ସ୍ମାରକୀ ବକ୍ତୃତା, କଲେଜ ପରିସର, ଥୋରିଆ ସାହି, ପୂର୍ବାହ୍ନ ୧୦ଟା ୩୦।
- ସେଣ୍ଟ ଜାଭିୟର ହାଇସ୍କୁଲର ପ୍ରଥମ ବାର୍ଷିକ ଦିବସ ପାଳନ, ଆଇବି ରୋଡ, ଜଗତ୍‌ପୁର, ଅପରାହ୍ନ ୪ଟା।

**ସାକ୍ଷୀଗୋପାଳ**

- ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭା, ସାକ୍ଷୀଗୋପାଳ ପାନ୍ଥଶାଳା, ଅପରାହ୍ନ ୪ଟା।
- ଓଡ଼ିଶା ସାହିତ୍ୟ ଏକେଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ଶ୍ରୀରାମଚନ୍ଦ୍ରପୁର, ସନ୍ଧ୍ୟା ୬ଟା।

## ଟ୍ରାକ୍ଟର ଚାପାରେ ବୃଦ୍ଧା ମୃତ

ଗୋପ,୧୧।୨(ଡି.ଏନ୍.ଏ.): ପାଟେଲିଆ-କପିଳେଶ୍ୱର ରାସ୍ତାର ଓଗାଳପୁର ନିକଟରେ ମଙ୍ଗଳବାର ଅପରାହ୍ଣରେ ଏକ ଇଟା ବୋଝେଇ ଟ୍ରାକ୍ଟର ଚାପାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୀଳକଣ୍ଠେଶ୍ୱରପୁର ଗ୍ରାମର ମନୋରମା ପ୍ରଧାନ। ସୂଚନା ଅନୁଯାୟୀ, ନୀଳକଣ୍ଠେଶ୍ୱରପୁର ଗ୍ରାମର କାଳିଆ ପ୍ରଧାନ ତାଙ୍କ ଖୁଡୀ ମନୋରମା ବାଇକ୍‌ରେ ପାଟେଲିଆ ଛକରୁ ନୀଳକଣ୍ଠେଶ୍ୱରପୁରକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେବାରୁ ମନୋରମା ବାଇକ୍‌ରୁ ଖସି ପଡ଼ିଥିଲେ। ଏହି ସମୟରେ ଯାଉଥିବା ଏକ ଇଟା ବୋଝେଇ ଟ୍ରାକ୍ଟରର ପଛ ଚକ ମନୋରମାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ମନୋରମାଙ୍କ ମୃତ୍ୟୁ ହୋଇଥିଲା। ଗୋପ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ସଂସ୍କୃତି ବିଭାଗ ଖଣ୍ଡଗିରି ମେଳା ପ୍ରତି ଦୃଷ୍ଟି ଦେଉ

ଭୁବନେଶ୍ୱର, ୧୧।୨ (ବ୍ୟୁରୋ): ଖଣ୍ଡଗିରି କୁମ୍ଭ ମେଳା କେଉଁକାଳରୁ ହୋଇଆସୁଛି। ଆମ ଜେଜେ ବାପାଙ୍କଠାରୁ ଆରମ୍ଭ କରି ଆମ ନାତୁଣୀନାତି ପର୍ଯ୍ୟନ୍ତ ଛଅ ପିଢ଼ି ହେବ ଏହି ମେଳା ଆମେ ଦେଖି ଆସୁଛୁ। କାରଣ ଏହା ଆମ ଗାଁ, ଆମ ଅଞ୍ଚଳର ତଥା ରାଜ୍ୟ ବାହାରର ମୁଖ୍ୟ ଧାର୍ମିକ ମେଳା। ଅନେକ ବାବାଜୀ, ସାଧୁ ଏଠାରେ ଥିବା ଗୁମ୍ଫାଗୁଡିକରେ ଏହି ମେଳାକୁ ଆସି ଅବସ୍ଥାନ କରିଥାନ୍ତି। କିନ୍ତୁ ଖୋଦ୍ ରାଜଧାନୀରେ ଏତେବଡ଼ ଲୋକରଣ୍ୟ ଧାର୍ମିକ ମେଳା ହେଲେ ମଧ ରାଜ୍ୟ ସରକାର ଏହାକୁ ସୂଚାରୁ ରୂପେ ସମ୍ପୂର୍ଣ୍ଣ କରିବା ଏବଂ ଏହାର ଐତିହ୍ୟକୁ ସର୍ବବ୍ୟାପୀ କରିବାରେ ଉଦାସୀନତା ପରିଲକ୍ଷିତ ହୁଏ। ରାଜ୍ୟ ସଂସ୍କୃତି ବିଭାଗ ଏହା ଉପରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ପ୍ରେସ୍ ବିଜ୍ଞପ୍ତିରେ ଦାବି କରିଛନ୍ତି।

# ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଗ୍ରାହକଙ୍କୁ ମେଳାରେ ସାମିଲ କରାଯାଉ: ଆଇନ ମନ୍ତ୍ରୀ

### ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳା




କଟକ ଅଫିସ, ୧୧।୨

ଓଡ଼ିଶାରେ ବାଣିଜ୍ୟ କାରବାର ପ୍ରଥମେ କଟକରୁ ଆରମ୍ଭ ହୋଇଥିଲା। ଏହି ମାଟିରେ ହେଉଥିବା ମେଳା ସ୍ୱତନ୍ତ୍ର। ଏଭଳି ମେଳା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀଙ୍କୁ ଉତ୍ସାହିତ କରିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଥିବା ଗ୍ରାହକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉ। ସେମାନଙ୍କୁ ଆମର ଉତ୍ପାଦ ବିଷୟରେ ଅବଗତ କରାଇଲେ ବାଣିଜ୍ୟିକ କ୍ଷେତ୍ରରେ ଉନ୍ନତି କରିପାରିବା ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। କଟକ ବାଲିଯାତ୍ରା ଉପରପଡିଆରେ ଏମ୍ଏସ୍ଏମଇ ବିଭାଗ ଏବଂ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଆଞ୍ଚଳିକ ଶିଳ୍ପ ଓ ବାଣିଜ୍ୟ ମେଳାରେ ମଙ୍ଗଳବାର ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ନିଆଳି ବିଧାୟକ ଡ. ପ୍ରମୋଦ ମଲ୍ଲିକ କହିଥିଲେ, ରାଜ୍ୟରେ ବାଣିଜ୍ୟ କାରବାର କ୍ଷେତ୍ରରେ କଟକର ଅବଦାନ ଅତୁଳନୀୟ। ଏହି କାରବାରର ଇତିହାସ କଟକ ସହରର ପ୍ରତ୍ୟେକ ସ୍ଥାନରେ ରହିଛି। ଯାହାର ଉଦାହରଣ ହେଉଛି କଟକ ବାଲିଯାତ୍ରା। ସବୁ ସମୟରେ କଟକରେ ବ୍ୟବସାୟ ଚାଲିଥାଏ ବୋଲି ବିଧାୟକ ମଲ୍ଲିକ କହିଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସା, ସମ୍ପାଦକ ଭିକାରି ଦାସ ଓ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ସନ୍ଧ୍ୟାରେ କଲିକତାର ଫ୍ରିକ୍ସନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ସତ୍ୟଜିତ୍ ଓ ପ୍ରିୟା ସଙ୍ଗୀତ ପରିବେଷଣ କରିଥିଲେ। ଓଆଇଏର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫୁଲ୍ଲ ସିଂ ଧନ୍ୟବାଦ ଦେଇଥିଲେ। ଏଥିରେ ଉପସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ଏମ୍ଏସ୍ଏମ୍ଇ ବିଭାଗର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



**ଦୋଳିରେ ବସି ମଜା ନେଲେ ଲୋକେ**

ଲୋକମାନେ ମେଳାରେ ବୁଲାବୁଲି କରିବା ସାଙ୍ଗକୁ ଦୋଳିରେ ବସି ମଜା ଉଠାଇଥିଲେ। ବିଶେଷକରି ଡ୍ରାଗନ୍, କାର ଓ ରାମ ଦୋଳି ପାଖରେ ଲୋକମାନଙ୍କ ଭିଡ ଦେଖିବାକୁ ମିଳିଥିଲା।

### ବ୍ୟବସାୟ ସାଙ୍ଗକୁ ସଚେତନତା ବାର୍ତ୍ତା

ମେଳାରେ ବ୍ୟବସାୟ ସାଙ୍ଗକୁ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ୯୭ ନଂ. ଷ୍ଟଲର ବ୍ୟବସାୟୀ ରଶ୍ମିରଞ୍ଜନ ମଲ୍ଲିକ। ଭୁବନେଶ୍ୱରର ଏହି ବ୍ୟବସାୟୀଙ୍କ ପାଖରେ ଲୋକମାନଙ୍କ ଭିଡ ବେଶ୍ ଜମୁଛି। ଗୁଆ ଖୋଳରୁ ତିଆରି ଖଲି, ଆଖୁ ଚୋପାରୁ ପ୍ରସ୍ତୁତ ପ୍ଲେଟ୍ ଆଦି ସାମଗ୍ରୀ ବିକ୍ରି କରିବା ସହ ଗ୍ରାହକଙ୍କୁ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନର ବାର୍ତ୍ତା ଆକୃଷ୍ଟ କରୁଛି। ଏହି ସାମଗ୍ରୀର ଦାମ୍ ୩ରୁ ୬ଟଙ୍କା ମଧ୍ୟରେ ରହିଛି। ଏ ସମ୍ପର୍କରେ ବ୍ୟବସ୍ୟାୟୀ ରଶ୍ମିରଞ୍ଜନ କହିଛନ୍ତି, ଏମ୍ଏସ୍ଏମ୍ଇରୁ ଋଣନେଇ ନିଜେ ସାମଗ୍ରୀ ପ୍ରସ୍ତୁତି କରିବା ପାଇଁ ପ୍ରୟାସ ଚାଲିଛି। ଏହି ବ୍ୟବସାୟରେ ମୋର ୬ଜଣ ବନ୍ଧୁ ସହଯୋଗ କରୁଛନ୍ତି।



### ଷ୍ଟଲରେ ବିଭିନ୍ନ ପ୍ରକାର କେକ୍

ଏହି ମେଳାର ୭୪ ନମ୍ବର ଷ୍ଟଲରେ ମିଳୁଛି ବିଭିନ୍ନ ପ୍ରକାରର କେକ୍। ଜଗତ୍‌ପୁରର କ୍ୟୁରୀ କସ୍ତୁରବାଙ୍କ ଷ୍ଟଲରେ ପ୍ରାୟ ୬ ପ୍ରକାରର ଭେଜ କେକ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଯାହାର ମୂଲ୍ୟ ୧୦ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ଏ ନେଇ ଷ୍ଟଲର ମାଲିକ କସ୍ତୁରବା କହିଛନ୍ତି, ପାଠପଢା ସମୟରୁ ଏହି ବ୍ୟବସାୟ ପ୍ରତି ଇଚ୍ଛା ରହିଛି। ବାହାର କେକ୍‌ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଲୋକମାନେ ଏହାକୁ ବହୁତ ପସନ୍ଦ କରୁଛନ୍ତି।

# 'ସଂଗ୍ରାମୀଙ୍କ ଦାୟାଦଙ୍କୁ ପ୍ରୋତ୍ସାହନ ଦିଆଯାଉ'




ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ରାଜ୍ୟସ୍ତରୀୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଘ ଓ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଙ୍ଗଠନର ମିଳିତ ଉଦ୍ୟମରେ ଗାନ୍ଧି ୧୫୦ତମ ଜନ୍ମ ଶତବାର୍ଷିକୀ ଓ ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କର ତ୍ରିଦିବସୀୟ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାରଠାରୁ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଘର ସଭାପତି ତଥା ରାଜ୍ୟ ସ୍କାଉଟ୍ ଗାଇଡ ସଙ୍ଗଠନର ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସ୍କାଉଟ୍/ଗାଇଡ୍ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତାମାନେ ଉକ୍ତ ସମ୍ମିଳନୀରେ ଯୋଗଦାନ କରିଥିଲେ। ପୂର୍ବାହ୍ନ ଅଧିବେସନରେ ମଞ୍ଚାସୀନ ବିଶିଷ୍ଟ ଅତିଥିମାନେ ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କୁ ସେମାନଙ୍କର ପୂର୍ବପୁରୁଷମାନଙ୍କର ସ୍ୱାଧୀନତା ଆନ୍ଦୋଳନରେ ବଳିଦାନ ବିଷୟରେ ଦାୟାଦମାନଙ୍କୁ ଅବଗତ କରାଇଥିଲେ। ଏଥିସହିତ ଦେଶପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ଦାୟାଦମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେମାନଙ୍କର ଦାୟାଦମାନଙ୍କର ଦେଶ ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ। ସଂଗ୍ରାମୀମାନଙ୍କ ଉତ୍ତରପିଢ଼ୀମାନଙ୍କ ପ୍ରତି ସରକାର ସମସ୍ତ ସହଯୋଗର ହାତ ବଢ଼ାଇବା ପାଇଁ ମନ୍ତ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ନ୍ୟାୟାଧୀଶ ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ଗାନ୍ଧି ପିସ୍ ଫାଉଣ୍ଡେସନର ବିଶ୍ୱଜିତ୍, ସୂଚନା ଓ ଲୋକସମ୍ପର୍କ, ଓଡିଶାର ଉପଦେଷ୍ଟା ମାନସ ମଙ୍ଗରାଜ ଏବଂ ଓଡ଼ିଶା ଯୁଥ୍ ୱେଲଫେୟାର ବୋର୍ଡର ଅଧ୍ୟକ୍ଷ ବିନୟ ନାୟକ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ୧୫୦ତମ ଗାନ୍ଧି ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ସିଦ୍ଧାନ୍ତ



ଜୟନ୍ତ



ରିଙ୍କୁ



ଗଙ୍ଗାରାମ



ଶ୍ୟାମ



ରଞ୍ଜନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

## ଫଟୋରେ ଖବର




ଦିଲ୍ଲୀରେ ଆମ୍ ଆଦ୍ମୀ ପାର୍ଟି (ଆପ୍) ପୁଣି ଜିତିବା ପରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ କର୍ମୀମାନେ ଉତ୍ସବ ପାଳନ କରୁଛନ୍ତି।




ଦିଲ୍ଲୀ ନିର୍ବାଚନରେ ଏଏପିର ସଫଳତା ପରେ ଅରବିନ୍ଦ କେଜରିୱାଲଙ୍କୁ ଅଭିନନ୍ଦନ ଜଣାଇ ବାଲୁକା ଶିଳ୍ପୀ ମାନସ ସାହୁ ମଙ୍ଗଳବାର ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।

- ବର୍ନାଡ ଶ



## ସଂକ୍ଷେପରେ

### ୧୬,୫୦୦ ଦିବ୍ୟାଙ୍ଗଙ୍କୁ ମିଳିଲା ଡିଜିଟାଲ ପ୍ରମାଣପତ୍ର

**ପୁରୀ ଅଫିସ,୧୧।୨:** ବାତ୍ୟା ଫନୀ ପରେ ପୁରୀ ଜିଲାର ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି ପ୍ରଫୁଲ୍ଲ ଯୋଜନା। ଏହି ଯୋଜନାରେ ଜିଲାର ୧୬,୫୦୦ ଦିବ୍ୟାଙ୍ଗଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜିଲାର ୧୧ଟି ବ୍ଲକ, ୩ଟି ଏନ୍ଏସି ଏବଂ ଗୋଟିଏ ମ୍ୟୁନିସିପାଲିଟିରେ ଦିବ୍ୟାଙ୍ଗମାନଙ୍କ ଚିହ୍ନଟ ଲାଗି ୧୨ଟି ପ୍ରଫୁଲ୍ଲ ଭୀମଭୋଇ ମେଗା କ୍ୟାମ୍ପ କରାଯାଇଥିଲା। ଏଥିରେ ୩୦,୮୭୭ ଜଣ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇବା ଲାଗି ଆବେଦନ କରିଥିଲେ। ସେସବୁର ଯାଞ୍ଚ କରାଯିବା ପରେ ୧୬,୫୦୦ ଜଣଙ୍କୁ ଅନ୍‌ଲାଇନ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି। ଭାରତ ସରକାରଙ୍କ ନିୟମ ଅନୁଯାୟୀ, ଜଣେ ଯୋଗ୍ୟ ହିତାଧିକାରୀ ହେବା ପାଇଁ ୟୁନିକ୍ ଡିଜାବିଲିଟି ଆଇଡେଣ୍ଟିଫିକେଶନ କାର୍ଡ (ୟୁଡିଆଇଡି) ହୋଲ୍‌ଡର ହେବା ଆବଶ୍ୟକ। ଏଥିପାଇଁ ଅନ୍‌ଲାଇନ ରେଜିଷ୍ଟ୍ରେଶନ କରିବା ବାଧ୍ୟତାମୂଳକ। ଏହି ଅନ୍‌ଲାଇନ ରେଜିଷ୍ଟ୍ରେଶନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ୟୁଡିଆଇଡି ସେଲ୍ ଖୋଲାଯାଇଥିଲା। ଅନ୍ୟପକ୍ଷରେ ଯେଉଁ ଦିବ୍ୟାଙ୍ଗ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ନାଁ ଅନ୍‌ଲାଇନ ରେଜିଷ୍ଟ୍ରୀଭୁକ୍ତ ହୋଇନାହାନ୍ତି ସେମାନେ ତୁରନ୍ତ କରାଇନେବା ଆବଶ୍ୟକ । ନଚେତ ଆଗକୁ ସମସ୍ତ ସରକାରୀ ସହାୟତାରୁ ବଞ୍ଚିତ ହେବେ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ ସୂଚନା ଦେଇଛନ୍ତି।

### ପଣ୍ଡିତ ଗଦାଧର ପୁରୋହିତଙ୍କ ଶ୍ରାଦ୍ଧ ଉତ୍ସବ

**କଣାସ, ୧୧।୨(ସ୍ୱ.ପ୍ର.):** କଣାସ ବ୍ଲକ ଡିମିରି ଗ୍ରାମରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ଗଦାଧର ପୁରୋହିତଙ୍କ ୧୫ତମ ଶ୍ରାଦ୍ଧ ଉତ୍ସବ ଗତ ୯ତାରିଖରେ ଡିମିରି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ଭାଗୀରଥି ମହାପାତ୍ର, ରମେଶଚନ୍ଦ୍ର ଉତ୍ତରକବାଟ, ରୂପଶ୍ରୀ ଛୋଟରାୟ, ପ୍ରଦୀପ କୁମାର ସ୍ୱାଇଁ, ନଗେନ୍ଦ୍ର ସୁନ୍ଦରାୟ, ପରୀକ୍ଷିତ ବଡଜେନା, ଯଦୁମଣି ମଙ୍ଗରାଜ, ଲିଙ୍ଗରାଜ ପରିଡା, ପାଲା ଗାୟକ ଚକ୍ରଧର ବାରିକ, ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପଣ୍ଡିତ ପୁରୋହିତଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କଣାସ ବ୍ଲକର ୨୦୧୮-୧୯ ଶିକ୍ଷାବର୍ଷରେ ତୃତୀୟ ଓ ପଞ୍ଚମ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ ସଭାପତି ବିଜୟ କୁମାର ପାଢୋଶୀ ଓ କେଲୁଚରଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ପଣ୍ଡିତ ପୁରୋହିତଙ୍କ କନ୍ୟା ଅର୍ଚ୍ଚନା ପୁରୋହିତ ସହଯୋଗ କରିଥିଲେ।

### ବରିଷ୍ଠ ଖବରକାଗଜ ବିତରକଙ୍କ ପରଲୋକ

**ପୁରୀ ଅଫିସ,୧୧।୨:** ଶ୍ରୀକ୍ଷେତ୍ରର ବରିଷ୍ଠ ଖବରକାଗଜ ବିତରକ ପରୀକ୍ଷିତ ସାହୁଙ୍କର (୭୫) ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ଶଯ୍ୟା ପାଖରେ ଦୁଇ ପୁଅ ସନ୍ତୋଷ ଓ ଭାଗୀ, ବୋହୂ, ନାତି ନାତୁଣୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ସେ ଦୀର୍ଘ ୪୦ବର୍ଷ ଧରି ଖବରକାଗଜ ବିତରକ ଭାବେ କାର୍ଯ୍ୟ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ବରିଷ୍ଠ ଖବରକାଗଜ ଏଜେଣ୍ଟ ଜାନକୀ ନନ୍ଦନ ମହାନ୍ତି, ବିତରକ ଦିଲୀପ କୁମାର ମହାନ୍ତି, ପ୍ରଦୀପ ମହାନ୍ତି, ଚନ୍ଦନ ମହାନ୍ତି, କର୍ପୁର ମହାନ୍ତି, ମନୋଜ ସାହୁ, ଶାନ୍ତନୁ ସାହୁ, ବେଣୁଧର ସାହୁ, ପ୍ରତାପ ସାହୁ, ବନମାଳୀ ଦେଓ, ଯୋଗେନ୍ଦ୍ର ପାଲ, ବିଜୟ ସାହୁ, ଭିକାରି ସାହୁ, ବାଲକୃଷ୍ଣ, କୁଞ୍ଜ ପ୍ରଧାନ, ବୈଷ୍ଣବ ପରିଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସଂଘ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି।

# ସମ୍ପୂର୍ଣ୍ଣ ହୋଇନି ତାଳଦା ସେତୁ କାମ

**କକଟପୁର, ୧୧।୨(ଡି.ଏନ.ଏ)**

ପୁରୀ ଜିଲାର ଖଣ୍ଡିସାହି-ତାଳଦା ମଧ୍ୟଭାଗରେ ପ୍ରବାହିତ ହେଉଛି ଦେବୀ ନଦୀ। ଏହି ନଦୀ ଉପରେ ବିଜୁ ସେତୁ ଯୋଜନାରେ ୩୦କୋଟି ଟଙ୍କା ବ୍ୟୟ ବରାଦରେ ସେତୁ ନିର୍ମାଣ ଚାଲିଛି। ଇତିମଧ୍ୟରେ ଶିଳାନ୍ୟାସକୁ

**ଶିଳାନ୍ୟାସର ୬ବର୍ଷ ପୂରିଲା**

୬ବର୍ଷ ପୂରିଗଲାଣି, ମାତ୍ର କାମ ଶେଷ ହେବାର ନାଁ ଧରୁନି। ଅର୍ଦ୍ଧନିର୍ମିତ ସେତୁର କେଉଁଠାରେ ଛାତ ଫାଟି ରଡ୍ ଦିଶିଲାଣି ତ, ଆଉ କେଉଁଠି ରଡ୍‌ରେ କଳଙ୍କି ଲାଗିଲାଣି। ୨୦୧୩ ମସିହା ଜାନୁୟାରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେତୁର ଶିଳାନ୍ୟାସ କରି ୨ବର୍ଷ ଭିତରେ କାମ ସରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କୋଲକାତାର ଏକ ସଂସ୍ଥା ଏହି ସେତୁ କାର୍ଯ୍ୟକୁ ଠିକା ନେଇଛି। ୨୦୧୪ ଜାନୁୟାରୀ ୧୬ ତାରିଖରୁ ଏହାର କାମ ଆରମ୍ଭ ହୋଇ ୨୦୧୬ ଜୁଲାଇ ଶେଷ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବା ପାଇଁ ଚୁକ୍ତି ହୋଇଥିଲା। ମାତ୍ର ୬ବର୍ଷ ପରେ ବି କାମ ସରୁନି। ଗତ ୫ବର୍ଷ ମଧ୍ୟରେ ସେତୁର ମୋଟ ୨୭ଟି ପିଲାର ମଧ୍ୟରୁ ୨୪ଟି ନିର୍ମାଣ ସରିଛି। ସେତୁର ଅଧା ଛାତ ପଡ଼ିଛି। ସେତୁ ଉଭୟ ପାର୍ଶ୍ୱରେ ଆପ୍ରୋଚ ରୋଡ଼ କାମ ଆରମ୍ଭ ହୋଇ ନାହିଁ। ବାକି ଥିବା ୩ ପିଲାର ମଧ୍ୟରୁ ଗୋଟିଏ ଅଧାଗଢା ଏବଂ ଆଉ ୨ଟି ଦେବୀ ନଦୀ ଗର୍ଭରେ ବୁଡ଼ି ରହିଛି। ୧୮, ୨୦ ଓ ୨୧ ନମ୍ବର ପିଲାର ଥିବା ସ୍ଥାନରେ ଦେବୀ ନଦୀର ପ୍ରଖର ସ୍ରୋତ ଆଉ ଅତ୍ୟଧିକ ଗଭୀର ଯୋଗୁ କାର୍ଯ୍ୟ ହୋଇପାରୁନାହିଁ ବୋଲି ଠିକା ସଂସ୍ଥା ପକ୍ଷରୁ ସଫେଇ ଦିଆଯାଉଛି। ମାତ୍ର ବାସ୍ତବ କ୍ଷେତ୍ରରେ ଜୁଆର ଛାଡ଼ିଥିବା ବେଳେ ଉକ୍ତ ସ୍ଥାନରେ ନଦୀର ବାଲି ଦେଖାଯାଉଛି ବୋଲି ତାଳଦା ଦ୍ୱୀପାଞ୍ଚଳବାସୀ କହିଛନ୍ତି। ଏପରିସ୍ଥଳେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥା ଉପରେ ଅହେତୁକ ଅନୁକମ୍ପା ଦର୍ଶାଇ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ କାମ ପୂର୍ଣ୍ଣାଙ୍ଗ ପାଇଁ ଆହୁରି ୩୧କୋଟି ୬୧ଲକ୍ଷ ୩୦ ହଜାର ଟଙ୍କା ଆବଶ୍ୟକ ରହିଥିବା ନେଇ ଏକ ଡେଭିଏଶନ ପ୍ରସ୍ତାବ ପଠାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ନିର୍ମାଣ କାର୍ଯ୍ୟ ପୂର୍ବରୁ ପ୍ରାକ ଆକଳନ, ଏଷ୍ଟିମେଟ ପ୍ରସ୍ତୁତି, ମାଟି ପରୀକ୍ଷା ଓ ବ୍ୟୟ ଅଟକଳ ସମ୍ପର୍କରେ ଠିକ୍ ଭାବେ ସର୍ଭେ ନ କରି କିପରି ଏଷ୍ଟିମେଟ ପ୍ରସ୍ତୁତ କରାଗଲା। ଦେବୀ ନଦୀ ମଝିରେ ପୁରୀ ଜିଲାର ତାଳଦା ଓ ଜଗତ୍‌ସିଂହପୁର ଜିଲାର ତରାସାହି ପଞ୍ଚାୟତ ରହିଛି। ନଦୀ ପାର ହେବାକୁ ହେଲେ ଉଭୟ ପଞ୍ଚାୟତବାସୀ ଡଙ୍ଗା ଉପରେ ନିର୍ଭର କରନ୍ତି। ବର୍ଷାଦିନ ଆସିଲେ ନଦୀ ପାର ହେବା ନେଇ ସେମାନଙ୍କ ମନରେ ଛନକା ପଶେ। ବିଶେଷକରି ଛାତ୍ରୀଛାତ୍ର, ରୋଗୀଙ୍କୁ ନଦୀ ପାର ହେବା ପାଇଁ ହଇରାଣ ହେବାକୁ ପଡ଼େ। ଏହି ସେତୁ କାର୍ଯ୍ୟକ୍ଷମ ହେଲେ ଉଭୟ ଜିଲାବାସୀ ଉପକୃତ ହେବେ। ତେଣୁ ଏ ଦିଗରେ ସରକାର ଦୃଷ୍ଟି ଦେଇ ବର୍ଷାଦିନ ପୂର୍ବରୁ ସେତୁ କାମ ସାରିବାକୁ ଦ୍ୱୀପାଞ୍ଚଳବାସୀ ଦାବି କରିଛନ୍ତି।



ଅଧାପନ୍ତରିଆ ରହିଥିବା ତାଳଦା ସେତୁ।

## ଯୋଗୀ ବେଶରେ ଗାଁ ବୁଲିଲେ ୫ବର୍ଷୀୟ ସତ୍ୟ

**ଗୋପ, ୧୧।୨(ଡି.ଏନ୍.ଏ)**

କଥାରେ ଅଛି ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର। ଏହି କଥାକୁ କେହି ବିଶ୍ୱାସ କରନ୍ତୁ ବା ନ କରନ୍ତୁ ମାତ୍ର ଗୋପ ବ୍ଲକ୍ ଅଧୀନ ବେଦପୁର ତିନିତିଅର ଗ୍ରାମର ଦେବରାଜ ସାହୁ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁ ଦୃଢ ବିଶ୍ୱାସ କରନ୍ତି। ସେଥିପାଇଁ ସେମାନେ ତାଙ୍କର ୫ବର୍ଷୀୟ ପୁଅ ସତ୍ୟନାରାୟଣଙ୍କୁ ଯୋଗୀ ବେଶରେ ସଜାଇଥିଲେ। ମା, ବାପାଙ୍କ ମାନସିକ ମୁତାବକ ସତ୍ୟନାରାୟଣ କାନ୍ଧରେ ଭିକ୍ଷାଥାଳ ଧରି ଭିକ୍ଷାଂ ଦେହି ଭିକ୍ଷାଂ ଦେହି କହି ଗାଁ ଦାଣ୍ଡରେ ବୁଲି ୫୧ ଘର ବୁଲି ଭିକ୍ଷାବୃତ୍ତି କରିଥିଲେ। ପ୍ରକାଶ ଯେ, ଦେବରାଜ ଓ ଗୀତାଞ୍ଜଳି ପୁଅଟିଏ ପାଇବା ପାଇଁ ଗ୍ରାମର ତୋଟା ଲୋକନାଥଙ୍କ ନିକଟରେ ମାନସିକ କରିଥିଲେ। ପୁଅଟିଏ ହେଲେ ତାକୁ ଯୋଗୀ କରି ଭିକ୍ଷାବୃତ୍ତି କରାଇବେ ବୋଲି ମାନସିକ ରଖିଥିଲେ। ପୁଅଟିଏ ହେବାରୁ ସେମାନେ ସାଲେପୁରର ଶିବ ଯୋଗୀଙ୍କୁ ଡାକିବା ସହ ପରମ୍ପରା ମୁତାବକ ପୂଜାର୍ଚ୍ଚନା କରିବା ପରେ ପୁଅ ସତ୍ୟନାରାୟଣଙ୍କୁ ଯୋଗୀ ବେଶରେ ସଜାଇ ଗାଁ ବୁଲାଇଥିଲେ। ପାଞ୍ଚବର୍ଷ ଶିଶୁର ଏହି ଭିକ୍ଷାବୃତ୍ତିକୁ ନେଇ ମା' ବାପା ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଗ୍ରାମର ପ୍ରତ୍ୟେକ ଘରୁ ଏହି ଶିଶୁକୁ ଭିକ୍ଷା ପ୍ରଦାନ କରାଯାଇଥିଲା। ପରେ ତୋଟାଲୋକନାଥଙ୍କ ନିକଟରେ ମା' ବାପା ମାନସିକ ଅନୁଯାୟୀ ୧୦୦୧ ଦକ୍ଷିଣା ଏବଂ ଅନ୍ୟାନ୍ୟ ସାମଗ୍ରୀ ଦାନ କରିଥିଲେ। ଏପରି ପରମ୍ପରା କାହିଁ କେଉଁ କାଳରୁ ଚଳି ଆସୁଥିବାବେଳେ ବିଶ୍ୱାସ ଦ୍ୱାରା ସବୁକିଛି ସମ୍ଭବ ବୋଲି ସେମାନେ କହିଛନ୍ତି।



ଯୋଗୀବେଶରେ ସତ୍ୟନାରାୟଣ।

## ଡାଲିଜାତୀୟ ଫସଲ ଚାଷ ଉପରେ ଗୁରୁତ୍ୱ

**କାକଟପୁର, ୧୧।୨(ଡି.ଏନ.ଏ)**

କାକଟପୁର କୃଷି ବିଭାଗ କାର୍ଯ୍ୟାଳୟ ସଭାଗୃହରେ ଜିଲା କୃଷି ବିଭାଗ ସହଯୋଗରେ ମଙ୍ଗଳବାର ବିଶ୍ୱ ଡାଲି ଦିବସ ପାଳିତ ହୋଇଯାଇଛି। ଏଥିରେ କାକଟପୁର ବ୍ଲକ ସହାୟକ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ ସଭାପତିତ୍ୱରେ କରିଥିଲେ। ନିମାପଡ଼ା କୃଷି ଜିଲା ଅଧିକାରୀ ରମେଶ ଚନ୍ଦ୍ର ବେଉରା, କ୍ଷେତ୍ର ବିଶେଷଜ୍ଞ ବିକାଶ ବିହାରୀ ପୃଷ୍ଟି, ବାଙ୍ଗୁରୀଗାଁ ସହାୟକ କୃଷି ଅଧିକାରୀ ସୌଭାଗ୍ୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଡାଲି ଜାତୀୟ ଫସଲର ଉତ୍ପାଦନ ବୃଦ୍ଧି ଓ ମୃତ୍ତିକା ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଚାଷୀମାନେ ନିଜ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ଡାଲିଜାତୀୟ ଫସଲ ଉତ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ସଭାରେ କାକଟପୁର ବ୍ଲକର ଶତାଧିକ ଚାଷୀ ଭାଗ ନେଇ ଡାଲିଜାତୀୟ ଫସଲ ଚାଷ ନିମନ୍ତେ କୃଷି ବିଭାଗ ସହଯୋଗ ଲୋଡ଼ିଥିଲେ। ଚଳିତବର୍ଷ କାକଟପୁର ବ୍ଲକର ସମସ୍ତ ୧୬ଟି ପଞ୍ଚାୟତର ବହୁ ଜମିରେ ଡାଲି ଓ ତୈଳ ଜାତୀୟ ଫସଲ ଚାଷ କରାଯାଇଛି। କାକଟପୁର ବ୍ଲକଠାରୁ ୧୫/୨୦ କି.ମି. ଦୂର କୁରୁଜଙ୍ଗ, କାଦୁଆ ନୂଆଗାଁ ଓ ଅବଦାନରେ ଗ୍ରାମ କୃଷକ ସାଥୀ ଓ ଗ୍ରାମ ସେବକମାନଙ୍କ ସହଯୋଗରେ ବହୁ ଜମିରେ ଡାଲିଜାତୀୟ ଫସଲ ଚାଷ କରାଯାଇଥିବା ଜଣାପଡ଼ିଛି।





ଅଭିଭାବକଙ୍କୁ ଚାରା ଦିଆଯାଇ ସମ୍ବର୍ଦ୍ଧିତ କରାଯାଉଛି।





କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

# ସନ୍ତାନଙ୍କ ପାଇଁ ଅଭିଭାବକ ସମ୍ବର୍ଦ୍ଧିତ

**ପୁରୀ ଅଫିସ, ୧୧।୨**

ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅଧୀନରେ ତାଲିମ ନେଇ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଥିବା ଯୁବତୀ ଯୁବକଙ୍କ ଅଭିଭାବକମାନଙ୍କୁ ଓର୍‌ମାସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂସ୍କୃତି ଭବନ ପରିସରରେ ମଙ୍ଗଳବାର ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ ଯୋଗଦେଇ କହିଥିଲେ, ପିଲାମାନଙ୍କୁ ଗଢିତୋଳିବାରେ ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି। ଛୋଟ ବେଳୁ ସେମାନଙ୍କୁ ଯେପରି ଭାବେ ଗଢିବା ସେମାନଙ୍କ ଭବିଷ୍ୟତ ସେହିପରି ଭାବେ ଆଗେଇବ। ପିଲାମାନଙ୍କୁ ନିଜ ରାଜ୍ୟ ବ୍ୟତୀତ ଅନ୍ୟ ରାଜ୍ୟର ଭାଷା ଓ ସଂସ୍କୃତି ସହ ଜଡ଼ିତ କରି ଜୀବିକା ନିର୍ବାହ କ୍ଷେତ୍ରରେ ମାନସିକ ଓ ନୈତିକ ସମର୍ଥନ ଦେବାରେ ଅଭିଭାବକମାନେ ମୁଖ୍ୟ ଭୂମିକା ନେଇଥାନ୍ତି ବୋଲି ସିଂ କହିଥିଲେ। ଏହି ଅବସରରେ ପ୍ରାୟ ୬୦ ଜଣ ଅଭିଭାବକଙ୍କୁ ମାନପତ୍ର ସହ ଉପହାର ସ୍ୱରୂପ ଗଛ ଚାରା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିଯୁକ୍ତି ପାଇଥିବା ଯୁବତୀଯୁବକ ନିଜକୁ କିପରି କୁଶଳୀ କରି ରୋଜଗାରକ୍ଷମ ହେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ନେଇ ସେମାନଙ୍କ ଅଭିଜ୍ଞତା ବଖାଣିଥିଲେ। ଏଥିରେ ଅଗ୍ରଣୀ ବ୍ୟାଙ୍କ ମୁଖ୍ୟ ବ୍ରଜକିଶୋର ମହାନ୍ତି, ଜିଲା ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା, ଏପିଡି ତୃପ୍ତି ବଡ଼ଜେନା, ଓର୍‌ମାସ ଉପମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ, ଓର୍‌ମାସର ବିଜୟ କୁମାର ଛାଟୋଇ, କୁନାଲ ଖାନ୍ନା ଓ ପ୍ରିୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।





ବୈଠକରେ ଉପସ୍ଥିତ ପରିଷଦର କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ଜୟୀ ରାଜଗୁରୁଙ୍କ ବାରବାଟୀ ଘେରାଉ ସ୍ମାରକୀ ଉତ୍ସବ ପ୍ରସ୍ତୁତି

**ପୁରୀ ଅଫିସ, ୧୧।୨**

ଶ୍ରୀଜଗନ୍ନାଥଙ୍କ ଚାରିପ୍ରଗଣା ମୁକ୍ତ ଲାଗି ମହାନ ସଂଗ୍ରାମୀ ଭାରତର ପ୍ରଥମ ଶହୀଦ ଜୟୀ ରାଜଗୁରୁ ୧୮୦୪ ମସିହା ମାର୍ଚ୍ଚ ୧୧ରେ ବ୍ରିଟିଶ ସରକାରଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଖୋର୍ଦ୍ଧାଗଡ଼ରୁ ୨ହଜାରରୁ ଊର୍ଦ୍ଧ୍ୱ ପାଇକ ବୀରଙ୍କୁ ନେଇ ସେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି କଟକ ବାରବାଟୀ ଦୁର୍ଗକୁ ଘେରାଉ କରିଥିଲେ। ଏହି ଐତିହାସିକ ଶୋଭାଯାତ୍ରାର ସ୍ମାରକୀ ସ୍ୱରୂପ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ୨୦୧୯ ମାର୍ଚ୍ଚ ୧୧ତାରିଖକୁ ଭାରତୀୟ ମୁକ୍ତି ସଂଗ୍ରାମର ଆଦ୍ୟ ଦୁନ୍ଦୁଭିର ସ୍ମାରକୀ ଭାବେ ଶୋଭାଯାତ୍ରା ଓ ସ୍ମୃତିସଭା ଆୟୋଜନ କରିଆସୁଛି। ୨୦୨୦ ମାର୍ଚ୍ଚ ୧୧ରେ ଦ୍ୱିତୀୟ ସ୍ମାରକୀ ଉତ୍ସବ ଆୟୋଜନ ନେଇ ମଙ୍ଗଳବାର ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର ସଭାପତି ତଥା ପୂର୍ବତନ ପୁରୀ ଜିଲାପାଳ ଦିବାକର ମହାନ୍ତି ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ପ୍ରତିଭା ମିଶ୍ର, ସାହିତ୍ୟିକ ଡ. ସୁନୀଲ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଗବେଷକ ଜଟାଧାରୀ ମିଶ୍ର ବିବରଣୀ ପାଠ କରିବା ସହ ସ୍ମାରକୀ ଉତ୍ସବ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ ଯେ, ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ ଭାବେ ଜୟୀ ରାଜଗୁରୁଙ୍କୁ ତୈଳଚିତ୍ର ସଂସଦ ଭବନରେ ସ୍ଥାନ ଦିଆଯାଇଛି। ଅଥଚ ଓଡ଼ିଶା ଇତିହାସରେ ରାଜଗୁରୁଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଜୟୀ ରାଜଗୁରୁଙ୍କ ଅବଦାନ ଲାଗି ଏ ଜାତି ସର୍ବଦା ତାଙ୍କ ନିକଟରେ ନମସ୍ୟ ହୋଇରହିବ। ସ୍ମାରକୀ ଉତ୍ସବରେ ରାଜ୍ୟର ବିଭିନ୍ନ ପାଇକ ଆଖଡ଼ା ଓ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିବେ। ସିଂହଦ୍ୱାର ନିକଟରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରିବ। ଏଥିରେ ବୁଦ୍ଧିଜୀବୀ, ଗବେଷକ, ଐତିହାସିକ, ସାମାଜିକ କର୍ମୀ, ରାଜନୀତିଜ୍ଞ, ଶିକ୍ଷାବିତ୍, ସ୍ୱେଚ୍ଛାସେବୀମାନେ ସାମିଲ ହେବେ। ଉକ୍ତ ପ୍ରସ୍ତୁତି ବୈଠକରେ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ପୂର୍ବତନ ସଂସ୍କୃତି ସହନିର୍ଦ୍ଦେଶକ ପ୍ରଫୁଲ୍ଲ ସାମନ୍ତରାୟ, ଆଇନଜୀବୀ ପ୍ରସନ୍ନ ମିଶ୍ର, ସାହିତ୍ୟିକ ବିପିନ ବିହାରୀ ଦଳାଇ, ସିଦ୍ଧେଶ୍ୱର ପଟ୍ଟନାୟକ, ଲକ୍ଷ୍ମୀଧର ସ୍ୱାଇଁ, ସଂସ୍କୃତି ଗବେଷକ ଭାସ୍କର ମିଶ୍ର, ଦେବଦତ୍ତ ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ପାଇକ ଆଖଡା ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

**ସାକ୍ଷୀଗୋପାଳ,୧୧।୨(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିରର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସରପ୍ରାପ୍ତ ତହସିଲଦାର ବିନୋଦ କୁମାର ସ୍ୱାଇଁ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି। ରାଜ୍ୟ ଦେବୋତ୍ତର କମିଶନରଙ୍କ ନିକଟରେ ଯୋଗଦାନପତ୍ର ଦାଖଲ କରିବା ପରେ ସେ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ଦେବୋତ୍ତର ବିଭାଗର ଭାରପ୍ରାପ୍ତ ଦେବୋତ୍ତର ନିରୀକ୍ଷକ ବସନ୍ତ କୁମାର ପ୍ରଧାନ ଓ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ରଙ୍କୁ ପତ୍ରର ନକଲ ପ୍ରଦାନ କରିଥିଲେ। ତେବେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଏବେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ଦେବୋତ୍ତର କମିଶନର ଆଦେଶ ପ୍ରଦାନ କରିଥିବା ଜଣାପଡିଛି।

## ନିଖୋଜ ମହିଳାଙ୍କ ମୃତଦେହ କେନାଲରୁ ମିଳିଲା

**କଣାସ: ୧୧।୨(ସ୍ୱ.ପ୍ର.):** କଣାସର ପ୍ରଶାନ୍ତ କୁମାର ସାହୁଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି(୩୦) ଗତ ୭ତାରିଖଠାରୁ ନିଖୋଜ ଥିଲେ। ଏ ନେଇ ପ୍ରଶାନ୍ତ କଣାସ ଥାନାରେ ଏତଲା ଦେଇଥିଲେ। ୯ତାରିଖ ସନ୍ଧ୍ୟାରେ ପ୍ରଶାନ୍ତଙ୍କ ବାସଗୃହଠାରୁ କିଛି ଦୂର ବେଣାଗାଁ ମାଇନର କେନାଲରେ ସୂର୍ଯ୍ୟକାନ୍ତିଙ୍କ ମୃତଦେହ ଭାସୁଥିବା କେତେକ ପିଲା ଖେଳୁଥିବାବେଳେ ଦେଖିବାକୁ ପାଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀଙ୍କଠୁ ଶୁଣି ପ୍ରଶାନ୍ତ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରେ ପୋଲିସ ପହଞ୍ଚି କେନାଲରୁ ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମଙ୍ଗଳବାର ଇସ୍କନ ଭକ୍ତମାନେ ସଂକୀର୍ତ୍ତନ କରୁଛନ୍ତି।

## ରଞ୍ଜନ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କ ଗିରଫ ଦାବି

**ପୁରୀ ଅଫିସ,୧୧।୨**

କେନ୍ଦ୍ରାପଡ଼ା ଜିଲାରେ ସୂଚନା ଅଧିକାର କର୍ମୀ ରଞ୍ଜନ ଦାଶଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ଲାଗି ଓଡ଼ିଶା ସୂଚନା ଅଧିକାର ଅଭିଯାନ, ପୁରୀ ଜିଲାର କର୍ମକର୍ତ୍ତା ଦାବି କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ କର୍ମକର୍ତ୍ତାମାନେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ସିଂହଦ୍ୱାର ଆଗରେ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ସେମାନେ ପୋଲିସ ନିଷ୍କ୍ରିୟତାକୁ ତୀବ୍ର ସମାଲୋଚନା କରିଥିଲେ। ଏହି ଅବସରରେ ଅଭିଯାନର ପୁରୀ ଜିଲା ଆବାହକ ବଟକୃଷ୍ଣ ପ୍ରଧାନ, ସୂର୍ଯ୍ୟ ରଥ, ସୁଶିଲ କୁମାର ସାହୁ, ଦିବାକର ବାରିକ, ପ୍ରଦୀପ୍ତ ମୋହନ ଦଳାଇ, ସୁଦର୍ଶନ ସ୍ୱାଇଁ, ବିଷ୍ଣୁ ସ୍ୱାଇଁ, ସୁଶାନ୍ତ ଜେନା, ପ୍ରସନ୍ନ ସ୍ୱାଇଁ, ସନ୍ତୋଷ ମହାନ୍ତି, ଶୁଭେନ୍ଦୁ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଓଟାଙ୍ଗରେ ଚାଲିଛି ଜଗନ୍ନାଥପଡ଼ାର କାମ

**କୋଣାର୍କ,୧୧।୨(ଡି.ଏନ.ଏ)**

କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ପଞ୍ଚାୟତର ଜଗନ୍ନାଥପଡ଼ା ଗ୍ରାମରେ ଗୋଷ୍ଠୀ ପୁଷ୍କରିଣୀ ପାହାଚ ନିର୍ମାଣ କାମ କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ଏହି କାମ ଜଗନ୍ନାଥପଡ଼ା ଗ୍ରାମ ପରିବର୍ତ୍ତେ ଗୋପ ବ୍ଲକ ଅନ୍ତର୍ଗତ ସୋରଭା ପଞ୍ଚାୟତର ଓଟାଙ୍ଗ ଗ୍ରାମରେ କରାଯାଉଛି। ଫଳରେ ଏହାକୁ ନେଇ କାଦୁଆ ନୂଆଗାଁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାଦୁଆ ନୂଆଗାଁ ପଞ୍ଚାୟତବାସୀ ଏ ସଂକ୍ରାନ୍ତରେ କାକଟପୁର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ବ୍ଲକ ପ୍ରଶାସନ ପଦକ୍ଷେପ ନ ନେଲେ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, କାଦୁଆ ନୂଆଗାଁ ପଞ୍ଚାୟତର ଜଗନ୍ନାଥପଡ଼ା ଓ ତଇଲୋ

**ବିଡିଓଙ୍କ ଦ୍ୱାରସ୍ଥ ହେଲେ କାଦୁଆ ନୂଆଗାଁ ପଞ୍ଚାୟତବାସୀ**

ଗ୍ରାମର ଗୋଷ୍ଠୀ ପୁଷ୍କରିଣୀ ପାହାଚ ନିର୍ମାଣ କରିବା ପାଇଁ ୫ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ସରକାରୀ ନିୟମାନୁଯାୟୀ କାର୍ଯ୍ୟ ମଞ୍ଜୁର ହୋଇଥିବା ଗ୍ରାମ ଦୁଇଟିର ପୁଷ୍କରିଣୀରେ ପାହାଚ ନିର୍ମାଣ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ଏଥିଲାଗି ଚିତ୍ରେଶ୍ୱରୀ ରାଜସ୍ୱ ନିରୀକ୍ଷକ ଜଗନ୍ନାଥପଡ଼ା ଓ ତଇଲୋ ଗ୍ରାମରେ ଗୋଷ୍ଠୀ ପୁଷ୍କରିଣୀ ପାହାଚ ନିର୍ମାଣ କରିବା ପାଇଁ ସ୍ଥିର କରିଥିଲେ। ମାତ୍ର ସେହି ଜାଗାରେ ନିର୍ମାଣ କାର୍ଯ୍ୟ କରା ନ ଯାଇ ଗୋପ ବ୍ଲକର ସୋରଭା ଗ୍ରାମପଞ୍ଚାୟତର ଓଟାଙ୍ଗ ଗ୍ରାମର ଖାତା ନଂ ୯୯ ପ୍ଲଟ ନଂ. ୭୭୦ରେ ଜଗନ୍ନାଥପଡ଼ା ଗ୍ରାମର କାମ କରାଯାଉଛି। ସେହିପରି ମହଲପଡ଼ା ପଞ୍ଚାୟତର ଆମ୍ବିଳି ଗାଁ ମୌଜାର ତଇଲୋ ଗ୍ରାମର କାମ କରାଯାଉଛି। ଏହି ନିର୍ମାଣ କାର୍ଯ୍ୟରେ ଲୁଣିବାଲି, ନିମ୍ନମାନର ସିମେଣ୍ଟ ଓ ମେଟାଲ ଆଦି ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ବାଲି ଅଧିକ ପରିମାଣର ଦିଆଯାଉଥିବା ବେଳେ ସିମେଣ୍ଟ ଭାଗ କମ୍ ଦିଆଯାଇ କାମ ଚାଲିଛି। ତେଣୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏହି ଗୋଷ୍ଠୀ ପୁଷ୍କରିଣୀ ପାହାଚ କାମ ଉପରେ ଅଙ୍କୁଶ ଲଗାଇବା ପାଇଁ କାଦୁଆ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବାକର ଜେନା, ପବିତ୍ର ମିର୍ଜାପ, ନିରଞ୍ଜନ ପଣ୍ଡା, ଶଙ୍କର ଭୂୟାଁ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଅକ୍ଷୟ ପ୍ରଧାନ, ରଞ୍ଜିତ ନାୟକ, କିଶୋରୀ ଦାସ, ବଟକୃଷ୍ଣ ପଣ୍ଡା ପ୍ରମୁଖ ଦାବି କରି କାକଟପୁର ବିଡିଓଙ୍କୁ ଜଣାଇଛନ୍ତି।

# ପିଆଜ କିଣି ଅଡୁଆରେ କେନ୍ଦ୍ର ସରକାର



■ ଆମଦାନୀ ପିଆଜ ଉଠାଇବାକୁ ମଙ୍ଗୁ ନାହାନ୍ତି ରାଜ୍ୟ

■ କିଲୋ ୧୦, ୨୦ ଟଙ୍କାରେ ଦେବାକୁ ରାଜ୍ୟକୁ କେନ୍ଦ୍ର ଲେଖିଲା ଚିଠି

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଅତ୍ୟାବଶ୍ୟକ ସାମଗ୍ରୀ ପିଆଜର ଦର ବୃଦ୍ଧି ଦୁଇ ତିନି ମାସ ଧରି ସାଧାରଣ ଖାଉଟିଙ୍କୁ ହନ୍ତସନ୍ତ କରିବା ପରେ ଏବେ ବଜାରରେ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ପିଆଜ କିଲୋ ହୋଲସେଲ ବଜାରରେ ୨୫ ଟଙ୍କା ଥିବାବେଳେ ଖୁଚୁରା ବଜାରରେ ୩୦ ଟଙ୍କାରେ ମିଳୁଛି। ଆଗାମୀ ଦିନରେ ଏହାର ଦର ଆହୁରି କମିବା ସମ୍ଭାବନା ରହିଛି। ପିଆଜ ଦର କମୁଥିବାରୁ ରାଜ୍ୟ ସରକାର ଏ ନେଇ ଆଉ ମୁଣ୍ଡ ଖେଳାଉ ନାହାନ୍ତି। ପିଆଜ ଦର ଆକାଶ ଛୁଆଁ ଥିବାବେଳେ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଲୋକଙ୍କୁ କମ୍‌ଦରରେ ଯୋଗାଇ ପାରିଲେ ନାହିଁ। ଚଢ଼ାଦରରେ ଅଢେଇଶ ଅଧା କିଲୋରେ ଲୋକମାନେ କାମ ଚଳାଇଲେ। କେନ୍ଦ୍ର ସରକାର ଦରକୁ ନିୟନ୍ତ୍ରଣ କରିବା ପାଇଁ ଇଜିପ୍ଟ ଓ ଅନ୍ୟାନ୍ୟ ଦେଶରୁ ପିଆଜ ଆମଦାନି କଲେ। ହଜାର ହଜାର ଟନ ପିଆଜ ବମ୍ବେ ଉପକୂଳରେ ଆସି ପହଞ୍ଚିଲା। ସେତେବେଳକୁ ବହୁ ବିଳମ୍ବ ହୋଇଗଲା। ବଜାରରେ ପିଆଜର ଭାଉ କମିବା ବେଳକୁ ସରକାରୀ ପିଆଜ ବନ୍ଦରରେ ପହଞ୍ଚିଲା। ତେବେ ଏହି ପିଆଜକୁ ନେଇ କେନ୍ଦ୍ର ସରକାର ଅଡୁଆରେ ପଡିଛନ୍ତି। ପିଆଜ ନେବା ପାଇଁ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ଯେତେ ଚିଠି ଲେଖିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଓଡ଼ିଶାକୁ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପିଆଜ ନେବାକୁ ଅନୁରୋଧ କରାଯାଇଛି। ଧଳା ପିଆଜ କିଲୋ ୧୦ ଟଙ୍କା ଏବଂ ନାଲି ପିଆଜ କିଲୋ ୨୧ ଟଙ୍କାରେ ନେବାକୁ ରାଜ୍ୟ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଦର କମୁଥିବାରୁ ପିଆଜ ଆଣିବାକୁ ରାଜ୍ୟ ସରକାର ଅମଙ୍ଗ ହେଉଛନ୍ତି। ଅନ୍ୟ ପକ୍ଷରେ ବିଦେଶୀ ପିଆଜର ଆକାର ବହୁତ ବଡ଼ ହୋଇଥିବାବେଳେ ଏହାର ସ୍ୱାଦ ନ ଥିବା କାରଣରୁ ଲୋକମାନେ କିଣିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଦର ବୃଦ୍ଧି ବେଳେ କେତେକ ବ୍ୟବସାୟୀ ବିଦେଶୀ ପିଆଜ ଆଣିଥିଲେ ମଧ୍ୟ ତାଙ୍କଠାରୁ କେହି କିଣି ନ ଥିଲେ। ପିଆଜ ଶୀଘ୍ର ନଷ୍ଟ ହେଉଥିବା ଦ୍ରବ୍ୟ ହୋଇଥିବାରୁ ରାଜ୍ୟ ସରକାର ସେଗୁଡ଼ିକୁ କିଣି ଘାଟାରେ ପଡ଼ିବାକୁ ଚାହୁଁ ନାହାନ୍ତି। ଆଳୁ ପିଆଜ କିଣିବାକୁ ପ୍ରାଇସ ଷ୍ଟାବିଲାଇଜେଶନ ଫଣ୍ଡ(ପିଏସ୍‌ଏଫ)ରେ ୧୦୦ କୋଟି ଟଙ୍କା ଥିଲେ ମଧ୍ୟ ଯୋଗାଣ ବିଭାଗ କିଣିବାକୁ ମନା କରି ଦେଇଛି। ନାଫେଡ ନିକଟରେ ଆଗତୁରା ଟଙ୍କା ଜମା କରି ବମ୍ବେରୁ ପିଆଜ ନିଜ ଖର୍ଚ୍ଚରେ ଆଣି ମାର୍କେଟରେ ଲୋକଙ୍କୁ ଯୋଗାଇବା ଆଦୌ ସମ୍ଭବ ନୁହେଁ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାରଙ୍କୁ ଏନେଇ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

## କେନାଲରେ ପଡ଼ି ନାବାଳିକା ମୃତ

ପଦ୍ମପୁର,୧୧।୨(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଚାରବାଟିଆ ଗ୍ରାମର ଦୀପିକା ଦାସ ନାମ୍ନୀ ଜଣେ ନାବାଳିକାଙ୍କର କେନାଲରେ ପଡ଼ି ମଙ୍ଗଳବାର ଅପରାହ୍ନରେ ମୃତ୍ୟୁ ଘଟିଛି।

**ODISHA STATE SEEDS CORPORATION LIMITED**
( A GOVERNMENT UNDERTAKING)
SANTARAPUR, BHUBANESWAR-751002
E-Mail: mdosscltdf456@gmail.com.
Website:http/www.osscltd.in
**TENDER CALL NOTICE**
No.OSSC/Engg-60/2019
No.CAD-948 :- The Managing Director, Odisha State Seeds Corporation Ltd. invites item wise tenders through ONLINE MODE only from eligible tenderers through e-tender site of Govt of Odisha (www.tendersodisha.gov.in) for the works 1. Supply, Installation, Commissioning & Testing of conveyors with all accessories and related works 2. Supply, Installation, Commissioning & Testing Automatic Weighing and Bagging Machines with all other accessories and related work.
The details of location of work, cost of tender document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha (www.tendersodisha.gov.in). The last date for uploading of tender to tender portal is **dt.29.02.2020.**
Sd./- JR Mishra
Managing Director, OSSC Ltd., BBSR
OIPR-01045/11/0031/1920

# ଲୋକଙ୍କ ଠାରୁ କେହି ଗୁରୁତ୍ୱପୂର୍ଣ୍ଣ ନୁହନ୍ତି: ମୁଖ୍ୟମନ୍ତ୍ରୀ

■ ‘ମୋ ସରକାର’ରେ ସାମିଲ ହେଲା ଯୋଗାଣ ବିଭାଗ



ଲୋକସେବା ଭବନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗାଣ ବିଭାଗ ‘ମୋ ସରକାର’ରେ ସାମିଲ ହେବା ଘୋଷଣା କରୁଛନ୍ତି।

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମଙ୍ଗଳବାର ‘ମୋ ସରକାର’ ଅଭିଯାନରେ ସାମିଲ ହୋଇଛି। ଏ ନେଇ ଲୋକସେବା ଭବନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ଠାରୁ କେହି ଗୁରୁତ୍ୱପୂର୍ଣ୍ଣ ନୁହନ୍ତି। ମୋ ସରକାର ସରକାରୀ କର୍ମଚାରୀଙ୍କୁ ଅଧିକ ଉତ୍ତରଦାୟୀ କରି ପାରିଛି। ମୋର ସରକାରରେ ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଯୋଗାଣ ବିଭାଗକୁ ସ୍ୱାଗତ କରିବା ସହ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏଥିରେ ରାଜ୍ୟର ୩.୩୦ କୋଟି ହିତାଧିକାରୀ ଯୋଡ଼ି ହୋଇଛନ୍ତି। ଯାହାକି ରାଜ୍ୟର ସମୁଦାୟ ଜନସଂଖ୍ୟାର ୭୯ ପ୍ରତିଶତ । ମୋ ସରକାର ହେଉଛି ଉତ୍ତମ ପ୍ରଶାସନିକ ଅଭିଯାନ। ଏହା ନୀତି ନିର୍ଦ୍ଧାରକ ଏବଂ ଲୋକମାନଙ୍କ ଭାବାବେଗ ସହ ଜଡିତ ରହିଛି। ଜନସାଧାରଣଙ୍କୁ ଉତ୍ତମ ପ୍ରଶାସନିକ ସୁବିଧା ଯୋଗାଇଦେବା ନେଇ ସରକାରୀ କର୍ମଚାରୀଙ୍କର ମାନସିକ ବିକାଶ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ । ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ୱାନ ନେଶନ, ୱାନ ରାଶନ ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥା ଉତ୍ସାହଜନକ ହୋଇଛି। ଏହାଦ୍ୱାରା ହିତାଧିକାରୀ ଯେକୌଣସି ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରୁ ରାଶନ ନେଇ ପାରୁଛନ୍ତି। ରାଜ୍ୟର ଅନ୍ୟ ଭାଗରେ ମଧ୍ୟ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୃଦ୍ଧ, ଦୁଃସ୍ଥ, ଅସହାୟ ଏବଂ ରୋଗୀ ଲୋକମାନଙ୍କୁ ରାଶନ ଘରେ ପହଞ୍ଚାଇବା ଏକ ଜନମଙ୍ଗଳ ପଦକ୍ଷେପ। ଏହିଭଳି ଲୋକଙ୍କୁ ଚିହ୍ନଟ କରି ଖାଦ୍ୟ ସାମଗ୍ରୀ ସେମାନଙ୍କ ନିକଟରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ନ ପଡ଼ିବେ ସେ ନେଇ ବିଭାଗ କାର୍ଯ୍ୟକରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଛନ୍ତି ଯେ ପେସାଦାର ଭାବେ ବିଭାଗ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହାକୁ ଆହୁରି କିପରି ବ୍ୟାପକ କରାଯାଇ ପାରିବ ସେ ନେଇ ବିଭିନ୍ନ ସ୍ତରରୁ ପରାମର୍ଶ ନିଆଯାଉଛି ବୋଲି ସେ କହିଛନ୍ତି।

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି ଯେ ଉତ୍ତରଦାୟୀ ହେଉଛି ମୋ ସରକାରର ଆତ୍ମା। କର୍ମଚାରୀମାନଙ୍କୁ ସରକାର ପୁରସ୍କାର କିମ୍ବା ଦଣ୍ଡ ଦେବେ ତାହା ଲୋକମାନଙ୍କ ମତାମତ ହିଁ ନିର୍ଦ୍ଧାରଣ କରିବ। କର୍ମଚାରୀମାନେ ଏଦିଗରେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ସରକାରଙ୍କ ବିଶ୍ୱାସ ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ୫-ଟି ସଚିବ ଭି.କେ ପାଣ୍ଡିଆନ ନୂଆପଡ଼ା, ବାଲେଶ୍ୱର, ମୟୂରଭଞ୍ଜ ଜିଲାର ଖାଦ୍ୟ ଯୋଗାଣ ଅଧିକାରୀ ଏବଂ ରେମୁଣା, ସିମୁଳିଆ, ଠାକୁରମୁଣ୍ଡା, ଟିଟିଲାଗଡ଼, ଦାରିଙ୍ଗିବାଡି, ଫିରିଙ୍ଗିଆ ଏବଂ ସିମିଳିଗୁଡ଼ା ବ୍ଲକର ଏମଆଇମାନଙ୍କ ସହ ଆଲୋଚନା କରିଥିଲେ। ଯେ କୌଣସି ଲୋକ ସରକାରୀ କାର୍ଯ୍ୟାଳୟକୁ ଆସୁଛନ୍ତି ସମସ୍ତେ ହେଉଛନ୍ତି ମୋ ସରକାର ଅଭିଯାନର ହିତାଧିକାରୀ। ମହିଳା ଏସ୍‌ଏଚଜି, ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀ, ହୋଲସେଲର ଏବଂ ରିଟେଲର ସମସ୍ତ ସରକାରୀ ସେବାକୁ ଅତ୍ୟନ୍ତ ପେସାଦାର ଭାବେ କରିବାକୁ ପାଣ୍ଡିଆନ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଭିଭି ଯାଦବ ବିଭାଗର ଏକ କାର୍ଯ୍ୟକ୍ରମକୁ ପ୍ରାମାଣିକ ଚିତ୍ର ମାଧ୍ୟମରେ ଉପସ୍ଥାପନ କରିଥିଲେ।

## ଲାଞ୍ଚ ନେଇ ଆର୍‌ଆଇ ଗିରଫ

ସୋର,୧୧।୨ (ଡି.ଏନ.ଏ.): ମୃତ ପ୍ରମାଣପତ୍ର ପାଇଁ ୫ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋର ତହସିଲ ଅଧୀନ କୁଡ଼େଇ ଆର୍‌ଅ ।ଇ ରାକେଶ କୁମାର ପ୍ରଧାନ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସୋର ଥାନା ଢ଼ିଙ୍କିଆପଦା ଗ୍ରାମର ହେମନ୍ତ କୁମାର ପଣ୍ଡାଙ୍କ ବାପା ହରିହର ୨୦୧୯ ଅକ୍ଟୋବର ୧୭ରେ ଚେନ୍ନାଇରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ବାପାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ହେମନ୍ତ କୁଡ଼େଇ ଆର୍‌ଆଇଙ୍କ ପାଖକୁ ଯାଇଥିଲେ। ଆର୍‌ଆଇ ପ୍ରଧାନ ଏଥିପାଇଁ ଦୁଇହଜାର ଟଙ୍କା ଦାବି କରିଥିଲେ। ବାରମ୍ବାର ନିରାଶ ହେବା ପରେ ହେମନ୍ତ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

**OFFICE OF THE DIRECTOR**
**MADHUSUDAN DAS REGIONAL**
**ACADEMY OF FINANCIAL MANAGEMENT**
CHANDRASEKHARPUR, BHUBANESWAR – 23,
TELEPHONE (0674) – 2300394, 2300623, 2300759,
TELE FAX (0674)-2300394,
Website – madhusudanacademy.in
E-Mail: dirmdrafm.od@gov.in
S-32
**TENDER CALL NOTICE**
Sealed quotations are invited from interested Travel Agencies / Tour Operators / Private individuals for providing one Swift Dzire (A/C Petrol not older than 3 years) vehicle on hire basis in accordance with F.D. OM No.30464/F dt.06.09.2019 for official use in Madhusudan Das Regional Academy of Financial Management, Bhubaneswar, Odisha.
The details of terms and conditions for hiring & bidding and bid document has been enumerated in the office website: https://madhusudanacademy.in/
The Sealed quotations are required to reach the undersigned by dt. 04.03.2020 upto 5.00 P.M. and the received quotations will be opened on dt. 06.03.2020 at 11.00 A.M. in presence of the interested bidders. The undersigned reserves the right to reject or cancel the tender without any reason thereof.
DIRECTOR
OIPR-05004/11/0001/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-3862/17-18/P-II/18-19/508 Dated: 06.02.2020
No.CAD-945:- NOTICE INVITING TENDER UNDER NATIONAL COMPETITIVE BIDDING THROUGH E-Procurement
Name of the Work: Supply, installation, testing & commissioning of Smart TVs in Krushibhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT/e-29/19-20 | 17.00 Hours of 17.02.20 | 17.00 Hours of dt. 27.02.20 |

Further details can be seen from the e-procurement portal www.tendersorissa.gov.in.
Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect), IDCO, Bhubaneswar
OIPR- 14003/11/0063/1920

# ରେଳମନ୍ତ୍ରୀଙ୍କ ଚିଠିର ଉତ୍ତର ରଖୁନାହାନ୍ତି ରାଜ୍ୟ ସରକାର

■ ରେଳମନ୍ତ୍ରୀଙ୍କୁ ବିଧାନସଭା କମିଟି ଭେଟିବାକୁ ଯିବା ପ୍ରସଙ୍ଗ

■ ଭାଜପାର ସମାଲୋଚନା

ଭୁବନେଶ୍ୱର,୧୧।୨(ବ୍ୟୁରୋ)

କେନ୍ଦ୍ର ସରକାର ଗତ ୬ ବର୍ଷରେ ରେଳପଥ ବିକାଶ କ୍ଷେତ୍ରରେ ଓଡିଶାକୁ ଭଲ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପାରଗତା କାରଣରୁ ଜମି ଅଧିଗ୍ରହଣରେ ଅହେତୁକ ବିଳମ୍ବ ହୋଇଛି। ଆଇନଶୃଙ୍ଖଳା ଯୋଗୁ ରେଳ ପ୍ରକଳ୍ପ କାମ ଦୀର୍ଘଦିନ ହେବ ଅଟକି ରହୁଛି। ରାଜ୍ୟର ଏପରି ସ୍ଥିତି ଥିବାବେଳେ ବାଚସ୍ପତିଙ୍କ ନେତୃତ୍ୱରେ ଗଠିତ ଗୃହ ରେଲୱେ କମିଟିରେ ଶାସକ ବିଜେଡିର ଆଭିମୁଖ୍ୟ ସତ୍ୟ ଓ ତଥ୍ୟ ଆଧାରିତ ନୁହେଁ ବରଂ ନିଜର କ୍ଷୁଦ୍ର ରାଜନୈତିକ ସ୍ୱାର୍ଥ ପାଇଁ ହୀନ ଉଦ୍ୟମ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି।

ଚଳିତ ବର୍ଷ ବଜେଟରେ କେନ୍ଦ୍ର ସରକାର ଓଡ଼ିଶାକୁ ଗତ ଆର୍ଥିକ ବର୍ଷ ଅପେକ୍ଷା କମ୍ ଅର୍ଥ ପ୍ରଦାନ କରିଛନ୍ତି। ଯେଉଁଥିଲାଗି ବିଧାନସଭା କମିଟି ସଦସ୍ୟମାନେ ମଙ୍ଗଳବାର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି କମିଟିରେ ଥିବା ଭାଜପା ସଦସ୍ୟମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିବାବେଳେ ଦିଲ୍ଲୀ ଗସ୍ତ କରିନାହାନ୍ତି। ଏପରି ସ୍ଥିତିରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରି ଗୋଲକ କହିଛନ୍ତି, ରେଳମନ୍ତ୍ରୀ ୧୫ ଜୁନ୍ ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଓଡିଶାରେ ରେଳ ପ୍ରକଳ୍ପର ଅଗ୍ରଗତି ଲାଗି ଥିବା ସମସ୍ୟାଗୁଡିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟ ସରକାର ଏହି ସମସ୍ୟାଗୁଡିକର ସମାଧାନ ପାଇଁ କ’ଣ ପଦକ୍ଷେପ ନେଇଛନ୍ତି ଏବଂ ମନ୍ତ୍ରଣାଳୟକୁ ଏ ବାବଦରେ କି ଉତ୍ତର ଦେଇଛନ୍ତି ତାହା ଲୋକଙ୍କୁ ଜଣାନାହିଁ। ରେଳମନ୍ତ୍ରୀ ଦେଇଥିବା ଚିଠିକୁ ଦେଖାଇ ଭାଜପା ଏଭଳି ପ୍ରଶ୍ନ କରିଛି।

୧୦ବର୍ଷର ଉପା ସରକାର ଓଡିଶାକୁ ମାତ୍ର ୪୨୩୨କୋଟି ଟଙ୍କା ଦେଇଥିଲେ। ଅନ୍ୟପଟେ ମୋଦି ସରକାର ୬ବର୍ଷରେ ମୋଟ ୨୯ ହଜାର ୧୧୨କୋଟି ଟଙ୍କା ରେଳ ବଜେଟରେ ଅନୁଦାନ ଦେଇଛନ୍ତି। ନିକଟରେ ଆହୁରି ନୂଆ ରେଳ ଲାଇନ ଲାଗି ନୀତି ଆୟୋଗର ମଞ୍ଜୁରୀ ପରେ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଜମି ଅଧିଗ୍ରହଣ ଓ ଆଇନଶୃଙ୍ଖଳା ରେଳ ପ୍ରକଳ୍ପ ବିଭାଗରେ ସବୁଠାରୁ ବଡ ସମସ୍ୟା। ବହୁ ନୂଆ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରାଯାଇପାରୁ ନାହିଁ। ଏଥିପାଇଁ କିଏ ଦାୟୀ ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। କମିଟିରେ ଥିବା କଂଗ୍ରେସ ସଦସ୍ୟଙ୍କ ଦିଲ୍ଲୀ ଯାତ୍ରା ସଇତାନର ବେଦପାଠ ସହ ସମାନ। ୧୦ବର୍ଷର ଉପା ସରକାର ସମୟରେ କେବେ ହେଲେ ବାର୍ଷିକ ୧ହଜାର କୋଟି ଟଙ୍କାରୁ ଉପରକୁ ଉଠି ନାହିଁ। ବିନା ତଥ୍ୟ, ଯୁକ୍ତିଯୁକ୍ତ ତର୍କରେ ରେଳ କ୍ଷେତ୍ରରେ ଓଡିଶାକୁ ଅବହେଳା କରାଯାଇଛି ବୋଲି କହିବା ଶାସକ ବିଜେଡି ପାଇଁ ବୁମେରାଂ ହେବ ବୋଲି ଗୋଲକ କହିଛନ୍ତି।

# ‘ଅନ୍ତ୍ୟୋଦୟ ପରିକଳ୍ପନା ଦୀନଦୟାଲଙ୍କ ଏକ ଅଭୂତପୂର୍ବ ସଫଳତା’

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ଭାରତୀୟ ଜନସଂଘର ପ୍ରଥମ ସଂଗଠନ ସମ୍ପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୨ତମ ପୁଣ୍ୟତିଥି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଦଳର ସମସ୍ତ ନେତା ଓ କର୍ମୀମାନେ ଏକାଠି ହୋଇ ମଙ୍ଗଳବାର ପଣ୍ଡିତ ଦୀନଦୟାଲଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଦଳୀୟ ନେତୃବୃନ୍ଦ ପଣ୍ଡିତ ଦୀନଦୟାଲଙ୍କ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିବା ସହ ତାଙ୍କ ସ୍ମୃତିଚାରଣ କରିଛନ୍ତି। ସମାଜର ଅର୍ଥନୈତିକ ଶିଡିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ କାର୍ଯ୍ୟ କରୁଥିଲେ। ଅନ୍ତ୍ୟୋଦୟ ପରିକଳ୍ପନା ପଣ୍ଡିତ ଦୀନଦୟାଲଙ୍କ ଏକ ଅଭୂତପୂର୍ବ ସଫଳତା। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ପରିକଳ୍ପନାକୁ ଆଧାର କରି କାର୍ଯ୍ୟ କରିଥିଲେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦୀନଦୟାଲଙ୍କ ଅନ୍ତ୍ୟୋଦୟ ପରିକଳ୍ପନାକୁ ଆଧାର କରି ବହୁ ସଫଳତା ପାଇଛନ୍ତି। ବିଶେଷ ଭାବେ ଦେଶରେ ବସବାସ କରୁଥିବା ଗରିବ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ବହୁ ଜନକଲ୍ୟାଣକାରୀ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି ବୋଲି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କହିଛନ୍ତି। ଦୀନଦୟାଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ବରିଷ୍ଠ ନେତା ବୀର ଖାରବେଳ ସ୍ୱାଇଁ କହିଛନ୍ତି। ଦୀନଦୟାଲ ରାଜନୀତିରେ ସକ୍ରିୟ ଥିବାବେଳେ ସାମ୍ପ୍ରତିକ ରାଜନୀତିରେ କଂଗ୍ରେସ ଓ ବାମପନ୍ଥୀ ବିଚାରକୁ ପ୍ରତିହତ କରି ଜନସଂଘର ବିଚାରକୁ ଜନମାନସରେ ସ୍ଥାନିତ କରିବାରେ ତାଙ୍କ ଭୂମିକା ଅତୁଳନୀୟ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto
Rs. 25,000/-
Contact : Immediately
Mob : 8763257042

**REQUIREMENT**
GAS CYLINDER DELIVERY MAN AND AUTO DRIVER
Contact : VARSHA ENTERPRISES
BHARAT GAS DISTRIBUTOR
A/38, Jharapada, Back Side of Jail, Bhubaneswar
9338553115 / 9583700009

**WANTED**
LADY OFFICE ASSISTANT
Room, Breakfast
ଖାଇବା Free
*Salary 5000/-*
7809525452

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଦର୍ଶ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

Wanted Life Insurance Agent / Advisor, Unlimited Income Source, *Flexible working hours
*Qualification : 10th / +2/ Graduate, Area of Operation - Cuttack, Athagarh, Badamba, Tigiria, Narsingpur, and Trishulia.
Contact : 9439801379, 7008823334

**ଆବଶ୍ୟକ**
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

REQUIRED TRAINED TEACHER FOR EACH SUBJECT (2 ND / 3RD POST)
RDM PUBLIC SCHOOL
Kalarahanga Rd, Near Axis Bank, Patia, Bhubaneswar, Odisha-751024
Contact No. 9337325035 9668484511

ଲେଡିଜ୍ ଡ୍ରେସ୍ ବୁଟିକ୍ ପାଇଁ
ଅଭିଜ୍ଞ କଟିଂ ମାଷ୍ଟର, ଅଭିଜ୍ଞ ମ୍ୟାନେଜର ଓ ଲେଡିଜ୍ ଟେଲର୍ ଆବଶ୍ୟକ।
ସ୍ଥାନ- ପଟିଆ, ଭୁବନେଶ୍ୱର
ଯୋଗାଯୋଗ: 7381899999 9937152893

**ନୋଟିସ୍**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

(୧) ମଇଶୂରପାକ ତିଆରି ପାଇଁ ମିସ୍ତ୍ରି ଆବଶ୍ୟକ। (୨) ଜଳଖିଆ ତିଆରି ପାଇଁ ମିସ୍ତ୍ରି ଆବଶ୍ୟକ। (୩) କିଛି କାମ ଜାଣି ନ ଥିବା ଫ୍ରେସ୍ ପିଲା ଆବଶ୍ୟକ, ଯେଉଁ ମାନଙ୍କୁ କାମ ଶିଖାଇ ମିସ୍ତ୍ରି କରାଯିବ। ରହିବା ସୁବିଧା ଅଛି। ପ୍ରାର୍ଥୀଙ୍କ ସହିତ ଆଲୋଚନା କରି ଦରମା ସ୍ଥିର କରାଯିବ।
ଫୋନ୍ : 9938715759

**HINDUSTAN URVARAK & RASAYAN LIMITED**
(A JV of NTPC, CIL, IOCL, FCIL & HFCL)
HINDUSTAN URVARAK & RASAYAN LIMITED-HURL
is setting up state-of-art fertilizer plants at Gorakhpur (UP), Barauni (Bihar) and Sindri (Jharkhand) with capital investment of Rs. 21,000 Cr. and is poised to be the largest Urea producer in the country by May 2021.
**CAREER OPPORTUNITIES IN HURL**
HURL invites applications for appointment to various posts of
SR. VICE PRESIDENT | VICE PRESIDENT | CHIEF MANAGERS | MANAGERS | ASSISTANT MANAGERS | ENGINEERS/OFFICERS
In Various Disciplines viz. Process, Ammonia, Urea, Off Sites & Utilities, Urea Product Handling, Instrumentation, Electrical, Mechanical, Safety, IT, Environment & Quality Control, Human Resources, Marketing.
**Recruitment of Fresh Engineering Graduates**
in Chemical, Mechanical, Electrical, Instrumentation & Electronics disciplines will be through Graduate Aptitude Test in Engineering (GATE) Score – 2019
Interested Candidates may visit HURL website www.hurl.net.in for details regarding application process, eligibility criteria, experience required, CTC etc. against the vacancies.
हिन्दुस्तान का अपना यूरिया
SCOPE Minar, Core 4 & 3, 9th Floor, Laxmi Nagar District Center, Delhi-92
Website: www.hurl.net.in

बैंक ऑफ इंडिया Bank of India BOI
KEONJHAR ZONAL OFFICE, Mining Road, Keonjhar, Odisha-758001
**ENGAGEMENT OF FACULTY AT RSETI KEONJHAR AND FINANCIAL LITERACY COUNSELOR AT FLCC BARIPADA**
**1. RSETI, KEONJHAR : No. of vacancy for faculty-1(one), Eligibility:** Should be a Graduate, Diploma in vocational course preferably and resident of the District where the RSETI is located. **Age:** Min. 25 years to Maximum 65 years. **Experience:** 2yrs. as inhouse faculty or visiting faculty and possess good knowledge in computer. **Monthly Remuneration: Rs 20000/-** per month on consolidated basis. Period of contract-2years.
**2. FLCC Baripada : No. of vacancy-1(one). Eligibility:** Educational qualification-Graduate. **Age:** Should not exceed 62 years as on date of application. The applicant should have sound knowledge in banking & finance preferably retired officer of Bank of India, Scheduled commercial Banks and RRBs. He should be proficient in ODIA language. **Monthly Remuneration: Rs 18000/-** consolidated. An additional amount of Rs. 500/- towards telephone on declaration basis. A lump sum amount of Rs. 1500/- is payable in lieu of not providing conveyance, provided they are holding minimum 8(eight) outdoor camps per month.
Application Form along with details terms and conditions are available in our website **www.bankofindia.co.in** under the head **CAREER**. The duly completed application form should reach us at the above address in a close cover on or before **20.02.2020 by 4.00 P.M.** Partially filled or unfilled application will be rejected. Bank will not held responsible for any postal delay. **Please note** that Bank of India reserves the right to cancel/postpone the advertisement/selection process without any prior notice . If any candidate is selected he/she should not be attached to any other Govt/Private organization on permanent/temporary/ contractual basis as on the date of issue of engagement order.
**Date: 06.02.2020** **Competant Authority**

## ମାଛଚାଷ ସମ୍ପର୍କରେ



ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛ ଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ଆଶଙ୍କା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।

## ପୋଟଳରେ ଫୁଲଫଳ ଧରୁଥିଲେ...



ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଝାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ,ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକ ଜନିତ ଝାଉଁଳା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

# ଆମ୍ବ ଫସଲରେ କାଣ୍ଡବିନ୍ଧା ପୋକ ଦମନ



ଡ. ବିଷ୍ଣୁ ଚରଣ ଜେନା





ଫଳ ମଧ୍ୟରେ ଆମ୍ବ ଏକ ରସାଳ ସ୍ୱାଦଯୁକ୍ତ ଫଳ। ତେଣୁ ଏହାକୁ ଫଳରାଜା କୁହାଯାଏ। ଏହା ମନୁଷ୍ୟ ପାଇଁ ଯେତିକି ଆକର୍ଷଣୀୟ, ପୋକଙ୍କ ପାଇଁ ମଧ୍ୟ ସମ ପରିମାଣରେ ଆକର୍ଷଣୀୟ। କ୍ଷତିକାରକ ପୋକଙ୍କ ମଧ୍ୟରେ କାଣ୍ଡବିନ୍ଧା ପୋକ (Batocera rufomaculata De Geer ଏବଂ Batocera rus-bus Linn) ଦ୍ୱୟ ବିଶେଷ କ୍ଷତିକାରକ। ଆମ୍ବ ଫସଲ ବ୍ୟତୀତ ଏହି ପୋକମାନେ ପଣସ, ତୁତ, ଅମୃତଭଣ୍ଡା ଏବଂ ସେଓ ଫସଲକୁ ଆକ୍ରମଣ କରନ୍ତି।

**ପୋକ ଦ୍ୱାରା କ୍ଷତିର ଲକ୍ଷଣ:** ଉଭୟ ପୋକର ଶୂକମାନେ ଆମ୍ବଗଛର ଗଣ୍ଡି କିମ୍ବା ମୁଖ୍ୟ କାଣ୍ଡଗୁଡ଼ିକୁ ଆକ୍ରମଣ କରନ୍ତି। ଶୂକଗୁଡ଼ିକ ଆକ୍ରମଣ କରିବା ସମୟରେ ଊର୍ଦ୍ଧ୍ୱମୁଖା ହୁଅନ୍ତି ଏବଂ ଭିତରର ତନ୍ତୁଗୁଡ଼ିକୁ ଖାଆନ୍ତି। ଫଳରେ ଆକ୍ରମିତ କାଣ୍ଡ ଶଢ଼ିଯାଏ ଓ ଶୁଖିଯାଏ। ସ୍ୱାଭାବିକ ରୂପେ ଏହି ପୋକଦ୍ୱୟ ଦ୍ୱାରା କ୍ଷତିର ଲକ୍ଷଣ ଜଣାପଡ଼େ ନାହିଁ। କିନ୍ତୁ ଯେତେବେଳେ ଆକ୍ରାନ୍ତ ଡାଳ ଶୁଖିଯାଏ ଓ ଡାଳରୁ ପତ୍ର ଝଡ଼ିପଡ଼େ, ସେ ସମୟରେ ପୋକଜନିତ କ୍ଷତିର ଲକ୍ଷଣ ଜଣାପଡ଼େ। ଆକ୍ରମିତ ସ୍ଥାନରୁ ପଚାଶଢ଼ା ଖଦଡ଼ା ଅଂଶ ବାହାରକୁ ଦେଖାଯାଏ। ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକମାନେ ନୂତନ ଡାଳ ଓ ଏହାର ପତ୍ରର ବୃନ୍ତକୁ ଖାଆନ୍ତି।

**ପୋକର ଜୀବନ ବୃତ୍ତାନ୍ତ:** ମାଈ ପୋକ ମାସକ ମଧ୍ୟରେ ୧୫୦ରୁ ୨୦୦ଟି ଅଣ୍ଡା ଗଛ ଗଣ୍ଡିରେ ଥିବା କଟାଦାଗ କିମ୍ବା ଖାଲୁଆ ସ୍ଥାନରେ ଦିଏ। ଗଣ୍ଡି ସହିତ ଗଛର ଶାଖା ପ୍ରଶାଖାରେ ମଧ୍ୟ ଅଣ୍ଡା ଦେଇଥାଏ। ଅଣ୍ଡାଗୁଡ଼ିକ ଏକ ପ୍ରକାର ଲାଳୁଆ ପଦାର୍ଥରେ ଘୋଡ଼େଇ ଦିଆଯାଏ। ଅଣ୍ଡାରୁ ଛୁଆ ବାହାରି କିଛି ସମୟ ଆମ୍ବର କୋମଳ ଅଂଶ ଖାଇ ବଞ୍ଚିରହେ। ଏହାପରେ ଏମାନେ ଆମ୍ବଗଛର ଗଣ୍ଡି ଓ ଶାଖା ପ୍ରଶାଖାର ବଲ୍‌କଲ ତଳେ ଅଙ୍କାବଙ୍କା ସୁଡ଼ଙ୍ଗ କରି ସେଥିରେ ରହି ତନ୍ତୁଗୁଡ଼ିକୁ ଖାଆନ୍ତି। ଆକ୍ରମିତ ଗଛରୁ ପତ୍ରଗୁଡ଼ିକ ଝଡ଼ିପଡ଼େ ଓ କଅଁଳ ଡାଳଗୁଡ଼ିକ ଶୁଖିଯାଏ। ଆକ୍ରମିତ ସ୍ଥାନରୁ ଖଦଡ଼ା ତନ୍ତୁଗୁଡ଼ିକ ବାହାରକୁ ଦେଖାଯାଏ। ପୋକର ଶୂକ ବା ଛୁଆଗୁଡ଼ିକ ଆମ୍ବ ବଗିଚାରେ ପ୍ରାୟ ୧୪୦ରୁ ୧୬୦ଦିନ ପର୍ଯ୍ୟନ୍ତ ରହି ଫସଲ ନଷ୍ଟ କରନ୍ତି। କୋଷାବସ୍ଥାରେ ପୋକଟି ୨୦ରୁ ୨୫ଦିନ ଆକ୍ରମିତ ଗଣ୍ଡି ଓ ଗଛର ଶାଖା ପ୍ରଶାଖାର ସୁଡ଼ଙ୍ଗ ମଧ୍ୟରେ ରହେ। ପୋକଟି ନିଜର ଜୀବନଚକ୍ର ୧୭୦ରୁ ୧୯୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରେ। ପୂର୍ଣ୍ଣାଙ୍ଗ ପୋକଗୁଡ଼ିକ ୬୦ରୁ ୧୦୦ଦିନ ପର୍ଯ୍ୟନ୍ତ ଆମ୍ବ ବଗିଚାରେ ବଞ୍ଚିରହନ୍ତି। ପୋକଗୁଡ଼ିକ ଦୀର୍ଘଦିନ ପର୍ଯ୍ୟନ୍ତ ଆମ୍ବ ବଗିଚାରେ ରହି କ୍ଷତି କରନ୍ତି। ଏଣୁ ଏହି ଫସଲର ଯତ୍ନ ନ ନେବା ଯୋଗୁ ଫସଲ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବାର ଦୃଷ୍ଟାନ୍ତ ଉପଲବ୍ଧ ହୁଏ।

**ଦମନ ପ୍ରକ୍ରିୟା:** ପୋକ ଦମନ ନିମନ୍ତେ ଚାଷୀଭାଇମାନଙ୍କୁ କେତେକ ପରାମର୍ଶ ଉକ୍ତ ନିବନ୍ଧରେ ଦିଆଯାଉଛି। ଆମ୍ବ ବଗିଚାକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ତଳେ ପଡ଼ିରହିଥିବା ପୋକରା ଓ ରୋଗଣା ଫଳଗୁଡ଼ିକୁ ପୋଡ଼ିଦିଅନ୍ତୁ। ଆକ୍ରମିତ ଗଣ୍ଡି ଓ ଶାଖା ପ୍ରଶାଖାରେ ରହିଥିବା ଶୂକକୁ ବାହାରକୁ ଆଣି ମାରିଦିଅନ୍ତୁ। ଏତଦ୍‌ବ୍ୟତୀତ ଖଦଡ଼ା ତନ୍ତୁଗୁଡ଼ିକୁ ସଫାକରି ସୁଡ଼ଙ୍ଗକୁ ବିଶୋଧନ କରନ୍ତୁ। ଏଥିପାଇଁ ପାଞ୍ଚ ମିଲିଲିଟର ଡାଇକ୍ଲୋରୋଭସ୍ (ଡିଡିଭିପି) ଏକ ସୁଡ଼ଙ୍ଗ ପ୍ରତି ବ୍ୟବହାର କରି ସୁଡ଼ଙ୍ଗଗୁଡ଼ିକୁ କାଦୁଅ ଦ୍ୱାରା ବନ୍ଦ କରି ଦିଅନ୍ତୁ।

*- ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ:୯୭୭୬୪୦୪୪୦୬*

## ବାଟ ଦେଖାଇଛି ଗୋ-ପାଳନ



ସଫଳ ଚାଷୀ
ଅକ୍ଷୟ ବାରିକ

ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ତାଙ୍କର ପାଠରେ ଡୋରି ବନ୍ଧା ହୋଇଗଲା। ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁ ବାହାରକୁ ଯାଇ ରୋଜଗାର ଲାଗି କେତେକେ ତାଙ୍କୁ ପରାମର୍ଶ ଦେଲେ। ହେଲେ ଗାଁରେ ରହି କିପରି ସ୍ୱାବଲମ୍ବୀ ହେବେ ସେଇ ଚିନ୍ତା ତାଙ୍କୁ ଘାରିଲା। ବାପାଙ୍କ ସହିତ ଚାଷ କାମରେ ସାମିଲ ହେଲେ। ଏହାପରେ ଗୋପାଳନ ଆଡକୁ ମନ ବଳିଲା। ଏହି ସମୟରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ତାଙ୍କୁ ମିଳିଲା ସହଯୋଗ। ଗୋଟିଏ ଗାଈ କିଣି ଆରମ୍ଭ କଲେ ସ୍ୱାବଲମ୍ବୀ ହେବାଲାଗି ଅଭିଯାନ। ତା'ପରେ ମାଛ ସହ କଲେ ପନିପରିବା ଚାଷ। ମାତ୍ର ବର୍ଷ କେଇଟାରେ ସେ ଆତ୍ମନିର୍ଭରଶୀଳ ହୋଇ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟି ଯାଇଛନ୍ତି। ସେ ହେଲେ ଅକ୍ଷୟ ବାରିକ(ମୋ: ୭୩୨୮୦୬୦୪୯୭)। ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ଓଡଙ୍ଗ ଗ୍ରାମରେ ତାଙ୍କର ଜନ୍ମ। ମା' ସ୍ୱର୍ଗତ ଚନ୍ଦ୍ରପ୍ରଭା ବାରିକ ଓ ପିତାଙ୍କ ନାମ କହ୍ନେଇ ଚରଣ ବାରିକ।

ପାରିବାରିକ ଅଭାବ ଅନଟନ ଯୋଗୁଁ ଆଉ ପାଠ ନ ପଢି କିପରି ସ୍ୱରୋଜଗାରକ୍ଷମ ହେବେ ସେହି ଚିନ୍ତା ଘାରିଲା। ଅନ୍ୟ କିଛି କରିବା ପୂର୍ବରୁ ବାପାଙ୍କ ସହିତ ଚାଷ କାମରେ ଯୋଗଦେଲେ। ତେବେ ୨୦୧୭ରେ ସ୍ଥାନୀୟ ସରପଞ୍ଚ କିଶୋର କିଙ୍କର ପଢିଆରୀଙ୍କ ପ୍ରଚେଷ୍ଟାରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଗୋପାଳନ ପାଇଁ ତାଙ୍କୁ ମିଳିଲା ପ୍ରୋତ୍ସାହନ। ପ୍ରଥମେ ଗୋଟିଏ ଗାଈ କିଣିଲେ। ଗୋ-ପାଳନରେ ସମ୍ପୂର୍ଣ୍ଣ ମନୋନିବେଶ କଲେ। ଏବେ ତାଙ୍କ ପାଖରେ ୬ଟି ଗାଈ ଓ ୧୦ଟି ବାଛୁରି ଅଛନ୍ତି। ପ୍ରତ୍ୟହ ୫୦ ଲିଟରରୁ ଊର୍ଦ୍ଧ୍ୱ କ୍ଷୀର ଉତ୍ପାଦନ କରି ମାସକୁ ୨୦ ହଜାର ଟଙ୍କା ରୋଜଗାର କରୁଥିବା କୁହନ୍ତି ଅକ୍ଷୟ। ଗାଈଙ୍କୁ ସବୁଜ ଘାସ ଯୋଗାଇ ଦେବା କ୍ଷେତ୍ରରେ ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତଙ୍କ ପରାମର୍ଶ ଓ ସହଯୋଗରେ ନିଜ ଜମିରେ ହାଇବ୍ରିଡ, ନାପିୟର, ବରସିମ୍, ଓଟୋ ଭଳି ବିଭିନ୍ନ କିସମର ଘାସ ଚାଷ କରିଛନ୍ତି। ଘାସ ଚାଷ ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତାଙ୍କୁ ମାଗଣାରେ ଘାସ ମଞ୍ଜି ଯୋଗାଇବା ସହିତ ସହକାରୀ ତୃଣ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ଦାଶ ସବ୍‌ସିଡିରେ ଘାସକଟା ଯନ୍ତ୍ର ଯୋଗାଇ ଦେଇଛନ୍ତି। ସବୁଜ ଘାସ ନିଜେ ଉତ୍ପାଦନ କରିବା ପରେ ବଜାରରୁ ଦାନା କିଣିବା କମିବା ସହିତ ଗାଈଙ୍କର କ୍ଷୀର ଉତ୍ପାଦନ ବଢିଥିବା ଅକ୍ଷୟ କୁହନ୍ତି। ଏହା ବ୍ୟତୀତ ନିଜ ଉଦ୍ୟମରେ ୩ଟି ପୋଖରୀ ଖୋଳି ମାଛ ଚାଷ କରିଛନ୍ତି। ଏଥିସହିତ ପନିପରିବା ଚାଷ ମଧ୍ୟ କରୁଛନ୍ତି। ତେବେ ଭୁବନେଶ୍ୱର ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ସଚିବ ନିକଟରେ ତାଙ୍କ ଡାଏରୀ ଫାର୍ମ ପରିଦର୍ଶନ କରିଛନ୍ତି। ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଲଗାତର ତାଙ୍କ ଫାର୍ମ ଓ ଘାସ ଚାଷ ପରିଦର୍ଶନ କରି ପରାମର୍ଶ ଦେଉଛନ୍ତି। ଅଧିକ ଗାଈ ରଖିବାକୁ ଇଚ୍ଛା ଥିଲେ ବି ଉପଯୁକ୍ତ ଗୁହାଳ ଘର ଅଭାବରୁ ରଖିପାରୁ ନାହାନ୍ତି। ସରକାରୀ ପ୍ରୋତ୍ସାହନ ଓ ବ୍ୟାଙ୍କ ଋଣ ମିଳି ନ ଥିବାରୁ ସେ ଆଗକୁ ବଢି ପାରୁ ନାହାନ୍ତି। ଗାଈ ସାଙ୍ଗରେ ଉନ୍ନତ କିସମ ଛେଳି ଓ ବତକ ଚାଷ କରିବାକୁ ତାଙ୍କର ଲକ୍ଷ୍ୟ ରହିଛି। ପରିଶ୍ରମକୁ ଆପଣେଇ ପାରିଲେ ଜଣେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ ବୋଲି ଦୃଢୋକ୍ତି ବ୍ୟକ୍ତ କରନ୍ତି ଅକ୍ଷୟ।

**- ସନାତନ ରାଉତ**

## ରଜନୀଗନ୍ଧା

ରଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନି (ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା ଯବକ୍ଷାରଜାନ,୮୦କିଗ୍ରା ଫସଫରସ ଓ ୮୦କି.ଗ୍ରା ପଟାସ ସାର) ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର।

## ମାଣ୍ଡିଆରେ ସାର ପ୍ରୟୋଗ...

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡିକୁ ଧାଡି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪: ୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସଫରସ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆ ଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।



କିପରି କରିବେ

## ପୋଷା ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

(ଦ୍ୱିତୀୟଭାଗ)

**ପ୍ରଜନନ:** ବର୍ଷକ ମଧ୍ୟରେ ମାଈ କୁକୁରଙ୍କର ୨ ଥର ଋତୁଚକ୍ର ହୋଇଥାଏ । ଗୋଟିଏ ହେଲା ଅକ୍ଟୋବର -ନଭେମ୍ବର ଓ ଅନ୍ୟଟି ମାର୍ଚ୍ଚ - ଏପ୍ରିଲ । ଦେଶୀ କୁକୁରମାନେ ପ୍ରାୟ ସେପ୍ଟେମ୍ବର ଓ ଫେବୃୟାରୀରେ ମଧ୍ୟ ପ୍ରଜନନ ପାଇଁ ପ୍ରସ୍ତୁତ ହୋଇଥାନ୍ତି । କୁକୁର ପ୍ରାୟ ୯ମାସ ବୟସରେ ପ୍ରଜନନ କ୍ଷମ ହୁଅନ୍ତି । ପ୍ରଜନନ ସମୟର ଲକ୍ଷଣଗୁଡ଼ିକ ହେଲା - ପ୍ରଥମେ ମାଈ କୁକୁରର ମୂତ୍ର ଦ୍ୱାର ବା ଜନନେନ୍ଦ୍ରିୟ ଫୁଲିଯାଏ । ଏହାର ଦିନେ ବା ଦୁଇଦିନପରେ ରକ୍ତସ୍ରାବ ହୁଏ । ଏହି ରକ୍ତସ୍ରାବ ପ୍ରାୟ ୮ ରୁ ୧୦ ଦିନ ପର୍ଯ୍ୟନ୍ତ ରହେ । କିନ୍ତୁ ପ୍ରଥମ ୭ଦିନ ଏହି ରକ୍ତସ୍ରାବ ଅଧିକ ହୋଇଥାଏ । ରକ୍ତସ୍ରାବର ୨ରୁ ୩ଦିନ ପରେ ବହୁ ଅଣ୍ଡିରା କୁକୁର ମାଈକୁକୁରର ପିଛା କରିଥାନ୍ତି । ଘରେ ପାଳିଥିବା ମାଈ କୁକୁରକୁ ରକ୍ତସ୍ରାବ ସମୟରେ ଅଣ୍ଡିରା କୁକୁର ପାଖକୁ ଛାଡ଼ିବା ଉଚିତ ନୁହେଁ । ରକ୍ତସ୍ରାବ ବନ୍ଦ ହେବାର ଦିନେ ୨ଦିନ ପରେ ମାଈ କୁକୁରଙ୍କୁ ଅଣ୍ଡିରା କୁକୁର ସହିତ ମିଶାଇବା ବା ମେଳ କରାନ୍ତୁ । ରକ୍ତସ୍ରାବ ବନ୍ଦ ହେବାର (୯ଦିନ ପରେ) ୧ମ, ୨ୟ ଓ ୩ୟ ଦିନ ସହବାସ କରାଇଲେ ଗର୍ଭ ସଂଚାର ହୋଇଥାଏ । ଋତୁ ଆରମ୍ଭ ସମୟରେ ମାଈ କୁକୁର ଦେହରୁ ଏକ ରାସାୟନିକ ଦ୍ରବ୍ୟ ଇଷ୍ଟ୍ରୋଜେନ୍ ହରମୋନ୍ ନିର୍ଗତ ହୁଏ, ଯାହାକି ଅଣ୍ଡିରା କୁକୁରଙ୍କୁ ଆକୃଷ୍ଟ କରାଇଥାଏ । ମାଈ କୁକୁର ବା କୁତିଙ୍କ ଗର୍ଭଧାରଣ ସମୟ ହେଉଛି ୬୨ ରୁ ୬୪ ଦିନ ଏବଂ ଥରକେ ୮ ରୁ ୧୦ଟି ପର୍ଯ୍ୟନ୍ତ ଛୁଆ ଦେଇଥାଏ।

-ପୋଷା କୁକୁର ବା ବିରାଡ଼ିଙ୍କୁ ପ୍ରତ୍ୟେକ ଦିନ ଅନ୍ତତଃ ଥରେ ବ୍ରସ୍ କରାନ୍ତୁ। ଯାହାଫଳରେ ସେମାନଙ୍କର ରକ୍ତ ସଞ୍ଚାଳନ ଠିକ୍ ହେବା ସହ ଚର୍ମରେ ଥିବା ରୁପି ପଦାକୁ ବାହାରିଆସେ ଏବଂ ଦେହ କୁଣ୍ଡେଇ ହୁଏନାହିଁ।

-ବ୍ରସ୍ କଲାବେଳେ ବାଳଗୁଡ଼ିକ ଜଟା ହୋଇଥିଲେ ସେମାନଙ୍କୁ କଷ୍ଟ ଲାଗେ । ଏଥିସହିତ ଟିଙ୍କ ଓ ଉକୁଣୀ ସହଜରେ ବସା ବାନ୍ଧେ । ତେଣୁ ଖରାଦିନ ଆରମ୍ଭ ଓ ଶୀତଦିନ ଶେଷରେ ଏମାନଙ୍କର ବାଳ କାଟନ୍ତୁ।

- ସବୁବେଳେ ଜାଗ୍ରତ ରହିବା ଲାଗି କୁକୁରକୁ ବ୍ୟାୟାମ କରାଇବା ଆବଶ୍ୟକ । ନଚେତ୍ ସେ ଅଳସୁଆ ହୋଇଯିବ । ସକାଳ ଓ ସନ୍ଧ୍ୟାରେ ବ୍ୟାୟାମ ସମୟରେ କୁକୁର ମଳତ୍ୟାଗ କରିଥାଏ । ତେଣୁ ପ୍ରତିଦିନ ଏପରି ଅଭ୍ୟାସ କରିବା ଆବଶ୍ୟକ।

-କୁକୁରଙ୍କୁ ବିଭିନ୍ନ ଭୂତାଣୁଜନିତ ରୋଗ ଯଥା - କାନାଇନ୍ ଡିସ୍‌ଟେମ୍ପର୍, ହେପାଟାଇଟିସ୍, ପାର୍ଭୋ, ଜଳାତଙ୍କ ଆଦି ସହିତ ବିଭିନ୍ନ ଜୀବାଣୁଜନିତ ରୋଗ ଯଥା - ଲେପ୍ଟୋସ୍ପାଇରୋସିସ୍, ବ୍ରୁସେଲୋସିସ୍ ଆଦି ରୋଗ, କୃମି ରୋଗ ଓ ଚର୍ମ ରୋଗ ହୋଇଥାଏ । କୃମି ରୋଗ ମଧ୍ୟରେ ଗୋଲକୃମି, ଅଙ୍କୁଶ କୃମି, ଫିତା କୃମି ଆଦି ପ୍ରଧାନ।



- କୁକୁରଙ୍କଠାରୁ ମନୁଷ୍ୟକୁ ସଂକ୍ରମିତ ହେଉଥିବା କେତେକ ରୋଗଗୁଡ଼ିକ ହେଲା - ଜଳାତଙ୍କ, ଯକ୍ଷ୍ମା, ଗୋଲାକୃତି କୃମି, ଅଙ୍କୁଶ କୃମି, ଫିତା କୃମି, ଚର୍ମରୋଗ - ଯାଦୁ, କାଛୁକୁଣ୍ଡିଆ, ରୁପି, ଆଲର୍ଜି ଇତ୍ୟାଦି।

*-ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ, କଳାହାଣ୍ଡି, ମୋ: ୯୪୩୭୬୦୭୩୧୨*

## ସପୁରୀ କିସମ

ବର୍ତ୍ତମାନ ହେଉଛି ସପୁରୀ ଲଗାଇବାର ପ୍ରକୃଷ୍ଟ ସମୟ । କ୍ୟୁ, କୁଇନ୍,ସୀମାଚଳନ,ମାରିସିଅସ୍ ଆଦି କିସମ ଲଗାନ୍ତୁ। ୧ମି x ୩୦ସେ.ମି ଦୂରତାରେ ୦.୫x ୦.୫x ୦.୫ ମିଟର ଗାତକରି ଗଛ ଲଗାନ୍ତୁ। ଲଗାଇବା ବେଳେ ଗାତ ପ୍ରତି ୨ଝୁଡି କମ୍ପୋଷ୍ଟ ଦେଇ ଲଗାନ୍ତୁ। ଏହା ସହିତ ୧୦ଗ୍ରାମ୍ ଯବକ୍ଷାରଜାନ, ୧୨ଗ୍ରାମ୍ ଫସଫରସ ଓ ୪ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।



Dollar 71.28 (0) | Sensex 41,216.14 (▲236.52) | Nifty 12,107.90 (▲76.40) | Gold 41,269.00 (▼₹112) | Silver 74,152.00 (▼₹108)



"ବିଦେଶୀ କଳା ଟଙ୍କା ଆଇନ ଅନ୍ତର୍ଗତ ୪୨୨ ମାମଲାରେ ବ୍ୟକ୍ତିବିଶେଷଙ୍କୁ ନୋଟିସ ଜାରି କରାଯାଇଛି। ମାମଲାଗୁଡ଼ିକରେ ୧୨,୦୦୦ କୋଟି ଟଙ୍କା ସମ୍ପୃକ୍ତ ରହିଛି।

–ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ



"ଆନ୍ଧ୍ର ପ୍ରଦେଶର ବିଭିନ୍ନ ତୈଳ ଏବଂ ବାଷ୍ପ ପ୍ରକଳ୍ପର ଉନ୍ନତୀକରଣ ଲାଗି ଆଗାମୀ ଦିନଗୁଡ଼ିକରେ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବାକୁ ଯୋଜନା ରହିଛି।

–ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ

## ସଂକ୍ଷେପରେ

### ଅର୍ଥ ବ୍ୟବସ୍ଥାରେ ସୁଧାର ଆସୁଛି:ସୀତାରାମନ

ନୂଆଦିଲ୍ଲୀ,୧୧-୨
ଏବେ ଅର୍ଥ ବ୍ୟବସ୍ଥାରେ ସୁଧାର ପରିଲକ୍ଷିତ ହେଉଛି। ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଉଠାଉଥିବା ବିଭିନ୍ନ ପଦକ୍ଷେପ ଯୋଗୁ ଏହାର ଲାଭ ମିଳୁଥିବା ଦେଖାଯାଉଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କହିଛନ୍ତି। ଅର୍ଥ ବ୍ୟବସ୍ଥା ଅଜ୍ଞ ଡାକ୍ତରଙ୍କ ହାତରେ ରହିଥିବା ସୋମବାର ବଜେଟ ଆଲୋଚନା ବେଳେ ରାଜ୍ୟସଭାରେ କଂଗ୍ରେସ ନେତା ପି.ଚିଦାମ୍ବରମ କହିଥିଲେ। ଏହାର ଉତ୍ତର ରଖି ସୀତାରାମନ କହିଛନ୍ତି ଯେ, ଅର୍ଥ ବ୍ୟବସ୍ଥା ଠିକ୍ ବିଶେଷଜ୍ଞ ହାତରେ ରହିଛି। ସରକାର ବିତ୍ତୀୟ ଅନୁଶାଶନକୁ ଦୃଢ଼ତା ସହ ଲାଗୁ କରାଇବାକୁ ଯୋଜନା ହାତକୁ ନେଇଛନ୍ତି। ଅର୍ଥ ବ୍ୟବସ୍ଥା ଗାଡ଼ିର ସବୁ ଇଞ୍ଜିନକୁ ତ୍ୱରାନ୍ୱିତ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଇଛି। ମହିଳା, ଅନୁସୂଚିତ ଜାତି, ଜନଜାତି, ଶିଶୁଙ୍କ ସମେତ ସମାଜର ଅନ୍ୟ ସବୁ ବର୍ଗର କଲ୍ୟାଣ ଲାଗି ନିରନ୍ତର ଭିତ୍ତିରେ ଆବଣ୍ଟନ ବୃଦ୍ଧି କରାଯାଉଛି। ଯେଉଁ ମାନଙ୍କ ଲାଗି ଆଜି ଏନ୍‌ପିଏ ସମସ୍ୟା ସୃଷ୍ଟି ହୋଇଛି ସେମାନଙ୍କଠାରୁ ଅଧିକ କିଛି ଶିଖିବାର ନାହିଁ ବୋଲି ସୀତାରାମନ ପାଲଟା ଉତ୍ତର ଦେଇଛନ୍ତି। ସେ କହିଛନ୍ତି, ମୁଦ୍ରାସ୍ଫୀତି ହାର ୪.୮% ରହିଛି। ଫ୍ୟାକ୍ଟ୍ରି ଉତ୍ପାଦନରେ ଉନ୍ନତି ଆସିଥିବା ବେଳେ ଏଫ୍‌ଡିଆଇ, ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଘଟିଛି। ଗତ ୩ ତ୍ରୈମାସ ଧରି ଜିଏସ୍‌ଟି ରାଜସ୍ୱରେ ଉନ୍ନତି ପରିଲକ୍ଷିତ ହେଉଛି। ଆର୍ଥିକ କ୍ଷେତ୍ରର ପ୍ରତି ମାନଦଣ୍ଡରେ ଅର୍ଥ ବ୍ୟବସ୍ଥା ଆଗକୁ ବଢ଼ୁଛି। ଅର୍ଥ ବ୍ୟବସ୍ଥାରେ ସଙ୍କଟ ନାହିଁ ମାତ୍ର ଏଥିରେ ରହିଥିବା ଭଲ ପ୍ରଦର୍ଶନକୁ ବିରୋଧି ମାନେ ମାନିବା ସପକ୍ଷରେ ନାହାନ୍ତି।

# ଓଡ଼ିଶାରେ ଆମ୍‌ଷ୍ଟ୍ରାଡ୍‌ର ଇଲେକଟ୍ରୋନିକ୍ସ ପ୍ରଡକ୍ଟ

ଭୁବନେଶ୍ୱର,୧୧-୨




- ଯୁବବର୍ଗଙ୍କ ଲାଗି ଟେକ୍ନୋଲୋଜି ପ୍ରଡକ୍ଟକୁ ପ୍ରାଥମିକତା:ସିଇଓ
- ରାଜ୍ୟର ୨୦୦ ଡିଲରଙ୍କ ସହ ମିଳିତ ହୋଇଛି
- ପୋର୍ଟଫୋଲିଓରେ ୮୦ ମଡେଲ

ଓଭିଓଟି ଲିମିଟେଡ ପକ୍ଷରୁ ଓଡ଼ିଶା ବଜାରରେ ଆମ୍‌ଷ୍ଟ୍ରାଡ ବ୍ରାଣ୍ଡର କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ପ୍ରଡକ୍ଟର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ବର୍ତ୍ତମାନ ରାଜ୍ୟର ୨୦୦ ଡିଲରଙ୍କ ସହ ମିଳିତ ହୋଇ ଏହାର ପ୍ରଡକ୍ଟ ଏବଂ ସେବା ଯୋଗାଣ ଧାରା ଜାରି ରଖିଥିବା ଏମ୍‌ଡି ତଥା ସିଇଓ ନିପୁନ ସିଂଘଲ କହିଛନ୍ତି। ସେ କହିଛନ୍ତି, ଗତ ଗୋଟିଏ ବର୍ଷ ହେବ ଓଡ଼ିଶା ବଜାରରେ କମ୍ପାନୀ ନିଜର କାରବାର ଆରମ୍ଭ କରିଛି। ଏଠାରେ ଭଲ ବ୍ୟବସାୟ ଲକ୍ଷ୍ୟ ରହିଛି। ଚ୍ୟାନେଲ ପାର୍ଟନରଙ୍କ ସହଯୋଗରେ ଭାରତୀୟ ଗ୍ରାହକଙ୍କୁ ସର୍ବୋତ୍ତମ ପ୍ରଡକ୍ଟ, ସେବା ଏବଂ ଉନ୍ନତ ମୂଲ୍ୟ ପ୍ରଦାନ ଲକ୍ଷ୍ୟ ରହିଛି। ପରବର୍ତ୍ତୀ ପିଢ଼ିର ଗ୍ରାହକଙ୍କୁ ସେବା ଯୋଗାଣ ଲକ୍ଷ୍ୟ ନେଇ 'ପ୍ୟାଶନ ଫର ପରଫେକସନ' ମନ୍ତ୍ର ସହ ଅଗ୍ରସର ହେଉଛୁ। ଟେକ୍ନୋଲୋଜି, ଗୁଣବତ୍ତା ଏବଂ ବିକ୍ରି ପରବର୍ତ୍ତୀ ସେବା ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରାଯାଇଥିବା ସେ ମତ ଦେଇଛନ୍ତି।

ସେ କହିଛନ୍ତି ଯେ, କମ୍ପାନୀର ପୋର୍ଟଫୋଲିଓରେ ବର୍ତ୍ତମାନ ଏୟାର କଣ୍ଡିସନର, ଟିଭି, ୱାଶିଂ ମେଶିନ ରହିଛି। ବିଶେଷ କରି ଯୁବାଗ୍ରାହକଙ୍କ ଆବଶ୍ୟକତା ଆଧାରରେ ପ୍ରଡକ୍ଟ ପ୍ରସ୍ତୁତ କରାଯାଉଛି। ଏଥିରେ ସଦ୍ୟତମ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। କମ୍ପାନୀର ଏସି ଗୁଡ଼ିକରେ ରହିଥିବା ଫିଚର ଗ୍ରାହକଙ୍କ ଜୀବନ ଶୈଳୀକୁ ସହଜ କରିପାରିବ। ଏଥିରେ ସ୍ମାର୍ଟ ହେଭି କୁଲିଂ, ୱାଇଫାଇ, ଉନ୍ନତ କ୍ଷମତା, ଇନଭର୍ଟର ଉପରେ ୧୦ ବର୍ଷ ଏବଂ କମ୍ପ୍ରେସର ଉପରେ ୬ ବର୍ଷର ୱାରେଣ୍ଟି ରହିଛି। ଅନ୍ୟ ପ୍ରମୁଖ ଫିଚର ମଧ୍ୟରେ ୧୦୦% କପର, ସେଲ୍ଫ କ୍ଲିନିଂ, କମ୍ଫର୍ଟ ସ୍ଲିପ, ଇକୋ ମୋଡ, ମେଟାଲ କ୍ଲୋଜର ପିସିବି, ଅପରେଟିଂ ଭୋଲଟେଜ, ୱାଇଫାଇ ୨.୦ ରହିଛି।

ସେହିଭଳି ନୂଆ ପିଢ଼ିର ଟିଭି ଉପରେ ମତ ରଖି ସେ କହିଛନ୍ତି ଯେ, ୪କେ ଏଚ୍‌ଡିଆର, ଡବଲି ଅଡିଓ, ଭଏସ କମାଣ୍ଡ ରିମୋଟ କଣ୍ଟ୍ରୋଲ, ୨ ଜିବି ରାମ ମେମୋରି, ୧୬ ଜିବି ରୋମ୍, ପାୱାରଫୁଲ ସିପିୟୁ, ଗୁଗୁଲ ଆସିଷ୍ଟାଣ୍ଟ ବିଲ୍ଟ ଭଳି ଅନ୍ୟ ଫିଚର ରଖାଯାଇଛି। ବର୍ତ୍ତମାନ ୮୦ ମଡେଲ କମ୍ପାନୀ ବଜାରକୁ ଛାଡ଼ିଛି। ଏସି ବ୍ୟବସାୟ ଉନ୍ନତ ରହିଛି। ସେହିଭଳି ଟିଭି ଏବଂ ୱାଶିଂ ମେଶିନ କାରବାରରେ ଉନ୍ନତି ଆସୁଥିବା ସେ ମତ ଦେଇଛନ୍ତି। ଆଗ୍ରେସିଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ଲକ୍ଷ୍ୟ ନେଇ ପୁଣେର ସୁପା ନିକଟରେ ଏକ ମାନୁଫାକଚରିଂ ୟୁନିଟ ସ୍ଥାପନ ଲକ୍ଷ୍ୟ ରହିଛି। ଏଥିରେ ୩୦୦ କୋଟି ଟଙ୍କାର ନିବେଶ ହେବ। କାର୍ଯ୍ୟକ୍ରମରେ କମ୍ପାନୀର ଉପସଭାପତି ନୀତିନ ତ୍ରେହାନ, ଓଡ଼ିଶା ସେଲ୍‌ସ ହେଡ୍ ଗୌତମ ନାୟକ, ମାକ୍ସ ଇଣ୍ଟରନ୍ୟାଶନାଲ ମୁଖ୍ୟ ଆଦିତ୍ ହଂସ ଉପସ୍ଥିତ ଥିଲେ।

### ଜିଏସ୍‌ଟି ପୋର୍ଟାଲ ଅସୁବିଧା ଦୂର କର:ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୧-୨:** ଜିଏସ୍‌ଟି ପୋର୍ଟାଲରେ ରହିଥିବା ବିଭିନ୍ନ ଟେକ୍ନୋଲୋଜି ଜନିତ ଅସୁବିଧା ଦୂର କରିବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଏସ୍‌ଟି ସଂକ୍ରାନ୍ତ ପିଟିଶନର ଶୁଣାଣି କରି ଜଷ୍ଟିସ ଆର୍ .ଏଫ୍ ନରିମାନ ଏବଂ ଜଷ୍ଟିସ ରବିନ୍ଦର ଏସ୍.ଭଟ୍ଟଙ୍କ ଖଣ୍ଡପୀଠ କହିଛନ୍ତି, ଜିଏସ୍‌ଟି ସର୍ଭରେ ଏମିତି କୌଣସି ଅସୁବିଧା ନ ରହିବା ଆବଶ୍ୟକ ଯାହା ଦ୍ୱାରା ସାଧାରଣ ଲୋକମାନେ ଅସୁବିଧା ସାମ୍ନା କରିବେ।


**Coal India Limited**
(A Maharatna Company)

**ATTENTION ALL RETIRED COAL INDIA EXECUTIVES**

Coal India Limited (CIL) has implemented the **"CIL Executive Defined Contribution Pension Scheme 2007"**. All retired executives are requested to contact the concerned Nodal Officer of CIL or Subsidiary from where one has retired as per the list given at url mentioned below and submit the requisite forms enabling them to claim annuity/refund. The details are to be filled online and uploaded in corporate website of Coal India Ltd. **(www.coalindia.in-->Menu-->Employee Corner→CIL Executive Defined Contribution Pension Scheme) or url: apps.coalindia.in:8080/apex/f?p=168**


**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
**District: Nayagarh, Phone: 06753-252439**
**District Website: www.nayagarh.nic.in**

**Tender No.: 510** **Dt.: 11.02.2020**

District Manager, OSCSC Ltd., Nayagarh invites in Double Cover System through ONLINE MODE ONLY for the works below.

| | | |
|---|---|---|
| 1. | Name of the Work | Selection and appointment of Handling Contractor under Departmental Storage Operation for handling of food grains at Rice Receiving Centre-cum-Departmental Storage Centre (RRC-cum-DSC) or Nayagarh district. |
| 2. | Availability of Bid Document in the Portal | From 13.02.2020 to 28.02.2020 upto 1.00 P.M. |
| 3. | Last date/time for receipt of Bids in the Portal | 28.02.2020 till 5.00 P.M. |
| 4. | Date/time of opening of Technial Bid | 29.02.2020 at 11.00 A.M. |
| 5. | Name and Address of Officer Inviting Tender | The District Manager, OSCSC Ltd., Nayagarh |

Tender documents and other details can be seen from the e-procurement portal **www.oscsc.in, www.foododisha.in** and **www.tenderodisha.gov.in** along with district website. Amendments/Corrigendum/Cancellation/Retenders etc. If any shall be published in above websites.

**Sd./- District Manager**
**OSCSC Ltd., Nayagarh**

# ପିଏମ୍-କିଷାନ ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ

**ନୂଆଦିଲ୍ଲୀ,୧୧-୨:** ପିଏମ୍-କିଷାନ ହିତାଧିକାରୀ ଚାଷୀଙ୍କୁ ରିହାତି ଦରରେ ସଂସ୍ଥାଗତ ଋଣ ଯୋଗାଣ ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ 'କିଷାନ ପରିପୂର୍ଣ୍ଣତା 'ଅଭିଯାନ ଆରମ୍ଭ କରାଯାଇଛି। ଏହା ଦ୍ୱାରା ଧାର୍ଯ୍ୟ ସମୟରେ ଋଣ ପରିଶୋଧ କରିବା ଉପରେ ସମସ୍ତ ଚାଷୀଙ୍କୁ ସର୍ବାଧିକ ୪ ପ୍ରତିଶତ ସୁଧହାରରେ ଋଣ ମିଳିପାରିବ। ୧୦ ଫେବୃୟାରୀଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୧୫ ଦିନ ପର୍ଯ୍ୟନ୍ତ ଚାଲିବ। କୃଷି, ପଶୁ ଏବଂ ମତ୍ସ୍ୟଚାଷ ଭଳି ବର୍ଗରେ ସ୍ୱଳ୍ପ ମିଆଦି ଭିତ୍ତିରେ ଋଣ ଯୋଗାଣ ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଏ ସମ୍ପର୍କିତ ନିର୍ଦ୍ଦେଶନାମା ସମସ୍ତ ରାଜ୍ୟ, କେନ୍ଦ୍ର ଶାସିତ ପ୍ରଦେଶ, ସବୁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ନାବାର୍ଡ ଅଧକ୍ଷଙ୍କୁ ଜାରି କରାଯାଇଛି।

# ରାଜ୍ୟରେ ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ୨୦% ବଢ଼ିଛି

**ଭୁବନେଶ୍ୱର,୧୧-୨:** ଓଡ଼ିଶାରେ ମ୍ୟୁଚୁଆଲ ଫଣ୍ଡ ନିବେଶ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସହ ଆଗ୍ରହ ବଢ଼ୁଛି। ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟ ମଧ୍ୟରେ ଏହି ଶିଳ୍ପରେ ଆସେଟ ଅଣ୍ଡର ମ୍ୟାନେଜମେଣ୍ଟ ବା ପରିଚାଳନା ଗତ ସମ୍ପତ୍ତି(ଏୟୁଏମ୍) ୨୦% ବଢ଼ିଛି। ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ସାରା ଦେଶରେ ଏବେ ପ୍ରାୟ ୩ କୋଟି ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସଆଇପି) ଆକାଉଣ୍ଟ ରହିଛି। ଓଡ଼ିଶାରେ ଏୟୁଏମ୍ କଥା ବିଚାରକୁ ନେଲେ ପ୍ରାୟ ୨୪ ହଜାର କୋଟି ଟଙ୍କା ହେବ ବୋଲି କୋଟାକ ମ୍ୟୁଚୁଆଲ ଫଣ୍ଡର ସେଲସ ଆଣ୍ଡ ମାର୍କେଟିଂ ଜାତୀୟ ମୁଖ୍ୟ ମନୀଷ ମେହେଟ୍ଟା ଏଠାରେ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ୨୦୨୦ରେ ରାଜ୍ୟରେ ମ୍ୟୁଚୁଆଲ ଫଣ୍ଡର ଅଭିବୃଦ୍ଧି ପ୍ରାୟ ୧୫ରୁ ୨୦% ରହିବ। ଏସ୍‌ଆଇପିରେ ନିବେଶ ନେଇ ଲୋକମାନେ ଏବେ ବେଶି ପ୍ରାଥମିକତା ଦେଉଛନ୍ତି। ଷ୍ଟକ ବଜାର ଲାଗି ଏସ୍‌ଆଇପି ଏକ ପ୍ରମୁଖ ଟୁଲ ହୋଇପାରିଛି। ଏସ୍‌ଆଇପି ଜରିଆରେ ସମ୍ପତ୍ତି ସୃଷ୍ଟି ନେଇ ବର୍ତ୍ତମାନ ସଚେତନତା ସୃଷ୍ଟି କରାଯାଉଥିବା ସେ ମତ ଦେଇଛନ୍ତି।

**OFFICE OF THE DISTRICT MANAGER, ODISHA STATE CIVIL SUPPLIES CORPORATION LTD. (OSCSC)**
**District- Nayagarh, Phone : 06753-252439**
**District Website www.nayagarh.nic.in**

**Tender No.505** **Dt.: 11.02.2020**

District Manager, O.S.C.S.C Ltd., Nayagarh invites in Double Cover system through ONLINE MODE ONLY for the works below.

| | | |
|---|---|---|
| 1. | Name of the work | Selection and appointmenr of Level-I Transport Contractor for transportation of Food Grains from food storage depot. FCI to Rice Receiving Centre-cum-Departmental Storage Centre (RRC-cum-DSC) of Nayagarh District. |
| 2. | Availability of Bid Document in the Portal | from 13.02.2020 to 28.02.2020 up to 1.00 P.M. |
| 3. | Last date / Time for receipt of Bids in the Portal | 28.02.2020 till 5.00 P.M. |
| 4. | Date / Time of opening of Technical Bid | 29.02.2020 at 11.00 A.M. |
| 5. | Name and Address of Officer inviting Tender | The District Manager, OSCSC Ltd., nayagarh |

Tender Documents and other details can be seen from the e-procurement portal www.oscsc.in, www.foododisha.in and www.tenderodisha.gov.in along with District website. Amendments / Corrigendum / Cencellation / retenders etc. If any shall be published in above websites.

**Sd./- District Manager,**
**OSCSC Ltd., Nayagarh**

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

**ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନଲିଖିତ ଶିଶୁକନ୍ୟାଟିକୁ ଗତ ତା୧୪।୧୧।୨୦୧୫ରିଖରେ ସ୍ୱାଧାର ଗୃହ ଗଡି ରାଉତ ପାଟଣା କଟକରେ ରହୁଥିବା ଗୀତାଞ୍ଜଳି ବେହେରା ଦ୍ୱାରା ହସ୍ତାନ୍ତର ହୋଇଥିବା ଏବଂ କଟକ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରହୁଛି। ଉକ୍ତ ଶିଶୁକନ୍ୟାଟିର ଯଦି ଅନ୍ୟକେହି ଆଇନସିଦ୍ଧ ଦାବିଦାର ଥା'ନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ୫୪, କଲେକ୍ଟୋରେଟ୍ ବିଲଡିଂ, କଟକ, ଫୋନ ନଂ.୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରେଟ୍ କ୍ୟାମ୍ପସ, କଟକ-୭୫୩୦୦, ଫୋନ ନଂ.୦୬୭୧-୨୫୦୮୧୩୩, ମୋବାଇଲ୍ ନଂ.୭୯୭୮୧୪୬୮୧୪/୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ-୭୫୩୦୧୪ କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

| କ୍ରମିକ ନଂ. | ଶିଶୁର ନାମ | ପୁଅ/ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | ମନ୍ତବ୍ୟ |
|---|---|---|---|---|---|
| ୧ | **ସୁଜାନି** | ଝିଅ | ୦୬।୧୧।୨୦୧୫ | ୧୪।୧୧।୨୦୧୫ | ଶିଶୁ ମଙ୍ଗଳ ସମିତି, କଟକଙ୍କୁ ନିର୍ଦ୍ଦେଶନାମା ନଂ.୨୧୯୩/୨୦୧୬ ତା-୩୦।୦୪।୨୦୧୯ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

**ବି.ଦ୍ର.- ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ www.cara.nic.in ରେ ଆବେଦନ କରନ୍ତୁ ।**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

ସଂଖ୍ୟା ନଂ 1351/କ.ଉ.କ./ତା 11.02.2020

**ସୂଚନା**

ଏତଦ୍ୱାରା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡ଼ିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା – 13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି । ଏହି ଯୋଜନାର ଆବେଦନର ଶେଷ ତାରିଖ 05.02.2020 ଥିଲା । ଏହି ଯୋଜନାକୁ ସରକାର ୧୫ ଦିନ ପାଇଁ ଅବଧି ବୃଦ୍ଧି କରିଛନ୍ତି ଏବଂ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସୂଚନା ସଂଖ୍ୟା – T.P.Dev- 22/18 No.3043/HUD 06.02.2020 ଦ୍ୱାରା ଏହି ସ୍କିମ ପ୍ରଣୟନ କରାଯାଇଅଛି ଓ ଏହି ଯୋଜନା ଆବେଦନ କରିବାର ଶେଷ ତାରଖ ୨୦.୦୨.୨୦୨୦ ଧାର୍ଯ୍ୟ କରାଯାଇଅଛି ।

ପୂର୍ବରୁ ଯେଉଁ ବାସଗୃହ ହିତାଧିକାରୀ ମାନେ ବ୍ୟବସାୟିକ ପ୍ରତିଷ୍ଠାନ, କଳ ଓ କାରଖାନା, ଉଚ୍ଚ ଅଟ୍ଟାଳିକା, ଚଳଚିତ୍ର ପ୍ରତିଷ୍ଠାନ, ଭୋଜନାଳୟ ରହିବା ବ୍ୟବସ୍ଥା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି ସେମାନେ ଏହି ସୁଯୋଗର ଉପଯୋଗ କରିପାରିବେ । ଏହି ଯୋଜନା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ହିତାଧିକାରୀ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଯେଉଁ ହିତାଧିକାରୀ ବା ଅନ୍ୟାନ୍ୟ ପ୍ରତିଷ୍ଠାନମାନେ ନିୟମ ଉଲ୍ଲଂଘନ କରିଥିବେ ଏବଂ ଏହି ଯୋଜନାର ଅର୍ନ୍ତଭୁକ୍ତ ହୋଇନଥିବେ ତାହେଲେ ସେହି ହିତାଧିକାରୀଙ୍କ ନାମରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ଓ ଅନ୍ୟାନ୍ୟ ହିତାଧିକାରୀ ଓ ପ୍ରତିଷ୍ଠାନମାନେ ସବିଶେଷ ତଥ୍ୟ, ଠିକଣା,ଫୋନ ନମ୍ବର, ଆବେଦନ କରିବାର ଫର୍ମ ଗୁଡ଼ିକୁ ଠିକ୍ ଭାବେ ପୂରଣ କରିନଥିବା ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ନଥି ଦେଇନଥିବା ହେତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କରିବାରେ ବଳିମ୍ବ ହେଉଅଛି ଓ କର୍ତ୍ତୃପକ୍ଷ ପ୍ରେରଣ କରିଥିବା ପତ୍ର ହିତାଧିକାରୀଙ୍କ ପାଖରୁ ଫେରି ଆସୁଅଛି । ତେଣୁ ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବା ପାଇଁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଯୋଜନା ସଭ୍ୟଙ୍କୁ ସାକ୍ଷାତ (ସୋମବାର, ମଙ୍ଗଳବାର ଓ ବୁଧବାର) କରି ଉକ୍ତ ଯୋଜନା ବିଷୟରେ ଅବଗତ ହେବାକୁ ଅନୁରୋଧ ।

ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡ଼ିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ୍ – **www.cdacuttack.nic.in** ରେ ଉପଲବ୍ଧ ଅଟେ ।

ସ୍ୱା /–
ସଚିବ

**ODISHA STATE CIVIL SUPPLIES CORPORATION LTD., SUNDARGARH**

**TENDER CALL NOTICE**

**No.: 474** **Date: 10.02.2020**

The Tender Call Notice No. 39 & 40 Dt.04.01.2020 for Level-II/Level-I Transport Contractor are being cancelled as well as fresh tender are being invited, the reschedule of calendar of activities are according to Tender Call Notice No. 454 Dt.07.02.2020 for Level-I Transport Contractor and Tender Call Notice No. 455 Dt.07.02.2020 for Level-II Transport Contractor for Transportation of food grains for the financial year 2019-21. The said tender documents are being uploaded in **www.tendersodisha.gov.in**. All other term and conditions remain unchanged. The calendar of activities for e-tender for appointment of said contractors are as mentioned below.

| Sl. No. | Activity | Dateline |
|---|---|---|
| 1. | Availability of Tender Documents in the website on uploading by district | 07.02.2020 |
| 2. | Pre-bid conference of tenders | 11.02.2020 |
| 3. | Last date for online submission of completed tender documents with enclosures | 24.02.2020 upto 05.30 P.M. |
| 4. | Date of Technical Bid opening | Level-I - 25.02.2020, 11.00 A.M.<br>Level-II - 26.02.2020, 11.00 A.M. |
| 5. | Date of submission of original documents by the tenders in support of scanned copies uploaded in the portal for verification by district office | Level-I - 25.02.2020, 11.00 A.M.<br>Level-II - 26.02.2020, 11.00 A.M. |
| 6. | Date of opening of Financial Bids (only of Technically qualified tenderers) | Level-I - 28.02.2020, 11.00 A.M.<br>Level-II - 28.02.2020, 03.00 P.M. |
| 7. | Execution of Agreement by the successful lowest tenderer | 29.02.2020 |

**Sd./- District Manager, OSCSC Ltd., Sundargarh**

**Government of Odisha**
**Rural Development Department**
**Office of the Engineer-in-Chief, Rural Works,**
**Unit-IV, Madhusudan Nagar, Bhubaneswar, Odisha-751001**
**No.O-1030**

**NOTICE INVITING REQUEST FOR PROPOSAL**

**Bid Identification No. Online-03-Bid-2019-20 Date: 07.02.2020**

1. The Chief Engineer (Buildings), Rural Works, Odisha, Bhubaneswar on behalf of Government of Odisha, invites Request for Proposal (RFP) in double cover system from experienced and reputed Architectural Consultants registered with Council of Architecture, New Delhi for preparation of Master plan, Architectural drawing and Detailed Project Report (DPR) to be received in Offline mode detailed in the table below.

| Sl. No. | Name of the work | No. of work | Bid Security | Cost of bid document |
|---|---|---|---|---|
| 1 | 2 | 3 | 4 | 5 |
| 1. | Architectural Consultancy for Preparation of Master Plan, Architectural drawing and Detailed Project Report (DPR) including soil exploration work, structural design, detailed estimate (Civil+EI+PH), BOQ, Bid documents location wise for tender of construction works for the work-"Infrastructure Development of Colleges under World Bank Assistance Programme (OHEPEE)", Phase-II". | 1 No. (31 Nos.-Colleges) | Rs.3,50,000/- | Rs.10,000/- |

2. The RFP document must be accompanied with Refundable Bid Security in form of Kissan Vikash Patra / National Saving Certificate / Post Office Time Deposit Account / Bank Guarantee from any Nationalized / Scheduled Bank in India counter guaranteed by its local branch at Bhubaneswar pledged in favour of Executive Engineer, R.W. Division, Bhubaneswar & Non-Refundable cost of bid document mentioned in the table in form of Demand draft in favour of the Executive Engineer, R.W. Division, Bhubaneswar drawn in any Nationalized / Scheduled Bank payable at Bhubaneswar. 3.The bidders have to participate in Offline bidding only. 4. Bid documents will be available in Govt. website i.e www.tendersodisha.gov.in during the period from Dt.20.02.2020 to Dt. 21.03.2020 upto 17.30 Hours. 5. The last date of receipt of RFP in the following address is Dt.21.03.2020 up to 17.30 Hours through Speed Post / Registered Post / Courier only. Submission of proposal through any other mode is not allowed. The bids received after due date and time will not be considered. 6. Date of opening of Technical bid is Dt.23.3.2020. 7. For further details the RFP document is to be referred from the website. 8. Any addendum / corrigendum / cancellation of tender (RFP) can also be seen in the said website. The authority reserves the right to reject any or all bids without assigning any reason thereof.

**Address for Submission of R.F.P.**
Chief Engineer (Buildings), Office of the Engineer-in-.Chief, Rural works, Odisha, Unit-IV, Madhusudan Nagar, Bhubaneswar-751001, **Contact No.0674-2392916, E-mail ID: cerwbuilding_bbsr@yahoo.com**

**(Er. S.C. Mishra)**
**Chief Engineer, Building**
**OIPR-25123/11/0013/1920**

"ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଖେଳିବା ଲାଗି ମୁଁ ଯଥା ସମ୍ଭବ ଫିଟ୍ ରହିବାକୁ ଚେଷ୍ଟା କରୁଛି ।
-ଡେଲ୍ ଷ୍ଟେଇନ୍, ଦକ୍ଷିଣ ଆଫ୍ରିକା ପେସ୍ ବୋଲର



"ଭାରତ ଲଗାତର ସ୍ଥିର ପ୍ରଦର୍ଶନ କରିଆସୁଛି, ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ପରାଜୟ ସେତେଟା ଚିନ୍ତାର ବିଷୟ ନୁହେଁ ।
-ଯୁଜବେନ୍ଦ୍ର ଚହଲ, ଭାରତୀୟ ଲେଗ୍ ସ୍ପିନର



## ମହିଳା ଟି୨୦ ବିଶ୍ୱକପ୍ ଫ୍ରଣ୍ଟ ଫୁଟ ନୋ ବଲ ଦେଖିବ କମ୍ପ୍ୟୁଟର

**ଦୁବାଇ,୧୧।୨:** ପ୍ରଥମ ଥର ପାଇଁ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଭଳି ବଡ଼ ଟୁର୍ଣ୍ଣାମେଣ୍ଟରେ ଫ୍ରଣ୍ଟ ଫୁଟ ନୋ ବଲ ଟେକ୍ନୋଲୋଜି ବ୍ୟବହାର କରାଯିବ। ନିକଟ ଅତୀତରେ ଅନ୍ତର୍ଜାତୀୟ ସ୍ତରରେ ଏହାର ସଫଳ ବ୍ୟବହାର ପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏହି ନିଷ୍ପତ୍ତି ନେଇଛି। ଫଳରେ ଅଷ୍ଟ୍ରେଲିଆରେ ଚଳିତମାସରେ ହେବାକୁ ଥିବା ଇଭେଣ୍ଟରେ ପ୍ରତ୍ୟେକ ବଲ ପରେ ତୃତୀୟ ଅମ୍ପାୟର ବୋଲରଙ୍କ ଫ୍ରଣ୍ଟ ଫୁଟ୍ର ସ୍ଥାନ ପରଖିବେ। ଅନ୍‌ଫିଲ୍ଡ ଅମ୍ପାୟର ଆଉ ଏହା ଉପରେ ଧ୍ୟାନ ଦେବେ ନାହିଁ କିନ୍ତୁ ଯଦି ନୋ ବଲ ଦେଖନ୍ତି, ତେବେ ତୃତୀୟ ଅମ୍ପାୟରଙ୍କୁ ପରାମର୍ଶ ଦେବେ। ଏହା ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ନୋ ବଲ ନିଷ୍ପତ୍ତି ପୂର୍ବଭଳି ଫିଲ୍ଡ ଅମ୍ପାୟର ଦେବେ। ଏହି ଟେକ୍ନୋଲୋଜି ଗତବର୍ଷ ଡିସେମ୍ବରରେ ଭାରତ ଓ ୱେଷ୍ଟଇଣ୍ଡିଜ ସିରିଜ୍‌ରେ ବ୍ୟବହାର ହୋଇଥିଲା। ଆଇସିସି ଅନୁସାରେ, ନୂଆ ଟେକ୍ନୋଲୋଜିକୁ ୧୨ଟି ମ୍ୟାଚ୍‌ରେ ୪୭୧୭ ବଲରେ ବ୍ୟବହାର କରାଯାଇଛି। କ୍ରିକେଟରେ ନୂଆ ଟେକ୍ନୋଲୋଜି ବ୍ୟବହାର କରାଯିବା କିଛି ନୂଆ କଥା ନୁହେଁ।

## ଆଶ୍‌ଲେଙ୍କୁ ଟପିଲେ ଗୁପ୍‌ଟିଲ

**ମାଉଣ୍ଟ ମାଙ୍ଗାନୁଇ,୧୧।୨:** ଭାରତ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦଳର ଓପନର ମାର୍ଟିନ ଗୁପଟିଲ ୬୬ ରନ୍ କରିଥିଲେ। ଏଥି ସହିତ ସେ ଦେଶର ଦିନିକିଆ ଫର୍ମାଟରେ ସର୍ବାଧିକ ରନ୍ କରିଥିବା ଓପନର ହେବାର ରେକର୍ଡ କରିଛନ୍ତି। ସେ ଓପନର ଭାବେ ଦିନିକିଆରେ ୬୬୭୮ ରନ୍ କରି ପୂର୍ବତନ ବ୍ୟାଟ୍ସମ୍ୟାନ ନାଥନ ଆଶ୍‌ଲେ(୬,୧୭୬ ରନ୍)ଙ୍କୁ ଟପିଛନ୍ତି। ଏହି ତାଲିକାରେ ଜନ ରାଇଟ୍ (୩,୬୦୪), ବ୍ରେଣ୍ଡନ ମ୍ୟାକ୍‌କୁଲମ (୩୩୬୩) ଓ ଷ୍ଟିଫେନ ଫ୍ଲେମିଂ (୩୨୮୦) ରହିଛନ୍ତି।

# କର ବା ମର ସ୍ଥିତିରେ ଓଡ଼ିଶା



ବାରବାଟୀରେ ଅଭ୍ୟାସରତ ଓଡ଼ିଶା ଦଳ।

କଟକ ଅଫିସ, ୧୧।୨

ଚଳିତ ରଣଜୀ ସିଜନର ଅନ୍ତିମ ଲିଗ ପର୍ଯ୍ୟାୟ ମ୍ୟାଚ୍ ବୁଧବାରଠାରୁ ଖେଳାଯିବ। ଏହିକ୍ରମରେ ଓଡ଼ିଶା ଏହାର ଅନ୍ତିମ ମ୍ୟାଚ୍‌ରେ ଝାଡ଼ଖଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିବା ନିମନ୍ତେ ଓଡ଼ିଶା ପାଇଁ ଏହା ଶେଷ ସୁଯୋଗ। ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍‌ରୁ ୩୫ ପଏଣ୍ଟ ହାସଲ କରି ଘରୋଇ ଓଡ଼ିଶା ଏଲିଟ ଗ୍ରୁପ-ସି'ର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ସଂଖ୍ୟକ ମ୍ୟାଚ୍‌ରୁ ୩୯ ପଏଣ୍ଟ ହାସଲ କରି ଜମ୍ମୁ କଶ୍ମୀର ଶୀର୍ଷରେ ଥିବା ବେଳେ ୩୩ ପଏଣ୍ଟ ପାଇ ସର୍ଭିସେସ୍ ୩ୟ ସ୍ଥାନରେ ରହିଛି। ଏହି ୩ ଦଳ ଏଲିଟ ଗ୍ରୁପ-ସି'ରୁ କ୍ୱାର୍ଟର ଫାଇନାଲ ଦୌଡ଼ର ପ୍ରମୁଖ ଆଶାୟୀ ରହିଛନ୍ତି। ୨୩ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ଥିବା ଝାଡ଼ଖଣ୍ଡ କ୍ୱାର୍ଟର ଦୌଡ଼ରେ ନାହିଁ, ତଥାପି ପୂର୍ବ ରେକର୍ଡକୁ ନଜର ପକାଇଲେ ଓଡ଼ିଶା ବିପକ୍ଷରେ ଏହି ଦଳର ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ରହିଛି। ଏଣୁ ଘରୋଇ ବାରବାଟୀ ଗ୍ରାଉଣ୍ଡରେ ଓଡ଼ିଶା ପାଇଁ ଚଳିତ ସିଜନର ଏହି ମ୍ୟାଚ୍ କର ବା ମର ସଦୃଶ ହୋଇଛି। ବିଜୟ ପଏଣ୍ଟ ହାସଲ କଲେ ହିଁ ଓଡ଼ିଶା ୨ ବର୍ଷର ବ୍ୟବଧାନ ପରେ ପୁଣିଥରେ କ୍ୱାର୍ଟର ଫାଇନାଲରେ ଖେଳିବାକୁ ଯୋଗ୍ୟତା ହାସଲ କରିବ।

ଚଳିତ ସିଜନ ପ୍ରାରମ୍ଭରୁ ଚମତ୍କାର ପ୍ରଦର୍ଶନ ସହ ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିଲା। ହେଲେ ଗତ ୩ଟି ମ୍ୟାଚ୍‌ରେ ଓଡ଼ିଶା ୨ଟି ପରାଜୟର ସମ୍ମୁଖୀନ ହୋଇ କ୍ୱାର୍ଟର ପାଇଁ ସଂଘର୍ଷ କରୁଛି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ଦଳରେ ଏକାଧିକ ଅନ୍ତର୍ଜାତୀୟ ଓ ଆଇପିଏଲ ତାରକା ରହିଛନ୍ତି। ସୌରଭ ତିୱାରୀଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ଦଳରେ ଉତ୍କର୍ଷ ସିଂ, ବିରାଟ ସିଂ, ରାହୁଲ ଶୁକ୍ଲା, ଇଶାଙ୍କ ଜାଗୀ, ଶାହବାଜ ନଦିମ୍, ଇଶାନ କିଷାନ, ବରୁଣ ଆରୋନ୍ ଭଳି ନାମୀଦାମୀ ଖେଳାଳି ଅଛନ୍ତି। ଅନ୍ୟପକ୍ଷରେ ଏ ପର୍ଯ୍ୟନ୍ତ ପେସ୍ ବୋଲିଂକୁ ପ୍ରାଧାନ୍ୟ ଦେଇ ଓଡ଼ିଶା ବିଜୟ ପଏଣ୍ଟ ହାସଲ କରିଛି। ବସନ୍ତ ମହାନ୍ତି, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦେବବ୍ରତ ପ୍ରଧାନ ଦଳର ପେସ୍ ଭାର ସୁଚାରୁରୂପେ ସମ୍ଭାଳିଛନ୍ତି। ଓପନର ଶାନ୍ତନୁ ମିଶ୍ର ଓ ଅନୁରାଗ ଷଡ଼ଙ୍ଗୀଙ୍କ ପ୍ରଦର୍ଶନ ଆଶାନୁରୂପ ଭଲ ରହିଛି। ମହାରାଷ୍ଟ୍ର ବିପକ୍ଷରେ ଶତକ ହାସଲ କରି ଗୋବିନ୍ଦ ପୋଦ୍ଦାର ଫର୍ମକୁ ଫେରିବା ଦଳ ପାଇଁ ଆଶ୍ୱସ୍ତି ଆଣିଛି। ବିପ୍ଳବ ସାମନ୍ତରାୟ ଓ ଉଇକେଟକିପର ରାଜେଶ ଧୂପର ମଧ୍ୟ ଆବଶ୍ୟକସ୍ଥଳେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ଚଳିତ ସିଜନରେ ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି।

### ଶେଷ ୫ ମୁକାବିଲା

ଝାଡ଼ଖଣ୍ଡ ବିପକ୍ଷ ଶେଷ ୫ଟି ମୁକାବିଲାରେ ଓଡ଼ିଶା ମାତ୍ର ଗୋଟିଏ ମ୍ୟାଚ ଜିତିଛି। ୨୦୧୩ ସଂସ୍କରଣରେ ଓଡ଼ିଶା ବିଜୟୀ ହୋଇଥିବା ବେଳେ ୨୦୧୬, ୨୦୧୮ ଓ ୨୦୦୪ରେ ଝାଡ଼ଖଣ୍ଡ ମ୍ୟାଚ୍ ଜିତିଥିଲା। ୨୦୦୬ରେ ଖେଳାଯାଇଥିବା ମ୍ୟାଚ୍ ଡ୍ର ରହିଥିଲା। **ଓଡ଼ିଶା ରଣଜୀ ଦଳ:** ଶୁଭ୍ରାଂଶୁ ସେନାପତି(ଅଧିନାୟକ), ବିପ୍ଳବ ସାମନ୍ତରାୟ(ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା, ରାଜେଶ ଧୂପର(ଉଭୟ ଉଇକେଟ କିପର), ପପୁ ରାୟ। ରଶ୍ମି ରଞ୍ଜନ ପରିଡ଼ା-କୋଚ୍, ଶୁଭକାନ୍ତ ସାହୁ-ଫିଜିଓ, ମନୋଜ କୁମାର ବିଶ୍ୱାଳ-ଟ୍ରେନର ।

## ଆଇସିସି ନିୟମ ଭାଙ୍ଗିଛନ୍ତି ୩ ବାଂଲାଦେଶ ଖେଳାଳି

**ଦୁବାଇ,୧୧।୨:** ଦକ୍ଷିଣ ଆଫ୍ରିକାର ପୋଚେଫ୍‌ଷ୍ଟ୍ରୁମଠାରେ ରବିବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ୩ ବାଂଲାଦେଶୀ ଓ ଦୁଇ ଭାରତୀୟ ଖେଳାଳି ଆଇସିସି କୋଡ୍ ଅଫ୍ କଣ୍ଡକ୍ଟ ଭଙ୍ଗ କରିଛନ୍ତି। ଫାଇନାଲ ଜିତିବା ପରେ ଦୁଇ ଦଳର ଖେଳାଳି ସାମ୍ନାସାମ୍ନି ହୋଇଥିଲେ। ଏଥିନେଇ ବିଶ୍ୱକପ୍ ଚାମ୍ପିୟନ ଅଧିନାୟକ ଆକବର ଅଲି କ୍ଷମାପ୍ରାର୍ଥନା ମଧ୍ୟ କରିଥିଲେ। ବାଂଲାଦେଶ ଖେଳାଳି ମହମ୍ମଦ ତୋହିଦ ହୃଦୟ, ଶାମିମ ହୋସେନ ଓ ରକିବୁଲ ହସନ ଆଇସିସି ଧାରା ୨.୨୧ ଓ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଆକାଶ ସିଂ ଓ ରବି ବିଷ୍ଣୋଇ ଆଇସିସି ଧାରା ୨.୫ ଭଙ୍ଗ କରିଛନ୍ତି। ଅନ୍‌ଫିଲ୍ଡ ଅମ୍ପାୟର ଓ ତୃତୀୟ ଅମ୍ପାୟର ନିୟମ ଭଙ୍ଗ ହୋଇଥିବା ଅଭିଯୋଗ ଆଣିଥିଲେ। ମ୍ୟାଚ୍ ରେଫରି ଗ୍ରେମ ଲାବରୁଇଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ ୫ ଖେଳାଳି ଗ୍ରହଣ କରିନେଇଛନ୍ତି। ହୃଦୟ ୧୦, ଆକାଶ ୮ ଓ ହୋସେନ ୪ ସସ୍‌ପେନଶନ ପଏଣ୍ଟ ଦିଆଯାଇଛି। ଫାଇନାଲରେ ଭାରତୀୟ ଦଳ ପାଇଁ ସବୁଠୁ ସଫଳ ପ୍ରଦର୍ଶନ କରିଥିବା ବିଷ୍ଣୋଇ ମ୍ୟାଚ୍‌ରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସ୍ଲେଜିଂ କରିବା ସହ ଖରାପ ଇଙ୍ଗିତ କରିଥିଲେ। ଏଥିଯୋଗୁ ତାଙ୍କୁ ୨ ଅଧିକ ସସପେନଶନ ପଏଣ୍ଟ ମିଳିଛି। ଖେଳାଳିଙ୍କୁ ମିଳିଥିବା ସସପେନଶନ ପଏଣ୍ଟ ସେମାନଙ୍କ ଆଗାମୀ ଜୁନିୟର ବର୍ଗର ଅନ୍ତର୍ଜାତୀୟ ମ୍ୟାଚ୍ କିମ୍ବା ସିନିୟର ସ୍ତରରେ ଖେଳିଲାବେଳେ ବ୍ୟବହାର ହେବ।

# କାଜାଖସ୍ତାନଙ୍କୁ ହରାଇଲା ଭାରତ

**ଏସିଆନ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ମାନିଲା, ୧୧।୨ (ପି.ଟି.)

କିଡାମ୍ବି ଶ୍ରୀକାନ୍ତଙ୍କ ନେତୃତ୍ୱରେ ଭାରତ ଏଠାରେ ଚାଲିଥିବା ଏସିଆନ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଏହାର ଓପନିଂ ଗ୍ରୁପ୍ ମ୍ୟାଚରେ ୪-୧ରେ କାଜାଖସ୍ତାନକୁ ପରାସ୍ତ କରିଛି। ପୂର୍ବତନ ନମ୍ବର ୱାନ ଖେଳାଳି ଶ୍ରୀକାନ୍ତ, ଲକ୍ଷ୍ୟ ସେନ୍ ଏବଂ ଶୁଭଙ୍କର ଦେ ସେମାନଙ୍କ ସିଙ୍ଗଲ୍ସ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି। ଶ୍ରୀକାନ୍ତ ମାତ୍ର ୨୩ ମିନିଟ୍‌ରେ ଦିମିତ୍ରି ପାନାରିନ୍‌ଙ୍କୁ ୨୧-୧୦, ୨୧-୭ରେ ହରାଇ ଦେଇଛନ୍ତି। ଆର୍ଥର ନିୟାଜୋଭଙ୍କ ବିପକ୍ଷ ମ୍ୟାଚକୁ ସେନ୍ ୨୧-୧୩, ୨୧-୮ରେ ଜିତିଥିଲେ। ଏହି ମ୍ୟାଚ ୨୧ ମିନିଟରେ ଶେଷ ହୋଇଥିଲା। ସେହିପରି ତୃତୀୟ ସିଙ୍ଗଲ୍ସରେ ଦେ ୨୧-୧୧, ୨୧-୫ରେ କ୍ଷେତମୁରାତ କୁଲ୍‌ମାତୋଭଙ୍କୁ ୨୧-୧୧, ୨୧-୫ରେ ପରାସ୍ତ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ବି. ସାଇ ପ୍ରଣୀତ ସିଙ୍ଗଲ୍ସ ପରିବର୍ତ୍ତେ ଡବଲ୍ସ ଖେଳିଥିଲେ। ସେ ଓ ଚିରାଗ ଶେଟ୍ଟି କିନ୍ତୁ କାଜାଖସ୍ତାନ ଯୋଡ଼ି ନିୟାଜୋଭ ଏବଂ ପାନାରିନ୍ ଯୋଡ଼ିଙ୍କଠାରୁ ୨୧-୧୮, ୧୬-୨୧, ୧୯-୨୧ରେ ପରାଜିତ ହୋଇଯାଇଥିଲେ। ତେବେ ଦ୍ୱିତୀୟ ଡବଲ୍ସରେ ଏମ୍. ଆର. ଅର୍ଜୁନ ଏବଂ ଧ୍ରୁବ କାପିଲା ୨୧-୧୪, ୨୧-୮ରେ ପ୍ରତିପକ୍ଷ ଯୋଡ଼ି ନିକିତା ବ୍ରାଗିନ୍ ଏବଂ କ୍ଷେତମୁରାତ କୁଲମାତୋଭଙ୍କୁ ୨୧-୧୪, ୨୧-୮ରେ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୬ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିବା ଭାରତୀୟ ପୁରୁଷ ଦଳ ପ୍ରଥମେ ଦୁଇଥର ଚାମ୍ପିୟନ ଇଣ୍ଡୋନେସିଆ ଏବଂ ଆୟୋଜକ ଫିଲିପାଇନ୍ସ ସହିତ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିଲା। ମାତ୍ର କରୋନା ଭାଇରସ ପାଇଁ ଚାଇନା ଓ ହଂକଂକୁ ଅଂଶଗ୍ରହଣରୁ ବଞ୍ଚିତ କରାଯାଇଥିବାରୁ ମାଲେସିଆ ଓ କାଜାଖସ୍ତାନ ସହ ଭାରତ ଗ୍ରୁପ୍ ବି'ରେ ସ୍ଥାନ ପାଇଛି। ଭାରତ ଏହି ଚାମ୍ପିୟନଶିପ୍‌କୁ ଶ୍ରେଷ୍ଠ ପୁରୁଷ ଦଳ ପଠାଇଥିବାରୁ ପଦକ ଜିତିବା ଯଥେଷ୍ଟ ସମ୍ଭାବନା ରହିଛି। ଅଲିମ୍ପିକ ବର୍ଷ ଦୃଷ୍ଟିରୁ ଖେଳାଳିଙ୍କ ପାଇଁ ର୍‍ୟାଙ୍କିଙ୍ଗ ପଏଣ୍ଟ ଗୁରୁତ୍ୱପୂର୍ଣ୍ଣ। କରୋନା ଭାଇରସ ଯୋଗୁ ଚାଇନାରେ ଇତିମଧ୍ୟରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇ ସାରିଲେଣି। ସଂକ୍ରମଣ ଆଶଙ୍କାରେ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ନ କରିବା ଲାଗି ନିଷ୍ପତ୍ତି ନେଇଥିଲା।


ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳର ଖେଳାଳିମାନେ।

## ଇଂଲଣ୍ଡ ଦଳକୁ ଫେରିଲେ ଫୋକ୍ସ, ଜେନିଙ୍ଗ୍ସ

**ଲଣ୍ଡନ, ୧୧।୨ (ଏଏଫ୍‌ପି):** ଶ୍ରୀଲଙ୍କା ଟୁର୍ ପାଇଁ ଇଂଲଣ୍ଡ ଟେଷ୍ଟ ଦଳକୁ ଏକ ବର୍ଷ ବ୍ୟବଧାନରେ ପ୍ରତ୍ୟାବର୍ତ୍ତନ କରିଛନ୍ତି ବେନ୍ ଫୋକ୍ସ ଏବଂ କିଟନ ଜେନିଙ୍ଗ୍ସ। ୧୨ ମାସ ପୂର୍ବେ ୱେଷ୍ଟଇଣ୍ଡିଜ ଟୁର୍ ପରେ ଲାଙ୍କାଶାୟାର ଓପନର ଜେନିଙ୍ଗ୍ସ ଏବଂ ସରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଫୋକ୍ସ ଦଳର ବାଦ୍ ପଡ଼ିଥିଲେ। ଇଂଲଣ୍ଡ ତରଫରୁ ୧୭ ଥର ପ୍ରତିନିଧିତ୍ୱ କରିସାରିଥିବା ଜେନିଙ୍ଗ୍ସ ତାଙ୍କର ଉଭୟ ଟେଷ୍ଟ ଶତକ ଉପମହାଦେଶରେ ହାସଲ କରିଛନ୍ତି। ଅନ୍ୟପରେ ୨୦୧୮ରେ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡର କ୍ଲିନ ସୁଇପ୍ ବିଜୟରେ ଫୋକ୍ସ ପ୍ଲେୟର ଅଫ୍ ଦି ସିରିଜ ହୋଇଥିଲେ। ଫୋକ୍ସ ୫ ଟେଷ୍ଟ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ୨୦୧୮ ନଭେମ୍ବରରେ ଗାଲେଠାରେ ତାଙ୍କ ପ୍ରଥମ ଟେଷ୍ଟ ବିଜୟର ସଫଳତା ହାସଲ କରିଥିଲେ। ଏହି ମ୍ୟାଚରେ ସେ ଏକ ଚମତ୍କାର ଶତକ ହାସଲ କରିଥିଲେ। ଇଂଲଣ୍ଡର ରେକର୍ଡ ଉଇକେଟ ହାସଲକାରୀ ବୋଲର ଜେମ୍ସ ଆଣ୍ଡରସନ ଏପର୍ଯ୍ୟନ୍ତ ଆଘାତଜନିତ ସମସ୍ୟାରୁ ମୁକୁଳି ନ ଥିବାରୁ ଟୁର୍‌ରେ ସାମିଲ ହୋଇ ପାରିବେ ନାହିଁ। ଗତବର୍ଷ ବିଶ୍ୱକପ୍ ପରଠାରୁ ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଥିବା ଜୋସ୍ ବଟଲରଙ୍କୁ ଚୟନକର୍ତ୍ତାମାନେ ଆଉ ଏକ ସୁଯୋଗ ଦେଇଛନ୍ତି।

# ବାଂଲାଦେଶ ସଫଳତା ପଛରେ ଜାଫର

ନୂଆଦିଲ୍ଲୀ,୧୧।୨

ସଦ୍ୟ ସମାପ୍ତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବାଂଲାଦେଶ ଫାଇନାଲରେ ଗତଥରର ଚାମ୍ପିୟନ ଭାରତକୁ ପରାସ୍ତ କରି ପ୍ରଥମଥର ପାଇଁ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛି। ତେବେ ବାଂଲାଦେଶ ଜୁନିୟର ଦଳର ଏହି ସଫଳତା ପଛରେ ଜଣେ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ତଥା ହାତ ରହିଛି ଓ ଏକଥା ଖୁବ୍ କମ୍ ଲୋକ ଜାଣିଥିବେ। ସେ ହେଉଛନ୍ତି ଡୋମେଷ୍ଟିକ୍ ହେଭିୱେଟ୍ ତଥା ପୂର୍ବତନ ଭାରତୀୟ ଓପନର ୱାସିମ ଜାଫର।

୨୦୧୯ରେ ୧୯ ବର୍ଷରୁ କମ ବାଂଲାଦେଶ ଦଳ ଜାଫରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିଲା। ସେ ଏହି ବର୍ଷ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ର ହାଇ-ପରଫରମାନ୍ସ ବ୍ୟାଟିଂ କୋଚ ଭାବେ ନିଯୁକ୍ତ ହୋଇଥିଲେ। ଜାଫର ତାଙ୍କ କାର୍ଯ୍ୟକାଳରେ ବହୁ କ୍ରିକେଟରଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଚାମ୍ପିୟନ ବାଂଲାଦେଶ ଦଳର ଅଧିନାୟକ ଆକବର ଅଲି ଓ ଶାହାଦାତ ହୋସେନ ଭଳି ଉଦୀୟମାନ କ୍ରିକେଟର। ଚାମ୍ପିୟନ ହେବା ପରେ ବାଂଲାଦେଶ ଦଳକୁ ଜାଫର ଅଭିନନ୍ଦନ ଜଣାଇଛନ୍ତି। ବାଂଲାଦେଶ ଏକ ଅସାଧାରଣ ସଫଳତା ହାସଲ କରିଛି ବୋଲି ସେ କହିଛନ୍ତି। ଆକବର ଅଲିଙ୍କ ସହ କାର୍ଯ୍ୟ କରିଛି। ସେ ଫାଇନାଲରେ ଭାରତ ବିପକ୍ଷରେ ଧୈର୍ଯ୍ୟପୂର୍ଣ୍ଣ ତଥା ନିର୍ଣ୍ଣାୟକ ବ୍ୟାଟିଂ କରିଥିଲେ। ଅତୀତରେ ମଧ୍ୟ ସେ ଦଳ ପାଇଁ ଉପଯୋଗୀ ବ୍ୟାଟିଂ କରିଛନ୍ତି ବୋଲି ଜାଫର କହିଛନ୍ତି। ଏହି ବାଂଲାଦେଶ ଦଳର ବହୁ ସଦସ୍ୟ ଜାଫରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଶାହାଦାତ ହୋସେନ ଓ ନାଓରୋଜ ନବିଲ। ଭାରତ ଫେଭରାଇଟ ବିବେଚିତ ହେଉଥିଲେ ମଧ୍ୟ ବାଂଲାଦେଶ ସବୁ ବିଭାଗରେ ଭଲ ପ୍ରଦର୍ଶନ କରି ବାଜି ମାରିଥିଲା। ଆକବର ପୂର୍ବରୁ ୧୪ ଓ ୧୬ ବର୍ଷରୁ କମ୍ ଦଳର ମଧ୍ୟ ସଫଳତାର ସହ ନେତୃତ୍ୱ ନେଇଛନ୍ତି। ସେ ଅଧିକାଂଶ ସମୟ ନେତୃତ୍ୱ ନେଇଛନ୍ତି। ଆଗକୁ ଯେତେ ଖେଳିବେ ସେ ସେତେ ଅଭିଜ୍ଞତା ହାସଲ କରିବେ। ଦଳର ପ୍ରାୟ ସବୁ ସଦସ୍ୟ ମୋ ସହିତ କାର୍ଯ୍ୟକରି ପ୍ରଶିକ୍ଷଣ ନେଇଛନ୍ତି ବୋଲି ଜାଫର କହିଛନ୍ତି। ପ୍ରାୟ ସବୁ ଖେଳାଳିଙ୍କୁ ଅତି ନିକଟରୁ ଦେଖିଛି। ସବୁ ବୟସ ବର୍ଗରେ ଏହି ଖେଳାଳିମାନେ କ୍ରିକେଟ ଖେଳି ଆସିଛନ୍ତି। ସେମାନଙ୍କ ମଧ୍ୟରେ ଭଲ ବୁଝାମଣା ରହିଛି। ଏହା ଏକ ପ୍ରତିଭାସମ୍ପନ୍ନ ଦଳ। ବାଂଲାଦେଶ କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ ଓ ଦଳର ସଫଳତାରେ ବହୁତ ଖୁସି ବୋଲି ଜାଫର କହିଛନ୍ତି।

ଜାଫର ଭାରତ ପାଇଁ ୩୧ଟି ଟେଷ୍ଟ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସବୁ ଫର୍ମାଟରେ ସେ ଭାରତ ପାଇଁ ୧୯୫୪ ରନ ସଂଗ୍ରହ କରିଛନ୍ତି। ଟେଷ୍ଟରେ ମଧ୍ୟ ସେ ଏକ ଦ୍ୱିଶତକ ହାସଲ କରିଛନ୍ତି। ସେ ଜଣେ ଉଚ୍ଚକୋଟୀର ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିଲେ। ତେବେ ସ୍ଥିର ପ୍ରଦର୍ଶନ କରି ନ ପାରିବା କାରଣରୁ ସେ ଜାତୀୟ ଦଳରୁ ବାଦ୍ ପଡିଥିଲେ। ଘରୋଇ କ୍ରିକେଟରେ ସେ ଅସାଧାରଣ ପ୍ରଦର୍ଶନ କରିଛନ୍ତି। ୨୬୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୫୭ଟି ଶତକ ଓ ୯୧ଟି ଅର୍ଦ୍ଧଶତକ ସହିତ ସେ ୧୯,୪୧୦ ରନ ସଂଗ୍ରହ କରିଛନ୍ତି। ରଣଜୀ ଟ୍ରଫିରେ ସେ ସର୍ବକାଳୀନ ସର୍ବାଧିକ ସ୍କୋରର ମାନ୍ୟତା ମଧ୍ୟ ପାଇଛନ୍ତି।



## ଦିବାରାତ୍ର ଟେଷ୍ଟ ପ୍ରସ୍ତାବକୁ ବିସିବିର ପ୍ରତ୍ୟାଖ୍ୟାନ

**ଢାକା,୧୧।୨:** ଆସନ୍ତା ଏପ୍ରିଲ ୫ ତାରିଖରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌କୁ ଦିବା-ରାତ୍ର ଭିତ୍ତିରେ ଖେଳିବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି)କୁ ପ୍ରସ୍ତାବ ଦେଇଥିଲା। ଏହାକୁ ବିସିବି ପ୍ରତ୍ୟାଖ୍ୟାନ କରିଦେଇଛି। ବିସିବି କାର୍ଯ୍ୟକାରୀ ମୁଖ୍ୟ ନିଜାମୁଦ୍ଦିନ ଚୌଧାରୀ କହିଛନ୍ତି, ଆମେ ଦିବାରାତ୍ର ଟେଷ୍ଟ ଖେଳିବା ପାଇଁ ଇଚ୍ଛୁକ ନୁହେଁ। ଆମେ ଏସମ୍ପର୍କରେ ଟିମ୍ ମ୍ୟାନେଜମେଣ୍ଟ ସହ କଥା ହୋଇଥିଲୁ। ବିନା ପ୍ରସ୍ତୁତିରେ ଟିମ୍ ମ୍ୟାନେଜମେଣ୍ଟ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ମନା କରିଛି। ଏଣୁ ଆମେ ଦିବାରାତ୍ର ଟେଷ୍ଟ ନ ଖେଳିବାକୁ ନିଷ୍ପତ୍ତି ନେଇଛୁ। ୧୨ ବର୍ଷରେ ପ୍ରଥମ ଥର ପାଇଁ ବାଂଲାଦେଶ ପାକିସ୍ତାନ ଗସ୍ତ କରିଛି। ଅନ୍ତିମ ଥର ପାକିସ୍ତାନରେ ଆୟୋଜିତ ୨୦୦୮ ଏସିଆ କପ୍‌ରେ ବାଂଲାଦେଶ ଅଂଶଗ୍ରହଣ କରି ୫ ମ୍ୟାଚ୍ ଖେଳିଥିଲା।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ସହ ୧୨ ପଦକ

**ଚତୁର୍ଥ ପେନ୍‌କାକ ସିଲାଟ ଫେଡେରେଶନ କପ୍**


ପ୍ରମାଣପତ୍ର ଓ ପଦକ ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର,୧୧।୨(ସ୍ପୋର୍ଟ୍ସ ବ୍ୟୁରୋ)

ମହାରାଷ୍ଟ୍ରର ନାସିକ୍‌ରେ ଗତ ୭ରୁ ୧୦ ତାରିଖ ମଧ୍ୟରେ ଚତୁର୍ଥ ପେନ୍‌କାକ ସିଲାଟ ଫେଡେରେଶନ କପ୍ ୨୦୨୦ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯ଟି ରାଜ୍ୟରୁ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ପେନ୍‌କାକ ସିଲାଟ ଆସୋସିଏଶନ ଅଫ୍ ଓଡ଼ିଶାର ୨୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ୩ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ୍ ପଦକ ଜିତିଥିଲେ। ଟେଣ୍ଡିଂ ଫାଇଟ ଇଭେଣ୍ଟରେ ଓଡ଼ିଶାର ଅନଖା ରଞ୍ଜନ, କ୍ରିତିକା ତ୍ରିପାଠୀ ଓ ଅଭିଷେକ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଟେଣ୍ଡିଂ ଫାଇଟ ଇଭେଣ୍ଟରେ ଅନିଶ ଶର୍ମା, ଯସମିନ ଗ୍ରେୱାଲ, ଦିବ୍ୟ କିଶୋର ମହାପାତ୍ର, ସିଦ୍ଧାର୍ଥ ମେହେର ଓ ପ୍ରିତେ କର ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଟେଣ୍ଡିଂ ଫାଇଟ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ଖେଳାଳିମାନେ ହେଲେ ଆକାଶ କୁମ୍ଭାର, ଶୀତଳ ପିପ୍‌ଲାନୀ, ଆଶୁତୋଷ ସିଂ ଓ ଆଶୁତୋଷ ନାୟକ। ଏହି ପ୍ରତିଯୋଗିତାରେ ପେନକାକ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପ୍ପାଙ୍କୁ ବେଷ୍ଟ ରେଫରିଶିପ୍ ପାଇଁ ପୁରସ୍କୃତ କରାଯାଇଥିଲା। କୋଚ୍ ଆଶୁତୋଷ ନାୟକ, ମ୍ୟାନେଜର ଆଶା ଶର୍ମାଙ୍କ ସହିତ ପ୍ରେମ୍ ସିଂ ଓଡ଼ିଶା ଦଳ ସହ ନାସିକ ଯାତ୍ରା କରିଥିଲେ। ଓଡ଼ିଶା ଦଳକୁ ଆସୋସିଏଶନ ସଭାପତି ସୁରଜ ଲାମା, ଉପ- ସଭାପତି ରବୀନ୍ଦ୍ର ଚୌଧୁରୀ, ଅଶୋକ ମିଶ୍ର, ଅରବିନ୍ଦ ବାରିକ ଓ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଭୋଟପଡ଼ା କିଙ୍ଗ୍ସ ଇଲେଭେନ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଭୋଟପଡ଼ା ଦଳ।

ଭୁବନେଶ୍ୱର, ୧୧।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭୋଟପଡ଼ା ପ୍ରିମିୟର ଲିଗ୍ ଟି୨୦ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ବି ବ୍ଲକ୍ ଡାଇମଣ୍ଡକୁ ହରାଇ ଜେଏମ୍‌ଡି ଭୋଟପଡ଼ା କିଙ୍ଗ୍ସ ଇଲେଭେନ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଅରୂପ ପଟ୍ଟନାୟକ, ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ବିଜେଡି ସଭାପତି ଅମରେଶ ଜେନା, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପାତ୍ର, ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ କୁମାର ମହାନ୍ତି, ସମୀର ପ୍ରଧାନ, ସୂର୍ଯ୍ୟକାନ୍ତି ଜେନା, ଭୋଟପଡ଼ା କ୍ଲବ ସଭାପତି ଦିଲୀପ ନାୟକ ଉପସ୍ଥିତ ରହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଫେବୃୟାରୀ, ୨୦୨୦





"ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ ଦଳ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଦକ୍ଷତା ପ୍ରଦର୍ଶନ କରିବା ଯୁବ ଖେଳାଳିଙ୍କ ପାଇଁ ଏକ ବଡ଼ ସୁଯୋଗ ।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ

"ଖରାପ ବୋଲିଂ ଓ ଫିଲ୍ଡିଂ ଯୋଗୁ ହିଁ ଆମେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ୍‌ରେ ମୂଳପୋଛ ହୋଇଯାଇଛୁ ।
–ବିରାଟ କୋହଲି, ଭାରତୀୟ ଅଧିନାୟକ



# ୩୧ ବର୍ଷ ପରେ ଭାରତର ହ୍ୱାଇଟ୍‌ୱାଶ୍

- ରାହୁଲଙ୍କ ଶତକ ବେକାର
- ନ୍ୟୁଜିଲାଣ୍ଡ ୫ ଉଇକେଟରେ ବିଜୟୀ
- ନିକୋଲ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍
- ଟେଲର ପ୍ଲେୟାର ଅଫ୍ ଦି ସିରିଜ୍



ସିରିଜ୍ ବିଜୟ ପରେ ଟ୍ରଫି ସହ ନ୍ୟୁଜିଲାଣ୍ଡ ଦଳ ।

**ମାଉଣ୍ଟ ମଙ୍ଗାନୁଇ, ୧୧।୨(ପି.ଟି.)**

ଦୀର୍ଘ ୩୧ ବର୍ଷ ପରେ ଭାରତୀୟ କ୍ରିକେଟ ଦଳ ଦିନିକିଆ ସିରିଜ ହ୍ୱାଇଟ୍‌ୱାଶ୍‌ର ସମ୍ମୁଖୀନ ହୋଇଛି । ପାଖାପାଖି ତିନି ଦଶନ୍ଧି ପରେ ଭାରତ କୌଣସି ୩ କିମ୍ବା ଊର୍ଦ୍ଧ୍ୱ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ସବୁ ମ୍ୟାଚ୍ ହାରି ଏକ ଅଲୋଡା ରେକର୍ଡ ଅଧିକାରୀ ହୋଇଛି । ଖରାପ୍ ବୋଲିଂ ଓ ଫିଲ୍ଡିଂ ଭାରତ ପାଇଁ ପୁଣି ଥରେ ମହଙ୍ଗା ସାବ୍ୟସ୍ତ ହୋଇଛି । ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୭ଟି ବଲ ବାକି ରଖି ୫ ଉଇକେଟରେ ଭାରତକୁ ପରାସ୍ତ କରିଛି । ନ୍ୟୁଜିଲାଣ୍ଡ ୩–୦ରେ ସିରିଜ କ୍ଲିନ୍ ସୁଇପ୍ କରିଛି । ଏହା ପୂର୍ବରୁ ଭାରତ ଶେଷଥର ପାଇଁ ୧୯୮୯ରେ ୱେଷ୍ଟଇଣ୍ଡିଜଠାରୁ ଦିନିକିଆ ସିରିଜ ୫–୦ରେ ପରାସ୍ତ ହୋଇ ହ୍ୱାଇଟ୍‌ୱାଶର ସମ୍ମୁଖୀନ ହୋଇଥିଲା । ୫ ଦିନ ତଳେ ଭାରତ ଟି୨୦ ସିରିଜରେ ନ୍ୟୁଜିଲାଣ୍ଡକୁ ୫–୦ରେ ପରାସ୍ତ କରିଥିଲା । ଏବେ ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛି ନ୍ୟୁଜିଲାଣ୍ଡ ।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇ କରି ଭାରତ ଲୋକେଶ ରାହୁଲଙ୍କ ଶତକ (୧୧୨ ରନ, ୧୧୩ ବଲ, ୯ ଚୌକା, ୨ ଛକା) ଓ ଶ୍ରେୟାସ ଆୟାରଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୯୬ ରନ ସଂଗ୍ରହ କରିଥିଲା । ଜବାବରେ ନ୍ୟୁଜିଲାଣ୍ଡ ୪୭.୧ ଓଭରରେ ୫ ଉଇକେଟ ହରାଇ ୩୦୦ ରନକରି ବିଜୟୀ ହୋଇଥିଲା । ୮୦ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିବା ଓପନର ହେନେରୀ ନିକୋଲ୍ସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ସେହିପରି ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିବା ରସ୍ ଟେଲର ପ୍ଲେୟାର ଅଫ୍ ଦି ସିରିଜ ହୋଇଛନ୍ତି । ଏହାପରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ୨୧ ତାରିଖରୁ ୱେଲିଂଟନରେ ଆରମ୍ଭ ହେବ । ତେବେ ଏହାପୂର୍ବରୁ ହାମିଲଟନରେ ୧୪ ତାରିଖରୁ ଏକ ୩ ଦିନିକିଆ ଅଭ୍ୟାସ ମ୍ୟାଚ୍ ଖେଳାଯିବ ।

୨୯୭ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ପାଇଁ ଓପନର ମାର୍ଟିନ ଗୁପ୍ଟିଲ ଓ ନିକୋଲ୍ସ ପ୍ରଥମ ଉଇକେଟରେ ୯୯ ବଲରୁ ୧୦୬ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ । ସ୍ପିନର ଯୁଜବେନ୍ଦ୍ର ଚହଲ ଗୁପ୍ଟିଲଙ୍କୁ ବୋଲ୍ଡ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ । ଗୁପ୍ଟିଲ ୬ ଚୌକା ଓ ୪ ଛକା ସହ ୪୬ ବଲରୁ ୬୬ ରନ ସଂଗ୍ରହ କରିଥିଲେ । ଏହାପରେ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ କେନ୍ ୱିଲିୟମସନ ୨୨ ରନ କରିଥିବା ବେଳେ ଚହଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଟେଲର (୧୨ ରନ୍) କିନ୍ତୁ ଏଥର ବଡ଼ ସ୍କୋର ହାସଲ କରି ନ ଥିଲେ । ନିକୋଲ୍ସ ୮୦ ରନ କରିଥିବା ବେଳେ ଶାର୍ଦ୍ଦୂଲ ଠାକୁରଙ୍କ ବଲ୍‌ରେ ଉଇକେଟ କିପର ରାହୁଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ । ଜେମ୍ସ ନିଶାମ ୧୯ ରନ କରିଥିବା ବେଳେ ମିଡ୍ ଉଇକେଟରେ କୋହଲିଙ୍କୁ ସିଧା କ୍ୟାଚ୍ ଦେଇ ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ । ତେବେ ଏହାପରେ ଷଷ୍ଠ ଉଇକେଟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ଓ ଅଲରାଉଣ୍ଡର କଲିନ୍ ଡି ଗ୍ରାଣ୍ଡହୋମ୍ ୪୬ ବଲର ଧୂଆଁଧାର ଅପରାଜିତ ୮୦ ରନ ସଂଗ୍ରହ କରି ଦଳକୁ ଜିତାଇବା ସହ ଭାରତକୁ ନିରାଶ କରିଥିଲେ । ଗ୍ରାଣ୍ଡହୋମ ୨୮ ବଲରୁ ୬ ଚୌକା ଓ ୩ ଛକା ସହ ୫୮ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ଲଥାମ ୩୨ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ଭାରତ ତରଫରୁ ଚହଲ ସର୍ବାଧିକ ୩, ଠାକୁର ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ ଏବଂ କୋହଲିଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମାତ୍ର ୧ ରନ କରି ମୟଙ୍କ ପ୍ରଥମେ କାଏଲ ଜେମିସନଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ ଓ ଭାରତକୁ ପ୍ରାରମ୍ଭିକ ଝଟକା ଲାଗିଥିଲା । ୪୦ ରନ କରି ପୃଥ୍ୱୀ ରନ୍ ଆଉଟ ହେବା ପରେ କୋହଲି ପୁଣି ଥରେ ବିଫଳ ହୋଇ ମାତ୍ର ୯ ରନ କରି ପ୍ୟାଭିଲିୟନ ଫେରିଥିଲେ । ଏହାପରେ ରାହୁଲ ଓ ଆୟାର ଚତୁର୍ଥ ଉଇକେଟରେ ୧୦୦ ରନକରି ସ୍ଥିତି ସମ୍ଭାଳିଥିଲେ । ତେବେ ଆୟାର ୬୩ ବଲରୁ ୯ ଚୌକା ସହ ୬୨ ରନ କରି ନିଶାମଙ୍କ ବଲ୍‌ରେ ଆଉଟ ହୋଇଥିଲେ । ଏହାପରେ ରାହୁଲ ୧୧୨ ରନର ଶତକୀୟ ପାଳି ଖେଳି ହମିଶ ବେନେଟଙ୍କ ଶିକାର ହୋଇଥିଲେ । ମନୀଷ ପାଣ୍ଡେ ୪୨ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ । ବୋଲିଂରେ ବେନେଟ ସର୍ବାଧିକ ୪ ଉଇକେଟ ନେଇଥିଲେ ।

**(୩+ ଦିନିକିଆ) ସିରିଜରେ ଭାରତର ହ୍ୱାଇଟ୍‌ୱାଶ**

| | | |
|---|---|---|
| ୦–୫ | ବନାମ ୱେଷ୍ଟଇଣ୍ଡିଜ | ୧୯୮୩/୮୪ |
| ୦–୫ | ବନାମ ୱେଷ୍ଟଇଣ୍ଡିଜ | ୧୯୮୮/୮୯ |
| ୦–୩ | ବନାମ ନ୍ୟୁଜିଲାଣ୍ଡ | ୨୦୧୯/୨୦ |
| ୦–୪ | ବନାମ ଦକ୍ଷିଣ ଆଫ୍ରିକା | ୨୦୦୬/୦୭ |

(ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁ ବାତିଲ)

**ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ସର୍ବାଧିକ ସଫଳ ଚେଜ୍**

| | | |
|---|---|---|
| ୩୪୮ | ହାମିଲଟନ | ୨୦୨୦ |
| ୨୯୭ | ମାଉଣ୍ଟ ମଙ୍ଗାନୁଇ | ୨୦୨୦ |
| ୨୮୧ | ମୁମ୍ବାଇ | ୨୦୧୭ |
| ୨୭୯ | ହାମିଲଟନ | ୨୦୧୪ |

## ସ୍କୋର ବୋର୍ଡ

**ଭାରତ ଇନିଂସ**
ପୃଥ୍ୱୀ ଶ'–ରନ ଆଉଟ–୪୦
ମୟଙ୍କ–ବୋ–ଜେମିସନ–୧
କୋହଲି–କ–ଜେମିସନ–ବୋ–ବେନେଟ୍–୯
ଆୟାର–କ–ଗ୍ରାଣ୍ଡହୋମ୍–ବୋ–ନିଶାମ–୬୨
ରାହୁଲ–କ–ଜେମିସନ–ବୋ–ବେନେଟ୍–୧୧୨
ପାଣ୍ଡେ–କ–ସାଣ୍ଟନର–ବୋ–ବେନେଟ–୪୨
ଜାଡେଜା– ନଟଆଉଟ–୮
ଶାର୍ଦ୍ଦୂଳ–କ–ଗ୍ରାଣ୍ଡହୋମ୍–ବୋ–ବେନେଟ–୭
ସଇନି–ନଟଆଉଟ–୮
ଅତିରିକ୍ତ–୭
ମୋଟ: ( ୫୦ ଓଭର, ୭ ଉଇକେଟ) ୨୯୬ ।
**ଉଇକେଟ ପତନ:** ୧/୮, ୨/୩୨, ୩/୬୨, ୪/୧୬୨, ୫/୨୬୯, ୬/୨୬୯, ୭/୨୮୦ ।
**ବୋଲିଂ (ନ୍ୟୁଜିଲାଣ୍ଡ)**
ସୌଦି ୯–୦–୫୯–୦
ଜେମିସନ ୧୦–୦–୫୩–୧
ବେନେଟ ୧୦–୧–୬୪–୪
ଗ୍ରାଣ୍ଡହୋମ୍ ୩–୦–୧୦–୦
ନିଶାମ ୮–୦–୫୦–୧
ସାଣ୍ଟନର ୧୦–୦–୫୯–୦ ।

**ନ୍ୟୁଜିଲାଣ୍ଡ ଇନିଂସ**
ଗୁପ୍ଟିଲ–ବୋ–ଚହଲ–୬୬
ନିକୋଲ୍ସ–କ–ରାହୁଲ–ବୋ–ଶାର୍ଦ୍ଦୂଳ–୮୦
ୱିଲିୟମସନ–କ–ମୟଙ୍କ–ବୋ–ଚହଲ–୨୨
ଟେଲର–କ–କୋହଲି–ବୋ–ଜାଡେଜା–୧୨
ଲଥାମ–ନଟଆଉଟ–୩୨
ନିଶାମ–କ–କୋହଲି–ବୋ–ଚହଲ–୧୯
ଗ୍ରାଣ୍ଡହୋମ୍–ନଟଆଉଟ–୫୮
ଅତିରିକ୍ତ–୧୧
ମୋଟ (୪୭.୧ ଓଭର, ୫ ଉଇକେଟ) ୩୦୦ ।
**ଉଇକେଟପତନ:** ୧/୧୦୬, ୨/୧୫୯, ୩/୧୮୬, ୪/୧୮୯, ୫/୨୨୦ ।
**ବୋଲିଂ (ଭାରତ)**
ବୁମ୍‌ରା ୧୦–୦–୫୦–୦
ସଇନି ୮–୦–୬୮–୦
ଚହଲ ୧୦–୧–୪୭–୩
ଶାର୍ଦ୍ଦୂଳ ୯.୧–୦–୮୭–୧
ଜାଡେଜା ୧୦–୦–୪୫–୧ ।

## ସଂକ୍ଷେପରେ

### ଇଆନ ଚାପେଲଙ୍କୁ ପଛରେ ପକାଇଲେ ଶ୍ରେୟାସ

**ମାଉଣ୍ଟ ମଙ୍ଗାନୁଇ,୧୧।୨:** ଭାରତୀୟ ଦଳର ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଏବେ ଚମତ୍କାର ଫର୍ମରେ ଅଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ସେ ୬୨ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ୭ମ ଅର୍ଦ୍ଧଶତକ। ୧୭ ଦିନିକିଆ ମ୍ୟାଚ୍ ଖେଳିଥିବା ଶ୍ରେୟାସଙ୍କ କ୍ୟାରିୟରରେ ଗୋଟିଏ ଶତକ ମଧ ରହିଛି। ପ୍ରଥମ ୧୬ ଦିନିକିଆ ମ୍ୟାଚ୍‌ରେ ଶ୍ରେୟାସଙ୍କ ଅର୍ଦ୍ଧଶତକ ହାସଲ କରିବାରେ ସମ୍ଭାବନା ସର୍ବାଧିକ ରହିଛି। ଏହି ଧାରାରେ ପୂର୍ବତନ ଅଷ୍ଟ୍ରେଲିଆନ ଖେଳାଳି ଇଆନ ଚାପେଲଙ୍କ ରେକର୍ଡ ଭାଙ୍ଗିଛନ୍ତି। ପ୍ରଥମ ୧୬ ମ୍ୟାଚ୍‌ରେ ସେ ୯ଟି ଅର୍ଦ୍ଧଶତକ (ଶତକକୁ ମିଶାଇ) ହାସଲ କରିଛନ୍ତି। ଏହାକୁ ହିସାବକୁ ନେଲେ ପ୍ରତ୍ୟେକ ମ୍ୟାଚ୍‌ରେ ତାଙ୍କ ଅର୍ଦ୍ଧଶତକ ହାସଲ କରିବାର ୫୬.୨ ପ୍ରତିଶତ ସମ୍ଭାବନା ରହିଛି। ପୂର୍ବରୁ ଏହି ରେକର୍ଡ ଚାପେଲଙ୍କ ନାମରେ ଥିଲା। ସେ ୧୬ ମ୍ୟାଚ୍‌ରେ ୮ ଅର୍ଦ୍ଧଶତକ କରିଥିଲେ। ଏଣୁ ପ୍ରତ୍ୟେକ ମ୍ୟାଚ୍‌ରେ ଚାପେଲଙ୍କ ହାଫ୍ ସେଞ୍ଚୁରି ମାରିବାର ୫୦ ପ୍ରତିଶତ ସମ୍ଭାବନା ଥିଲା। ଏହି ତାଲିକାରେ ହଂକଂର ପୂର୍ବତନ ଅଧିନାୟକ ଅଂଶୁମାନ ରଥ (୧୮ ମ୍ୟାଚ୍‌ରୁ ୮ ଅର୍ଦ୍ଧଶତକ) ଓ ଦକ୍ଷିଣ ଆଫ୍ରିକାର ରାସି ବାନ ଡର ଡୁସେନ (୧୬ ମ୍ୟାଚ୍‌ରୁ ୭ ଅର୍ଦ୍ଧଶତକ) ରହିଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ଦୁହିଁଙ୍କ ଅର୍ଦ୍ଧଶତକ ହାସଲ କରିବାର ସମ୍ଭାବନା ଯଥାକ୍ରମେ ୪୪.୫ ଓ ୪୩.୭।

### ପଞ୍ଚମ ସ୍ଥାନରେ ରାହୁଲ ସବୁଠୁ ସଫଳ



**ମାଉଣ୍ଟ ମଙ୍ଗାନୁଇ,୧୧।୨:** ଭାରତୀୟ ଦଳର ଉଇକେଟକିପର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ବ୍ୟାଟିଂ କ୍ରମର ଯେକୌଣସି ସ୍ଥାନରେ ଭଲ ପ୍ରଦର୍ଶନ କରୁଛନ୍ତି। ଏପରି କି ଟିମ୍ ଇଣ୍ଡିଆରେ ତାଙ୍କୁ ବ୍ୟାକ ଅଫ୍ ଓପନର ଭାବେ ବ୍ୟବହାର କରାଯାଏ। କିନ୍ତୁ ସେ ବର୍ତ୍ତମାନ ଖେଳୁଥିବା ପଞ୍ଚମ ସ୍ଥାନରେ ସବୁଠୁ ସଫଳ। ସେ ଏଯାବତ ୫ ଥର ବ୍ୟାଟିଂ କ୍ରମର ପଞ୍ଚମ ସ୍ଥାନରେ ଖେଳିସାରିଛନ୍ତି। ଏଥିରେ ସେ ୪୨୯ ରନ୍ କରିସାରିଛନ୍ତି। ତାଙ୍କ ସ୍କୋର ଯଥାକ୍ରମେ ୧୦୨, ୪୭, ୮୦, ୮୮* ଓ ଏହି ମ୍ୟାଚ୍‌ରେ ୧୧୨ ରନ୍ କରିଛନ୍ତି। ଦେଶର ଦ୍ୱିତୀୟ ବ୍ୟାଟ୍ସମ୍ୟାନ ଭାବେ ୫ମ କ୍ରମରେ ନ୍ୟୁଜିଲାଣ୍ଡରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ସୁରେଶ ରାଇନା ୨୦୧୫ ବିଶ୍ୱକପ୍‌ରେ ଅକ୍‌ଲାଣ୍ଡଠାରେ ଜିମ୍ବାୱେ ବିପକ୍ଷରେ ୧୧୦* ରନ୍ କରିଥିଲେ।

### ଇଣ୍ଡିଆନ ଆରୋଜ-ନେରୋକା ମ୍ୟାଚ ଡ୍ର

**ଇମ୍ଫାଲ, ୧୧।୨ (ପି.ଟି.):** ନ୍ୟାଶନାଲ ଫୁଟ୍‌ବଲ ଫେଡେରେଶନ ଡେଭଲପମେଣ୍ଟ ଟିମ୍ ଇଣ୍ଡିଆନ ଆରୋଜ ଏବଂ ନେରୋକା ମଧ୍ୟରେ ମଙ୍ଗଳବାର ଖେଳାଯାଇଥିବା ଏକ ଆଇ-ଲିଗ୍ ମ୍ୟାଚ୍ ଗୋଲଶୂନ୍ୟ ଡ୍ର' ଭାବେ ଶେଷ ହୋଇଛି। ଖୁମାନ ଲାମ୍ପାକ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ନେରୋକା ଦଳ ବହୁ ଗୋଲ ଦେବାର ସୁଯୋଗ ସୃଷ୍ଟି କରି ମଧ ବିଫଳ ହୋଇଥିଲା। ମଙ୍ଗଳବାର ଫଳାଫଳକୁ ନେଇ ନେରୋକା ସମାନ ସଂଖ୍ୟକ ମ୍ୟାଚରୁ ୧୨ ପଏଣ୍ଟ ସହ ଟେବୁଲର ୮ମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଆରୋଜ ୧୧ଟି ମ୍ୟାଚରୁ ୮ ପଏଣ୍ଟ ଅର୍ଜନ କରି ସର୍ବନିମ୍ନ ସ୍ଥାନରେ ରହିଛି। ପ୍ରଥମାର୍ଦ୍ଧ ଖେଳ ସେତେଟା ଆକର୍ଷଣୀୟ ହୋଇପାରି ନ ଥିଲା। ନେରୋକା ଖେଳାଳିମାନେ ଆରୋଜ ଦଳର ରକ୍ଷଣଭାଗ ଖେଳାଳିଙ୍କ ଦୃଢ଼ ବିରୋଧର ସମ୍ମୁଖୀନ ହୋଇଥିଲେ। ଇଣ୍ଡିଆନ ଆରୋଜ ପ୍ରଥମାର୍ଦ୍ଧ ଖେଳର ୫୨ ପ୍ରତିଶତ ସମୟ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦଳ ଗୋଲପୋଷ୍ଟକୁ ୭ଥର ଶଟ୍ ମାରିଥିଲା। ତନ୍ମଧ୍ୟରେ ଥରେ ଟାର୍ଗେଟ କରିଥିଲା,ତାହା ପୁଣି ୪୨ତମ ମିନିଟ୍‌ରେ ଆୟୁଷ ଅଧିକାରୀଙ୍କ ଜରିଆରେ। ହେଲେ ନେରୋକା ଅଧିନାୟକ ମାର୍ଭିନ ଡେଭନ ଫିଲିପ୍ ଏହାୟି ଉଦ୍ୟମକୁ ପଣ୍ଡ କରିଦେଇଥିଲେ।

## ଟି୨୦ରୁ ୱାର୍ନରଙ୍କ ଅବସର ସଙ୍କେତ



**ସିଡ୍‌ନୀ,୧୧।୨:** ଅଷ୍ଟ୍ରେଲିଆର ବିସ୍ଫୋରକ ଓପନର ଡେଭିଡ ୱାର୍ନର ଆଗାମୀ କିଛି ବର୍ଷରେ ସମ୍ଭବତଃ ଟି୨୦ କ୍ରିକେଟରୁ ଅବସର ନେଇପାରନ୍ତି। ସେ ଟେଷ୍ଟ ଓ ଦିନିକିଆ କ୍ୟାରିୟର ଏବଂ ପରିବାରକୁ ଅଧିକ ଗୁରୁତ୍ୱ ଦେବା ପାଇଁ ଚିନ୍ତା କରୁଛନ୍ତି। ସୋମବାର ଆଲାନ ବର୍ଡର ମେଡାଲ ଗ୍ରହଣ କରିବା ଅବସରରେ ୩୩ ବର୍ଷୀୟ ବ୍ୟାଟ୍ସମ୍ୟାନ ଏ ନେଇ ସୂଚନା ଦେଇଛନ୍ତି। ତାଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ଅଷ୍ଟ୍ରେଲିଆନ ଖେଳାଳି ଓ ଶ୍ରେଷ୍ଠ ଟି୨୦ ଖେଳାଳି ପୁରସ୍କାର ମିଳିଛି। ଆମକୁ ଦୁଇବର୍ଷ କ୍ରମାଗତ ଦୁଇଟି ଟି୨୦ ବିଶ୍ୱକପ୍ ଖେଳାଯିବାର ଅଛି। ସମ୍ଭବତଃ ଏହି ଫର୍ମାଟକୁ କିଛି ବର୍ଷରେ ଛାଡ଼ିଦେବି। ୩ ଫର୍ମାଟରେ ଖେଳିବା ଅତ୍ୟନ୍ତ କଷ୍ଟକର। ଯେଉଁ ଖେଳାଳିମାନେ ସମସ୍ତ ଫର୍ମାଟରେ ଖେଳିବେ, ସେମାନଙ୍କୁ ଶୁଭକାମନା ବୋଲି ଅଷ୍ଟ୍ରେଲିଆନ ଆସୋସିଏଟେଡ୍ ପ୍ରେସରେ ୱାର୍ନର କହିଛନ୍ତି। ସେ ଟେଷ୍ଟ ଓ ଦିନିକିଆରେ ୪୦ ହାରରେ ରନ୍ କରୁଥିବାବେଳେ ଟି୨୦ରେ ତାଙ୍କ ଷ୍ଟ୍ରାଇକରେଟ୍ ୧୪୦। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଅଷ୍ଟ୍ରେଲିଆରେ ଓ ଆଗାମୀ ବର୍ଷ ଭାରତରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ।

## ବିବାଦରେ ପାକିସ୍ତାନ କ୍ରିକେଟର ଶାଦବ





ଶାଦବ ଖାନ୍ ଓ ଅର୍ଶିନା ସାଫିଆ।

**ଦୁବାଇ, ୧୧।୨:** ପାକିସ୍ତାନ କ୍ରିକେଟର ଶାଦବ୍ ଖାନ୍ ବିବାଦ ଘେରକୁ ଚାଲି ଆସିଛନ୍ତି। ଜଣେ ମହିଳାଙ୍କୁ ବ୍ଲାକମେଲ୍ କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋକୁ ସୋସିଆଲ ମିଡିଆରେ ଭାଇରଲ୍ କରିଦେବାକୁ ଧମକ ଦେଇଥିବା ଅଭିଯୋଗ ଶାଦବଙ୍କ ନାମରେ ଆସିଛି। ଶାଦବଙ୍କ ନାମରେ ଏହିଭଳି ସଙ୍ଗିନ ଅଭିଯୋଗ ଆଣିଥିବା ମହିଳା ଜଣକ ହେଉଛନ୍ତି ଦୁବାଇର ଅର୍ଶିନା ସାଫିଆ। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ମାର୍ଚ୍ଚରେ ଉଭୟ ପରସ୍ପରକୁ ଭେଟିଥିଲେ। ଏହାପରେ ଆଇସିସି ବିଶ୍ୱକପ୍ ସମୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ଏପରିକି ୨୧ ବର୍ଷୀୟ ଶାଦବଙ୍କ ସହ ବିଭିନ୍ନ ଦେଶରେ ଅନୁଷ୍ଠିତ ଟି୨୦ ଲିଗ୍ ଦେଖିବାକୁ ଯାଇଥିବା ସାଫିଆ ଦାବି କରିଛନ୍ତି। କିନ୍ତୁ ଯେତେବେଳେ ଜଣେ ପାକିସ୍ତାନ ଖବରଦାତା ଉଭୟ ଏକାଠି ବୁଲୁଥିବାର ଏକ ଫଟୋ ଉଠାଇ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ ସେବେଠାରୁ ଶାଦବ୍ ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲେ। ସାଫିଆଙ୍କ କହିବା ଅନୁଯାୟୀ, ଉଭୟଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ବାହାରେ ପ୍ରକାଶ ନ କରିବା ସହ ସେ କେବଳ ତାଙ୍କ ଫ୍ୟାନ୍ ଥିଲେ ବୋଲି ବାହାରେ କହିବାକୁ କହିଥିଲେ। ନଚେତ୍ ମୋର ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋକୁ ସୋସିଆଲ ମିଡିଆରେ ଛାଡ଼ି ଦେବାକୁ ଶାଦବ ଧମକ ଦେଇଥିଲେ ବୋଲି ସାଫିଆ ଉଲ୍ଲେଖ କରିଛନ୍ତି।

## ଭାରତ-ଅଷ୍ଟ୍ରେଲିଆ ଫାଇନାଲ ଆଜି

**ମେଲବୋର୍ନ, ୧୧।୨ (ପି.ଟି.)**

ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ଟି୨୦ ତ୍ରି–ରାଷ୍ଟ୍ରୀୟ ସିରିଜର ଫାଇନାଲରେ ଆୟୋଜକ ଅଷ୍ଟ୍ରେଲିଆ ବୁଧବାର ଭାରତକୁ ଭେଟିବ। ଏହି ପ୍ରତିଯୋଗିତାରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମୋଟ୍ ୪ ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଫାଇନାଲକୁ ପ୍ରବେଶ କରିଛି। ନିଜର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୭ ଉଇକେଟ୍‌ରେ ପରାସ୍ତ କରିଥିବାରୁ ଭାରତ ଏହି ପ୍ରଦର୍ଶନକୁ ଫାଇନାଲରେ ଦୋହରାଇବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଘରୋଇ ଅଷ୍ଟ୍ରେଲିଆ ମଧ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଥିଲା। ତୃତୀୟ ଦଳ ଭାବେ ଅଂଶଗ୍ରହଣ କରିଥିବା ଇଂଲଣ୍ଡ ୪ ପଏଣ୍ଟ ପାଇଥିଲେ ମଧ ରନ୍‌ରେଟ୍ ଆଧାରରେ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି। ଉଲ୍ଲେଖନୀୟ କଥା ହେଉଛି ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫେବୃୟାରୀ ୨୧ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଅଷ୍ଟ୍ରେଲିଆ ଓ ଭାରତ ପରସ୍ପରକୁ ଭେଟିବେ।



ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଂ ଓ ଭାରତର ହରମନପ୍ରୀତ୍ କୌର୍।

ପ୍ରତିଯୋଗିତାରେ ଦୁର୍ବଳ ବ୍ୟାଟିଂ ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରଥମ ୩ଟି ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଫେଲ୍ ମାରିଥିଲା। କିନ୍ତୁ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ଅଷ୍ଟ୍ରେଲିଆକୁ ୭ ଉଇକେଟ୍‌ରେ ପରାସ୍ତ କରିବାରେ ସଫଳ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୧୭୩ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ଭାରତ ୧୯.୪ ଓଭରରେ ହାସଲ କରିନେଇଥିଲା। ୧୬ ବର୍ଷୀୟା ଶେଫାଳି ବର୍ମା (୪୯ ରନ, ୨୮ ବଲ୍) ଓ ସ୍ମୃତି ମାନ୍ଧନା (୫୫ ରନ, ୪୮ ବଲ)ଙ୍କ ଉପଯୋଗୀ ଇନିଂସ ଭାରତକୁ ଜିତାଇବାରେ ସହାୟକ ହୋଇଥିଲା। ଫାଇନାଲରେ ମଧ ଏହି ଭଳି ବ୍ୟାଟିଂ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି। ଜେମିମା ରୋଡ୍ରିଗ୍ୱେଜ (୩୦ ରନ, ୧୯ ବଲ୍) ମଧ ଏହି ମ୍ୟାଚ୍‌ରେ ଭଲ ବ୍ୟାଟିଂ କରିଥିଲେ। ସେହିଭଳି ପ୍ରତିଯୋଗିତା ସାରା ପ୍ରଭାବୀ ବୋଲିଂ କରିଥିବା ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକୱାଡ ମଧ ଅଷ୍ଟ୍ରେଲୀୟ ବ୍ୟାଟ୍ସଓମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ବେଥ୍ ମୁନୀ, ଆସଲେ ଗାର୍ଡନର, ଏଲିସେ ପେରୀ, ଅଧିନାୟିକା ମେଗ୍ ଲାନିଂଙ୍କ ପରି ପ୍ରାରମ୍ଭିକ ବ୍ୟାଟ୍ସଓମ୍ୟାନଙ୍କୁ ନେଇ ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍ ଅପ୍ ବେଶ୍ ଶକ୍ତିଶାଳୀ। ଗାର୍ଡନର ଭାରତ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୫୭ ବଲରୁ ୯୩ ରନର ମାରାଥନ ଇନିଂସ ଖେଳିଥିଲେ ମଧ ତାହା ବୃଥା ଯାଇଥିଲା। ଦୁଇ ଦଳର ବ୍ୟାଟିଂ ଲାଇନ୍ ଅପ୍ ଦୃଢ଼ ଥିବାରୁ ଫାଇନାଲ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ମହିଳା ଟି୨୦ ତ୍ରି-ରାଷ୍ଟ୍ରୀୟ ସିରିଜ**
ମ୍ୟାଚ୍ ଆରମ୍ଭ
ସକାଳ ୮ଟା ୧୦
ପ୍ରସାରଣ
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱାର୍କ

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ବାବାଜୀ ଚରଣ ଗଜେନ୍ଦ୍ର
ବରଗଡ଼, ଭୁବନେଶ୍ୱର
ଆବିର୍ଭାବ: ୨୫.୦୪.୧୯୫୪
ତିରୋଧାନ: ୦୨.୦୨.୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିଭଟରେ ପ୍ରାର୍ଥନା କରୁଛୁ ।
— ଶୋକସନ୍ତପ୍ତ —
ପୁତ୍ର-କୃଷ୍ଣଚନ୍ଦ୍ର ଗଜେନ୍ଦ୍ର, ବିକ୍ରମ କିଶୋର ଗଜେନ୍ଦ୍ର ଏବଂ ଗଜେନ୍ଦ୍ର ପରିବାର ବର୍ଗ
ଧ–୧୬୬୬୨

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଦାସ
ଆବିର୍ଭାବ: ୧୭।୦୧।୧୯୩୭
ତିରୋଧାନ: ୦୨।୦୨।୨୦୨୦
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ପରିବାରର କେନ୍ଦ୍ରବିନ୍ଦୁ ଥିଲେ ଆପଣ। ବିନା ମେଘରେ ବଜ୍ରପାତ ପରି ଆମ୍ଭମାନଙ୍କ ଜୀବନରୁ ଭଗବାନ ଆପଣଙ୍କୁ ନେଇଗଲେ। ଆମକୁ ଲାଗୁଛି ଆପଣ ଆମ ନିକଟରେ ରହିଛନ୍ତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିତି ଆଦର୍ଶ, ଧୈର୍ଯ୍ୟ, ପରୋପକାର, କର୍ତ୍ତବ୍ୟନିଷ୍ଠ ଆମକୁ ସଦା ସର୍ବଦା ଦିଗ୍‌ଦର୍ଶନ ଦେଉଥିବ, ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ। ଆଜି ଏକାଦଶାହ ପାଳନ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାର:** ପତ୍ନୀ: ଚାନ୍ଦମଣୀ, ପୁତ୍ର: ବାବି, ବାପୁନି, ବୁଟୁ, ଭ୍ରାତା: ବୁନା, ବୁଲୁ, ଭଗିନୀ: କନକ, ବୋହୂ: ଅଳି, ରାନୁ, ଝିଅ: ସୁଜାତା, ନମିତା, ମମତା, ନିବେଦିତା, ନାତି: ଟୁଲୁ, ପାକା, ଚିଣ୍ଟୁ, ତପୁ, ନାତୁଣୀ: ଇଲୁ, କାଜଲ ଓ ଅନ୍ୟାନ ଶୋକସନ୍ତପ୍ତ ପରିବାରବର୍ଗ ।
ଧ–୧୬୬୫୮




# ଶ୍ରୀମନ୍ଦିର ସୁରକ୍ଷାକୁ ଅଣଦେଖା

**ପୁରୀ ଅଫିସ, ୧୧।୨**

## ମୋବାଇଲ ଫୋନ୍ କଟକଣା ଭେଲିକି

- ସେବକ, କର୍ମଚାରୀଙ୍କୁ ବଣ୍ଟାଯାଉନି ପରିଚୟପତ୍ର
- ନିୟମିତ ଅନୁଧ୍ୟାନ ହେଉନି ସିସିଟିଭି ଫୁଟେଜ



ପୁରୀ ଦେଶର ପ୍ରମୁଖ ତୀର୍ଥସ୍ଥାନ ଏବଂ ପର୍ଯ୍ୟଟନସ୍ଥଳୀ ଭାବେ ଜଣାଶୁଣା। ଏଠାକୁ ଦେଶ ବିଦେଶରରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀଙ୍କ ନଜର ରହିଥିବା ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଇଆସୁଛି। ଏଭଳି ସ୍ଥିତିରେ ବଡ଼ଦେଉଳର ସୁରକ୍ଷାକୁ ନେଇ ଏନ୍ଏସ୍‌ଜି ମଧ୍ୟ ଚିନ୍ତା ପ୍ରକଟ କରିଛି। ଗତ କିଛିବର୍ଷ ଧରି ଏନ୍ଏସ୍‌ଜି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ପରେ କେତେକ ସୁପାରିସ କରୁଛି। ହେଲେ ଏହି ସୁପାରିସ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ସୁରକ୍ଷା ସୁବ୍ୟବସ୍ଥିତ କରିବା ଲାଗି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗତବର୍ଷ ରାଜ୍ୟ ସରକାରଙ୍କୁ ଚିଠି ଦେଇଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାରଙ୍କ ଆଇନ ବିଭାଗ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଥିଲା। ହେଲେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଯେ ଅଣଦେଖା କରାଯାଉଛି ତାହା ମୋବାଇଲ ଫୋନ୍ କଟକଣାରୁ ସ୍ପଷ୍ଟ ଜଣାପଡୁଛି। ମନ୍ଦିର ଭିତରକୁ ମୋବାଇଲ ନେବା ନିଷିଦ୍ଧ ଥିଲେ ମଧ୍ୟ ଏହା ଏକପ୍ରକାର ଭେଲିକି ପାଲଟିଛି।

ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଯିବା ଉପରେ କଟକଣା ରହିଛି। କିନ୍ତୁ ଏହା ଧର୍ମକୁ ଆଖିଠାର ଭଳି ମନେ ହେଉଛି। ଶ୍ରୀମନ୍ଦିର ପରିସରରେ ମୋବାଇଲ ଫୋନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ପାରୁନାହିଁ। ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀଙ୍କୁ ମନ୍ଦିର ମଧ୍ୟକୁ ମୋବାଇଲ ଫୋନ ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୦୭ ଫେବୃୟାରୀ ୨୬ରେ ନିଷ୍ପତ୍ତି ହୋଇଥିଲା। ଏମାନଙ୍କ ବ୍ୟତୀତ ଅନ୍ୟ କେହି ମନ୍ଦିର ପରିସରକୁ ମୋବଇଲ ଫୋନ ନେଇପାରିବେ ନାହିଁ। କିନ୍ତୁ ଏହାକୁ ଉଲ୍ଲଂଘନ କରାଯାଉଛି। ସେବାୟତ, ଗୁମାସ୍ତା, ବୋଝିଆ, ଶ୍ରୀମନ୍ଦିର କର୍ମଚାରୀ, ପୋଲିସ ସମସ୍ତେ ଖୁଲମ୍‌ଖୁଲା ମୋବାଇଲ ଫୋନ୍ ନେଇ ଭିତରକୁ ଯାଉଛନ୍ତି। ଏପରି କି ମୋବାଇଲ ଫୋନ୍‌ରେ ଶ୍ରୀମନ୍ଦିରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ ଏବଂ ଭିଡିଓ ରେକର୍ଡିଂ କରାଯାଇ ଭାଇରାଲ ମଧ୍ୟ କରାଯାଉଛି। ଏହା ସୁରକ୍ଷା ପାଇଁ ବଡ଼ ପ୍ରଶ୍ନବାଚୀ ଛିଡ଼ା କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ମୋବାଇଲ ଫୋନ୍ କଟକଣା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେଲା ନାହିଁ। ଯଦି ଭକ୍ତ ମୋବାଇଲ ଫୋନ୍ ନେଇ ଧରାପଡୁଛନ୍ତି ତେବେ ସେମାନଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରିବା ଲାଗି ନିୟମ ରହିଛି। କିନ୍ତୁ ସେବାୟତ, କର୍ମଚାରୀଙ୍କ ଉପରେ ଏହି ନିୟମ ଲାଗିପାରୁନାହିଁ। ଯଦ୍ୱାରା ଶ୍ରୀମନ୍ଦିର ଭିତର ଫଟୋ ଏବଂ ଭିଡିଓ ବିଭିନ୍ନ ସମୟରେ ବାହାରେ ବୁଲୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ସେବାୟତ ଓ ମନ୍ଦିର କର୍ମଚାରୀଙ୍କ ଯାତାୟାତ ରହିଛି। ସେମାନଙ୍କୁ କେହି ଯାଞ୍ଚ କରନ୍ତି ନାହିଁ। ସମସ୍ତ ସେବାୟତଙ୍କୁ ଯେ ପୋଲିସ କର୍ମଚାରୀ ଏବଂ ଜେଟିପି ଚିହ୍ନି ପାରିବେ ତାହାର କିଛି ନିର୍ଦ୍ଦିଷ୍ଟତା ନାହିଁ। ସୁରକ୍ଷା ଓ ଶୃଙ୍ଖଳା ଦୃଷ୍ଟିକୋଣରୁ ପରିଚୟପତ୍ର ଗୁରୁତ୍ୱ ବହନ କରୁଛି। କିନ୍ତୁ ଅଳ୍ପ କେତେଜଣଙ୍କୁ ପରିଚୟପତ୍ର ଦିଆଯାଇଥିବାବେଳେ ସମସ୍ତ ସେବାୟତ, କର୍ମଚାରୀଙ୍କୁ ବଣ୍ଟା ଯାଇପାରିଲା ନାହିଁ। କିଏ କେତେବେଳେ ସେବାୟତ ବେଶରେ ପଶି କିଛି କ୍ଷତି ଘଟାଇବେ ତାହା କହିହେବ ନାହିଁ। ସେହିପରି ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ପରିସରସ୍ଥ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଏହାର ଫୁଟେଜ୍ ଦେଖାଯାଉଛି। କିନ୍ତୁ ନିୟମିତ ଏହି ଫୁଟେଜ ଅନୁଧ୍ୟାନ କରାଯାଉନାହିଁ। ଶ୍ରୀମନ୍ଦିର ପରିସରରେ ଦୁଇ ପ୍ରକାର ପୋଲିସ ବ୍ୟବସ୍ଥା ରହିଛି। ସଶସ୍ତ୍ର ପୋଲିସ ବାହିନୀ ଶ୍ରୀମନ୍ଦିର ଚାରି ଦ୍ୱାରରେ ପହରା ଦେଉଛନ୍ତି। କିନ୍ତୁ ଶ୍ରୀମନ୍ଦିର ପରିସରରେ ଭିଡ଼ ନିୟନ୍ତ୍ରଣ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ସିଂହଦ୍ୱାର ଥାନା ପୋଲିସ ଏବଂ ଶ୍ରୀଜଗନ୍ନାଥ ଟେମ୍ପୁଲ ପୋଲିସ କାମ କରୁଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ୪ଟି ୱାଚ ଟାୱାରରେ ସଶସ୍ତ୍ର ପୋଲିସ ମଧ୍ୟ ରହୁଛନ୍ତି। କିନ୍ତୁ ନିକଟରେ ଗୋଟିଏ ୱାଚ୍ ଟାୱାରରେ ୩ଜଣ ବିଦେଶିନୀ ଚଢିଯିବା ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାର ଏବେ ପଦକ୍ଷେପ ନେଇଛନ୍ତି। ମେଘନାଦ ପାଚେରି କଡ଼ରୁ ୭୫ମିଟର ପରିଧି ମଧ୍ୟରେ ସମସ୍ତ ନିର୍ମାଣ ଉଚ୍ଛେଦ ଲାଗି ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଚାଲିଛି। ଶ୍ରୀମନ୍ଦିର ସୁରକ୍ଷା ନେଇ ଆରମ୍ଭ ହୋଇଥିବା ଉଦ୍ୟମ କେତେଦୂର ସଫଳ ହେଉଛି ତାହା ଉପରେ ଏବେ ନଜର।

# ନନ୍ଦନକାନନରେ ବଳିଆକୁକୁର ମୃତ

**ବାରଙ୍ଗ,୧୧।୨(ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନର ୯୧ନଂ. ଏନକ୍ଲୋଜରରେ ରହୁଥିବା ମାଇ ବଳିଆକୁକୁରର ମଙ୍ଗଳବାର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ମାଇ ବଳିଆକୁକୁରଟି ମରିପଡିଥିବା ଦାୟିତ୍ୱରେ ଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏହା ପରେ ଜନ୍ତୁବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଖବର ଦେଇଥିଲେ। ଉକ୍ତ ମାଇ ବଳିଆକୁକୁର ସୋମବାର ଠିକ୍ ଭାବେ ଖାଦ୍ୟ ଗ୍ରହଣ କରିବା ସହ ବୁଲାବୁଲି କରୁଥିବାବେଳେ ହଠାତ




ତାର ମୃତ୍ୟୁ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ୨୧ଜୁନ ୨୦୧୮ରେ ମିଜୋରାମର ଆଇଜଲ ଚିଡିଆଖାନାରୁ ହଳେ ବଳିଆକୁକୁର ଉପହାରରେ ନନ୍ଦନକାନନକୁ ଆସିଥିଲେ। ନନ୍ଦନକାନନ କର୍ତ୍ତୃପକ୍ଷ ନିଜସ୍ୱ ଖର୍ଚ୍ଚରେ ବଳିଆକୁକୁରଙ୍କୁ ନନ୍ଦନକାନନକୁ ଆଣିଥିଲେ। ତେବେ ମାଇର ମୃତ୍ୟୁ ପରେ ଆଉ ଗୋଟିଏ ଅଣ୍ଡିରା ବଳିଆ କୁକୁର ରହିଛି।



For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799766329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ହେମନ୍ତି ହୀରୋ - 7799766366. ସନି ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଲେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 8448389695.
ଅଥରାଇଜଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 9238551897. ବାଲୁଗାଁ: ମହାମାୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରଣ ଅଟୋମୋବାଇଲ୍ସ - 9937018532. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7978560171. ସୋରୋ: ଟ୍ରୁକ୍ଲିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ